ବିଶ୍ୱ ମାନବବାଦ ଓ ଶ୍ରୀଜଗନ୍ନାଥ

ଓଡ଼ିଆ ପିଏଚ୍.ଡି ଡିଗ୍ରୀ ପରୀକ୍ଷା ନିମିତ୍ତ ପ୍ରସ୍ତୁତ ଓ ଉପସ୍ଥାପିତ ଗବେଷଣାତ୍ମକ ସନ୍ଦର୍ଭ

(କିଟ୍ ବିଶ୍ୱବିଦ୍ୟାଳୟ ପଞ୍ଜିକରଣ ସଂଖ୍ୟା - ୧୩୦୦୧୧୨୭୩୨୪/୨୦୧୨-୧୩)

ଗବେଷିକା

ନମିତା ପ୍ରଧାନ

ସ୍ନାତକୋତ୍ତର ଓଡ଼ିଆ ବିଭାଗ
କିଟ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୨୪
ଜି : ଖୋର୍ଦ୍ଧା, ଓଡ଼ିଶା

ତତ୍ତ୍ୱାବଧାରକ

ଡ. ଅମୂଲ୍ୟ ରତ୍ନ ନନ୍ଦ

ଅଧ୍ୟାପକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ
କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୨୪
ଜି : ଖୋର୍ଦ୍ଧା, ଓଡ଼ିଶା

କିଟ୍ ମାନିତ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର -୨୪, ଜି : ଖୋର୍ଦ୍ଧା, ଓଡ଼ିଶା

ବିଶ୍ୱ ମାନବବାଦ ଓ ଶ୍ରୀଜଗନ୍ନାଥ

ଓଡ଼ିଆ ପିଏଚ୍.ଡି ଡିଗ୍ରୀ ପରୀକ୍ଷା ନିମିତ୍ତ ପ୍ରସ୍ତୁତ ଓ ଉପସ୍ଥାପିତ ଗବେଷଣାତ୍ମକ ସନ୍ଦର୍ଭ

(କିଟ୍ ବିଶ୍ୱବିଦ୍ୟାଳୟ ପଞ୍ଜିକରଣ ସଂଖ୍ୟା - ୧୩୦୦୧୧୨୭୩୨୪/୨୦୧୨-୧୩)

ଗବେଷିକା

ନମିତା ପ୍ରଧାନ

ସ୍ନାତକୋତ୍ତର ଓଡ଼ିଆ ବିଭାଗ
କିଟ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୨୪
ଜି : ଖୋର୍ଦ୍ଧା, ଓଡ଼ିଶା

ତତ୍ତ୍ୱାବଧାରକ

ଡ. ଅମୂଲ୍ୟ ରତ୍ନ ନନ୍ଦ

ଅଧ୍ୟାପକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ
କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୨୪
ଜି : ଖୋର୍ଦ୍ଧା, ଓଡ଼ିଶା

 କିଟ୍ ମାନିତ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର -୨୪, ଜି : ଖୋର୍ଦ୍ଧା, ଓଡ଼ିଶା



ହିନ୍ଦୁ ଖ୍ରୀଷ୍ଟ ଜୈନ ମୁସଲମାନ

ଭେଦ ଭୁଲି ଏବେ ସର୍ବେ ସମାନ ।

ଭ୍ରାତୃ ପ୍ରେମ ଡୋରେ ହୋଇଣ ବାନ୍ଧି

ଜଣାଉଛି ତବ ଛାମୁରେ କାନ୍ଦି ।



ପ୍ରାଚୀନ କାଳର ସ୍କନ୍ଦ ପୁରାଣ, ବାମଦେବ ସଂହିତା ଓ ସୁତ ପୁରାଣରେ ବର୍ଣ୍ଣିତ ପୁରୁଷୋତ୍ତମ କ୍ଷେତ୍ର ପୁରୀକୁ ଶଙ୍ଖକ୍ଷେତ୍ର ଭାବରେ ବର୍ଣ୍ଣନା କରାଯାଇଛି ।

ପୁରାଣ ବର୍ଣ୍ଣନା ଅନୁସାରେ ଶଙ୍ଖକ୍ଷେତ୍ରରେ ଅବସ୍ଥିତ ପ୍ରସିଦ୍ଧ ସ୍ଥାନମାନଙ୍କର ନାମ

୧. ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା ଓ ସୁଦର୍ଶନ
୨. ଶ୍ରୀକ୍ଷେତ୍ରେଶ୍ୱରୀ ବିମଳା
୩. ଶ୍ରୀମହାଲକ୍ଷ୍ମୀ
୪. ଉତ୍ତର ଦୁର୍ଗା
୫. ବାଟମଙ୍ଗଳା
୬. ଗରୁଡ଼ସ୍ତମ୍ଭ
୭. ଭୋଗମଣ୍ଡପ
୮. କଳ୍ପବୃକ୍ଷ
୯. ରୋହିଣୀକୁଣ୍ଡ
୧୦. ବାଟଗଣେଶ
୧୧. ଉଚ୍ଛ ଗଣପତି
୧୨. ଶ୍ରୀସରସ୍ୱତୀ ଦେବୀ
୧୩. ନବଗ୍ରହ
୧୪. କୋଣାର୍କ ସୂର୍ଯ୍ୟଦେବ
୧୫. ପାଦପଦ୍ମ
୧୬. ଯଜ୍ଞବଟ
୧୭. ଅଗ୍ନେଶ୍ୱର
୧୮. ଇନ୍ଦ୍ରାଣିଦେବୀ
୧୯. କ୍ଷେତ୍ରପାଳ
୨୦. ସ୍ନାନ ଭୈରବୀ
୨୧. ମୁକ୍ତେଶ୍ୱରୀ
୨୨. ଛତ୍ରକାଳୀ
୨୩. ବାଟ ମାର୍କେଣ୍ଡେୟ
୨୪. କାତ୍ୟାୟନୀ
୨୫. ଗୋପେଶ୍ୱର
୨୬. ବେଦ କାଳୀ
୨୭. ପାତାଳେଶ୍ୱର
୨୮. ଭୁବନେଶ୍ୱରୀ
୨୯. ବୈକୁଣ୍ଠେଶ୍ୱର
୩୦. ଯାଜ୍ଞ୍ୟେଶ୍ୱେରୀ
୩୧. ଈଶାନେଶ୍ୱର
୩୨. ଶୀତଳା ଦେବୀ
୩୩. ପାକଶାଳା
୩୪. ଦକ୍ଷିଣେଶ୍ୱର
୩୫. କୁଣ୍ଡଳେଶ୍ୱର
୩୬. ରାମ ଚୈତନ୍ୟ ମନ୍ଦିର
୩୭. ବରଭୈ ହନୁମାନ
୩୮. ନିର୍ମାଲ୍ୟ ହନୁମାନ
୩୯. ଅଳକା ବାଟିକା
୪୦. ଚକ୍ର ନାରାୟଣ
୪୧. ରାମେଶ୍ୱର
୪୨. ଚତୁର୍ଧାମ
୪୩. କାନପଟା ହନୁମାନ
୪୪. ନିଳାଦ୍ରୀ ବିହାରୀ
୪୫. ବର୍ଭେଶ୍ୱର
୪୬. ଶିଆଳି ଲଟା
୪୭. କୋଇଲି ବୈକୁଣ୍ଠ
୪୮. ତପସ୍ୱୀ ହନୁମାନ
୪୯. ସୁବର୍ଣ୍ଣ କୂପ
୫୦. ଆନନ୍ଦ ବଜାର
୫୧. ଦେବସ୍ନାନ ମଣ୍ଡପ
୫୨. ମେଘନାଦ ପାଚେରୀ
୫୩. ସିଂହଦ୍ୱାର (ପୂର୍ବଦ୍ୱାର)
୫୪. ଅରୁଣ ସ୍ତମ୍ଭ
୫୫. ବଡ଼ଛାଟ ମଠ
୫୬. ଛାଉଣି ମଠ
୫୭. ପଞ୍ଚନତା
୫୮. ପ୍ରହରୀ ହନୁମାନ
୫୯. ଦକ୍ଷିଣ ଦ୍ୱାର
୬୦. ଦୁର୍ଗାମାଧବ
୬୧. ମଙ୍ଗଳେଶ୍ୱରୀ
୬୨. ପଶ୍ଚିମ ଦ୍ୱାର
୬୩. ଉତ୍ତର ଦ୍ୱାର
୬୪. ଶ୍ରୀଲୋକନାଥ
୬୫. ରାମେଶ୍ୱର
୬୬. କାହ୍ନୁ ନୃସିଂହ
୬୭. କାହ୍ନୁ ଆଶ୍ରମ
୬୮. ନିକୁମ୍ଭିଳାବଟ
୬୯. ହରଚଣ୍ଡୀ
୭୦. ଚାମୁଣ୍ଡେଶ୍ୱରୀ
୭୧. ବନଦୁର୍ଗା
୭୨. ବାସେଳୀ
୭୩. କପାଳମୋଚନ
୭୪. ମଣିକର୍ଣ୍ଣିକା ତୀର୍ଥ
୭୫. ଘାଟମଙ୍ଗଳା
୭୬. ଭଗବତୀ
୭୭. ମାର୍କେଣ୍ଡେଶ୍ୱର
୭୮. ମାର୍କେଣ୍ଡେୟ ତୀର୍ଥ
୭୯. ସପ୍ତମାତୃକା
୮୦. ଅଳମ୍ବା ଦେବୀ
୮୧. ଅଠରନାଥ
୮୨. ମକରଧ୍ୱଜ ହନୁମାନ
୮୩. ଭାର୍ଗବୀ ନଦୀ
୮୪. ମୁକ୍ତାଶ୍ୱର
୮୫. ବାଟମଙ୍ଗଳା
୮୬. କପାଟେଶ୍ୱର
୮୭. ଭିଲ୍ୱେଶ୍ୱର
୮୮. ସିଦ୍ଧ ହନୁମାନ
୮୯. ଇନ୍ଦ୍ରଦ୍ୟୁମ୍ନ ତୀର୍ଥ
୯୦. ନୀଳକଣ୍ଠେଶ୍ୱର
୯୧. ଆଦି ନୃସିଂହ
୯୨. ଗୁଣ୍ଡିଚା ମଣ୍ଡପ
୯୩. ଅର୍ଦ୍ଧ ସୁଶାନି (ମାଉସୀମା)
୯୪. ମାର୍ଚ୍ଚିକା ଦେବୀ
୯୫. ଚର୍ଚ୍ଚିକା ଦେବୀ
୯୬. ଷୋଡ଼ଶ ପୁତ୍ରୀ
୯୭. ନାରାୟଣୀ
୯୮. ଅଙ୍ଗିରାଶ୍ରମ
୯୯. ଅଙ୍ଗିରାବଟ
୧୦୦. ଦକ୍ଷିଣକାଳୀ
୧୦୧. ଉଗ୍ରେଶ ଆଶ୍ରମ
୧୦୨. ଶ୍ୱେତଗଙ୍ଗା
୧୦୩. ମୁକ୍ତିଶୀଳା
୧୦୪. ଆଦିଶଙ୍କର ପୀଠ
୧୦୫. ସ୍ୱର୍ଗଦ୍ୱାର
୧୦୬. ବରାହୀ ଦେବୀ
୧୦୭. ଶ୍ୟାମାକାଳୀ
୧୦୮. ବଟ ହନୁମାନ
୧୦୯. ଚକ୍ରତୀର୍ଥ
୧୧୦. ଚକ୍ର ନାରାୟଣୀ
୧୧୧. ମହୋଦଧୀ ତୀର୍ଥ
୧୧୨. ଜଗନ୍ନାଥ ବଲ୍ଲଭ
୧୧୩. କାଶୀ ବିଶ୍ୱନାଥ
୧୧୪. ବିଶ୍ୱେଶ୍ୱରୀ
୧୧୫. ନରେନ୍ଦ୍ର ସରୋବର

Dr. Amulya Ratna Nanda
Lecturer, P.G. Dept of Odia
KISS, Deemed to be University
Bhubaneswar-24, Khordha, Odisha

Guide Certificate

This is to certify that the thesis entitle 'ବିଶ୍ୱ ମାନବବାଦ ଓ ଶ୍ରୀଜଗନ୍ନାଥ' being submitted by Namita Pradhan for the award of Ph.D. in Odia under the KIIT University, Bhubaneswar-751024, Odisha, is a record of bonafied research work carried out by her under my direct supervision and guidance. It is also to certify that the work done by the candidate is original and within the area of Registration. The thesis has reached the standard fulfilling the requirements of the regulation relating to the degree and it has not been submitted to any other University or Institute for the award of my degree or diploma.

Guide

Dr. Amulya Ratna Nanda
Lecturer, P.G. Dept of Odia
KISS, Deemed to be University
Bhubaneswar-24, Khordha, Odisha

Topic Certificate

This is to certify that the topic 'ବିଶ୍ୱ ମାନବବାଦ ଓ ଶ୍ରୀଜଗନ୍ନାଥ' submitted by Namita Pradhan for the award of Ph.D. in degree in Odia, falls within the subject of research registered for the purpose.

Guide

Dr. Amulya Ratna Nanda
Lecturer, P.G. Dept of Odia
KISS, Deemed to be University
Bhubaneswar-24, Khordha, Odisha

Area Certificate

This is to certify that the topic 'ବିଶ୍ୱ ମାନବବାଦ ଓ ଶ୍ରୀଜଗନ୍ନାଥ' submitted by Namita Pradhan for the award of Ph.D. in degree in Odia, falls within the subject of research registered for the purpose.

Guide

Declaration

I do hereby declare that thesis entitle 'ବିଶ୍ୱ ମାନବବାଦ ଓ ଶ୍ରୀଜଗନ୍ନାଥ' submitted by me for Ph.D Degree in Odia under the KIIT University, Bhubaneswar has been prepared by my own effort. Thesis has not been submitted before or published elsewhere and in the original form.

Namita Pradhan

Regd. No. 13001127324

ଉପୋଦ୍‌ଘାତ

ଭାରତୀୟ ହିନ୍ଦୁ ସଂସ୍କୃତିରେ ଶ୍ରୀଜଗନ୍ନାଥ ଜଗତର ନାଥ ଓ ବିଶ୍ୱର ପରମ ଆରାଧ୍ୟ ଦେବତା ରୂପେ ଅନାଦି କାଳରୁ ଗୃହୀତ ହୋଇ ଆସିଛନ୍ତି । ସେ ହିଁ ନିର୍ଗୁଣ ନିରାକାର ଈଶ୍ୱର ରୂପେ ବନ୍ଦିତ । ତାଙ୍କର ଦର୍ଶନ ତଥା ସାନ୍ନିଧ୍ୟ ପାଇଁ ହଜାର ହଜାର ବର୍ଷ ଧରି ପୃଥିବୀର ବିଭିନ୍ନ ଦେଶ ମହାଦେଶରୁ ଅଗଣିତ ଭକ୍ତ ବଡ଼ଦାଣ୍ଡରେ ରଥଯାତ୍ରା ସମୟରେ ନିଜ ନିଜର ଭକ୍ତି ନିବେଦନ ପାଇଁ ରୁଣ୍ଡ ହୋଇଥାନ୍ତି । ଲୋକମାନଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ ହେଉଛନ୍ତି ସାକ୍ଷାତ ପରଂବ୍ରହ୍ମ, ସମସ୍ତ ଅବତାରର ସ୍ରଷ୍ଟା ଓ ଅବତାରୀ ପୁରୁଷ । ତାଙ୍କର ସୃଷ୍ଟି ତଥା ଆର୍ବିଭାବ ନେଇ ନାନା ମୁନିଙ୍କର ନାନା ମତ । ସମ୍ପ୍ରତି ପୃଥିବୀର ବିଭିନ୍ନ ଦେଶର ଗବେଷକଗଣ ଶ୍ରୀକ୍ଷେତ୍ର ଆସି ଏ ସମ୍ପର୍କରେ ଗବେଷଣା କରିଥିଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ସୃଷ୍ଟି ତତ୍ତ୍ୱ ସମ୍ପର୍କରେ ଏକ ସ୍ଥିର ନିଶ୍ଚିନ୍ତ ସିଦ୍ଧାନ୍ତରେ ଉପନୀତ ହୋଇପାରିନାହାନ୍ତି । ଅନ୍ୟପକ୍ଷରେ ଭାରତୀୟ ସାଧୁ, ସନ୍ଥ, ଦାର୍ଶନିକ, ତାନ୍ତ୍ରିକ ମତବାଦୀ, ସମୀକ୍ଷକ ଓ ଅଧ୍ୟାତ୍ମବାଦୀ ଭକ୍ତଗଣ ତାଙ୍କର ମୂଳରୂପ ତଥା ଉତ୍ସ ଖୋଜିବାରେ ଅଦ୍ୟାବଧି ସଫଳ ହୋଇପାରିନାହାନ୍ତି । ତେଣୁ ଆଦ୍ୟରେ ଶବର ଉପଜାତିର ଠାକୁର ଭାବରେ ପୂଜିତ ଏହି ଦେବତା କାଳକ୍ରମେ ଜୈନ, ବୌଦ୍ଧ, ତାନ୍ତ୍ରିକ, ଶୈବ, ଶାକ୍ତ, ଗାଣପତ୍ୟ ଓ ସୌର ଆଦି ସକଳ ଆର୍ଯ୍ୟ ଧର୍ମଶାଖା ଦ୍ୱାରା ଗୃହୀତ ହୋଇ ପ୍ରତ୍ୟେକଙ୍କ ବିଶ୍ୱାସର ସଙ୍କେତ ଅସଙ୍କୋଚରେ ବହନପୂର୍ବକ ଏବେ ବି ସଗୌରବେ ଆରାଧିତ । ଜଗନ୍ନାଥଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିବା ଧର୍ମ ବା ସଂସ୍କୃତି କାଳର ସ୍ରୋତରେ ବହୁମତ ସମନ୍ୱିତ ଧର୍ମ ଭାବରେ ଏବଂ ସାର୍ବଜନୀନ ଉଦାର ଦୃଷ୍ଟିଭଙ୍ଗୀ ଯୋଗୁ ସମଗ୍ର ବିଶ୍ୱବାସୀଙ୍କର ଦୃଷ୍ଟି ଆକର୍ଷଣ କରି ଆସିଛି । ଆଉ କେତେକ ଗବେଷକ ଏଥିରେ ଇସଲାମ ଓ ଖ୍ରୀଷ୍ଟଧର୍ମର ଲକ୍ଷଣ ବି ଲକ୍ଷ୍ୟ କରିଥିବା ଜଣାଯାଏ । ପ୍ରତ୍ୟେକ ଗବେଷକୀୟ ସିଦ୍ଧାନ୍ତ ପ୍ରେକ୍ଷାପଟରେ ଯଥେଷ୍ଟ ଯୁକ୍ତି ମଧ୍ୟ ରହିଛି । ଏହି ପରିପ୍ରେକ୍ଷୀରେ ମତବ୍ୟକ୍ତ କରାଯାଇପାରେ ଯେ ଶ୍ରୀଜଗନ୍ନାଥ ତଥା ପୁରୁଷୋତ୍ତମ କ୍ଷେତ୍ରରେ ତାଙ୍କର ମାନବୀୟ ଲୀଳା ଆଜି ପର୍ଯ୍ୟନ୍ତ ରହସ୍ୟମୟ ହୋଇ ରହିଅଛି । ମଣିଷ କେବଠୁ, କାହିଁକି ତାଙ୍କୁ ବିଶ୍ୱାସ କରି ଆସିଛି, ତାହା ଆଜି ଆକଳନ କରିବା ଦୁରୂହ ବ୍ୟାପାର । ସୁତରାଂ ବିଶ୍ୱବାସୀଙ୍କ ମୁଣ୍ଡ ଆପେ ଆପେ ନଇଁଯାଏ ସେଇ ଦାରୁବ୍ରହ୍ମଙ୍କ ପାଦପଦ୍ମ ଉଦ୍ଦେଶ୍ୟରେ । ସେହି ଅଚଳ ମହାମେରୁ ପରମ କାରୁଣିକଙ୍କ ଦର୍ଶନ ମଣିଷକୁ ଭାବ ଓ ଭକ୍ତି ଜଗତରେ ଚଳଚଞ୍ଚଳ କରିଥାଏ । ସେହି ଅନନ୍ତ ଲୀଳାମୟ ବିଶ୍ୱନିୟନ୍ତାଙ୍କ ଦର୍ଶନରୁ ମନୁଷ୍ୟ ମନରେ ଜାଗି ଉଠେ ଜୀବନ ପରିପୂର୍ଣ୍ଣତାର ମହାଦୀପ । ଶ୍ରୀଜଗନ୍ନାଥ ଉପାସନା ସତ୍-ଚିତ୍-ଆନନ୍ଦ=ସଚ୍ଚିଦାନନ୍ଦ, ବ୍ରହ୍ମ ଉପାସନାର ଏକ ପ୍ରତ୍ୟେକ୍ଷିଭୂତ ବ୍ୟବସ୍ଥା । ପତିତମାନଙ୍କୁ 'ପାବନ'ର ଅଲଭ୍ୟ ସ୍ପର୍ଶ ଦେବା ପାଇଁ ସେ ଉଡ଼ାଇଛନ୍ତି ''ପତିତପାବନ ବାନା'' । ପୁନଶ୍ଚ ସେ ସମସ୍ତ ପ୍ରାଣୀଙ୍କର ଅର୍ନ୍ତଆତ୍ମା ପୁଣି ସର୍ବ କର୍ମର ନିୟନ୍ତା । ଏଣୁ ଭାଗବତକାର ଜଗନ୍ନାଥ ଦାଶ ସ୍ୱୀୟ ଗ୍ରନ୍ଥରେ ଉଲ୍ଲେଖ କରିଅଛନ୍ତି-

''ସକଳ ଘଟେ ନାରାୟଣ

ବସନ୍ତି ଅନାଦି କାରଣ ।''

ଦାର୍ଶନିକ ଓ ଭକ୍ତଙ୍କ ମତରେ ସେ ସର୍ବବ୍ୟାପୀ । ବିଶ୍ୱ ଅଧ୍ୟାତ୍ମବାଦର ସେ ହେଉଛନ୍ତି ମୂଳାଧାର । ଆମେ ଏ ବିଶ୍ୱ ମଧ୍ୟରେ ତାଙ୍କୁ ଏକ ନିମିତ୍ତ ରୂପେ ପ୍ରତ୍ୟେକ୍ଷ କରିବାକୁ ସମର୍ଥ ହେବା ଉଚିତ । ସେ ହେଉଛନ୍ତି ମଙ୍ଗଳମୟ ଭଗବାନ । ପୃଥିବୀର ସମସ୍ତ ଲୋକଙ୍କ ହୃଦୟ କନ୍ଦରରେ ସେ ହିଁ ଆତ୍ମାରୂପୀ ନାରାୟଣ ରୂପେ ବିରାଜମାନ କରିଥାନ୍ତି । ସେ ହେଉଛନ୍ତି ପରମାତ୍ମା । ସେହି ଅବିନାଶୀ, ଅକ୍ଷର, ଅସୀମ, ଅନନ୍ତ ଆତ୍ମା ଓ ପରମାତ୍ମାର ମିଳନରେ ମଣିଷର ମୋକ୍ଷ ପ୍ରାପ୍ତି । ପୃଥିବୀର ସମସ୍ତ ଦେବତାଙ୍କ ମଧ୍ୟରେ ସେ ହିଁ ଏକମାତ୍ର ମୁକ୍ତିଦାତା । ସେଥିପାଇଁ ସମସ୍ତ ଧର୍ମର ଊର୍ଦ୍ଧ୍ୱରେ ତାଙ୍କର ସ୍ଥାନ । ଭାରତୀୟ ଆର୍ଯ୍ୟଧର୍ମର ମୂଳଗ୍ରନ୍ଥ ଋକ୍‌ବେଦ, ଅଥର୍ବ, ସାମ, ଯର୍ଜୁବେଦ ଓ ଉପନିଷଦଗୁଡ଼ିକରେ ସୃଷ୍ଟିର କାରଣ ରୂପେ ତାଙ୍କୁ ଗ୍ରହଣ କରାଯାଇଅଛି । ଶ୍ୱେତାଶ୍ୱେତର ଉପନିଷଦ ଅନୁଯାୟୀ, ପୁରୁଷ ହେଉଛନ୍ତି ହସ୍ତପଦଶୂନ୍ୟ ଅଥଚ ସେ ସର୍ବାଧିକାରୀ । ତାଙ୍କର ଚକ୍ଷୁ ନ ଥିଲେ ମଧ୍ୟ ସକଳ ଦର୍ଶନ କରିପାରନ୍ତି, କର୍ଣ୍ଣ ନ ଥିଲେ ମଧ୍ୟ ସମସ୍ତ ଶୁଣିପାରନ୍ତି । ସେ ସର୍ବଜ୍ଞ; କିନ୍ତୁ ନିଜେ ସମସ୍ତଙ୍କର ଅଜ୍ଞେୟ । ସେହି ମହାନ ପୁରୁଷ ବା ପୁରୁଷୋତ୍ତମ ହେଉଛନ୍ତି ସର୍ବାରାଧ୍ୟ । ଶ୍ରୀଜଗନ୍ନାଥଙ୍କର ମାନବୀୟ ଲୀଳା-ସ୍ରୋତରେ ଅନ୍ତଃସଲିଳା ଫଲଗୁ ପରି ବିଶ୍ୱ ମାନବବାଦର ଧାରା ପ୍ରବାହିତ । ସକଳ ସୃଷ୍ଟିରେ ମଙ୍ଗଳ କାମନା ଜାତି ଜାତି ମଧ୍ୟରେ ବିଭେଦର ଲୋପ, ହିଂସାର ବିନାଶ, ପରୋପକାର, ମାନବବାଦ ଓ ଶାନ୍ତିର ପ୍ରତିଷ୍ଠା ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଉପାସନାର ମୂଳ ଉଦ୍ଦେଶ୍ୟ । ଆଜି ଶ୍ରୀଜଗନ୍ନାଥଙ୍କ ବନ୍ଦନାର ସାର୍ବଜନୀନତା ଲୋକ କଣ୍ଠରେ ଉଦ୍‌ଘୋଷିତ । ପୃଥିବୀର କୌଣସି ଦେବତାଙ୍କ ପ୍ରତିଷ୍ଠାରେ ଏତାଦୃଶ ଉଦାରତା ଓ ମାନବିକତା ପ୍ରକାଶ ପାଇବା ଦେଖାଯାଏ ନାହିଁ । ସମସ୍ତ ଦେବତା ସ୍ୱ ସ୍ୱ ସଂପ୍ରଦାୟର ଦାର୍ଶନିକ ଭିତ୍ତି ଉପରେ ପ୍ରତିଷ୍ଠା ଲାଭ କରି ଆସିଛନ୍ତି । ଜୋରାଷ୍ଟ୍ରୀୟ, ଖ୍ରୀଷ୍ଟୀୟ, ମହମ୍ମଦୀୟ, ବ୍ରାହ୍ମଣ୍ୟ ସମ୍ପ୍ରଦାୟରେ ଏପରି କୌଣସି ଦେବତା ନାହାନ୍ତି, ଯାହାଙ୍କ ଧର୍ମୀୟ ଚିନ୍ତାଧାରା ଜଗନ୍ନାଥଙ୍କ ପରି ଏତେ ସମ୍ବେଦନଶୀଳ ଓ ମାନବ ଧର୍ମରେ ସମୁଜ୍ଜଳ ଅଟେ । ଏକା ଦାରୁବ୍ରହ୍ମ ହେଉଛନ୍ତି ଦୁସ୍ଥ ଓ ଦରିଦ୍ରର ବନ୍ଧୁ - ଏପରିକି ଦୁରାତ୍ମାର ମଧ୍ୟ । ତେଣୁ ସେ 'ଜଗବନ୍ଧୁ' ନାମରେ ପରିଚିତ । ସେତିକି ନୁହେଁ, ଏହାଙ୍କ ଉପାସନାରେ ଶାସ୍ତ୍ରୋକ୍ତ ବିଧି-ବିଧାନର ଆବଶ୍ୟକତା ନାହିଁ; ବ୍ରାହ୍ମଣ-ଚଣ୍ଡାଳ ଭେଦ ନାହିଁ । ଭକ୍ତ ହେଉ ବା ଭକ୍ତିହୀନ ହେଉ, ଦର୍ଶନ କଲା ମାତ୍ରେ କୈବଲ୍ୟପ୍ରାପ୍ତି । ଏତାଦୃଶ ଉଦାର ଭାବନା ପୁରୁଷୋତ୍ତମ ଉପାସନା ମଧ୍ୟରେ ହିଁ ସମ୍ଭବପର ଅଟେ । ଏହି ପରିପ୍ରେକ୍ଷୀର ହିଁ ଆମ୍ଭର 'ବିଶ୍ୱ ମାନବବାଦ ଓ ଶ୍ରୀଜଗନ୍ନାଥ' ସନ୍ଦର୍ଭର ଅବତାରଣା । ପୂର୍ବରୁ ନିଚ୍ଛକ ଭାବେ ଏହି ନାମକରଣକୁ ନେଇ କୌଣସି ଗବେଷକ ନିବନ୍ଧ ପ୍ରସ୍ତୁତ କରିନଥିବା ବେଳେ ଆମ୍ଭର ଏହି ମୌଳିକ ବିଷୟ ନିର୍ବାଚନର ଯୌକ୍ତିକତା, ସମୀଚୀନତା ଓ ଉପାଦେୟତା ସହଜରେ ଉପଲବ୍ଧି ହୋଇପାରିବ । ବର୍ତ୍ତମାନ ନିମ୍ନରେ ଆମ୍ଭ ନିବନ୍ଧର ଗଠନ ପରିପାଟୀ ସମ୍ପର୍କ ଆଲୋକପାତ କରିବାକୁ ଯାଉଅଛୁ ।

ଓଡ଼ିଶାର ସାହିତ୍ୟ, ପୁରାଣ ଓ ତତ୍ତ୍ୱକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ଯୋଗଦାନ ଅବିସମ୍ବାଦିତ । କେଉଁ ପ୍ରାଚୀନ କାଳରୁ ତତ୍ତ୍ୱଦର୍ଶୀମାନେ ଶ୍ରୀଜଗନ୍ନାଥଙ୍କ ସୃଷ୍ଟି, ବିକାଶ ଓ ମହତ୍ତ୍ୱକୁ ବିଭିନ୍ନ ଦୃଷ୍ଟିକୋଣରୁ ପ୍ରତିପାଦିତ କରିଆସିଛନ୍ତି, ଯାହାର କୌଣସି ଇୟତ୍ତା ନାହିଁ । କେତେକ ମନୀଷୀ ତାଙ୍କୁ ବୈଦିକ ଦେବତା କହିବାବେଳେ ଅନ୍ୟ କେହି କେହି ଜୈନ (ନୀଳକଣ୍ଠ ଦାସ), ବୌଦ୍ଧ(ହରେକୃଷ୍ଣ ମହତାବ) ଓ ଶବର (ବେଣୀମାଧବ ପାଢ଼ୀ)ଉପାସିତ ଦାରୁ ବିଗ୍ରହ ଭାବେ ସିଦ୍ଧାନ୍ତ କରିଥିବା ପରିଦୃଷ୍ଟ ହୁଏ । ସେହିପରି ବିଶ୍ୱାବସୁ ଶବରର ଉପାସ୍ୟ ଦେବତା ଭାବେ ଜଗନ୍ନାଥ (ନୀଳମାଧବ) ପରିକଳ୍ପିତ ହେବାବେଳେ କିମ୍ବଦନ୍ତୀରେ ସେ ହେଉଛନ୍ତି ମାଳବର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରତିଷ୍ଠିତ ଦାରୁବିଗ୍ରହ । ଏହି ପରିପ୍ରେକ୍ଷୀରେ ପ୍ରଥମେ ବିଶ୍ୱ ମାନବବାଦର ସଂଜ୍ଞା ଓ ସ୍ୱରୂପ ପ୍ରଦର୍ଶନ ପୂର୍ବକ ଶ୍ରୀଜଗନ୍ନାଥଙ୍କ ସୃଷ୍ଟି ତତ୍ତ୍ୱକୁ ନେଇ ଆମ ନିବନ୍ଧରର ପ୍ରଥମ ପରିଚ୍ଛେଦଟି ପ୍ରସ୍ତୁତ ହେବ । ଏଥିରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ପ୍ରାଚୀନ ଐତିହ୍ୟ, ସଂସ୍କୃତ ଓ ଓଡ଼ିଆ ପୁରାଣରେ ଶ୍ରୀଜଗନ୍ନାଥ ଚେତନା, ଓଡ଼ିଶାରେ ମାଧବ, ନୀଳମାଧବ, ଶବରୀ ନାରାୟଣ ଓ ବାସୁଦେବ ଉପାସନା ସମ୍ପର୍କରେ ଆଲୋକପାତ କରାଯିବ ।

ସେହିପରି ଦ୍ୱିତୀୟ ପରିଚ୍ଛେଦରେ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନାକୁ ନେଇ ଆଲୋଚନା କରିବା ପାଇଁ ଆମ୍ଭେ ଉଦ୍ୟମ କରିବୁ । ଏହି ପ୍ରସଙ୍ଗରେ ଆମ୍ଭେ ଲୋକ ସାହିତ୍ୟରେ ଶ୍ରୀଜଗନ୍ନାଥ, ପ୍ରାଚୀନ ଓଡ଼ିଆ ସାହିତ୍ୟ, ସାରଳା ମହାଭାରତ, ପଞ୍ଚସଖା ସାହିତ୍ୟ, ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ଓ ଓଡ଼ିଆ ଭକ୍ତିଧର୍ମୀ ଗୀତିକାବ୍ୟରେ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧି କିପରି ଉଲ୍ଲେଖ ରହିଛି, ତାହାର ଅନୁଶୀଳନ କରାଯିବ । ଏତଦ୍‌ବ୍ୟତୀତ ଆଧୁନିକ ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନାର ରୂପରେଖ ସମ୍ପର୍କରେ ମଧ୍ୟ ତୃତୀୟ ପରିଚ୍ଛେଦରେ ଆଲୋଚନା କରିବା ପାଇଁ ଆମ୍ଭେ ଉଦ୍ୟମ କରିବୁ । ସେଥିରେ ବିଶେଷତଃ ଆଧୁନିକ କବିତାରେ ଶ୍ରୀଜଗନ୍ନାଥ ଚେତନା, ଓଡ଼ିଆ କାହାଣୀ ଓ ଗଳ୍ପ ସାହିତ୍ୟରେ ଶ୍ରୀଜଗନ୍ନାଥ, ଉପନ୍ୟାସ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା, ଓଡ଼ିଆ ଗଦ୍ୟ ସାହିତ୍ୟରେ ଶ୍ରୀଜଗନ୍ନାଥ ଏବଂ ଓଡ଼ିଆ ନାଟ୍ୟ ସାହିତ୍ୟରେ ଶ୍ରୀଜଗନ୍ନାଥଙ୍କ ରୂପରେଖ ବିଷୟରେ ଚର୍ଚ୍ଚା କରାଯିବ । ଏସବୁ ମଧ୍ୟରେ ବିଶ୍ୱ ମାନବବାଦର ତଥ୍ୟ କିପରି ସଂଗୋପିତ ହୋଇରହିଅଛି, ତାହାର ବ୍ୟାପକ ପର୍ଯ୍ୟାଲୋଚନା କରିବା ପାଇଁ ଉଦ୍ୟମ ମଧ୍ୟ କରିବୁ ।

ପୃଥିବୀ ତଥା ଭାରତବର୍ଷର ଆଧ୍ୟାତ୍ମିକ ପରମ୍ପରାରେ ଶ୍ରୀଜଗନ୍ନାଥ ଉପାସନା କିପରି ସମନ୍ୱିତ ରହିଛି, ତାହାର ଅବତାରଣା ନିମନ୍ତେ ନିବନ୍ଧର ଚତୁର୍ଥ ପରିଚ୍ଛେଦଟି ପ୍ରସ୍ତୁତ ହେବ । ଏହି ପ୍ରସଙ୍ଗରେ ପୃଥିବୀ ଓ ଭାରତବର୍ଷର ବିଭିନ୍ନ ଧର୍ମଧାରା ମଧ୍ୟରେ ଶ୍ରୀଜଗନ୍ନାଥ ଚେତନା କିପରି ନିହିତ, ସେସବୁ ସମ୍ପର୍କରେ ତଥ୍ୟଭିତ୍ତିକ ଆଲୋଚନା କରିବାକୁ ଆମ୍ଭେ ଆୟାସ କରିବୁ ।

ମାତ୍ର ଆମ୍ଭ ନିବନ୍ଧର ପଞ୍ଚମ ପରିଚ୍ଛେଦଟିରେ ଶ୍ରୀଜଗନ୍ନାଥ ଚେତନାରେ ବିଶ୍ୱ ମାନବବାଦ କିପରି ସ୍ଥାନିତ ତଥା ପ୍ରତିଫଳିତ ତାହାର ଅବତାରଣା ହେବ । ଏହି ପ୍ରସଙ୍ଗରେ ଆମ୍ଭେ ବିଶ୍ୱର ଧର୍ମଜଗତରେ ମାନବବାଦ, ଶ୍ରୀଜଗନ୍ନାଥ ଧର୍ମରେ ଥିବା ଉଦାରବାଦୀ ଦର୍ଶନ ଓ ଶ୍ରୀପୁରୁଷୋତ୍ତମ ଚେତନାରେ ରହିଥିବା ବିଶ୍ୱ ମାନବବୋଧର ଅନୁଶୀଳନ କରାଯିବ । ସର୍ବୋପରି ନିବନ୍ଧଟିର ନିଷ୍କର୍ଷରେ ବିଭିନ୍ନ ଧାର୍ମିକ ବିଚାରଧାରାରେ ବିଶ୍ୱର ମଙ୍ଗଳ ପାଇଁ ଶ୍ରୀଜଗନ୍ନାଥ କିପରି ସଦା ତତ୍ପର ଓ ତାହାର ଭୂମିକା ସଂକ୍ଷେପରେ ପ୍ରଦାନ କରାଯିବ ।

ସେହିପରି ନିବନ୍ଧର ପରିଶିଷ୍ଟରେ ସନ୍ଦର୍ଭ ରଚନା ବେଳେ ସାହାଯ୍ୟ ନେଇଥିବା ଉପାଦାନଗୁଡ଼ିକର ଏକ ପ୍ରାମାଣିକ ତାଲିକା, ବିଶ୍ୱ, ଭାରତ, ଓଡ଼ିଶା ଓ ପୁରୀର ମାନଚିତ୍ର, ବିଶ୍ୱ ମାନବବୋଧ ସମ୍ପର୍କରେ ଅନ୍ୟାନ୍ୟ ଶ୍ରୀଜଗନ୍ନାଥ ପ୍ରେମୀ ଗବେଷକଙ୍କ ସହ ସାକ୍ଷାତକାରର ଫୋଟଚିତ୍ର, ବିଶ୍ୱର ଧାର୍ମିକ ଇତିବୃତ୍ତ, ଶ୍ରୀଜଗନ୍ନାଥଙ୍କ ପୂଜା ଓ ଉପାସନାଜନିତ କତିପୟ ଫୋଟଚିତ୍ର ସଂଲଗ୍ନ କରିବାର ଉଦ୍ୟମ କରାଯିବ ।

ସର୍ବୋପରି ଆଲୋଚ୍ୟ ନିବନ୍ଧର ସମସ୍ତ ପରିଚ୍ଛେଦରେ ବିଶ୍ଳେଷଣଭିତ୍ତିକ ରୂପାୟଣ କୌଶଳ ଆମ୍ଭେ ଅତି ସଜ୍ଞାନ ଚିତ୍ତରେ ଅନୁସରଣ କରିଅଛୁ । ଏପରିକି ସେ ସମସ୍ତ ପରିଚ୍ଛେଦରେ ବିଶ୍ୱ ମାନବବାଦର ପରିପ୍ରଚାରରେ ଶ୍ରୀଜଗନ୍ନାଥ ଧର୍ମର ସ୍ୱରୂପ ଉଦ୍‌ଘାଟନ ନିମନ୍ତେ ବିଶ୍ଳେଷଣାତ୍ମକ ପଦ୍ଧତି (Analitica Method) ଏବଂ ଅଧ୍ୟୟନର ଗୁଣାତ୍ମକ ପ୍ରତିପାଦନକୁ ଅଧିକ ଯୁକ୍ତିନିଷ୍ଠ ଓ ପ୍ରାମାଣିକ କରିବା ଲକ୍ଷ୍ୟରେ ଆମ୍ଭେ ଏଥିରେ ପରିସଂଖ୍ୟାନମୂଳକ ପଦ୍ଧତି (Statistical Method) ଅବଲମ୍ବନ କରିଅଛୁ । ଅବଶ୍ୟ ସନ୍ଦର୍ଭର କେତେକ ସ୍ଥଳରେ ଆଲୋଚନାର ପ୍ରାସଙ୍ଗିକତାକୁ ନେଇ ଆମ୍ଭର ଅନିଚ୍ଛାକୃତ ପୁନରାବୃତ୍ତି ହୋଇଅଛି । ବାସ୍ତବରେ ଆଲୋଚନାକୁ ଅଧିକ ସ୍ପଷ୍ଟ ଓ ସୁଗମ କରିବାକୁ ଗଲାବେଳେ ଏହା ହୋଇଥିବା ଲକ୍ଷ୍ୟ କରାଯାଇପାରେ । ଏଥିପାଇଁ ମୁଁ ବିଦ୍‌ଗଧ ପାଠକମାନଙ୍କ ନିକଟରେ କ୍ଷମାପ୍ରାର୍ଥୀ ।

ପୂର୍ବରୁ ଆମ୍ଭେ ଉଲ୍ଲେଖ କରିଅଛୁ ଯେ ‘ବିଶ୍ୱ ମାନବବାଦ ଓ ଶ୍ରୀଜଗନ୍ନାଥ’ଙ୍କ ସମ୍ପର୍କରେ ଅଧ୍ୟୟନ ଆମ୍ଭର ଏକ ପ୍ରାଥମିକ ପ୍ରୟାସ । ଏପରିକି ଏଥିପାଇଁ ଆମ୍ଭର କୌଣସି ଅଭିମତ ପୂର୍ବ ପରିକଳ୍ପିତ ନୁହେଁ କିମ୍ବା କାହା ଉପରେ ତାହା ନିର୍ବିଚାରରେ ଆରୋପିତ ମଧ୍ୟ ନୁହେଁ । ଆମ୍ଭ ଆଲୋଚନାର ଧାରାରେ ଭାବପ୍ରବଣତା, କପୋଳକଳ୍ପିତ ବିଷୟ, ସମ୍ଭାବନା ଅଥବା ଅନୁମାନ,

ସର୍ବୋପରି ମନୋମୁଖୀ ସିଦ୍ଧାନ୍ତର ସ୍ଥାନ ଆଦୌ ନାହିଁ । ଶ୍ରୀଜଗନ୍ନାଥଙ୍କ ସୃଷ୍ଟି ଉତ୍ସ, ଉପାସନା, ସଂସ୍କୃତି ଓ ସାହିତ୍ୟର ଚିତ୍ର ଉପସ୍ଥାପନ କଲାବେଳେ ଆମ୍ଭେ ଯେଉଁସବୁ ବିଷୟରେ କହିଦେଇଛୁ, ତାହା ହିଁ ଆମ୍ଭର ସର୍ବଶେଷ ବକ୍ତବ୍ୟ ବୋଲି ମଧ୍ୟ ଆଦୌ ବିଶ୍ୱାସ କରୁନାହୁଁ । ଭବିଷ୍ୟତରେ ମିଳିବାକୁ ଥିବା ପ୍ରମାଣର ପ୍ରଭାବରେ ସେ ସବୁର ପରିବର୍ତ୍ତନ ମଧ୍ୟ ହୋଇପାରେ ।

ଉପସଂହାର

ବିଶ୍ୱର ସମସ୍ତ କୋଣ ଅନୁକୋଣରେ ସମ୍ପ୍ରତି ଶ୍ରୀଜଗନ୍ନାଥ ଧର୍ମ ଓ ସଂସ୍କୃତିର ପରିପ୍ରଚାର ଚାଲିଅଛି । ଅନ୍ୟାନ୍ୟ ଧର୍ମରେ ରହିଥିବା ଲୋକାଭିମୁଖୀ ଆଦର୍ଶବୋଧ ଉପରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବ କିପରି ପଡୁଅଛି, ସେ ସମ୍ପର୍କରେ ନବୀନ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତର ପାଠକ ପାଠିକା ଓ ଗବେଷକମାନଙ୍କ ପାଇଁ ଏ ଦିଗରେ ଏକ ଦିଗବାରେଣୀ ଖୁଣ୍ଟର କାର୍ଯ୍ୟ କରିବା ନିମନ୍ତେ ଏହା ଆମ୍ଭର ପ୍ରାରମ୍ଭିକ ଉଦ୍ୟମ ମାତ୍ର । ଭବିଷ୍ୟତରେ ଏହି ସନ୍ଦର୍ଭର ପ୍ରତ୍ୟେକ ପରିଚ୍ଛେଦର ଶୀର୍ଷକକୁ ନେଇ ମଧ୍ୟ ଅଧିକ ଗବେଷଣାତ୍ମକ ନିବନ୍ଧ ପ୍ରସ୍ତୁତ ହୋଇପାରିବ । ଆପାତତଃ ଗବେଷଣାମୁଖୀ ଆଲୋଚନା ଗୋଟିଏ ବିଷୟକୁ ଯେ କେବଳ ନୂତନ ଆଲୋକରେ ଆଲୋକିତ କରେ ତାହା ନୁହେଁ, ତାହା ଅନ୍ୟମାନଙ୍କ ସାହାଯ୍ୟ ଓ ସହଯୋଗ ପାଇଁ ଏକ ସ୍ୱତନ୍ତ୍ର ନିରାପଦ ମାର୍ଗ ପ୍ରସ୍ତୁତ କରିଦେଇଥାଏ । ଏହି ପରିପ୍ରେକ୍ଷୀରେ ମତବ୍ୟକ୍ତ କରାଯାଇପାରେ ଯେ, 'ବିଶ୍ୱ ମାନବବାଦ ଓ ଶ୍ରୀଜଗନ୍ନାଥ' ଶୀର୍ଷକକୁ ନେଇ ଆଦୌ ଗବେଷଣା ହୋଇନଥିବା ବେଳେ ଆମ୍ଭର ଏହି ଗବେଷଣାତ୍ମକ ପଦକ୍ଷେପ ଯଦି ଭବିଷ୍ୟତ ଗବେଷକମାନଙ୍କୁ ପ୍ରେରଣା ଦେଇପାରିବ ଓ ନୂତନ ମାର୍ଗ ସନ୍ଧାନର ଉତ୍ସ ହୋଇପାରିବ, ତେବେ ଆମ୍ଭର ଏହି ଅଧ୍ୟୟନ, ଅଧ୍ୟବସାୟ, ଚିନ୍ତା ଓ ଚେତନା ବାସ୍ତବରେ ଯଥାର୍ଥ ହୋଇଛି ବୋଲି ଆମ୍ଭେ ଅନୁଭବ କରିବୁ ।

ନମିତା ପ୍ରଧାନ

ଦିଗ୍‌ଦର୍ଶକ — ଗବେଷିକା

କୃତଜ୍ଞତା

ମୋର ଗବେଷଣାର ଶୀର୍ଷକ ହେଉଛି 'ବିଶ୍ୱମାନବବାଦ ଓ ଶ୍ରୀଜଗନ୍ନାଥ' । ଏହାର ପ୍ରସ୍ତୁତି ପର୍ବ ମୋ ପାଇଁ ଥିଲା କଷ୍ଟକର ବ୍ୟାପାର । ଶ୍ରୀଜଗନ୍ନାଥଙ୍କୁ ହିଁ ଭକ୍ତିପୂର୍ଣ୍ଣ ହୃଦୟରେ ପ୍ରାର୍ଥନା କଲି, କାନ୍ଦିଲି, କହିଲି ପ୍ରଭୁ ମୋତେ ଦିଗ୍‌ଦର୍ଶନ ଦିଅ, ମୁଁ କେଉଁଠିକୁ କିପରି ଯିବି ସାହାଯ୍ୟ ମାଗିବା ପାଇଁ । ବାରମ୍ବାର ତାଙ୍କରି ପାଖକୁ ଯାଇ ଶ୍ରୀକ୍ଷେତ୍ରର ବହୁ ଗବେଷକଙ୍କୁ ସାକ୍ଷାତ କଲି । ପରାମର୍ଶ ନେଲି । ଯେଉଁ ଠାକୁରଙ୍କ ଆଶୀର୍ବାଦରୁ ଆଜି ତାହା ପୂର୍ଣ୍ଣତା ପ୍ରାପ୍ତ ହେବାକୁ ଯାଉଛି, ତାଙ୍କୁ ହିଁ ମୁଁ ପ୍ରଥମେ ମୋର ହୃଦୟର କୃତଜ୍ଞତା ଜ୍ଞାପନ କରୁଛି । ମୋର ଉପରେ ତାଙ୍କର କରୁଣା, ଆର୍ଶୀବାଦ ଏହିପରି ରହିଥାଉ ।

ଏହି ପରିପ୍ରେକ୍ଷୀରେ ମୁଁ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କୁ ମୋର ଅନ୍ତରର କୃତଜ୍ଞତା ପ୍ରକାଶ କରୁଅଛି । ସେ ନିଜେ ହିଁ ବିଶ୍ୱ ମାନବବାଦର ପ୍ରତୀକ କହିଲେ ଅତ୍ୟୁକ୍ତି ହେବନାହିଁ । ସେହିପରି ଆମ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ହରେକୃଷ୍ଣ ଶତପଥୀ ମହୋଦୟ ଗବେଷଣା ସମ୍ପର୍କରେ ବହୁ ପରାମର୍ଶ ଦେଇଛନ୍ତି । ଏହି ଅବକାଶରେ ମୁଁ ମୋର କୃତଜ୍ଞତା ତାଙ୍କୁ ଜ୍ଞାପନ କରୁଅଛି । ଏତଦ୍‌ବ୍ୟତୀତ ଆମ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଜୁଲିଏସ୍ ଲାକ୍ରା ଓ ଗବେଷଣା ନିର୍ଦ୍ଦେଶକ ଡକ୍ଟର ରାଜକିଶୋର ମେହର ମହୋଦୟଙ୍କୁ ତାଙ୍କର ସୁଚିନ୍ତିତ ପରାମର୍ଶ ଓ ସାହାଯ୍ୟ ନିମନ୍ତେ କୃତଜ୍ଞତା ଜ୍ଞାପନ କରୁଅଛି ।

ଦ୍ୱିତୀୟରେ ମୁଁ ମୋର ତତ୍ତ୍ୱାବଧାରକ ଡକ୍ଟର ଅମୂଲ୍ୟ ରତ୍ନ ନନ୍ଦଙ୍କ ନିକଟରେ ମୋର କୃତଜ୍ଞତା ପ୍ରକାଶ କରୁଅଛି । ଗୁରୁଙ୍କ ପଥ ନିର୍ଦ୍ଦେଶନା ହିଁ ମୋର ଗବେଷଣା ସନ୍ଦର୍ଭର ପୂର୍ଣ୍ଣତା ପାଇଁ ପଥ ପରିଷ୍କାର କରିଥିଲା । ଏ ସବୁ ଭୁଲିବାର ନୁହେଁ ।

ତୃତୀୟରେ ମୋର ଓଡ଼ିଆ ବିଭାଗର ସମସ୍ତ ପ୍ରଫେସରଙ୍କୁ କୃତଜ୍ଞତା ଜଣାଉଅଛି । ସେମାନଙ୍କ ପରାମର୍ଶ ଓ ଦିଗ୍‌ଦର୍ଶନ ତଥା ସାହାଯ୍ୟରେ ସନ୍ଦର୍ଭଟି ପ୍ରସ୍ତୁତ ହୋଇପାରିଛି ।

ଚତୁର୍ଥରେ ଶ୍ରୀଜଗନ୍ନାଥ କିପରି ବିଶ୍ୱରେ ଆଜି ମାନବିକ ମୂଲ୍ୟବୋଧ ପ୍ରତିଷ୍ଠା କରିଚାଲିଛନ୍ତି, ତାହା ଜାଣିବା ପାଇଁ ଯେଉଁ କେତେ ଜଣ ଗୁରୁପ୍ରତିମ ଗବେଷକଙ୍କ ସାକ୍ଷାତ ଓ ପରାମର୍ଶ ନେଇଥିଲି, ସେମାନେ ହେଉଛନ୍ତି ପ୍ରଫେସର ସୁରେନ୍ଦ୍ର ନାଥ ଦାସ, ମଥୁରେନ୍ଦ୍ର ପୃଷ୍ଟି, ଦୁର୍ଗାମାଧବ ନନ୍ଦ, ତୁଳସୀ ଓଝା, ବ୍ରଜକିଶୋର ସ୍ୱାଇଁ, ସାରଙ୍ଗଧର ରାୟଗୁରୁ, ଭାସ୍କର ମିଶ୍ର, ସିଦ୍ଧେଶ୍ୱର ମହାପାତ୍ର, ପ୍ରଫେସର କୃଷ୍ଣପ୍ରସାଦ ମିଶ୍ର ପ୍ରଭୃତି ଅନ୍ୟତମ । ଏହି ଅବସରରେ ମୁଁ ସେମାନଙ୍କୁ ମଧ୍ୟ ଧନ୍ୟବାଦ ଦେବା ସହ ମୋର କୃତଜ୍ଞତା ଜ୍ଞାପନ କରୁଛି ।

ପଞ୍ଚମରେ ଗବେଷଣା କାଳରେ ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟର ପାଠାଗାର, ଓଡ଼ିଶା ସରକାରଙ୍କ ଅଭିଲେଖାଗାର, ହରେକୃଷ୍ଣ ମହତାବ ପାଠାଗାର, ରାଜ୍ୟ ସଂଗ୍ରହାଳୟ, କେଦାରନାଥ ଗବେଷଣା ପ୍ରତିଷ୍ଠାନ କେନ୍ଦ୍ର, ପୁରୀର ଜଗନ୍ନାଥ ବଲ୍ଲଭ ମଠରେ ଥିବା ଶ୍ରୀଜଗନ୍ନାଥ ପାଠାଗାର, ନନ୍ଦ ପାଠାଗାର, ଶ୍ରୀମନ୍ଦିର ପାଠାଗାରର ସାହାଯ୍ୟ ଗ୍ରହଣ କରିଅଛି । ସେଠାକାର କର୍ମକର୍ତ୍ତାଙ୍କ ସହଯୋଗ ମୋର ଗବେଷଣା କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲା । ଏହି ପ୍ରସଙ୍ଗରେ ମୁଁ ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରୁଛି ।

ପରିଶେଷରେ ମୋର ସ୍ୱାମୀ ଶ୍ରୀ ଜିତେନ୍ଦ୍ର ପ୍ରଧାନ, ଦିଅର ଶ୍ରୀ ତ୍ରିଲୋଚନ ପ୍ରଧାନ, ମୋର ଟିକି ପୁଅକୁ ନ ରଖିଥିଲେ ଗବେଷଣା କାର୍ଯ୍ୟ କଦାପି ସମ୍ପୂର୍ଣ୍ଣ ହୋଇନଥାନ୍ତା । ସେହିପରି ମୋର ପରିବାରରେ ଥିବା ଶ୍ୱଶୁର ଶ୍ରୀ ଅନାମ ଚନ୍ଦ୍ର ପ୍ରଧାନ, ଶାଶୁ ଶ୍ରୀମତୀ ବାସନ୍ତୀ ପ୍ରଧାନ, ବାପା, ମା ଶ୍ରୀ ଦେବରାଜ ପ୍ରଧାନ ଓ ଶ୍ରୀମତୀ ସରୋଜିନୀ ପ୍ରଧାନଙ୍କ ବିନା ସାହାଯ୍ୟରେ ଏହି କାର୍ଯ୍ୟ ଆଦୌ ସମ୍ପୂର୍ଣ୍ଣ ହେବା ସମ୍ଭବପର ନ ଥିଲା । ଏହି ଅବସରରେ ମୁଁ ସେମାନଙ୍କୁ ମଧ୍ୟ ଧନ୍ୟବାଦ ଓ କୃତଜ୍ଞତା ଜଣାଉଅଛି ।

ନମିତା ପ୍ରଧାନ

ସୂଚୀପତ୍ର

ପ୍ରଥମ ପରିଚ୍ଛେଦ : ବିଶ୍ୱ ମାନବବାଦ ଓ ଶ୍ରୀଜଗନ୍ନାଥ : ପୃଷ୍ଠଭୂମି ୯-୪୪

ମାନବବାଦର ସଂଜ୍ଞା ଓ ସ୍ୱରୂପ, ଶ୍ରୀଜଗନ୍ନାଥଙ୍କ ସୃଷ୍ଟି ରହସ୍ୟ, ଶ୍ରୀଜଗନ୍ନାଥଙ୍କ ପ୍ରାଚୀନତା, ଓଡ଼ିଆ ପୁରାଣ ସାହିତ୍ୟରେ ଶ୍ରୀଜଗନ୍ନାଥ, ଐତିହାସିକଗଣଙ୍କ ବିଚାରରେ ବାସୁଦେବ-କୃଷ୍ଣ ଉପାସନାର ମୂଳତତ୍ତ୍ୱ, ଓଡ଼ିଶାରେ ବାସୁଦେବ ଓ ମାଧବ ଉପାସନା, ନୀଳମାଧବ, ଜଗନ୍ନାଥ, ଶବରୀ ନାରାୟଣ ଓ ନାରାୟଣ, ଷଷ୍ଠ ଶତାବ୍ଦୀରେ ନାରାୟଣ (ଜଗନ୍ନାଥ) ଉପାସନା ।

ଦ୍ୱିତୀୟ ପରିଚ୍ଛେଦ : ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ : ଶ୍ରୀଜଗନ୍ନାଥ ଚେତନା ୪୫-୯୮

ଲୋକସାହିତ୍ୟରେ ଶ୍ରୀଜଗନ୍ନାଥ, କବି ସାରଳାଙ୍କ ପୂର୍ବବର୍ତ୍ତୀ ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ, ସାରଳା ସାହିତ୍ୟରେ ଶ୍ରୀଜଗନ୍ନାଥ, ଶ୍ରୀଜଗନ୍ନାଥ ଓ କୃଷ୍ଣଙ୍କ ସମୀକରଣ, ଉତ୍କଳୀୟ ବୈଷ୍ଣବ ଧର୍ମ ଗ୍ରନ୍ଥରେ ଶ୍ରୀଜଗନ୍ନାଥ, ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା, ଓଡ଼ିଆ ଭକ୍ତିଧର୍ମୀ ଗୀତିକାବ୍ୟରେ ଶ୍ରୀଜଗନ୍ନାଥ ।

ତୃତୀୟ ପରିଚ୍ଛେଦ : ଆଧୁନିକ ଓଡ଼ିଆ ସାହିତ୍ୟ (ଖ୍ରୀ ୧୮୭୦-୧୯୧୬) ୯୯-୧୪୭

ଶ୍ରୀଜଗନ୍ନାଥ କୈନ୍ଦ୍ରିକ ମାନବବାଦ

ଆଧୁନିକ କବିତାରେ ଶ୍ରୀଜଗନ୍ନାଥ, ଉତ୍ତର ଆଧୁନିକ ଓଡ଼ିଆ କବିତାରେ ଶ୍ରୀଜଗନ୍ନାଥ ଚେତନା, ଓଡ଼ିଆ କଥା ସାହିତ୍ୟରେ ଜଗନ୍ନାଥ ଚେତନା, ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଜଗନ୍ନାଥ ଚେତନା, ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଶ୍ରୀଜଗନ୍ନାଥ, ଓଡ଼ିଆ ଗଦ୍ୟ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନାର ଚିତ୍ର, ଓଡ଼ିଆ ନାଟକରେ ଶ୍ରୀଜଗନ୍ନାଥ ଚେତନାର ପ୍ରଭାବ ।

ଚତୁର୍ଥ ପରିଚ୍ଛେଦ : ଆଧ୍ୟାତ୍ମିକ ପରମ୍ପରାରେ ଶ୍ରୀଜଗନ୍ନାଥ ଉପାସନା ୧୪୮-୧୭୨

ପୃଥିବୀ ଓ ଭାରତବର୍ଷର ବିଭିନ୍ନ ଧର୍ମଦର୍ଶନର ଧାରା, ଶବର ସଂସ୍କୃତି ଓ ଶ୍ରୀଜଗନ୍ନାଥ, ଜୈନଧର୍ମ ଓ ଶ୍ରୀଜଗନ୍ନାଥ, ତନ୍ତ୍ର ଓ ଶ୍ରୀଜଗନ୍ନାଥ, ବୌଦ୍ଧଧର୍ମ ଓ ଶ୍ରୀଜଗନ୍ନାଥ, କୃଷ୍ଣ ଓ ଶ୍ରୀଜଗନ୍ନାଥ, ବ୍ରାହ୍ମଣ୍ୟ ଧର୍ମ, ସୂର୍ଯ୍ୟ ଉପାସନା ଓ ଶ୍ରୀଜଗନ୍ନାଥ, ଶାକ୍ତ ପରମ୍ପରା ଓ ଶ୍ରୀଜଗନ୍ନାଥ, ନାଥ ଧର୍ମ, ଗାଣପତ୍ୟ ଉପାସନା ଓ ଶ୍ରୀଜଗନ୍ନାଥ, ଶୈବଧର୍ମ : ଶ୍ରୀଜଗନ୍ନାଥ, ବୈଷ୍ଣବ ଧର୍ମ ଓ ଶ୍ରୀଜଗନ୍ନାଥ, ଖ୍ରୀଷ୍ଟଧର୍ମ : ଶ୍ରୀଜଗନ୍ନାଥ, ମୁସଲମାନ ଧର୍ମ ଓ ଶ୍ରୀଜଗନ୍ନାଥ, ଶିଖଧର୍ମ ଓ ଶ୍ରୀଜଗନ୍ନାଥ ।

ପଞ୍ଚମ ପରିଚ୍ଛେଦ : ଶ୍ରୀଜଗନ୍ନାଥ ଚେତନାରେ ବିଶ୍ୱ ମାନବବାଦ ୧୬୩-୧୮୮

ବିଶ୍ୱର ଧର୍ମଚେତନାରେ ଶ୍ରୀଜଗନ୍ନାଥ, ଶ୍ରୀଜଗନ୍ନାଥ ଓ ଉଦାରବାଦୀ ଚେତନା, ବିଶ୍ୱର କତିପୟ ବିଶିଷ୍ଟ ଧର୍ମ ସହ ଶ୍ରୀଜଗନ୍ନାଥ ଧର୍ମର ମାନବୀୟ ଦୃଷ୍ଟିଭଙ୍ଗୀ : ଏକ ତୁଳନାତ୍ମକ ଅଧ୍ୟୟନ

ନିଷ୍କର୍ଷ : ବିଶ୍ୱବାସୀଙ୍କ ମଙ୍ଗଳ କାମନାରେ ଶ୍ରୀଜଗନ୍ନାଥଙ୍କ ଚେତନା ୧୮୯-୧୯୨

ପରିଶିଷ୍ଟ : ୧୯୩-୨୪୩

କ. ଉପାଦାନ ପଞ୍ଜିକା

ଖ. ଶ୍ରୀଜଗନ୍ନାଥ ପ୍ରେମୀ ଗବେଷକଗଣଙ୍କ ସହ ସାକ୍ଷାତକାର

ଗ. ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ଓ ମତ୍‌କର୍ତ୍ତୃକ ସଂଗୃହୀତ କେତେକ ଫଟୋଚିତ୍ର

ଘ. ବିଶ୍ୱ ମାନବବାଦୀ ଚେତନାର କତିପୟ ଜଗନ୍ନାଥଙ୍କ ଭଜନ ଓ ଜଣାଣର ଉଦ୍ଧୃତ

ଙ. ବିଶ୍ୱ/ ଭାରତ/ ଓଡ଼ିଶା ତଥା ଶ୍ରୀକ୍ଷେତ୍ରର ମାନଚିତ୍ର

ପ୍ରଥମ ପରିଚ୍ଛେଦ

ବିଶ୍ୱ ମାନବବାଦ ଓ ଶ୍ରୀଜଗନ୍ନାଥ : ପୃଷ୍ଠଭୂମି

ବିଶ୍ୱରେ ପ୍ରକୃତି ଅର୍ଥାତ୍ ବିଭିନ୍ନ ବୃକ୍ଷ, ଲତା, ନଦୀ, ପର୍ବତ, ଜଙ୍ଗଲ, ପ୍ରାଣୀଜଗତ ଓ ମନୁଷ୍ୟବର୍ଗ ଅର୍ଥାତ ଆଦିମାନବ ଗୋଷ୍ଠୀ କେବେ କେଉଁ ସ୍ଥାନରେ କିପରି ଭାବେ ସୃଷ୍ଟି ହୋଇଥିଲେ, ତାହା ଆଜିପର୍ଯ୍ୟନ୍ତ ନିର୍ଣ୍ଣୟ ହୋଇପାରିନାହିଁ । ଏଥିପାଇଁ ଗବେଷଣା ପରେ ଗବେଷଣାରେ ଲାଗି ପଡ଼ିଛନ୍ତି ବିଶ୍ୱର ଅଧିକାଂଶ ବୈଜ୍ଞାନିକ । ତଥାପି ଏ ଦିଗରେ ସେମାନେ ଅଦ୍ୟାବଧି ସମ୍ପୂର୍ଣ୍ଣ ସଫଳତା ପାଇ ପାରିନାହାନ୍ତି । ଏ ସମ୍ପର୍କରେ ସମସ୍ତେ କେବଳ ଅନୁମାନ କରିବାରେ ଲାଗିଛନ୍ତି । ସେହିପରି ପ୍ରଥମ ପୁରୁଷ ଓ ପ୍ରଥମ ନାରୀ କିପରି ଜନ୍ମ ନେଲେ, ସେମାନଙ୍କ ମଧ୍ୟରେ ବିବାହ, ବଂଶବୃଦ୍ଧି ଓ ମାନବିକ ଆବେଗ କିପରି ସୃଷ୍ଟି ହୋଇଥିଲା, ତାହା ଅନୁମାନ ସାପେକ୍ଷ । ସେ ଯାହାହେଉ, କାଳକ୍ରମେ ମାନବଗୋଷ୍ଠୀର ବଂଶ ବିସ୍ତାର ହେଲା । ବହୁ ମଣିଷ ସୃଷ୍ଟି ହେଲେ । ସେମାନଙ୍କର ଗୋଷ୍ଠୀଗତ ଜୀବନ ଆରମ୍ଭ ହେଲା । ଈଶ୍ୱର ତାଙ୍କ ମନରେ ଦୁଇ ପ୍ରକାର ଗୁଣ ସୃଷ୍ଟି କଲେ ଯଥା ୧ -ଦେବୋପମ ଗୁଣ ଓ ୨ -ଆସୁରିକ ଗୁଣ । ଦେବୋପମ ଗୁଣ କହିଲେ ଆମ୍ଭେ ଆଜି ଦୟା ଭାବ, ପରୋପକାର ଭାବ, ଭକ୍ତି ଭାବ, ଜୀବେଦୟା ଭାବ, ନମ୍ର ଓ ବିନମ୍ରତା ଭାବ ପ୍ରଭୃତିକୁ ଗ୍ରହଣ କରିଥାଉ । ପକ୍ଷାନ୍ତରରେ ଏଗୁଡ଼ିକ ମଣିଷ ମନରେ ସ୍ୱତଃସିଦ୍ଧ ସୃଷ୍ଟି ହୋଇଥାଏ । ଲୋକମାନେ ଏଗୁଡ଼ିକୁ ମଣିଷର ମାନବିକ ଚେତନା ବୋଲି କହିଥାନ୍ତି ।

କିନ୍ତୁ ପ୍ରାଣୀ ମନରେ ଅନ୍ୟ ଯେଉଁ କେତେକ ଖରାପ ଗୁଣ ସୃଷ୍ଟି ହୋଇଥିଲା ଯଥା-ହିଂସା ଆଚରଣ, ଚୌର୍ଯ୍ୟ ବୃତ୍ତି, ଅହଂକାର, ଗର୍ବ, ଦମ୍ଭ, ପରଶ୍ରୀକାତର, ଉଦ୍ଦାମତା, ପରସ୍ୱ ଅପହରଣ ପ୍ରଭୃତିକୁ ମଣିଷର ''ଆସୁରିକ ଗୁଣ'' ପର୍ଯ୍ୟାୟରେ ନିଶ୍ଚିତ କରାଯାଇଥାଏ । ସ୍ଥୁଳତଃ ଉପର୍ଯ୍ୟୁକ୍ତ ଦେବୋପମ ଗୁଣଗୁଡ଼ିକୁ ବିଶ୍ୱବାସୀଙ୍କ ମାନବିକ ଗୁଣ ଭାବେ ଅଦ୍ୟାବଧି ଗ୍ରହଣ କରାଯାଇଆସିଛି । ଏସବୁ ଦେବତାମାନଙ୍କର ଭୂଷଣ ବୋଲି ବୈଦିକ ଋଷିଗଣ କହିଥାନ୍ତି । ଆମର ସମସ୍ତ ବେଦ, ଉପନିଷଦ, ପୁରାଣ ପ୍ରଭୃତିରେ ଏହି ଗୁଣ ସମନ୍ୱିତ ବ୍ୟକ୍ତିଙ୍କୁ ପୁରୁଷୋତ୍ତମ ବା ଉତ୍ତମ ପୁରୁଷ ଭାବେ ଗ୍ରହଣ କରାଯାଇଥାଏ ।

ବସ୍ତୁତଃ 'ବିଶ୍ୱ ମାନବବାଦ' କହିଲେ ଏହି ଗୁଣଗୁଡ଼ିକର ସମନ୍ୱିତ ଚେତନାକୁ ବୁଝାଯାଇଥାଏ । ସେଥିପାଇଁ ଆମ୍ଭେ ନିମ୍ନରେ ଏହାର ସଂଜ୍ଞା ଓ ସ୍ୱରୂପ ସମ୍ପର୍କରେ ଆଲୋକପାତ କରିବାକୁ ଉଦ୍ୟମ କରୁଅଛୁ ।

ମାନବବାଦର ସଂଜ୍ଞା ଓ ସ୍ୱରୂପ

ମାନବ କହିଲେ ଆମ୍ଭେମାନେ ମଣିଷକୁ ବୁଝୁ । ମାନବିକତା କହିଲେ, ମଣିଷର ଉପର ଲିଖିତ ଦେବୋପମ ଗୁଣଗୁଡ଼ିକୁ ବୁଝିଥାଉ । ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ (ପଞ୍ଚମ ଖଣ୍ଡ, ଭୁବନେଶ୍ୱର : ଲାର୍କ ବୁକ୍ସ, ୨୦୧୧, ପୃ.୬୪୬୫) ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜ ''ମାନବ '' ଶବ୍ଦର ଅର୍ଥ ଏବଂ ପ୍ରୟୋଗ ସମ୍ପର୍କରେ ନିମ୍ନମତେ ଉଲ୍ଲେଖ କରିଯାଇଥିବା ପରିଦୃଷ୍ଟ ହୁଏ ।

ମାନବ -	(ମନୁ = ବ୍ରହ୍ମାଙ୍କ ପୁତ୍ର + ଅପତ୍ୟାର୍ଥେ, ଅ), ନର
Manaba	ମନୁଷ୍ୟ -1. Man , ବାଳକ
ମାନବଜାତି-	ମାନବ ଜାତି; ପୃଥିବୀର ମନୁଷ୍ୟଗଣ
Manaba Jati	The men (as a class); Mankind
ମାନବ ଧର୍ମ-	(ଷଷ୍ଠି ତତ୍ ପୁରୁଷ) (ମାନବ+ଧର୍ମ)- ମନୁଷ୍ୟର ସ୍ୱାଭାବିକ ଗୁଣ
Manaba Dharma	The attributes of human beings

ମାନବ ଧର୍ମଶାସ୍ତ୍ର-	(କର୍ମଧା)-ମନୁଙ୍କର ରଚିତ ସଂହିତା
Manaba dharmasastra	The great Hindu code of Manu
ମାନବ ପ୍ରକୃତି -	(କର୍ମଧା)- ମନୁଷ୍ୟର ହୃଦୟଗତ ବା ସହଜ
Manaba Prakruti	ପ୍ରକୃତି Human nature
Manabalita	କଳାପ - The actions performed by a man whole living
Manaba Samaja	Human Society, Humanity

ଏଥିରୁ ମାନବ ସମ୍ପର୍କୀୟ ସମସ୍ତ ପ୍ରୟୋଗର ସଂଜ୍ଞା ଅବଧାରିତ ହୋଇଥାଏ । ବିଶ୍ୱର ବିଭିନ୍ନ ଅଞ୍ଚଳରେ ରହିଆସିଥିବା ମାନବ ଗୋଷ୍ଠୀର ଚେତନାରେ ରହିଥିବା ଉତ୍ତମ ଗୁଣଗୁଡ଼ିକ ଏହାର ଅନ୍ତର୍ଗତ ।

ସେହିପରି ମାନବ ଶବ୍ଦ ସହିତ ''ବାଦ'' ଶବ୍ଦର ମିଶ୍ରଣ ଯୋଗୁଁ ''ମାନବବାଦ'' ଶବ୍ଦର ସୃଷ୍ଟି । 'ବାଦ' ଶବ୍ଦର ଅର୍ଥ ହେଉଛି ''ମାର୍ଗ'' । ''ବାଦ'' ସାଧାରଣତଃ ଏକ ଦାର୍ଶନିକ ସିଦ୍ଧାନ୍ତ । ଏହାର ମୌଳଭାବ ଜିଜ୍ଞାସା ଓ ଅନୁଭୂତି । ଜିଜ୍ଞାସା ମସ୍ତିଷ୍କ ପ୍ରସୂତ ଯାହାର ବୌଦ୍ଧିକ ଶକ୍ତି ପ୍ରଖର । ସେହି ଜିଜ୍ଞାସାରୁ ସମାଧାନରେ ପହଞ୍ଚିପାରେ ଏବଂ ସେହି ସମାଧାନର ସୂତ୍ରଟି ହୋଇଯାଏ ଏକ ତତ୍ତ୍ୱ ବା ବାଦ । ବାଦ ଏକପ୍ରକାର ପ୍ରଜ୍ଞାବୋଧ । ଗୋଟିଏ ଯୁଗରେ ସୃଷ୍ଟ ହୋଇଥିବା ଗୋଟିଏ ଚିନ୍ତା, ଯାହା ଏକ ନିର୍ଦ୍ଦିଷ୍ଟ ବାଦ ବା ଦର୍ଶନରେ ପରିଣତ ହୋଇଥାଏ । ଅନ୍ୟଅର୍ଥରେ ବାଦ ହୋଇଯାଏ ଇସ୍ତାହାର । ଏହି କ୍ରମରେ ବିଚାର କଲେ ''ମାନବ+ବାଦ'' ହେଉଛି ମଣିଷର ଅନୁଭୂତି ଲବ୍ଧ ଚେତନା ବା ମାର୍ଗ । ସେହି ଦୃଷ୍ଟିରୁ ବିଚାର କଲେ ମଣିଷର ମାନବିକ ଚେତନା ହିଁ ହେଉଛି ମାନବିକ ମୂଲ୍ୟବୋଧ । ସୁତରାଂ ଆମର ଆଲୋଚିତ ବିଶ୍ୱ ମାନବବାଦର ଅର୍ଥ ହେଉଛି ମଣିଷର ନୈତିକ ବିଚାର । ଏ ମତବାଦରେ ସ୍ୱଷ୍ଟ ଭାବରେ କୁହାଯାଇଛି ଯେ ଯେଉଁ ଉତ୍ତମ ଗୁଣ ଦ୍ୱାରା ମାନବ ଶିଶୁ ତା'ର ସମାଜ ଦ୍ୱାରା ଅନୁଶାସିତ ହୁଏ, ନିୟନ୍ତ୍ରିତ ହୁଏ, ମଣିଷକୁ ମଣିଷ ଭାବରେ ଭଲ ପାଏ ଓ ମଣିଷର ଉତ୍ତୋଳନ କରିବା ହେଉଛି ମାନବବାଦର ଚିନ୍ତାଧାରା । ଏହା ମଧ୍ୟରେ ଦୁଇଟି ପ୍ରକ୍ରିୟା ଦେଖାଯାଏ, ଗୋଟିକରେ ମଣିଷର ସେବାକୁ ଈଶ୍ୱର ସେବା ମନେ କରିବା, ସବୁ ମଣିଷକୁ ସମାନ ଭାବିବା ଓ ସବୁ ମଣିଷଙ୍କ ଭିତରେ ଏକ ଈଶ୍ୱରଙ୍କ ଉପସ୍ଥିତିକୁ ବଳବତ୍ତର ଉପଲବ୍ଧି କରିବା । ଏଥିରେ ଦୟା ଦୃଷ୍ଟି ମୁଖ୍ୟ । ସୁଖରେ ଥିବା ମଣିଷଟି ଦୁଃଖରେ ଥିବା ମଣିଷ ପ୍ରତି ଦୟା ଦେଖାଇବା ହିଁ ହେଉଛି ମଣିଷର ଜୀବେ ଦୟା ଚେତନା । ବିଶ୍ୱରେ ଅଷ୍ଟାଦଶ/ଊନବିଂଶ ଶତାବ୍ଦୀରେ ଏହି ମାନବବାଦର କ୍ରିୟାତ୍ମକ ରୂପ ଦେଖିବାକୁ ମିଳେ । ଏପରିକି ଏ ସମ୍ପର୍କରେ କୁହାଯାଇପାରେ ଯେ ମାନବବାଦ ପ୍ରାଚୀନ କାଳରୁ ମଣିଷର ବ୍ୟବହାର ଚିନ୍ତା ଓ ଚେତନା ପରସ୍ପର ନିର୍ଭରଶୀଳ ଓ ଗୋଷ୍ଠୀଗତ ଜୀବନ ଭିତରେ ସୃଷ୍ଟି ହୋଇଆସିଛି । ମାନବୀୟ ସମ୍ବେଦନା ଏଥିରେ ନିଏ ପ୍ରମୁଖ ଭୂମିକା । ମଣିଷର କ୍ରିୟା ଓ କର୍ମରେ ଏହି ଚେତନା ଆତ୍ମପ୍ରକାଶ କରିଥାଏ । ଆଜିର ହିଂସାଶୀଳ ଦୁନିଆରେ ପ୍ରକୃତ ମାନବବାଦର ସ୍ଥାପନ ପାଇଁ ମଣିଷ ବିଭିନ୍ନ ଧର୍ମ ଓ ଈଶ୍ୱରଙ୍କର ସାହାଯ୍ୟ ନେଇଥାଏ । ମଣିଷର ଅନ୍ତର୍ନିହିତ ଜୀବନକୁ ଯାହା ବିକଳାଙ୍ଗ କରିଦିଏ ଏବଂ ଯାହା ଶାନ୍ତି ଓ ସନ୍ତୋଷ ପାଇଁ ମଣିଷର କଳ୍ପନାକୁ ଶ୍ୱାସରୁଦ୍ଧ କରିଦିଏ, ତାହା ବିରୋଧରେ ମାନବବାଦ ବିଦ୍ରୋହ ଘୋଷଣା କରିଥାଏ । ଆଜି ସମଗ୍ର ବିଶ୍ୱ ବିଶ୍ୱଭ୍ରାତୃତ୍ୱ ବୋଧ, ମୈତ୍ରୀ ଭାବ, ସଂହତି ଭାବ, ଉଦାର ଭାବ, ସମଭାବ ଓ ଅହିଂସାର ଆଚରଣ ପାଇଁ ମାନବବାଦକୁ ହିଁ ପାଥେୟ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଜଗତରେ ଆଜି ମାନବବାଦୀ ଗୋଷ୍ଠୀ ବିଭିନ୍ନ ଧର୍ମର ଆଶ୍ରୟ ନେଇ ଶାନ୍ତିଲାଭ କରିବାକୁ ଆଗ୍ରହ ପ୍ରକାଶ କରୁଛି । ଅତୀତ କାଳରୁ ସୃଷ୍ଟି ହୋଇଥିବା ଈଶ୍ୱର ସମ୍ବନ୍ଧୀୟ ବାଦ ବା ମାର୍ଗରୁ ଯଥା-ଜୋରାଷ୍ଟର ଧର୍ମ, ଜୈନଧର୍ମ, ବୌଦ୍ଧଧର୍ମ, ଜଗନ୍ନାଥ ଧର୍ମ, ଖ୍ରୀଷ୍ଟଧର୍ମ, ମୁସଲମାନ ଧର୍ମ, ଶିଖ୍ ଧର୍ମ ପ୍ରଭୃତିରେ ରହିଥିବା ମାନବୀୟ ଚେତନାର ଆଶ୍ରୟ ବିଭିନ୍ନ ସମୟରେ ବଞ୍ଚି ରହିଛି । ''ବିଶ୍ୱରେ ଈଶ୍ୱର ଏକ ବୋଲି ସମସ୍ତ ଧର୍ମ ପ୍ରଚାର କରିଆସୁଛନ୍ତି । କିନ୍ତୁ ଅଞ୍ଚଳ ଭେଦରେ ଏହାର ଭିନ୍ନତା ଦେଖିବାକୁ

ମିଳେ । ସେହି ଦୃଷ୍ଟିରୁ ଆମ ନିବନ୍ଧର ଶୀର୍ଷକଟିକୁ ବିଚାର କଲେ ଜଣାଯାଏ ଯେ ଆଜି ବିଶ୍ୱରେ ପରିବ୍ୟାପ୍ତ ହେଉଥିବା ଶ୍ରୀଜଗନ୍ନାଥ ଧର୍ମ ମାନବବାଦୀ ଚେତନା ସୃଷ୍ଟି କରିବାରେ କେତେ ଦୂର ତତ୍ପର ହୋଇପାରିଛି, ତାହାର ବିଚାର ପାଇଁ ଉଦ୍ଦିଷ୍ଟ । ଏହି ପରିପ୍ରେକ୍ଷୀରେ ଆମେ ନିମ୍ନରେ ଶ୍ରୀଜଗନ୍ନାଥ ଚେତନା ବିଶ୍ୱର ମଣିଷମାନଙ୍କୁ ଦେବୋପମ ଗୁଣରେ ପ୍ରଚୋଦିତ ତଥା ପ୍ରଭାବିତ କରିବା ପାଇଁ କେତେ ଦୂର ସମର୍ଥ ହୋଇପାରିଛି, ତାହାର ବିଚାର ଆଲୋଚନା ଆମେ ନିମ୍ନରେ କରିବାକୁ ଯାଉଅଛୁ ।

ଶ୍ରୀଜଗନ୍ନାଥ ଚେତନାର ଅଭ୍ୟୁଦୟ କେବେ, କିପରି ଓ କେଉଁ ସମୟରେ ପ୍ରଥମେ ହୋଇଥିଲା ତାହା ଆଜି କହିବା ସମ୍ଭବପର ନୁହେଁ । କେତେକ ଆଲୋଚକ ଆର୍ଯ୍ୟ ସଭ୍ୟତା ପ୍ରାରମ୍ଭରୁ ଅର୍ଥାତ୍ ବେଦ ରଚନାର ପୂର୍ବରୁ ଶ୍ରୀଜଗନ୍ନାଥଙ୍କର ଆବିର୍ଭାବ ହୋଇଥିବା କଥା କହି ଆସୁଛନ୍ତି । ଏହି ପ୍ରସଙ୍ଗରେ ସେମାନେ ବେଦରେ 'ଜଗନ୍ନାଥ' ଶବ୍ଦର ପ୍ରୟୋଗ ହୋଇଥିବା ଦର୍ଶାଇଥାନ୍ତି ! କିନ୍ତୁ ଅନ୍ୟ କେତେକ ଆଲୋଚକଙ୍କ ମତରେ ଜଗନ୍ନାଥଙ୍କ ଆବିର୍ଭାବ ବୈଦିକ କାଳରୁ ନ ହୋଇ କିମ୍ବଦନ୍ତୀ ଓ ସ୍କନ୍ଦ ପୁରାଣରେ ଉଲ୍ଲିଖିତ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ବେଳକୁ ସୃଷ୍ଟି ହୋଇଥିଲା । ଏହିଭଳି ବିଭିନ୍ନ ଦ୍ୱନ୍ଦ୍ୱ, ସନ୍ଦେହ, ରହସ୍ୟ ଓ ଉତ୍କଣ୍ଠା ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ସୃଷ୍ଟିର ପ୍ରକୃତ ଉତ୍ସ ନିରୂପଣ କରିବା ଅତି କଠିନ ବ୍ୟାପାର ।

ସେ ଯାହାହେଉ ବେଦ, ବେଦାନ୍ତ, ପୁରାଣ, କିମ୍ବଦନ୍ତୀ ଓ ବିଭିନ୍ନ ରାଜା ମହାରାଜାଙ୍କ ରାଜଭୋଗ ଇତିହାସକୁ ଆଧାର କରି ଆମ୍ଭେ ନିମ୍ନରେ ଏ ସଂପର୍କରେ ଅନୁଶୀଳନ କରୁଅଛୁ । ଏହି ପରିପ୍ରେକ୍ଷୀରେ ପ୍ରଥମେ ଆମ୍ଭେ ପ୍ରାଗ୍ ବୈଦିକ କାଳରୁ ଶ୍ରୀଜଗନ୍ନାଥଙ୍କର ସୃଷ୍ଟି ଉତ୍ସ ସଂପର୍କରେ ରହିଥିବା କେତେକ ମତବାଦର ପରୀକ୍ଷା ନିରୀକ୍ଷା କରିବାକୁ ଯାଉଅଛୁ ।

ଶ୍ରୀଜଗନ୍ନାଥଙ୍କ ସୃଷ୍ଟି ରହସ୍ୟ : ପ୍ରାଗ୍ ବୈଦିକ ଓ ବୈଦିକ କାଳ

ଓଡ଼ିଶା ଦେବ-ଦେବ ଶ୍ରୀଜଗନ୍ନାଥଙ୍କର ଭୂମି ଓ ସେହି ହେତୁ ପବିତ୍ର ଦେଶ ଭାରତବର୍ଷରେ ପବିତ୍ରତମ ପୀଠ ଭାବରେ ଅଭିହିତ ।[୧] ଓଡ଼ିଶାର ଜାତୀୟ ଏବଂ ସାମାଜିକ ଜୀବନ, ଧର୍ମ, ସଂସ୍କୃତି, ସାହିତ୍ୟ ଆଦି ଏ ସବୁର ଉତ୍ସ ଓ ପ୍ରାଣ-ପ୍ରକାଶ ହେଉଛନ୍ତି ଶ୍ରୀଜଗନ୍ନାଥ । ଓଡ଼ିଶାର ଧର୍ମ କହିଲେ ଜଗନ୍ନାଥଙ୍କ ଉପାସନାକୁ ହିଁ ବୁଝାଏ ।[୨] ଜଗନ୍ନାଥ କେବଳ ଓଡ଼ିଶାର ଦେବତା ନୁହନ୍ତି, ସେ ସମଗ୍ର ଭାରତ ବର୍ଷର ପ୍ରିୟତମ ପୂଜ୍ୟ ଦେବତା । ସମଗ୍ର ଜଗତର ସାଗ୍ରହ ଦୃଷ୍ଟି ମଧ୍ୟ ତାଙ୍କ ପ୍ରତି ଆକୃଷ୍ଟ ।[୩] ଭାରତ ବର୍ଷର ପ୍ରସିଦ୍ଧ ସ୍ଥାନମାନଙ୍କ ମଧ୍ୟରେ ଶ୍ରୀ ପୁରୁଷୋତ୍ତମ ପୁରୀ, ଶ୍ରୀକ୍ଷେତ୍ର ବା ପୁରୀ ଅନ୍ୟତମ । ଶ୍ରୀଜଗନ୍ନାଥ ଅତି ପ୍ରାଚୀନ ଓ ତାଙ୍କର ମହିମା ତଥା ରହସ୍ୟ ଉଦ୍‌ଘାଟନ କରିବା ସାଧାରଣ ମାନବ ପକ୍ଷରେ ଦୁରୂହ ବ୍ୟାପାର ବୋଲି ଏ ପର୍ଯ୍ୟନ୍ତ ବିବେଚିତ ହୋଇ ଆସିଛି ।[୪] ଓଡ଼ିଶା ଶ୍ରୀଜଗନ୍ନାଥଙ୍କ ସହିତ ଯେପରି ଭାବରେ ଘନିଷ୍ଠ, କୌଣସି ଅଞ୍ଚଳ ପ୍ରଦେଶ ବା ରାଷ୍ଟ୍ର ତା'ର ଦେବତାଙ୍କ ସହିତ ସେପରି ଘନିଷ୍ଠ ଭାବରେ ଜଡ଼ିତ ନୁହନ୍ତି ।

ଶ୍ରୀଜଗନ୍ନାଥଙ୍କ ପ୍ରାଚୀନତା :

ଜଗତର ନାଥ ଜଗନ୍ନାଥ, କେଉଁ ଅନାଦି କାଳରୁ ଶ୍ରୀମନ୍ଦିରରେ ପୂଜା ପାଇ ଆସୁଛନ୍ତି ଏବଂ ସ୍ୱୟଂ ଅନେକ ନାମ ତଥା ଅନେକ ରୂପରେ ଜଗତରେ କୋଟି କୋଟି ଲୋକଙ୍କ ଦ୍ୱାରା ମଧ୍ୟ ପୂଜା ପାଇଆସୁଛନ୍ତି । ପ୍ରାଚୀନ ଯୁଗରୁ ଶ୍ରୀଜଗନ୍ନାଥଙ୍କ ଐତିହ୍ୟ ପ୍ରତିପାଦନ ପାଇଁ ପୁରାଣ ଓ କିମ୍ବଦନ୍ତୀମାନଙ୍କରେ ଅଜସ୍ର ଉପାଦାନ ରହିଛି । କିନ୍ତୁ ଶ୍ରୀଜଗନ୍ନାଥ ଏହି ସବୁ ପୁରାଣ, ବେଦ, ଉପନିଷଦ ଓ କିମ୍ବଦନ୍ତୀଠାରୁ ଆହୁରି ପ୍ରାଚୀନତର । ଶ୍ରୀଜଗନ୍ନାଥଙ୍କର ଇତିହାସ ସଂକଳନର ପରମ୍ପରା ଅତି ପ୍ରାଚୀନ କାଳରୁ

୧. ମାନସିଂହ, ମାୟାଧର, ଓଡ଼ିଆ ସାହିତ୍ୟର ଇତିହାସ, କଟକ: ଗ୍ରନ୍ଥମନ୍ଦିର, ୧୯୬୭, ପୃ.୪୨

୨. ମହତାବ, ହରେକୃଷ୍ଣ, ଓଡ଼ିଶା ଇତିହାସ, ଦ୍ୱିତୀୟ ଖଣ୍ଡ, କଟକ : କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ୧୯୬୪, ପୃ. ୫୫୪

୩. ମହାନ୍ତି, ବଂଶୀଧର, ଶ୍ରୀଜଗନ୍ନାଥ, ଭୁବନେଶ୍ୱର : ଅନ୍ନପୂର୍ଣ୍ଣା ମହାନ୍ତି, ୧୯୬୩, ପୃଷ୍ଠା ୧

୪. ମିଶ୍ର, କାହ୍ନୁଚରଣ, ଧର୍ମ, ସମାଜ ଓ ସାହିତ୍ୟ, କଟକ : ଜେ. ମହାପାତ୍ର ଏଣ୍ଡ କୋ, (ପ୍ରକାଶ କାଳର ଉଲ୍ଲେଖ ନାହିଁ)

ଗଢ଼ି ଉଠିପାରି ନ ଥିଲା । ପ୍ରକୃତରେ ଇତିହାସର ଉଦ୍‌ଘାଟନ ପାଇଁ ପୌରାଣିକ ଓ କିମ୍ବଦନ୍ତିକ ଉପାଦାନ ଉପରେ ସଂପୂର୍ଣ୍ଣତଃ ନିର୍ଭର କରି ହେବ ନାହିଁ । ତଥାପି ବିଭିନ୍ନ ପୁରାଣ ଓ କିମ୍ବଦନ୍ତୀ ସୂଚାଇ ଦିଏ ଯେ ଜଗନ୍ନାଥ ନାମରେ ନ ହେଲେ ବି ବିଭିନ୍ନ ନାମରେ ପୁରୀଠାରେ ଆଦି କାଳରୁ ଯେଉଁ ଦିଅଁ ବା ଦେବତା ପୂଜା ପାଇ ଆସୁଥିଲେ, ତାହାଙ୍କର କ୍ରମ ପରିଣତି ହେଉଛନ୍ତି ଆଜିର ଜଗତ ପିତା, ବିଶ୍ୱବିଖ୍ୟାତ 'ଶ୍ରୀଜଗନ୍ନାଥ' । ପୁରାଣ ଓ କିମ୍ବଦନ୍ତୀ ଗୁଡ଼ିକୁ ଛାଡ଼ି ଦେଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ଐତିହ୍ୟର ପ୍ରାଚୀନତା ପ୍ରମାଣ ପାଇଁ ବିପୁଳ ପରିମାଣରେ ପ୍ରତ୍ନତାତ୍ତ୍ୱିକ, ଅଭିଲେଖ ଓ ଐତିହାସିକ ଉପାଦାନମାନ ରହିଛି । ସେ ସବୁର ବୈଜ୍ଞାନିକ ପଦ୍ଧତିରେ ସଂକଳନ, ସଂପାଦନ ଓ ବିଶ୍ଳେଷଣର ଆବଶ୍ୟକତା ଆଜି ବିଶେଷ ଭାବରେ ଅନୁଭୂତ ହେଉଅଛି ।''[୫] ପ୍ରକାଶଥାଉକି ପ୍ରାଚୀନ ଋଗ୍ ବେଦ ଓ ଅଥର୍ବବେଦରେ ଶ୍ରୀଜଗନ୍ନାଥଙ୍କ ଦାରୁ ସଂପର୍କୀୟ କେତେକ ବର୍ଣ୍ଣନା ରହିଛି, ତାହାକୁ ବହୁ ଗବେଷକ ଶ୍ରୀଜଗନ୍ନାଥଙ୍କର ପୂର୍ବରୂପ ଦାରୁରୂପ ବୋଲି ମତ ବ୍ୟକ୍ତ କରି ଆସୁଛନ୍ତି । ଏହି ବର୍ଣ୍ଣନାଟି ହେଉଛି -

''ଅଦୋ ଯଦ୍‌ଦାରୁଃ ପ୍ଲବତେ ସିନ୍ଧୋଃପାରେ ଅପୁରୁଷଂ
ତଦାରଭସ୍ୱ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍ ।''[୬]

ଅବଶ୍ୟ ଏହି ଶ୍ଲୋକର ଅର୍ଥକୁ ନେଇ ପଣ୍ଡିତଗଣ ଆଜିସୁଦ୍ଧା ଗୋଟିଏ ସିଦ୍ଧାନ୍ତରେ ଉପନୀତ ହୋଇପାରି ନାହାନ୍ତି । ଗୋଟିଏ ଅର୍ଥରେ ଏହାର ସାରମର୍ମ ହେଉଛି, ''ବର୍ତ୍ତମାନ ସମୁଦ୍ରରେ ପୁରୁଷୋତ୍ତମ ନାମକ ଦେବତାଙ୍କ ଶରୀର ଜଳ ଉପରେ ଭାସମାନ । ନିର୍ମାତା-ରହିତ ଯୋଗୁ ସେ ଅପୌରୁଷେୟ । ଏହି ଦାରୁମୟ ଦେବତାଙ୍କୁ ଉପାସନା କରିବା ଲୋକ ପରସ୍ଥଳ ଅର୍ଥାତ୍ ବୈଷ୍ଣବ-ଲୋକକୁ ଗମନ କରନ୍ତି ।[୭] କିନ୍ତୁ, ଅନେକ ଆଧୁନିକ ତତ୍ତ୍ୱବିଦ୍ ଏହାକୁ ସମର୍ଥନ କରିନଥାନ୍ତି । କାରଣ ଏହି ଉଦ୍ଧୃତିଟି ଋଗ୍‌ବେଦର ଅଲକ୍ଷ୍ମୀ ସୂକ୍ତ ମଧ୍ୟରେ ସ୍ଥାନ ପାଇଛି । ତାହାର ପୂର୍ବାପର ପ୍ରସଙ୍ଗ ବିଚାର କଲେ ଏହାର ଅର୍ଥ ହେବ - ''ସାଗର ଭିତରେ ଏହା ସେହିଠାରେ ଯେଉଁ ଦାରୁ ରହିଛି, ତାହାର କେହି ଅଧିପତି ନାହାନ୍ତି । ହେ ଅଲକ୍ଷ୍ମୀ, ତୁମେ ଭୟଙ୍କର ଆକୃତି ବିଶିଷ୍ଟା । ତୁମେ ସେହି ଦାରୁ ଉପରେ ଆରୋହଣ କରି ସୁଦୂର ଦେଶକୁ ପଳାଇଯାଅ ।''[୮] ତେବେ ସେ ଯାହା ହେଉ, ସମୁଦ୍ର ଜଳରେ ଭାସମାନ କାଷ୍ଠ ଖଣ୍ଡକୁ ନିର୍ମାଣ ବିହୀନ ବା ଅଧିପତି ବିହୀନ ବୋଲି କୁହାଯାଇଛି । ଏଥିରୁ ସ୍ପଷ୍ଟ ପ୍ରତିପନ୍ନ ହେଉଅଛି ଯେ, ସମୁଦ୍ରରେ ଭାସମାନ କାଷ୍ଠଟି ସ୍ୱାଧୀନ, ସ୍ୱତନ୍ତ୍ର ଓ ନିଜେ ନିଜର ଅଧିପତି । ଏହା ହିଁ ବ୍ରହ୍ମଙ୍କର ଗୁଣ, ଅତଏବ ଏହି କାଷ୍ଠ ହିଁ ଦାରୁବ୍ରହ୍ମ । ଏହି ଦାରୁବ୍ରହ୍ମଙ୍କ ସାହାଯ୍ୟରେ ଅଲକ୍ଷ୍ମୀ ସୁଦୂର ଦେଶକୁ ଚାଲିଗଲେ ଇନ୍ଦ୍ରଙ୍କ ରାଜ୍ୟର ସୁଖ ସମୃଦ୍ଧିର ଭାଜନ ହୋଇପାରିବ ।[୯] ସେହିପରି ବୈଦିକ କାଳର ଏହି ଦାରୁ ଯଦି ଜଗନ୍ନାଥଙ୍କ ପୂର୍ବ ଦାରୁବ୍ରହ୍ମ ରୂପ ବୋଲି ପ୍ରମାଣିତ ହୁଏ ତେବେ ଜଣାଯିବ ଯେ, ଶ୍ରୀଜଗନ୍ନାଥଙ୍କ ଅସ୍ତିତ୍ୱ ଖ୍ରୀ:ପୂ: ଦୁଇରୁ ତିନି ହଜାର ବର୍ଷ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । କେବଳ ସେତିକି ନୁହଁ ବିଭିନ୍ନ ଉପନିଷଦରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ସଂପର୍କରେ କେତେକ ପ୍ରମାଣିତ ତଥ୍ୟ ମିଳେ । ଅର୍ଥାତ୍ ଶ୍ୱେତା ଶ୍ୱେତର-ଉପନିଷଦ୍, କୈବଲ୍ୟପୋନିଷଦ୍, ଛାନ୍ଦୋଗ୍ୟ - ଉପନିଷଦ୍ ପ୍ରଭୃତିରେ ପୁରୁଷର ଯେଉଁ ରୂପ ବର୍ଣ୍ଣିତ ହୋଇଅଛି, ସେଥିରୁ ଶ୍ରୀଜଗନ୍ନାଥଙ୍କର ସ୍ୱରୂପ ବିଷୟରେ ଯଥେଷ୍ଟ ପ୍ରମାଣ ମିଳିଥାଏ । ଯଥା -

''ଅପାଣିପାଦୋ ଜବନୋଗ୍ରହୀତା
ପଶ୍ୟତ୍ୟ ଚକ୍ଷୁଃ ସ ଶୃଣୋତ୍ୟ କର୍ଣ୍ଣଃ

---

୫. ସାହୁ, ବାସୁଦେବ, ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା, କଟକ : କୋଣାର୍କ ପବ୍ଲିଶର୍ସ, ୧୯୯୧, ପୃ.୨ ।
୬. ଋଗ୍ ବେଦ, ୧୦ / ୧୫୫ / ୩, ଅର୍ଥବ ବେଦ, ୬/ ୮/ ୭ ।
୭. ଅଥର୍ବ ବେଦ (ସାୟଣାଚାର୍ଯ୍ୟଙ୍କ ଭାଷ୍ୟ ସହ) ବମ୍ବେ : ୧୮୯୫-୯୬
୮. ଦାଶ, ସୂର୍ଯ୍ୟନାରାୟଣ, ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ, କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୨୦୧୨, ପୃ.୧୧ ।
୯. ତତ୍ରୈବ, ପୃ.୧୨ ।

ସ ବେତ୍ତିବେଦ୍ୟଂ ନ ଚ ତସ୍ୟାସ୍ତି ବେତ୍ତା
ତମାହୁ ରଗ୍ରଂ ପୁରୁଷଂ ମହାନ୍ତମ୍
ଅପାଣିପାଦୋଽହଂ ଅଚିନ୍ତ୍ୟ ଶକ୍ତି
ପଶ୍ୟାମ୍ୟ ଚକ୍ଷୁ ଶୃଣୋମ୍ୟ କର୍ଣ୍ଣଃ
ଅହଂ ବିଜାନାମି ବିବକ୍ତ ରୂପୋ
ନ ଚାସ୍ତି ବେତ୍ତା ମମ ଚିତ୍ସ ଦହମ୍ ।''(୧୦)

ବସ୍ତୁତଃ ଶ୍ୱେତାଶ୍ୱେତର ଉପନିଷଦ୍ ଅନୁଯାୟୀ ପୁରୁଷ ହେଉଛନ୍ତି ହସ୍ତପଦ ଶୂନ୍ୟ ଅଥଚ ସେ ସର୍ବାଧିକାରୀ । ତାଙ୍କର ଚକ୍ଷୁ ନ ଥିଲେ ମଧ୍ୟ ସକଳ ଦର୍ଶନ କରିପାରନ୍ତି, କର୍ଣ୍ଣ ନ ଥିଲେ ମଧ୍ୟ ସମସ୍ତ ଶୁଣି ପାରନ୍ତି । ସେ ସର୍ବଜ୍ଞ କିନ୍ତୁ ନିଜେ ସମସ୍ତଙ୍କର ଅଜ୍ଞେୟ । ସେହି ମହାନ୍ ପୁରୁଷ ବା ପୁରୁଷୋତ୍ତମ ହେଉଛନ୍ତି ସର୍ବାରାଧ୍ୟ । କୈବଲ୍ୟୋପନିଷଦ୍‌ରେ ଠିକ୍ ସେହି କଥା କୁହାଯାଇଛି । ସେଇଠି ନିଜେ ପୁରୁଷୋତ୍ତମ ନିଜର ସ୍ୱରୂପ ବିଶ୍ଳେଷଣ କରିଛନ୍ତି । ସେ ହେଉଛନ୍ତି – ସତ୍, ଚିତ୍ । ଛାନ୍ଦୋଗ୍ୟ ଉପନିଷଦ୍‌ରେ ଦେବକୀ ପୁତ୍ର ଓ ଘୋର– ଅଙ୍ଗୀରସଙ୍କ ଶିଷ୍ୟ ଭାଗବତ ବାସୁଦେବ କୃଷ୍ଣଙ୍କ ସଂପର୍କରେ ବର୍ଣ୍ଣନା ରହିଛି । ଛାନ୍ଦୋଗ୍ୟ ଉପନିଷଦ୍‌ର ରଚନା ସମୟ ହେଉଛି ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀ । ଖ୍ରୀ:ପୂ: ପଞ୍ଚମ ଶତାବ୍ଦୀରେ ପାଣିନିଙ୍କ 'ଅଷ୍ଟାଧ୍ୟାୟୀ'ରେ ଯେଉଁ ବାସୁଦେବଙ୍କ (ବାସୁଦେବ ଭକ୍ତ) ସଂପ୍ରଦାୟ ସଂପର୍କରେ ଉଲ୍ଲେଖ ରହିଛି ତହିଁରୁ ଜଣାଯାଏ – ସେତେବେଳେ ବିଷ୍ଣୁ ବାସୁଦେବ ଭାବରେ ପୂଜିତ ହେଉଥିଲେ । ଖ୍ରୀ:ପୂ: ୩ୟ ଶତକର ତୈତ୍ତିରୀୟ ଉପନିଷଦ୍‌ରେ ବାସୁଦେବ ଓ ବିଷ୍ଣୁ ଅଭିନ୍ନ କଳ୍ପିତ ହୋଇଛନ୍ତି । ଓଡ଼ିଶାରେ ବାସୁଦେବ କ୍ରମଶଃ ମାଧବ, ନୀଳମାଧବ ଓ ଶ୍ରୀଜଗନ୍ନାଥ ରୂପେ ପରିଣତ ହୋଇଛନ୍ତି । ଉପନିଷଦ୍‌ମାନଙ୍କରେ ଯେଉଁ ପୁରୁଷଙ୍କର ପ୍ରଶସ୍ତିଗାନ କରାଯାଇଛି, ତହିଁରୁ ସୂଚିତ ହେଉଛି – ପୁରୁଷ ପୂର୍ଣ୍ଣତମ, ସେ ନିଖିଳ ବିଶ୍ୱର ସ୍ରଷ୍ଟା, ସେ ସର୍ବାଧିକାରୀ ସର୍ବଦର୍ଶୀ, ସର୍ବଶ୍ରୋତା, ସର୍ବଜ୍ଞ ଓ ଅଚିନ୍ତନୀୟ ଶକ୍ତିଶାଳୀ ।(୧୧)

ଏହିପରି ଭାବରେ ଖ୍ରୀ:ପୂ: ଦୁଇ ହଜାର ବର୍ଷ ତଳୁ ବେଦ ଓ ଉପନିଷଦ୍ ପ୍ରଭୃତି ଗ୍ରନ୍ଥମାନଙ୍କର ଯେଉଁ ବିଷ୍ଣୁଙ୍କର କଳ୍ପନା କରାଯାଇଥିଲା ସେ ଶ୍ରୀ ଜଗନ୍ନାଥଙ୍କ ପୂର୍ବରୂପ ବୋଲି ଐତିହାସିକମାନଙ୍କ ଦ୍ୱାରା ଅନୁମିତ ହୋଇଥାଏ । କିନ୍ତୁ ଲକ୍ଷ୍ୟ କରିବାର କଥା ଏହି ଯେ, ସପ୍ତମ ଶତାବ୍ଦୀ ପୂର୍ବରୁ କୌଣସି ଶିଳାଲିପି ବା ଅଭିଲେଖରେ 'ନୀଳାଚଳ' 'ନୀଳଗିରି' ଓ 'ଶ୍ରୀଜଗନ୍ନାଥ' ପ୍ରଭୃତି ଶବ୍ଦର ଉଲ୍ଲେଖ ନାହିଁ । କିନ୍ତୁ ବହୁ ପୁରାଣରେ ପୁରୁଷୋତ୍ତମ କ୍ଷେତ୍ର ଓ ଏଠାରେ ଅଧିଷ୍ଠିତ ପୁରୁଷୋତ୍ତମ ଦେବତାଙ୍କର ମହାତ୍ମ୍ୟ ବର୍ଣ୍ଣିତ ହୋଇଥିବା ଦେଖିବାକୁ ମିଳେ । ଏହି ପରିପ୍ରେକ୍ଷୀରେ ଆମେ ନିମ୍ନରେ ଏକ ସାରଣୀ ପ୍ରସ୍ତୁତ କରୁଅଛୁ । ଯେଉଁଥିରୁ ବୈଦିକ କାଳରୁ ଶ୍ରୀଜଗନ୍ନାଥ ବିଭିନ୍ନ ଗ୍ରନ୍ଥରେ କିପରି ବର୍ଣ୍ଣିତ ହୋଇଛନ୍ତି, ତାହାର– ସବିଶେଷ ତଥ୍ୟ ସହଜରେ ମିଳିପାରିବ ।

ପ୍ରାଚୀନ ଗ୍ରନ୍ଥମାନଙ୍କରେ ଶ୍ରୀଜଗନ୍ନାଥଙ୍କର ଉତ୍ସ ନିରୂପଣ (ସାରଣୀ – ୧)

କ୍ର.ନଂ	ସଂସ୍କୃତ ଗ୍ରନ୍ଥ/ ପୁରାଣର ନାମ	ଆନୁମାନିକ ସମୟ ନିରୂପଣ	ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ସମ୍ବନ୍ଧୀୟ ଉପାଦାନ
୧.	ରଗ୍‌ବେଦ	ଖ୍ରୀ:ପୂ: ୩ୟ ଶତକ	''ଅଦୋ ଯଦାରୁଃ ପ୍ଲବତେ ସିନ୍ଧୋଃ ପାରେ ଅପୌରୁଷମ୍ ତଦାରଭସ୍ୱ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍ ।''(୧୨)

୧୦. ସାହୁ, ବାସୁଦେବ, ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା, ପୃ.୪ ।
୧୧. ତତ୍ରୈବ,ପୃ.୪ ।
୧୨. ରଗ୍‌ବେଦ : (ସଂ) ମୋକ୍ଷମୂଲାର, ବାରଣାସୀ : ଚୌଖମ୍ବା ସଂସ୍କୃତ ସିରିଜ, ୧୯୬୫, ୧୦ମ ମଣ୍ଡଳ, ୧୫୫, ସୂତ୍ରାଳୟ ମନ୍ତ୍ର

୨.	ତୈତ୍ତିରୀୟ ଗ୍ରନ୍ଥ	ଖ୍ରୀ:ପୂ: ୩ୟ ଶତକ	''ଅଦୋଯଦ୍‌ଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷମ୍ ତଦାଲଭସ୍ୱ ଦୁର୍ଦ୍ଦାନୋ ତେନ ଯାହି ପରଂସ୍ଥଳମ୍ ।''[୧୩]
୩.	ଅଥର୍ବ ବେଦ	ଖ୍ରୀ:ପୂ: ୩ୟ ଶତକ	''ଅଦୌ ଯଦ୍ଦାର ପ୍ଲବତେ ସିନ୍ଧୋର୍ମଧେ ଅପୁରୁଷମ୍ ତଦଲଭସ୍ୱ ଦୁର୍ଦ୍ଦାନୋ ତେନ ଯାହି ପରଂସ୍ଥଳମ୍ ।''[୧୪]
୪.	ଶ୍ୱେତାଶ୍ୱେତ ଉପନିଷଦ	ଖ୍ରୀ:ପୂ: ୩ୟ ଶତକ	''ଅପାଣିପାଦୋ ଜବନୋଗ୍ରହୀତା ପଶ୍ୟତଃ ଚକ୍ଷୁଃସ ଶୃଣୋତ୍ୟ କର୍ଣ୍ଣଃ ଓ ବେତ୍ତି ବେଦ୍ୟଂ ନ ଚ ତସ୍ୟାସ୍ତି ବେତ୍ତା ତ ମାହୁରଗ୍ରଂ ପୁରୁଷଂ ମହାନ୍ତମ୍ ।''[୧୫]
୫.	କୈବଲ୍ୟୋପନିଷଦ	ଖ୍ରୀ:ପୂ: ୩ୟ ଶତକ	''ଅପାଣିପାଦେଽହଂ ଅଚିନ୍ତ୍ୟ ଶକ୍ତି ପଶ୍ୟାମ୍ୟ ଚକ୍ଷୁ ଶୃଣୋମ୍ୟ କର୍ଣ୍ଣଃ ଅହଂ ବିଜାନାମି ବିବିକ୍ତ ରୂପୋ ନ ଚାସ୍ତି ବେତ୍ତା ମମ ଚିତ୍ସ ଦହମ୍ ।''[୧୬]
୬.	ଛାନ୍ଦୋଗ୍ୟ ଉପନିଷଦ	ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀ	''ଏଥିରେ ଦେବକୀ ପୁତ୍ର ଓ ଘୋର ଅଙ୍ଗୀରସଙ୍କ ଶିଷ୍ୟ ଭାଗବତ ବାସୁଦେବ-କୃଷ୍ଣଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି ।''[୧୭]
୭.	କଠୋପନିଷଦ	ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀ	''ଉର୍ଦ୍ଧ୍ୱମୂଳୋଽବାକ୍‌ଶାଖଏଷୋଽ ଅଶ୍ୱତ୍ଥଃ ସନତନଃ ତଦେବ ଶୁକ୍ରଂ ତଦ୍‌ବ୍ରହ୍ମ ତଦେବାମୃତ ମୂଚ୍ୟତେ ତସ୍ମିନ ଲୋକାଃଶ୍ରିତାଃ ସର୍ବେତଦୁ ନା ତ୍ୟେତି କଶ୍ଚନ ଏତେଦ୍‌ବୈତତ୍ ।''[୧୮]
୮.	ତୈତ୍ତିରୀୟ ଉପନିଷଦ	ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀ	''ଅହିଂ ରେରିବା । କୀର୍ତ୍ତିଃ ପୃଷ୍ଠ ଗିରେରିବ ବୃକ୍ଷସ୍ୟ ।''[୧୯]
୯.	ମହାକାବ୍ୟ ବାଲ୍ମୀକି ରାମାୟଣ (ସଂସ୍କୃତ)	ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀ	ତୀର୍ଥକ୍ଷେତ୍ର ଭାବରେ ପୁରୁଷୋତ୍ତମଧାମ ବା ଶ୍ରୀଜଗନ୍ନାଥଧାମର ଉଲ୍ଲେଖ ସର୍ବପ୍ରଥମେ ବାଲ୍ମୀକି ରାମାୟଣରେ ଦେଖିବାକୁ ମିଳେ । ଏହାର ଉତ୍ତରାକାଣ୍ଡରେ ଜଗନ୍ନାଥଙ୍କୁ ଇକ୍ଷାକୁ ବଂଶର କୂଳଦେବତା ରୂପେ ପ୍ରତିପାଦିତ କରାଯାଇଛି ।

୧୩. ତୈତ୍ତିରୀୟ ସଂହିତା : ସାୟଣାଚାର୍ଯ୍ୟଙ୍କ ଭାଷ୍ୟ ସହ, କଲିକତା, ୧୮୮୯, ୧୦ମ ମଣ୍ଡଳ/ ଅନୁବାଦ ୧୨/୧୦ ଅନୁବାଦ
୧୪. ଅଥର୍ବ ବେଦ : (ସଂ) ବିଶ୍ୱେଶ୍ୱରା ନନ୍ଦ, ଭାରତ ଭାରତୀ ଗ୍ରନ୍ଥମାଳା, ହୋସିଆରପୁର, ୧୯୬୨
୧୫. ଶ୍ୱେତାଶ୍ୱେତ ଉପନିଷଦ : ଶଙ୍କରଭାଷ୍ୟ, ଗୋରଖପୁର : ଗୀତା ପ୍ରେସ, ପଦ-୩/୧୯
୧୬. କୈବଲ୍ୟୋପନିଷଦ : ମନ୍ତ୍ର - ୨୧
୧୭. Macdonell : History of Sanskrit Literature, P226, Cambaridge History of India, P. 147
୧୮. କଠୋପନିଷଦ, ଶଙ୍କରଭାଷ୍ୟ, ଗୋରଖପୁର : ଗୀତା ପ୍ରେସ, ୨ୟ ଅଧ୍ୟାୟ, ପ୍ରଥମ ଶ୍ଳୋକ
୧୯. ତୈତ୍ତିରୀୟୋପନିଷଦ, ୧୮୮୯

୧୦.	ସଂସ୍କୃତ ମହାଭାରତ	ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀ	ଆଲୋଚ୍ୟ ଗ୍ରନ୍ଥର ବନ ପର୍ବରେ ପୁରୁଷୋତ୍ତମଧାମର ଉଲ୍ଲେଖ ରହିଅଛି । ଏଥିରେ ଲୋମଷ ଋଷି ଯୁଧିଷ୍ଠିରଙ୍କୁ ମହାବେଦୀର ମହାତ୍ମ୍ୟ ସଂପର୍କରେ ବର୍ଣ୍ଣନା କରିଛନ୍ତି । ଏହି ମହାବେଦୀ ହେଉଛି ଇନ୍ଦ୍ରଦ୍ୟୁମ୍ନ ଉପାଖ୍ୟାନରେ ଥିବା ପୁରୁଷୋତ୍ତମ କ୍ଷେତ୍ରର ଯଜ୍ଞବେଦୀ ବା ଆଧୁନିକ ରତ୍ନବେଦୀ ସହିତ ସଂପୃକ୍ତ କରାଯାଇପାରେ । ମହାଭାରତର ଏହି ପର୍ବରେ ଇନ୍ଦ୍ରଦ୍ୟୁମ୍ନ ଉପାଖ୍ୟାନରେ ଏହା ସ୍ୱଷ୍ଟ ସୂଚୀତ ହୋଇଥାଏ ।
୧୧.	ଶ୍ରୀମଦ୍ ଭଗବଦ୍‌ଗୀତା	ଖ୍ରୀ:ପୂ: ୧ମ ଶତାବ୍ଦୀ	ବ୍ୟାସଙ୍କ ରଚିତ ସଂସ୍କୃତ ମହାଭାରତର ଅନ୍ତର୍ଭୁକ୍ତ ଶ୍ରୀମଦ୍ ଭଗବଦ୍ ଗୀତାରେ ପୁରୁଷୋତ୍ତମ ଯୋଗ ବ୍ୟାଖ୍ୟାବେଳେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହିଛନ୍ତି । **'ଯସ୍ମାତ୍ କ୍ଷରମତୀତୋଽହ,ମକ୍ଷରାଦପିଚୋତ୍ତମଃ ଅତୋଽସ୍ମି ଲୋକେ ଦେବେ ଚ ପ୍ରଥିତଃ ପୁରୁଷୋତ୍ତମଃ ।'** [୨୦] ଏହାର ସାରମର୍ମ ହେଉଛି, ''ଯେହେତୁରୁ ଆମ୍ଭେ ମୁଁ କ୍ଷର (ବିନାଶଶୀଳ ଶରୀର) ଠାରୁ ଭିନ୍ନ ଓ ଅକ୍ଷର ଠାରୁ ଶ୍ରେଷ୍ଠ, ସେହି ହେତୁରୁ (ଆମ୍ଭେ) ଲୋକ ସମୂହରେ ଓ ବେଦରେ ପୁରୁଷୋତ୍ତମ ବୋଲି ଖ୍ୟାତ ଅଟୁଁ । ଗୀତାର ସମୟ ୧ମ ଶତାବ୍ଦୀ ବୋଲି ଅନୁମାନ କରାଯାଇଥାଏ । ତେଣୁ ବୋଧହୁଏ ସେତେବେଳକୁ ଲୋକସମୂହ ମଧ୍ୟରେ 'ପୁରୁଷୋତ୍ତମ' ଉପାସନା ପ୍ରଚଳିତ ହୋଇସାରିଲାଣି । [୨୧]
୧୨.	ମତ୍ସ୍ୟ ପୁରାଣ	୩ୟ ଶତାବ୍ଦୀର ଶେଷପାଦ	ମତ୍ସ୍ୟ ପୁରାଣରେ ପୁରୁଷୋତ୍ତମ ତୀର୍ଥକଥାର ଉଲ୍ଲେଖ ରହିଛି । ଏଥିରେ **'ବିମଳା ପୁରୁଷୋତ୍ତମେ ଏବଂ ଗୋକର୍ଣ୍ଣ ଗଜକର୍ଣ୍ଣଂ ଚ ତଥା ଚ ପୁରୁଷୋତ୍ତମଃ'** ବୋଲି ଉଲ୍ଲେଖ ରହିଛି । ଏହି ପୁରାଣରେ ଯେଉଁ ଇନ୍ଦ୍ରଦ୍ୟୁମ୍ନ ସରୋବରର ନାମୋଲ୍ଲେଖ ମିଳେ ତାହା ପୁରୀ ତୀର୍ଥର ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ଅଟେ । ଏଠାରେ ନଳିନୀଧାରା ନାମକ ଏକ ନଦୀ ପ୍ରବାହିତ ହେଉଥିବାର ଉଲ୍ଲେଖ ରହିଅଛି ।
୧୩.	ବିଷ୍ଣୁ ପୁରାଣ	ଖ୍ରୀ:ଅ ୪ର୍ଥ ଶତାବ୍ଦୀ ପର ରଚନା	ଏହି ଗ୍ରନ୍ଥର ଏକ ପ୍ରାଚୀନ ପୋଥିରେ ରାଜ୍ୟ ବିସ୍ତୃତ ପ୍ରସଙ୍ଗରେ 'ଓଡ୍ର' ଓ 'ସମୁଦ୍ରତଟ ପୁରୀ'ର ନାମ ଉଲ୍ଲେଖ ଥିବା ପାର୍ଜିଟର ଲେଖିଛନ୍ତି । କେତେକ ପୋଥିରେ ଏହି

୨୦. ଶ୍ରୀମଦ୍ ଭଗବଦ୍‌ଗୀତା, ପୁରୁଷୋତ୍ତମ ଯୋଗ, ୧୫ଶ ଅଧ୍ୟାୟ ୧୮ଶ ଶ୍ଳୋକ

୨୧. ତତ୍ରୈବ, ୧୫/୧

			ସ୍ଥାନରେ ''ଓଡ୍ର'' ସ୍ଥାନରେ ''ଆନ୍ଦ୍ର'' ଓ ''ସମୁଦ୍ର ତଟ'' ପୁରୀ ସ୍ଥାନରେ ''ଚମ୍ପାନଗର'' ପାଠ ଥିବା ଜଣାଯାଏ । କେଉଁ ପାଠଟି ଭ୍ରମ ଶୂନ୍ୟ ତାହା କହି ହେଉନାହିଁ, ତେବେ ''ଓଡ୍ର'' ଓ ''ସମୁଦ୍ରତଟ ପୁରୀ'' ପାଠଟି ଯେ ଏହି କ୍ଷେତ୍ରର ପ୍ରାଚୀନତା ପ୍ରମାଣ କରୁଛି, ଏଥିରେ ସନ୍ଦେହ ନାହିଁ ।''(୨୨)
୧୪.	ପଦ୍ମ ପୁରାଣ	ଖ୍ରୀ:ଅ ୫ମ ଶତାବ୍ଦୀ	ପଦ୍ମ ପୁରାଣରେ ପୁରୁଷୋତ୍ତମ କ୍ଷେତ୍ରର ବର୍ଣ୍ଣନା ଦେଖିବାକୁ ମିଳେ । ସେଥିରେ ଲେଖାଅଛି ଯେ, ଏଠାରେ ଏକ ଅଦ୍ଭୁତ ମନ୍ଦିର ଥିଲା । ସେଥିରେ ଚତୁର୍ଭୁଜ ଶ୍ରୀପୁରୁଷୋତ୍ତମ ବିରାଜମାନ କରିଥିଲେ । ଏପରିକି ପୁରୁଷୋତ୍ତମ ଓ ରାମଚନ୍ଦ୍ର ଏବଂ ମହାଲକ୍ଷ୍ମୀ ଓ ସୀତାଙ୍କ ମଧ୍ୟରେ ଅଭିନ୍ନତା ପରିକଳ୍ପିତ । ଯଥା– 'ଯୋସୌ ନୀଳାଦ୍ରିବାସୀ ଚସଃ ରାମଃ ପୁରୁଷୋତ୍ତମଃ ସୀତା ସାକ୍ଷାତ୍ ମହାଲକ୍ଷ୍ମୀ ସର୍ବକାରଣ କାରଣମ୍ ।'(୨୩)
୧୫.	ବ୍ରହ୍ମ ପୁରାଣ	ଖ୍ରୀ:ଅ ୯ମ ଶତାବ୍ଦୀ	ବ୍ରହ୍ମ ପୁରାଣରେ ଇନ୍ଦ୍ରଦ୍ୟୁମ୍ନ ପ୍ରସଙ୍ଗ ତଥା ଆଖ୍ୟାନ ବର୍ଣ୍ଣିତ । ଯଥା – ଅବନ୍ତୀ ଦେଶର ପରମ ବୈଷ୍ଣବ ରାଜା ଇନ୍ଦ୍ରଦ୍ୟୁମ୍ନ ବିଷ୍ଣୁ ଆରାଧନା ପାଇଁ ପୁରୁଷୋତ୍ତମ କ୍ଷେତ୍ରକୁ ଯାତ୍ରା କରିଥିଲେ । ସେଠାରେ ଇନ୍ଦ୍ରନୀଳ ବିଗ୍ରହ ରୂପେ ବିଷ୍ଣୁ ପୂଜା ପାଉଥିଲେ । କିନ୍ତୁ ଇନ୍ଦ୍ରଦ୍ୟୁମ୍ନ ରାଜା ସେହି ମୂର୍ତ୍ତିକୁ ଦର୍ଶନ କରିପାରିନଥିଲେ । ଦିନେ ରାତିରେ ରାଜା ସ୍ୱପ୍ନରେ ଦେଖିଲେ ଯେ, ସମୁଦ୍ର ମଧ୍ୟରେ ଏକ ମହାଦ୍ରୁମ ଭାସମାନ ଅବସ୍ଥାରେ ରହିଅଛି । ସୈନ୍ୟମାନଙ୍କ ଦ୍ୱାରା ସେହି ଦ୍ରୁମକୁ କୂଳକୁ ଆଣି ରାଜା ନିଜେ କୁଠାର ଧାରଣ କରି ବୃକ୍ଷର ଶାଖା ଓ ପତ୍ର ଛେଦନ କଲେ । ପରେ ତାହା ଏକ ଅଦ୍ଭୁତ ଦାରୁରେ ପରିଣତ ହେଲା । ମହାରାଜା ସେହି ଦାରୁକୁ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ ନାମରେ ତ୍ରିମୂର୍ତ୍ତି ନିର୍ମିତ କରାଇଲେ । ଏହି ପୁରାଣରେ ବୃକ୍ଷକୁ 'ପୁରୁଷେଣ' (ପୁରୁଷୋତ୍ତମ) ରୂପେ ଅଭିହିତ କରାଯାଇଥିବା ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ । ସେହିପରି ଏଥିରେ ବର୍ଣ୍ଣିତ 'ଇନ୍ଦ୍ରନୀଳ' ବିଗ୍ରହ ନିଶ୍ଚିତ ଭାବରେ ଭିଲ୍ଲ ବା ଶବରମାନଙ୍କ ଦ୍ୱାରା ପୂଜିତ ନୀଳମାଧବ । ଏହି ନୀଳମାଧବ ହିଁ ପରବର୍ତ୍ତୀ ସମୟରେ ଶ୍ରୀଜଗନ୍ନାଥ ଏବଂ ଶ୍ରୀଜଗନ୍ନାଥ ହେଉଛନ୍ତି ଶ୍ରୀକୃଷ୍ଣ ବୋଲି ଏଥିରେ ଉଲ୍ଲେଖ ରହିଛି ।

୨୨. ଦାଶ, ସୂର୍ଯ୍ୟ ନାରାୟଣ : ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ, ପୃ. ୧୮

୨୩. ପଦ୍ମ ପୁରାଣ, ପାତାଳ ଖଣ୍ଡ, ଅଧ୍ୟାୟ ୨୨ ଶ୍ଳୋକ – ୫୭

୧୬.	ବ୍ରହ୍ମାଣ୍ଡ ପୁରାଣ	ଖ୍ରୀ:ଅ ୯ମ ଶତାବ୍ଦୀ	ବ୍ରହ୍ମାଣ୍ଡ ପୁରାଣରେ ଭାରତର ସାତଟି ମୋକ୍ଷ ଦାୟକ ତୀର୍ଥସ୍ଥଳୀ ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ର ବା ପୁରୀକୁ ଅନ୍ୟତମ ବୋଲି ଉଲ୍ଲେଖ ରହିଛି । ଯଥା - **'ଅଯୋଧ୍ୟା ମଥୁରା ମାୟା କାଶୀ କାଞ୍ଚୀ ଅବନ୍ତିକା ପୁରୀ ଦ୍ୱାରାବତୀ ଚୈବ ସପ୍ତୈତେ ମୋକ୍ଷଦାୟିକା।'**[୨୪]
୧୭.	କପିଳ ସଂହିତା	ଖ୍ରୀ:ଅ: ୯ମ ଶତାବ୍ଦୀ	ନବମ ଶତାବ୍ଦୀରେ ରଚିତ କପିଳ ସଂହିତା ଗ୍ରନ୍ଥରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ କ୍ଷେତ୍ରମାନଙ୍କ ମଧ୍ୟରେ ରାଜା ଓ ଶ୍ରୀ ପୁରୁଷୋତ୍ତମ (ଶ୍ରୀଜଗନ୍ନାଥ) ପ୍ରଭୁଙ୍କୁ ଦେବତାମାନଙ୍କ ମଧ୍ୟରେ ରାଜା ବୋଲି ଘୋଷଣା କରାଯାଇଛି - **'ସର୍ବେଷାମପି କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ ସର୍ବେଷାମପି ଦେବନାଂ ରାଜା ଶ୍ରୀପୁରୁଷୋତ୍ତମଃ।'**[୨୫] ଏହି ପବିତ୍ର କ୍ଷେତ୍ରରେ ଦେହ ତ୍ୟାଗ କଲେ ବୈକୁଣ୍ଠପ୍ରାପ୍ତି ହେବ ବୋଲି ଉଲ୍ଲେଖ ରହିଛି । ଏଠାରେ ଶ୍ରୀଜଗନ୍ନାଥ ନୀଳାଶ୍ମ ରୂପଧାରୀ ଥିଲେ, ପରେ ସେ ଦାରୁବ୍ରହ୍ମ ରୂପେ ବିରାଜିତ ହୋଇଅଛନ୍ତି ।
୧୮.	ଗରୁଡ଼ ପୁରାଣ	ଖ୍ରୀ: ଅ: ୯ମ ଶତାବ୍ଦୀ	ନବମ ଶତାବ୍ଦୀରେ ରଚିତ ଗରୁଡ଼ ପୁରାଣରେ ଶ୍ରୀଜଗନ୍ନାଥଙ୍କୁ ଗୋବିନ୍ଦ, କେଶବ, ଦାମୋଦର, ବିଷ୍ଣୁ, ତ୍ରିବିକ୍ରମ, ନାରାୟଣ, ହରି ଓ ବାସୁଦେବ ପ୍ରଭୃତି ନାମରେ ଅଭିହିତ କରାଯାଇଛି ।[୨୬]
୧୯.	ଅଗ୍ନି ପୁରାଣ	ଖ୍ରୀ:ଅ: ୯ମ ଶତାବ୍ଦୀ	ନବମ ଶତାବ୍ଦୀରେ ରଚିତ ଅଗ୍ନି ପୁରାଣରେ ମଧ୍ୟ ଜଗନ୍ନାଥଙ୍କୁ ଶାଳଗ୍ରାମ, ବାସୁଦେବ, ଶଙ୍କର୍ଷଣ, ପ୍ରଦ୍ୟୁମ୍ନ, ଅନିରୁଦ୍ଧ, କୃଷ୍ଣ, ବିଷ୍ଣୁ, ନୃସିଂହ, ବାମନ, ତ୍ରିବିକ୍ରମ, ଅନନ୍ତ, ଦାମୋଦର ଓ ସୁଦର୍ଶନ ଭାବରେ ନାମିତ କରାଯାଇଛି ।[୨୭]
୨୦.	ନାରଦ ପୁରାଣ		ନବମ ଶତାବ୍ଦୀରେ ରଚିତ ନାରଦ ପୁରାଣରେ ଇନ୍ଦ୍ରଦ୍ୟୁମ୍ନ ଉପାଖ୍ୟାନର ବର୍ଣ୍ଣନା ରହିଛି ।[୨୮]
୨୧.	ରୁଦ୍ରଯାମଳ	ଖ୍ରୀ:ଅ: ୧୦ମ ଶତାବ୍ଦୀ	ଦଶମ ଶତାବ୍ଦୀରେ ରଚିତ ରୁଦ୍ରଯାମଳ ଗ୍ରନ୍ଥର ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ନାମର ଉଲ୍ଲେଖ ପରିଲକ୍ଷିତ ହୁଏ ।

୨୪. ବ୍ରହ୍ମାଣ୍ଡ ପୁରାଣ, ଅଧ୍ୟାୟ ୪/ ଶ୍ଳୋକ - ୪୦
୨୫. କପିଳ ସଂହିତା ଅ.୫ ଦ୍ରଷ୍ଟବ୍ୟ
୨୬. ଗରୁଡ଼ ପୁରାଣ ୧/୧୩୧/୧୦-୧୬
୨୭. ଅଗ୍ନି ପୁରାଣ, ପୃ. ୩୩୫
୨୮. ନାରଦ ପୁରାଣ, ଇନ୍ଦ୍ରଦ୍ୟୁମ୍ନ ଉପାଖ୍ୟାନ ଦ୍ରଷ୍ଟବ୍ୟ

୨୨.	କାଳିକା ପୁରାଣ	ଖ୍ରୀ:ଅ: ୧୦ମ ଶତାବ୍ଦୀ	ଦଶମ ଶତାବ୍ଦୀରେ ରଚିତ କାଳିକା ପୁରାଣ ଗ୍ରନ୍ଥରେ ଓଡ଼ିଶାକୁ ଭାରତର ପ୍ରଥମ ତାନ୍ତ୍ରିକ ପୀଠ ରୂପେ ଓ ଜଗନ୍ନାଥଙ୍କୁ ଏହାର ଅଧିଷ୍ଠାତା ଦେବତା ଭାବରେ ବର୍ଣ୍ଣନା କରାଯାଇଛି ।
୨୩.	ତନ୍ତ୍ରଯାମଳ	ଖ୍ରୀ:ଅ: ୧୦ମ ଶତାବ୍ଦୀ	ସେହି ଶତାବ୍ଦୀରେ ରଚିତ ତନ୍ତ୍ରଯାମଳ ଗ୍ରନ୍ଥରେ ପୁରୁଷୋତ୍ତମ କ୍ଷେତ୍ରକୁ ଭୂସ୍ୱର୍ଗ ବୋଲି କହି ଦାରୁ ରୂପୀ ଜଗନ୍ନାଥଙ୍କୁ ଭକ୍ତମାନଙ୍କର ଭୁୟହରଣକାରୀ ବୋଲି ଉଲ୍ଲେଖ ରହିଅଛି – 'ଭାରତେ ଉତ୍କଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମେ ଦାରୁରୂପୀ ଜଗନ୍ନାଥୋ ଭକ୍ତନାମ୍ ଭୟ ପ୍ରଦଃ ।'[୧୯]
୨୪.	ସ୍କନ୍ଦ ପୁରାଣ	ଖ୍ରୀ:ଅ: ୧୩ଶ ଶତାବ୍ଦୀ	ତ୍ରୟୋଦଶ ଶତାବ୍ଦୀରେ ରଚିତ ସ୍କନ୍ଦ ପୁରାଣରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଓ ଏହାର ଅଧିଷ୍ଠାତା ଶ୍ରୀଜଗନ୍ନାଥଙ୍କ ଆଧ୍ୟାତ୍ମିକ ଦର୍ଶନ ସଂପର୍କରେ ବସ୍ତୁତଃ ବିବରଣୀ ଦେଖିବାକୁ ମିଳେ । ଏହି ସମୟକୁ ଶ୍ରୀକ୍ଷେତ୍ରରେ ଗଙ୍ଗବଂଶ ନରପତିମାନଙ୍କ ଦ୍ୱାରା ବିଶାଳକାୟ ଶ୍ରୀମନ୍ଦିର ନିର୍ମିତ ହୋଇ ସାରିଥାଏ । ଫଳରେ ସମଗ୍ର ଭାରତବର୍ଷରେ ଏହି କ୍ଷେତ୍ର ପୁଣ୍ୟତମ ତୀର୍ଥ ଭାବରେ ପ୍ରତିଷ୍ଠାଲାଭ ମଧ୍ୟ କରି ସାରିଥିଲା । ଏହି ଗ୍ରନ୍ଥରୁ ସ୍ପଷ୍ଟ ଭାବରେ ଜଣାଯାଏ ଯେ, ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ପୂଜା ପୂର୍ବରୁ ବିଷ୍ଣୁଙ୍କର ଅନ୍ୟତମ ଅବତାର ନୃସିଂହଙ୍କର ଉପାସନା ପ୍ରଚଳିତ ଥିଲା । ଏହି ପୁରାଣରୁ ପୁରୁଷୋତ୍ତମ ମହାତ୍ମ୍ୟରେ ନୃସିଂହ ଓ ଜଗନ୍ନାଥଙ୍କୁ ଅଭିନ୍ନ ବୋଲି ଉଲ୍ଲେଖ କରାଯାଇଛି । ବିଭିନ୍ନ ପୁରାଣ ଓ କିମ୍ବଦନ୍ତୀ ଉପାଖ୍ୟାନ ଅନୁଯାୟୀ ନୃସିଂହ ହେଉଛନ୍ତି ଏହି କ୍ଷେତ୍ରର ପ୍ରାଚୀନତମ ଦେବତା । ସେହିପରି ନୀଳଗିରି, ନୀଳମାଧବ, ରୋହିଣୀକୁଣ୍ଡ, ବିଶ୍ୱାବସୁ ଶବର, ଇନ୍ଦ୍ରଦ୍ୟୁମ୍ନ ଓ ବିଦ୍ୟାପତି ପ୍ରଭୃତିଙ୍କ ପ୍ରସଙ୍ଗ ରହିଅଛି । ଏହି ମାଧବ ବା ନୀଳମାଧବ ବୈଷ୍ଣବ ଦେବତା ଭାବରେ ପରିକଳ୍ପିତ । ଏଥିରେ ବର୍ଣ୍ଣିତ ବିଶ୍ୱାବସୁ ଶବର ଓ ତା'ର କନ୍ୟା ଲଳିତା ସହିତ ଇନ୍ଦ୍ରଦ୍ୟୁମ୍ନଙ୍କ କୁଳପୁରୋହିତଙ୍କ ଭାଇ ବ୍ରାହ୍ମଣ ବିଦ୍ୟାପତିଙ୍କ ସହିତ ବିବାହ ଘଟଣା ଏକ ଦୃଷ୍ଟି ଆକର୍ଷଣକାରୀ ପ୍ରସଙ୍ଗ ଅଟେ । ଏଥିରେ ଆର୍ଯ୍ୟ ଓ ଅନାର୍ଯ୍ୟ ଶବର ସଂପ୍ରଦାୟର ମଧୁର ମିଳନ ପ୍ରଦର୍ଶିତ ହୋଇଅଛି ।

୧୯. ତନ୍ତ୍ରଯାମଳ, ୧୭ ଖଣ୍ଡ

ଉପର୍ଯ୍ୟୁକ୍ତ ସଂସ୍କୃତ ପୁରାଣ ବ୍ୟତୀତ ଓଡ଼ିଆ ଭାଷାରେ ରଚିତ ପୁରାଣଗୁଡ଼ିକ ସମ୍ପର୍କରେ ମଧ୍ୟ ନିମ୍ନରେ ଆଲୋଚନା କରାଯାଇପାରେ । କାରଣ ଆମ୍ଭେ ସେଥିରୁ ଶ୍ରୀଜଗନ୍ନାଥଙ୍କ ସୃଷ୍ଟିତତ୍ତ୍ୱର ପରିଚୟ ଲାଭ କରିଥାଉ । ଏ ସମ୍ପର୍କରେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ପୁରାଣରେ ସୃଷ୍ଟି ରହସ୍ୟ ଓ ତୀର୍ଥ ମହାତ୍ମ୍ୟ ଅଛି । ଯାସ୍କଙ୍କ ମତାନୁସାରେ, ଯାହା ପ୍ରାଚୀନ କାଳରେ ଘଟିଯାଇଛି, ତାହା ପୁରାଣ । ସଂସ୍କୃତ ପୁରାଣରୁ ଓଡ଼ିଆ ଭାଷାରେ ବହୁ ପୁରାଣର ଅନୁବାଦ ହୋଇଛି । ଏହା ବ୍ୟତୀତ ଅନେକ ମୌଳିକ ପୁରାଣ ମଧ୍ୟ ରହିଅଛି ।[୩୦] ତନ୍ମଧ୍ୟରେ ଶ୍ରୀଜଗନ୍ନାଥଙ୍କୁ ନେଇ ମଧ୍ୟ ଅନେକ ପୁରାଣ ଲେଖାଯାଇଛି ଓ ଲେଖାଯାଉଛି, ତାହାର ଏକ ତାଲିକା ଆମ୍ଭେ ନିମ୍ନରେ ପ୍ରଦାନ କରୁଅଛୁ । ସାମ୍ପ୍ରତିକ ବିଶ୍ୱରେ ଶ୍ରୀଜଗନ୍ନାଥଙ୍କୁ କିପରି ଭିନ୍ନ ଏକ ଦେବତା ରୂପେ ପରିକଳ୍ପନା କରାଯାଇଛି, ସେସବୁର ରୂପରେଖ ଏଥିରୁ ସହଜରେ ଉପଲବ୍ଧ ହୋଇପାରିବ ।

ଓଡ଼ିଆ ପୁରାଣ ସାହିତ୍ୟରେ ଶ୍ରୀଜଗନ୍ନାଥ – ସାରଣୀ ୨

କ୍ର.ନଂ	ପୁରାଣକାରଙ୍କ ନାମ	ଶ୍ରୀଜଗନ୍ନାଥ ଚେତନା ସମ୍ବଳିତ ଓଡ଼ିଆ ପୁରାଣ	ବିଶ୍ୱ ମାନବିକ ମୂଲ୍ୟବୋଧ ଭିତ୍ତିକ ବିଷୟ
୧.	ସାରଳା ଦାସ	ବିଲଙ୍କା ରାମାୟଣ	''ବନ୍ଦଇ ଶ୍ରୀଜଗନ୍ନାଥ କୃପାଜନ ସିନ୍ଧୁ ଅନାଥର ନାଥ ଦୁଃଖୀ ଜନଙ୍କର ବନ୍ଧୁ । ଭକତ ବତ୍ସଳ ତୁମ୍ଭେ ଅଟ ଆଦିମୂଳ ଭକତର ପାଦ ଚିହ୍ନ ବହ ବକ୍ଷସ୍ଥଳ ।''
		ଚଣ୍ଡୀ ପୁରାଣ	''ଜୟ ଜୟ ଜଗନ୍ନାଥ ରାଜୀବ ଲୋଚନ ସର୍ବଜନ ଲୟ ତବ ପାଦ ପଙ୍କଜେନ । ବିକଳ ନୀଳନ୍ଦିବର ପ୍ରାୟ ମୁଖ ଗୋଟି ଅନେକ ଜନ୍ମରେ ତାଙ୍କୁ ଏବେ ଅଛି ଭେଟି ।''
୨.	ବଳରାମ ଦାସ	ଜଗମୋହନ ରାମାୟଣ	''ବନ୍ଦଇ ଜଗନ୍ନାଥ କମଳାର ପତି ନୀଳଗିରି ଶିଖରେ ଅପୂର୍ବ ମୂରତି । ସୁନ୍ଦର ଶ୍ରୀମୁଖ ନୀଳମଣି ଆଭା କି ଜାଣି ପଟାନ୍ତର କମଳାମେଘ ପ୍ରଭା ।''
		ଲିଙ୍ଗ ପୁରାଣ	''ତୁଳା ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମାର ଦିନ ଦେବ ଉତ୍‌ଥାପନ ନାମ ପୂର୍ଣ୍ଣିମାର ନାମ ସେଦିନ ବିଜେ କରିବି ଶ୍ରୀ ନୀଳକନ୍ଦର ବିଶ୍ୱକର୍ମା ରୂପ ଧରି ମିଳିବ ତୋ' ଠାରେ ।''
		ଲକ୍ଷ୍ମୀ ପୁରାଣ	''ଚଣ୍ଡାଳୁ ବ୍ରାହ୍ମଣ ଯାଏ ଖୁଆଖୁଇ ହେବେ ପ୍ରସାଦ ଖାଇଣ ହସ୍ତ ଜଳେ ନ ଧୋଇବେ ହାଡ଼ିର ହସ୍ତୁ ବ୍ରାହ୍ମଣ ଛଡ଼ାଇ ଖାଇବେ ବ୍ରାହ୍ମଣ ଖାଇ ହସ୍ତକୁ ମୁଣ୍ଡରେ ପୋଛିବେ ।''

୩୦. ନନ୍ଦ, ଅମୂଲ୍ୟରତ୍ନ (ପ୍ର-ଓଡ଼ିଆ ପୁରାଣ ସାହିତ୍ୟରେ ଶ୍ରୀଜଗନ୍ନାଥ) ***ଶ୍ରୀଜଗନ୍ନାଥ ଚେତନା ଦୀପ୍ତି ଓ ବ୍ୟାପ୍ତି***, ସମ୍ପା- ଖଗେଶ୍ୱର ମହାପାତ୍ର, ଭୁବନେଶ୍ୱର: ଜ୍ଞାନଯୁଗ ପବ୍ଲିକେଶନ, ପୃ. ୨୮୫-୨୮୬ ।

		ବ୍ରହ୍ମ ପୁରାଣ	''ବିଷ୍ଣୁ ବିଚାରିଲେ ମର୍ତ୍ତ୍ୟେ ହେବି ଅବତାର ସର୍ବଜନମାନେ ପୂଜି ଯିବେକ ନିସ୍ତାର । ଯେତେ ଉପଦ୍ରବ୍ୟମାନ ବିନାଶିବି ମୁହିଁ ସନ୍ଥ ଜନ ପାଳିଣ ଯେ ଦୁଷ୍ଟେ ସଂହାରଇ ।''
		ଏକ ଅଧ୍ୟାୟ ମହାଭାରତ	''ଜୟ ଜୟ ଜଗନ୍ନାଥ ଜାନକୀ ଦେବୀର କାନ୍ତ, ଜଳଧି ତଟେ ପ୍ରକଟ ଶଙ୍ଖନାଭି କଳ୍ପବଟ । ଦାରୁ ରୂପେ ବିଜେ କରି **ବଉଧ** ରୂପ ବହିଛି, କଳିଯୁଗେ ଜଗନ୍ନାଥ ଯୋରୂଢ଼ ରୂପେ ସ୍ଥିତ ।''
୩.	ଜଗନ୍ନାଥ ଦାସ	ଭାଗବତ	''ଆପଣେ ପ୍ରଭୁ ଜଗନ୍ନାଥ, ଦେବକୀ ଗର୍ଭେ ହେଲ ଜାତ । ହୋଇବୁ ଏ ଆମ୍ଭର ସତ୍ୟ, କି କି କହିଲେ ଜଗନ୍ନାଥ । ତୋର ଉଦରେ ଜଗନ୍ନାଥ, ଜଗତ ରଖିବେ ତୋ ସୁତ । ତିନ୍ତିବା ଦେଖି ଜଗନ୍ନାଥ, ଫଣାରେ ଢାଙ୍କିଲା ଅନନ୍ତ ।''
୪.	ଅଚ୍ୟୁତାନନ୍ଦ ଦାସ	ହରିବଂଶ	''ଜଗନ୍ନାଥଙ୍କ ପାଦେ ସର୍ବେ କଲେ ପୂଜା ଗରୁଡ଼ ପିଠିରେ ବିଜେ ସେ ଦେବାଧିରାଜା ।''
୫.	ନୀଳାମ୍ବର ଦାସ	ପଦ୍ମପୁରାଣ	''ବଳଭଦ୍ର ଜଗନ୍ନାଥ ନୀଳାଦ୍ରିୟର ପତି ସୁଭଦ୍ରା ଯେ ସୁଦର୍ଶନ ଚତୁର୍ଦ୍ଧା ମୂରତି ଭକ୍ତି ଭାବେ ଏହାକୁ ଯେ କରନ୍ତି ଦର୍ଶନ କୋଟି କୋଟି ଜନ୍ମ ପାପ କରନ୍ତି ଦହନ ।''
୬.	ଦ୍ୱାରକା ଦାସ	ତ୍ରୟୋଦଶ ସ୍କନ୍ଦ ଭାଗବତ	''ନମଇଁ ପରମ ପୁରୁଷ, ନୀଳ କନ୍ଦରେ ତୋର ବାସ ଯୋଗୀଜନ ରଞ୍ଜିବା ପାଇ, ନିଶ୍ଚଳେ ବସିଛ ଗୋସାଇଁ । ବ୍ରହ୍ମଜ୍ଞାନୀଙ୍କ ଗର୍ବ ଚୂରି, ତେଣୁ ବୋଲାଉ ବ୍ରହ୍ମଚାରୀ ଅଷ୍ଟାଙ୍ଗ ଯୋଗ ସାଧିବାରେ, ନିଶ୍ଚଳ ଆତ୍ମା ଲୟ ଦ୍ୱାରେ ପଚିଶ ପ୍ରକୃତିରୁ ସାଧି, ପଞ୍ଚମନକୁ ହୃଦେ ରୁନ୍ଧି ।''
	''	ଶିବ ପୁରାଣ କ୍ରିୟାଖଣ୍ଡ	''ଦାରୁ ତିନି ଖଣ୍ଡ କଲେ କରେ ଧରି ପ୍ରଥମ ଖଣ୍ଡେ ବଳରାମ ରୂପ ଗଢ଼ି ହରି ମଧ୍ୟମ ଖଣ୍ଡ ଆପଣେ ଜଗନ୍ନାଥ ନିର୍ମାଣି ଶେଷ ଖଣ୍ଡେ ସୁଭଦ୍ରା ସ୍ୱରୂପେ ଚକ୍ରପାଣି ।''
୭	ମହାଦେବ ଦାସ	ନୀଳାଦ୍ରି ମହୋଦୟ	''ଜୟେ ସୁଭଦ୍ରେ ଭଦ୍ରାସନୀ, ସକଳ ଜନେ ଭଦ୍ରାୟନୀ ଭଦ୍ରା ଭଦ୍ର ସ୍ୱରୂପୀ ନିତ୍ୟେ, ହେ ଭଦ୍ରକାଳୀ ନମସ୍ତୁତେ । x x x ଅଭେଦ ଶ୍ରୀହରି ଶରୀରେ, ତୁମ୍ଭେ ହେ ସେହି ପରକାରେ ।''

	,,	ମାର୍କଣ୍ଡେୟ ପୁରାଣ	''ବନ୍ଦଇ ଶ୍ରୀଜଗନ୍ନାଥ ଶଙ୍ଖଚକ୍ର ପାଣି ଅଶେଷ ବ୍ରହ୍ମାଣ୍ଡ କର୍ତ୍ତା ଜନ ଚିନ୍ତାମଣି x x x ଭବଭୟ ନିସ୍ତାରଣ ଯେବଣ ପୁରୁଷ ତାହାର ପ୍ରସନ୍ନେ ମୋର ଦୁଃଖ ଯିବ ନାଶ ।''
	,,	ବିଷ୍ଣୁ କେଶରୀ ପୁରାଣ	''ଏ ଦୋଷରୁ ବିଧାତା ତୁ ସ୍ତିରୀ ରୂପ ହୁଅ ବେନି ପୁରୁଷ ମଧରେ ତୁହି ବସିଥାଅ । ସୁଭଦ୍ରା ନାମ ବହିଣ ନୀଳାଚଳ ବାସେ ବିଷ୍ଣୁ ଦକ୍ଷିଣେ ଅନନ୍ତ ଦେବ ବାମ ପାଶେ ।''
	,,	ଇତିହାସ ପୁରାଣ	''ଜୟ ଜଗନ୍ନାଥ ନିରଞ୍ଜନ ଜୟ ସୁଦାମା ଦାରିଦ୍ର୍ୟ ଭଞ୍ଜନ ଜୟ ଜୟ ହରି ଗଜତାରଣ ଦ୍ରୌପଦୀ ଦେବୀ ଲଜ୍ଜା ନିବାରଣ ।''
୮.	ପୀତାମ୍ବର ଦାସ	ନୃସିଂହ ପୁରାଣ	''ସେହି ଅବତାରରେ ଶେଷେ କଳିଯୁଗେ ଯାଇ ନୀଳଗିରି ଜଗନ୍ନାଥ ବୋଲାଇବି ମୁହିଁ ତୁମ୍ଭେ ଷୋଳ ସହସ୍ରରୁ ଅଧେ କନ୍ୟା ଯିବ ପଣ୍ଡା, ପଡ଼ିଆରୀ, ପଶୁପାଳକ ହୋଇବ । ଚାଙ୍ଗଡ଼ା ମେକାପ ଯେ ଦଇତାପତି ହୋଇ ସେବା ପୂଜା କରୁଥିବ ମୋ ଖଞ୍ଜାରେ ରହି ।''
୯	ବିଶ୍ୱମ୍ଭର ଦାସ	ବିଚିତ୍ର ଭାରତ	''ବୋଇଲେ ହେ ଅର୍ଜ୍ଜନ ଶୁଣ ଏ ପିଣ୍ଡ ଦେହ ନାରାୟଣ ଦାହ ତାହା ନ କରି ଆମ୍ଭର ବୋଲ କର ସିନ୍ଧୁରେ ଦିଅ ଯେ ମେଲିଣ ହେ । କଳିଯୁଗ ପ୍ରବେଶ ଦେଶ ତୀର୍ଥ ପ୍ରଭାସ ଏ କଳ୍ପବଟ ନୀଳଗିରି ଭଦ୍ରା ମୋ ନାମ ହେବ ରହିବୁ ତିନି ଦେବ ଯୋଗମାୟାର ତପ ପୂଜକ ହେ ।
୧୦	ମାଗୁଣି ପଟ୍ଟନାୟକ	ରାମଚନ୍ଦ୍ର ବିହାର ପୁରାଣ	''ଜୟ ଜୟ ଜଗନ୍ନାଥ ବୌଦ୍ଧ ଅବତାର, ପାପୀଙ୍କୁ ଉଦ୍ଧାର କରି ପାଳିବୁ ସଂସାର । ଶ୍ରୀନୀକନ୍ଦରେ ବିଜେ ଚତୁର୍ଦ୍ଧା ମୂରତି, ଦର୍ଶନ ମାତ୍ରକେ ହରେ ଅଶେଷ କୁସୁତି ।''
୧୧	ସୂର୍ଯ୍ୟମଣି ଚ୍ୟାଉ ପଟ୍ଟନାୟକ	ଅଧ୍ୟାତ୍ମ ରାମାୟଣ	''ଜୟ ଜୟ ଜଗନ୍ନାଥ କମଳା ଦେବୀ ଭର୍ତ୍ତା, ଜୟ ଜୟ ଜଗନ୍ନାଥ ପ୍ରଳୟ ସୃଷ୍ଟିକର୍ତ୍ତା ଜୟ ଜୟ ଜଗନ୍ନାଥ ତ୍ରିଭୁବନ ନେତା ଜୟ ଜୟ ଜଗନ୍ନାଥ ନାରକାସୁର ହନ୍ତା ।''

୧୨	କେଶବ ପଟ୍ଟନାୟକ	କେଶବ ରାମାୟଣ	''ଜୟ ଜୟ ଜଗନ୍ନାଥ କମଳା ବଲ୍ଲଭ ଅପୂର୍ବ ମହିମା ସ୍ୱାମୀ ଦେବଙ୍କୁ ଦୁର୍ଲ୍ଲଭ ଦକ୍ଷିଣ ସମୁଦ୍ର ତଟେ ପୁଣ୍ୟ କ୍ଷେତ୍ରବର ବିଜେ କରିଅଛ ହରି ଶ୍ରୀନୀଳକନ୍ଦର ।''
୧୩	ଗୋପାଳ କବି (ତେଲେଙ୍ଗା ଗୋପାଳ)	ଅଧ୍ୟାତ୍ମ ରାମାୟଣ	''ତୋହର ଯଶ ଗୁଣ ନାମ, ବର୍ଣ୍ଣିକି ପାରଇ ନିଗମ ମାନବେ ହୋଇ ଅବତାର, ହରିଲୁ ଅବନୀର ଭାର ରାବଣ ଆଦି ଦୁଷ୍ଟ ଯେତେ, ନାଶିଲୁ ଧର୍ମ ରକ୍ଷା ଅର୍ଥେ ତେଣୁ ତୋ ଅବତାରମାନ, ନମସ୍ତେ ପୁରୁଷୋତ୍ତମ ।''
୧୪.	ଗୌରାଙ୍ଗ ଦାସ	ଦାମୋଦର ପୁରାଣ	''ବନ୍ଦଇ ଶ୍ରୀଜଗନ୍ନାଥ ଅଭୟ ପଦ୍ମହସ୍ତ, ବନ୍ଦଇ ଶ୍ରୀଜଗନ୍ନାଥ ଦେବ ପଦ୍ମନେତ୍ର । ଜୟ ଜୟ ଜଗନ୍ନାଥ ଭକତ ଭାବଗ୍ରାହୀ, ଜୟ ଜୟ ଜଗନ୍ନାଥ ଦାରୁବ୍ରହ୍ମ ଦେହୀ ।''
୧୫	ଦୀନବନ୍ଧୁ	ପତିଭକ୍ତି ପୁରାଣ	''ସେଦିନ ସପତ ଘଡ଼ିରେ, ଶ୍ରୀଜଗନ୍ନାଥ ମନ୍ଦିରେ ଗ୍ରନ୍ଥ ସମ୍ପୂର୍ଣ୍ଣ ସେହିଠାରେ, ଶ୍ରୀଜଗନ୍ନାଥଙ୍କ କୃପାରେ ।''
୧୬	ଶ୍ରୀଜଗନ୍ନାଥ ପାଣି	ମହାଭାରତ ପୁରାଣ	''ନବମେ ବୌଦ୍ଧ ରୂପ ଧରି, ନୀଳ କନ୍ଦରେ ବିଜେ କରି । କୋଟିଏ ତୀର୍ଥ ଘେନି ହରି, ଯହିଁ ଅଛନ୍ତି ବିଜେ କରି ।''
୧୭	କୃଷ୍ଣ ସିଂହ	ମହାଭାରତ ପୁରାଣ	''ଜୟ ଜୟ ଜଗନ୍ନାଥ ନୀଳଗିରି ହରି ହୃଦନ୍ତର-ପାପ କଲୁଷକୁ କ୍ଷୟକାରୀ । କରି ବେନି ବ୍ୟାଜରେ କରକୁ ବିସ୍ତାରି ବସିଛ ପ୍ରଭୁ ପାପ ପଙ୍କରୁ ଉଦ୍ଧରି ।''
୧୮	ଜଗବନ୍ଧୁ ସିଂହ	ଭାରତ ଚରିତାମୃତ	''ଜୟ ଜୟ ଜଗନ୍ନାଥ ଜଗତ ଗୋସାଇଁ ନୀଳାଚଳେ ବିଜେ କରିଅଛ ଲକ୍ଷ୍ମୀସାଇଁ ।''
୧୯	କୃଷ୍ଣ ଚରଣ ପଟ୍ଟନାୟକ	ବାଲ୍ମୀକି ରାମାୟଣ	''ଜୟ ଜୟ ହେ ନୀଳ ଅଚଳ ବିହାରୀ, ଜୟ ଜୟ ହେ କମଳା ବିଳାସ ଲୀଳା ଘାରି । ପତିତଙ୍କୁ ତାରିବା ମାନସେ ବିଚାରି, ଲବଣ ସିନ୍ଧୁ ତୀରେ ବସିଅଛୁ ହରି ।''
୨୦	ନକୁଳାନନ୍ଦ ଦାସ	ଶ୍ରୀଜଗନ୍ନାଥ ପୁରାଣ (ବୌଦ୍ଧ ପୁରାଣ)	''ଅଧରାମୃତ ନାମକ ଏ ଦିବ୍ୟ ପଦାର୍ଥ, ନିରିମାଲ୍ୟ କଇବଲ୍ୟ ସର୍ବ ଅଧରାମୃତ । ନିଜେ ନିଜ ଧରା-ମୃତ ନିଜର ପାଳିତ, କେ କା ଉଚ୍ଛିଷ୍ଟ ସେବଇ ଏ ଉତ୍ତମ ମତ । ଏହି ସ ର୍ବ ସମଜ୍ଞାନେ ଯେ ପାଳନ ହୋଇ, ଏ ଅଟଇ ବଉଦ୍ଧ ଧର୍ମ ଭିନ୍ନ ନୋହେ କେହି ।''

୨୧	ନକୁଳ ଚନ୍ଦ୍ର ଦାସ	ଟୀକା-କଂସାରୀ ପୁରାଣ	''ସତ୍ୟ ତ୍ରେତୟାରେ ବୈଶ୍ୟ ଜାତି, ଭାବେ ସମାଜେ ପରିଚିତ । ଦ୍ୱାପରେ ବ୍ୟବସାୟୀ ଭାବ, ଶିଳ୍ପାଦିକ୍ରମେ ଚଳେ ନାବ । କଳିରେ ତାମରା ବିଶୋଇ, ଜଗନ୍ନାଥଙ୍କ ସେବା ପାଇଁ ।''
୨୨.	ବୈଷ୍ଣବ ଚରଣ ଦାସ	ଜଗନ୍ନାଥ ପୁରାଣ	''ଚତୁର୍ଭୁଜ ଶଙ୍ଖ ଚକ୍ର ଗଦା ପଦ୍ମ ଧାରୀ, ହୃଦୟେ କୌସ୍ତୁଭ କୋଟି ରବି ଜିଣି କରି ।''
	''	ମତ୍ସ୍ୟ ପୁରାଣ	''ଜୟ ଜୟ ଜଗନ୍ନାଥ ନୀଳଗିରି ବାସୀ, ଜୟ ଜୟ ମହାବାହୁ ବିମଳା ବିଳାସୀ । ଜୟ ଶରଣ-ରକ୍ଷଣ ଭକତଙ୍କ ବନ୍ଧୁ, ଜୟ ଶଙ୍ଖାରି ଶ୍ରୀହରିଦେବ କୃପାସିନ୍ଧୁ ।''
୨୩	ବାସୁଦେବ ନାୟକ	କଲ୍‌କୀ ପୁରାଣ	''ସ୍ୱୟଂ ନାରାୟଣ ସିନା ଜଗତର ନାଥ, ଦୁଷ୍ଟ ଦଳି ସନ୍ଥ ପାଳି ରଖନ୍ତି ଜଗତ । ପତିତ ପାବନ ହରି ଅଗତିର ଗତି, ପରମ ଦୟାଳୁ ଯେ ଅଟନ୍ତି ଶିରୀପତି ।''
୨୪	କ୍ଷେତ୍ର ମୋହନ ପ୍ରଧାନ	କଲ୍‌କୀ ପୁରାଣ	''ନମସ୍ତେ ନମସ୍ତେ ଦେବ ପତିତପାବନ, ନମସ୍ତେ ନମସ୍ତେ ଦେବ ବିଘ୍ନ ବିନାଶନ । ନମସ୍ତେ ନମସ୍ତେ ଦେବ ବିପଦ ବାରଣ, ନମସ୍ତେ ନମସ୍ତେ ଦେବ ପତିତ ତାରଣ ।''
	''	ନାରଦ ପୁରାଣ	''ବନ୍ଦଇ ଶ୍ରୀଜଗନ୍ନାଥ ପତିତପାବନ, ବନ୍ଦଇ ଶ୍ରୀଜଗନ୍ନାଥ ଲକ୍ଷ୍ମୀ ପ୍ରାଣଧନ । ବନ୍ଦଇ ଶ୍ରୀଜଗନ୍ନାଥ ଅଗତିର ଗତି, ବନ୍ଦଇ ଶ୍ରୀଜଗନ୍ନାଥ ବଉଦ୍ଧ ମୂରତି ।''
	''	ବ୍ରହ୍ମ ପୁରାଣ	''ବନ୍ଦଇ ଶ୍ରୀଜଗନ୍ନାଥ ଜଗତ ଜୀବନ, ବନ୍ଦଇ ଶ୍ରୀଜଗନ୍ନାଥ ପତିତପାବନ । ବନ୍ଦଇ ଶ୍ରୀଜଗନ୍ନାଥ ନୀଳାଦ୍ରି ବିହାରୀ, ବନ୍ଦଇ ଶ୍ରୀଜଗନ୍ନାଥ ଦୁଃଖ ଦୁଃଖିହାରୀ ।''
	''	ମହାବିଷ୍ଣୁ ପୁରାଣ	''ହେ ପ୍ରଭୁ କମଳାକାନ୍ତ ଅଭୟ ବରଦ, ହେ ହରି ଗରୁଡ଼ ଧ୍ୱଜ ପ୍ରଭୁ ଆଦିକନ୍ଦ । ରକ୍ଷାକର ରକ୍ଷାକର ପତିତ ପାବନ, ରକ୍ଷାକର ରକ୍ଷାକର ପ୍ରଭୁ ଜନାର୍ଦ୍ଦନ ।''

	’’	ଶ୍ରୀ ଜଗନ୍ନାଥ ପୁରାଣ ଓ ଶ୍ରୀ ପୁରୁଷୋତ୍ତମ ମହାତ୍ମ୍ୟ ପୁରାଣ	‘‘ନମୋ ନମୋ ଜଗନ୍ନାଥ ଜଗତ ଜୀବନ, ନମୋ ନମୋ ଜଗନ୍ନାଥ ଲକ୍ଷ୍ମୀ ପ୍ରାଣଧନ । ନମୋ ନମୋ ଜଗନ୍ନାଥ ଅଗତିର ଗତି, ନମୋ ନମୋ ଜଗନ୍ନାଥ ବଉଦ୍ଧ ମୂରତି ।’’
	’’	ଅଗ୍ନି ପୁରାଣ	‘‘ଜଗନ୍ନାଥ ପ୍ରବେଶିଲେ ସେ ବୃକ୍ଷର କତି, ନରଙ୍କ ମସ୍ତକ ବଳି ପକାଇଲା ମତି । ସେହି କାଳେ ଶ୍ରୀଗୋବିନ୍ଦ ଆପଣା ବଦନୁ, ଅଗ୍ନିଜାତ କରି ଦହିଦେଲେ କଳି ତନୁ ।’’
	’’	ଆଦିବାସୀ ହରିଜନ ପୁରାଣ	‘‘ବନ୍ଦଇ ଶ୍ରୀଜଗନ୍ନାଥ ନୀଳାଦ୍ରି ବିହାରୀ, ବନ୍ଦଇ ଶ୍ରୀଜଗନ୍ନାଥ ଶଙ୍ଖଚକ୍ରଧାରୀ । ବନ୍ଦଇ ଶ୍ରୀଜଗନ୍ନାଥ ପତିତପାବନ, ବନ୍ଦଇ ଶ୍ରୀଜଗନ୍ନାଥ ଲକ୍ଷ୍ମୀ ପ୍ରାଣଧନ ।’’
୨୫	ଶ୍ରୀ ରାଜେନ୍ଦ୍ର ସାମନ୍ତରାୟ	ଦାମୋଦର ପୁରାଣ	‘‘ଜୟ ଜୟ ଯୁଗ ନବକଳେବର, ନୀଳଚକ୍ର ତଳ ଦେଉଳାଧୀଶ୍ୱର । ଜୟ ହେ ଭାଲୁଣୀ ବଦନ ସୁନ୍ଦର, ଚାଲୁଣୀ ନୟନେ ଦେଖ ଚରାଚର ।’’
୨୬	ନାରାୟଣ ଦାସ	ଖଣ୍ଡିକିଆ ହରିବଂଶ	‘‘ବଉଦ୍ଧ ରୂପରେ କରି ଚତୁର୍ଦ୍ଧାବତାର, ବିଜୟ କଲ ଯାଇଣ ଶ୍ରୀନୀଳକନ୍ଦର । ତାହାଙ୍କ ଶରଣ ଲାଭ ସମସ୍ତେ ବାଞ୍ଛନ୍ତେ, ଏହିପରି ସଂସାରରୁ ସେହି ଉଦ୍ଧରନ୍ତେ ।’’
୨୭	ଅର୍ଜୁନ ବାରିକ	ପର୍ଶୁରାମ ପୁରାଣ	‘‘ଜୟ ଜୟ ଜଗନ୍ନାଥ କମଳଲୋଚନ, ଜୟ ଜଗନ୍ନାଥ କଲୁଷ ମୋଚନ । x x x ନାମ ଶ୍ରୀପୁରୁଷୋତ୍ତମ ପୁରୁଷ ଉତ୍ତମ, ବିଜୟରୁ ଯେଉଁ କ୍ଷିତି ମୁକତିର ଧାମ ।’’
	’’	ଶ୍ରୀ ରଘୁନାଥ ପୁରାଣ	‘‘ପବିତ୍ର ଭାରତବର୍ଷେ ପ୍ରଦେଶ ଉତ୍କଳ, ବିଜୟ ଶ୍ରୀଜଗନ୍ନାଥ ନୀଳାଚଳ ଚୂଳ । ଅଶେଷ ମହିମା କ୍ଷେତ୍ର ଶ୍ରୀପୁରୁଷୋତ୍ତମ, ଅତ୍ୟନ୍ତ ବିଚିତ୍ର ପାପୀ ମୋକ୍ଷଣର ଭାବ ।’’
୨୮	ଇନ୍ଦ୍ରମଣି ସାହୁ	ଟୀକା ରାମାୟଣ	‘‘ଜୟ ଜୟ ଶ୍ରୀକୃଷ୍ଣ ମହାମେରୁ, ନୀଳଗିରି ସିଂହାସନେ ବିଜେ ହରି କରୁ । ଜୟ ଜୟ ଜଗନ୍ନାଥ ପଡ଼ି ତୁ ଦିଅନ୍ତ, ତୁମ୍ଭ ବିକ୍ରମରେ କେହି ନାହିଁ ଯେ ରଖନ୍ତ ।’’

୨୯	କବି ବିଷ୍ଣୁ	ସତୀ ଅନୁସୂୟା ପୁରାଣ	''ଏ କଳି ଯୁଗେ ହେଲ କଲ୍କୀ ଅବତାର, ଭାରା ବିନାଶିବେ ପ୍ରଭୁ ଜଗତ ଠାକୁର ।''
୩୦	ଶ୍ରୀଜଗନ୍ନାଥ ମହାବିଷ୍ଣୁ	ଦାନବୀର ହରିଶ୍ଚନ୍ଦ୍ର ପୁରାଣ	''ମହାପ୍ରଳୟ କାଳରେ କଳ୍ପବଟରେ, ବିନ୍ଦୁ ରୂପ ଧରିଥାଅ ପ୍ରଳୟ ଜଳରେ । ତେତ୍ରିଶ କୋଟି ଦେବତା ଥାନ୍ତି ତବ ଦେହେ, ମହାବିଷ୍ଣୁ ବୋଲି କରି ପୁରାଣଟି କହେ ।''
୩୧	ମାଧବ ଦାସ	ମୋକ୍ଷ ପୁରାଣ	''ଜୟ ଜୟ ଜଗନ୍ନାଥ ଜଗତ କରଣ, ଜୟ ଜୟ ମହାପ୍ରଭୁ ଦେବ ଦାମୋଦର ଜୟ ଜୟ ନାରାୟଣ ଶଙ୍ଖଚକ୍ର ଧର । ଜୟ ଜୟ ଦୀନବନ୍ଧୁ ଆରତ ଭଞ୍ଜନ, ଜୟ ଜୟ ମହାପ୍ରଭୁ ଗରବ ଗଞ୍ଜନ ।''
୩୨	ନାକମୁଦିଆ ପାଲ	ଅଲେଖ ପୁରାଣ	''ପ୍ରବୃଦ୍ଧ ଯେ ବୁଦ୍ଧ ରୂପ ହେଲ ଗୁରୁସ୍ୱାମୀ, ଆବିର୍ଭାବ ହେଲେ ସେ ଆସିଣ ମର୍ତ୍ତ୍ୟଭୂମି । ସତ୍ୟ ମହିମା ଧରମ କଲେ ପରକାଶି, ଆଶ୍ରିତ ହୋଇ ରହିଲେ ଭକତ ସନ୍ନ୍ୟାସୀ ।''
	''	କାର୍ତ୍ତିକେୟ ପୁରାଣ	''ନମଇ କରୁଣା ସିନ୍ଧୁ ଭକ୍ତତ ସୋଦର, ଅଶେଷ ଜଗତନାଥ ପ୍ରଭୁ ବିଶ୍ୱେଶ୍ୱର । ଜଗତଜନ ବନ୍ଦନ ଭକ୍ତଜନ ବନ୍ଧୁ, ଶରଣ ରକ୍ଷଣ ଦୀନଜନ କୃପାସିନ୍ଧୁ ।''
୩୩	ଶ୍ରୀ ବୁଦ୍ଧିମନ୍ତ ପୁହାଣ	ଶନିଶ୍ଚର ମହାପୁରାଣ	''କହନ୍ତି ଜଗତନାଥ ଶୁଣ ସତ୍ୟଭାମା, ବୁଝାଇ କହୁଛି ସର୍ବଗୁଣର ଲଳନା ।''
	''	ତୁଳସୀ ଦେବୀ ପୁରାଣ	''ଜୟ ଜୟ ଜଗନ୍ନାଥ ଜଗତ ଠାକୁର, ଜୟ ଜୟ ଜଗନ୍ନାଥ ଦାରୁ ଅବତାର । x x x ଜୟ ଜୟ ଜଗନ୍ନାଥ ଦୁଃଖୀଜନ ବନ୍ଧୁ, ପତିତଜନ, ତାରିଣ ନାମ କୃପାସିନ୍ଧୁ ।''
	''	ବୃହତ ବଳରାମ ପୁରାଣ	''ବୌଦ୍ଧ ଅବତାରରେ ବିଜେ ଶ୍ରୀନୀଳକନ୍ଦର, କଲ୍କୀ ଅବତାର ହେଲ କଲ୍କୀ ଶେଷରେ । ମେଳଚ୍ଛ ପତିତ ଜନ କରିବ ଉଦ୍ଧାର, ହୋଇଥିଲ କାରଣ ଦଶ ଅବତାର ।''
	''	ଖୁଲଣା ସୁନ୍ଦରୀ ପୁରାଣ	''ଜୟ ଜୟ ଜଗନ୍ନାଥ ଲକ୍ଷ୍ମୀଙ୍କର ପତି, ନୀଳଗିରି ନାଥ ପ୍ରଭୁ ଅନନ୍ତ ମୂରତି ।''

	’’	କଳିଯୁଗ ପୁରାଣ	‘‘ଜୟ ଜୟ ଜଗନ୍ନାଥ ଜଗତ ଜୀବନ, ଜୟ ଜୟ ଜଗନ୍ନାଥ କମଳା ରମଣ । ଦାରୁବ୍ରହ୍ମ ପାଦପଦ୍ମେ ଦେଇ ପଞ୍ଚମନ, ଶ୍ରୀପଦେ ରଖିବ ମୋତେ ଜଗତ ତାରଣ ।’’
	’’	ଶ୍ରୀ ଶ୍ରୀ ଧବଳେଶ୍ୱର ମହାପୁରାଣ	‘‘ତୁମ୍ଭେ ଜଗନ୍ନାଥ ପ୍ରଭୁ ନୀଳାଦ୍ରି ମଣ୍ଡନ, ଭକତ ସୋଦର ତୁମ୍ଭେ ବନ୍ଧୁ ଭକତର ଜୟ ଜୟ ଜଗନ୍ନାଥ ଜଗତ ଠାକୁର ।’’
୩୪	ଚନ୍ଦ୍ରଶେଖର ନନ୍ଦଶର୍ମା	ତ୍ରିନାଥ ପୁରାଣ	‘‘ଶେଷରେ ଏ କଳିଯୁଗେ ବୌଦ୍ଧ ଅବତାର, ରହିଛି ଯେ ଦାରୁବ୍ରହ୍ମ ରୂପରେ ଠାକୁର । କଳି କଲୁଷ ନାଶନ କରିବ ନିଶ୍ଚୟ, ଜାଣିଅଛି ଏ ବାରଣ ପ୍ରଭୁ ଦୟାମୟ ।’’
	’’	ଶ୍ରୀ ଗାୟତ୍ରୀ ପୁରାଣ	‘‘ସୃଷ୍ଟିର ଆଧାର ତୁମେ ଅଟହେ ଠାକୁର, ଉତ୍କଳରେ କଳିକାଳେ ବୌଦ୍ଧ ଅବତାର । ପ୍ରଭୁ ବୌଦ୍ଧ ଅବତାର ଅଟ ଜଗନ୍ନାଥ, ଦୀନଜନ ତାରୁଅଛ ଏହା ଅଟେ ସତ୍ୟ ।’’
୩୫	ଶ୍ରୀ ହରି ଦାସ	ମହାଲକ୍ଷ୍ମୀ ପୁରାଣ	‘‘ବ୍ରାହ୍ମଣ ଚଣ୍ଡାଳ ମିଶି ଏକତ୍ର ଖାଇବେ, ଭୋଜନାନ୍ତେ ହସ୍ତ କେହୁ ଜନେ ନ ଧୋଇବେ । କି ବ୍ରାହ୍ମଣ କି ଚାଣ୍ଡାଳ ସାରିଣ ଭୋଜନ, ମୁଣ୍ଡରେ ପୋଛିବ ହୋଇ ଆନନ୍ଦିତ ମନ ।’’
୩୬	ଗୋପୀନାଥ କରଶର୍ମା	ପଦ୍ମ ପୁରାଣ	‘‘ନୀଳ ଶଇଳ ନିବାସୀ ଚତୁର୍ଦ୍ଧା ମୂରତି, ତାହାଙ୍କ ପାଦପଦ୍ମରେ କରିଣ ପ୍ରଣତି ।’’
୩୭	ପଣ୍ଡିତ ଗୋପୀନାଥ କର	କୂର୍ମ ପୁରାଣ	‘‘ଜୟ ତୁ ଜଗନ୍ନାଥ କମଳାର ପତି, ଜୟ ଅଚ୍ୟୁତ ଗୋବିନ୍ଦ ମାଧବ ଶ୍ରୀପତି । ଅନନ୍ତ କେଶବ କୃଷ୍ଣ ବିଷ୍ଣୁ ହୃଷୀକେଶ, ନମସ୍ତେ ନମସ୍ତେ ପ୍ରଭୁ ପୁରାଣ ପୁରୁଷ ।’’
୩୮	ଅଧିକାରୀ ଗୌରାଙ୍ଗ ଚରଣ ଦାସ	କଳ୍ପବଟ ପୁରାଣ	‘‘ବନ୍ଦଇ ଶ୍ରୀଜଗନ୍ନାଥ ନୀଳାଚଳ ନାଥ, ବନ୍ଦଇ ଶ୍ରୀଜଗନ୍ନାଥ ଅଯୋନି ସମ୍ଭୂତ । ବନ୍ଦଇ ଶ୍ରୀଜଗନ୍ନାଥ ଅଗତିର ଗତି, ବନ୍ଦଇ ଶ୍ରୀଜଗନ୍ନାଥ ବଉଦ୍ଧ ମୂରତି ।’’
୩୯	ଶ୍ରୀ ଭଗବାନ ଦାସ	ବିଶ୍ୱାମିତ୍ର ପୁରାଣ	‘‘ଜୟ ଜୟ ଜଗନ୍ନାଥ ନୀଳାଦ୍ରି ବିହାରୀ, ଜୟ ଜୟ ଜଗନ୍ନାଥ ଶଙ୍ଖଚକ୍ରଧାରୀ । ଜୟ ଜୟ ଜଗନ୍ନାଥ ଜଗତ ବନ୍ଦନ, ଜୟ ଜୟ ଜଗନ୍ନାଥ ଗରୁଡ଼ ଆସନ ।’’

୪୦	ଗୋପୀନାଥ ଦାସ	ଟୀକା ମହାଭାରତ	‘‘ଇନ୍ଦ୍ରଦ୍ୟୁମ୍ନ ଶ୍ରୀକ୍ଷେତ୍ରେ ଦେଉଳ ତୋଳାଇଲେ, ବାସ ରୂପେ ସେ ଦେଉଳେ ପ୍ରଭୁ ବିଜେ କଲେ । ଶ୍ରୀନୀଳଗିରି ଶେଖରେ କରିଲେ ବସତି, ହରି ବଳରାମ ଭଦ୍ରା ଏ ତିନି ମୂରତି ।’’
	’’	ବାମନ ପୁରାଣ	‘‘ଜୟ ଜୟ ଜଗନ୍ନାଥ ଅନାଥର ନାଥ, ଜୟ ଜୟ ଜଗନ୍ନାଥ ଶଙ୍ଖଚକ୍ର ହସ୍ତ । ଜୟ ଜୟ ଦୁଃଖୀ ଦୁଃଖ ହର, ଜୟ ଜୟ ଜଗନ୍ନାଥ କରୁଣା ସାଗର ।’’
୪୧	’’	ସୂର୍ଯ୍ୟ ପୁରାଣ	‘‘ଜୟ ଜୟ ଜଗନ୍ନାଥ ତ୍ରଇଲୋକନାଥ, ଜୟ ଜୟ ଜଗନ୍ନାଥ ଲକ୍ଷ୍ମୀଦେବୀ କାନ୍ତ । ଜୟ ଜୟ ଜଗନ୍ନାଥ ଅବ୍ୟୟ ଅଚ୍ୟୁତ, ଜୟ ଜୟ ଜଗନ୍ନାଥ ନୀଳଗିରି ନାଥ ।’’
୪୨	ତ୍ରିନାଥ ପଟ୍ଟନାୟକ	ମା’ ମଙ୍ଗଳା ପୁରାଣ	‘‘ଜୟ ଜୟ ଜଗନ୍ନାଥ ନୀଳାଚଳବାସୀ, ଦାରୁରୂପୀ ପରାତ୍ପର ପ୍ରଭୁ ବ୍ରହ୍ମରାଶି । ସର୍ବ ଆତ୍ମା ବିହାରି ହେ ବାଞ୍ଛା କଳ୍ପତର, ଭକ୍ତଜନ ପ୍ରିୟଦେବ ଭକ୍ତ କ୍ଳେଶ ହରୁ ।’’
୪୩	ହରେକୃଷ୍ଣ ଦାସ	ସର୍ବ ଦେବବେଦୀ ପୁରାଣ (ଉତ୍କଳ ମହାତ୍ମ୍ୟ)	‘‘ଜୟ ଜୟ ଜଗନ୍ନାଥ ନୀଳାଦ୍ରିବିହାରୀ, ଜୟ ଜୟ ଦାରୁବ୍ରହ୍ମ ଶଙ୍ଖଚକ୍ରଧାରୀ । ଜୟ ଜୟ ଜଗବନ୍ଧୁ ଭକତ ବତ୍ସଳ, ଜୟ ଜୟ ହୃଷିକେଶ ଦୟାର ସାଗର ।’’
୪୪	କୁଳମଣି ପାଣି	ଗାନ୍ଧୀ ପୁରାଣ	‘‘ବିଶ୍ୱ ବିମୋହନ ମୂର୍ତ୍ତି ଜଗତର ନାଥ, ଜୟ ଜୟ ନୀଳାଦ୍ରିବିହାରୀ ଲକ୍ଷ୍ମୀକାନ୍ତ । ଅଖିଳ ସଂସାର ନାଥ ପୁରୁଷ ଉତ୍ତମ, ନରସିଂହ ନରହରି ଦେବ ନରୋତ୍ତମ ।’’
୪୫	ହରିହର ଦାସ	ଚନ୍ଦ୍ର ପୁରାଣ	‘‘ଜୟ ଜୟ ଜଗନ୍ନାଥ ଶ୍ରୀଚକାନୟନ, ଜୟ ଜୟ ଜଗନ୍ନାଥ ଆରତ ଭଞ୍ଜନ । x x x ପୁରାଣ ପୁରୁଷ ଆହେ ଅନ୍ତର୍ଯ୍ୟାମୀ ହରି, ଲୀଳା ଭାବେ କୌତୁକରେ ମର୍ତ୍ତ୍ୟେ ଅବତରି ।’’
୪୬	ବିପ୍ର ବାସୁଦେବ	ଗଣେଶ ପୁରାଣ	‘‘ସେହି ତରୁ ହୋଇଲାଟି କଳ୍ପତରୁ ହୋଇ, ନୀଳାଦ୍ରି ବୈକୁଣ୍ଠେ ସର୍ବେ ଦରଶନ ପାଇଁ ।’’

୪୭	ଧବଳେଶ୍ୱ ସାହୁ	ଶ୍ରୀ ଶାରଳା ମହାପୁରାଣ	''ଜୟ ଜୟ ଜଗନ୍ନାଥ ଜଗତ ଜୀବନ, ତବ ଅଭୟ ପାଦରେ କରଇ ବନ୍ଦନ । ତୁମ୍ଭେ ବିଶ୍ୱ ବିନାଶନ କରୁଣା ସାଗର, ତବଠାରୁ ସବୁ ସୃଷ୍ଟି ହୋଇଛି ତିଆର ।''
୪୮	ବିଶ୍ୱନାଥ ମହାପାତ୍ର	ଏକାମ୍ର ପୁରାଣ	''ଶ୍ରୀପୁରୁଷୋତ୍ତମ ହୃଦେ ଚିନ୍ତି ନାରାୟଣ, ସରସ୍ୱତୀ ପାଦପଦ୍ମ କରଇ ବନ୍ଦନ ।''
୪୯	ଆର୍ତ୍ତତ୍ରାଣ ଦାସ	ଗରୁଡ଼ ପୁରାଣ	''ଜୟ ଜୟ ଜଗନ୍ନାଥ ପତିତପାବନ, ଜୟ ଜୟ ଜଗନ୍ନାଥ ଲକ୍ଷ୍ମୀ ପ୍ରାଣଧନ । ଜୟ ଜୟ ଜଗନ୍ନାଥ ଦୀନଜନ ବନ୍ଧୁ, ଜୟ ଜୟ ଜଗନ୍ନାଥ ହେ କରୁଣା ସିନ୍ଧୁ ।''
୫୦	ରତ୍ନାକର ଶର୍ମା	ଆନନ୍ଦ ରାମାୟଣ	''ଜୟ ଜୟ ଜଗନ୍ନାଥ ନୀଳାଦ୍ରିବିହାରୀ, ବିହାରେ ମରତ କରି ବଇକୁଣ୍ଠ ପୁରୀ । ବ୍ରହ୍ମାଦି ଦେବତାଗଣ ପ୍ରତ୍ୟେହ ଆସିଣ, କରୁଛନ୍ତି ଏହି ଠାବେ ତୋ ପୂଜା ବନ୍ଦନ । ଦାରୁବ୍ରହ୍ମ ସନାତନ ଭକ୍ତଜନ ହିତେ, ସ୍ୱୟଂ ଆବିର୍ଭୂତ ପ୍ରଭୁ ହୋଇଲ ମରତେ ।''
୫୧	ଭାଗବତ ପ୍ରସାଦ ଦାସ	ବାଲ୍ମୀକି ରାମାୟଣ	''ଜୟ ହେ ଜଗତନାଥ ଦୀନଜନ ବନ୍ଧୁ, ଅରକ୍ଷ ରକ୍ଷଣକାରୀ ଜୟ କୃପାସିନ୍ଧୁ । ଭକ୍ତକୁ ତାରିବା ପାଇଁ ଜଳନିଧି କୂଳେ, ବୌଦ୍ଧ ରୂପ ଧରି ଅଛ ବସି ନୀଳାଚଳେ ।''
୫୨	ଶ୍ରୀ ମୋହନ ଚରଣ ଦାସ	ବୃହତ୍ ବାଲ୍ମୀକି ରାମାୟଣ	''ଜୟ ନୀଳାଦ୍ରିବିହାରୀ ଶଙ୍ଖଚକ୍ରଧାରୀ, ଦୈତ୍ୟନାଶନ ନାମ ଦେବ ଦଇତାରି । ମହୋଦଧି କୂଳେ ଦେବ ବିଜେ କରିଅଛ, ବଡ଼ ଦେଉଳ ତରେ ବଡ଼ ଦିଅଁ ବୋଲାଉଛ ।''
୫୩	ହରିହର ମିଶ୍ର	ସ୍କନ୍ଦ ପୁରାଣ (ଉତ୍କଳ ଖଣ୍ଡ)	''ଜୟ ଜୟ ଜଗନ୍ନାଥ କରୁଣା ସାଗର, ଭକ୍ତ ବାଞ୍ଛା କଳ୍ପତରୁ କରୁଣା ସାଗର । ଦୀନବନ୍ଧୁ କୃପାସିନ୍ଧୁ ସିନ୍ଧୁସୁତା ବନ୍ଧୁ, ଦାରୁବ୍ରହ୍ମ ସ୍ୱରୂପ ହେ ଭକ୍ତଜନ ବନ୍ଧୁ ।''
୫୪	କାମପାଳ ଦ୍ୱିଜ	ବରାହ ପୁରାଣ	''ଜୟ ଜୟ ଜଗନ୍ନାଥ କରୁଣା ସାଗର, ଜୟ ତୁମ୍ଭେ ଜଗନ୍ନାଥ ଜଗତ ଉଦ୍ଧାର ଜୟ ଜୟ ଜଗନ୍ନାଥ ବରାହ ମୂରତି, ଜୟ ତୁମ୍ଭେ ଜଗନ୍ନାଥ ପୃଥୀ କଲ ସ୍ଥିତି ।''

	,,	ମତ୍ସ୍ୟ ପୁରାଣ	''ନମସ୍ତେ ହେ ଜଗନ୍ନାଥ ପରଂବ୍ରହ୍ମ ମୂର୍ତ୍ତି, ନବରତ୍ନରେ ଜଡ଼ିତ ଅଙ୍ଗ ମେଘ କାନ୍ତି । ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରେ ବିଜେ ଦେବ ହରି, ବ୍ରହ୍ମା ସୃଜିଲେ ଏହାକୁ ଶଙ୍ଖନାଭି କରି ।''
୫୫	ଗଙ୍ଗାଧର ପାଣି	ଭବିଷ୍ୟ ପୁରାଣ	''ନୀଳ କନ୍ଦରରେ ବିଜେ ବ୍ରହ୍ମାଣ୍ଡ ଗୋସାଇଁ, ସେ ନୀଳ କନ୍ଦରରେ ବସି ଲୀଳା ଭିଆଇଲେ, ମଉନେ ବସିଣ ସବୁ ଅନ୍ତର ଜାଣିଲେ ।''
୫୬	ନବକିଶୋର ମହାପାତ୍ର	ଶ୍ରୀବତ୍ସ ପୁରାଣ	''ଜୟ ଜୟ ଜଗନ୍ନାଥ ଶ୍ରୀବତ୍ସ ଲାଞ୍ଛନ, ଅଙ୍ଗେ ମୋହେ କଉସ୍ତୁଭ କରେ ସୁଦର୍ଶନ ।''
୫୭	ରତ୍ନାକର ଗର୍ଗବଟୁ	ସ୍କନ୍ଦ ପୁରାଣ (ବିଷ୍ଣୁ ଖଣ୍ଡ)	''ଜୟ ଜୟ ଜଗନ୍ନାଥ ଶଙ୍ଖଚକ୍ର ହସ୍ତ, ଜୟ ଜୟ ଜଗନ୍ନାଥ ଲକ୍ଷ୍ମୀ ଦେବୀ କାନ୍ତ ।''
	,,	ବାଲ୍ମୀକି ରାମାୟଣ	''ଜୟ ହେ ଜଗତନାଥ ଦୀନଜନ ବନ୍ଧୁ, ଅରକ୍ଷଣ ରକ୍ଷଣକାରୀ ତୁମେ କୃପାସିନ୍ଧୁ । ଭକ୍ତଙ୍କୁ ତାରିବା ପାଇଁ ବାରାନିଧି କୂଳେ, ବୌଦ୍ଧରୂପ ଧରିଅଛ ବସି ନୀଳାଚଳେ ।''
୫୮	ଶରତ ଚନ୍ଦ୍ର ପଣ୍ଡା	ଅଦ୍ଭୁତ ରାମାୟଣ	''ଶ୍ରୀଜଗନ୍ନାଥ ଦେବୋତ୍ତମ, ପୁରୁଷୋତ୍ତମ ଯାର ନାମ ।''
୫୯	ବିଦ୍ୟାଧର ସାହୁ	ସାରଳା ମହାଭାରତ	''ଜୟ ତୁ ଜଗନ୍ନାଥ ଦେବ ନରହରି, ଜୟ ତୁ ଶ୍ରୀ ମାୟାଧର ଜଗଜ୍ଜନ ବନ୍ଧୁ, ଜୟ ତୁ ମାୟାଧର କୃପାଜଳ ସିନ୍ଧୁ ।''
୬୦	ଦାଶରଥି ଦାସ	ବାମନ ପୁରାଣ	''ଜୟ ଜୟ ଜଗନ୍ନାଥ ଜଗତ କରତା, ଜୟ ଜୟ ଜଗନ୍ନାଥ ଗତି ମୁକ୍ତି ଦାତା । ଜୟ ଜୟ ଜଗନ୍ନାଥ ନୀଳାଦ୍ରି ବିହାରୀ, ଜୟ ଜୟ ଜଗନ୍ନାଥ ଶଙ୍ଖଚକ୍ର ଧାରୀ ।''
୬୧	ବିକ୍ରମଦେବ ବର୍ମା	ତୁଳସୀ ବିକ୍ରମ ରାମାୟଣ	''ଜୟ ଜୟ ଶ୍ରୀମତୀଶ ନିଶ୍ଚଳ ସାଗର, ପରଂବ୍ରହ୍ମ ଜଗଦୀଶ ଚରାଚର ଧାର । ସର୍ବମୟ ସର୍ବଶକ୍ତି ସର୍ବଜ୍ଞ ନିର୍ଗୁଣ, ନିର୍ବିକାର, ନିଷ୍କଳଙ୍କ ନିତ୍ୟ ନିରଞ୍ଜନ ।''
୬୨	ବାରାନିଧି ଦାସ	ବିଲଙ୍କା ରାମାୟଣ	''ବନ୍ଦଇ ଶ୍ରୀଜଗନ୍ନାଥ କୃପାଜଳ ସିନ୍ଧୁ, ଅନାଥର ନାଥ ଦୁଃଖୀଜନଙ୍କର ବନ୍ଧୁ । ଭକତ ବତ୍ସଳ ତୁମ୍ଭେ ଅଟ ଆଦିମୂଳ, ଭକତର ପାଦଚିହ୍ନ ବହ ହୃଦସ୍ଥଳ ।''

୬୩	ବାବାଜୀ ହୃଷିକେଶ ଦାସ	ଚୈତନ୍ୟ ଭାଗବତ	''ସିନ୍ଧୁ ତୀରରେ ବଟମୂଳ, ଯେ ସ୍ଥାନ ନାମ ନୀଳାଚଳ । ଅନନ୍ତ ବ୍ରହ୍ମାଣ୍ଡ ସଂହାର, କରଇ ଯେ ସମୟେ କାଳ ।''
୬୪	ଭୁବନେଶ୍ୱର ମିଶ୍ର	ବାମନ ପୁରାଣ	''ଶ୍ରୀ ପୁରୁଷୋତ୍ତମ ନୀଳାଚଳେ ତୁମ୍ଭର ଖେଳ ବାନା ଉଡ଼ାଇ ଛଇଳ ପ୍ରଭୁ ତାରି ଉତ୍କଳ । ଜୟ ଜୟ ଜଗନ୍ନାଥ ବାଞ୍ଛା କଳ୍ପତରୁ, ବଡ଼ଦ୍ଧ ମାନିଲା ତୋତେ ସବୁଠାରୁ ଗୁରୁ ।''

ଉପର୍ଯ୍ୟୁକ୍ତ ସାରଣୀଦ୍ୱୟକୁ ଆଧାର କରି ମତବ୍ୟକ୍ତ କରାଯାଇପାରେ ଯେ, ବେଦ, ବେଦାନ୍ତ, ଉପନିଷଦ୍, ସଂସ୍କୃତ ଓ ଓଡ଼ିଆ ପୁରାଣ ସାହିତ୍ୟରେ ଶ୍ରୀଜଗନ୍ନାଥଙ୍କ ବର୍ଣ୍ଣନା ଅତି ବିଚିତ୍ର ଶୈଳୀରେ କାନ୍ତ କୋମଳ ଭାଷା ଓ ଶବ୍ଦାବଳୀରେ ପରିପୂର୍ଣ୍ଣ ଥିବା ଲକ୍ଷ୍ୟ କରାଯାଇପାରେ । ସମସ୍ତ ବୈଦିକ ମନୀଷୀ ଓ ପୁରାଣକାର ପୌରାଣିକ ରୀତିରେ ଜଗନ୍ନାଥଙ୍କ ପ୍ରତି ଯେଉଁ ଆନୁଗତ୍ୟ ଓ ଭକ୍ତିପୂର୍ଣ୍ଣ ଭାବାବେଗ ପରିପ୍ରକାଶ କରିଯାଇଛନ୍ତି, ତାହାର ପଟାନ୍ତର ନାହିଁ । ବସ୍ତୁତଃ ଏହି ଗ୍ରନ୍ଥଗୁଡ଼ିକରେ ଶ୍ରୀଜଗନ୍ନାଥଙ୍କ ମାନବିକ ଲୀଳାର ପରିପ୍ରକାଶ ଘଟିଛି । ବିଶ୍ୱ ମାନବିକବୋଧର ବହୁ ଉଦାହରଣ ଏହି ପ୍ରାଚୀନ ଓ ଆଧୁନିକ ଗ୍ରନ୍ଥସମୂହରୁ ଉପଲବ୍ଧ ହୋଇଥାଏ । ଏ ସମସ୍ତରୁ ଶ୍ରୀଜଗନ୍ନାଥଙ୍କ ପ୍ରାଚୀନତ୍ୱ ତଥା ଉତ୍ସ ନିରୂପଣ ସମ୍ପର୍କରେ ଏକ ବିଧିବଦ୍ଧ ପ୍ରମାଣ ମିଳିଥାଏ । ସେ ଯାହାହେଉ, ବର୍ତ୍ତମାନ ଆମ୍ଭେ ନିମ୍ନରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପୂର୍ବରୁ ଓଡ଼ିଶାରେ କୃଷ୍ଣ-ବାସୁଦେବ ଓ ମାଧବ ଉପାସନାର ଯେଉଁ ବିବରଣୀ ମିଳୁଅଛି, ତାହାର ଅନୁଶୀଳନ କରିବାକୁ ଯାଉଅଛୁ । କାରଣ ଶ୍ରୀଜଗନ୍ନାଥଙ୍କ ପ୍ରାମାଣିକତା ବିଚାର କଲାବେଳେ ଅତୀତର ବାସୁଦେବ-ମାଧବ ଓ କୃଷ୍ଣ ଉପାସନା ସମ୍ପର୍କରେ ଅବହିତ ହେବା ଉଚିତ ହେବ ।

ଐତିହାସିକଗଣଙ୍କ ବିଚାରରେ ବାସୁଦେବ-କୃଷ୍ଣ ଉପାସନାର ମୂଳତତ୍ତ୍ୱ :

ଶ୍ରୀଜଗନ୍ନାଥ ଉପାସନା ଇତିହାସ ପାଇଁ କେତେକ ପ୍ରାଚୀନ ଧର୍ମ-ସଂପ୍ରଦାୟର ଇତିହାସର ସାହାଯ୍ୟ ନିଆଯାଇପାରେ । ବୈଷ୍ଣବ ଭାଗବତ ସଂପ୍ରଦାୟର ଇତିହାସ ଶ୍ରୀଜଗନ୍ନାଥଙ୍କ ଉପାସନା ସମ୍ପର୍କରେ ଆକଳନ ଦିଗରେ କିଛି ପରିମାଣରେ ସାହାଯ୍ୟ କରିଥାଏ ।[(୩୧)] ଯଥା -

'ଛାନ୍ଦୋଗ୍ୟ ଉପନିଷଦ୍'ରେ ଭାଗବତ ସଂପ୍ରଦାୟର ଏକ ଶାଖା ହେଉଛି ବାସୁଦେବଙ୍କ ସଂପ୍ରଦାୟ । ଏହାର ରଚନା କାଳ ହେଉଛି ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀ । ଖ୍ରୀ:ପୂ. ୫ମ ଶତାବ୍ଦୀରେ ରଚିତ ପାଣିନିଙ୍କ ଅଷ୍ଟାଧ୍ୟାୟୀରେ ମଧ୍ୟ ଏହି ସଂପ୍ରଦାୟର ନାମୋଲ୍ଲେଖ ରହିଛି । ମେଗାସ୍ଥିନିସ୍‌ଙ୍କ ଇଣ୍ଡିକା ବିବରଣୀ ଅନୁଯାୟୀ ଖ୍ରୀ:ପୂ: ୪ ର୍ଥ ଶତାବ୍ଦୀରେ କୃଷ୍ଣପୁର (Klesisobora) ଓ ମଥୁରା (Methora)ରେ ଯେଉଁ ଦେବତା କୃଷ୍ଣ (Heracles) ରୂପେ ପୂଜା ପାଉଥିଲେ[(୩୨)] ସେ ହେଉଛନ୍ତି ବାସୁଦେବ କୃଷ୍ଣ [(୩୩)] । ଖ୍ରୀ:ପୂ: ପ୍ରାୟ ଷଷ୍ଠ ଶତାବ୍ଦୀରୁ ଭାରତର ଉତ୍ତର ପଶ୍ଚିମ ଦିଗରେ ବିତସ୍ତା ନଦୀର କୂଳେ କୂଳେ ବାସୁଦେବ ଉପାସନାର ବହୁଳ ପ୍ରଚଳନ ଥିଲା । ତେଣୁ ପାଣିନି ତାଙ୍କ ଅଷ୍ଟାଧ୍ୟାୟୀରେ ବାସୁଦେବ ସଂପ୍ରଦାୟ କଥା ଉଲ୍ଲେଖ କରିଯାଇଛନ୍ତି । ଭାରତର ଦକ୍ଷିଣପୂର୍ବ ଦିଗରେ ପ୍ରାଚୀ ନଦୀର କୂଳେ କୂଳେ ମଧ୍ୟ ବାସୁଦେବ ପୂଜାର ବହୁଳ ପ୍ରଚଳନ ଥିଲା ।[(୩୪)] ଏହା ବର୍ତ୍ତମାନ ମଧ୍ୟ ଲକ୍ଷ୍ୟ କରାଯାଇପାରେ ।

---

୩୧. *Mukherjee Prabhat : The History of medival vaishnavism in Odisha, p.24.*

୩୨. *ତତ୍ରୈବ, ପୃ.୩*

୩୩. *Mc Crindle, Ptolemy, p.121*

୩୪. *Prachi Vally Archaeological survey Report Orissa state Archaeology, Bhubaneswar, 1975 (Edited by P.k.Ray) P.65-66*

ଓଡ଼ିଶାରେ ବାସୁଦେବ ଓ ମାଧବ ଉପାସନା

ପରବର୍ତ୍ତୀ କାଳରେ ଏହି ବାସୁଦେବ ମାଧବ ରୂପେ ଅଭିହିତ ହୋଇ ଆଜି ପର୍ଯ୍ୟନ୍ତ ପ୍ରାଚୀ ଉପତ୍ୟକାର ବିଭିନ୍ନ ସ୍ଥାନରେ ପୂଜା ପାଉଛନ୍ତି ।[୩୫] କିନ୍ତୁ ମୂର୍ତ୍ତିତତ୍ତ୍ୱ ଦୃଷ୍ଟିରୁ ଏହି ଠାକୁରମାନଙ୍କୁ 'ମାଧବ' ଶ୍ରେଣୀରେ ନିଆଯାଇପାରିବ ।[୩୬] ତଥାପି ଏହି ଠାକୁରମାନେ ଓଡ଼ିଶାରେ 'ବାସୁଦେବ' ପରିବର୍ତ୍ତେ 'ମାଧବ' ଭାବରେ ହିଁ ପୂଜିତ ହୋଇଆସୁଛନ୍ତି ।

ପ୍ରାଚୀ ଉପତ୍ୟକାରେ ଉପାସିତ ମାଧବ ଠାକୁରମାନଙ୍କ ମଧ୍ୟରେ ନିଆଳି ଶୋଭନେଶ୍ୱର ମନ୍ଦିର ବେଢ଼ାରେ ସ୍ଥାପିତ ଦଶଟି ମାଧବ ମୂର୍ତ୍ତି, (ସଂପ୍ରତି ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗରେ ସଂରକ୍ଷିତ) ନିଆଳି ବ୍ରହ୍ମା ମନ୍ଦିର ଜଗମୋହନ ମଧ୍ୟରେ ଖୋଦିତ ଦୁଇ ବିଷ୍ଣୁ ମୂର୍ତ୍ତି, ପିଢ଼ାପଢ଼ାର ଏକ ଚାଳ ଛପରେ କୁଡ଼ିଆ ମଧ୍ୟରେ ପୂଜିତ ଦୁଇ ବିଷ୍ଣୁ ମୂର୍ତ୍ତି, ସୁହାରାପୁର ରାମେଶ୍ୱର ମନ୍ଦିରର ନାଟ ମନ୍ଦିର ମଧ୍ୟରେ ଥିବା ବିଷ୍ଣୁମୂର୍ତ୍ତି (୪ଫୁଟ୍ ୬ଇଞ୍ଚ ଉଚ୍ଚ), ରବିନାରାୟଣସ୍ଥ ଗ୍ରାମେଶ୍ୱର ମନ୍ଦିର ବେଢ଼ାରେ ଏକ କ୍ଷୁଦ୍ର ମନ୍ଦିର ମଧ୍ୟରେ ପୂଜିତ ବିଷ୍ଣୁ, ନୀଳକଣ୍ଠପୁରର ନୀଳମାଧବ, କାକଟପୁର ମଙ୍ଗଳାଙ୍କ ମନ୍ଦିରବେଢ଼ା ଭିତରେ ପୂଜିତ ବିଷ୍ଣୁ, ଲତାହରଣ ଗ୍ରାମେଶ୍ୱର ମନ୍ଦିରର ଜଗମୋହନ ମଧ୍ୟସ୍ଥ ବିଷ୍ଣୁ ମୂର୍ତ୍ତି, ମୁଦ୍‌ଗଳ ମାଧବ ଗ୍ରାମର ରମଣୀୟ ମୁଦ୍‌ଗଳ ମାଧବ ମୂର୍ତ୍ତି, ସୋମେଶ୍ୱର ଗ୍ରାମର ସୋମେଶ୍ୱର ମନ୍ଦିରର ଜଗମୋହନ ମଧ୍ୟରେ ଥିବା ବିଷ୍ଣୁ ମୂର୍ତ୍ତି, କୃଷ୍ଣପ୍ରସାଦଗଡ଼ସ୍ଥ ବିଶ୍ୱନାଥମନ୍ଦିରର ଜଗମୋହନ ମଧ୍ୟରେ ଥିବା ବିଷ୍ଣୁ ମୂର୍ତ୍ତି, କେନ୍ଦୁଲିସ୍ଥ ବିଷ୍ଣୁ ମୂର୍ତ୍ତି ସମୂହ, ଅଡ଼ସପୁର ମାଧବ, କଣ୍ଟପଡ଼ା ଗୋକର୍ଣ୍ଣେଶ୍ୱର ମନ୍ଦିରରେ ଥିବା ବିଷ୍ଣୁମୂର୍ତ୍ତି, କାକଟପୁର ଥାନା ଅନ୍ତର୍ଗତ ଗମ୍ଭାରୀ ପଡ଼ାରେ ଭଗ୍ନଶିବ ମନ୍ଦିର ମଧ୍ୟରେ ମାଧବ ଭାବରେ ପୂଜିତ ବିଷ୍ଣୁ ମୂର୍ତ୍ତି, ନାସିକେଶ୍ୱର ଶିବ ମନ୍ଦିର ମଧ୍ୟରେ ଥିବା ବିଷ୍ଣୁ ମୂର୍ତ୍ତି ଆଦି ଅନ୍ୟତମ । ଏହିପରି ସମସ୍ତ ମୂର୍ତ୍ତି କେବଳ ପ୍ରାଚୀ ଉପତ୍ୟକାରେ ନୁହେଁ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଅଧୁନା ଦେଖାଯାଉଛନ୍ତି । ଗଙ୍ଗବଂଶର ନରପତିମାନେ ଅନେକ ସ୍ଥାନରେ ରମଣୀୟ ମାଧବ ମୂର୍ତ୍ତିମାନ ନିର୍ମାଣ କରାଇଥିଲେ ।[୩୭] ସେହିପରି ଏହି ମାଧବ କାଳକ୍ରମେ ନୀଳମାଧବ, ଜଗନ୍ନାଥ, ଶବରୀ ନାରାୟଣ ଓ ନାରାୟଣ ରୂପେ ପ୍ରଚାରିତ ଓ ପୂଜିତ ହୋଇଥିଲେ ବୋଲି ଗବେଷକମାନଙ୍କ ମତ ।

ନୀଳମାଧବ, ଜଗନ୍ନାଥ, ଶବରୀ ନାରାୟଣ ଓ ନାରାୟଣ :

କ୍ରମଶଃ ବ୍ରାହ୍ମଣ୍ୟଧର୍ମର ବାସୁଦେବ, ମାଧବ ପୁରୁଷୋତ୍ତମ କିପରି ଆଦିବାସୀ, ଜୈନ, ବୌଦ୍ଧ ପ୍ରଭୃତିଙ୍କ ଦ୍ୱାରା ଆରାଧିତ ହୋଇଛନ୍ତି, ତାହା ହିଁ ଏକ କୌତୁହଳଜନକ ଇତିହାସ । କେତେବେଳେ ବ୍ରାହ୍ମଣ୍ୟମାନଙ୍କର ନୀଳମାଧବ, ଶବରମାନଙ୍କ ଦ୍ୱାରା ବହୁଳ ଭାବରେ ବହୁକାଳ ଧରି ପୂଜିତ ହେବା ଫଳରେ ଆଦିବାସୀ ଦେବତା ରୂପେ ବିବେଚିତ ହୋଇଛନ୍ତି ତ କେତେବେଳେ ବ୍ରାହ୍ମଣ୍ୟ ଦେବତା ପୁରୁଷୋତ୍ତମ ଜୈନ ଓ ବୌଦ୍ଧ ସଂସ୍କୃତିରେ ସମନ୍ୱିତ ହୋଇଯାଇଛନ୍ତି ପୁଣି କେତେବେଳେ ଆଦିବାସୀ, ଜୈନ ବା ବୌଦ୍ଧମାନଙ୍କ ଦ୍ୱାରା ଉପାସିତ ଦେବତା ସେହି ସବୁ ଧର୍ମର ବୋଲି ଗୃହୀତ ହୋଇ ପରେ ବ୍ରାହ୍ମଣ୍ୟ ଦେବତା ଭାବରେ ବିବେଚିତ ହୋଇଛନ୍ତି । ଇତିହାସର ଆବର୍ତ୍ତନରେ ଶ୍ରୀଜଗନ୍ନାଥ ଭିନ୍ନ ଭିନ୍ନ ଧର୍ମାବଲମ୍ବୀମାନଙ୍କ ଦ୍ୱାରା ସେହି ସେହି ଧର୍ମର ମୂଳ ଆରାଧ୍ୟ ଦେବତା ଭାବରେ ଗୃହୀତ ହୋଇଛନ୍ତି । ସେଥିପାଇଁ ଜଗନ୍ନାଥ ରହିଯାଇଛନ୍ତି ରହସ୍ୟାଚ୍ଛନ୍ନ । ଏହାର କେତେକ ଦୃଷ୍ଟାନ୍ତ ଇତିହାସରୁ ଅନୁସନ୍ଧାନ କରାଯାଇପାରେ ।

ଏଠାରେ ପ୍ରଥମେ ନୀଳମାଧବଙ୍କ ସୃଷ୍ଟି ଓ ଲୀଳା ସମ୍ପର୍କରେ ବିଚାର କରାଯାଉ । ଶବରମାନେ ଯେଉଁ ପଥର ଦାରୁ ଦେବତାଙ୍କୁ ପୂଜା କରୁଥିଲେ, ପୂର୍ବବର୍ତ୍ତୀ କାଳରେ ତାହାଙ୍କୁ ହିନ୍ଦୁମାନେ ମଧ୍ୟ ପୂଜା କଲେ । ନୀଳମାଧବଙ୍କର ଅନ୍ୟ ନାମ

---

୩୫. ତତ୍ରୈବ, ପୃ.୬୬
୩୬. ତତ୍ରୈବ, ପୃ.୬୫
୩୭. ତତ୍ରୈବ, ପୃ.୬

ଶବରୀନାରାୟଣ ଥିଲା । ଯେଉଁ ନାରାୟଣଙ୍କୁ ହିନ୍ଦୁମାନେ ପୂଜା କରୁଥିଲେ, ଶବରମାନେ ତାହାଙ୍କୁ ପୂଜା କରିବାରୁ ତାହାଙ୍କ ନାମ ଶବରୀନାରାୟଣ ହେଲା କି ଶବରମାନେ ଯେଉଁ ଦାରୁ ଦେବତାଙ୍କୁ ପୂଜା କରୁଥିଲେ, ଆର୍ଯ୍ୟମାନେ ତାହାଙ୍କୁ ନାରାୟଣ ଭାବରେ ପୂଜା କରିବାରୁ ତାହାଙ୍କ ନାମ ଶବରୀନାରାୟଣ ହେଲା, ତାହା ଏବେ ବି ଗବେଷଣାର ବିଷୟ ହୋଇ ରହିଛି ।

ଷଷ୍ଠ ଶତାବ୍ଦୀରେ ନାରାୟଣ (ଜଗନ୍ନାଥ) ଉପାସନା :

''ହସ୍ତୀ ବର୍ମନଙ୍କ ଏକ ଅଭିଲେଖରୁ ଜଣାଯାଏ, ଷଷ୍ଠ ଶତାବ୍ଦୀରେ ଓଡ଼ିଶାରେ ବିଷ୍ଣୁ 'ନାରାୟଣ' ନାମରେ ମଧ୍ୟ ପୂଜା ପାଉଥିଲେ । ମାଠର ବଂଶୀୟ ରାଜାମାନଙ୍କ ଦ୍ୱାରା ମହେନ୍ଦ୍ର ପର୍ବତରେ 'ନାରାୟଣ' ପୂଜା ପାଉଥିବାର ଐତିହାସିକ ପ୍ରମାଣ ରହିଛି । ମହେନ୍ଦ୍ର ପର୍ବତରେ ଶବରମାନଙ୍କ ଦ୍ୱାରା ପୂଜିତ ଦାରୁଦେବତା ଶବରୀନାରାୟଣ ହିଁ ମାଠରମାନଙ୍କ ଦ୍ୱାରା ନାରାୟଣ ଭାବରେ ପୂଜିତ ହେଉଥିଲେ । ଦାରୁଦେବତା 'ଶବରୀ ନାରାୟଣ' ଭାବରେ କେବଳ ମହେନ୍ଦ୍ର ପର୍ବତରେ ନୁହନ୍ତି, ଓଡ଼ିଶାର ବହୁ ସ୍ଥାନରେ ପୂଜା ପାଉଥିଲେ । ପୁରୁଷୋତ୍ତମ କ୍ଷେତ୍ରରେ ରୋହିଣୀ କୁଣ୍ଡ ନିକଟରେ 'ଶବରୀ ନାରାୟଣ' ପୂଜା ପାଉଥିବାର ପୌରାଣିକ ଉପାଖ୍ୟାନ ଓ କିମ୍ବଦନ୍ତୀର ସତ୍ୟତାକୁ ଏକାବେଳକେ ଏଡ଼ାଇ ହେବନାହିଁ । ତେଣୁ ଅନୁମାନ କରାଯାଇପାରେ, ଶବରମାନଙ୍କର ଦାରୁଦେବତା ବୌଦ୍ଧ ଓ ବୈଷ୍ଣବ ଧର୍ମ ଦ୍ୱାରା ପ୍ରଭାବିତ ହୋଇ କ୍ରମଶଃ 'ପୁରୁଷୋତ୍ତମ' ଓ 'ଜଗନ୍ନାଥ' (ଧର୍ମ)ରେ ପରିଣତ ହୋଇଛନ୍ତି ।''

ପ୍ରକାଶ ଥାଉ ଯେ ଉପର୍ଯ୍ୟୁକ୍ତ ଦେବତାମାନେ ବର୍ତ୍ତମାନର ଶ୍ରୀଜଗନ୍ନାଥଙ୍କ ଅତୀତର ଐତିହ୍ୟକୁ ସମ୍ବହନ କରିଅଛି ମାତ୍ର । ଏହି ପ୍ରସଙ୍ଗରେ ଆମ୍ଭେ ନିମ୍ନରେ ବିଭିନ୍ନ ଶିଳାଲେଖରେ ମାଧବ ଓ ନୀଳମାଧବଙ୍କ ସମ୍ପର୍କରେ ଉଲ୍ଲିଖିତ କେତେକ ତଥ୍ୟର ଅବତାରଣା କରିଅଛୁ ।

ପ୍ରାଚୀନ ଗଦ୍ୟ-ଅଭିଲେଖ ଓ ତାମ୍ରଲେଖରେ ଶ୍ରୀଜଗନ୍ନାଥ ଚେତନା (ସାରଣୀ-୩)

କ୍ର.ନଂ	କବି /ଲେଖକ/ରାଜା/ ଗଜପତିଙ୍କ ନାମ	ଅଭିଲେଖ / ତାମ୍ରଲେଖ	ସମୟ/ କାଳ	ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ସମ୍ବନ୍ଧୀୟ ଉପାଦାନ	ମନ୍ତବ୍ୟ
୧.	ଅମର ସିଂହ	ଅମରକୋଷ	ଖ୍ରୀ:ଅ: ୪ର୍ଥ ଶତାବ୍ଦୀ	ଏହି ଗ୍ରନ୍ଥରେ ବିଷ୍ଣୁଙ୍କ ନାମ ପର୍ଯ୍ୟାୟରେ 'ଜଗନ୍ନାଥ'ଙ୍କ ନାମ ନାହିଁ ।[୩୮]	
୨.	ହସ୍ତ ବର୍ମନ (ମାଠର ବଂଶ)	ଅଭିଲେଖ	ଖ୍ରୀ:ଅ: ୪ର୍ଥ	'ଏହି ଅଭିଲେଖରୁ ଜଣାଯାଏ ଯେ ଷଷ୍ଠ ଶତାବ୍ଦୀରେ ଓଡ଼ିଶାରେ ବିଷ୍ଣୁ 'ନାରାୟଣ' ନାମରେ ପୂଜା ପାଉଥିଲେ । ମାଠର ବଂଶୀୟ ରାଜାମାନଙ୍କ ଦ୍ୱାରା ମହେନ୍ଦ୍ର ପର୍ବତରେ 'ନାରାୟଣ' ପୂଜା ପାଉଥିବାର ଐତିହାସିକ ପ୍ରମାଣ ରହିଛି । ମହେନ୍ଦ୍ର ପର୍ବତରେ ଶବରମାନଙ୍କ ଦ୍ୱାରା ପୂଜା ପାଉଥିବା ଦାରୁଦେବତା ଶବରୀ ନାରାୟଣ ହିଁ ମାଠରମାନଙ୍କ ଦ୍ୱାରା ନାରାୟଣ ଭାବରେ ପୂଜା	

୩୮. ଦାଶ, ନାରାୟଣ : ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ, କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୨୦୧୨, ପୃ.୧୯ ।

				ହେଉଥିଲେ । ଦାରୁ ଦେବତା ଶବରୀ ନାରାୟଣ ଭାବରେ କେବଳ ପର୍ବତରେ ନୁହଁନ୍ତି, ଓଡ଼ିଶାର ବହୁ ସ୍ଥାନରେ ପୂଜା ପାଉଥିଲେ । ପୁରୁଷୋତ୍ତମ କ୍ଷେତ୍ରରେ ରହିଣୀକୁଣ୍ଡ ନିକଟରେ ଶବରୀ ନାରାୟଣ ପୂଜା ପାଉଥିବାର ପୌରାଣିକ ଉପାଖ୍ୟାନ ଓ କିମ୍ବଦନ୍ତୀ ସତ୍ୟତାକୁ ଏକାବେଳେ ଏଡ଼ାଇ ହେବ ନାହିଁ । ତେଣୁ ଏଥିରେ ପ୍ରମାଣିତ ହୁଏ ଯେ, ଶବରମାନଙ୍କ ଦାରୁ ଦେବତା ବୌଦ୍ଧ ଓ ବୈଷ୍ଣବ ଧର୍ମ ଦ୍ୱାରା ପ୍ରଭାବିତ ହୋଇ କ୍ରମଶଃ 'ପୁରୁଷୋତ୍ତମ ଓ ଜଗନ୍ନାଥ' (ଧର୍ମ)ରେ ପରିଣତ ହୋଇଛନ୍ତି ।'(୩୯)	
୩.	ଶ୍ରୀଧାରଣ ବାଟ (ଦକ୍ଷିଣ-ପୂର୍ବ ବଙ୍ଗଳାର ସମର ତଟର ଶାସକ)	ତାମ୍ର ଶାସନ	ଖ୍ରୀ:ଅ: ୭ମ ଶତାବ୍ଦୀ	'ଏହି ତ୍ରାମ ଶାସନରେ ପୁରୁଷୋତ୍ତମ ଜଗନ୍ନାଥ ସଂପର୍କରେ ଉଲ୍ଲେଖ ଅଛି । ଏହି ଶାସକ ହେଉଛନ୍ତି ଜଣେ ପରମ ବୈଷ୍ଣବ ଓ ସେ ଭଗବାନ ପୁରୁଷୋତ୍ତମଙ୍କୁ ହିଁ ସୃଷ୍ଟି, ସ୍ଥିତି ପ୍ରଳୟର କର୍ତ୍ତା ଭାବରେ ବର୍ଣ୍ଣନା କରିଛନ୍ତି । ଦୀନେଶ ଚନ୍ଦ୍ର ସରକାର ଏହି ତ୍ରାମ ଶାସନର ସମୟ ସପ୍ତମ ଶତାବ୍ଦୀ ଦ୍ୱିତୀୟାର୍ଦ୍ଧ ବୋଲି ନିର୍ଣ୍ଣୟ କରିଛନ୍ତି । ଓଡ଼ିଶା ବ୍ୟତୀତ ଭାରତର ଅନ୍ୟ କୌଣସି ସ୍ଥାନରେ ବିଷ୍ଣୁ ପୁରୁଷୋତ୍ତମ ରୂପରେ ପୂଜିତ ହେବାର ଦୃଷ୍ଟାନ୍ତ ସେ ସମୟରେ ମିଳେ ନାହିଁ । ସେହି ହେତୁ ଏହି ପୁରୁଷୋତ୍ତମ ହେଉଛନ୍ତି ପୁରୀର ଶ୍ରୀପୁରୁଷୋତ୍ତମ ଜଗନ୍ନାଥ ।'(୪୦)	
୪.	ଇନ୍ଦ୍ରଭୂତି ସମ୍ବଳର ରାଜା	ଜ୍ଞାନ ସିଦ୍ଧିଃ	ଖ୍ରୀ:ଅ: ୭୧୭ ଶତାବ୍ଦୀ	୧. ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜୀନ ବରାର୍ଚ୍ଚିତଂ ସର୍ବବୁଦ୍ଧିମୟଂ ସିଦ୍ଧିଂବ୍ୟାପିନଂ ଗଗନୋପମଂ ।(୪୧) ୨.'ସଃ ପୁରଃ ଶିଷ୍ୟ ସଂଗ୍ରାହୀ ସର୍ବ ବୁଦ୍ଧାନୁକାରକଃ ଇତ୍ୟୁବାଚ ଜଗନ୍ନାଥୋ ନାନ୍ୟୈବୈପୁରବଃ ସ୍ମୃତାଃ' ।(୪୨) ୩.'ତାନ୍ ପ୍ରଯୁକ୍ତ୍ୟା ଜଗନ୍ନାଥୈଃ ବଜ୍ର ସତ୍ତ୍ୱ ବି ଭାନେଃ ଭୂଜବର୍ଣ୍ଣ ସମାଯୁକ୍ତ ମୁଦ୍ରାମଣ୍ଡଳକୈ ସ୍ତଥା' ।(୪୩)	

୩୯. ସାହୁ, ବାସୁଦେବ : ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା (ପ୍ରଥମ ଭାଗ), ପୃ. ୧୮ ।
୪୦. ତତ୍ରୈବ, ପୃ. ୧୮ ।
୪୧. ଇନ୍ଦ୍ରଭୂତି, ଜ୍ଞାନସିଦ୍ଧି (ପ୍ରଥମ ସର୍ଗ), (ସଂସ୍କୃତ) ବରୋଦା, ୧୯୨୯, ପ୍ରଥମ ଶ୍ଳୋକ (ମଙ୍ଗଳାଚରଣ) ।
୪୨. ତତ୍ରୈବ: ଶ୍ଳୋକ - ୨୭/୩୦ ।
୪୩. ତତ୍ରୈବ: ଶ୍ଳୋକ - ୯୨

				୪.'ଅତଏବ ଜଗନ୍ନାଥ ବାଲାନଂ ପ୍ରତିବୋଧନେ ନିବର୍ଣ୍ଣ୍ୟ ଦର୍ଶୟ ନ୍ୟେବ ରୂପସ୍ୟାନିତ୍ୟ ଦର୍ଶକାଃ ।[୪୪] ୫.'ସର୍ବଜ୍ଞ ସର୍ବଦର୍ଶନ ସର୍ବ ଲୋକାର୍ଥ କାରକଃ ତତ୍ର ତତ୍ର ଜଗନ୍ନାଥୈଃ ଦର୍ଶିତଃ କରୁଣାମ୍ଭିଃ ।'[୪୫]	
୫.	ସହର ପାଦ	ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ	ଖ୍ରୀ:ଅ: ୮ମ ଶତାବ୍ଦୀ	କ.'ଅଦଭ୍ଅ ଭବମୋହରେ ଦିଶଇ ପର ଆପ୍‌ପାଣ । ଏଜଗଜଳ ବିମ୍ବାକାରେ ସହଜେଁ ସୁଣ ଆପଣା ।' ଖ. 'ଏକେଲେ ଜଗନାଶିଅରେ ବିରହହୁ ସୁସଚ୍ଛନ୍ଦେ ।'[୪୬]	
୬.	ଭୁସୁକୁପାଦ	ଦୋହାଗୀତ	ଖ୍ରୀ:ଅ: ୮ମ ଶତାବ୍ଦୀ	କ. 'ଆଇଏ ଅଣୁ ଅନା ଏ ଜଗରେ ଭାଂନ୍ତିଏ ସୋ ପଡ଼ିହାଇ ରାଜସସାପ ଦେଖି ଜୋ ଚମକଇ ସାଁଚେ କିତାକ ବୋଡ଼ୋ ଖାଇ ।' ଖ. 'ଅକଟ ଜୋଇଆରେ ମା କର ହଥା ଲୋହ୍ନା ଅଇସ ସଭାବେଁ ଜଇ ଜଗ ବୁଟ୍‌ଷି ତୁଟଇ ବାଷଣା ତୋରା ।'[୪୭]	
୭.	ସୋରଜ ବ୍ରଜ	ଦୋହାକୋଷ	ଖ୍ରୀ:ଅ: ୮ମ ଶତାବ୍ଦୀ	'ଜଗ ବାହିଅ ଆଲେମିତି ।'[୪୮]	
୮.	ମୁରାରୀ ମିଶ୍ର	ଅନର୍ଘ ରାଘବ (ସଂସ୍କୃତ ନାଟକ)	ଖ୍ରୀ:ଅ: ୯ମ ଶତାବ୍ଦୀ	ନାନ୍ଦ୍ୟନ୍ତେ ସ୍ୱତ୍ର ଧାରାଃ । ଅଳମତି ବିସ୍ତରେଣ ଭୋ ଭୋ ଲବ ଣୋଦବେଲା ବନାଳୀ ତମାଳତରୁ କନ୍ଦଳସ୍ୟ । ତ୍ରିଭୁବନ ମୌଳିମଣ୍ଡନ ମହାନୀଳମଣେଃ କମଳାକୁ ଚକଳଶ କେଳି କସ୍ତୁରିକାପତ୍ରଙ୍କ ରସ୍ୟ, 'ଭଗବତଃ ଶ୍ରୀପୁରୁଷୋତ୍ତମସ୍ୟ ଯାତ୍ରାୟା ମୁପସ୍ଥାନୀୟାଃ ସଭାସଦଃ ।'[୪୯]	

୪୪. ତତ୍ରୈବ, ପ୍ରଥମ ଶ୍ଳୋକ- ୨୩(ମଙ୍ଗଳାଚରଣ)

୪୫. ତତ୍ରୈବ, ପ୍ରଥମ ଶ୍ଳୋକ- ୨୩(ମଙ୍ଗଳାଚରଣ), ପ୍ରଥମ ଶ୍ଳୋକ- ୨୩(ମଙ୍ଗଳାଚରଣ)

୪୬. ସହରପାଦ : ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ, ପାଦ-୩ୟ/ ୫ମ ପଦ ।

୪୭. ଭୁସୁକୁପାଦ : ଦୋହାଗୀତ, ଦ୍ରୁପପଦ ।

୪୮. ସୋରଜ ବ୍ରଜ : ଦୋହାକୋଷ, 'ମ' ପଦ ।

୪୯. ଦାଶ, ସୂର୍ଯ୍ୟନାରାୟଣ, ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ, ପୃ. ୨୩/ ୨୪ ।

୯.	ପୁରୁଷୋତ୍ତମ ଦେବ	ତ୍ରିକାଣ୍ଡ କୋଷ	ଖ୍ରୀ:ଅ: ୯ମ ଶତାବ୍ଦୀ	'ହେମଃ ଶଙ୍ଖ ଶତବର୍ତ୍ତୋ ମନୁଶାଶ୍ୱତ ବରୀଶାଃ ବର୍ଦ୍ଧମାନ, ଶତାନନ୍ଦୋ ଜଗନ୍ନାଥଃ ସୁୟାମୁନଃ ।'(୫୦)	
୧୦.	ଆଚାର୍ଯ୍ୟ ଶଙ୍କର	ବିଷ୍ଣୁ ସହସ୍ର ନାମ ଭାଷ୍ୟମ	ଖ୍ରୀ:ଅ: ୯ମ ଶତାବ୍ଦୀ	'ତସ୍ୟ ଲୋକ ପ୍ରଧାନସ୍ୟ ଜଗନ୍ନାଥମ୍ୟ ଭୂପ୍ରତେ ବିଷ୍ଣୋନାମ ସହସ୍ରଂ ମେ ଶୃଣୁ ପାପ ଭୟାପହମ୍ ।'(୫୧) ନବୈପ୍ରର୍ଥ୍ୟଂ ରାଜ୍ୟଂ ନ ଚ କନକ ମାଣିକ୍ୟ ବିଭବଂ ଯାଚେଽହଂ ରମ୍ୟାଂ ସକଳ ଜନକାମ୍ୟାଂ ବରବଧୂମ୍ । ସଦାକାଳେ କାଳେ ପ୍ରଥମ ପତିନା ଗୀତ ଚରିତୋ ଜଗନ୍ନାଥଃ ସ୍ୱାମୀନୟନମ ପଥଗାମୀ ଭବ ତୁମେ ।'(୫୨)	
୧୧.	ସିଦ୍ଧିସେନ ଦିବାକର (ପଶ୍ଚିମଭାରତ ର ପ୍ରସିଦ୍ଧ ଜୈନ କବି)	ବର୍ଦ୍ଧମାନ ଦ୍ୱାତ୍ରିଂଶିକା	ଖ୍ରୀ:ଅ: ୯ମ ଶତାବ୍ଦୀ	'ବତିଶ ଶ୍ଳୋକ ବିଶିଷ୍ଟ ଏହି ସ୍ତୁତିରେସ୍ୱୀୟ ଆରାଧ୍ୟ ଦେବତା ମହାବୀର ବର୍ଦ୍ଧମାନଙ୍କୁ ହିନ୍ଦୁମାନଙ୍କ ଦ୍ୱାରା ଉପାସିତ ଜଗନ୍ନାଥଙ୍କ ସହିତ ସମାନ ଆସନ ପ୍ରଦାନ କରାଯାଇଛି ।'(୫୩)	
୧୨.	ମଧ୍ୟପ୍ରଦେଶ, ସାତନା ଜିଲ୍ଲାର ମୈହାର ଗ୍ରାମ	ତାମ୍ର ଲେଖ	ଖ୍ରୀ:ଅ ୧୦ମ ଶତାବ୍ଦୀ	'ସମୁଦ୍ର ମଜ୍ଜନାନୁନ ମୋଦ୍ରେଷ୍ଟୁ ପୁରୁଷୋତ୍ତମ ଦୃଷ୍ଟ ତବାନ୍ତିକେ ଭୂୟଂ ପୁରାଗଛତ୍ୟାଂ ଶିଶଃ ।'(୫୪)	
୧୩.	ଦଣ୍ଡୀ ମହାଦେବୀ	ଦାନପଟ୍ଟା	ଖ୍ରୀ:ଅ ୧୦ମ ଶତାବ୍ଦୀ	'ଏଥିରେ ଗ୍ରହୀତା ଭଟ୍ଟପୁତ୍ର ପୁରଷୋତ୍ତମଙ୍କ ନାମୋଲ୍ଲେଖ ରହିଛି ।' (୫୫)	
୧୪.	ଶ୍ରୀକୃଷ୍ଣ	ପ୍ରବୋଧ ଚନ୍ଦ୍ରୋଦୟ (ସଂସ୍କୃତ ନାଟକ)	ଖ୍ରୀ:ଅ ୧୧ଶ ଶତାବ୍ଦୀ (୧୦୪୧ -୧୦୭୦)	ଇବି ପ୍ରତିଶତି ପତ୍ର ହସ୍ତେ ପୁରୁଷଃ । ପୁରୁଷ ଅହମୁତ୍କଳ ଦେଶାଦାଗତୋଽସ୍ମି । ଅସ୍ତିତତ୍ର ସାଗରତୀରେ ସଂନିବେଶ ପୁରୁଷୋତ୍ତମ ସଜ୍ଞିତଂ ଦେବାୟତନମ୍ । ତସ୍ମିନ୍ ଦମାନାଭ୍ୟାଂ ଭଟ୍ଟାରକାଭ୍ୟାଂ ମହାରାଜ ସକାଶଂ	

୫୦. ପୁରୁଷୋତ୍ତମ, ତ୍ରିକାଣ୍ଡକୋଷ, ସର୍ବ ବର୍ଗ ।
୫୧. ଶଙ୍କରାଚାର୍ଯ୍ୟ, ବିଷ୍ଣୁ ସହସ୍ରନାମ ଭାଷ୍ୟମ୍, ଶ୍ଳୋକ-୧୨
୫୨. ଶଙ୍କରାଚାର୍ଯ୍ୟ, ଶ୍ରୀଜଗନ୍ନାଥାଷ୍ଟକମ୍, (ସଂ-ଶ୍ରୀଜଗନ୍ନାଥ ଭଜନମାଳା, ରାମକୃଷ୍ଣ ପତି), ସଦ୍ ଗ୍ରନ୍ଥ ନିକେତନ, ପୁରୀ, ୨୦୧୧, ପୃ.୧୨
୫୩. ସିଦ୍ଧେସନ ଦିବାକର, ବର୍ଦ୍ଧମାନ ଦ୍ୱାତ୍ରିଂଶିକା, ଶ୍ଳୋକ-୩୨
୫୪. Epigraphia India,. Vol.III, XXXV, 1894-95, PP.171-175
୫୫. Indian Historical Quarterly, Vol PP.141-142

				ପ୍ରେଷିତୋଽସ୍ମି । ମହାମହୋ- (ପତ୍ରଂବାଚୟତି) ସ୍ୱସ୍ତି ବାରାଣସ୍ୟାଂ ମହାମହୋପାଧ୍ୟାୟ ପାଦାନାମ୍ ପୁରୁଷୋତ୍ତମାୟ ଉତାତାତ୍ ମଦମାନୀ ସାଷ୍ଟାଙ୍ଗପାତଂ ପ୍ରଣମ୍ୟ ବିଜ୍ଞାପୟତଃ ।' (୫୬)	
୧୫.	ରାଜାଗୋପାଳଦେବ କାଳଚୁର ରାଜା	ପୂଜାରିପାଲି ଶିଳାଲେଖ	ଖ୍ରୀ:ଅ: ୧୧ଶ ଶତାବ୍ଦୀ	ଏହି ଶିଳାଲେଖରେ ପୁରୁଷୋତ୍ତମ ଏକ ପ୍ରଧାନ କ୍ଷେତ୍ର ଥିବା ବିଷୟ ଦେବୀ ପ୍ରସନ୍ନ ହୋଇ ରାଜାଙ୍କୁ ବରଦେବା ପ୍ରସଙ୍ଗରେ ବର୍ଣ୍ଣିତ ହୋଇଅଛି । ଯଥା ''ଶ୍ରୀ କେଦାରେ ପ୍ରୟୋଗଂ ପୁଷ୍କରେ ପୁରୁଷୋତ୍ତମ ଇମେଶ୍ୱରେ ନର୍ମଦାୟାଂ ଶ୍ରୀଗୋପାଳପୁରେ ତଥା । (୫୭)	
୧୬.	ମାଳବର ଜନୈକ ରାଜା	ନାଗପୁର ଶିଳାଲେଖ	ଖ୍ରୀ:ଅ: ୧୨ଶ ବିକ୍ରମ ସମ୍ୱତ ୧୧୬୧ ବା ଖ୍ରୀ.ଅ. ୧୧୦୪	'ଦେବୋଽସୌ ପୁରୁଷୋତ୍ତମଃ ସଭଗବାନ୍ନାଶିଶ୍ରିୟେ ଯଃ ଶ୍ରିୟା, ଯେନେଦଂ- ବଳିବୈରିବନ୍ଧବିଧିନାବିଶଂସମାଶ୍ୱାସିତଂ ଯେନୋଧାରିବସୁନ୍ଧରେତିଦଧତଃସାନନ୍ଦମାନ୍ଦାକ୍ଷତାଂ, ତସ୍ୟ ପ୍ରାଚ୍ୟ ପୟୋନିଧୌ ବୁଧଜନୈଃ ବ୍ୟାଜସ୍ତୁତିଃ ପ୍ରସ୍ତୁତା ।'' (୫୮)	
୧୭.	ଶତାନନ୍ଦ (ବିଖ୍ୟାତ ସୌରଶାସ୍ତ୍ରବିତ୍)	ଶତାନନ୍ଦ ରତ୍ନମାଳା ଅପ୍ରକାଶିତ ଗ୍ରନ୍ଥ ଓ ଭାସ୍ୱତୀ	ଖ୍ରୀ:ଅ: ୧୨ଶ ଶତାବ୍ଦୀ (କଳି ଯୁଗାବ୍ଦୀ ୪୨୦୦ ବା ୧୦୨୧ ଶକାବ୍ଦ ବା ଖ୍ରୀ.ଅ. ୧୦୯୯)	'ଯସ୍ୟ ପ୍ରଭୋଃ ସର୍ବବିଧ ପ୍ରସନ୍ନ ଜ୍ଞାନଞ୍ଜନୈ ରଞ୍ଜିତ ଲୋଚନଶ୍ରୀଃ ତ୍ରିକାଳଦର୍ଶୀ ଚକଳୌ ନରଃ ସ୍ୟାତ, ତସ୍ମୈ ନମଃ ଶ୍ରୀପୁରୁଷୋତ୍ତମମାୟା ।' x x x 'ଖଖାଶ୍ୱିବେଦାବ୍ଦ ଗତେ ଯୁଗାବ୍ଦେ ଦିବ୍ୟୋକ୍ତିତଃ ଶ୍ରୀପୁରୁଷୋତ୍ତମସ୍ଥଃ ଶ୍ରୀମାନ ଶତାନନ୍ଦ ଇତୀଦମାହ ସରସ୍ୱତୀ ଶଙ୍କରୟୋ ସ୍ତୁନୁଜଃ ।' (୫୯)	

---

୫୬. ମିଶ୍ର ଶ୍ରୀକୃଷ୍ଣ, ପ୍ରବୋଧ ଚନ୍ଦ୍ରୋଦୟ ସଂସ୍କୃତ ନାଟକ

୫୭. ଦେବ, ରାଜଗୋପାଳ, ପୂଜାରୀପାଲି ଅନୁଶାସନ, ମହାକୋଶଳ ଐତିହାସିକ ସମିତି ଲେଖାବଳୀ, ଦ୍ୱିତୀୟ ଭାଗ ।

୫୮. ଏପିଗ୍ରାଫିକା ଇଣ୍ଡିକା, ଦ୍ୱିତୀୟ ଭାଗ, ପୃ. ୧୮୦

୫୯. ଶତାନନ୍ଦ, ରତ୍ନମାଳିକା ଓ ଭାସ୍ୱତୀ, ଓଡ଼ିଶାର ପ୍ରାଚୀନ ଗ୍ରନ୍ଥ ପାଣ୍ଡୁଲିପି ପରିଚୟ, ବିହାର ଓଡ଼ିଶା ଅନୁସନ୍ଧାନ ସମିତି, ଗ୍ରନ୍ଥ ନଂ ୨୬୮ (କ) ।

୧୮.	ଅନନ୍ତ ବର୍ମନ ଚୋଡ଼ଗଙ୍ଗଦେବ	ଶିଳାଲେଖ	ଖ୍ରୀ:ଅ: ଦ୍ୱାଦଶ ଶତାବ୍ଦୀ	'ପଦୌ ଯସ୍ୟ ଧରାନ୍ତରୀକ୍ଷମଖିଳଂ ନାଭୀସ୍ତୁ ସର୍ବାଦିଶାଃ ଶୋତ୍ରେ ନେତ୍ର ଯୁଗ ରବୀନ୍ଦୁ ଯୁଗଳଂ ମୁର୍ଦ୍ଧାପିଚ ଦୌରସୌ ପ୍ରାସାଦଂ ପୁରୁଷୋତ୍ତମସ୍ୟନୃପତେଃ କୋନାମ କର୍ତ୍ତୁଂ କ୍ଷମ ସ୍ତ ସୌତ୍ୟାଦ୍ୟନୃପୈ-ରୁପେ କ୍ଷିତ ମୟଂ ଚକ୍ରେଽଥ ଗଙ୍ଗେଶ୍ୱରଃ ।' [୬୦]	
୧୯.	କବି ଜୟଦେବ	ଗୀତ ଗୋବିନ୍ଦ	ଖ୍ରୀ:ଅ: ଦ୍ୱାଦଶ ଶତାବ୍ଦୀ	'ଏହି କାବ୍ୟରେ ଦଶାବତାର ସ୍ତୋତ୍ରରେ କବି ବୁଦ୍ଧଙ୍କୁ ବିଷ୍ଣୁଙ୍କ ଅବତାର ରୂପେ ବର୍ଣ୍ଣନା କରିଛନ୍ତି । [୬୧]	
୨୦.	ଗୋବର୍ଦ୍ଧନ ଆଚାର୍ଯ୍ୟ	ଆର୍ଯ୍ୟ ସପ୍ତସତୀ	ଖ୍ରୀ:ଅ: ଦ୍ୱାଦଶ ଶତାବ୍ଦୀ	କବିଙ୍କର ଭକ୍ତ ରଚନାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା କୀର୍ତ୍ତନ ଦେଖିବାକୁ ମିଳେ । କବି ମହାପ୍ରଭୁଙ୍କର ଜଣେ ପରମ ଭକ୍ତ ଥିଲେ ।	
୨୧.	ଉଦୟନ ଆଚାର୍ଯ୍ୟ (ଗୋବର୍ଦ୍ଧନ ଆଚାର୍ଯ୍ୟଙ୍କ ସାନ ଭାଇ)	ଭୁବନେଶ୍ୱର ମେଘେଶ୍ୱର ମନ୍ଦିରର ଦୁଇଟି ଶିଳାଲେଖର ଲେଖନକାର	ଖ୍ରୀ:ଅ: ଦ୍ୱାଦଶ ଶତାବ୍ଦୀ	ଭୁବନେଶ୍ୱରର ଏହି ମନ୍ଦିରରେ ଥିବା ଶିଳାଲେଖ ଦୁଇଟିରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ନାମୋଲ୍ଲେଖ ଦେଖିବାକୁ ମିଳେ ।	
୨୨.	ଚାନ୍ଦବର ଦାୟୀ	ପୃଥ୍ୱୀରାଜ ରାସୋ	ଖ୍ରୀ:ଅ: ଦ୍ୱାଦଶ ଶତାବ୍ଦୀ	ଏହି ଗ୍ରନ୍ଥରେ ଶ୍ରୀଜଗନ୍ନାଥ ଓ ଜଗନ୍ନାଥ ଧାମ ବଷୟ ଉପରେ ଉଲ୍ଲେଖ ରହିଛି ।	
୨୩.	ନରପତି ନଳହଙ୍କର	ବିସଲ ଦେବ ରାସୋ	ଖ୍ରୀ:ଅ: ଦ୍ୱାଦଶ ଶତାବ୍ଦୀ (ଖ୍ରୀ.ଅ. ୧୧୫୬)	ଏହି ଗ୍ରନ୍ଥର ଦୁଇଟି ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ କୀର୍ତ୍ତନ ସମ୍ପର୍କରେ ଉଲ୍ଲେଖ ରହିଛି ।[୬୨]	

୬୦. ଏପି ଗ୍ରାଫିକ ଇଣ୍ଡିକା , ଅଷ୍ଟାଦଶ ଭାଗ, ଜର୍ଣ୍ଣାଲ୍ ଅଫ୍ ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲ, ଭାଗ-୬୫

୬୧. ଦାଶ, ସୂର୍ଯ୍ୟନାରାୟଣ, ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ, ପୃ. ୨୮

୬୨. ସାହୁ, ବାସୁଦେବ, ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା, ପୃ. ୨୬

୨୪.	ବିହାର ରାଜ୍ୟ ଅନ୍ତର୍ଗତ ଗୟା ନିକଟସ୍ଥ ଗୋବିନ୍ଦପୁର	ଗୋବିନ୍ଦ ପୁର ତାମ୍ରଲେଖ	ଖ୍ରୀ:ଅ: ଦ୍ୱାଦଶ ଶତାବ୍ଦୀ (ଖ୍ରୀ.ଅ. ୧୧୩୭)	'ଗତ୍ୱା ଶ୍ରୀପୁରୁଷୋତ୍ତମଂ ଭଗବୟୋହୃଦ୍ୟଂ ପ୍ରତିଷ୍ଠାପଦଂ ପାରାବାର ତଟା ପଟୀୟସି ଲସତ୍-ଚନ୍ଦ୍ର ଚନ୍ଦ୍ରଗ୍ରହଣେଂସି ସର୍ବସ୍ୱଂବିତତାର ତର୍ପିତ ପିତୃସ୍ତୋମଃ କରୋଲ୍ଲସିତେ ସ୍ତୋ ୟେ ର୍ଯଃ ପିହିତସ୍ୟ ପର୍ବଣି ବିଧୋଃ ସାହାଯ୍ୟମାପ ଯଣଂ ।' (୬୩)	
୨୫.	ତୃତୀୟ ଅନଙ୍ଗଭୀମ ଦେବ ଉତ୍କଳର ଗଜପତି (ଖ୍ରୀ.ଅ ୧୨୧୧ ୧୨୩୮)	ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଜଗମୋହନରେ ଖୋଦିତ ଶିଳାଲେଖ	ଖ୍ରୀ:ଅ: ଦ୍ୱାଦଶ ଶତାବ୍ଦୀ (ଖ୍ରୀ.ଅ. ୧୨୩୦)	'ସ୍ୱସ୍ତି ଶ୍ରୀ ଭଦବତ୍ ପୁରୁଷୋତ୍ତମ ପୁତ୍ରଚତୁଃ ସାଗର ପର୍ଯ୍ୟାନ୍ତାଧିପତିଃ ସକଳ ବିଦ୍ୱଜ୍ଜନାଳକୃତ ରାଉତ ଭୀମଦେବାନ୍ଦେ x x x ୧୨୩୦ ଖ୍ରୀଷ୍ଟାବ୍ଦ 'ସ୍ୱସ୍ତି ଶ୍ରୀ ମଦନୀୟଙ୍କ ଭୀମଦେବସ୍ୟ ପ୍ରବର୍ଦ୍ଧମାନେ ପୁରୁଷୋତ୍ତମ ସାମ୍ରାଜ୍ୟେ ଚତୁସ୍ତ୍ରିଂଶତମେ ଅଙ୍କେ x x x ୨୩୮ ଖ୍ରୀଷ୍ଟାବ୍ଦ ।' (୬୪)	
୨୬.	ଲାଙ୍ଗୁଳା ନରସିଂହଦେବ ଉତ୍କଳ ଗଜପତି (ଖ୍ରୀ.ଅ. ୧୨୩୮ -୧୨୬୪)	କପିଳାସର ଶିବ ମନ୍ଦିର ଶିଳାଲେଖ	ଖ୍ରୀ:ଅ: ତ୍ରୟୋଦଶ ଶତାବ୍ଦୀ	ଏହି ଶିଳାଲେଖରେ ଲାଙ୍ଗୁଳା ନରସିଂହଦେବ ନିଜକୁ ଶ୍ରୀ ପୁରୁଷୋତ୍ତମଙ୍କ ପୁତ୍ର ଭାବେ ଅଭିହିତ କରିଛନ୍ତି । (୬୫)	
୨୭.	ତୃତୀୟ ଭାନୁଦେବ ଉତ୍କଳ ଗଜପତି (ଖ୍ରୀ.ଅ. ୧୩୦୮ - ୧୩୨୮)		ଖ୍ରୀ:ଅ: ଚତୁର୍ଦ୍ଦଶ ଶତାବ୍ଦୀ	'ଗଜପତି ତୃତୀୟ ଭାନୁଦେବ ଗଜପତି ତୃତୀୟ ଅନଙ୍ଗଭୀମ ଦେବଙ୍କ ପରି ଜଗନ୍ନାଥଙ୍କୁ ଓଡ଼ିଶାର ପ୍ରକୃତ ରାଜା ଭାବରେ ଘୋଷଣା କରିଥିଲେ ଓ ଜଗନ୍ନାଥଙ୍କ ନାମରେ ଅଙ୍କ ଚଳାଇଥିଲେ ।' (୬୬)	
୨୮.	କପିଳେନ୍ଦ୍ରଦେବ ଉତ୍କଳର ଗଜପତି (ଖ୍ରୀ.ଅ. ୧୪୩୫ -୧୪୬୬)	ପରଶୁରାମ ବିଜୟ ବ୍ୟାୟୋଗ (ନାଟକ)	ଖ୍ରୀ:ଅ: ପଞ୍ଚଦଶ ଶତାବ୍ଦୀ	'ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧୀୟ ଗଜପତିଙ୍କର ଏହି ନାଟକଟି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏକ ଉତ୍ସବ ସମୟରେ ଅଭିନୀତ ହୋଇଥିଲା । (୬୭)	

୬୩. ଏପିଗ୍ରାଫିକ ଇଣ୍ଡିକା, ଦ୍ୱିତୀୟ ଭାଗ (ସଂ- ଡାକ୍ତର କିଲ୍‌ହର୍ଣ୍ଣ-ଗୋବିନ୍ଦପୁର ଲିପି, ପୃ. ୩୩୯)

*୬୪. **E.I. Vol.XXX, P.19***

୬୫. ମହାପାତ୍ର, କେଦାରନାଥ, ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ, କଟକ : କୋଣାର୍କ, ୩୨ ସଂଖ୍ୟା, ପୃ. ୨୯

*୬୬. **S.I.I. Vo-v, No-12, P.14***

୬୭. ମହାପାତ୍ର, କେଦାରନାଥ, ଯୁଗେ ଯୁଗେ ଜଗନ୍ନାଥ ଧାମର ସଂସ୍କୃତି ଶ୍ରୀଜଗନ୍ନାଥ, ୧/୩, ପୃ. ୧୩

୨୯.	ସାରଳା ଦାସ	ମହାଭାରତ	ଖ୍ରୀ:ଅ: ପଞ୍ଚଦଶ ଶତାବ୍ଦୀ	କ. ପୀତ କୁଙ୍କୁମ ବରନ ସେହି ବ୍ରହ୍ମା ମୂର୍ତ୍ତି ଡାହାଣେ ଶୁକଳ ଦଣ୍ଡି ମହାଦେବ ଜ୍ୟୋତି ରୂପରେ ତ ନାରାୟଣ ବର୍ଣ୍ଣ ଅଟେ କଳା ବ୍ରହ୍ମା, ବିଷ୍ଣୁ ମହେଶ୍ୱର ତିନି ଦେବମାଳା । ବଳଭଦ୍ର, ସୁଭଦ୍ରା ଓ ବିଷ୍ଣୁ ତିନି ରୂପ ବଉଦ୍ଧ ରୂପରେ ହେଲେ ଏମନ୍ତ ସ୍ୱରୂପ । x x x ଖ. 'ବନ୍ଦଇ ଶ୍ରୀଜଗନ୍ନାଥ ବଇକୁଣ୍ଠବାସୀ ବୌଦ୍ଧ ରୂପେ ନୀଳଗିରିଶିଖେ ଅଛି ବସି[୬୮]	
୩୦.	ପୁରୁଷୋତ୍ତମ ଦେବ ଉତ୍କଳର ଗଜପତି (ଖ୍ରୀ.ଅ. ୧୪୬୬ -୧୪୯୭)		ଖ୍ରୀ:ଅ: ପଞ୍ଚଦଶ ଶତାବ୍ଦୀ	'ଗଜପତି କପିଳେନ୍ଦ୍ର ଦେବଙ୍କ ପୁତ୍ର ପୁରୁଷୋତ୍ତମ ଦେବ ମଧ୍ୟ ଜଗନ୍ନାଥଙ୍କର ପରମ ଭକ୍ତ ଥିଲେ । ଯୁଦ୍ଧଯାତ୍ରା ବେଳେ ସେ ଶ୍ରୀଜଗନ୍ନାଥଙ୍କର ଆଶୀର୍ବାଦ ଭିକ୍ଷା କରୁଥିଲେ ଓ ରଥଯାତ୍ରା ସମୟରେ ଛେରାପହଁରା କରୁଥିଲେ । ସେ ନିଜକୁ ଜଗନ୍ନାଥଙ୍କର ଜଣେ ପରମ ସେବକ ଭାବରେ ଅଭିହିତ କରୁଥିଲେ । ପୁରୁଷୋତ୍ତମ ଦେବଙ୍କର ଜଗନ୍ନାଥ ଅନୁରକ୍ତି ସମ୍ପର୍କରେ କଳ୍ପିତ ପୁରୁଷୋତ୍ତମ ଦାସଙ୍କ 'କାଞ୍ଚିକାବେରୀ' କାବ୍ୟ ବଙ୍ଗାଳୀ ଅକ୍ଷରରେ ଲିଖିତ ହୋଇ ଓଡ଼ିଶା ବାହାରେ ଲୋକପ୍ରିୟ ହୋଇପାରିଛି । [୬୯]	
୩୧.	ପ୍ରତାପରୁଦ୍ର ଦେବ ଗଜପତି (ଖ୍ରୀ.ଅ. ୧୪୯୭ - ୧୫୩୩)		ଖ୍ରୀ:ଅ: ପଞ୍ଚଦଶ/ ଷୋଡ଼ଶ ଶତାବ୍ଦୀ	'ପୁରୁଷୋତ୍ତମ ଦେବଙ୍କ ପୁତ୍ର ପ୍ରତାପରୁଦ୍ର ଦେବ ପୂର୍ବ ପୁରୁଷମାନଙ୍କର ପରମ୍ପରା ରକ୍ଷା କରି ଜଗନ୍ନାଥଙ୍କ ପ୍ରତି ଭକ୍ତି ଅର୍ପଣ କରିଥିଲେ ଓ ଜଗନ୍ନାଥଙ୍କ ନାମରେ ଲୋକଙ୍କୁ ଅଜସ୍ର ଦାନ କରିଥିଲେ ।' [୭୦] ଏହାଙ୍କ ସମୟରେ ଖ୍ରୀ. ୧୫୦୯ରେ ଶ୍ରୀଚୈତନ୍ୟ ଓଡ଼ିଶାକୁ ଆସିଥିଲେ । ସେତିକି ବେଳକୁ ଶ୍ରୀଜଗନ୍ନାଥ ସମଗ୍ର ବର୍ଷରେ ବୈଷ୍ଣବ ଦେବତା ଭାବରେ ବିପୁଳ ପ୍ରତିଷ୍ଠା ଲାଭ କରିସାରିଥିଲେ । ଶ୍ରୀଜଗନ୍ନାଥ ହିଁ ଥିଲେ ଶ୍ରୀଚୈତନ୍ୟଙ୍କର ଓଡ଼ିଶା ଭୂମିକୁ ଆଗମନର ପ୍ରଧାନ ଆକର୍ଷଣର କେନ୍ଦ୍ରବିନ୍ଦୁ ।' [୭୧]	

୬୮. ଦାସ, ସାରଳା, ମହାଭାରତ, (ମଧ୍ୟପର୍ବ) ଦ୍ୱିତୀୟ ଖଣ୍ଡ, ପୃ. ୮୦୪

୬୯. ସାହୁ, ବାସୁଦେବ, ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ ଚେତନା, ପୃ. ୨୯

୭୦. Jena, B.B. : Orissa People, Culture and polity, p.188.

୭୧. ସାହୁ, ବାସୁଦେବ, ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା, ପୃ. ୨୯ ।

୩୨.	ଅଭିଲେଖ	ଜୟବିଜୟ ଶିଳାଲେଖ	ଖ୍ରୀ:ଅ: ୧୫୦୦	'ଏଥିରୁ ଜଣାଯାଏ ଯେ, ଶ୍ରୀପୁରୁଷୋତ୍ତମ ଦେବ ଜଗନ୍ନାଥଙ୍କ ଭୋଗବେଳେ ଗୀତଗୋବିନ୍ଦ ନାଟ ହେବ ବୋଲି ଘୋଷଣା କରିଛନ୍ତି । ନାଟୁଣୀମାନେ ଗୀତଗୋବିନ୍ଦ ଛଡ଼ା ଅନ୍ୟ କିଛି ଗୀତ ଦେଖିପାରିବେ ନାହିଁ, ଗାଇ ପାରିବେ ନାହିଁ । ଅନ୍ୟ କୌଣସି ବିଷୟରେ ନାଟ ହୋଇପାରିବ ନାହିଁ ।'(୭୨)	
୩୩.	ଶ୍ରୀଜଗନ୍ନାଥ ମନ୍ଦିରର ଦୈନିକ ବିବରଣୀ – ମାଦଳାପାଞ୍ଜି	ମାଦଳାପାଞ୍ଜି		ପୁରୀ ଜଗନ୍ନାଥ ମନ୍ଦିରର ଓ ଗଜପତି ରାଜାମାନଙ୍କର ବିଷଦ ବିବରଣୀ ଯେଉଁ ଗ୍ରନ୍ଥରେ ଧାରାବାହିକ ଭାବରେ ଲେଖାଯାଏ, ତାହାର ନାମ ମାଦଳା ପାଞ୍ଜି । ଯଯାତି କେଶରୀଙ୍କ ରାଜତ୍ୱ କାଳରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସୋନପୁର ଠାରେ ପାତାଳି ହୋଇଥିବା କଥା ଏଥିରେ ବର୍ଣ୍ଣିତ ହୋଇଛି । ଯଥା, 'ଏ ରାଜା ବଡ଼ ସ୍ୱରବନ୍ତ ମହାଦାନୀ, ଏ ରାଜାଙ୍କ ଅ୧ ୧ ୦ଙ୍କେ ସନ୍ନ୍ୟାସୀ ବ୍ରହ୍ମଚାରୀ ବ୍ରାହ୍ମଣମାନଙ୍କୁ ପଚାରିଲେ ଓଡ଼ିଶା ରାଜାର ପ୍ରଭୁ ଯେ ଶ୍ରୀଜଗନ୍ନାଥ ମହାପ୍ରଭୁ ସେ କାହିଁ ଅଛନ୍ତି ? ସେମାନେ କହିଲେ ମୁଗଲ ଗୋଳ ହୋଇଲାକୁ ସୋମୋଦ୍ର ମାଡ଼ି ଅଇଲାକୁ ଅପାର ଦିନ ହୋଇଲା । ଶ୍ରୀ ପରମେଶ୍ୱରଙ୍କୁ ପାତାଳି କରି ସୁନୁପୁର ଆଡ଼େ କେଉଁଠାରେ ବିଜେ କରାଇଲେ ଜ୍ଞାତବ ନାହିଁ । ଏହା ଶୁଣି ମହାରାଜା ସୁନୁପୁର ଗଲେ । ସେଠାରେ ଖଣ୍ଡାଇତଙ୍କୁ ପଚାରିଲେ । ସେମାନେ କହିଲେ ଆମ୍ଭେ ଗ୍ୟାଁତବ ନୋହୁଁ । ଆମ୍ଭ ବାପ, ଅଜା କହନ୍ତି ଦିଅଁବର ଏହି । ଏଥିତଳେ ଦିଅଁକୁ ପୋତିଥିଲେ । ଏହା ଶୁଣି ରାଜା କୁଟୁରିଆ ବ୍ରାହ୍ମଣଙ୍କୁ ଡାକି ଆଣି ସେ ଗଛ କଟାଇ ଖୋଳାଇଲେ । ପରମେଶ୍ୱରଙ୍କୁ ବାହାର କଲେ । x x x ଏମାନଙ୍କୁ ଅଣାଇ ବିଧିପତ୍ରେ ପ୍ରମାଣେ ଦାରୁଛେଦନ କରାଇ ପରମେଶ୍ୱରଙ୍କୁ ମୁମୂର୍ତ୍ତି କରାଇଲେ । x x x ପୁରୁଷୋତ୍ତମ ଶଙ୍ଖ ନାଭି ମଣ୍ଡଳେ ହା୩୬ତ କରେ ପଟୋଳ ଗୋଟିଏ ତୋଳି ପ୍ରତିଷ୍ଠା କରି ପରମେଶ୍ୱରଙ୍କୁ ବିଜେ କରାଇଲେ ।' (୭୩)	

୭୨. E.D.L.S.O, pp.300, Inscription, Sl.No.42

୭୩. ମିଶ୍ର, କାହ୍ନୁଚରଣ, (ସଂ) ମାଦଳା ପାଞ୍ଜି, (ଯଯାତି କେଶରୀଙ୍କ ରାଜତ୍ୱ କାଳୀନ ବିବରଣୀ, ଓଡ୍ରଦେଶ ରାଜବଂଶାବଳୀ, ପୃ.୭୧

୩୪.	ଫକୀର ଚୟିନୀ	ଚୟନୀ ଚକଡ଼ା ବା ଚକଡ଼ା ପୋଥି	ଖ୍ରୀ.ଅ. ପଞ୍ଚଦଶ ଶତାବ୍ଦୀ	'ଶ୍ରୀ ମାହାସ୍ରମ ଜାତେଶ୍ୱର ଶ୍ରୀପୁରୁଷୋତ୍ତମ ଦେବଙ୍କ ମନରେ ସ୍ମରଣ ହେଲା, ଆର ଜନ୍ମ କଳ୍ପିତ କଥା । ଶ୍ରୀ ଲକ୍ଷ୍ମୀ ନୃସିଂହ ନାଥଙ୍କୁ କାଞ୍ଚି ନଗ୍ରରୁ ଆଣି ଶାସନରେ ବିଜେ କରାଇବା । ଏମନ୍ତ ବୋଲି ବିଚାରିଲେ । x x x ଶ୍ରୀମୁଖ ଚଳାଅ । ପଦ୍ମିନୀ ସ୍ତ୍ରୀ ଦେବ । ଏମନ୍ତ ବୋଲି ଶ୍ରୀମୁଖ ଚଳାଇଲେ ଶ୍ରୀମୁଖ ଶୁଣି କାଞ୍ଚି ରାଜା ଅବଜ୍ଞା କଲା । ଦୂତେ ଆସି ଅବଜ୍ଞା କଲ ବୋଲି କହିଲେ । ଶ୍ରୀ ମହାଶ୍ରମଙ୍କ ମନରେ ବହୁତ କ୍ରୋଧ ହେଲା, ଏଠାରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ନଅରକୁ ବିଜେ କଲେ । ଦିଅଙ୍କ ଛାମୁକୁ ଯାଇ ଦରଶନ କରି ବହୁତ ପ୍ରାର୍ଥନା କରିବା ସମୟରେ ତଳିଓଛ ଶ୍ରୀ ମହାପ୍ରଭୁ ଶ୍ରୀ ଡାହାଣ ଭୁଜ ଧରି ଅଛି । x x x ମନେ ବିଚାରିଲା କି ଏହାର ପରାସ୍ତିରିକି ହାଡ଼ିକି ଦେବି । ସେହିଦିନ ଦେବି ଏମନ୍ତ ବୋଲି ଗୋପ୍ୟ କରି ରଖିଲା...ଶ୍ରୀ ମହାଶ୍ରମ ଶ୍ରୀପୁରୁଷୋତ୍ତମ ନଅର ଠାକୁ ଶ୍ରୀଗୁଣ୍ଡିଚା ଯାତକୁ ପ୍ରବେଶ ହୋଇଲେ । ଶ୍ରୀଗୁଣ୍ଡିଚା ଯାତ ଦିନ ଛେରା ପଏରା କଲାବେଳେ ମନ୍ତ୍ରୀ ଶ୍ରୀ ଛାମୁରେ ପଦ୍ମିନୀ ସ୍ତିରିକି ନେଇ ଦିଲା ।'[୭୪]	
୩୫.		ପୁରୁଷୋତ୍ତମ ଦେଉଳ ମାହାତ୍ମ୍ୟ ବା ଦେଉଳ କାର୍ଯ୍ୟବିଧି	ଖ୍ରୀ:ଅ: ପଞ୍ଚଦଶ ଶତାବ୍ଦୀ	'ପଞ୍ଚାଶ କୋଶର ଉତ୍ତରେ ଶଙ୍ଖନାଭି ମଣ୍ଡଳର ଶ୍ରୀନୀଳକନ୍ଦରେ ପର୍ବତରେ ନୀଳମଣି ରତ୍ନରେ ଘଟିତ ଚତୁର୍ଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧରି ନାନା ରତ୍ନମାନରେ କୀରିଟି ମୁକୁଟି ହରି କେୟୁର ନାନା ଅଳଙ୍କାର ଭୂଷଣ ଲକ୍ଷ୍ମିଂ ବାମ ପାରୁଶରେ ସ୍ଥିତି ସେ ପଲ୍ୟଙ୍କେ ବିଜେ କରି ଯେ ବର୍ତ୍ତୁଳ ଶ୍ରୀଶ୍ରୀ ନୀଳମାଧବ ମୃତ ଅବତାର । ଯେ ଅବତାରରେ ସ୍ୱର୍ଗରୁ ଦେବତାମାନେ ଆସି ଅମୃତମୟ ଦେବଯାଗ୍ୟ ପଦାର୍ଥ ମାନନ୍ତି ଆଣି ନୃତ୍ୟଗୀତ ନାନା ଚତୁର୍ବିଧି ବାଦ୍ୟମାନନ୍ତ ବଜାଇ ଉପଚାରମାନଙ୍କରେ ପୂଜା କରି ଦେବତାମାନେ ସ୍ୱର୍ଗକୁ ଯାନ୍ତି । ଏ ଉତ୍ତାରେ ଯେହି କ୍ଷେତ୍ରେ ନିକଟରେ ଶବର ଦିଗରୁ ବୈଷ୍ଣବ ବିସ୍ୟବସୁ ଶବର ଆସି ପ୍ରାତକାଳରେ ନିତି ସେବକ ।	

୭୪. ଦାଶ, ସୂର୍ଯ୍ୟନାରାୟଣ, ଓଡ଼ିଆ ସାହିତ୍ୟରେ ଇତିହାସ (୧ମ ଭାଗ), କଟକ:ଗ୍ରନ୍ଥ ମନ୍ଦିର, ୧୯୭୮, ପୃ. ୨୯୦ ।

				ପଣରେ ସେବା କରି ଯାଇଥାୟେ । ଯେ ପ୍ରକାର ପ୍ରଥମ ପରାର୍ଦ୍ଧ ଭୋଗ କଲା ।' (୭୫)	
୩୬.	ନାରାୟଣ ନନ୍ଦ ଅବଧୂତ ସ୍ୱାମୀ	ରୁଦ୍ର ସୁଧାନିଧି	ଖ୍ରୀ.ଅ. ଷୋଡ଼ଶ ଶତାବ୍ଦୀ	'ହାତେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ସିଦ୍ଧମାନ ପୁତ୍ର ଦାରା ଘେନି କରିଥାନ୍ତି । ବାସ, ନିରନ୍ତରେ ବିଷୟର ସେ ନିର୍ମାଲ୍ୟ ଖାନ୍ତି । କେହୁଣସି ସିଦ୍ଧମାନେ ସ୍ୱଇଚ୍ଛାଏ ଦେହଛାଡ଼ି ଦୁରୀୟାତୀତ ପରମଜ୍ୟୋତି ନିର୍ବାଣ ବ୍ରହ୍ମମୟ ସୁଖକୁ ଯାନ୍ତି । ହାଦେ କେହୁଣସିମାନେ ନୀଳ ଜଳଧର ନିବିଡ଼ ଆନନ୍ଦ ବୋଧ ସ୍ୱରୂପ ଚତୁର୍ଭୁଜ ଶରୀର ପାନ୍ତି ।'(୭୬)	
୩୭.		ଶ୍ରୀପୁରୁଷୋତ୍ତମ କର୍ମାଙ୍ଗୀ	ଖ୍ରୀ.ଅ. ଷୋଡ଼ଶ ଶତାବ୍ଦୀ	ଶ୍ରୀପୁରୁଷୋତ୍ତମ କର୍ମାଙ୍ଗୀ ନାମକ ଏକ ଗଦ୍ୟଗ୍ରନ୍ଥର ପୂର୍ଣ୍ଣାଂଶ 'ଅନାମ' ପତ୍ରିକାର ୧୯ଶ ସଂଖ୍ୟା ମେ, ୧୯୮୩)ରେ ପ୍ରକାଶ ପାଇଛି । ଏଥିରେ ୯୭ ପ୍ରକାର ନିଯୋଗଙ୍କର ଜଗନ୍ନାଥଙ୍କୁ ସେବାବିଧି ସମ୍ପର୍କରେ ବର୍ଣ୍ଣନା ରହିଛି ଓ ୧୧୧ ପ୍ରକାର ନିଯୋଗଙ୍କ ତାଲିକା ରହିଛି । ଯଥା – ଶ୍ରୀଗେଣଶାୟ ନମଃ – ପରମେଶ୍ୱରଙ୍କ ଖଟଣି ନିଯୋଗ କର୍ମାଙ୍ଗୀ ସେବା ଲେଖନକୁ ଶ୍ରୀମହାଶ୍ରମ ରାମଚନ୍ଦ୍ର ଦେବ ମହାରାଜାଙ୍କ ବିଜୟ ଶୁଭରାଜେ ତୁଳା ଶୁକ୍ରବାର କାରଣେ ତଢ଼ଉ ନିଯୋଗ ବାରଭାଗରି ରାଜଗୁରୁ ପାଞ୍ଜିଆ ଆବରମତେ ଚଳନ୍ତି ପରମ ବିଧାନ ମତେ ଏ ସମସ୍ତ ସେବା ଖଟଣି କର୍ମାଙ୍ଗୀ ବିଧାନ । x x x ଖଟଣି ନିଯୋଗ କର୍ମାଙ୍ଗୀ ଲେଖନକୁ (୭୭)	
୩୮.	ଶରଣ ଦାସ	ଚାଟେରୀ ଲୀଳା (ଓଡ଼ିଆ ଗଦ୍ୟ ପଦ୍ୟାତ୍ମକ କାବ୍ୟ)	ଖ୍ରୀ.ଅ. ଷୋଡ଼ଶ ଶତାବ୍ଦୀ	'ଏଥିରେ ଶ୍ରୀଜଗନ୍ନାଥଙ୍କ ଦୋଳ ଉତ୍ସବ, ବିଭିନ୍ନ ଭୋଗ ବେଶଭୂଷା, ରୂପ ସେବା ନିଯୋଗ ଆଦି ସମ୍ପର୍କୀୟ ତଥ୍ୟ ପର୍ଯ୍ୟବେସିତ, ଯଥା – ଏମନ୍ତ କାଳରେ ଶ୍ରୀପୁରୁଷୋତ୍ତମ ଅବନୀ ବୈକୁଣ୍ଠରେ ଦେବାଦେବଙ୍କ ଦୋଳଯାତ୍ରା ଉଦିଯୋଗ ହୋଇଲା । ପରୀକ୍ଷ କରଣ ବେହେରକୁ ତତ୍ପର ପଡ଼ିଲା ସୁଆଁସ ସେବକଙ୍କର ଉଚ୍ଛାହା ବଢ଼ିଲା ନାନା ଚିତ୍ରକମ ପ୍ରତିମା ଗଢ଼ିଲା, ବୃନ୍ଦାବନ ଚରିତ ନିବିଡ଼ିଲା ।' (୭୮)	

୭୫. ମହାନ୍ତି, ବଂଶୀଧର, ଓଡ଼ିଆ ସାହିତ୍ୟର ଇତିହାସ (୧ମ ଖଣ୍ଡ) କଟକ :ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୭୦, ପୃ. ୧୪୪

୭୬. ନନ୍ଦ, ଅବଧୂତ ସ୍ୱାମୀ ନାରାୟଣ ନନ୍ଦ : ରୁଦ୍ର ସୁଧାନିଧି (କରୁଣାକର) ପୃ. ୧୫୪-୧୫୫

୭୭. ଶ୍ରୀ ପୁରୁଷୋତ୍ତମଙ୍କ କର୍ମାଙ୍ଗୀ, (ସଂ)ବଂଶୀଧର ମହାନ୍ତି) ପୋଥି, ପାଣ୍ଡୁଲିପି. ପୃ. ୧

୭୮. ଦାସ, ଶରଣ, ଚାଟେରୀ ଲୀଳା, (ସଂକଳକ) ଆଶୁତୋଷ ପଟ୍ଟନାୟକ, ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୭୫, ପୃ. ୨

ଉପର୍ଯ୍ୟୁକ୍ତ ସାରଣୀକୁ ପର୍ଯ୍ୟାଲୋଚନା କଲେ ଶ୍ରୀଜଗନ୍ନାଥଙ୍କ ଐତିହ୍ୟର ପ୍ରାଚୀନତା ସହଜରେ ଉପଲବ୍ଧି ହୋଇପାରିବ । ବୈଦିକ ଯୁଗରୁ ଅର୍ଥାତ୍ ଖ୍ରୀ.ପୂ. ଅନ୍ୟୁନ ଦେଢ଼ ହଜାର ବର୍ଷ ପୂର୍ବରୁ ରଚିତ ବିଭିନ୍ନ ଗ୍ରନ୍ଥରେ 'ଅପୌରୁଷେୟ ଦାରୁକଥା' ଉଲ୍ଲେଖ ରହିଛି । ତାଙ୍କୁ ଶ୍ରୀଜଗନ୍ନାଥଙ୍କ ପୂର୍ବରୂପ ବୋଲି ଅନେକ ଐତିହାସିକ ମଧ୍ୟ ଗ୍ରହଣ କରିଥାନ୍ତି । ସେ ଯାହା ହଉ, ଆମ୍ଭେ ଆମ୍ଭ ନିବନ୍ଧରେ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କର ଏକ ଐତିହାସିକ ଗବେଷଣାତ୍ମକ ଅନୁଶୀଳନ କରିଅଛୁ ମାତ୍ର ।[(୭୯)]

ପ୍ରକାଶ ଥାଉ କି ବର୍ତ୍ତମାନ ପର୍ଯ୍ୟନ୍ତ ଆମ୍ଭେ ଆମ୍ଭର ପ୍ରଥମ ପରିଚ୍ଛେଦରେ ଶ୍ରୀଜଗନ୍ନାଥଙ୍କ ସୃଷ୍ଟିତତ୍ତ୍ୱ ସମ୍ପର୍କରେ ଆଲୋଚନା କଲୁ । ସେଥିରୁ ଏଥିକି ହୃଦ୍‌ବୋଧ ହୁଏ ଯେ, ଶ୍ରୀଜଗନ୍ନାଥଙ୍କ ମୂଳ ଉତ୍ସ ବା ସୃଷ୍ଟିତତ୍ତ୍ୱ ନାନା ମୁନିଙ୍କ ନାନା ମତ ଯୋଗୁଁ ରହସ୍ୟାବୃତ ହୋଇ ରହିଅଛି । କାରଣ ଭାରତୀୟ ପ୍ରେକ୍ଷାପଟରେ ବେଦ-ବେଦାନ୍ତ, ଉପନିଷଦରେ ଜଗନ୍ନାଥ ଶବ୍ଦ ପରିବର୍ତ୍ତେ ଶ୍ରୀପୁରୁଷୋତ୍ତମଙ୍କୁ ବିଶେଷ ପ୍ରାଧାନ୍ୟ ଦିଆଯାଇଅଛି । ଭାରତର ବିଭିନ୍ନ ସଂସ୍କୃତ ପୁରାଣ କଥା, କିମ୍ବଦନ୍ତୀରେ ଶ୍ରୀପୁରୁଷୋତ୍ତମଙ୍କୁ ହିଁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । ଓଡ଼ିଶାରେ ବାସୁଦେବ ଓ ମାଧବ ଉପାସନା, ନୀଳମାଧବ, ଜଗନ୍ନାଥ, ଶବରୀ ନାରାୟଣ ଓ ନାରାୟଣଙ୍କ ଚର୍ଚ୍ଚା ବହୁଳ ମାତ୍ରାରେ ପ୍ରଚାରିତ । ଆଜି ଏସବୁ କଥା ସମସ୍ତ ଆଲୋଚକ ଆଲୋଚନା ସମୟରେ ମତବ୍ୟକ୍ତ କରିଥାନ୍ତି । କିନ୍ତୁ ଗଙ୍ଗବଂଶର ନରପତିଗଣ ପ୍ରଥମେ ଏହି ବିଶାଳ ମନ୍ଦିର ନିର୍ମାଣ କରି ଜଗନ୍ନାଥଙ୍କୁ ପ୍ରତିଷ୍ଠା କରିବା କଥା ଓଡ଼ିଶାର ଇତିହାସରୁ ଜାଣିବାକୁ ମିଳେ । ପରେ ପରେ ସୂର୍ଯ୍ୟବଂଶର ନରପତିଗଣ ବିଶେଷତଃ କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ, ପ୍ରତାପରୁଦ୍ର ଦେବ ଓ ଖୋର୍ଦ୍ଧାର ଭୋଇ ବଂଶ ରାଜା ମହାରାଜାଗଣ ଜଗନ୍ନାଥଙ୍କୁ ଓଡ଼ିଶାର ରାଷ୍ଟ୍ରଦେବତା ଭାବେ ଗ୍ରହଣ କରି ନିଜକୁ ତାଙ୍କର ଆଜ୍ଞାକାରୀ 'ରାଉତ' ଭାବେ ଗ୍ରହଣ କରି ଆସିଥିଲେ । ଏହି ପରମ୍ପରା ଅଦ୍ୟାବଧି ଓଡ଼ିଶାର ଧର୍ମ ଜଗତରେ ପାଳନ କରାଯାଉଛି । ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଶାର ରାଷ୍ଟ୍ରୀୟ ଦେବତା ଓ ଗଜପତି ରାଜାମାନେ ହେଉଛନ୍ତି ତାଙ୍କର ଚଳନ୍ତି ଦେବତା ରୂପେ ପରିଗଣିତ । ଅବଶ୍ୟ ମୋଗଲ ଶାସନ (ଖ୍ରୀ.ଅ. ୧୫୬୮-୧୭୫୧) ସମୟରେ କେତେକ ଦୁଷ୍ଟ ପ୍ରକୃତିର ମୁସଲମାନ ଶାସକ ତଥା ତାଙ୍କର ସୁବେଦାରମାନଙ୍କ ଦୌରାତ୍ମ୍ୟରେ ଶ୍ରୀଜଗନ୍ନାଥଙ୍କୁ ରତ୍ନସିଂହାସନରୁ ଓହ୍ଲାଇ ନେଇ ବଣ ପାହାଡ଼ କନ୍ଦରାରେ ଲୁଚାଇ ରଖିବାକୁ ପଡ଼ିଥିଲା । କିନ୍ତୁ ମରହଟ୍ଟାମାନଙ୍କ ଶାସନ ସମୟରେ (ଖ୍ରୀ.ଅ. ୧୭୫୧-୧୮୦୩) ଅବଶ୍ୟ ଜଗନ୍ନାଥ ଭୟର ବାତାବରଣରୁ ରକ୍ଷା ପାଇଥିଲେ । କହିବା ବାହୁଲ୍ୟ ଇଂରେଜମାନଙ୍କ ଶାସନର ପ୍ରାରମ୍ଭରେ ଖ୍ରୀଷ୍ଟିଆନ ଧର୍ମପ୍ରଚାରକଗଣ ଶ୍ରୀଜଗନ୍ନାଥଙ୍କର ସମ୍ବନ୍ଧରେ ଏକ ଭ୍ରାନ୍ତ ଧାରଣା ଲୋକମାନଙ୍କର ମନରେ ସୃଷ୍ଟି କରିବା ପାଇଁ ବାରମ୍ବାର ଅପଚେଷ୍ଟା କରିଥିଲେ । କିନ୍ତୁ ସେଥିରେ ଅସଫଳ ହେଲେ ମଧ୍ୟ ଇଂରେଜ ଶାସକଗଣ ଶ୍ରୀଜଗନ୍ନାଥଙ୍କ ସେବାପୂଜାରେ ହସ୍ତକ୍ଷେପ କରିନଥିଲେ । ଆଜି ଜଗନ୍ନାଥଙ୍କର ପୂଜା ଆରାଧନାରେ ସେପରି କୌଣସି ପ୍ରତିବନ୍ଧକ ନାହିଁ । ଓଡ଼ିଶାର ଶାସକ ବର୍ଗ ତାଙ୍କର ପୂଜାର୍ଚ୍ଚନା ପ୍ରତି ଯଥେଷ୍ଟ ଦୃଷ୍ଟି ଦେଇ ଆସୁଛନ୍ତି । ଏହି କ୍ରମରେ ଆମ୍ଭେ ଆମ୍ଭର ନିବନ୍ଧର ପରବର୍ତ୍ତୀ ପରିଚ୍ଛେଦରେ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନାର କିପରି ବିସ୍ତାର ଘଟିଥିଲା ଏବଂ ଭାରତ ଓ ବିଶ୍ୱର ଅନ୍ୟାନ୍ୟ ଦେଶକୁ ଏହାର ପ୍ରସାର ଓ ପ୍ରଚାର ହୋଇଥିଲା, ତାହାର ଅନୁଶୀଳନ କରିବାକୁ ଯାଉଅଛୁ ।

■■■

---

୭୯. ସାହୁ, ପ୍ରଭାତ କୁମାର, ଶ୍ରୀକ୍ଷେତ୍ରର କବି ପରମ୍ପରାରେ ଶ୍ରୀଜଗନ୍ନାଥ, (ଅପ୍ରକାଶିତ ପାଣ୍ଡୁଲିପି, ୨୦୧୬), ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ ପାଠାଗାର ପୃ. ୧୭-୨୭

ଦ୍ୱିତୀୟ ପରିଚ୍ଛେଦ

ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ : ଶ୍ରୀଜଗନ୍ନାଥ ଚେତନା

ପ୍ରାଚୀନ କାଳରୁ ଆରମ୍ଭ କରି ଭାରତ ତଥା ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଥିବା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଅଗଣିତ ଭକ୍ତ ଶ୍ରୀକ୍ଷେତ୍ରରେ ରୁଣ୍ଡ ହେଉଥିଲେ । ଏହାର ମୁଖ୍ୟ କାରଣ ହେଉଛି ବିଶ୍ୱର ଲୋକମାନଙ୍କୁ ମୋକ୍ଷ ବା ମୁକ୍ତି ଦେବାରେ ଶ୍ରୀଜଗନ୍ନାଥ ହିଁ ହେଉଛନ୍ତି ଏକମାତ୍ର ଦେବତା । ବିଶେଷ ଭାବେ ଆଦିଶଙ୍କରାଚାର୍ଯ୍ୟଙ୍କ ସମୟକୁ ଶ୍ରୀଜଗନ୍ନାଥଙ୍କର ସୁଖ୍ୟାତି ବହୁଳ ମାତ୍ରାରେ ବଢ଼ିଯାଇଥିଲା ।ଏଣୁ ଭଗବାନଙ୍କ ଶଙ୍କର ଭାରତବର୍ଷର ଚାରୋଟି ସ୍ଥାନରେ ନିଜର ଆଶ୍ରମ ବା ମଠ ସ୍ଥାପନ କରିଥିଲେ ଯଥା ପଶ୍ଚିମ ଭାରତରେ ଦ୍ୱାରକା ପୀଠ, ଦକ୍ଷିଣ ଭାରତରେ କାଞ୍ଚିକାମକୋଟୀ (ଶୃଙ୍ଗେରୀ), ଉତ୍ତର ଭାରତରେ ବଦ୍ରିନାଥ ପୀଠ ବା ପୂର୍ବ ଭାରତରେ ଓଡ଼ିଶାର ଶ୍ରୀକ୍ଷେତ୍ରରେ ଗୋବର୍ଦ୍ଧନ ପୀଠ ସ୍ଥାପନ କରିଥିଲେ । ଏହାର କାରଣ ଥିଲା ହିନ୍ଦୁ ଧର୍ମକୁ ରକ୍ଷା କରିବା ପାଇଁ ଏହି ପୀଠଗୁଡ଼ିକ ପରବର୍ତ୍ତୀ କାଳରେ ପ୍ରଧାନ ଭୂମିକା ଗ୍ରହଣ କରିଥିଲା । ସବୁ ପୀଠକୁ ଯାଇ ହିନ୍ଦୁମାନେ ପୂଜାର୍ଚ୍ଚନା କଲେ ମଧ୍ୟ ଜଗନ୍ନାଥ ପୀଠକୁ ନ ଆସିଲେ ମୁକ୍ତି ନାହିଁ ବୋଲି ବିଚାର କରିବା ଆରମ୍ଭ କରିଥିଲେ । ଫଳରେ ଭାରତୀୟମାନେ ସମଗ୍ର ଭାରତବର୍ଷ ପରିଭ୍ରମଣ କଲା ପରେ ମଧ୍ୟ ଶେଷରେ ଶ୍ରୀକ୍ଷେତ୍ରକୁ ଆସିଥାନ୍ତି ଏବଂ ବିଶ୍ୱ ମାନବବାଦୀ ଦେବତା ଭାବେ ପ୍ରତିଷ୍ଠା ଅର୍ଜନ କରିଥିବା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ମୁକ୍ତି ଲାଭ କରିବାର ଅଭୀପ୍‌ସା ଚରିତାର୍ଥ କରିଥାନ୍ତି । ଏ ସମସ୍ତ କହିବାର ଉଦ୍ଦେଶ୍ୟ ହେଉଛି, ଶ୍ରୀଜଗନ୍ନାଥ ଆଦିଶଙ୍କରାଚାର୍ଯ୍ୟଙ୍କର ବହୁ ପୂର୍ବରୁ ମଧ୍ୟ ବିଶ୍ୱରେ ସର୍ବବନ୍ଦିତ ଦେବତା ଭାବେ ପରିଗଣିତ ହୋଇଥିଲେ । ସେଥିପାଇଁ ତାଙ୍କୁ ନେଇ ସାହିତ୍ୟ ସୃଷ୍ଟି ହେବାକୁ ଲାଗିଲା । ଶାସକ ଯେତେବେଳେ ତାଙ୍କର ପାଦ ତଳେ ଭକ୍ତି ଭାବରେ ବନ୍ଧା ହୋଇ ଆଶ୍ରୟ ନେଲେ, ସେତେବେଳେ ସାଧାରଣ ପ୍ରଜାଙ୍କ କଥା ନ କହିବା ଭଲ । କୋଟି କୋଟି ଜନତା ମଧ୍ୟ ଶ୍ରୀଜଗନ୍ନାଥଙ୍କ ସାମ୍ୟ, ମୈତ୍ରୀ, ବିଶ୍ୱଭ୍ରାତୃତ୍ୱ ଭାବ, ପରୋପକାର ଓ ଭେଦଭାବର ଉର୍ଦ୍ଧ୍ୱରେ ରହି ମାନବ କଲ୍ୟାଣ ସକାଶେ ଅହରହ ଉଦ୍ୟମ କରୁଥିଲେ । ସେତେବେଳେ ନିଶ୍ଚିତ ଭାବେ ତାଙ୍କୁ ନେଇ ସାହିତ୍ୟ ସୃଷ୍ଟି ହେବା ଆଶ୍ଚର୍ଯ୍ୟକର ନ ଥିଲା । ବେଦ ବେଦାନ୍ତ, ଉପନିଷଦ ଓ ପୁରାଣ ଶାସ୍ତ୍ରଗୁଡ଼ିକରେ ଶ୍ରୀପୁରୁଷୋତ୍ତମ ତତ୍ତ୍ୱର ଯେଉଁ ବ୍ୟାଖ୍ୟା କରାଗଲା, ତାହାର ପ୍ରଭାବରେ ପରବର୍ତ୍ତୀ କାଳରେ ଭାରତବର୍ଷର ପ୍ରତ୍ୟେକ ପ୍ରାନ୍ତୀୟ ଭାଷାରେ ଓ ସଂସ୍କୃତ ସାହିତ୍ୟରେ ଶ୍ରୀଜଗନ୍ନାଥ ମହତ୍ତ୍ୱ, ଗୁରୁତ୍ୱ ଓ ରହସ୍ୟକୁ ନେଇ ଗ୍ରନ୍ଥମାନ ଲେଖା ଆରମ୍ଭ ହେଲା । ପୂର୍ବରୁ ଆମ୍ଭେ ସଂସ୍କୃତ ସାହିତ୍ୟର ବହୁ ବିଦ୍‌ଗଧ କବି ତଥା ପୁରାଣକାରଙ୍କ ସମ୍ପର୍କରେ ଉଲ୍ଲେଖ କରିଅଛୁ । ସୁତରାଂ ସେ ସବୁକୁ ଏଠାରେ ଦ୍ୱିତୀୟବାର ଆଲୋଚନା କରିବାକୁ ଯାଉନାହିଁ । କିନ୍ତୁ ଭାରତର ଯେଉଁ ପ୍ରଦେଶରେ ଶ୍ରୀଜଗନ୍ନାଥଙ୍କୁ ମହିମା ସର୍ବବ୍ୟାପୀ ହୋଇପାରିଛି, ସେହି ଓଡ଼ିଶା ରାଜ୍ୟର ଓଡ଼ିଆ ସାହିତ୍ୟରେ ବିଭିନ୍ନ ଗ୍ରନ୍ଥମାନଙ୍କରେ ଆମେ ଶ୍ରୀ ଜଗନ୍ନାଥଙ୍କ ସ୍ୱରୂପକୁ ଦେଖିବାକୁ ପାଉ । ସଂସ୍କୃତ ସାହିତ୍ୟର ଧାରାରେ ଯେପରି ଜଗନ୍ନାଥ ବନ୍ଦିତ ଥିଲେ । ଠିକ୍ ସେହିପରି ଓଡ଼ିଶାର ସାହିତ୍ୟିକମାନଙ୍କ ସୃଷ୍ଟିରେ ବର୍ଣ୍ଣିତ ହେବାକୁ ଲାଗିଲେ । ଶ୍ରୀମନ୍ଦିର ନିର୍ମାଣ କାଳରୁ ଆରମ୍ଭ କରି ବର୍ତ୍ତମାନ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକ ମଧ୍ୟରେ ହଜାର ହଜାର ଗ୍ରନ୍ଥ (କାବ୍ୟ, ମହାକାବ୍ୟ, ପୁରାଣ, ଲୋକସାହିତ୍ୟ, ଗୀତିକବିତା, ତତ୍ତ୍ୱଧର୍ମୀ କବିତା, ଗୀତା, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ଆଲୋଚନା ଓ ନାଟକ ପ୍ରଭୃତି) ସେହି ପତିତପାବନ ଜଗନ୍ନାଥଙ୍କୁ ନେଇ ସୃଷ୍ଟି ହେବାରେ ଲାଗିଛି । ତାଙ୍କର ରହସ୍ୟଧର୍ମୀ ଲୀଳା ମଧ୍ୟରେ ଭକ୍ତମାନେ କିପରି ତାଙ୍କ ପ୍ରତି ଭକ୍ତି ନିବେଦନ କରି ଆସିଛନ୍ତି, ତାହା ସମସ୍ତ ଗ୍ରନ୍ଥରୁ ଅନୁଶୀଳନ କରାଯାଇପାରେ । ଏସବୁ ଗ୍ରନ୍ଥ ମଧ୍ୟରେ ତାଙ୍କର ମାନବବାଦୀ ଚରିତ୍ରର ଭୂମିକାକୁ ମଧ୍ୟ ପାଠକ ସହଜରେ ବୁଝିପାରିଥାଏ । ଏଣୁ ଆମ୍ଭେ ଏହି ପରିଚ୍ଛେଦରେ ଓଡ଼ିଆ ସାହିତ୍ୟର ପ୍ରାଚୀନ ଓ ମଧ୍ୟକାଳୀନ

ଯୁଗରେ (ଦଶମରୁ ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ସମୟକୁ ପ୍ରାଚୀନ କାଳ ଓ ୧୫୦୦ ମସିହାରୁ ୧୮୫୦ ପର୍ଯ୍ୟନ୍ତ ସମୟକୁ ମଧ୍ୟକାଳ) ଯେଉଁ ସବୁ ଗ୍ରନ୍ଥ ରଚିତ ହୋଇଥିଲା, ତନ୍ମଧ୍ୟରେ ଶ୍ରୀଜଗନ୍ନାଥ ଚେତନାର ପରିସୀମାକୁ ଅବତାରଣା କରିବାକୁ ନିମ୍ନରେ ପ୍ରୟାସ କରୁଅଛୁ। ଏହି ପରିପ୍ରେକ୍ଷୀରେ ପ୍ରଥମେ ଆମ୍ଭେ ଓଡ଼ିଶାର ଲୋକସାହିତ୍ୟ ଶ୍ରୀ ଜଗନ୍ନାଥଙ୍କୁ ନେଇ କିପରି ଋଦ୍ଧିବନ୍ତ ହୋଇଛି ଦେଖାଯାଉ।

ଲୋକସାହିତ୍ୟରେ ଶ୍ରୀଜଗନ୍ନାଥ

ଲୋକସାହିତ୍ୟ ଲୋକମାନଙ୍କ ପାଇଁ, ଲୋକମାନଙ୍କ ଓ ଲୋକମାନଙ୍କର। ଏହା ଜାତିର କୋଠ ଭଣ୍ଡାର ଓ ଜାତି, ବର୍ଣ୍ଣ, ଧର୍ମର ବହୁ ଊର୍ଦ୍ଧ୍ୱରେ। ବସ୍ତୁତଃ ଏହାର ଅନ୍ତଃସ୍ୱର ସାର୍ବଜନୀନ। ଅନେକ ସମୟରେ ଏହା ଧର୍ମର ଆଚାର ସହିତ ସମ୍ପୃକ୍ତ ଥିଲେ ମଧ୍ୟ ଧର୍ମର ଗଣ୍ଡି ମଧ୍ୟରେ ଆବଦ୍ଧ ନୁହେଁ।[୧]

ଲୋକ ସାହିତ୍ୟର ସମୟ ନିର୍ଣ୍ଣୟ କରିବା କଷ୍ଟକର ବ୍ୟାପାର। ଲୋକ ହୃଦୟର ଏହାର ନିଃସରଣ, ମୁଖରୁ ମୁଖକୁ ଏହାର ପ୍ରସାରଣ। ଅତି ସରଳ ଏହାର ଅଭିବ୍ୟକ୍ତି। ମୁଖରୁ ମୁଖକୁ ପ୍ରସାରିତ ହେଲାବେଳେ କାଳକ୍ରମେ ଏହାର ଭାଷାରେ କେତେକ ପରିବର୍ତ୍ତନ ଘଟିଥାଏ। ମାତ୍ର ମୂଳଭାବଟି ଏଥିରେ ଅକ୍ଷତ ରହିଥାଏ। ପ୍ରାକ୍ ସାରଳା କାଳରୁ ଓଡ଼ିଆ ଭାଷାରେ ଅସଂଖ୍ୟ ଲୋକଗୀତର ସୃଷ୍ଟି ହୋଇଛି। ପ୍ରାଚୀନ କାଳରେ ଲିପିବଦ୍ଧ ହେବାର ବିଶେଷ ସୁଯୋଗ ନ ଥିବା ହେତୁ ଏଥିରୁ ଅନେକ ବିସ୍ମୃତ ଗର୍ଭରେ ଲୋପ ପାଇଛି। ଏଗୁଡ଼ିକୁ ଉଲ୍ଲେଖ କରିବା ଦିଗରେ ଲୋକମାନଙ୍କର ଉଦାସୀନତା ମଧ୍ୟ ଲୋପର ଅନ୍ୟ ଏକ କାରଣ ହୋଇପାରେ।[୨] ଓଡ଼ିଶାର ଓଡ଼ିଆ ଘରର ଚଳଣି, ଆଚାର, ବ୍ୟବହାର, ପର୍ବପର୍ବାଣୀ, ଯାନି-ଯାତ୍ରା, ବିପଦ-ଆପଦ, ପୂଜା-ଅର୍ଚ୍ଚନା, ଭଜନ, ଜଣାଣ, ସ୍ତୁତି ଓ ବନ୍ଦନାଦିରେ ଶ୍ରୀଜଗନ୍ନାଥ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଜଗନ୍ନାଥ ହେଉଛନ୍ତି ଏ ଜାତିର ଚିରନମସ୍ୟ, ସର୍ବାଗ୍ରେ ପୂଜ୍ୟ।[୩] ଓଡ଼ିଆ ଲୋକସାହିତ୍ୟର ଏକ ପ୍ରଧାନ ଉପଜୀବ୍ୟ ହେଉଛି ଲୋକବିଶ୍ୱାସ ଓ ଲୋକ ସଂସ୍କୃତିର ପ୍ରାଣକେନ୍ଦ୍ର ମହାପ୍ରଭୁ ଶ୍ରୀଜଗନ୍ନାଥ।

ଚିଠିଟିଏ ଲେଖିଲେ ଓଡ଼ିଆ ଲୋକେ ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରି ଲେଖନ୍ତି, 'ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ଶରଣ'। ସକାଳେ ଉଠିଲା ବେଳ ଠାରୁ ଭାତ ଗୁଣ୍ଡାଟିଏ ପାଟିକୁ ଉଠାଇଲା ବେଳେ, ରାତିରେ ଶୋଇଲା ବେଳେ, ଚଡ଼କ ପଡ଼ିଲେ କି ମଡ଼କ ପଡ଼ିଲେ ମୁଖରେ, ସେମାନଙ୍କ ମୁହଁରେ ଲାଖି ରହିଥାଏ ଶ୍ରୀଜଗନ୍ନାଥଙ୍କ ନାମ। ଶ୍ରୀଜଗନ୍ନାଥ ହେଉଛନ୍ତି ସେମାନଙ୍କର ଅଭିଭାବକ, ସେମାନଙ୍କର ରାଜା, ଆଖିର ଡୋଳା, ଭବ ସାଗରରୁ ପାରି ହେବା ପାଇଁ ଏକମାତ୍ର ଭେଳା।[୪] ଦିନ, ବାର, ଲଗ୍ନର କିଛି ବିଚାର ନ ରଖି ସର୍ବମଙ୍ଗଳ ଜଗନ୍ନାଥ କହି ଯେକୌଣସି କାର୍ଯ୍ୟ ଆରମ୍ଭ କରେ। ବ୍ରତ ଠାରୁ ଆରମ୍ଭ କରି ବିବାହ ପର୍ଯ୍ୟନ୍ତ ସବୁଠାରେ ଶ୍ରୀଜଗନ୍ନାଥ ସ୍ମରଣୀୟ ଓ ବନ୍ଦନୀୟ। କୃଷିଭିତ୍ତିକ ଓଡ଼ିଶା କୃଷକର ସେ ଗଣ୍ଠିଧନ। ସେ କ୍ଷେତରୁ ଆସେ, ଟୁଙ୍ଗୀରେ ପଶେ। ଚିତ୍ତ ବିନୋଦନ ପାଇଁ ସେ ମୃଦଙ୍ଗ ଧରେ। ତହିଁରେ ଟିପ ମାରେ। ତା' ସରଳ ମନର ଭାବରାଜିରେ, ସରଳ ଭାଷାରେ ଶ୍ରୀଜଗନ୍ନାଥ ହିଁ ପ୍ରଥମେ ସ୍ଥାନ ପାଆନ୍ତି

ଏ.... ଧାଇଁ ମୁଁ ଧପଡ଼ ଯେ ମୃଦଙ୍ଗେ ଦେଲି ହାତ
ପ୍ରଥମେ ବନ୍ଦିଲି ଯେ ଓଡ଼ିଶା ଜଗନ୍ନାଥ।[୫]

---

୧. ପରିଡ଼ା, ଲକ୍ଷ୍ମଣ କୁମାର, ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ, ଭୁବନେଶ୍ୱର : ନିଶାମଣି ପ୍ରକାଶନୀ, ୨୦୦୨, ପୃ. ୧

୨. ସାହୁ, ବାସୁଦେବ, ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା, କଟକ : କୋଣାର୍କ ପବ୍ଲିଶର୍ସ, ୧୯୯୧, ପୃ. ୧୦୫

୩. ପରିଡ଼ା, ଲକ୍ଷ୍ମଣ କୁମାର, ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ, ପୃ. ୧

୪. ସାହୁ, ବାସୁଦେବ, ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା, ପୃ. ୧୦୫

୫. ପରିଡ଼ା, ଲକ୍ଷ୍ମଣ କୁମାର, ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ, ପୃ. ୨

ଉତ୍କଳ ଏକ ଉତ୍କୃଷ୍ଟ କଳାର ଦେଶ । କଳା, ସ୍ଥାପତ୍ୟର କୁଶଳତା ପାଇଁ ଓଡ଼ିଶା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ଲୋକ କବିର ଦୃଷ୍ଟିରେ ଶ୍ରୀଜଗନ୍ନାଥ ହିଁ ଓଡ଼ିଶାର କଳାର ନିର୍ମାତା, କଳାପାଟବର ଛତ୍ରେ ଛତ୍ରେ ତାଙ୍କର ବୈଚିତ୍ର୍ୟ ପୂରି ରହିଛି । ଲୋକ କବିର କଣ୍ଠରେ ଏଣୁ ସ୍ଥାନ ପାଇଛି –

ଏ ....ଜଗନ୍ନାଥ ପ୍ରଭୁ ହେଲେ ବିଚିତ୍ର ବିନ୍ଧାଣୀ
ଖମ୍ବ ଖସି ଲଗାଇଲେ ଷୋଳ, ଷୋଳ ଶେଣୀ ।
ଶେଣୀକେ ସାତ କାଣ୍ଡ, କାଣ୍ଡକେ ବତା ତିନି
ଗମ୍ଭୀର ଉଝଟିଲା ଜଳାତ ମୁଗୁନି ହୋ ।
ଏ..... କଳା ଓ ମୁଗୁନି ହୋ ପାଟ ଯାକେ ସାର
ପଥୁରିଆ ନିହାଣକୁ ଲହୁଣି ପ୍ରକାର
ନିହାଣ ହେଲା ଥୁଣ୍ଟା ମୁଗୁନି ଆଣ୍ଟ ପଡ଼ି
ଚନ୍ଦନ ଶଇଲକୁ ସର୍ପତ ଛନ୍ତି ବେଢ଼ି ହୋ ।[୬]

ଲୋକକବି ପୁଣି କହୁଛି, ମନ ଏକ ଉଡ଼ନ୍ତା ପକ୍ଷୀ, ମତ୍ତଗଜ ଓ ପୋହଳା ଏଣ୍ଡୁଅ । ସେ ସଦା ଚଞ୍ଚଳ, ଏଠାରୁ ସେଠାକୁ ଉଡ଼େ, ରଙ୍ଗ ବି ପ୍ରତି ମୁହୂର୍ତ୍ତରେ ବଦଳାଏ । ଏଣୁ ତୁ ତୋର ଚଞ୍ଚଳ ମନକୁ ସ୍ଥିର କରି ନୀଳଚକ୍ରର ବାନାକୁ ଅନା । ତାହାହେଲେ ମାୟା କବାଟ ଫିଟାଇ, ନିର୍ମଳ ଓ ସ୍ଥିର ମନରେ ଦାରୁବ୍ରହ୍ମଙ୍କୁ ମନ୍ଦିର ଭିତରେ ଦେଖିପାରିବୁ ।

ଏ.....ବଡ଼ ଦେଉଳକୁ ସ୍ଥିର କରି ଅନା
ଉପରେ ଉଡୁଛି ନୀଳଚକ୍ର ବାନା
କବାଟ ଫିଟିଲେ ମନରେ ଦେଖିବୁ
କାଳିଆ ଦାରୁବ୍ରହ୍ମରେ ।[୭]

ଲୋକକବି ଶ୍ରୀଜଗନ୍ନାଥଙ୍କର ସ୍ନିଗ୍ଧ ମଧୁର ଶୋଭା, ମନ ଲୋଭାଣିଆ ଆଭା, ଦୟେଣା ଚୂଳିଆ ଗଭା ବର୍ଣ୍ଣନାରେ ଥଳକୂଳ ନ ପାଇ କହି ଉଠେ,

ପ୍ରଭୁ କିସ ବାହୁନିବି ଚୂଳକୁ ? ଚୂଳ ସୁନ୍ଦର ଦିଶଇ ଦୂରକୁ ।
ପ୍ରଭୁ କିସ ବାହୁନିବି ଆଖିକୁ ? ଆଖି ଦେଖିଲେ ପାତକ ଥାଇ କି ।
ପ୍ରଭୁ କିସ ବାହୁନିବି ଗଳାକୁ ? ଗଳା ସୁନ୍ଦର କଦମ୍ବ ମାଳକୁ ।
ପ୍ରଭୁ କିସ ବାହୁନିବି ପେଟକୁ ? ମାରକଣ୍ଡ ନ ପାଇଲେ ଭେଟକୁ
ପ୍ରଭୁ କିସ ବାହୁନିବି ଚରଣ ? ତିନିପୁର ଲୋକ ଯା'ର ଶରଣ ।[୮]

ପହିଆ ଡକା ବା ବଡ଼ବଡ଼ିଆ ଡକାଯାଇ ଅମାବାସ୍ୟାରେ ପିତୃପୁରୁଷମାନଙ୍କୁ ଶ୍ରାଦ୍ଧ ଦିଆଯାଏ । ପିଣ୍ଡଦାନ ପରେ କାଉଁରିଆ କାଠି ବା ସଳିତାରେ ବଡ଼ବଡ଼ିଆ ଡକାଯାଏ । ସେଥିରେ ବାଇଶି ପାହାଚ ଓ ମହାପ୍ରସାଦର ସୂଚନା ଥାଏ – ଲୋକ କାଉଁରିଆରେ ନିଆଁ ଲଗାଇ ଉପରକୁ ଟେକି ବଡ଼ବଡ଼ିଆଙ୍କୁ ଡାକେ –

---

୬. ପରିଡ଼ା, ଲକ୍ଷ୍ମଣ କୁମାର, ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ, ପୃ.୬
୭. ତତ୍ରୈବ, ପୃ.୬
୮. ତତ୍ରୈବ, ପୃ.୩

'ବଡ଼ ବଡ଼ିଆ ହେ, ଅନ୍ଧାରେ ଆସି ଆଲୁଏ ଯାଅ
ଗଙ୍ଗା ଯା, ଗୟା ଯା, ବାଇଶି ପାହାଚେ
ମହାପ୍ରସାଦ (କ୍ଷୀରିଖେଚେଡ଼ି) ଖାଇ
ଗଡ଼ ଗଡ଼ାଉ ଥା, ଅମୃତ ଦୃଷ୍ଟିରେ ଚାହିଁଥା ।'[୯]

ସଂସାର ମାୟା ମରୀଚିକା ପୂର୍ଣ୍ଣ । ଏହି ମାୟା ଭିତରେ ବୁଡ଼ି ରହିଲେ ସେ ସଂସାରକୁ ବୁଝିପାରେ ନାହିଁ ଯେ ଜଗନ୍ନାଥ କେବଳ ବଡ଼ ଦେଉଳରେ ନାହିଁ । 'କୀଟରୁ ବ୍ରହ୍ମଯାଏ ସବୁରି ଦେହେ ହରି' ମଣିଷର ମର୍ମ ଭିତରେ ଜଗନ୍ନାଥ ଆତଯାତ ହୁଅନ୍ତି । ନାଭିମଣ୍ଡଳରେ କୁଣ୍ଡଳିନୀ ଶୋଇ ରହିଛି । ଗଙ୍ଗା ଯମୁନା ସରସ୍ୱତୀ ଏବଂ ସାରା ସଂସାର ପିଣ୍ଡ ଭିତରେ ରହିଛନ୍ତି । ସୁଷୁମ୍ନା ନାଡ଼ିରେ ଯୋଗଶକ୍ତି ବଳରେ କୁଣ୍ଡଳିନୀକୁ ଚଳାଇ ବ୍ରହ୍ମରନ୍ଧ୍ର ବାଟେ ଚଳାଇ ନେଇ ପାରିଲେ ମଣିଷ ଅନାସକ୍ତ ହୁଏ ଓ ସାଧନ କରିପାରେ । ବ୍ରହ୍ମରନ୍ଧ୍ରର ଉର୍ଦ୍ଧ୍ୱରେ ସହସ୍ର ଦଳ ପଦ୍ମ ତା'ର ଉପରେ ରତ୍ନ ସିଂହାସନରେ ଜଗନ୍ନାଥ ।

ଲୋକଗୀତର କବି ଜଗନ୍ନାଥଙ୍କ ଓଲଟା ବୃକ୍ଷରେ ଲୋଟଣିପାରା ହୋଇ ଖେଳୁଥିବାର ବର୍ଣ୍ଣନା ଦେଇଛନ୍ତି । ଅଠାକାଠି ପଞ୍ଜୁରୀରେ ସେ ଧରା ଦେଉନାହାନ୍ତି, କେଉଁଠାରେ ମାଟି ଘଟ ପଞ୍ଜୁରୀରେ ସୁବର୍ଣ୍ଣ ଶୁଆ ପରି ରହିଛନ୍ତି । ହଳିଆ ଲୋକଗୀତରେ ଏସବୁ ଭାବରେ କେତେକ ବର୍ଣ୍ଣନା ରହିଛି :-

'ଘଟେ ଘଟେ ବ୍ରହ୍ମ ପୂରିଛି ଆତ୍ମା ରୂପେ
ଘଟିଛି ତିନିପୁର ବିରାଟ ସ୍ୱରୂପେ
ଘଟର ଆକାଶେ ମହାଆକାଶ ବିଶ୍ରାମ
ଘର କରିଅଛି ଚଉଖାନିରେ
ସୁଷୁପ୍ତି ମତେ ବ୍ରହ୍ମ ହୋ ହୋ ହୋ ।'[୧୦]

ଜଗନ୍ନାଥଙ୍କୁ ଶହ ଶହ ଲୋକ ଟେକିବାକୁ ଅକ୍ଷମ । ପହଣ୍ଡି ବିଜେ ବେଳେ ପାହୁଣ୍ଡକେ ଦରକାର ହୁଏ ପାଟମୂଚୁଳା, ତାକ ଭରାରେ ମୁଚୁଳା ଫାଟି ତୁଳା ଗଗନରେ ଉଡ଼େ । କ୍ଲାନ୍ତ ସେବକମାନେ ଝାଳରେ ତିନ୍ତି ଜୁଡୁବୁଡୁ ହୋଇଯାଆନ୍ତି ।

'କାଳିଆ କାଳିଆ ବୋଲି ବୋଲନ୍ତି ଯାହାକୁ
ବାରଶ ବଢ଼େଇ ରଥ ଗଢ଼ିବାକୁ
ତେରଶ ବ୍ରାହ୍ମଣ ଯେ ଭୋଗ ରାନ୍ଧିବାକୁ
ପାରହୁଣ୍ଡକେ ପାଟମୁଚୁଳା କାଳିଆ ବସିବାକୁ ହୋ
ମୁଚୂଳା ଫାଟି ତୁଳା ଉଡ଼ଇ ଗଗନରେ
ସେବକମାନେ ଝାଳରେ ତିନ୍ତିଲେ ଚୁଆ ଚନ୍ଦନରେ ହୋ ।'[୧୧]

ଓଡ଼ିଶାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ, ମୂର୍ତ୍ତି ପରିକଳ୍ପନା, ଗଠନ ଶୈଳୀ, ମନ୍ଦିର ପ୍ରତିଷ୍ଠାକୁ ନେଇ କବି ସାରଳା ଦାସଙ୍କ ମହାଭାରତ ରଚନା ପୂର୍ବରୁ କେତେକ ଲୋକଗୀତ ପ୍ରଚଳିତ ଥିବାର ଜଣାଯାଏ । ତନ୍ମଧ୍ୟରୁ କିଛି ମହାଭାରତ, ଚଣ୍ଡୀପୁରାଣ,

---

୯. ତତ୍ରୈବ, ପୃ.୭

୧୦. ଶ୍ରୀଜଗନ୍ନାଥ ସଂସ୍କୃତି, ୟୁନିକ ପବ୍ଲିଶର୍ସ, ସପ୍ତମ ପତ୍ର, ପୃ. ୧୬୦-୧୬୧

୧୧. ଦାଶ, କୁଞ୍ଜବିହାରୀ, (ସଂଗ୍ରହ) ପଲ୍ଲୀଗୀତ, ସଞ୍ଚୟନ, ୨ୟ ଭାଗ, ପୃ. ୩୫୯

ବିଲଙ୍କା ରାମାୟଣ ଆଦିରେ ମଧ୍ୟ ରହିଥିବା ଅନୁଭୂତି ହୁଏ, ସେଥିପାଇଁ ଆମ୍ଭର ଏହି ଆଲୋଚନାରେ ଆମ୍ଭେ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ରଚିତ ଲୋକସାହିତ୍ୟକୁ ଆଧାର କରି ଯାହା ସଂଗ୍ରହ କରିଛୁ, ତାହାକୁ ପ୍ରଦାନ କରୁଅଛୁ । ଯଥା-

ଶିଆଳି ଲତାରେ ଶୋଇଛନ୍ତି ଭଗବାନ
ମୃଗ କର୍ଣ୍ଣ ପ୍ରାୟେ ଦିଶଇ ପାଦମାନ
ଚିହ୍ନି ନ ପାରିଲୁ ଜରାରେ ଶବର
ମସ୍ତକେ ଚକ୍ର ଚିହ୍ନ ହୋ ।[୧୨]

ଶ୍ରୀଜଗନ୍ନାଥ ରୂପୀ ଶ୍ରୀକୃଷ୍ଣଙ୍କ ମୃତ୍ୟୁକାଳୀନ ଲୋକକଥାକୁ ନେଇ ଲୋକକବି ଉକ୍ତ ଗୀତଟି ସୃଷ୍ଟି କରିଯାଇଛନ୍ତି ।

ସେହିପରି ଇନ୍ଦ୍ରଦ୍ୟୁମ୍ନ ଜଗତକର୍ତ୍ତା ଜଗନ୍ନାଥଙ୍କୁ ବାଙ୍କି ମୁହାଣରୁ କିପରି ଉଦ୍ଧାର କରିଥିଲେ ଓ ପରେ ପୂଜା କରିଥିଲେ, ତାହା ଲୋକଗୀତରେ ସେତେବେଳେ ଅର୍ଥାତ୍ ସାରଳାଙ୍କ ପୂର୍ବରୁ ପ୍ରଚାରିତ ହୋଇଥିଲା, ତାହା ନିମ୍ନ ଉଦାହରଣରୁ ପରିସ୍ଫୁଟିତ ହୋଇଥାଏ । ଯଥା :

'ତେନ୍ତୁଳି ଖା ରାଧା ଉଡ଼ାଇ (ପକାଇ) ଦେଲେ ପାରୁ
ବାଙ୍କି ମୁହାଣରେ ଭାସି ଯେ ଲାଗିଛି ଚନ୍ଦନ ତିନି ଦାରୁ
ଚନ୍ଦନ ତିନି ଦାରୁ ଯେ ଅଚଳ ମହାମେରୁ
ଟାଳି ନ ପାରିଲେ କଳା ଯେ ପିଠିଆ ବାଙ୍କିର ମୁହାଣରୁରେ
ଇନ୍ଦ୍ରଦ୍ୟୁମ୍ନ ରାଜା ଗଡ଼ରୁ ବାହାରି
ଶିରେ ଘେନିଛନ୍ତି ପାଟ ଯେ ମୁଚୁଳି
ବାଙ୍କି ଯେ ମୁହାଣରେ ଲଗାଇଲେ ମାଥ
ଜଗତ କରତା ତୋ ପୟରେ ପୂଜିବି ଜଗନ୍ନାଥ ହେ ।'[୧୩]

ଶ୍ରୀଜଗନ୍ନାଥ ଲୋକଦେବତା କି ବ୍ରାହ୍ମଣ୍ୟ ଦେବତା, ତାହା ଆଜି ସ୍ଥିର ନିଶ୍ଚିତ ନୁହେଁ । ସମାଜରେ ଏଥିପାଇଁ ମତଦ୍ୱୈଧତା ଦେଖିବାକୁ ମିଳେ । ବ୍ରାହ୍ମଣ୍ୟ ଗୋଷ୍ଠୀ ବେଦ, ଉପନିଷଦ, ସଂହିତା ଓ ପୁରାଣ ଆଦିରୁ ଉଦାହରଣ ଦେଇ ଶ୍ରୀଜଗନ୍ନାଥଙ୍କ ପ୍ରାଚୀନତାକୁ ବିଭିନ୍ନ ଗ୍ରନ୍ଥରେ ଉଲ୍ଲେଖ କରିଥିବା ପରିଦୃଷ୍ଟ ହୁଏ । ଖ୍ରୀ. ପୂ. କାଳରେ ଶ୍ରୀଜଗନ୍ନାଥଙ୍କୁ ନେଇ ବେଦ କର୍ତ୍ତା, ଜୈନ ଓ ବୌଦ୍ଧ ଧର୍ମର ପ୍ରବକ୍ତାଗଣ ଶ୍ରୀପୁରୁଷୋତ୍ତମ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଅଭେଦତ୍ୱ ଆରୋପ କରିଥିଲେ । ଏପରିକି ଋଷଭନାଥଙ୍କୁ ଜଗନ୍ନାଥ ଓ ବୁଦ୍ଧଙ୍କୁ ଜଗନ୍ନାଥ ବୋଲି ଲୋକରେ ପ୍ରଚାରିତ ହେଲା । ପୁନଶ୍ଚ ମହେଞ୍ଜୋଦାରୋ ଓ ହରପ୍ପା ବା ସିନ୍ଧୁ ସଭ୍ୟତା ବେଳକୁ ବୃକ୍ଷ ପୂଜାର ପରମ୍ପରା ଆରମ୍ଭ ହୋଇଥିଲା । ସୁତରାଂ ମୂର୍ତ୍ତି ତତ୍ତ୍ୱ ଦୃଷ୍ଟିରୁ ଆଜିର ଗବେଷକମାନେ ଚତୁର୍ଦ୍ଧାମୂର୍ତ୍ତି ଯେହେତୁ ନିମ୍ବ ବୃକ୍ଷରୁ ନିର୍ମିତ ହୋଇଥାନ୍ତି, ତେଣୁ ବୃକ୍ଷଦେବତା ବୋଲି ତାଙ୍କୁ କହିଥାନ୍ତି ।[୧୪] ବାସ୍ତବରେ ସେଗୁଡ଼ିକ ଲୋକମୁଖରେ ପ୍ରଚଳିତ ହେତୁ ତାହାକୁ ଲୋକସାହିତ୍ୟ ନାମରେ ଅଭିହିତ କରାଯାଇପାରେ । ଶ୍ରୀଜଗନ୍ନାଥଙ୍କର ଇତିହାସ ସଂକଳନର ପରମ୍ପରା ପ୍ରାଚୀନ କାଳରୁ ଗଢ଼ି ଉଠିପାରିନାହିଁ । ବିଭିନ୍ନ ପୁରାଣ ଓ କିମ୍ବଦନ୍ତୀ ସୂଚାଇ ଦିଏ ଯେ ଜଗନ୍ନାଥ ନାମରେ ନ ହେଲେ ମଧ୍ୟ ଅନ୍ୟାନ୍ୟ

---

୧୨. ସାହୁ, ବାସୁଦେବ, ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା, ପୃ. ୧୦୭
୧୩. ତତ୍ରୈବ, ପୃ. ୧୦୯-୧୧୦
୧୪. ସାହୁ, ବାସୁଦେବ, ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା, ପୃ. ୨

ନାମରେ ଯଥା – ପୁରୁଷୋତ୍ତମ ପୁରୀ ଠାରେ ବହୁ ପ୍ରାଚୀନ କାଳରୁ ଯେଉଁ ଦେବତା ଉପାସିତ ହୋଇ ଆସୁଥିଲେ, ତାହାଙ୍କର କ୍ରମ ପରିଣତି ହେଉଛନ୍ତି ଆଜିର ଜଗତ ବିଖ୍ୟାତ ଶ୍ରୀଜଗନ୍ନାଥ ।[୧୫]

ବିଶେଷ କରି ଶ୍ରୀଜଗନ୍ନାଙ୍କ ପ୍ରତିଷ୍ଠା ପରେ ତ୍ରୟୋଦଶ ଶତାବ୍ଦୀରେ ରଚିତ ସ୍କନ୍ଦ ପୁରାଣରେ ତତ୍‌କାଳୀନ ଓଡ଼ିଶାର ଧାର୍ମିକ ଚେତନାରେ ଶ୍ରୀଜଗନ୍ନାଥଙ୍କୁ ନେଇ ଯେଉଁ ଲୌକିକ ସାହିତ୍ୟ ଗଢ଼ି ଉଠିଛି, ତାହା ହିଁ ବୋଧହୁଏ ଓଡ଼ିଆ ଲୋକ ସାହିତ୍ୟର ସୃଷ୍ଟିର ଉତ୍ସ ବୋଲି କୁହାଯାଇପାରେ । ବିଶ୍ୱାବସୁ ଶବର ଉପାଖ୍ୟାନ ଦାରୁ ରୂପେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଗଠନ, ଦାରୁବ୍ରହ୍ମ ଉପାଖ୍ୟାନ, ନୀଳମାଧବ ଉପାସନା ପ୍ରଭୃତିର ଲୋକତାତ୍ତ୍ୱିକ ଚେତନାରୁ ହିଁ ଓଡ଼ିଶାର ବିଭିନ୍ନ ପର୍ବପର୍ବାଣି ଓ ବହୁ ଜାତିର ଭକ୍ତି ଉପାସନା ମଧ୍ୟରେ ଶ୍ରୀଜଗନ୍ନାଥ ଚେତନା ଅନ୍ତଃସଲିଳା ଫଲ୍‌ଗୁ ପରି ଅଦ୍ୟାବଧି ପ୍ରବାହିତ ।[୧୬]

ଏହି ପରିପ୍ରେକ୍ଷୀରେ ମତବ୍ୟକ୍ତ କରାଯାଇପାରେ ଯେ ଓଡ଼ିଶାର ବସବାସ କରୁଥିବା ଲୋକମାନଙ୍କର ବିଶ୍ୱାସରେ ଯେପରି ଜଗନ୍ନାଥ ଚେତନା ପରିପୂର୍ଣ୍ଣ ହୋଇ ରହିଅଛି, ଠିକ୍ ସେହିପରି ଓଡ଼ିଶାର ଅନ୍ୟାନ୍ୟ ପ୍ରଦେଶ ଓ ବିଶ୍ୱର ସମସ୍ତ ଦେଶର ଅଧିବାସୀଙ୍କ ମନରେ ଶ୍ରୀଜଗନ୍ନାଥଙ୍କ ଚିତ୍ର ସଦାସର୍ବଦା ଉଦ୍‌ଭାସିତ ହେବାରେ ଲାଗିଛି । ଦେଶବିଦେଶରୁ ପ୍ରତ୍ୟହ ହଜାର ହଜାର ଜଗନ୍ନାଥ ପ୍ରେମୀ ଭକ୍ତଙ୍କ ଶ୍ରୀକ୍ଷେତ୍ରକୁ ଆଗମନ କରିବାର ଆଧାରରେ ଆମ୍ଭେ ଏହି ମତପୋଷଣ କରୁ । ଲୋକବିଶ୍ୱାସରେ ଶ୍ରୀଜଗନ୍ନାଥ ସ୍ୱୟଂ ସୃଷ୍ଟିକର୍ତ୍ତା । ଭାରତୀୟ ସଂସ୍କୃତିର ସେ ହେଉଛନ୍ତି ମେରୁଦଣ୍ଡ । ସମସ୍ତ ଅବତାରର ପରିକଳ୍ପନାର ସେ ଊର୍ଦ୍ଧ୍ୱରେ । ଶୈବ, ଶାକ୍ତ, ବୈଷ୍ଣବ, ଖ୍ରୀଷ୍ଟ ପ୍ରଭୃତି ବିବିଧ ଧାର୍ମିକ ସମ୍ପ୍ରଦାୟର ପ୍ରାଣକେନ୍ଦ୍ର ରୂପେ ଆଜି ସେ ସୁପ୍ରତିଷ୍ଠିତ । ସହସ୍ର ସହସ୍ର ବର୍ଷର ଆଧ୍ୟାତ୍ମିକ ସଂସ୍କୃତିର ମହାପ୍ରବାହ ତାଙ୍କରି ଠାରେ ହିଁ ସମୀକୃତ ହୋଇଅଛି । ଶ୍ରୀଜଗନ୍ନାଥ ଉଭୟ ସାକାର ଓ ନିରାକାର ମତବାଦର ଏକ ମଧୁର ସମନ୍ୱୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଥିପାଇଁ ଆଜି ଓଡ଼ିଶାର ସମସ୍ତ ବର୍ଗର, ଜାତିର, ଧର୍ମର ଲୋକମାନେ ତାଙ୍କୁ ନେଇ ଗୀତ, କଥା, ମିଥ୍, କିମ୍ବଦନ୍ତୀ, ପ୍ରବାଦ ଓ ପ୍ରବଚନ ଆଦି ସୃଷ୍ଟି କରିବାରେ ଲାଗିପଡ଼ିଛନ୍ତି । ଓଡ଼ିଶାର ଲୋକଗୀତରେ ଆମେ ସେହି ସମନ୍ୱୟର ମୁଦ୍ରାଙ୍କ ଆଜି ଦେଖିବାକୁ ପାଉ ।[୧୭]

ସେହିପରି ଲୋକସାହିତ୍ୟର ପାରମ୍ପରିକ ଧାରା ଅଦ୍ୟାବଧି ଗତିଶୀଳ ଥିବା ଅବସ୍ଥାରେ ଶ୍ରୀଜଗନ୍ନାଥଙ୍କୁ ନେଇ ବହୁ ଶିଳାଲେଖ, ଅଭିଲେଖ, ତାମ୍ରଲେଖ ପ୍ରଭୃତିର ମଧ୍ୟ ପ୍ରଚଳନ ଥିଲା । ସେ ସବୁ ଗଦ୍ୟ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ପରମ୍ପରା କିପରି ପ୍ରତିଫଳିତ ହୋଇଛି, ତାହାର ଅଧ୍ୟୟନ ମଧ୍ୟ କରାଯାଇପାରେ ।

କବି ସାରଳାଙ୍କ ପୂର୍ବବର୍ତ୍ତୀ ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ

ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ମନ୍ଦିର ବେଢ଼ା ଭିତରେ ଥିବା ସଂସ୍କୃତ ଓ ଓଡ଼ିଆ ଭାଷାର ବିଭିନ୍ନ ଶିଳାଲିପି ମନ୍ଦିର କାନ୍ଥରେ ଥିବା ଜଣାପଡ଼ିଛି । କିନ୍ତୁ ବର୍ତ୍ତମାନ କାନ୍ଥଗୁଡ଼ିକରେ ଚୂନ ଦେବା ବେଳେ କିଛି କିଛି ଲିପିଗୁଡ଼ିକ ଆଉ ଦେଖାଯାଉନି । ଭିତର ବେଢ଼ାରେ ଥିବା ମୁକ୍ତିମଣ୍ଡପର ପଶ୍ଚିମ ଦିଗର ନୃସିଂହ ମନ୍ଦିର ଦ୍ୱାରର ଦକ୍ଷିଣ କାନ୍ଥରେ ଚୋଳଗଙ୍ଗଦେବଙ୍କ ଲିପି ରହିଛି । ଏହି ଲିପିଟି ହେଉଛି ସର୍ବପ୍ରଥମ ଲିପି । କାରଣ ଏହି ଲିପି ପୂର୍ବରୁ ଅନ୍ୟ ଲିପିଗୁଡ଼ିକ ଆଉ ଏପର୍ଯ୍ୟନ୍ତ ଦେଖିବାକୁ ମିଳିନାହିଁ । ଏହି ଲିପିଟି ମାର୍କଣ୍ଡେଶ୍ୱର ମନ୍ଦିରରେ ବୀର ସମ୍ରାଟ ଗଙ୍ଗବଂଶର ରାଜା ଚୋଳଗଙ୍ଗଦେବଙ୍କର ଲେଖା ବା ଲିପି ଥିବାବେଳେ ଜଗନ୍ନାଥ ମନ୍ଦିର ବେଢ଼ା ଭିତରେ ପାତାଳେଶ୍ୱର ମନ୍ଦିରର କାନ୍ଥରେ କିଛି ଗଙ୍ଗବଂଶର ରାଜାମାନଙ୍କର କିଛି ସଂସ୍କୃତି ଲିପି ରହିଛି ବୋଲି

---

୧୫. ତତ୍ରୈବ, ପୃ. ୨

୧୬. ନନ୍ଦ, ଦୁର୍ଗାମାଧବ, ଶ୍ରୀଜଗନ୍ନାଥ ଚେତନାର ଉନ୍ମେଷ ଓ ଉତ୍ତରଣ, (ଓଡ଼ିଶାର ଲୋକ ସାହିତ୍ୟରେ ଶ୍ରୀଜଗନ୍ନାଥ) (ପ୍ରବନ୍ଧ)ଭୁବନେଶ୍ୱର : ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ, ୨୦୧୫, ପୃ.୧୯୬

୧୭. ତତୈବ, ପୃ.୨୦୦

ଜଣାପଡ଼ିଛି । ଏ ସମ୍ପର୍କରେ ଆମ୍ଭେ ଉପର୍ଯ୍ୟୁକ୍ତ ସାରଣୀରେ ଶିଳାଲେଖ ଓ ତାମ୍ରଲେଖର କତିପୟ ଉଦାହରଣ ପ୍ରଦାନ କରିଅଛୁ । ତଥାପି ନିବନ୍ଧର ଆବଶ୍ୟକତାକୁ ଆଖିରେ ରଖି ସେଥିରୁ କିଛି ପୁନରାବୃତ୍ତି କରିବାକୁ ଯାଉଅଛୁ ।

ଅନଙ୍ଗଭୀମଦେବଙ୍କ ଲିଙ୍ଗରାଜ ମନ୍ଦିର ଶିଳାଲେଖ ଲେଖାଟିର ସମୟ ହେଉଛି ଅନଙ୍ଗଭୀମ ଦେବଙ୍କ ରାଜତ୍ୱର ୨୩ ଅଙ୍କ ବା ୧୨୩୦ ଖ୍ରୀଷ୍ଟାବ୍ଦ । ଖ୍ରୀ.ପୂ. ୧୨୧୧ରୁ ୧୨୩୮ ପର୍ଯ୍ୟନ୍ତ ରାଜତ୍ୱ କରିଥିବା ଗଙ୍ଗ ସମ୍ରାଟ ମହାବୀର ଅନଙ୍ଗଭୀମ ବଙ୍ଗଳା ଆଡୁ ବାରମ୍ବାର ଶ୍ରୀଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ ହେଉଥିବା ମୁସଲମାନ ଆକ୍ରମଣକୁ ପ୍ରତିରୋଧ କରି ସମସ୍ତ ଓଡ଼ିଆ ଜାତିର ବଳିଷ୍ଠ ଜାତୀୟବୋଧ ଓ ଗଭୀର ଧର୍ମ ଭାବରେ ଉଦ୍‌ବୁଦ୍ଧ କରିବା ପାଇଁ ପ୍ରଧାନ ଆରାଧ୍ୟ ଦେବତା ଭାବରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆଗଙ୍ଗା ଗୋଦାବରୀ ବିସ୍ତୃତ ସାମ୍ରାଜ୍ୟର 'ସମ୍ରାଟ' ଭାବରେ ଘୋଷଣା କରିଥିଲେ । ଏହି ଶିଳାଲେଖରେ ରାଜା ଅନଙ୍ଗଭୀମ ଦେବ ଓଡ଼ିଶାର ନିଜକୁ 'ଚତୁଃସାଗର ପର୍ଯ୍ୟନ୍ତାଧିପତି' ଭାବରେ ଘୋଷଣା କରିଛନ୍ତି ଏବଂ ଭାଗବତ ପୁରୁଷୋତ୍ତମ ପୁତ୍ର ଓ ରାଉତ ଭାବରେ ଘୋଷଣା କରିଯାଇଛନ୍ତି । ପୁଣି ଶିଳାଲେଖରୁ ଜଣାଯାଏ ଯେ ରାଜା ଅନଙ୍ଗଭୀମ ଦେବ ବିଜିତ ସାମ୍ରାଜ୍ୟକୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଅର୍ପଣ କରିଥିଲେ । ଯଥା – ''ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଦାରବିନ୍ଦ ପ୍ରସାଦେ ବ୍ରାହ୍ମଣମାନଙ୍କର କଲ୍ୟାଣେ, ଖଣ୍ଡାରେ ଯଶ କରି ଭୂୟାଂ ପୁରାଣମାନଙ୍କୁ ଜୟ କରି ଆଏ କଲୁ ଉତ୍ତର ଦିଗେ କଂସା ବାଆସାଂ ଠାରୁ ଦନାଇ ବୁଢ଼ି ନଦୀ ସରିକି, ଦକ୍ଷିଣେ ଆଏ କଲୁ ଋଷି କୋଇଲା ନଦୀ ଠାରୁ ରାଜମହୀନ୍ଦ୍ର ଦଣ୍ଡପାଟ ସରିକି, ପଶ୍ଚିମେ ଆଏ କଲୁ ଭୀମନଗର ଦଣ୍ଡପାଟ ଠାରୁ ବଉଦୀସୀମା ସୋନପୁର ସରିକି । ଏ ତିନି ଦିଗରୁ ରାଇଜ ଆଏ କଲି ଜିତ ସୁନା ୨୦ ଲକ୍ଷ ମାଢ଼ ।[୧୮] ରାଜା ଅନଙ୍ଗ ଭୀମ ଦେବ ନିଜକୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରତିନିଧି ବା ସେବକ ଭାବରେ ନିୟୋଜିତ କରିଥିଲେ । ତା ସଙ୍ଗେ ସଙ୍ଗେ ଜଗନ୍ନାଥଙ୍କର ରାଉତ ଭାବରେ ସବୁ ରାଜକାର୍ଯ୍ୟ ନିର୍ବାହ କରୁଥିଲେ ।

ରାଜାଙ୍କର ରାଜତ୍ୱର ୩୪ ଅଙ୍କ (ଖ୍ରୀ.ଅ. ୧୨୩୮ରେ) ଲିଙ୍ଗରାଜ ମନ୍ଦିରରେ ଅନ୍ୟ ଏକ ସଂସ୍କୃତ ଶିଳାଲେଖରେ ସେ ସମଗ୍ର ଓଡ଼ିଶାକୁ 'ପୁରୁଷୋତ୍ତମ ସାମ୍ରାଜ୍ୟ' ଭାବରେ ଘୋଷଣା କରିଛନ୍ତି । ଶିଳାଲେଖର ବିବରଣୀ ସହ ମାଦଳାପାଞ୍ଜିର ବିବରଣୀ ସାମ୍ୟ ରକ୍ଷା କରୁଅଛି । ଗଙ୍ଗବଂଶର ପ୍ରସିଦ୍ଧ ନରପତି (ଖ୍ରୀ. ୧୨୩୮ରୁ ଖ୍ରୀ. ୧୨୬୪) କପିଳାସ ଶିଖରସ୍ଥ ଶିଖରେଶ୍ୱର ଶିବମନ୍ଦିର ଗାତ୍ରରେ ଖୋଦିତ ଅନ୍ୟ ଏକ ସଂସ୍କୃତ ଅଭିଲେଖରେ ନିଜକୁ ଶ୍ରୀ ପୁରୁଷୋତ୍ତମ ପୁତ୍ର ରୂପେ ଅଭିହିତ କରିଛନ୍ତି ।[୧୯]

ଏହି ଅଭିଲେଖଗୁଡ଼ିକ ମଧ୍ୟରେ ଦ୍ୱିତୀୟ ଭାନୁଦେବ (ଖ୍ରୀ.୧୩୦୮-୧୩୨୭)ଙ୍କ ରାଜତ୍ୱର ତ୍ରୟୋଦଶ ବର୍ଷ ବା ୧୩୨୦ ଖ୍ରୀଷ୍ଟାବ୍ଦରେ ଖୋଦିତ ଅଭିଲେଖ ହେଉଛି ସର୍ବପ୍ରଥମ, ଯହିଁରେ ଶ୍ରୀଜଗନ୍ନାଥଙ୍କୁ 'ଶ୍ରୀ ଦେବାଦିଦେବଃ' ଭାବରେ ବିଶେଷିତ କରାଯାଇଛି । ରାଜା ଦ୍ୱିତୀୟ ଭାନୁଦେବ ଶ୍ରୀ ଜଗନ୍ନାଥ ଦେବଙ୍କୁ ଉତ୍କଳ ସାମ୍ରାଜ୍ୟର ଅଧିପତି ରୂପେ ଘୋଷଣା କରିଛନ୍ତି ।[୨୦] ଦିଗ୍‌ବିଜୟୀ ଗଜପତି କପିଳେଶ୍ୱର ଦେବ ବା କପିଳେନ୍ଦ୍ର ଦେବ (ଖ୍ରୀ. ୧୪୩୫-ଖ୍ରୀ. ୧୪୬୬) ଶ୍ରୀଜଗନ୍ନାଥଙ୍କର ଜଣେ ପରମଭକ୍ତ ବୋଲି ନିଜକୁ ତାଙ୍କର ଓଡ଼ିଆ ଅଭିଲେଖଗୁଡ଼ିକରୁ ଜଣାଯାଏ । ୧୪୩୬ରେ ଶ୍ରୀଜଗନ୍ନାଥ ମନ୍ଦିରର ଜୟ ବିଜୟ ଦ୍ୱାରରେ ଖୋଦିତ ଏକ ଶିଳାଲେଖରୁ ଜଣାଯାଏ ଯେ କପିଳେନ୍ଦ୍ର ଦେବଙ୍କ ରାଜତ୍ୱର ଚତୁର୍ଥ ଅଙ୍କରେ ଧନୁମାସ ଅମାବାସ୍ୟା ଶନିବାର ଦିନ ଶ୍ରୀ ପୁରୁଷୋତ୍ତମ କଟକରେ ପରମେଶ୍ୱର (ଶ୍ରୀଜଗନ୍ନାଥ)ଙ୍କ ଦର୍ଶନ ସମୟ ବହୁ ମନ୍ଦିର କର୍ମଚାରୀଙ୍କ ସମ୍ମୁଖରେ ସେ ଓଡ଼ିଶା ରାଜ୍ୟର ଲବଣ କର ଛାଡ଼ କଲେ ବୋଲି ପ୍ରତିଜ୍ଞା କରିଥିଲେ । ପରବର୍ତ୍ତୀ ସମୟରେ କୌଣସି ରାଜା ଏହି ନୀତି ଲଙ୍ଘନ କରେ ତେବେ ସେ ଶ୍ରୀଜଗନ୍ନାଥଙ୍କ ଠାରେ ଦ୍ରୋହୀ ହେବ ବୋଲି ରାଜା ଘୋଷଣା କରିଥିଲେ ।[୨୧] ଖ୍ରୀ. ୧୪୫୦ରେ

---

୧୮. ମାଦଳାପାଞ୍ଜି, ଅନଙ୍ଗଭୀମଦେବଙ୍କ ରାଜତ୍ୱକାଳୀନ ବିବରଣୀ

*୧୯. **E.I.Vol. XXXIII, P.P. 41-43***

*୨୦. **S.I.I. Vol-VI No. 714***

*୨୧. **Tripathi, Kunjabihari, The Evolution of Oriya Language and script, Cuttack : Utkal university, 1962, PP.253***

ଜଗନ୍ନାଥ ମନ୍ଦିର ଜୟ ବିଜୟ ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ ଖୋଦିତ ଶିଳାଲେଖରେ କପିଳେନ୍ଦ୍ରଦେବ ଘୋଷଣା କରିଥିଲେ ଯେ ସେ ଶ୍ରୀ ପୁରୁଷୋତ୍ତମ ପ୍ରଭୁଙ୍କ ବ୍ୟବହାର ପାଇଁ 'ପୁଣ୍ଡରୀକ୍ଷ ଗୋପା' ଶାଢ଼ୀ ସମର୍ପଣ କଲେ । [୨୨] ଖ୍ରୀ. ୧୪୫୯ରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଜୟ ବିଜୟ ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ ଉତ୍‌କୀର୍ଣ୍ଣ ଅନ୍ୟ ଏକ ଶିଳାଲେଖ ମାଧ୍ୟମରେ କପିଳେନ୍ଦ୍ର ଦେବ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଘୋଷଣା କରିଛନ୍ତି, 'ଭୋ ଶ୍ରୀଜଗନ୍ନାଥ ମାହୋର ବାହିକ ଅଭ୍ୟନ୍ତର ସମସ୍ତ ତ ତୁ ଜାଣୁ । ମୋହୋର କେତେ ରତନ ପଦାର୍ଥ ଅଛି ସେ ତୋହୋର । ଏହାର ଆବର ଆନ ଧନ ଯେ ଅଛି ମୁଇ ବ୍ରାହ୍ମଣ ହାତରେ ତାହା କେତେ ଦେଇପାର (ଇ) ତାହା ଦେବି । ଏ ଭୂମିଖଣ୍ଡ ତୁଂ ଯାହାକୁ ଅନୁଗ୍ରହ କରୁ ମୋହୋର ସେ ନୁହେଁ ।'[୨୩] ଖ୍ରୀ. ୧୪୬୪ରେ ଖୋଦିତ ଶିଳାଲେଖରୁ ଜୟ ବିଜୟ ଦ୍ୱାରର ବାମପାର୍ଶ୍ୱରେ ଥିବା ଜଣାଯାଏ ଯେ, କପିଳେନ୍ଦ୍ର ଦେବ ରାଜା ତାଙ୍କ ମନରେ ଥିବା ସମସ୍ତ କଷ୍ଟ ବେଦନାକୁ ଶ୍ରୀଜଗନ୍ନାଥଙ୍କ ପାଖରେ ଜଣାଇଛନ୍ତି । 'ଭୋ ଜଗନ୍ନାଥ ତୋହା ସେବକ ଏ ମତ ଜଣାଉଅଛି, ରାଇଜଜାକେ ଏ ସାଆନ୍ତମାନଙ୍କୁ ମୁଇଁ ପାଖ ରାଉତକୁ କରି ବିଭଅ ଧିଲି । ବାଳକାଲୁଂ ପୋସି ଆଣିଲି । ଏମାନେ ମୋତେ ସବୁ ହେ ଛାଡ଼ିଲେ । ଏମାନଙ୍କୁ ମୁଇଁ ଯେ ଯାହା ଅନୁରୂପେ ବିହିବି ନିଗୀ ରହିବି । ଭୋ ଜଗନ୍ନାଥ ଏ କଥା ମୋହାର ଦୋଷ ଅଦୋଷ ବିଚାର ।'[୨୪] ଖ୍ରୀ. ୧୪୬୬ର ଆଉ ଗୋଟିଏ ଶିଳାଲେଖରୁ ଜଣାପଡ଼ିଛି ଯେ, ବିଶାଳ ସାମ୍ରାଜ୍ୟର ଯେଉଁ ଗଜପତି, ପାଇକ ଠାରୁ ଆରମ୍ଭ କରି ରାଉତ, ସାମନ୍ତମାନଙ୍କୁ ବାଲ୍ୟକାଳରୁ ନିଜର ପିଲାମାନେ ବା ପୁତ୍ର ମାନ ଭାବି ପାଳି ଆସୁଥିଲେ, ସେମାନେ ତାଙ୍କୁ ଅତ୍ୟଧିକ ଭାବର ବିଶ୍ୱାସଘାତକତା କରିଲେ । ତାଙ୍କୁ ସେଠାରେ ଛାଡ଼ି ଚାଲିଯାଇଛନ୍ତି । ଏହାର କିଛି ନୀତିନିୟମକୁ କିଛି ମାନିନାହାନ୍ତି । ତେଣୁ ସେମାନଙ୍କୁ ଦଣ୍ଡ ବିଧାନ ଦେବା ନିମନ୍ତେ ରାଜା ଗଜପତି ମହାରାଜା ଶ୍ରୀଜଗନ୍ନାଥଙ୍କ ଠାରେ ଅନୁମତି ପ୍ରାର୍ଥନା କରିଛନ୍ତି । ତା ସଙ୍ଗେ ଶ୍ରୀ କପିଳେଶ୍ୱର ଦେବ ଶ୍ରୀ ଜଗନ୍ନାଥଙ୍କୁ ଭକ୍ତିରେ ରତ୍ନ ଖଚିତ ଅନେକ ବଳୟ, ଦୁଇଟି ରତ୍ନଖଚିତ ଶଙ୍ଖ, ଚକ୍ର ସମର୍ପଣ କରିଥିବା ଏହି ଶିଳାଲେଖରୁ ଜଣାଯାଏ ।[୨୫]

ଜଗନ୍ନାଥ ମନ୍ଦିର ଜୟବିଜୟ ଦ୍ୱାରର ବାମପାର୍ଶ୍ୱରେ ଥିବା କାନ୍ଥର ଓଡ଼ିଆ ଶିଳାଲେଖରୁ ଜଣାପଡ଼ିଛି ଯେ, ମହାପ୍ରଭୁଙ୍କର ପରମଭକ୍ତ ଭାବରେ କପିଳେନ୍ଦ୍ରଦେବଙ୍କ ପୁତ୍ର ଯିଏ କି ଶ୍ରୀ ପୁରୁଷୋତ୍ତମ ଦେବ ସେ ମଧ୍ୟ ଅଗାଧ ବିଶ୍ୱାସ ଭକ୍ତିର ପାତ୍ର ଥିଲେ । ସେ ନିଜ ପିତା କପିଳେନ୍ଦ୍ରଦେବଙ୍କ ପରି ଅତ୍ୟଧିକ ଭକ୍ତି କରିବା ସହ ନିଜ ଜୀବନକୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ସମର୍ପଣ କରି ଦେଇଥିଲେ ଏବଂ ସେ ଦାନ ଦେଇଥିବା ବ୍ରାହ୍ମଣମାନଙ୍କୁ ଭୂସମ୍ପତ୍ତି ପୁଣି କିଏ ହଡ଼ପ କରିବ, ସେ ପ୍ରଭୁ ଜଗନ୍ନାଥଙ୍କଠାରେ ଦୋଷୀ ହେବ ବୋଲି ଘୋଷଣା ମଧ୍ୟ କରିଥିଲେ ।[୨୬] ଜୟବିଜୟ ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ ଖ୍ରୀ ୧୪୬୭[୨୭]ରେ ଲେଖାଥିବା ଗୋଟିଏ ଶିଳାଲେଖରୁ ସ୍ପଷ୍ଟ ଜଣାଯାଏ, ଶ୍ରୀକ୍ଷେତ୍ରକୁ ତାଙ୍କର ଶୁଭାଗମନ ଅବକାଶରେ ସେ ରତ୍ନଖଚିତ ଛତା, ମୁକ୍ତା, ଶଯ୍ୟା, ମଣି, ସୁବର୍ଣ୍ଣ ସମାର୍ଜନା ଇତ୍ୟାଦି ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କଠାରେ ଅର୍ପଣ କରିଛନ୍ତି ।[୨୮] ପୁଣି ଶ୍ରୀପୁରୁଷୋତ୍ତମ ଦେବ ବ୍ରାହ୍ମଣମାନଙ୍କୁ କେତେ କର ଛାଡ଼ କରିଥିବା କଥା ମଧ୍ୟ ଏହି ଜୟବିଜୟ ଦ୍ୱାରର ବାମପାର୍ଶ୍ୱର ଶିଳାଲେଖରୁ ଜଣାପଡ଼ିଛି ଏବଂ ଏହି ନିୟମ ଯିଏ ଭଙ୍ଗ କରିବେ, ତାହାହେଲେ ବିଶେଷ କରି ଉତ୍ତରାଧିକାରୀମାନେ ଦୋଷୀ ହୋଇଯିବେ ବୋଲି ସେଥିରେ

---

୨୨. ତତ୍ରୈବ, ପୃ. ୨୫୭

୨୩. ତତ୍ରୈବ, ପୃ. ୨୬୫

୨୪. ତତ୍ରୈବ, ପୃ. ୨୭୨

୨୫. ତତ୍ରୈବ, ପୃ. ୨୭୬

୨୬. ତତ୍ରୈବ, ପୃ. ୨୭୮

୨୭. ମନମୋହନ ଚକ୍ରବର୍ତ୍ତୀଙ୍କ ମତରେ ତାରିଖ ହେଉଛି ଖ୍ରୀ. ୧୪୭୦, ଜି. ରାମଦାସଙ୍କ ମତରେ ଏହି ସମୟ ହେଉଛି ୧୬.୪.୧୪୬୭ ।

*୨୮. **Journal of Bihar and Orissa Research Society, Vol XXXII, 1946, Part-I, P.43***

ଘୋଷଣା କରିଛନ୍ତି ।'[୨୯] ପ୍ରତାପରୁଦ୍ର ଦେବଙ୍କର ଜୟବିଜୟ ଶିଳାଲେଖରୁ[୩୦] ଜଣାଯାଏ ଯେ ଶ୍ରୀ ପ୍ରତାପରୁଦ୍ର ଦେବ ରାଜାଙ୍କ ସମୟ ଗୀତଗୋବିନ୍ଦ ନାଟ ହେବାର ଘୋଷଣା ହୋଇଥିଲା । ଏହା ମଧ୍ୟ ଘୋଷଣା ହୋଇଥିଲା ଯେ ଶ୍ରୀମନ୍ଦିରରେ ଗୀତଗୋବିନ୍ଦ ନାଟ ଛଡ଼ା ଅନ୍ୟ କୌଣସି ନାଟ କିମ୍ବା ଗୀତ ହେବନି ବୋଲି ନାଚୁଣୀମାନଙ୍କୁ ନିର୍ଦ୍ଦେଶ ହୋଇଥିଲା । ଅନ୍ୟ ଯେଉଁ ଚାରି ଜଣ[୩୧] ଯେଉଁ ବୈଷ୍ଣବ ଗାୟକମାନେ ଅଛନ୍ତି, ସେମାନେ ମଧ୍ୟ ଏହି ଗୀତଗୋବିନ୍ଦ ଗାଇପାରିବେ । କିନ୍ତୁ ଅନ୍ୟ କୌଣସି ଗୀତ ଗାଇପାରିବେ ନାହିଁ କିମ୍ବା ଶିଖିପାରିବେ ନାହିଁ । ଯଦି କୌଣସି ସେବକ ଅନ୍ୟ ଗୀତ କି ନାଟ କରାଇବ, ସେ ଜଗନ୍ନାଥଙ୍କ ଠାରେ ଦୋଷୀ ବା ଦ୍ରୋହୀ ହେବ । ଏହି ସମସ୍ତ ଉପର୍ଯ୍ୟୁକ୍ତ ତଥ୍ୟକୁ ଦେଖିଲେ ଜଣାଯାଉଛି ଯେ, ପ୍ରକୃତରେ ଏହି ଗୀତଗୋବିନ୍ଦଟି ଶ୍ରୀମନ୍ଦିରରେ କେତେ ମହତ୍ତ୍ୱପୂର୍ଣ୍ଣ ଏବଂ ଏହାକୁ କେତେ ଉଚ୍ଚସ୍ଥାନରେ ଅଗ୍ରାଧିକାର ଦିଆଯାଇଛି ।

ଉପରୋକ୍ତ ସମସ୍ତ ଆଲୋଚନାରୁ ସ୍ପଷ୍ଟ ଜଣାପଡ଼େ ଯେ ସମସ୍ତ ଶିଳାଲେଖ ଓ ଅଭିଲେଖରେ ଖୋଦିତ ଥିବାର ତଥ୍ୟ କହୁଛି, ପୂର୍ବକାଳରୁ ରାଜା ମହାରାଜାମାନେ ପ୍ରଭୁ ଜଗନ୍ନାଥଙ୍କୁ ନିଜର ସମସ୍ତ ଶାସନ କାର୍ଯ୍ୟକୁ ସମର୍ପଣ କରିଥିଲେ ଏବଂ ନିଜକୁ ମଧ୍ୟ । ଶ୍ରୀଜଗନ୍ନାଥଙ୍କ ବିନା ଅନୁମତିରେ କୌଣସି କାର୍ଯ୍ୟ କରୁନଥିଲେ । ଓଡ଼ିଶାର ରାଜା ଭାବରେ ଜଗନ୍ନାଥଙ୍କୁ ମାନୁଥିଲେ ଏବଂ ନିଜକୁ ତାଙ୍କର ମୁଖ୍ୟ ସେବକ ଭାବରେ ମାନି ଆସୁଥିଲେ ।

ତେଣୁ ଅଧିକାଂଶ ଅଭିଲେଖରେ ଓଡ଼ିଶାର ଗଜପତିମାନଙ୍କର ଏହି ଉକ୍ତି-ନିଷ୍ପାତ ସ୍ୱରୂପଟି ହିଁ ଉଦ୍‌ଘାଟିତ ହୋଇଥିଲା । ଡ. ହରମାନ କୁଲକେଙ୍କ ମତରେ, 'ଏକ ବିଶାଳ ସାମ୍ରାଜ୍ୟର ଶାସନ ପାଇ ଏହି ଧର୍ମର ଐକ୍ୟକାରୀ ଶକ୍ତିର ଆବଶ୍ୟକତା ସହଜରେ ଉପଲବ୍ଧ କରାଯାଇପାରେ । ଏଣୁ ଗଙ୍ଗବଂଶୀୟ ରାଜାମାନେ ଓଡ଼ିଶାର ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଲୋକଙ୍କୁ ଐକ୍ୟବଦ୍ଧ କରିବା ପାଇଁ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ରଦେବତା ରୂପେ ଘୋଷଣା କରିଥିଲେ ।'[୩୨]

ଏ ସମସ୍ତ ଆଧାରରେ ମତବ୍ୟକ୍ତ କରାଯାଇପାରେ ଯେ ପ୍ରାକ୍ ସାରଳା ଯୁଗରେ ଯେଉଁ ଜଗନ୍ନାଥ ଚେତନାର ବିକାଶ ଧୀରେ ଧୀରେ ରାଜା-ମହାରାଜା, ପଣ୍ଡିତ, ଶିଳ୍ପୀ ପ୍ରଭୃତିଙ୍କ ମାଧ୍ୟମରେ ପ୍ରକାଶ ହୋଇଥିଲା, ତାହା ପଞ୍ଚଦଶ ଶତାବ୍ଦୀରେ କବି ସାରଳା ଦାସଙ୍କ ଲେଖନୀରେ ପୂର୍ଣ୍ଣତା ପ୍ରାପ୍ତ ହୋଇଥିଲା । ଏହା ସମ୍ପର୍କରେ ବର୍ତ୍ତମାନ ଅନୁଶୀଳନ କରାଯାଉ ।

ସାରଳା ସାହିତ୍ୟରେ ଶ୍ରୀଜଗନ୍ନାଥ

ସାରଳା ସାହିତ୍ୟ ଓଡ଼ିଆ ଜାତୀୟ ସାହିତ୍ୟର ମୌଳିକ ଉତ୍ସ । ଏକ ବିଶାଳ ଅସରନ୍ତି ପୁଣ୍ୟତୋୟା ଜଳ ଭଣ୍ଡାର । ଓଡ଼ିଶାର ସଂସ୍କୃତିର ଏହା ବିଶାଳ ଗନ୍ତାଘର ।[୩୩] ମାଟିର ମହାକବି ସାରଳା ଦାସ ଓଡ଼ିଆ ସାହିତ୍ୟର ଆଦ୍ୟ ସ୍ରଷ୍ଟା । କାବ୍ୟକଳା ବା ସୃଜନ ନୈପୁଣ୍ୟ ଦୃଷ୍ଟିରୁ ସାରଳା ଦାସଙ୍କ ମହାଭାରତ ଅନ୍ୟ ପ୍ରାଦେଶିକ ମହାଭାରତ ଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ ।[୩୪] ଏହାର ସ୍ରଷ୍ଟା ଐଶୀଶକ୍ତି ବଳରେ ଏପରି ବିଶାଳ ସାରସ୍ୱତ ବିଭବ ସୃଷ୍ଟି କରିପାରିଛନ୍ତି ବୋଲି ବହୁ ସ୍ଥାନରେ ସ୍ୱୀକାର କରିଛନ୍ତି । ତାଙ୍କ ସୃଷ୍ଟିର ଇଷ୍ଟଦେବୀ ଥିଲେ ମାଆ ସାରଳା । କବି ସାରଳା ଦାସ ଓଡ଼ିଶାର ଇଷ୍ଟଦେବତା ଓ ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥଙ୍କୁ ସବୁ

୨୯. *Journal of the Asiatic Society of Bengal, Vol. LXII, 1893, PP.283*

୩୦.କ. ସମୟ ୧୫୦୦

ଖ. *E.O.L.S.P. 300, Insiriptional Sc. No. 42*

୩୧. ପାଠାନ୍ତରେ ୪୯ ଜଣ ମୃତ୍ୟୁଞ୍ଜୟ ରଥ, ଜଗନ୍ନାଥ 'ଶିଳାଲେଖ', ମୁକୁର, ବୈଶାଖ ୧୩୨୦ ମସିହ, ୯ମ ଭାଗ, ୧ମ ସଂଖ୍ୟ

୩୨. କୁଲକେ, ହରମାନ : ଖୋର୍ଦ୍ଧା ରାଜବଂଶ ଓ ଜଗନ୍ନାଥ ଧର୍ମ (ପୌରୁଷ, ୧୨ଶ ବର୍ଷ, ୧ମ ସଂଖ୍ୟା, ପୃ. ୧୭)

୩୩. ମହାନ୍ତି, ବଂଶୀଧର, ଓଡ଼ିଆ ସାହିତ୍ୟର ଇତିହାସ, ୨ୟଭାଗ, ପୃ. ୨

୩୪. ପରିଡ଼ା, ଲକ୍ଷ୍ମଣ କୁମାର, ରଥ କହେ ମୁଁ ଦେବତା, ଭୁବନେଶ୍ୱର, ନିଶାମଣି ପରିଡ଼ା, ୨୦୦୮, ପୃ.୩୬୫

ସ୍ଥାନରେ ବନ୍ଦନା କରିବା ସହିତ ଗଣେଶ, ଶିବ, ସୂର୍ଯ୍ୟ ଆଦିଙ୍କୁ ମଧ୍ୟ ବହୁ କ୍ଷେତ୍ରରେ ସ୍ଥାନ ଦେଇଛନ୍ତି । ତାଙ୍କର ସାରଳା ମହାଭାରତ ଓ ଚଣ୍ଡୀପୁରାଣର ବହୁ ଛତ୍ରକୁ ଲକ୍ଷ୍ୟ କଲେ ଜଣାଯାଏ କବି ଶ୍ରୀଜଗନ୍ନାଥଙ୍କର ମହିମା ଗାନ କରିବାରେ ପ୍ରଗଳଭ ହୋଇଉଠିଛନ୍ତି।[୩୫] ସାରଳା ହିଁ ପ୍ରଥମ କବି ବା ପ୍ରଥମ ବ୍ୟକ୍ତି ଯେ କି ତାଙ୍କ ଲେଖା ମଧ୍ୟରେ ଜଗନ୍ନାଥ ସଂସ୍କୃତିଟିକୁ ରୂପ ଦେବାକୁ ପ୍ରୟାସ କରିଥିଲେ ଏବଂ ସେଥିରେ ସଫଳ ମଧ୍ୟ ହୋଇଥିଲେ । ତାଙ୍କ କୃତ ମହାଭାରତର ମୂଷଳୀ ପର୍ବରେ ମୋଟାମୋଟି ଭାବରେ ଶ୍ରୀଜଗନ୍ନାଥଙ୍କ ବିଷୟରେ ବର୍ଣ୍ଣନା କରିଛନ୍ତି । ସେ ହିଁ ପ୍ରଥମ କବି ଯେ ଚେଷ୍ଟା କରିଛନ୍ତି ଭଗବାନ ଶ୍ରୀକୃଷ୍ଣଙ୍କୁ ଶ୍ରୀଜଗନ୍ନାଥଙ୍କ ସହିତ ଏକ ଓ ଅଭିନ୍ନ ଭାବରେ ପ୍ରତିପାଦିତ କରିବାକୁ । ତା'ପରେ ତାଙ୍କର ପରବର୍ତ୍ତୀ କବିମାନେ ତାଙ୍କ ଅନୁସରଣରେ ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ ଅଭେଦତ୍ୱ ସ୍ୱୀକାର କରିଛନ୍ତି ।[୩୬]

ସାରଳା ମହାଭାରତ ସୃଷ୍ଟି ମୂଳରେ ଶ୍ରୀଜଗନ୍ନାଥଙ୍କ କୃପା

କବି ସାରଳା ଦାସ ସାରଳା ମହାଭାରତରେ ନିଜକୁ ଯୁଗ ଯୁଗ ଶ୍ରୀଜଗନ୍ନାଥଙ୍କର ଦାସାନୁଦାସ ଭାବରେ ସମର୍ପଣ କରିଛନ୍ତି ଯଥା –

'ମୁହିଁ ତୋର ଦାସର ଯେ ଦାସ ଜନ୍ମେ ଜନ୍ମେ
ଶୂଦ୍ରମୁନି ସାରୋଳା ଦାସ ଭଗତି ଶ୍ରୀପୁରୁଷୋତ୍ତମେ ।'[୩୭]

ଜଗତର ନାଥ ଜଗନ୍ନାଥ ଦୁଃଖୀର ଦୁଃଖ ନିବାରଣ ନିମନ୍ତେ ମହୋଦଧିର ଉତ୍ତର ଦିଗରେ ଦର୍ଶନ ଦେଇ ଅଛନ୍ତି, କବି ସାରଳା ଦାସ ସେହି ଜଗତର ନାଥ ଜଗନ୍ନାଥଙ୍କୁ ତାଙ୍କରି ଚରଣରେ ଧ୍ୟାନ ରଖିଛନ୍ତି, ତାଙ୍କ ବିନା ସେ ଅନ୍ୟ କାହାକୁ ଜାଣନ୍ତି ନାହିଁ, ତାଙ୍କରି ନାମକୁ ହିଁ କବିଙ୍କର ଜିହ୍ୱା ଆଶ୍ରୟ କରିଥାଏ ।

'ନୀଳ ଗିରିବାସୀ ପ୍ରଭୁ କମ୍ବୁ ଚକ୍ରଧାରୀ
ଭଗତ ଜନ ଦୁଃଖ ନାଶନ ଶତ୍ରୁ ଅନ୍ତକାରୀ
ସିନ୍ଧୁର ଉତ୍ତର ତୀରେ ତୁମ୍ଭର ନିବାସ
କରିଅଛ ବିଜେ ନିଜେ କମଳା ବିଲାସ
ଦୁଃଖୀ ଦୁଃଖ ଦେଖିଣ କ୍ଷଣେ ହେଁ ନ ସହନ୍ତି
ଆସ ଆସ ବୋଲିଣ ଶରଣ ଯାଚନ୍ତି

x x x x x

ତୁମ୍ଭ ବିନୁ ମୁଁ ଯେ ନ ଜାଣଇ ଆନକୁ
ଜିହ୍ୱା ଆଶ୍ରେ କରଇ ଯେ ତୁମ୍ଭର ନାମକୁ ।'[୩୮]

ନୀଳଗିରିବାସୀଙ୍କର 'ଜଗନ୍ନାଥ ନାମ ଗୋଟି ଜଗତେ ବିଖ୍ୟାତ'[୩୯], 'ସ୍ୱର୍ଗ ମର୍ତ୍ତ୍ୟ ପାତାଳେ ତିନିଭୁବନେ ସେ ହରି । ମେଘ ମହାଶୂନ୍ୟ ସେ ନିରାକାର ଅବତରି ।'[୪୦] 'ହରିର୍ନାମ ହରିର୍ନାମ ହରିର୍ନାମ ହିଁ କେବଳଂ । କଲୌ ନାସ୍ତେବ ନାସ୍ତେବ

୩୫. ସାହୁ, ବାସୁଦେବ, ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା, ପୃ. ୧୫୮
୩୬. ପରିଡ଼ା, ଲକ୍ଷ୍ମଣ କୁମାର , ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ, ପୃ. ୧୪
୩୭. ସାରଳା ମହାଭାରତ, ମଧ୍ୟପର୍ବ, ୧ମ ଖଣ୍ଡ, ପୃ. ୧୬୦, ପ. ୨୬୧
୩୮. ତତ୍ରୈବ, ମଧ୍ୟପର୍ବ, ୨ୟ ଖଣ୍ଡ, ପୃ. ୮୦୪, ପୃ. ୨୮୬-୨୯୦
୩୯. ସାରଳା ମହାଭାରତ, ଭୀଷ୍ମପର୍ବ, ପୃ. ୨୪, ପଦ. ୧୧୯
୪୦. ତତ୍ରୈବ, ପୃ. ୧୨୦

ଗତିରନ୍ୟାଥା ।' [୪୧] 'ପୃଥିବୀ ଆପ ତେଜ ବାୟବ୍ୟ ଆକାଶ । ଧରଣୀ ଧାରଣ ସେ ବିହନ୍ତା ପୁରୁଷ ।'[୪୨] ବ୍ରହ୍ମ ସ୍ୱରୂପରେ ରୂପରେଖ ଧରି । ସ୍ଥାବର ଜଙ୍ଗମ କୀଟପତଙ୍ଗ ଆଦି କରି । କାଷ୍ଠପାଷାଣର ମୂର୍ତ୍ତି କାହିଂ ସେହି । ଯୋଗ ବ୍ରହ୍ମ ନିରାକାର ନିଜେ ସେ ଶୂନ୍ୟଦେହୀ ।'[୪୩] ଏହିପରି ଭାବରେ କବି ଏଠାରେ ଉଲ୍ଲେଖ କରିଛନ୍ତି । ଶ୍ରୀଜଗନ୍ନାଥ ହେଉଛନ୍ତି ସକଳ ଜୀବଜଗତର ମୂଳମନ୍ତ୍ର । ଏହି ଜୀବଜଗତର ପାଳନ ନିମନ୍ତେ ସେ ଏହି ପୃଥିବୀ ସାରା ପଦାର୍ଥ ସଞ୍ଚୟ କରି ରଖିଛନ୍ତି ।[୪୪] ପ୍ରଭୁଙ୍କର ନାମ ଉଚ୍ଚାରଣ କଲେ ଜଗତର ସକଳ ଜଞ୍ଜାଳ, ପ୍ରମାଦ, ପ୍ରଲୋଭନ, ପ୍ରମୋହ ଦୂର ହୋଇଯାଏ ।[୪୫] ସର୍ପାଘାତ, ରିପୁ ଭୟ କାଟେ ନାହିଁ । [୪୬] ସେ ଅନାଦି ନାଥ ସଂସାର କରତା, ଜଗତର ପିତା, ଜଗତର ଅଧିପତି, ପରଂବ୍ରହ୍ମ, 'ପରମ କାରଣ'[୪୭] ଜଗତ ହିତକାରୀ, ଜନଉଦ୍ଧାରୀ, ଭକତ ଭାବଗ୍ରାହୀ, ଅନନ୍ତ ଶାୟୀ, ଭକ୍ତଜନ ଉଦ୍ଧାରଣ, ଦୁଷ୍ଟ ନିବାରଣ, ରାକ୍ଷସକୂଳ ଗଞ୍ଜନ, ପିତାମହଦର୍ପଗଞ୍ଜା[୪୮] ମୃତ୍ୟୁର ଅର୍ଗଳ ଭାଙ୍ଗିବାକୁ ସେ ହିଁ ସମର୍ଥ, ସକଳ ଜପମନ୍ତ୍ରର ସେ ହିଁ ମୂଳ ।[୪୯] ତେଣୁ ସେ ଜଗନ୍ନାଥ ସ୍ୱାମୀଙ୍କର ଚରଣାବିନ୍ଦ କେଶର ଚୁମ୍ବନ କରିବା ପାଇଁ ଭ୍ରମର ସାଜିଛନ୍ତି ।[୫୦] ଓ ଭକ୍ତି ସହ ସ୍ତୁତି ଗାଇଛନ୍ତି -

'ଜଗନ୍ନାଥ ବନ୍ଧୁ ଯେ ଜଗନ୍ନାଥ ପିତା
ଜଗନ୍ନାଥ ମୋହର ଇଷ୍ଟ ଯେ ଦେବତା ।'[୫୧]
ନମସ୍ତେ ନାରାୟଣ ଭଗତ ବତ୍ସଳ
ଭୃତ୍ୟ ଅଭିମାନ ନ ସହୁ ଦାମୋଦର
ଭଗତ ନିସ୍ତାରଣେ ଶଙ୍ଖ ଚକ୍ରଧାରୀ
ଚତୁର୍ଦ୍ଧାରୂପ ଧରି ଦେବ ଦଇତାରି
ଶ୍ରୀନୀଳକନ୍ଦରେ ପ୍ରଭୁ ବିଜେ କରିଅଛ
ମେଳେଚ୍ଛ ଜନମାନନ୍ତ ତୁମ୍ଭେ କରିବା ପାଇଁ ମୋଚ୍ଛ । [୫୨]

ସାରଳା ଦାସଙ୍କର ବହୁ ବନ୍ଦନା ମଧ୍ୟରେ ଶ୍ରୀଜଗନ୍ନାଥଙ୍କୁ ନିରଞ୍ଜନ, ନିରାକାର, ରୂପରେଖ, ବର୍ଣ୍ଣହୀନ, ଅକ୍ଷୟ, ଅଜୟ, ଅମର, କଳ୍ପାନ୍ତକ ପୁରୁଷ, ଅଛିଦ୍ରପୁରୁଷ, ପୂର୍ଣ୍ଣନନ୍ଦ, ଅନାଦି, ପରମ, ଧର୍ମ, ବହୁ, ଅକ୍ଷର-ବିବର୍ଜିତ (ଅକ୍ଷରାତୀତ), ସତ୍ତ୍ୱ-ରଜ-ତମ-ତ୍ରିଗୁଣାତୀତ, ସନାତନ ପୁରୁଷ ଭାବରେ ବର୍ଣ୍ଣନା କରାଯାଇଛି । ଏଠାରେ ଉପନିଷଦ ଓ ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ବିରାଟ ପୁରୁଷ ଓ ପୁରୁଷୋତ୍ତମ ତତ୍ତ୍ୱର ପ୍ରଭାବ ପଡ଼ିଥିବା ପରି ମନେହୁଏ ।[୫୩] କବି ସାରଳା ମହାଭାରତ ରଚନାରେ

୪୧. ପରିଡ଼ା, ଲକ୍ଷ୍ମଣ କୁମାର ଶ୍ରୀ ଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ, ଭୁବନେଶ୍ୱର, ନିଶାମଣି ପ୍ରକାଶନୀ
୪୨. ସା.ପ. ପଦ. ୧୨୧/୨୦୦୨, ପ. ୧୬
୪୩. ତତ୍ରୈବ, ପୃ, ୨୫, ପଦ. ୧୨୨, ୧୨୩
୪୪. ତତ୍ରୈବ, ପୃ, ୬୭, ପଦ୬, ୧୨୬, ପଦ ୫୧ ପୃ. ୨୩୭, ପଦ ୪୫୯
୪୫. ତତ୍ରୈବ, ପୃ. ୨୩୫ ପଦ ୪୩୯, ୪୪୦
୪୬. ତତ୍ରୈବ, ପୃ. ୨୩୬ ପ ୪୪୫
୪୭. ତତ୍ରୈବ, ୧ମ ଖଣ୍ଡ, ପୃ. ୫୧୧, ପଦ ୮୮୭-୮୯୨
୪୮. ପରିଡ଼ା, ଲକ୍ଷ୍ମଣ କୁମାର, ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ, ପୃ. ୧୯
୪୯. ତତ୍ରୈବ, ୨ୟ ଖଣ୍ଡ, ପୃ. ୭୦୯ ପଦ ୪୦୪-୪୦୫
୫୦ ସା.ମ, ଭୀଷ୍ମପର୍ବ, ପୃ. ୨୩୭, ପଦ ୪୬୦
୫୧. ସା. ମ, ମଧ୍ୟପର୍ବ, ୧ମ ଖଣ୍ଡ, ପୃ.୪୪୯, ପଦ. ୧୭୨
୫୨. ସାରଳା ମହାଭାରତ, ୨ୟ ଖଣ୍ଡ, ପୃ. ୧୦୪୧, ପ. ୧୧୨-୧୧୭
୫୩. ତତ୍ରୈବ, ପୃ. ୧୧୦୫, ପ. ୩୨୨-୩୨୭, ପୃ. ୧୧୨୭ ପ ୫୭୨ରୁ ୫୮୭

ଶ୍ରୀଜଗନ୍ନାଥଙ୍କର ଅପାର କରୁଣା ରହିଛି ବୋଲି ସର୍ବଦା ମନେ ରଖିଛନ୍ତି ଓ ତେଣୁ ଆଦିପର୍ବର ଶେଷଭାଗରେ ସ୍ୱତନ୍ତ୍ର ଭାବରେ 'ଜଗନ୍ନାଥ ବନ୍ଦନା' ଶୀର୍ଷକ ୬୫ ପଦ ବିଶିଷ୍ଟ ଏକ ସ୍ତୁତି ସଂଯୋଜନା କରିଛନ୍ତି। ଏଥିରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କର ତାତ୍ତ୍ୱିକ ପରିଚୟ ପ୍ରଦାନରେ କେତେ ମୌଳିକତା ଦେଖାଇଛନ୍ତି। ଶ୍ରୀଜଗନ୍ନାଥ ପ୍ରଥମେ ଏକ ମୂର୍ତ୍ତି ଥିଲେ ଓ କାଳକ୍ରମେ ଚାରିମୂର୍ତ୍ତିରେ ପରିଣତ ହୋଇଛନ୍ତି, ତାହାର ସୂଚନା ରହିଛି ଏହି ବନ୍ଦନା ଭିତରେ -

'ଏକଇ ମୂର୍ତ୍ତି ଯେ ଚାରିରୂପ ହୋଇ
ଜଗନ୍ନାଥ ବଳଭଦ୍ର ସୋହୋଦ୍ରା ସୁଦ୍ରିଶେନ ନାମ ବହି।'[୫୪]

କବି ସାରଳା ଦାସ ଏହି ବନ୍ଦନାରେ ବର୍ଣ୍ଣନା କରିଛନ୍ତି ଯେ, ବଳରାମ ହେଉଛନ୍ତି କପିଳାସବାସୀ ସଦାଶିବଙ୍କର ପ୍ରତ୍ୟକ୍ଷ ଅବତାର। ସୁଭଦ୍ରା ହେଉଛନ୍ତି ଜଗତର ସୃଷ୍ଟିକର୍ତ୍ତା ମହାଜ୍ଞତା ବ୍ରହ୍ମା। ଅନାଦି ମାତାଙ୍କର ଅଭିଶାପ ପାଇ ସେ ସ୍ତ୍ରୀଲିଙ୍ଗ ରୂପ ଧାରଣ କରି ମା ସୁଭଦ୍ରାଙ୍କର ଅବତାର ନେଇ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ମଧ୍ୟସ୍ଥରେ ଅବସ୍ଥିତ ଅଛନ୍ତି। ଜଗନ୍ନାଥଙ୍କର ସୁଦର୍ଶନ ଚକ୍ର ହିଁ ସ୍ତମ୍ଭ ଭାବରେ ତାଙ୍କ ପାଖରେ ସ୍ଥାପିତ। ଜଗତର ନାଥ ଜଗନ୍ନାଥ କଳିଯୁଗ ଲୋକମାନଙ୍କର ଅନ୍ୟାୟ ଅତ୍ୟାଚାରକୁ କାର୍ଯ୍ୟକୁ ଅନୁସରଣ କରି ଜଗନ୍ନାଥ (ଚତୁର୍ଦ୍ଧାମୂର୍ତ୍ତି) ହସ୍ତପଦନାସା ଶ୍ରବଣ ଅଧର ପ୍ରଭୃତି ଲୁଚାଇ ମୌନ ଭାବରେ ନିଜକୁ ପ୍ରତିଷ୍ଠା କରିଅଛନ୍ତି। ସପ୍ତଫଣା ବିଶିଷ୍ଟ ହୋଇ ସେ ବଳଭଦ୍ର ରୂପ ଧାରଣ କରିଅଛନ୍ତି। ଏହି ସପ୍ତଫଣା ଉପରେ ବିରାଜିତ ତାଙ୍କର ନିତ୍ୟ ଗୋଲୋକ ଧାମ। ବାମଭୁଜରେ ରାଧାଙ୍କୁ ଧାରଣ କରି ସେ ନିତ୍ୟ ରାସକେଳି କରୁଛନ୍ତି। ଅଷ୍ଟନାୟିକା ତାଙ୍କର ସେବା କରୁଛନ୍ତି। କୋଟି କୋଟି ଯୁଗଳ ପ୍ରଳୟ ଲୀନ ହୋଇଗଲେ ମଧ ଏହି ନିତ୍ୟ ରାସ କ୍ରୀଡ଼ାର ଅବସାନ ହେଉନାହିଁ। ସଂସାରର ଚିନ୍ତାକୁ ଶେଷ (ବଳଭଦ୍ର)ଙ୍କ ପାଖରେ ନ୍ୟାସ କରି ସେ ରାସକ୍ରୀଡ଼ାରେ ନିମଜ୍ଜିତ। ସେହି ଜଗନ୍ନାଥଙ୍କର ମହିମା ଅବାଙ୍‌ମାନସ ଗୋଚର, ବ୍ରହ୍ମା ଶଙ୍କରାଦି ତାଙ୍କର ଅନ୍ତ ପାଇନାହାନ୍ତି।[୫୫]

ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ସମୀକରଣ

ସାରଳା ଦାସ ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ବର୍ଣ୍ଣନ ବେଳେ ତାହାଙ୍କୁ ନିତ୍ୟ ଗୋଲୋକ ଧାମର ରାସକ୍ରୀଡ଼ା ସ୍ରଷ୍ଟା ରାଧାମୋହନ ଶ୍ରୀକୃଷ୍ଣ ଭାବରେ ବର୍ଣ୍ଣନା କରିଛନ୍ତି। ସମଗ୍ର ମହାଭାରତରେ ସେ ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କୁ ଅଭିନ୍ନ ରୂପରେ ବର୍ଣ୍ଣନା କରିଅଛନ୍ତି। ଅଧିକାଂଶ ସ୍ଥାନରେ ସେ 'କୃଷ୍ଣ' ସ୍ଥାନରେ 'ଜଗନ୍ନାଥ' ଶବ୍ଦର ବ୍ୟବହାର କରିଥିବା ଦେଖାଯାଏ। ଯଥା

ଅ. 'ଜଗନ୍ନାଥେ ବୋଇଲେ ବ୍ୟାସେ ତୁମ୍ଭେ ଦ୍ରୋପଦର ଦେଶକୁ ଯିବ
ବ୍ୟାସକୂଟ କରି ତହିଁ ଲାଖେକ ପାତିବ।'[୫୬]

ଆ. ଅର୍ଜ୍ଜୁନର ଆତ୍ମା ଯେ ଅଟନ୍ତି ଜଗନ୍ନାଥ
କୋଳେ ଧରି ଦୂତୀକୃଷ୍ଣ ନାମ ଦିଲେକ ଅଚ୍ୟୁତ।[୫୭]

ଅନେକ କ୍ଷେତ୍ରରେ ଶ୍ରୀକୃଷ୍ଣ ରଥରେ ବସି ଯାଉଥିବାର କଥା ପୁରୀ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କଥା ବର୍ଣ୍ଣନା ସହିତ ସମ୍ପୂର୍ଣ୍ଣ ସାମ୍ୟରକ୍ଷା କରିଅଛି।[୫୮] ନନ୍ଦିଘୋଷ ରଥ ଓ ତାଳଧ୍ୱଜ ରଥ ଶ୍ରୀକୃଷ୍ଣ ଓ ବଳରାମ ବ୍ୟବହାର କରିଥିବା ସାରଳା ଦାସ ତାଙ୍କ

୫୪. ସାରଳା ମହାଭାରତ, ଆଦିପର୍ବ, ୨ୟଖଣ୍ଡ, ପୃ. ୧୦୫୭, ପ-୨

୫୫. ସାହୁ, ବାସୁଦେବ, ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ-ଚେତନା ,ପୃ. ୧୬୦

୫୬. ସାରଳା ମହାଭାରତ, ଆଦିପର୍ବ, ୧ମଖଣ୍ଡ, ପୃ.୭୩୮, ପଦ. ୨୫

୫୭. ତତ୍ରୈବ, ପୃ. ୭୪୧, ପଦ ୬୦

୫୮. ପରିଡ଼ା, ଲକ୍ଷ୍ମଣ କୁମାର, ରଥ କହେ ମୁଁ ଦେବତା, ପୃ. ୩୬୮-୩୬୯

ମହାଭାରତର ଆଦିପର୍ବ ୧ ଖଣ୍ଡ ଓ ମଧ୍ୟପର୍ବ ୧ମ ଖଣ୍ଡରେ ବର୍ଣ୍ଣନା କରିଛନ୍ତି । ପଞ୍ଚ ପାଣ୍ଡବଙ୍କର ଜତୁଗୃହରେ ମୃତ୍ୟୁକଥା ଚକ୍ରପାଣି ଉଗ୍ରସେନ ଠାରୁ ଶୁଣି ବଡ଼ ବ୍ୟଥିତ ହୋଇଛନ୍ତି । ତାହା ଦେଖି ବଳରାମ ତାଳଧ୍ୱଜ ଓ ନନ୍ଦିଘୋଷ ରଥ ସଜ୍ଜା କରିବାକୁ ସାରଥି ଦ୍ୱୟଙ୍କୁ କହିଛନ୍ତି –

‘ଦାରୁକ ସାତ୍ୟକି ହକାରି ଦେବରାଜ
ତାଳଧ୍ୱଜ ନନ୍ଦିଘୋଷ ବେଗେ କରି ସଜ
ନାରାୟଣଙ୍କ ଆଜ୍ଞାୟେ ବେନି ସେ ସାରଥି
ଅନେକ ରତ୍ନ ଯେ ରଥରେ ମଣ୍ଡନ୍ତି ।
x x x x x
ତାଳଧ୍ୱଜ ରଥେ ବିଜୟେ କାମପାଳ
ଶ୍ରୀଭୁଜେ ଶୋଭାବନ ସ୍ୱାମୀ ସଉନନ୍ଦ ମୂଷଳ
x x x x x
ଦାରୁକ ମଣ୍ଡିଲା ଯେ ନନ୍ଦିଘୋଷ ରଥ
ଅନେକ ସମ୍ଭାରେ ସ୍ୱାମୀ ବିଜୟେ ଜଗନ୍ନାଥ ।[୫୯]

ଦ୍ୱାଦଶ ଶତାବ୍ଦୀରେ କବି ଜୟଦେବ ସଂସ୍କୃତ ଭାଷାରେ ଶ୍ରୀଗୀତଗୋବିନ୍ଦ ରଚନା କରି ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଅଭେଦ କଳ୍ପନା କରିବା ପରେ ଓ ମାଧ୍ୱାଚାର୍ଯ୍ୟ ଏହି ଶତାବ୍ଦୀରେ ଓଡ଼ିଶାକୁ ଆସିଲେ ଏବଂ କୃଷ୍ଣ ଉପାସନା ସହିତ ଜଗନ୍ନାଥ ଉପାସନା ସମାନ ଭାବରେ ଯୋଡ଼ିଲେ ବା ଜଗନ୍ନାଥ ମହାତ୍ମ୍ୟରେ କୃଷ୍ଣଙ୍କର ମାହାତ୍ମ୍ୟ ସମ୍ପୂର୍ଣ୍ଣ ଭାବରେ ଆରୋପ କରିଥିଲେ । ଏହାପରେ ଓଡ଼ିଶା କ'ଣ ଭାରତ କ'ଣ ସାରା ପୃଥିବୀରେ ବର୍ତ୍ତମାନ କବି ଠାରୁ ଆରମ୍ଭ କରି ଭକ୍ତ ଓ ଜନତା ସମସ୍ତେ କୃଷ୍ଣରୂପକୁ ଜଗନ୍ନାଥଙ୍କ ରୂପରେ କଳନା କରି ଆସୁଛନ୍ତି । ତ୍ରୟୋଦଶ ଶତାବ୍ଦୀରୁ ଓଡ଼ିଶାରେ ଗୋପୀନାଥ (କୃଷ୍ଣ) ଉପାସନାର ଲୋକପ୍ରିୟତା ଓ ପ୍ରସାର ବାଲେଶ୍ୱର ଜିଲ୍ଲାର ରେମୁଣାରେ ପରିଦୃଷ୍ଟ ଗୋପୀନାଥ ମୂର୍ତ୍ତି, କଟକ ଜିଲ୍ଲା ଧର୍ମଶାଳାରୁ ଆବିଷ୍କୃତ ଓ ବର୍ତ୍ତମାନ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ଗୋପୀନାଥ ମୂର୍ତ୍ତି ପ୍ରଭୃତି ପ୍ରମାଣ କରିଥାଏ ।[୬୦] ଓଡ଼ିଶାର ବିଭିନ୍ନ ଅଞ୍ଚଳର ଇତିହାସ ଓ ସଂସ୍କୃତି ଗବେଷଣା କଲେ ଜଣାଯାଏ ଅଷ୍ଟମ ଶତାବ୍ଦୀରୁ ଦ୍ୱିଭୁଜ ବିଷ୍ଣୁ ମୂର୍ତ୍ତିଙ୍କର ଉପାସନା ଚଳି ଆସିଛି ଓ ଦ୍ୱାଦଶ ଶତାବ୍ଦୀରୁ ଦ୍ୱିଭୁଜ ବିଷ୍ଣୁ କୃଷ୍ଣ ରୂପେ ଅଭିହିତ ହୋଇଛନ୍ତି । ଜଗନ୍ନାଥଙ୍କ ବିଗ୍ରହ ମଧ୍ୟରେ ଥିବା ବ୍ରହ୍ମ ବସ୍ତୁ କୃଷ୍ଣଙ୍କ ଶରୀରର ଅଂଶ ବୋଲି ଦ୍ୱାଦଶ ଶତାବ୍ଦୀରୁ ଲୋକମାନଙ୍କ ମଧ୍ୟରେ ବଦ୍ଧମୂଳ ଧାରଣା ରହି ଆସିଥିଲା ।[୬୧] କବି ସାରଳା ଦାସଙ୍କ ପୂର୍ବରୁ ସ୍କନ୍ଦ ପୁରାଣ ପ୍ରଚାର କରିଥିଲା ଯେ କୃଷ୍ଣ ଦେହତ୍ୟାଗ କଲା ପରେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ରୂପେ ଅବତୀର୍ଣ୍ଣ ହୋଇଛନ୍ତି । ଓଡ଼ିଶାର କିମ୍ବଦନ୍ତୀରେ ଏହି ପ୍ରଚାର ଆହୁରି ବ୍ୟାପକ ହୋଇ ଉଠିଥିଲା । ତେଣୁ ସାରଳା ଦାସ ତାଙ୍କ ମହାଭାରତର ବିଭିନ୍ନ ପୂର୍ବରେ ମୁଖ୍ୟତଃ ମୂଷଳୀ ପର୍ବରେ ଶ୍ରୀକୃଷ୍ଣ ଶ୍ରୀଜଗନ୍ନାଥରେ ପରିଣତ ହୋଇଥିବାର ଦୀର୍ଘ ଉପାଖ୍ୟାନ ଉପସ୍ଥାପିତ କରିଛନ୍ତି ।[୬୨] ମହାକବି ସାରଳା ଦାସଙ୍କ ସୃଷ୍ଟିରେ ଶ୍ରୀଜଗନ୍ନାଥଙ୍କୁ କବି ବିଶେଷ ପ୍ରାଧାନ୍ୟ ଦେଇଥିବା ଅନୁଭୂତ ହୁଏ । କବି ଯଦିଓ ଜଣେ ଶାକ୍ତ ଉପାସକ ଥିଲେ, ତଥାପି ଓଡ଼ିଶାବାସୀଙ୍କ ହୃଦୟରେ ଆସନପାତି ବସିଥିବା ଶ୍ରୀଜଗନ୍ନାଥଙ୍କୁ ବିଶେଷ ପ୍ରାଧାନ୍ୟ ଦେଇଯାଇଛନ୍ତି । ପଞ୍ଚଦଶ ଶତାବ୍ଦୀର

---

୫୯. ସାରଳା ମହାଭାରତ, ଆଦିପର୍ବ, ପ୍ରଥମ ଖଣ୍ଡ, ପୃ. ୫୭୫, ପ. ୧୧୫

*୬୦. **Achary, Padmasri Paramananda, S.O.H.A.A., P.426***

୬୧. ଯୋଷୀ, ଅର୍ଜୁନ, ସୃଷ୍ଟିର ପ୍ରଥମ ଆଲୋଚକ, କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୮୧, ପୃ. ୧୨

୬୨. ସାହୁ, ବାସୁଦେବ, ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା, ପୃ. ୧୬୨

ଦ୍ୱିତୀୟାର୍ଦ୍ଧରେ ଜନ୍ମିତ କବିଗଣ ଯଥା - ବଳରାମ, ଜଗନ୍ନାଥ, ଅଚ୍ୟୁତ, ଯଶୋବନ୍ତ ଓ ଅନନ୍ତଙ୍କ ରଚନାବଳୀରେ ଆମ୍ଭେ ଶ୍ରୀଜଗନ୍ନାଥଙ୍କୁ ଦେଖିବାକୁ ପାଉ । ଏମାନଙ୍କ ମତରେ ଶ୍ରୀଜଗନ୍ନାଥ ହେଉଛନ୍ତି ନିର୍ଗୁଣ, ନିରାକାର, ଶୂନ୍ୟ ପରଂବ୍ରହ୍ମ । ସେ ବେଳେବେଳେ ସଗୁଣ ବ୍ରହ୍ମ ବା ଆକାର ବ୍ରହ୍ମରେ ମଧ୍ୟ ଆଲୋଚ୍ୟ କବିମାନଙ୍କ ସୃଷ୍ଟିରେ ବର୍ଣ୍ଣିତ ହୋଇଥିବା ଦେଖିବାକୁ ମିଳେ । ଯୋଗସାଧନା ଷଡ୍‌ଚକ୍ର ସାଧନା ଓ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱର ଆଧାରରେ ଏ ସମୟର କବିମାନେ ଶ୍ରୀଜଗନ୍ନାଥଙ୍କୁ ଉପଲବ୍ଧି କରିବାର ମାର୍ଗ ପ୍ରଦର୍ଶନ କରିଥିବା ପରିଦୃଷ୍ଟ ହୁଏ । ଏହି କବିମାନଙ୍କ ମତରେ ଶ୍ରୀଜଗନ୍ନାଥ ହେଉଛନ୍ତି ଅଖିଳ ବ୍ରହ୍ମାଣ୍ଡର ପତି ବା ସ୍ୱାମୀ । ଜଗତବାସୀଙ୍କ ମଙ୍ଗଳ ପାଇଁ ହିଁ ତାଙ୍କର ଆବିର୍ଭାବ ହୋଇଥିଲା । ଶ୍ରୀଜଗନ୍ନାଥ ତତ୍ତ୍ୱର ପ୍ରସାର ଓ ପ୍ରଚାର କରିବା ନିମନ୍ତେ ଏମାନେ ଅହରହ ଯତ୍ନଶୀଳ ଥିଲେ । ସେମାନଙ୍କ ସୃଷ୍ଟିରେ ଶ୍ରୀଜଗନ୍ନାଥଙ୍କ ଲୀଳା ଗୂଢ଼ ରହସ୍ୟର ପରିପ୍ରଚାର ହୋଇଥିବା ଦେଖିବାକୁ ମିଳେ । ଓଡ଼ିଆ ସାହିତ୍ୟରେ ଆଲୋଚ୍ୟ କବିମାନଙ୍କୁ କେହି କେହି ପଞ୍ଚସଖା କହିଥିବା ବେଳେ ଅନ୍ୟ କେହି ସେମାନଙ୍କୁ ଗୋଟିଏ ବୃକ୍ଷର ପଞ୍ଚଶାଖା ବୋଲି ଉଲ୍ଲେଖ କରି ଯାଇଛନ୍ତି । ବିଦଗ୍ଧ ଆଲୋଚକ ନଟବର ସାମନ୍ତରାୟ ତାଙ୍କର 'ସଖାହୀନ ପଞ୍ଚସଖା' ଗ୍ରନ୍ଥରେ ଏମାନଙ୍କ ସାହିତ୍ୟ, ସାଧନା ଓ ଯୋଗପିଣ୍ଡିତ ଜୀବନ ପ୍ରଣାଳୀକୁ ନେଇ ବହୁ ତଥ୍ୟ ପ୍ରଦାନ କରିଯାଇଛନ୍ତି । ବାସ୍ତବରେ ଏମାନେ ଥିଲେ ଶ୍ରୀଜଗନ୍ନାଥଙ୍କର ପ୍ରଧାନ ଭକ୍ତ । ଏମାନଙ୍କର ଦର୍ଶନ ଓ ସାଧନା ଶ୍ରୀଜଗନ୍ନାଥ କୈନ୍ଦ୍ରିକ ଅଟେ ।[୬୩] ଏହି କବିମାନଙ୍କ ସୃଷ୍ଟି ସାଧନା ସମୟରେ ଓଡ଼ିଶାର ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗଳାର ନବଦ୍ୱୀପରୁ ଶ୍ରୀଚୈତନ୍ୟ ନାମକ ଜଣେ ସାଧୁ ୧୫୦୯/ ୧୫୧୦ ମସିହାରେ ଆସିଥିଲେ । ସେ ଥିଲେ ରାଧା ଓ କୃଷ୍ଣ ଉପାସକ । ତାଙ୍କ ମତରେ ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣ ହେଉଛନ୍ତି ଏକ ଓ ଅଭିନ୍ନ । ତାଙ୍କର ମତ ଥିଲା, 'ବିଶ୍ୱାସ ମିଳଇ କୃଷ୍ଣ, ତର୍କେ ବହୁ ଦୂର' । ତାଙ୍କ ଧର୍ମ ପ୍ରଚାରର ମାଧ୍ୟମ ଥିଲା ସଂକୀର୍ତ୍ତନ ମାଧ୍ୟମରେ ଖୋଳ ଓ କରତାଳ ଧ୍ୱନିରେ ମହାମନ୍ତ୍ରର କୀର୍ତ୍ତନ/ ମନନ/ ପୂଜନ/ ସ୍ମରଣ ।

ଯଥା - 'ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ ରାମ ରାମ ହରେ ହରେ ।'

ଏହି ପ୍ରସଙ୍ଗରେ ମତବ୍ୟକ୍ତ କରାଯାଇପାରେ ଯେ ଶ୍ରୀଜଗନ୍ନାଥଙ୍କୁ ନେଇ ପଞ୍ଚସଖା ଯୁଗର କବିଗଣ ଯେଉଁ ଆଧାତ୍ମିକ ତତ୍ତ୍ୱ ବ୍ୟାଖ୍ୟା କରିଥିଲେ, ତାହା ଶ୍ରୀ ଚୈତନ୍ୟଙ୍କ ଠାରୁ ପୃଥକ୍ ଥିଲା । ଏଣୁ ଓଡ଼ିଶାରେ ବିଷ୍ଣୁ ଧର୍ମ ଦୁଇ ଭାଗରେ ବିଭକ୍ତ ହେଲା ଯଥା ୧. ଉତ୍କଳୀୟ ବୈଷ୍ଣବ ପରମ୍ପରା ଓ ୨. ଗୌଡ଼ୀୟ ବୈଷ୍ଣବ ପରମ୍ପରା । ଏହାର ପ୍ରଭାବ ଓଡ଼ିଶାର ଲକ୍ଷ ଲକ୍ଷ ଜନସାଧାରଣଙ୍କ ମନରେ ଗଭୀର ରେଖାପାତ କରିଥିଲା । ବର୍ତ୍ତମାନ ନିମ୍ନରେ ଆମ୍ଭେ ଉତ୍କଳୀୟ ବୈଷ୍ଣବ ଧର୍ମର କବି ଓ ପ୍ରଚାରକମାନଙ୍କ ସୃଷ୍ଟିରେ ଶ୍ରୀଜଗନ୍ନାଥ କିପରି ଚିତ୍ରିତ ହୋଇଛନ୍ତି, ସେ ସବୁକୁ ଏକ ସାରଣୀ ମାଧ୍ୟମରେ ପ୍ରଦାନ କରୁଅଛୁ ।

ଉତ୍କଳୀୟ ବୈଷ୍ଣବ ଧର୍ମ ଗ୍ରନ୍ଥରେ ଶ୍ରୀଜଗନ୍ନାଥ (ସାରଣୀ-୧)

କ୍ର.ନଂ	କବିଙ୍କ ନାମ	ଶ୍ରୀଜଗନ୍ନାଥ କୈନ୍ଦ୍ରିକ ସୃଷ୍ଟି ସମ୍ଭାର	ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ସମ୍ବନ୍ଧୀୟ ଉପାଦାନ	ମନ୍ତବ୍ୟ
୧.	ବଳରାମ ଦାସ	ଜଗମୋହନ ରାମାୟଣ	'ବନ୍ଦଇ ଜଗନ୍ନାଥ କମଳାଦେବୀର ପତି ନୀଳଗିରି ସୁନ୍ଦର ଅପୂର୍ବ ଦିବ୍ୟମୂର୍ତି । ସୁନ୍ଦର ଶ୍ରୀମୁଖ ଯେ ନୀଳଗିରି ଆଭା ଜାଣି ପଟାନ୍ତର କମଳାମେଘ ପ୍ରଭା ।'[୬୪]	

୬୩. ସାମନ୍ତରା, ନଟବର, ସଖାହୀନ ପଞ୍ଚସଖା, ଭୁବନେଶ୍ୱର : ଶ୍ରୀମତୀ ଗଙ୍ଗାବାଈ ସାମନ୍ତରାୟ, ୧୯୭୫, ପୃ. ୧-୧୦
୬୪. ଦାସ, ବଳରାମ : ଜଗମୋହନ ରାମାୟଣ, ଆଦିକାଣ୍ଡ, ପ୍ରଥମ ଅଧ୍ୟାୟ, ପଦ - ୧/୨

		ବେଦାନ୍ତସାର ଗୁପ୍ତଗୀତା	'ଏ ନୀଳଗିରି ନିତ୍ୟସମ । ତେଣୁ ଶ୍ରୀକୃଷ୍ଣ ନିତ୍ୟଧାମ । ଏ ନୀଳ ନିତ୍ୟ ଗିରି ଦୁଇ । ଅଭିନ୍ନ ଅଭେଦ ଅଟଇ । ଗୋପ ମଥୁରା ଦ୍ୱାରାବତୀ । ଶ୍ରୀକୃଷ୍ଣ ଅଯୋଧ୍ୟାର ପତି । ଏମାନେ ନିତ୍ୟସ୍ଥଳୁ ଜାତ । ଅଭିନ୍ନ ନ କର ହୋ ପାର୍ଥ । ଏ ସର୍ବ ନିତ୍ୟରୁ ନିର୍ମାଣ । ଶ୍ରୀକୃଷ୍ଣ କ୍ରୀଡ଼ାରସ ସ୍ଥାନ । ତୁ ଏହା ସଂଶୟ ନ କର । ନିତ୍ୟରେ ଯେମନ୍ତ ବିହାର । ସେହି ରୂପରେ ନିରାକାର । ଶ୍ରୀନୀଳଗିରିରେ ବିହାର ।'[୬୫]	
		ଗୁପ୍ତଗୀତା ବା ବ୍ରହ୍ମଗୀତା	'ନାସିକା ସୁଦର୍ଶନ କହି । ଅଧର ସୁଭଦ୍ରା ଅଟଇ । ନୟନ ଜଗନ୍ନାଥ ଜାଣ । ବଳଭଦ୍ରଟି ଯେ ଶ୍ରବଣ । x x x ବଳଭଦ୍ର ଯେ ସାମହୋଇ । ରକ୍ ଯେ ସୁଭଦ୍ରା ଅଟଇ । ଯଜୁର୍ବେଦ ଶ୍ରୀଜଗନ୍ନାଥ । ଅଥର୍ବ ସୁଦର୍ଶନ ପାର୍ଥ ।'[୬୬]	
		ଭାବ ସମୁଦ୍ର	'ନନ୍ଦିଘୋଷ ରଥୁ ଦେଲୁ ଘଉଡ଼ି କେ ଓଟାରିବ ତୋ ରଥ ଦଉଡ଼ି । ନାଥ, ତୁ ମୋତେ ନେଲେ ସିନା ଯିବୁ ନୋହିଲେ ସେହିଠାରେ ରହିଥିବୁ । ହରିହୋ, ଧରିଛି ଚିତ୍ତେ ତୁ ଯିବୁ କେମନ୍ତେ ଦାସ ବଳରାମ ଭରସି ତୋତେ ।'[୬୭]	
	ବଳରାମ ଦାସ	ବିରାଟ ଗୀତା	'ଯାହାର ରୂପରେଖ ନାହିଁ । ଶୂନ୍ୟ ପୁରୁଷ ଶୂନ୍ୟ ଦେହୀ । ଯାହାର ଶୂନ୍ୟ ଅଟେ ଦେହୀ । ଆବର ନାମ ଥିବ କାହିଁ ।'[୬୮]	
	,,	ଏକ ଅଧ୍ୟାୟ ମହାଭାରତ	ଜୟ ଜୟ ଜଗନ୍ନାଥ । ଜାନକୀ ଦେବୀର କାନ୍ତ । ଜଳଧି ତଟେ ପ୍ରକଟ । ଶଙ୍ଖ ନାଭି କଳ୍ପବଟ । ଦାରୁ ରୂପେ ବିଜେ କରି । ବଉଦ ରୂପେ ବିହରି । କଳି ଯୁଗେ ଜଗନ୍ନାଥ । ଯଗାରୂଢ଼ ରୂପେ ସ୍ଥିତ । ଯୋଗକୁ ଆରମ୍ଭ କରି । ବଉଦ ରୂପେ ବିହରି ।[୬୯]	

---

୬୫. ଦାସ, ବଳରାମ : ବେଦାନ୍ତ ସାରା ଗୁପ୍ତ ଗୀତା, କଟକ : ଉତ୍କଳ ସାହିତ୍ୟ ପ୍ରେସ, ୧୯୧୮, ପୃ. ଅଷ୍ଟମ ଅଧ୍ୟାୟ, ପଦ. ୫୬-୬୫

୬୬. ଦାସ, ବଳରାମ : ଗୁପ୍ତ ଗୀତା, ସପ୍ତମ ଅଧ୍ୟାୟ

୬୭. ଦାସ, ବଳରାମ : ଭାବ ସମୁଦ୍ର (ସଂପା - ଗୋବିନ୍ଦ ରଥ), କଟକ : ଅରୁଣୋଦୟ ପ୍ରେସ, ୧୯୧୦

୬୮. ଦାସ, ବଳରାମ, ବିରାଟ ଗୁପ୍ତଗୀତା, ପ୍ରଥମ ଅଧ୍ୟାୟ

୬୯. ଦାସ, ବଳରାମ, ଏକ ଅଧ୍ୟାୟ ମହାଭାରତ, ପ୍ରଥମ ଅଧ୍ୟାୟ, ପଦ ୧ - ୫

	''	ଅମରକୋଷ ଗୀତା	'କଳା ଡୋଳା ଯେ ଜଗନ୍ନାଥ । ବଳଭଦ୍ର ଯେ ଅଟେ ଶ୍ୱେତ ଶ୍ୟାମଳ ସୁଭଦ୍ରା ଅଟଇ । ତଳ ପତାକୁ ଗୋପୀ କହି ।[୭୦] x x x ଇନ୍ଦ୍ରଦୁମନ ଯେ ଅଟଇ । ଅର୍ଜୁନ ତହିଁରେ ଅଛଇ । ନରେନ୍ଦ୍ରେ ଶୌଚ କଲେ ସ୍ନାନ । ତହିଁରେ ଅଛି ଭୀମସେନ । ମାରକଣ୍ଡ ଯାହାକୁ କହି । ଧର୍ମନନ୍ଦନ ଅଛି ତହିଁ । ବାଙ୍କୀ ମୁହାଁଣ ତୀର୍ଥ ସାର । ତହିଁରେ ଅଶ୍ୱିନୀ କୁମାର ଶ୍ୱେତଗଙ୍ଗାରେ ସହଦେବ । ବେଢ଼ିଣ ଅଛନ୍ତି ଯାଦବ ।'[୭୧]	
	''	ବ୍ରହ୍ମାଣ୍ଡ ଭୂଗୋଳ	'ହେ ଦେବ ଦେବ ଜଗନ୍ନାଥ । ଭକ୍ତବତ୍ସଳ ଗୋପୀନାଥ । ତୁମ୍ଭେ ଯେ ସଂସାରର ହେତୁ । ସର୍ବକର୍ମର ଅଟ ସେତୁ । ତୁମ୍ଭ କୃପାରେ ମୂଢ଼ ନର । ସୁଧୀଏ କରନ୍ତି ଆଦର । ତେଣୁ ଶରଣ ବଳରାମ । ଦିଅ ହେ ପ୍ରଭୁ ଦିବ୍ୟଜ୍ଞାନ । ବ୍ରହ୍ମାଣ୍ଡ ଭୂଗୋଳ ଆପଣ । ପାର୍ଥେ କହିଲ ଯେଉଁ ଜ୍ଞାନ । ତାହା ମୁଁ କରିବି ଲେଖନ । ଏହି ମୋହର ମନସ୍କାମ । ପୂରଣ କର ଚକ୍ରଧର । ପ୍ରଣାମ ଶତ ସସ୍ରାବାର ।'[୭୨]	
	''	ଗୁପ୍ତ ଟୀକା	'ନମଇଁ ପ୍ରଭୁ ନୀଳଗିରି । ଶ୍ରୀହସ୍ତେ ଶଙ୍ଖ ଚକ୍ରଧାରୀ । ନମଇଁ ପ୍ରଭୁ ଜଗନ୍ନାଥ । ଚରଣେ ଲୁଲୁ ମୋର ମାଥ । ନମଇଁ ଆଦି ଭଗବାନ । ଭଗତ ରକ୍ଷଣ ପାଳନ । ନମଇଁ ପାଦପଦ୍ମ ଦୁଇ । ଚରେଣ ଶରଣ ପଶଇ ।'[୭୩]	
	''	ଶ୍ରୀମଦ୍‌ଭଗବତ୍ ଗୀତା	'ମହାପାତ୍ର ସୋମନାଥ ତନୟେ ବଳରାମ ଦାସ ଅଧାମ୍ ଲଏ ନୀଳଗିରି ଜଗନ୍ନାଥଙ୍କ ଦାସ ତେଣୁ ଏ ଗୀତା କଲଇ ପ୍ରକାଶ ।'[୭୪] x x x ପୁରୁଷୋତ୍ତମ ପାଦ ଶିରେ ଧରି ବଳରାମ ଦାସ ଏ ଗୀତା କରି ନୀଳଗିରି ଜଗନ୍ନାଥ ମୋ ସ୍ୱାମୀ ତାହାଙ୍କ ସେବକ ସର୍ବଦା ଆମି ।	

୭୦. ଦାସ, ବଳରାମ, ଅମରକୋଷ ଗୀତା, ପଞ୍ଚମ ଅଧ୍ୟାୟ

୭୧. ତତ୍ରୈବ, ନବମ ଅଧ୍ୟାୟ

୭୨.ଦାସ, ବଳରାମ, ବ୍ରହ୍ମାଣ୍ଡ ଭୂଗୋଳ, ପ୍ରଥମ ଅଧ୍ୟାୟ, ପଦ ୧ - ୭

୭୩. ଦାସ, ବଳରାମ, ଗୁପ୍ତଟୀକା, ପ୍ରଥମ ଅଧ୍ୟାୟ, ପଦ ୧-୪

୭୪. ବ୍ୟାସଦେବ, ଶ୍ରୀମଦ୍ ଭାଗବତ ଗୀତା, ତୃତୀୟ ଅଧ୍ୟାୟ, ଶେଷ ପାଦ

			ସେ ହୃଦେ ଯାହା ଆଜ୍ଞା ଦେଲେ ମୋତେ ଲେଖନ ଧରି ମୁଁ ଲେଖିଲି ପତ୍ରେ ବ୍ରହ୍ମା ବିଷ୍ଣୁ ଶିବ ଦେବେ ନ ଜାଣି ବଳରାମ ଦାସ ଶାସ୍ତ୍ରରେ ଭଣି ।[୭୫]	
	’’	ବେଢ଼ା ପରିକ୍ରମା	‘ଏଥୁ ଅନନ୍ତରେ ଜଗମୋହନରେ ଦେଖିବେ ବେନି ଭାଇଙ୍କି ବୀର ଯେ ଘୋଡ଼ାରେ ଚଢ଼ିଣ ସତ୍ୱରେ କାଞ୍ଚିକାବେରୀ ପାଇଁକି ।’[୭୬]	
	’’	ଲକ୍ଷ୍ମୀପୁରାଣ	‘ନମସ୍ତେ କମଳା ମାଗୋ ସାଗର ଦୁଲଣୀ ନମସ୍ତେ ନମସ୍ତେ ଲକ୍ଷ୍ମୀ ବିଷ୍ଣୁଙ୍କ ଘରଣୀ ନମସ୍ତେ କମଳାଳୟା ଅତି ଦୟାବତୀ ସ୍ଥାବର ଜଙ୍ଗମ କୀଟ ଆଦି ପାଳୁ ନିତି ।’[୭୭]	
	’’	ବଉଳା ଅଧ୍ୟାୟ	‘ଜୟ ଜୟ ଜଗନ୍ନାଥ ଦେବ ଦେବ ରାଜା, ଲକ୍ଷ୍ମୀ ପାଟରାଣୀ ଯାର ଅଟନ୍ତି ଭାରିଯା । ନୀଳାଦ୍ରି କଟକେ ରତ୍ନ ସିଂହାସନ ଥାଇ, ଓଁ ସାର ଚେଷ୍ଟା ଯେ ବୁଝନ୍ତି ଭାବଗ୍ରାହୀ ।’[୭୮]	
	’’	ଜଗନ୍ନାଥ କବଚ	‘ଜୟ ଜଗନ୍ନାଥ ଜଗତ ମଙ୍ଗଳ ଶ୍ରୀମୁଖ ମଣ୍ଡଳ କାଳିନ୍ଦୀ ଜଳ । ରାହୁରେଖାପୂର୍ଣ୍ଣ କଳା ସ୍ୱଭାବ ତ୍ରିମୁଣ୍ଡିଚୂଳକ ଚୁତ ପଲ୍ଲବ । ଶ୍ରୀଫଳ ଅଟଇ ଶ୍ୱେତ ଚନ୍ଦନ ମୀନ ଚକୋର କି ଚକାଲୋଚନ ।’[୭୯]	
	’’	ମୃଗୁଣୀ ସ୍ତୁତି	‘ରଖ ରଖ ଜଗନ୍ନାଥ ଦୁଃଖୀର ସଙ୍ଗାତ ତୁମ୍ଭେ ନ ରଖିଲେ ଆଜ ହୋଇଲି ଅନାଥ । x x x ଜୟ ଜୟ ଜଗନ୍ନାଥ ପ୍ରହ୍ଲାଦ ରଖିଲ, ନୃସିଂହ ରୂପେଣ ହିରଣ୍ୟକୁ ବିଦାରିଲ । ଜୟ ଜୟ ଜଗନ୍ନାଥ ବଳିକୁ ଚାପିଲ ପାତାଳ ପୁରରେ ନେଇ ଗୋପ୍ୟ କରାଇଲ ।’[୮୦]	

୭୫. ତତ୍ରୈବ, ନବମ ଅଧ୍ୟାୟ, ଶେଷପାଦ

୭୬. ଦାସ, ବଳରାମ, ବେଢ଼ା ପରିକ୍ରମା ***(P. Mukherjee, H.M.V.O, 1940, P-46, Footnote)***

୭୭. ଦାସ, ବଳରାମ, ଲକ୍ଷ୍ମୀପୁରାଣ, ପଦ ୧-୨

୭୮. ଦାସ, ବଳରାମ, ବଉଳା ଅଧ୍ୟାୟ

୭୯. ଦାସ, ବଳରାମ, ଜଗନ୍ନାଥ କବଚ

୮୦. ଦାସ, ବଳରାମ, ମୃଗୁଣୀ ସ୍ତୁତି

୨.	ଜଗନ୍ନାଥ ଦାସ	ଶ୍ରୀମଦ୍ ଭଗବଦ୍ ଗୀତା	'ଆପଣେ ପ୍ରଭୁ ଜଗନ୍ନାଥ ଦେବକୀ ଗର୍ଭେ ହେବେ ଜାତ ।'[୮୧] 'ହୋଇବୁ ଏ ଆମ୍ଭର ସତ୍ୟ କି କି କହିଲେ ଜଗନ୍ନାଥ ।'[୮୨] 'ତୋର ଉଦରେ ଜଗନ୍ନାଥ ଜଗନ୍ନାଥ ରଖିବେ ତୋ ସୁତ ।'[୮୩]	
			'ତିନ୍ତିବା ଦେଖି ଜଗନ୍ନାଥ ଫଣାରେ ଢାଙ୍କିଲା ଅନନ୍ତ ।'[୮୪] ' ତାହା ଜାଣିଲେ ଜଗନ୍ନାଥ ଆକାଶେ ଉଠୁଛି ଦଇତ୍ୟ ।'[୮୫] 'ଜଗତ ତୋର ତହୁଁ ଜାତ । ଲୟ ପାଳନ ଜଗନ୍ନାଥ ।'[୮୬] 'ରଜନୀ ହୋଇଲା ପ୍ରଭାତ । ଜାଣିଲେ ପ୍ରଭୁ ଜଗନ୍ନାଥ ।'[୮୭]	
		ଦାରୁବ୍ରହ୍ମ ଗୀତା	'ଯମ୍ଭିକ ତୀଥେ ଚାଲ ଯିବା । କୃଷ୍ଣର ପିଣ୍ଡକୁ ଦାହିବା । ସେଠାରେ କୃଷ୍ଣର ଶରୀର । ପୁରୁଷୋତ୍ତମ ନାମ ତା'ର । ଦକ୍ଷିଣ ମହୋଦଧି ଜାଣ । ଏକଶ ଯୋଜନ ଦକ୍ଷିଣ । କୋଟିଏ ତୀର୍ଥ ତହିଁ ରୁଣ୍ଡ । ସ୍ୱର୍ଗକୁ ଫିଟା ଅଛି ଦାଣ୍ଡ । ସେ ତୀର୍ଥ ସ୍ନାହାନ କରନ୍ତେ । ଯମ ନ ଦଣ୍ଡେ କଦାଚିତେ । ସ୍ୱର୍ଗ ଦୁଆର ନାମ କହି । ଦେବେ ଅଛନ୍ତି ନାମ ଦେଇ । ସ୍ୱର୍ଗଦ୍ୱାରକୁ ନାହିଁ ଲକ୍ଷ୍ୟ । ବିଷ୍ଣୁଙ୍କ ସେ ପ୍ରତ୍ୟକ୍ଷ ।'[୮୮]	
		ଶୈବାଗମ ଭାଗବତ	'ଗୋପୀ ଗୋପାଳଙ୍କର ଅର୍ଥେ ସ୍ୱୟଂ ବିଜୟେ ଜଗନ୍ନାଥେ ।'[୮୯] x x x 'ଶ୍ରୀକୃଷ୍ଣ ନିତ୍ୟ ଅବତାରୀ ନୀଳାଦ୍ରି ଶିଖରେ ବିହରି ।'[୯୦]	

୮୧. ଦାସ, ଜଗନ୍ନାଥ, ଶ୍ରୀମଦ୍ ଭାଗବତ(ଓଡ଼ିଆ) (ସଂ.ପା-ନୀଳମଣି ମିଶ୍ର) ଦଶମ ସ୍କନ୍ଦ (ଗୋପଲୀଳା), ଭୁବନେଶ୍ୱର : ଓଡ଼ିଆ ସାହିତ୍ୟ ଏକାଡେମୀ, ୨୦୧୩, ପଦ-୧୦୫, ପୃ.୬୦୮

୮୨. ଦାସ, ଜଗନ୍ନାଥ, ପଦ-୧୮, ପୃ.୬୦୮

୮୩. ଦାସ ଜଗନ୍ନାଥ, ପଦ-୧୮, ପୃ.୬୧୫

୮୪. ଦାସ ଜଗନ୍ନାଥ, ପଦ, ପୃ.୬୧୮

୮୫. ଦାସ ଜଗନ୍ନାଥ, ପଦ, ପୃ.୬୩୦

୮୬. ତତ୍ରୈବ, ପଦ-୧୮, ପୃ. ୬୧୪

୮୭. ତତ୍ରୈବ, ପଦ-୧୮, ପୃ. ୬୨୬

୮୮. ଦାସ,ଜଗନ୍ନାଥ : ଦାରୁବ୍ରହ୍ମ ଗୀତା (ଦ୍ୱିତୀୟ ଅଧ୍ୟାୟ) କଟକ : ଜଗନ୍ନାଥ ପୁସ୍ତକାଳୟ, ୧୯୨୬, ପଦ, ୩୪-୩୯, ପୃ. ୧୨

୮୯. ଦାସ, ଜଗନ୍ନାଥ : ଶୈବାଗମ ଭାଗବତ, ପ୍ରଥମ ଅଧ୍ୟାୟ, ପଦ- ୨୨

୯୦. ତତ୍ରୈବ : ପ୍ରଥମ ଅଧ୍ୟାୟ, ପଦ - ୧୪

		ଷୋଳ ଚଉପଦୀ	'ଶିଷ୍ୟଗୁରୁ ଜଗନ୍ନାଥ ତ୍ରିବିଧ ଅଗମ୍ୟ ପଥ ଏ ତିନି ଏକତ୍ୱ କରି ଭଜିବୁ ତୁହି ତେବେ ସେ ଭଗତି ଭାବ ମୁକତି କରିବ ଠାବ ଭକ୍ତି ମୁକ୍ତି ଦୁଇକଥା ଏକତ୍ୱ ହୋଇ ।' [୯୧]	
	''	ବ୍ରହ୍ମଗୀତା	'ତାଠାରୁ ଅନ୍ୟ ନାହିଁ କେହି । ଆକାର ଯେଣୁ ତା'ର ନାହିଁ ବିକାର ନ ଘେନନ୍ତି ଯେଣୁ । ନିରଞ୍ଜନଟି ନାମ ତେଣୁ । x x x ସେହି ପୁରୁଷୋତ୍ତମ ରୂପ । ତାହାକୁ ଶୁଦ୍ଧ ମନେ ଜପ ।' [୯୨]	
	''	ଶ୍ରୀନିତ୍ୟଗୁପ୍ତ ଚୂଡ଼ାମଣିଃ (ସଂସ୍କୃତ ଗ୍ରନ୍ଥ)	'ଯଥା ଗୋଲକ ନଗରୀ ତଥା ଶ୍ରୀପୁରୁଷୋତ୍ତମଃ ଲେଶ ମାତ୍ରଂ ନାସ୍ତି ଭିନ୍ନଂ ଦ୍ୱୟ ମେକତ୍ର ଭାବନା x x x ଗୋଲୋକ ଯଃ ସ୍ଥିତଃ କୃଷ୍ଣ ରାଧାୟାଲିଙ୍ଗତଃ ପ୍ରଭୁ ସୋଽପି ନିତ୍ୟସ୍ଥଳେ ସ୍ଥାନଂ ଯେତ୍ରେ ଶ୍ରୀ ପୁରୁଷୋତ୍ତମେ ।' [୯୩]	
୩.	ଅଚ୍ୟୁତାନନ୍ଦ ଦାସ	ହରିବଂଶ	'ଜଗନ୍ନାଥଙ୍କ ପାଦେ ସର୍ବେ କଲେ ପୂଜା ଗରୁଡ଼ ପିଠିରେ ବିଜେ ସେ ଦେବାଧିରାଜା x x x ଜଗନ୍ନାଥ ପ୍ରଭୁଙ୍କର ପାଦପଦ୍ମ ସେବି ମୁଁ ଦୀନ ଅଚ୍ୟୁତ ଦାସ ଗେଲାଉଛି କବି ଜୟ ଜୟ ଜଗନ୍ନାଥ ଆରତ ଭଞ୍ଜନ ପତିତ ପାବନ ସ୍ୱାମୀ ଶ୍ରୀମଧୁସୂଦନ ।' [୯୪]	
	''	ଶୂନ୍ୟ ସଂହିତା	'ଅବତାର ଦଶ ଏହି ଦାରୁରୂପ ଏହି ଦାରୁରେ ସେ ଲୀନ । ଈଶ୍ୱର ସାକ୍ଷାତେ ଲୀଳାର ନିମନ୍ତେ ବିଜେ ରତ୍ନ ସିଂହାସନ ।' [୯୫] x x x 'ଶ୍ରୀଚୈତନ୍ୟ ପ୍ରଭୁ ଆପେ ଜଗତ ଠାକୁର ମନେ ନିମଜ୍ଜିଣ ମନ୍ତ୍ର କଲେ ଯେ ପ୍ରଚାର ଜଗନ୍ନାଥ ବଳଭଦ୍ର ସୁଭଦ୍ରା ସୁଦର୍ଶନ ମହାମନ୍ତ୍ର ମନ୍ତ୍ରରାଜ ରୂପ ଦାରୁବ୍ରହ୍ମ ।	

---

୯୧. ତତ୍ରୈବ : ଷୋଳ ଚଉପଦୀ (ପ୍ରଥମ ଚଉପଦୀ), ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ପୋଥି **No. OL-399**

୯୨. ତତ୍ରୈବ, ଭକ୍ତକବି ଜଗନ୍ନାଥ ଦାସ

୯୩. ତତ୍ରୈବ,ଶ୍ରୀ ନିତ୍ୟାନନ୍ଦ ଗୁପ୍ତ – ଚୂଡ଼ାମଣିଃ (ଭକ୍ତକବି ଜଗନ୍ନାଥ ଦାସ : ଏକ ସମୀକ୍ଷା, ସଂ–ବଂଶୀଧର ମହାନ୍ତି, ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ୧୯୭୭, ପୃ. ୧୪୮)

୯୪. ଦାସ, ଅଚ୍ୟୁତାନନ୍ଦ, ହରିବଂଶ, ପଞ୍ଚମଖଣ୍ଡ, ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ୧୯୭୭, ପୃ. ୭୩୮

୯୫. ଦାସ, ଅଚ୍ୟୁତାନନ୍ଦ, ଶୂନ୍ୟ ସଂହିତା, କଟକ : ଅରୁଣୋଦୟ ପ୍ରେସ, ୧୯୧୪, ପୃ. ଦ୍ୱିତୀୟ ଅଧ୍ୟାୟ

			x x x ନୀଳାଚଳେ ଜଗନ୍ନାଥ ମହାମନ୍ତ୍ରେ ଦିନ, ଧାନ ଆତ୍ମା ସେହି ମନ୍ତ୍ର ରାଜାରେ ଯେ ଚିହ୍ନ । ଐଶ୍ୱର୍ଯ୍ୟ ମାଧୁର୍ଯ୍ୟ ଘେନି ସିଂହାସନ ପରେ ବିଜୟେ କରିଣଛନ୍ତି ଚତୁର୍ଦ୍ଧା ରୂପରେ ।'[୯୬]	
	,,	ଶୂନ୍ୟ ସଂହିତା ଚଉଷଠୀ ଟୀକା	'ମହିମା ଗୋଚର ବୀର ହେଲା ଯେତେବେଳେ ଚତୁର୍ଦ୍ଧା ମୂରତି ରୂପ ଦେଖିଲୁଟି ଡୋଳେ ।'[୯୭] x x x ଶୂନ୍ୟରେ ଅର୍ଗଳି ଦେଖ ଶ୍ରୀବଡ଼ ଦେଉଳ ଶୂନ୍ୟରେ ଜପାମାଳା ଲାଗିଛି ନିରୋଳ ।'[୯୮]	
		ମହାନିତ୍ୟ ରାହାସ	'ଅଠରନଳା ସିଂହଦ୍ୱାର ଯାଏ ନିତ୍ୟ ଗୋଲୋକ ଏଥି ମଧ୍ୟେ ରହେ ।' x x x ପାବଚ୍ଛ ଠାରୁ ଖମ୍ବ ଯାଏ ଘେନି, ମହାନିତ୍ୟ ଏଥି ମଧ୍ୟେ ମଣ୍ଡଣି ଖମ୍ବ ଠାରୁ ଅଠର ଗଳି ଯାଏ, ମହାନିତ୍ୟ ଏଥି ମଧ୍ୟରେ ହୁଏ ।' x x x ଚତୁର୍ଦ୍ଧା ରୂପେ ଛନ୍ତି ବିଜେ କରି, ଚାରି ସ୍ୱରୂପ ଏକ ଅଙ୍ଗ ଧରି ।[୯୯]	
	,,	ନିତ୍ୟ ରାହାସ	'ରୂପରେଖ ବର୍ଣ୍ଣ ସେଠାରେ ନାହିଁ ସିଂହାସନ ବେଢ଼ିଅଛି ସେଠାଇଁ ଚତୁର୍ଦ୍ଧା ମୂରତି ଏକାଇ ରୂପ ଅଣ ସାଧନାରେ ଦେଖ ଅଲେଖ ।'[୧୦୦]	
	,,	ଚାରିଖାନି	କମଳା ପତି ନୀଳଗିରି ବାସ ପରମ ଜ୍ୟୋତି ସହଜେ ପ୍ରକାଶ । ସେ ଯେଉଁ କଞ୍ଜତେ କଲେ କରୁଣା ତେଣୁ କରି ମୋତେ ପଦ ଫୁରୁଣା ଶରଦ ବ୍ରହ୍ମ ସଂହିତାର ବାଣୀ ଆରମ୍ଭ ଯୋଗେ ଭେଟାଇଲି ଆଣି ।[୧୦୧]	

୯୬. ତତ୍ରୈବ, ତୃତୀୟ ଅଧାୟ

୯୭. ଦାସ, ଅଚ୍ୟୁତାନନ୍ଦ, ଶୂନ୍ୟ ସଂହିତା, ଚଉଷଠୀ ଟୀକା, ନବମ ଅଧାୟ, ପଦ-୮୪

୯୮. ତତ୍ରୈବ, ଦ୍ୱିତୀୟ ଅଧାୟ, ପଦ-୩୮

୯୯. ଦାସ, ଅଚ୍ୟୁତାନନ୍ଦ, ନିତ୍ୟ ରାହାସ, ପ୍ରଥମ ଅଧାୟ (ପଞ୍ଚସଖା - ଓଡ଼ିଆ ସାହିତ୍ୟ - ଦେବେନ୍ଦ୍ର ମହାନ୍ତି) କଟକ: ଫ୍ରେଣ୍ଡସ୍‌ପବ୍ଲିଶର୍ସ, ୧୯୭୮, ପୃ. ୧୫୬

୧୦୦. ଦାସ, ଅଚ୍ୟୁତାନନ୍ଦ, ମହାନିତ୍ୟ ରାହାସ, ପ୍ରଥମ ଛାନ୍ଦ ପଦ- ୧୪

୧୦୧. ଦାସ, ଅଚ୍ୟୁତାନନ୍ଦ : ଚାରିଖାନି (ପ୍ରଥମ ଖାନି), ପଦ ୧୨୮-୧୩୦

	,,	ଗୁରୁଭକ୍ତି ଗୀତା	'ବଳଭଦ୍ର ସୁଦର୍ଶନ ଅଟନ୍ତି ଏ ଦୁଇ 'ହ' କାର ଯେ ସୁଦର୍ଶନ ସ୍ତମ୍ଭ ଯେ ଅଟଇ 'ରେ' ଯେ ଅକ୍ଷର ବଳଭଦ୍ରଙ୍କୁ ସୁମର 'କୃଷ୍ଣ' ବେନି ଅକ୍ଷର ଯେ ଜଗତ ଠାକୁର ରାମ ବେନି ଅକ୍ଷର ଯେ ସୁଭଦ୍ରା ଅଟଇ ଚାରି ରୂପ ନନ୍ଦ ଦାସ ଶୁଣି ମନ ଦେଇ ।'[୧୦୨]	
	,,	ଚୌରାଶି ଯନ୍ତ୍ର	'ଜ' ବୋଲି କରି ଯେଉଁ ଅକ୍ଷର ଜଗତ ବାନ୍ଧିଛି ଏକା ଅକ୍ଷର । 'ଗ' ବୋଲି କରି ଯେଉଁ ଅକ୍ଷର ଗୋପୀମାନଙ୍କର ଉପରେ ବର । 'ନ' ବୋଲି କରି ଯେଉଁ ଅକ୍ଷର ନିରାକାର ପ୍ରଭୁଙ୍କର ଅଂଶର 'ଥ' ଅକ୍ଷରଟି ଶୂନ୍ୟରେ ବାସ ଶୂନ୍ୟ ପୁରୁଷ ସବୁଠାରେ ବାସ ।[୧୦୩]	
	,,	ଅଣାକାର ବ୍ରହ୍ମଯନ୍ତ୍ର ନିରୂପଣ	'' ଜଗନ୍ନାଥ ବଳଭଦ୍ର ସୁଭଦ୍ରା ଯେ ସୁଦର୍ଶନ ରୂପ ଚାରି, ଚତୁର୍ଦ୍ଧା ମୂର୍ତ୍ତି ସେ ଏକ ଆତ୍ମା ଭିନ୍ନ ଭିନ୍ନରେ ଯେ ମୂର୍ତ୍ତି ଧରି । ସିଂହାସନ ଘେନ ପଞ୍ଚ ଆତ୍ମା ସେହି ଭିନ୍ନ ଭିନ୍ନ ପଞ୍ଚନାମ, ପଞ୍ଚଆତ୍ମା ପଞ୍ଚରୂପରେ ବିଜେୟ ନୀଳାଚଳେ ଦାରୁବ୍ରହ୍ମ । ଯେହି ଜଗନ୍ନାଥ ସାକ୍ଷାତେ ଅନାଦି ଅବ୍ୟକ୍ତି କରୁଣା ରାଶି, ଛପନ ପ୍ରକାର ଶ୍ରୀମହାପ୍ରସାଦ ସେବନ କରନ୍ତି ବସି ।	
	,,	ଚୌରାଶି ଯନ୍ତ୍ର	ପତିତପାବନ ପତାକା ଉଡ଼ଇ ଚକ୍ର ପରେ ନିରନ୍ତରେ ଅଣାକାର ବ୍ରହ୍ମ ଆକାରେ ବସିଣ ଚାଳଇ ଏକ ଯନ୍ତ୍ରରେ । ଏକାର ଏକ ତୁଳରେ ଚାଲଉଛ ନ ପାଇ ସ୍ଥାନର ଅନ୍ତ ସେଠାରେ ଅନାମ ଏଠି ନାମ ଧରି ବିଜେ କରି ରୂପବନ୍ତ । ସେଠାରେ ନିଃଶବ୍ଦ ଏଠାରେ ଯେ ଶବ୍ଦ ନା ରୂପରେ ପ୍ରକାଶ ଜଗତ ଯିଏ ଚାଳନ୍ତି ଜଗନ୍ନାଥ ବିଜୟେ ଶ୍ରୀନନ୍ଦିଘୋଷ ଯନ୍ତ୍ର ମନ୍ତ୍ର ତନ୍ତ୍ର ତିନି ବିଧି ରୂପ ନୀଳାଚଳରେ ପ୍ରକାଶ ସେହି ଏହି ସେହି କେହି ଭିନ୍ନ ନୋହି ହେତୁ କର ରାମଦାସ ।'[୧୦୪]	

---
୧୦୨. ଦାସ, ଅଚ୍ୟୁତାନନ୍ଦ : ଗୁରୁଭକ୍ତି ଗୀତା (ପ୍ରଥମ ଭାଗ, ବିତଶ ପଟକ), ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ପଦ ୫-୧୨, ପୃ. ୧୩୯

୧୦୩. ଦାସ, ଅଚ୍ୟୁତାନନ୍ଦ : ଅଣାକାର ବ୍ରହ୍ମଯନ୍ତ୍ର ନିରୂପଣ, ପଦ ୭୫-୮୧

୧୦୪. ଦାସ, ଅଚ୍ୟୁତାନନ୍ଦ, ଚୌରାଶି ଯନ୍ତ୍ର (ବଂଶୀଧର ମହାନ୍ତି, ଓଡ଼ିଆ ସାହିତ୍ୟର ଇତିହାସ, ତୃତୀୟ ଭାଗ), ପୃ. ୩୮୦

	’’	କୈବର୍ତ୍ତ୍ୟ ଗୀତା	‘ସେ ଅଣାକାର ମଣ୍ଡଳ ନିରାକାର ଜାଣ ରୂପରେଖ ନାହିଁ ତାର ଆପେ ନିରିମାଣ ।’[୧୦୫]	
	’’	କଳିଯୁଗ ଗୀତା	‘ଚତୁର୍ଦ୍ଧା ମୂର୍ତ୍ତି ଦେଉଳେ ପ୍ରକାଶେ ଚଉବନରେ ବାନା ନାମ ଯିସ । ଧୂତ ପଣେ ତହିଁ କିଛି ହିଁ ନାହିଁ ଅବଧୂତ ବୋଲି ଅଛି କୁହାଇ ଉତ୍ପତି ପ୍ରଳୟ ଆବର ସ୍ଥିତି ଏହି ଅବଧୂତ ସକଳ ମୂର୍ତ୍ତି ଏଥିରେ ଆମ୍ଭାକୁ ଦେଖିବୁ ସମ ସେହିଟି ଜାଣିବୁ ଅଟେ ପରମ ।’[୧୦୬]	
	’’	ଗରୁଡ଼ ଗୀତା	‘ଶ୍ରୀନୀଳକନ୍ଦରେ ବିଜେ କରିଅଛ ବଉଧ ରୂପ ବହିଛ ଭକତ ନିମନ୍ତେ ତୁମ୍ଭର ଏସବୁ ଭିଆଣ ପ୍ରଭୁ ଶ୍ରୀବତ୍ସ ।’[୧୦୭]	
	’’	କଳିଯୁଗ ଗୀତା	‘ଭାଇ ବୋଲି କରି ଯାହାକୁ ବୋଲି ସେ ସାକ୍ଷାତେ ତୋହର ପୁଅ ଭଗ୍ନୀ ବୋଲି ଯାହା ସଂଗତେ ଘେନିଛୁ ଚିହ୍ନିଲେ ତୋ ଅଙ୍ଗ ଦେହ । ତିନି ଜଣ ଏକ ସଲଖେ ବସିଲା ପ୍ରାୟ ଦେଖୁଥାନ୍ତି ଜନ ତିନି ଜଣରେ ଏକ ଶାଢ଼ୀ ପହୁଡ଼ ନାମ ତା’ର ସୁଦର୍ଶନ ।[୧୦୮]	
	’’	ଚିତ୍ତବୋଧ ବା ଚିତ୍ତ ବିନୋଦ	‘ଏବେ ଏକା ମନ ହୋଇ ଶୁଣ ହେ ଶଙ୍କର ନୀଳାଦ୍ରିରେ ହେବି ମୁହିଁ ବୌଦ୍ଧ ଅବତାର ବଳଭଦ୍ର ରୂପେ ତୁମ୍ଭେ ବିଷ୍ଣୁ ମୂର୍ତ୍ତି ହୋଇ ସୁଭଦ୍ରା ରୂପରେ ତହିଁ ଆଦ୍ୟା ଥିବେ ରହି ।’[୧୦୯]	
	’’	ଅଷ୍ଟଗୁର୍ଜ୍ଜରୀ	‘ଭାବବିନୋଦିଆ ଠାକୁର ଭକ୍ତ ବତ୍ସଳ ହରି ଭକ୍ତି ନିମନ୍ତେ କଳେବର ଦଶମୂରତି ଧରି ଭକ୍ତ ତୁମ୍ଭ କିସ କରିବ ଭକ୍ତ ବୋଲରେ ଥାଅ	

---

୧୦୫. ଦାସ, ଅଚ୍ୟୁତାନନ୍ଦ, କୈବର୍ତ୍ତ୍ୟ ଗୀତା, ପୃ. ୬ ।

୧୦୬. ଦାସ, ଅଚ୍ୟୁତାନନ୍ଦ, କଳିଯୁଗ ଗୀତା, ତୃତୀୟ ଅଧ୍ୟାୟ ।

୧୦୭. ଦାସ, ଅଚ୍ୟୁତାନନ୍ଦ, ଗରୁଡ଼ ଗୀତା (ପ୍ରଥମ ଭାଗ), ପ୍ରଥମ ଅଧ୍ୟାୟ

୧୦୮. ଦାସ, ଅଚ୍ୟୁତାନନ୍ଦ, ଭାବନବର, ପ୍ରଥମ ବୋଲି

୧୦୯. ଦାସ, ଅଚ୍ୟୁତାନନ୍ଦ, ଚିତ୍ତବୋଧ ବା ଚିତ୍ତ ବିନୋଦନ (ପୌରୁଷ, ଜୁଲାଇ -୧୯୮୦, ପୃ. ୮, ପ୍ରବନ୍ଧ-ପଶ୍ଚିମ ଓଡ଼ିଶାର ଲୋକଗୀତ ଓ ସୁଭଦ୍ରା, ପ୍ରହଲ୍ଲାଦ ପ୍ରଧାନ)

			ଭକ୍ତ ପେଷିଲା ହସ୍ତିନାକୁ ଦୂତ ପଣରେ ଯାଅ ଭକ୍ତ ଦେଖାଇଲା ସ୍ତମ୍ଭକୁ ସ୍ତମ୍ଭୁ ହେଲ ଉଦିତ ଭକ୍ତର ଭୃତ୍ୟ ପରି ଭୃତ୍ୟ ଜଣେ ଦୀନ ଅଚ୍ୟୁତ ।'[୧୧୦]	
	''	ରାଧାରାସ	''ବନ୍ଦଇ ଶ୍ରୀ ଶଙ୍ଖ ଲାଗି ଗୋଲକ ପାଟନା, ମହୋଦଧି ବେଢ଼ି ଅଛି କଳ୍ପବଟ ସୀମା । ଚାରିପାଖେ ଚାରିମଠ ମଧ୍ୟରେ ତ୍ରିକୂଟ ଅବିନାଶୀ ବ୍ରହ୍ମ ତହିଁ କୈବଲ୍ୟର ହାଟ । ନୀଳଚକ୍ର ପରେ ଉଡ଼େ ପତିତପାବନ ରତ୍ନ ସିଂହାସନେ ବିଜେ ଚତୁର୍ଦ୍ଧା ରୂପେଣ । ଲକ୍ଷ୍ମୀ ସରସ୍ୱତୀ ଘେନି ବିମଳା ମଙ୍ଗଳା ଯେଉଁଠାରେ ଭେଟ ଦଶ ଦିଗପାଳ ମେଳା କୋଟି କୋଟି ତୀର୍ଥ ଯେଉଁ ଚନ୍ଦ୍ରରୁ ଉଦିତ ଯେ ପାଦରୁ ନାମ ବ୍ରହ୍ମ ହୋଇ ଲାକ ଜାତ ।''[୧୧୧]	
୪.	ଯଶୋବନ୍ତ ଦାସ	ପ୍ରେମଭକ୍ତି ବ୍ରହ୍ମଗୀତା	'ଦେଖଏ ଯେ ରତ୍ନ ସିଂହାସନ, କୋଟିଯେ ବିଷ୍ଣୁମାନ କୋଟିଏ ଶାଳଗ୍ରାମ ରୂପ, ଅଛନ୍ତି ସିଂହାସନେ ଗୋପ୍ୟ । x x x ଦେଖ ଯେ ନିତ୍ୟ ନୀଳାଚଳ, ସକଳ ତୀର୍ଥଙ୍କର ଆଳ ଗୋପ ମଥୁରା ବୃନ୍ଦାବନ, ଦ୍ୱାରକା ଆଦି ଯେତେ ସ୍ଥାମ ସକାଳ ଯେହି ସ୍ଥାନେ ପାଇ, ଆବର କାଶୀ ମଧ ହୋଇ କୋଟିଯେ ତୀର୍ଥ ଯେ କ୍ଷେତ୍ରରେ, ମହିମା କହିଲେ ନ ସରେ ।'[୧୧୨]	
	''	ଶିବ ସ୍ୱରୋଦୟ	'ଜୟ ଜୟ ଜଗନ୍ନାଥ ଜଗତ ଧାରଣ ଜୟ ବଳଭଦ୍ର ଭଦ୍ରା ଜୟ ସୁଦର୍ଶନ ଜୟ ଉତପରି ସ୍ଥିତି ଯାହା ଠାରୁ ହୋଏ ଜଗନ୍ନିବାସ ବୋଲନ୍ତି ଶ୍ରୁତି ଯାହା ରାଏ ।'[୧୧୩]	
୫.	ଶିଶୁ ଅନନ୍ତ ଦାସ	ହେତୁ ଉଦୟ ଭାଗବତ	'ପରମ ପୁରୁଷ ଦେଉଳ, ନୀଳଚକ୍ର ଯେ ଶୂନ୍ୟଠୁଳ ନେତ ଯେ ବ୍ରହ୍ମା ବିଷ୍ଣୁ ହର, ଉଡୁଣ ଅଛନ୍ତି ଚକ୍ର ପର । x x x ମାୟାକୁ ଦିଶଇ ସ୍ୱରୂପ, ସକଳ ରୂପ ଯହିଁ ଗୋପ୍ୟ ଅଲେଖ ଅରୂପ ଅଚ୍ୟୁତ, ଅକ୍ଷର କ୍ଷର ସର୍ବଜାତ ଏମନ୍ତ ନୀଳାଦ୍ରି ମହିମା, ଦେବାକୁ ନାହିଁ ନା ଉପମା ।'[୧୧୪]	

୧୧୦. ଦାସ, ଅଚ୍ୟୁତାନନ୍ଦ, ଅଷ୍ଟଗୁଜ୍ଜରୀ (ପ୍ରଥମ ଗୁଜ୍ଜର), ଶେଷ ତିନି ପଦ

୧୧୧. ଦାସ, ଅଚ୍ୟୁତାନନ୍ଦ, ରାଧାରାସ, ପ୍ରଥମ ଗୁଜ୍ଜରୀ (ଶ୍ରୀହରିହର ବାହିନୀପତି, ଶ୍ରୀକ୍ଷେତ୍ର ମହାତ୍ମ୍ୟ ଗ୍ରନ୍ଥ, ପୃ. ୧୪୪

୧୧୨. ଦାସ, ଯଶୋବନ୍ତ : ପ୍ରେମଭକ୍ତି, ବ୍ରହ୍ମଗୀତା (ପଞ୍ଚମ ଅଧ୍ୟାୟ) ପଦ ୯୭-୯୮, ୧୮୭-୧୯୦

୧୧୩. ଯଶୋବନ୍ତ: ଶିବ ସ୍ୱରୋଦୟ (ମଙ୍ଗଳା ଚରଣ) ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୭୦, ପଦ ୧-୨

୧୧୪. ଦାସ, ଶିଶୁ ଅନନ୍ତ, ହେତୁ ଉଦୟ ଭାଗବତ, ଦଶମ ଅଧ୍ୟାୟ

	,,	ଗୁପ୍ତ ଟୀକା ବା ଯନ୍ତ୍ରଟୀକା	'ତହୁଁ ବଉଦ ରୂପ ଭଗବାନ ରହିଲେ ପୁରୁଷୋତ୍ତମ ଭବନ ଯେ ଚାରିଭୂଜ ଚାରିବେଦରେ କହି ବଉଦ ରୂପେ ନୀଳଗିରି । ବଟ ଯହୁ ନୀଳବର୍ଣ୍ଣ ଧରଇଁ ତେଣୁ ନୀଳଗିରି ନାମ ଉଚ୍ଚାଇଁ ପଞ୍ଚୁକୋଶ ଯେ ପଞ୍ଚୁ ବର୍ଣ୍ଣ ଧରି ପଞ୍ଚୁ ବର୍ଣ୍ଣ ଶଙ୍ଖ ମଧ୍ୟେ ମୁରାରି ।'[୧୧୫]	
	,,	ଶିଶୁମନ୍ତ୍ର ବିଚାର	'ହରେ ଶବଦ ଶିଷ୍ୟ ବଳଦେବ ରାମ ଶବଦ ଗୁରୁ ଅଙ୍ଗେ ଥିବ କୃଷ୍ଣ ଶବଦ ଜାଣ ଜଗନ୍ନାଥ ସୁଭଦ୍ରା ଅଙ୍ଗେ ଜଗନ୍ନାଥ ନିତ୍ୟ ଦକ୍ଷିଣ ପାରୁଶେ ଅନନ୍ତ ଦେବ ତାହାଙ୍କ ଶିରେ ସପ୍ତଫଣା ଥିବ ମଧ୍ୟ ଫଣା ସ୍ଥାନ ବିଶେଷ ଭୂଇଁ ତହିଁ ରାମକୃଷ୍ଣ ଲୀଳା କରଇ ।'[୧୧୬]	
୬.	ଭାବିୟା ଦାସ	ମନ୍ମଥ ଚନ୍ଦ୍ରିକା	'ଶ୍ରୀ ନୀଳଗିରିରେ ବିଜେ ଅପୂର୍ବ ପୁରୁଷ ଯେଉଁଠାରେ କ୍ଷିରିଛନ୍ତି ସର୍ବ ଅଂଶାବଂଶ x x x ନାମରେ ନିଷ୍କାମ ହେଲେ ନାମ ପ୍ରାପ୍ତି ହୋଇ ନାମ ପ୍ରାପ୍ତ ହେଲେ ଜୀବ ବ୍ରହ୍ମେ ଲୀନ ହୋଇ ବ୍ରହ୍ମେ ଲୀନ ହେଲେ ମନ ଜନ୍ମ ମୃତ୍ୟୁ ନାହିଁ ହର ବ୍ରହ୍ମା ଅଛନ୍ତିଟି ଏହି ରୂପ ଧ୍ୟାୟ ।'[୧୧୭]	
୭.	ତ୍ରିଲୋଚନ ଦାସ	ସ୍ନାନ ଗୁଣ୍ଡିଚା ଯାତ୍ରା	'ଯେବତି ରଥ ପୁଣ୍ୟ ପବିତ୍ର ପଞ୍ଚଭୂତ ପଞ୍ଚତତ୍ତ୍ୱ ପଂଚିଶ ପ୍ରକୃତି ପଞ୍ଚଦଶ ଆଦି ଯେବଣ ରଥେ ଉଦିତ ସୋହଳ ଡମ୍ବରୁ ଧାରଣା ମେରୁ ରାତ୍ର ଦିବା ରବି ଶଶୀ ଚାରି ଚାରି ଗୋଲ୍ୟ ଚକ ରଥକଇ ବିରାଜି ବିରାଜି ସୁନ୍ଦର ଦିଶି । x x x ରତ୍ନ ଆସନେ ହରଷ ମନେ ବସି ଦିବ୍ୟ ଜ୍ୟୋତି ରୂପ, ତିନି ମୂର୍ତ୍ତି ଯେକ ଜ୍ୟୋତି ହୋଇ ଠୂଳ	

୧୧୫. ଦାସ, ଶିଶୁ ଅନନ୍ତ , ଗୁପ୍ତ ଗୀତା, ପଦ ୫୫୭-୫୬୦
୧୧୬. ଦାସ, ଶିଶୁ ଅନନ୍ତ, ଶିଶୁ ମନ୍ତ୍ର ବିଚାର, ପଦ ୪-୭
୧୧୭. ଦାସ, ଭାବିୟା: ମନ୍ମଥ ଚନ୍ଦ୍ରିକା, ପ୍ରଥମ ଅଧ୍ୟାୟ

			ଲକ୍ଷ୍ମୀ ସେ ଜ୍ୟୋତିରେ ରୂପ ତିନି ମୂର୍ତ୍ତି ଯେକ ଜ୍ୟୋତି ହୋଇ ଠୁଳ ଲକ୍ଷ୍ମୀ ସେ ଜ୍ୟୋତିରେ ଲୋପ୍ୟ ।'[୧୧୮]	

ଆଲୋଚ୍ୟ ସାରଣୀରୁ ପଞ୍ଚସଖାଙ୍କ ସୃଷ୍ଟିରୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ମାନବବାଦର ସ୍ପଷ୍ଟ ପରିଚୟ ସହଜରେ ଉପଲବ୍ଧ ହୋଇଥାଏ । ପଞ୍ଚସଖା ଜଗନ୍ନାଥଙ୍କୁ ବ୍ରହ୍ମାଣ୍ଡର ସ୍ୱାମୀ ରୂପେ ଗ୍ରହଣ କରିଥିବା ଜଣାଯାଏ । ତାଙ୍କୁ ମଧ୍ୟ ବ୍ରହ୍ମାଣ୍ଡ ଭୂଗୋଳ ରୂପେ ବଳରାମ ଦାସ ପ୍ରମାଣିତ କରିଥିବା ଦେଖାଯାଏ । କବିଙ୍କ ମତରେ ସେ ହେଉଛନ୍ତି 'ପୁରୁଷୋତ୍ତମ' । ସମଗ୍ର ଜଗତର ନାଥ ଜଗନ୍ନାଥ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ସେ ଏକ ସମନ୍ୱିତ ରୂପ । ସଂସାରର ସମସ୍ତ କଥାକୁ ଜଗନ୍ନାଥ ହିଁ ବୁଝିଥାନ୍ତି । ପୃଥିବୀର ସମସ୍ତ ଦୁଃଖୀ, ଆର୍ତ୍ତୀ ଓ ପତିତ ଜନଙ୍କର ରକ୍ଷା କର୍ତ୍ତା ସହ ସେ ହେଉଛନ୍ତି ବିଶ୍ୱ ମାନବବାଦୀ । ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ତାଙ୍କର ଜୟ ଜୟକାର ସମସ୍ତ ଲୋକ କରୁଛନ୍ତି । କି ଜଡ଼ ଜଗତ, ପ୍ରାଣୀ ଜଗତ ଓ ସମସ୍ତ ମନୁଷ୍ୟ ବର୍ଗ ତାଙ୍କର ଦୟାରେ ଆତଯାତ । ବିଶ୍ୱର ସମସ୍ତ ମାନବକୁ ସେ ଭକ୍ତି ଓ ମୁକ୍ତି- ଦୁଇ କଥାକୁ ପ୍ରଦାନ କରିଥାନ୍ତି । ଅଚ୍ୟୁତାନନ୍ଦ ତାଙ୍କର ଶୂନ୍ୟ ସଂହିତା ଗ୍ରନ୍ଥରେ ଶ୍ରୀ ଜଗନ୍ନାଥଙ୍କର ଯେଉଁ ବର୍ଣ୍ଣନା କରିଛନ୍ତି, ତାହାର ପଟାନ୍ତର ନାହିଁ । ଜଗତର ଉତ୍ପତ୍ତି ପ୍ରଳୟ ଆବର ସ୍ଥିତିକୁ ସେ ହିଁ ଏକମାତ୍ର ପରମପୁରୁଷ ଅଟନ୍ତି । ବସ୍ତୁତଃ ଏହି ସମୟର କବିମାନେ ଯୋଗପିଣ୍ଡିତ ସାଧନା ମୂଳରେ ପରମ ପୁରୁଷ ଜଗନ୍ନାଥଙ୍କୁ ଆରାଧନା କରୁଥିଲେ । ଏମାନଙ୍କର ଭକ୍ତି ଥିଲା ନିଷ୍କାମ । ପୃଥିବୀର ସମସ୍ତ ଲୋକ ଏହି ବ୍ରହ୍ମ ସହ କିପରି ଲୀନ ହେବେ, ସେଥିପାଇଁ ଏହି କବିମାନେ ସଦାସର୍ବଦା ଚିନ୍ତା କରୁଥିଲେ । ସେମାନଙ୍କର ମତରେ ଜଗନ୍ନାଥ ହେଉଛନ୍ତି ବିଶ୍ୱ ମାନବବାଦର ପ୍ରତୀକ ।

ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା :

ଏହି ଚିନ୍ତନର ପ୍ରଭାବ ପରବର୍ତ୍ତୀ ମଧ୍ୟଯୁଗୀୟ ସାହିତ୍ୟକୁ ବିଶେଷ ଭାବରେ ପ୍ରଭାବିତ କରିଥିଲା । ଅର୍ଥାତ୍ ୧୫୦୦ ମସିହାରୁ ଆରମ୍ଭ କରି ୧୮୫୦ ମସିହା ମଧ୍ୟରେ ରଚିତ କାବ୍ୟ ସାହିତ୍ୟରେ ପଞ୍ଚସଖା ଯୁଗୀୟ କବିମାନଙ୍କର ଶୂନ୍ୟ ଉପାସନାର ପ୍ରତିଫଳନ ପରିଲକ୍ଷିତ ହୁଏ । ଅବଶ୍ୟ ପଞ୍ଚସଖାଙ୍କ ପରେ ପରେ ଓଡ଼ିଆ କାବ୍ୟ ସାହିତ୍ୟ ନୂତନ କରି ଗଢ଼ି ଉଠିଥିଲା । ଏହି ସାହିତ୍ୟର ବିକାଶ କାଳର ପ୍ରାରମ୍ଭରେ ରଚିତ କବିମାନଙ୍କର କାବ୍ୟ କବିତାରେ ଜଗତର ସକଳ ପ୍ରାଣୀ ସ୍ଥାନ ଲାଭ କରିଥିଲେ । ପଶୁପକ୍ଷୀ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଉଥିଲେ । ଚରିତ୍ରଗୁଡ଼ିକ ଦେବତା, ରାକ୍ଷସ ଓ ମାନବ ଜଗତରୁ ଗ୍ରହଣ କରାଯାଉଥିଲା । କବି କଳ୍ପନାରେ ଏମାନେ ସର୍ବଦା ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ମଧ୍ୟରେ ଆତଯାତ କରିପାରୁଥିଲେ । ଜଗତର ମଙ୍ଗଳ ପାଇଁ କବିମାନେ କାବ୍ୟକବିତା ରଚନା କରୁଥିଲେ । ସକଳ ଜନ ବୁଝିବା ନିମନ୍ତେ କାବ୍ୟଗୁଡ଼ିକରେ ସରଳ ଭାଷାର ବ୍ୟବହାର କରାଯାଉଥିଲା । ଓଡ଼ିଶା ତଥା ଜଗତର ସର୍ବମାନ୍ୟ ଦେବତା ରୂପେ ଜଗନ୍ନାଥ, ବ୍ରହ୍ମା, ବିଷ୍ଣୁ, ଶିବ ଓ ତାଙ୍କର ଠାରୁ ଜନ୍ମଗ୍ରହଣ କରିଥିବା ଅନ୍ୟାନ୍ୟ ଦେବତାଙ୍କୁ କାବ୍ୟରେ ସ୍ଥାନ ଦିଆଯାଉଥିଲା । ବିଶ୍ୱମାନବ କ୍ଷେତ୍ରରେ ଗୃହୀତ ଶୃଙ୍ଗାର, ଭକ୍ତି ଓ ବୀର ରସ ମଧ୍ୟରୁ ଗୋଟିଏ ରସକୁ କାବ୍ୟରେ ପ୍ରାଧାନ୍ୟ ଦିଆଯାଉଥିଲା । କିନ୍ତୁ ଅଧିକାଂଶ କ୍ଷେତ୍ରରେ ମାନବ ଜାତିର ବିକାଶ ପାଇଁ ଉଦ୍ଦିଷ୍ଟ ଥିବା ଶୃଙ୍ଗାର ରସକୁ କବିମାନେ ମୁଖ୍ୟ ରସ ଭାବେ ଗ୍ରହଣ କରିଥିବା ପରିଲକ୍ଷିତ ହୁଏ । ଏତଦ୍ ବ୍ୟତୀତ ସୂର୍ଯ୍ୟ, ଚନ୍ଦ୍ର, ପବନ, ପୃଥିବୀ, ଅଗ୍ନି ଆଦିକୁ ଦେବତା ଭାବେ କବିମାନେ କାବ୍ୟରେ ସ୍ଥାନ ଦେଉଥିଲେ । କିନ୍ତୁ କବି ରଚନାର ଏକମାତ୍ର ଉଦ୍ଦେଶ୍ୟ ଥିଲା, ଧର୍ମ, ଅର୍ଥ, କାମ ଓ ମୋକ୍ଷ ମଧ୍ୟରୁ ଯେକୌଣସି ଗୋଟିକୁ ବିଶେଷ ପ୍ରାଧାନ୍ୟ ଦିଆଯିବା, ଯାହାକି ବିଶ୍ୱ ମାନବବାଦର ଅନ୍ୟତମ ଉଦ୍ଦେଶ୍ୟ । ଏହି ଧାରା ୧୫୦୦ ମସିହା ପରବର୍ତ୍ତୀ ଓଡ଼ିଆ କାବ୍ୟଗୁଡ଼ିକରେ ଭିନ୍ନ ଶୈଳୀରେ ବିକଶିତ ହେବାକୁ ଲାଗେ । ବର୍ତ୍ତମାନ ନିମ୍ନରେ ଆମ୍ଭେ ଏହି ଯୁଗରେ ଜଗନ୍ନାଥ କିପରି ବିଶ୍ୱ କଲ୍ୟାଣକାରୀ ଭାବେ ଚିତ୍ରିତ ହୋଇଥିଲେ, ତାହାକୁ ଏକ ସାରଣୀ ମାଧ୍ୟମରେ ପ୍ରତିପାଦିତ କରିବାକୁ ଯାଉଅଛୁ ।

---

୧୧୮. ଦାସ, ତ୍ରିଲୋଚନ, ସ୍ନାହାନ ଗୁଣ୍ଡିଚା ଯାତ୍ରା, ପଦ-୧୧୭, ୧୧୮, ୨୫୩

ମଧ୍ୟଯୁଗୀୟ ଓଡ଼ିଆ କାବ୍ୟରେ ଶ୍ରୀଜଗନ୍ନାଥ (ସାରଣୀ-୨)

କ୍ର.ନଂ	କବିଙ୍କ ନାମ	ଶ୍ରୀଜଗନ୍ନାଥ କୈନ୍ଦ୍ରିକ ସୃଷ୍ଟି ସମ୍ଭାର	ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ସମ୍ବନ୍ଧୀୟ ଉପାଦାନ	ମନ୍ତବ୍ୟ
୧.	ଅର୍ଜ୍ଜୁନ ଦାସ	ରାମ ବିଭା	'ଗୋପାଳ ବଲ୍ଲଭ ସାରି ନୀଳଗିରି ପତି ଆଚୋବନ ସାରି ଚଟାଉ ଲାଗି ହୋନ୍ତି ହେ ବାଲଧୂପ ମଣୋହି କୋଠାରେ ବଢ଼ାଇଲେ ସୁବେଶ ହୋଇବେ ବୋଲି ଆୟେ କଢ଼ାଇଲେ ହେ ପୁଣି ଯମ ଦାଢ଼ ଘେଡି ଆନ କରି ବାନ୍ଧି ଗଉଁଛିଲେ ଶ୍ରୀ ଅଙ୍ଗେ ସୁରଙ୍ଗ ନେତ ଛନ୍ଦି ହେ । ଶିରେଣ ଶିରି କାପଡ଼ା ଉପରେ ଫୁଲ ଚୂଳ ଲଲାଟେ ଲୁଚାଇଣ ଖଞ୍ଜିଲେ ଫୁଲମାଳ ହେ ।'[୧୧୯]	ରାମାତ୍ମକ କାବ୍ୟ
	,,	କଳ୍ପଲତା	'ଶୁଣ ହେ ରସିକ ଜନ, ଜ୍ୟେଷ୍ଠ ପୂର୍ଣ୍ଣମୀ ଦିନ ଜ୍ୟେଷ୍ଠା ନକ୍ଷତ୍ର ସେ କାଳେ ଟମକ ବାଜେ ସିନ୍ଧୁକୂଳେ ।' x x x ସ୍ନାହାନ ମଣ୍ଡପେ ବିଜେ ହରି ଶବଦ ଗୋଳ ବାଜେ ଘଡ଼ିଏକ ଥାଉ ରଜନୀ ଜ୍ୟେଷ୍ଠା ନକ୍ଷତ୍ର ଯୋଗ ଘେନି ।'[୧୨୦]	କାଳ୍ପନିକ କାବ୍ୟ
୨.	ମାଧବୀ ଦାସୀ	ଚକାନୟନ ହେ	'ଚକାନୟନ ହେ ! ଜଗ ଜୀବନ ଶ୍ରୀହରି କାତରେ ଜଣାଣ କରୁଛି ଛାମୁରେ ଶୁଣ ପ୍ରଭୁ ଶ୍ରୁତି ଡେରି କେତେ ସଂକଟୁ କାହାକୁ ରଖି ନାହିଁ ଦୟାଳୁ ସାରଙ୍ଗଧାରୀ ତା' ବର୍ଣ୍ଣି ବସିଲେ ପୋଥିକର ପାଠ କି ବର୍ଣ୍ଣିବ ଏ ପାମରୀ ।'[୧୨୧]	ଜଣାଣ

---

୧୧୯. ଦାସ, ଅର୍ଜ୍ଜୁନ , ରାମବିଭା, ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୫୩, ପୃ.୯୭

୧୨୦. ଦାସ, ଅର୍ଜ୍ଜୁନ, କଳ୍ପଲତା (ସଂପା-କେଦାରନାଥ ମହାପାତ୍ର) ଭୁବନେଶ୍ୱର : ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ, ୧୯୬୨, ପୃ.

୧୨୧. ଦାସୀ, ମାଧବୀ , ଚକାନୟନ ହୋ (ଶ୍ରୀଜଗନ୍ନାଥ ଭଜନ, ଜଣାଣ ଓ ଚଉତିଶା), ଭୁବନେଶ୍ୱର : ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର, ୨୦୧୪, ପୃ.୫

୩.	ନରସିଂହ ସେଣ	ପରିମଳା	'ନୀଳଗିରି ପତି ଦେହ ହରି ଚରଣେ, ନୃସିଂହ ସେଣ ସେ କୃଷ୍ଣ କରି ଶରଣେ । x x x ନୀଳଗିରି ପତି କୃଷ୍ଣ ଯେହ୍ନୁ ରସ ଜାଣେ, କୃଷ୍ଣପାଦ ପଦ୍ମେ ସେବେ ନରସିଂହ ସେଣେ ।'[୧୨୨]	କାଳ୍ପନିକ କାବ୍ୟ
୪.	କହ୍ନାଇ ଖୁଣ୍ଟିଆ	ଶ୍ରୀ ମହାଭାବ ପ୍ରକାଶ	'କେବଣ ଦେବତା ସେହ୍ନୁ ଦେବ ଜଗନ୍ନାଥ କେବଣ ଭାବେ ଶ୍ରୀକୃଷ୍ଣ ଅଙ୍ଗକୁ ପ୍ରାପତ । ନାହିଁ ଯେଣୁ ତ୍ରିଭଙ୍ଗିମା ଅଧର ମୁରଲୀ ନାହିଁ ବୃନ୍ଦାବନ ଧାମ ରାଧାନାଥ ବୋଲି । କେବଣ ଭାବରେ ପ୍ରଭୁ ହେଲେ ଜଗନ୍ନାଥ ଏଥକୁ ସଂଶୟ ଅଛି ମୋରଟି ବହୁତ । ଯୋଗତତ୍ତ୍ୱ ସୃଷ୍ଟିତତ୍ତ୍ୱ ଆବର ତୁଳସୀ ତତ୍ତ୍ୱତେ ସନ୍ଦେହ ମୋର ଫେଡ଼ିବାକୁ ଆସି ।'[୧୨୩]	ଶ୍ରୀକୃଷ୍ଣ ଓ ଜଗନ୍ନାଥ ଅଭିନ୍ନ
୫.	ବିଷ୍ଣୁ ଦାସ	ପ୍ରେମଲୋଚନା	'ଜୟ ତୁ ଜଗନ୍ନାଥ, ନୀଳଗିରିବର ସ୍ଥିତି କରୁଣା ସାଗର କମଳାପତି, କମଳ ଦଳ ଲୋଚନା କୃତି ।୧। ଅଘ ଅନ୍ଧାର ପୂର୍ଣ୍ଣଚନ୍ଦ୍ର ମୁଖ, ଯୋଗୀଜନଙ୍କ ହୃଦୟ ସୁଖ ଭକ୍ତଜନଙ୍କ ଭଗ୍ନଜନ୍ମ ରୂପ, ଅତି ସଙ୍କୁଳ ଅମଳ ତାପ ।୨। ମାନସ ସରସିଜ ମଧୁକର, ମାନସ ମୁଦ ମୁନି ଜନର ଶରଣ ତାରଣ ବାନା ଉଦେ ଯାର, ଶରଣ ପଶିଛି ଆପଦ ହର ।୩।'[୧୨୪]	କାଳ୍ପନିକ କାବ୍ୟ
୬.	ଦେବ ଦୁର୍ଲ୍ଲଭ ଦାସ	ରହସ୍ୟ ମଞ୍ଜରୀ	'ହୃଦ ଲାଞ୍ଛନ ଶ୍ରୀବସ୍ତଙ୍କ ଗନ୍ଧ ଚନ୍ଦନ ଚର୍ଚ୍ଚିତ ଚାରୁ ଅଙ୍ଗ । ଶ୍ରୀଜଗନ୍ନାଥ କଉସ୍ତୁଭ ମଣି କଣ୍ଠତଟ ହେମମଣି ରତ୍ନ ହୃଦେ ଝଟଝଟ । ଶ୍ରୀଜଗନ୍ନାଥ ଦଇତ ଦଳନ ଭୁଜ ଦଣ୍ଡ ଶଙ୍ଖଚକ୍ର ଜ୍ୟୋତି ବିଧୁ ମାରତଣ୍ଡ । ଶ୍ରୀଜଗନ୍ନାଥ ଅଧର ପ୍ରବାଳ ଜବାରୁଣ ଚଣ୍ଡକର ଜିଣି କୁଣ୍ଡଳ କିରଣ । ଶ୍ରୀଜଗନ୍ନାଥ ଶ୍ୱେତପଦ୍ମ ଲୋଚନ ବୃଷାଳ ଲୁବ୍ଧ ମଧୁ ପାନେ ମଧୁର ନିଚଳ । ଶ୍ରୀଜଗନ୍ନାଥ	କୃଷ୍ଣାତ୍ମକ କାବ୍ୟ

୧୨୨.ସେଣ, ନରସିଂହ, ପରିମଳା, ଭୁବନେଶ୍ୱର : ଓଡ଼ିଆ ସାହିତ୍ୟ ଏକାଡେମୀ, ୧୯୬୧, ପଦ-୪/୮୭, ୧୯/୭୧

୧୨୩. ଖୁଣ୍ଟିଆ, କହ୍ନାଇ, ଶ୍ରୀ ମହାଭାବ ପ୍ରକାଶ (ସଂପା :ଫକୀରମୋହନ ଦାସ), ବାରିପଦା : ଭକ୍ତିବିନୋଦ ଲାଇବ୍ରେରୀ, ୧୯୭୦, ପୃ.୫ ।

୧୨୪. ଦାସ, ବିଷ୍ଣୁ, ପ୍ରେମଲୋଚନା (ସଂପା-କେଦାରନାଥ ମହାପାତ୍ର) ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଓ ଗବେଷଣା ବିଭାଗ, ୯୬୧, ପୃ.୧

			ନିବିଡ଼ ଜଳଦ ଝଳି ଭାଲ ମଳୟଜ ବିନ୍ଦୁ ଇନ୍ଦୁ ଝଲମଲ । ଶ୍ରୀଜଗନ୍ନାଥ । କିରୀଟ ମୁକୁଟ ଅବତଂସ ଭକ୍ତଜନ ଅଘ ତିମିର ନାଶ । ଶ୍ରୀଜଗନ୍ନାଥ ଶିରେ ଶୋଭା ଦୟେଣାର ଚୂଳ ନାନା କୁସୁମେ ତୁଳସୀ ଧଣ୍ଡାମାଳ । ଶ୍ରୀଜଗନ୍ନାଥ [୧୨୫]	
୭.	ଚାନ୍ଦ ଦାସ	ଗୋପୀ ଚନ୍ଦନ	'ଜୟ ଜୟ ଜଗନ୍ନାଥ ଜଗତ ନିମନ୍ତେ ଦାରୁଦେହ ଧରି ବିଜେ ନୀଳଗିରି ମାଥେ ହେ ।୧। ବିବିଧ ବିନୋଦ ଭାବେ ନିଶିଦିନ ହରି । ଦୀନଜନ ବାନା ଯାର ଜଗତ୍ରେ ପରଶି ଧୀରେ ହେ ।୨। ଦୀନଜନ ମଣ୍ଡୋଳେ ତୋତହୁଂ ଶ୍ରେଷ୍ଠୀ ନାହିଁ ଦଇନୀ କରିଣ ବୋଲଇଂ କର ମୋତେ ତ୍ରାହି ହେ ।୩। ତୁମ୍ଭର ଚରିତ୍ର କହି ନ ପାରି ମୁଁ ଦୁଃଖୀ କହିବି ଫୁରଣ ମୋତେ ଦେବା ପଦ୍ମ ଆଖି ହେ ।୪।[୧୨୬]	କୃଷ୍ଣାତ୍ମକ କାବ୍ୟ
୮.	ବନମାଳୀ ଦାସ	ଚାଟ ଇଚ୍ଛାବତୀ	'ଦୀନ ବନମାଳୀ ଯେହୁ ଗୀତରେ ଗାଇଲେ ଶ୍ରୀଜଗନ୍ନାଥ ଚରଣେ ଶରଣ ପଶିଲେ ହେ ।' x x x ନୀଳାଦ୍ରିପତି ଚରଣ ମୋହର ଶିରେ ବୋଇଲେ ଗୋବିନ୍ଦ ତ୍ରାହି କରସି ମୋରେ ।[୧୨୭]	
୯.	ମାଧବ ପଟ୍ଟନାୟକ	ବୈଷ୍ଣବ ଲୀଳାମୃତ	'ସାଲୁଆ ନରସିଂଘା ତୁଳେ, ଯୁଦ୍ଧ ଯେ କଲା ରାଜା ହେଳେ ଆଣିଲା ତା କନ୍ୟା ହରିଣ, ବିଭା ହୋଇଲା ସନମାନ ସେବକେ ଧନ୍ୟ ଧନ୍ୟ କଲେ, ପ୍ରଭୁର ବିଜୟ ହୋଇଲେ ଜଗାବଳିଆ ଦୁଇ ପୁଣ, କଳାଧଳା ଘୋଡ଼ାରେ ଚଢ଼ିଣ ଯୁଦ୍ଧ ଥାନକୁ ବୋଲି ଗଲେ, ରାଜାର ପାଇଁ କି ଯୁଝିଲେ ତେଣୁ ସେ ଯୁଦ୍ଧରେ ଜିଣିଲା, ରୂପବତୀ କି ବିଭା ହେଲା ଜଗନ୍ନାଥର କୃପା ବିନେ, ପାଇକି ଏଡ଼େ ସନମାନେ ?'[୧୨୮]	
୧୦.	ବୃନ୍ଦାବନ ଦାସ	ରସ ବାରିଧି	'ଜୟ ଜୟ ଦେବ ହରେ ହେ ଜୟ ପୁରୁଷୋତ୍ତମ ।ଧ୍ରୁବା କମଳା କୁଚମଣ୍ଡଳେରେ ଭାବେ ଆଶ୍ରିତ ଯାର, ଲଳିତ ହୃଦେ ବନମାଳା କର୍ଣ୍ଣେ ମକରାକାର ।୧।	କାବ୍ୟ

୧୨୫. ଦାସ, ଦୁର୍ଲ୍ଲଭ, ରହସ୍ୟ ମଞ୍ଜରୀ, (ସଂପା-ଆର୍ତ୍ତବଲ୍ଲଭ ମହାନ୍ତି) କଟକ : ପ୍ରାଚୀ ସମିତି, ୧୯୬୫, ପଦ-୧/୧୩-୨୦
୧୨୬. ଦାସ, ଚାନ୍ଦ, ଗୋପୀଚନ୍ଦନ, ଭୁବନେଶ୍ୱର : ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୯୫, ପୃ. ୧
୧୨୭. ଦାସ, ବନମାଳୀ, ଚାଟ ଇଚ୍ଛାବତୀ,ଭୁବନେଶ୍ୱର :ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୬୧, ପଦ-୫/୬୨, ୬/୮୮)
୧୨୮. ପଟ୍ଟନାୟକ, ମାଧବ, ବୈଷ୍ଣବ ଲୀଳାମୃତ, ଦ୍ୱିତୀୟ ଅଧ୍ୟାୟ, ପଦ - ୧୨୫-୧୩୧

			ଦିନମଣି ପ୍ରାୟେ ଶୋହିଛି ଭବ-ତିମିର ହନ୍ତ, ମୁନି ମନ- ମାନସ-ନୀରେ ହଂସ ରୂପେ ଖେଳନ୍ତା ।୨। କାଳୀୟ ବିଷଧର ଗଞ୍ଜୋ ଜନ-ମନ-ମୋହନ, ଯଦୁକୂଳ ପଦ୍ମକାନନେ କିଏ ଶିଶୁ ପତନ ? ।୩।[୧୨୯]	
୧୧.	ପୁରୁଷୋତ୍ତମ ଦାସ	କାଞ୍ଚିକାବେରୀ	ଜୟ ଜୟ ଜଗନ୍ନାଥ ଆରତ ନାଶନ, ଜୟ ଜୟ ଜଗନ୍ନାଥ ଗରୁଡ଼ ଆସନ । ଜୟ ଜୟ ଜଗନ୍ନାଥ ଦୁଃଖୀଙ୍କ ସୋଦର, ଜୟ ଜୟ ଦୀନବନ୍ଧୁ ପତିତ ଉଦ୍ଧାର । ତୁମ୍ଭେ ମହାପ୍ରଭୁ ନ ରଖିଲେ କେ ରଖିବ, ସତେ କି ଜନମ ଅନ୍ଧ ଜଗତ ଦେଖିବ । ଦାରୁବ୍ରହ୍ମ ରୂପେ ନୀଳାଚଳେ ବିଜେ ହରି ଅନନ୍ତ ନାମ ଯାହାର ଅନ୍ତ କେହୁ କରି । x x x ତୁମ୍ଭ ମହିମା ପ୍ରକାଶ କରିବଇଁ ମୁହିଁ ଅନୁଗ୍ରହ କରି କଣ୍ଠେ ପଦ ଦିଅ କହି ।[୧୩୦]	କାବ୍ୟ
୧୨.	ରଘୁ ଅରକ୍ଷିତ ଦାସ	ଏକା ମୋ ପ୍ରଭୁ ଜଗନ୍ନାଥ	'ସବୁରି ସବୁ ଅଛି ମୋହର କେହି ନାହିଁ ଏକା ମୋ ପ୍ରଭୁ ଜଗନ୍ନାଥ ତୁମ୍ଭର ନାମ ଧରି ବିଷ ମୁଁ ଭକ୍ଷି ଅଛି ସେ ମୋତେ ହୋଇଛି ଅମୃତ ହେ, ମହାପ୍ରଭୁ ବାଲିରେ ପଡ଼ିଥାଇ ନୀଳଚକ୍ରକୁ ଚାହିଁ ପ୍ରାଣ ମୋ ଶେଷ ହେଉଥାଇ ବାଲିରେ ପଡ଼ି କରି ମାଂସକୁ ମିଳାଇବି ଚକ୍ର ଉହାଡ଼ି ଥିବା ଧାଇ ହେ, ମହାପ୍ରଭୁ ।'[୧୩୧]	ଜଣାଣ
୧୩.	କାର୍ତ୍ତିକ ଦାସ	ରୁକ୍ମିଣୀ ବିଭା	'ଶ୍ରୀ ନୀଳ ସୁନ୍ଦରଗିରି ତଥିପରେ ବିଜେ କରି ଶରଣ ଜନଙ୍କ ପକ୍ଷପାତ ହେ । ଅନୁକ୍ଷଣେ ଦୟା କରେ ଅପରାଧେ ପରିହରେ ଯେସନେ ବଳକ ନିଜେ ମାତ ହେ । ନବଘନ ଶ୍ୟାମରୂପ ପରମ ଆନନ୍ଦ କୂପ ଅନନ୍ତ କୋଟି ବ୍ରହ୍ମାଣ୍ଡ ନାଥ ହେ । ମଉଳିମଣି ମୁକୁଟ ସପତ ଶାଖା ପ୍ରକଟ କମ୍ବୁ ସୁଦର୍ଶନ ଶୋହେ ହାଥ ହେ ।'[୧୩୨]	କୃଷ୍ଣାତ୍ମକ କାବ୍ୟ

୧୨୯. ଦାସ, ବୃନ୍ଦାବନ, ରସବାରିଧି (ସଂପା-ଆର୍ତ୍ତବଲ୍ଲଭ ମହାନ୍ତି), ପ୍ରାଚୀ ସମିତି ଗ୍ରନ୍ଥମାଳା, ଭୁବନେଶ୍ୱର :ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୭୩, ପୃ-

୧୩୦. ଦାସ, ପୁରୁଷୋତ୍ତମ : କାଞ୍ଚିକାବେରୀ, କଟକ : ପୁସ୍ତକ ପ୍ରକାଶନ କମ୍ପାନୀ, ପ୍ରଥମ ଛାନ୍ଦ, ପଦ ୧-୧୧

୧୩୧. ଅରକ୍ଷିତ, ରଘୁ : ଏକା ମୋ ପ୍ରଭୁ ଜଗନ୍ନାଥ (ରଘୁ ଅରକ୍ଷିତଙ୍କ ଜଣାଣ), ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ସଂଗ୍ରାହାଳୟ, ପୋଥି ଭଣ୍ଡାର

୧୩୨. ଦାସ, କାର୍ତ୍ତିକ, ରୁକ୍ମିଣୀ ବିଭା, ଭୁବନେଶ୍ୱର :ଉତ୍କଳ ବିଶ୍ୱବିଦ୍ୟାଳୟ, ପ୍ରଥମ ପ୍ରକାଶ, ପଦ - ୧/୧, ୨,୬ (ପ୍ରକାଶ କାଳ ଉଲ୍ଲେଖ ନାହିଁ)

୧୪.	ପ୍ରତାପ ରାୟ	ଶିଶିସେଣା	'ନୀଳଗିରି ଜଗନ୍ନାଥ କରୁଣା କର ଲକ୍ଷ୍ମୀ ସରସ୍ୱତୀ ନିତ୍ୟେ ଭଜନ୍ତି ଯାର ପ୍ରସନ୍ନା ହୋଇବା ସ୍ୱାମୀ ଅଖିଳ ବାସ ଶୁଶୁ ପରତାପ ରାୟେ ଦାସର ଦାସ ।'[୧୩୩] x x x 'ବଡ଼ ଶିଙ୍ଗାର ବେଳେ ନରେ ଯାଇ ଦେଖି ଅଖିଳ ବ୍ରହ୍ମାଣ୍ଡ ଗୋସାଇଁ କରି ଦର୍ଶନ ଦୁରିତ ବିନାଶ ମନ ବେଦନା ଜଣାଇଣ ଆସ ।'[୧୩୪]	କାବ୍ୟ

ଉପର୍ଯ୍ୟୁକ୍ତ ସାରଣୀରୁ ପଞ୍ଚଦଶ ଶତାବ୍ଦୀର ଓଡ଼ିଆ ପୌରାଣିକ, ଐତିହାସିକ ଓ କାଳ୍ପନିକ କାବ୍ୟଗୁଡ଼ିକରେ ଶ୍ରୀଜଗନ୍ନାଥ କିପରି କବିମାନଙ୍କର ସୃଷ୍ଟିରେ ବର୍ଣ୍ଣିତ ହୋଇଥିଲେ ତାହାର ପ୍ରମାଣ ଉପଲବ୍ଧ ହୁଏ । ସେହିପରି ନିମ୍ନୋକ୍ତ ତାଲିକାରୁ ସପ୍ତଦଶ ଶତାବ୍ଦୀର କବି ସମୂହ ଶ୍ରୀଜଗନ୍ନାଥଙ୍କୁ ଭକ୍ତିର ସହ ଆରାଧନା କିପରି କରିଯାଇଛନ୍ତି, ଦେଖାଯାଉ ।

ସପ୍ତଦଶ ଶତାବ୍ଦୀର କବି ଲେଖନୀରେ ଶ୍ରୀଜଗନ୍ନାଥ (ସାରଣୀ -୩)

କ୍ର.ନଂ	କବିଙ୍କ ନାମ	ଶ୍ରୀଜଗନ୍ନାଥ କୈନ୍ଦ୍ରିକ ସୃଷ୍ଟି ସମ୍ଭାର	ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ସମ୍ବନ୍ଧୀୟ ଉପାଦାନ	ମନ୍ତବ୍ୟ
୧.	ଲୋକନାଥ ବିଦ୍ୟାଧର	ନୀଳାଦ୍ରି ମହୋତ୍ସବ	'ପତିତଙ୍କୁ ଦରଶନ ଦେବାକୁ ପାଦେ ଗମନ କରନ୍ତି ପ୍ରଭୁ ଏସନ କୃପ ନିଧାନ ଯାହା ପାଇଁଟି ସତ୍ୱର କରନ୍ତି ଗତି ମନ୍ଥର ଆସିବେ ଦେଖିବେ ନାରକୀୟ ନିଦାନ ସେ ଗତିକି ଲକ୍ଷି ନୁହଇ ଏହି ରୂପେ ଧୀରେ ବିଜେ ଗୋସାଇଁ ।'[୧୩୫]	କାବ୍ୟ
୨.	ମଧୁସୂଦନ ଦାସ	ନଳ ଚରିତ	'ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରବର ସେ ରାଜ୍ୟରେ, ତହିଁ ହୋଇଛନ୍ତି ଦାରୁବ୍ରହ୍ମ ଅବତାର ଯେ, କଳା ଆଖି ଚକାଡୋଳା ସୁରଙ୍ଗ ଅଧର, ଯେହୁ ଅବଲୋକନ କରନ୍ତି ନିରନ୍ତର ଯେ ତାହାଙ୍କର ପାଦତଳେ ଥାଉ ମୋର ଶିର ମଧୁସୂଦନକୁ ଚକ୍ରଧର ରକ୍ଷାକର ଯେ ।'[୧୩୬]	କାବ୍ୟ

୧୩୩. ରାୟ, ପ୍ରତାପ, ଶଶିସେଣା (ସଂପା-ଆର୍ତ୍ତବଲ୍ଲଭ ମହାନ୍ତି) ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୭୧, ପଦ - ୧/୬୧-୬୨
୧୩୪. ରାୟ, ପ୍ରତାପ, ଶଶିସେଣା (ସଂପା-ପ୍ରାଚୀ ସମିତି), କଟକ : ପ୍ରାଚୀ ଗ୍ରନ୍ଥମାଳା, ପଦ-୫/୫୫-୫୬
୧୩୫. ବିଦ୍ୟାଧର, ଲୋକନାଥ, ନୀଳାଦ୍ରି ମହୋତ୍ସବ, ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ପୋଥି ନଂ ୦/୪୯୯, ପଞ୍ଚମ ଛାନ୍ଦ, ପଦ- ୧୩
୧୩୬. ଦାସ, ମଧୁସୂଦନ, ନଳ ଚରିତ (ଶ୍ରୀ ଜଗନ୍ନାଥ ଓ ଓଡ଼ିଶା ସାହିତ୍ୟ, ଲକ୍ଷ୍ମଣ କୁମାର ପରିଡ଼ା) ନିଶାମଣି ପ୍ରକାଶନୀ, ୨୦୦୨, ପୃ.୬୦)

୩.	ଶିଶୁ ଶଙ୍କର	ଉଷାଭିଳାଷ	'ଆନନ୍ଦ-କନ୍ଦ ନୀଳଗିରି ପତି ଲକ୍ଷ୍ମୀ ସାରଦା ତା ପାରଶବର୍ତ୍ତୀ । ତାହାଙ୍କ ଚରଣେ ଶରଣ ମତି, ଶିଶୁ ଶଙ୍କର ଭାବୁ ଥାଇ ନିତି ।' [୧୩୭]	କୃଷ୍ଣାତ୍ମକ ଓ ଶୈବାତ୍ମକ କାବ୍ୟ
୪.	ଈଶ୍ୱର ଦାସ	ଶ୍ରୀ ଚୈତନ୍ୟ ଭାଗବତ	'ନୀଳକନ୍ଦର ମହାଶୂନ୍ୟେ, ଚନ୍ଦ୍ର ଜ୍ୟୋତି ପ୍ରକାଶେ ଯେହ୍ନେ ଜ୍ଞାନଦୀପେ ପାପ ହରଇ, ଆତ୍ମା ନିର୍ମଳ ପ୍ରକାଶଇ ।' [୧୩୮] x x x ଶୁଣି କହନ୍ତି ବିମ୍ବାଧର, ସପ୍ତ ଚକ୍ର ପରେ ବିଚାର ପଦ୍ମ କେଶର ଶୋଭା ପାଇ, ତଡ଼ିତ ଜ୍ୟୋତି ପ୍ରକାଶଇ ରେହ ରୂପରେ ସେ କେଶର, ମହାନିତ୍ୟରେ ସେ ବିହାର x x x ଶ୍ରୀଜଗନ୍ନାଥ ବ୍ରହ୍ମା ହୋଇ, ମୁହିଁ ସେ ରୂପ ପ୍ରକାଶଇ ।' [୧୩୯]	
୫.	ଦିବାକର ଦାସ	ଶ୍ରୀ ଜଗନ୍ନାଥ ଚରିତାମୃତ	'ହେ ଜଗନ୍ନାଥ ଦାସେ ଶୁଣ, ପୃଥ୍ୱୀରେ ଦେଖ ଯେତେ ସ୍ଥାନ । ପରମ ପବିତ୍ର ଯେ ତୀର୍ଥ, ଯେତେ ଅଛନ୍ତି ଏଜଗତ । ଏଥିରେ ନ ବଳଇ ଚିତ୍ତ, କେବଳ ପ୍ରଭୁ ଜଗନ୍ନାଥ । ହୃଦୟ ନେତ୍ରର ଗୋଚର, ଆନରେ ନ ହୁଏ ସଚାର ସମସ୍ତ ତୀର୍ଥ ଘେନି ହରି, ବିଜୟେ ଦେଖ ନୀଳଗିରି । x x x ଏ ଆଦି ଯେତେ ଦେବଗଣ, ଏହାଙ୍କୁ ନୁହନ୍ତି ସମାନ ସେ ଜଗନ୍ନାଥ ବିନୁ ଆନ, ମୋ ହୃଦ ନ ପାଇ ଯେ ସ୍ଥାନ ଏକ ଜଗନ୍ନାଥଙ୍କୁ ମୁହିଁ, ସର୍ବାତ୍ମା ଭାବରେ ଭାବଇ ।' [୧୪୦]	
୬.	ଧନଞ୍ଜୟ ଭଞ୍ଜ	ରଘୁନାଥ ବିଳାସ (ଶ୍ରୀରାମ ବିଳାସ)	'ବନ୍ଦଇ ଜଗତନାଥ ଅନାଦି କାରଣ ସୃଷ୍ଟି ସ୍ଥିତି ପ୍ରଳୟର ଭୟ ନିବାରଣ ହେ । ଯୋଗୀ ହୃଦ କମଳ ପ୍ରକାଶି ଦିନକର ଇନ୍ଦ୍ର ନୀଳମଣି ରୁଚି ରୁଚିର ଆକାର ହେ ।' x x x ତୁମ୍ଭେ ନୀଳାଚଳବାସୀ ଗୋକୁଳ ବିଳାସୀ ଏବେ ଦଶରଥ ସୁତ ନାମ ପରକାଶି ହେ ।	ରାମାତ୍ମକ କାବ୍ୟ

୧୩୭. ଦାସ, ଶିଶୁଶଙ୍କର, ଉଷାଭିଳାଷ, ୧/୪୦-୪୧

୧୩୮. ଦାଶ, ଈଶ୍ୱର, ଚୈତନ୍ୟ ଭାଗବତ, ଭୁବନେଶ୍ୱର, ୧୯୬୬, ୧୮ଶ ଅଧ୍ୟାୟ

୧୩୯. ତତ୍ରୈବ, ୫୨ ଅଧ୍ୟାୟ

୧୪୦. ଦାସ, ଦିବାକର, ଜଗନ୍ନାଥ ଚରିତାମୃତ (ସଂ. ବୃନ୍ଦାବନ ଦାସ ଗୋସ୍ୱାମୀ) ପୁରୀ : ବଡ଼ ଓଡ଼ିଆ ମଠ, ୧୯୬୩, ପୃ. ୭୭-୭୮

			x x x ନୀଳାଚଳ ପତି ରାମଚନ୍ଦ୍ର ପଦଧ୍ୟାୟି ନୃପ ଧନଞ୍ଜୟ ଭଞ୍ଜ ଏହି ରସ କହି ହେ ।'[୧୪୧]	
''		ଅନଙ୍ଗରେଖା	'ସେବିଣ ନୀଳାଦ୍ରୀ କନ୍ଦ, ହୋଇଛି ଅତି ଆନନ୍ଦ ଛେଦ ପ୍ରଭୁ ମୋର ମାୟାବନ୍ଧ ହେ ଆଦିକନ୍ଦ ।'[୧୪୨]	କାଳ୍ପନିକ କାବ୍ୟ
୭.	ଉପେନ୍ଦ୍ର ଭଞ୍ଜ	କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ	'ସେ କମ୍ବୁ କଟକ ରାଜା ନାମ ଜଗନ୍ନାଥ ଚାରିବର୍ଣ୍ଣେ ଚଉବର୍ଗ ଦେବାକୁ ସମର୍ଥ ହେ । ଭକ୍ତି ଦେବା ଗୁପ୍ତ ହୋଇଅଛି ଯୁକ୍ତାକ୍ଷରେ ବୈଷ୍ଣବ ବିହୀନେ କେବା ଜାଣିବ ସଂସାରେ ହେ ।	
	''		ପାଦେ ବନ୍ଦେ ସାର୍ବଭୌମ ବୋଲିବା କି ଯଶ ବୃଷାସନଙ୍କର ଶିର ଲାଗିବାକୁ ଆଶ ହେ । ଯାହା କଟାକ୍ଷ-କୁଠାର ପତନ ମାତରେ ଅନେକ ଦୁଃଖ -ଅନୋକହକୁ ଛେଦି ପାରେ ହେ ।[୧୪୩]	କାଳ୍ପନିକ କାବ୍ୟ
	''	ରସିକ ହାରାବଳୀ	'ପତାକା ଅଞ୍ଚଳ ଚଞ୍ଚଳ ଡାକେ ପାପୀଙ୍କ ଅବା ଏ ନୀଳନଗ ନଗରକୁ ଆସ ଭଲ କରିବା ।'[୧୪୪]	''
	''	ବୈଦେହୀଶ ବିଳାସ	'ବାହୁଡ଼ିଲେ ପ୍ରଦକ୍ଷଣ କରି ଦେବ ବୁଦ୍ଧି, ବାଜିଲା ବିବିଧ ବାଦ୍ୟ ବିଜେ କୃପାନିଧି ଯେ । ବଳ ଗଣ୍ଡି ଠାରେ ରହି ଯଥା ଜଗନ୍ନାଥ, ବିଜେ ପୁଣି ଜନକ ସନ୍ତୋଷ ଚାଳି ରଥ ଯେ, ବିସ୍ତାରିତ ଜୟ ଶବ୍ଦ ହେଲା ଦଶ ଦିଶ ବଡ଼ ଦେଉଳ ସାକେତେ ହେଲେ ପରବେଶ ଯେ ।'[୧୪୫]	ରାମାତ୍ମକ କାବ୍ୟ
	''	ସୁଭଦ୍ରା ପରିଣୟ	'ସିନ୍ଧୁତଟେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରେ ରାଜ, ସାଧୁଜନେ ଅଛ ତହିଁ ବହୁତ ଆଶ୍ଚର୍ଯ୍ୟ ହେ । ସେ ଭୂମି ପ୍ରବେଶ ବ୍ରହ୍ମ ହତ୍ୟା ପାପ ହରେ, ସାକ୍ଷାତ ହୋଇଛ ଏ କପାଳ ମୋଚନରେ ଯେ ସେ ହୁଏ ଚତୁର ଭୁଜ ସେ ଯେ କ୍ଷେତ୍ରେ ରହି, ସାକ୍ଷୀ ଏ କଥାକୁ ଟି ଅଜ୍ଞାନ କାଳ ତହିଁ ଯେ ।'[୧୪୬]	ପୌରାଣିକ କାବ୍ୟ

୧୪୧. ଭଞ୍ଜ, ଧନଞ୍ଜୟ, ଶ୍ରୀରାମ ବିଳାସ (ସଂ.ଶୁ. ଡ. ବାସୁଦେବ ସାହୁ) ଅପ୍ରକାଶିତ ପୋଥି, ପ୍ରଥମ ଛାନ୍ଦ, ପଦ- ୧, ୨, ୧୯, ୩୧
୧୪୨. '' '', ଅନଙ୍ଗରେଖା, ୨୧ଶ ଛାନ୍ଦ, ଶେଷ ପଦ
୧୪୩. ଭଞ୍ଜ, ଉପେନ୍ଦ୍ର, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ (ସଂପା-ହରେକୃଷ୍ଣ ଦାଶ), କଟକ : ଚନ୍ଦ୍ରୋଦୟ ପ୍ରେସ, ୧୯୩୩, ପଦ ୧୨-୧୫
୧୪୪. ଭଞ୍ଜ, ଉପେନ୍ଦ୍ର, ରସିକ ହାରାବଳୀ, କଟକ : ଦାଶରଥି ପୁସ୍ତକାଳୟ, ତୃତୀୟ ଚାନ୍ଦ, ପଦ-୭
୧୪୫. ଭଞ୍ଜ, ଉପେନ୍ଦ୍ର, ସୁଭଦ୍ରା ପରିଣୟ, କଟକ : ମୌଲବୀ ଶେଖ ନଜିର ମୋହମ୍ମଦ ଏଣ୍ଡ ସନ୍ସ, ୧୯୫୪, ପ୍ରଥମ ଛାନ୍ଦ, ପଦ ୧-୩
୧୪୬. ଭଞ୍ଜ, ଉପେନ୍ଦ୍ର, ବୈଦେହୀଶ ବିଳାସ, କଟକ : ଓଡ଼ିଶା ଜଗନ୍ନାଥ କମ୍ପାନୀ, ୧୯୭୨, ଷୋଡ଼ଶ ଛାନ୍ଦ ପଦ ୫୬-୫୮

	,,	ଛାନ୍ଦ ଭୂଷଣ	'କମଳା-କମଳାସନ-ସନକ ବନ୍ଦନ, କମଳ-କମଳଧର-ବିଜିତ-ବଦନ । x x x କମ୍ବୁ କଟକରେ ଯେହୁ ଦାରୁ ରୂପଧାରୀ କାଳେ କାଳେ ଶ୍ୱେତ ଦ୍ୱୀପ ମଧ୍ୟେ ଯେ ବିହରି । କମଳ ବନ୍ଧୁ ବଂଶେ ଯେ ଥିଲେ ଅବତରି କଣ୍ଠୀରବ ତନୁ ଯେ ପୂର୍ବରେ ଥିଲେ ଧରି । କୁତୁକେ ଯେ ବିଧୁଜାତ ଦେବକୀ ଉଦର, କମଳଧିରୁ ପ୍ରକାଶ ରାଜା ଆକାଶର ।'[୧୪୭]	
	,,	ରସଲେଖା	'ଆହେ ଜଗନ୍ନାଥ, ବିଶ୍ୱନାଥ ହରିହର କମଳାକ୍ଷ, ବିରୁପାକ୍ଷ କରୁଣା ସାଗର ଉପଇନ୍ଦ୍ର ଭଞ୍ଜ ଭଣି, କରୁଣା କରିବ ମୋର ମନ ଚିନ୍ତା ଜାଣି ।'[୧୪୮]	କାଳ୍ପନିକ କାବ୍ୟ
୮.	ଭୂପତି ପଣ୍ଡିତ	ପ୍ରେମ ପଞ୍ଚାମୃତ	'ବଡ଼ଦାଣ୍ଡରେ ଉପଗତ, ହୋଇଛି ଶ୍ରୀଗୁଣ୍ଡିଚା ଯାତ । ଦେଖିଲେ ରଥ ତାଳଧ୍ୱଜ, ଯହିଁ ବିଜୟେ ତୋ ଅଗ୍ରଜ । ତାହାଙ୍କୁ କଲେ ଦରଶନ, ପ୍ରଣାମ ଆଦି ପ୍ରଦକ୍ଷିଣ । ରଥ ଦଉଡ଼ି ଓଟାରିଲେ, ଶ୍ରୀ ବଳଭଦ୍ର ବିଜେ କଲେ । ପୁଣି ଦେଖିଲେ ନନ୍ଦିଘୋଷ, ଯେ ରଥେ ତୋ ରୂପ ପ୍ରକାଶ । ଅମଳ କମଳ ଲୋଚନ, ଦୂରୁ ହିଁ କଲେ ଦରଶନ । କାନ୍ତି କାଳିନ୍ଦୀ ନଦୀ କିସେ ? ମୁଖ ପୋ ଏଳା ନାବ ଭାସେ କି ନବ ନୀଳ ଘନ ମଧ୍ୟେ, ଅରୁଣ ବର୍ଣ୍ଣ ଚନ୍ଦ୍ର ଉଦେ । ଶ୍ରୀହସ୍ତ ଶଙ୍ଖ ଚକ୍ର ଧରି, ଚୌବର୍ଗ ଦାନୀ ଅଧିକାରୀ ଏମନ୍ତ ରୂପ ତୋର ଦେଖି, ସନ୍ତୋଷ କଲେ ଆତ୍ମା ଆଖି । ପୁଣି ଦେବୀଙ୍କ ରଥେ ଯାଇ, ଆନନ୍ଦ କହୁଁ ନ ସରଇ । ସୁଭଦ୍ରା ଶ୍ରୀ ସୁଦର୍ଶନ, ଦୁହିଁଙ୍କି କଲେ ଦରଶନ ।'[୧୪୯]	କୃଷ୍ଣାତ୍ମକ କାବ୍ୟ
୯.	ରଘୁନାଥ ରାଜ ହରିଚନ୍ଦନ	ଲୀଳାବତୀ	'ପୁଷ୍ପ ବିଳାସ ନାମ ଛାନ୍ଦ ଭଣେ ସେବି ନୀଳାଚଳ ପତି ଚରଣେ ।'[୧୫୦]	କାଳ୍ପନିକ କାବ୍ୟ

୧୪୭. ଭଞ୍ଜ, ଉପେନ୍ଦ୍ର, ଛାନ୍ଦ ଭୂଷଣ, କଟକ:ଦାଶରଥି ପୁସ୍ତକାଳୟ, ପ୍ରଥମ ଛାନ୍ଦ, ପୃଷ୍ଠା ୧-୨

୧୪୮. ଭଞ୍ଜ, ଉପେନ୍ଦ୍ର, ରସଲେଖା, କଟକ : ଓଡ଼ିଶା ଜଗନ୍ନାଥ କମ୍ପାନୀ, ୧୯୫୮, ବିଂଶ ଛାନ୍ଦ, ପଦ-୨୦

୧୪୯. ପଣ୍ଡିତ, ଭୂପତି, ପ୍ରେମ ପଞ୍ଚାମୃତ, ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ପ୍ରଥମ ମୁଦ୍ରଣ, ସପ୍ତମ ଅଧ୍ୟାୟ, ପଦ-୧୬୭-୧୭୮

୧୫୦. ହରିଚନ୍ଦନ, ରଘୁନାଥ ରାଜ, ଲୀଳାବତୀ, ଅପ୍ରକାଶିତ ପୋଥି, ତୃତୀୟ ଛାନ୍ଦ, ଶେଷପଦ

୧୦.	ନନ୍ଦ ଦାସ	ଅଣାକାର ସଂହିତା	'ବେନି ଅକ୍ଷର ଗୁପ୍ତ କଲି, ବେନିରେ ନାମକୁ ଭଣିଲି । ଆଦ୍ୟବେନି ଅକ୍ଷର ଗୁପ୍ତ, ପ୍ରାନ୍ତ ବେନିରେ କଲି ଗୀତ ।'	ଶୂନ୍ୟ/ ନିରାକାର ଧର୍ମୀ କାବ୍ୟ
୧୧.	ଦେବାନନ୍ଦ ଦାସ	ବୈଚନ୍ଦ୍ର ଗୀତା	'ବଉଧ ରୂପେ ଚତୁର୍ଭୁଜେ, ବିରାଜି ଶଙ୍ଖଚକ୍ର ତେଜେ । ସେ ରୂପ ବ୍ରହ୍ମ ଲୀନ ହୋଇ, କଳିଯୁଗରେ ଥିବ ରହି ।'[୧୫୧] x x x 'ତୁମ୍ଭେ ଯେ ବଉଧ ବେଶରେ, ରହିବ ଶ୍ରୀନୀଳକନ୍ଦରେ ମଉନ ଭାବେ ଥିବ ରହି, କାହାକୁ ନ କହିବ ଫେଇ ।'[୧୫୨]	ଗୀତା
୧୨.	ଶିଖର ଦାସ	ନୀଳସୁନ୍ଦର ଗୀତା	'କଳିଯୁଗରେ ମୁଁ ଦାରୁବ୍ରହ୍ମ ରୂପେ ନୀଳକନ୍ଦରେ ରହିବି, ସଙ୍ଗେ ବଳରାମ ବେଦ ପତି ଘେନି ଲକ୍ଷ୍ମୀ ସରସ୍ୱତୀ ବେନି ପ୍ରିୟବତୀ ଯେହି ଥିବେ ମୋର ପାଶ, ଆଗେ କର ଯୋଡ଼ି ଉଭା ହୋଇଥିବ ମଉନାବତୀ ବିଳାସ ।'[୧୫୩]	
୧୩.	ଶିଶୁକୃଷ୍ଣ ଦାସ	ଦେଉଳ ତୋଳା	'ଯେବଣ ଶବର ଗୋଟି ବନସ୍ତରେ ଥିଲା, ନୀଳ ଯେ ମାଧବ ରୂପେ ଆସ୍ତର ପୂଜିଲା । ଶବରର ଘରେ ଯେଉଁ ପୁତ୍ର ହେବେ ଜାତ, ଦଇତା ସେବକ ହେବେ ବୋଲି ଜଗନ୍ନାଥ । ଯେଉଁ ବ୍ରାହ୍ମଣ ତୋହର ଦୂତ ପଣେ ଗଲା, ନୀଳମାଧବ ରୂପେ ଯେ ଭେଟ ନ ପାଇଲା । ସେ ବ୍ରାହ୍ମଣ ଘରେ ଯେଉଁ ପୁତ୍ର ହେବେ ଜାତ, ପ୍ରକୃତ ସେବକ ସେ ହୋଇବରେ ନୃନାଥ । ବିଦ୍ୟାପତି ବ୍ରାହ୍ମଣ ଯେ ଦୂତପଣେ ଗଲା, ଶବର ଝିଅକୁ ସେ ଯେ ବିବାହ ହୋଇଲା ଶବରଣୀ ତହୁଁ ଯେଉଁ ପୁତ୍ର ହେବ ଜାତ ଶୁଦ୍ଧ ସୁଆର ସେ ହେବ ବୋଲେ ଜଗନ୍ନାଥ ।'[୧୫୪]	ମାଧବ ଉପାସନା ସହ ଜଗନ୍ନାଥଙ୍କ ବର୍ଣ୍ଣନା

୧୫୧. ଦାସ, ଦେବାନନ୍ଦ : ଅଣାକାର ସଂହିତା, କଟକ : ପ୍ରାଚୀ ସମିତି, ଚତୁର୍ଥ ପରିଚ୍ଛେଦ

୧୫୨. ଦାସ, ଦେବାନନ୍ଦ, ବୈଚନ୍ଦ୍ର ଗୀତା, ୨୧ଶ ଅଧ୍ୟାୟ

୧୫୩. ଦାସ, ଶିଖର, ନୀଳସୁନ୍ଦର ଗୀତା, ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ପୋଥି ନଂ ***OL/940, CY/1210****, ପ୍ରଥମ ଅଧ୍ୟାୟ, ପଦ : ୧୩-୧୪*

୧୫୪. ଦାସ, ଶିଶୁକୃଷ୍ଣ, ଦେଉଳା ତୋଳା (ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଦେଉଳ ତୋଳା, ଶ୍ରୀକ୍ଷେତ୍ର ମହାତ୍ମ୍ୟ), ବ୍ରହ୍ମପୁର:ରାଧାକୃଷ୍ଣ ପ୍ରେସ, ପୃଷ୍ଠା ୨୭

୧୪.	ଶିଶୁ ଦାସ	ନେତ୍ର ଉଚ୍ଛବ	'(ରାମେ) କରନ୍ତି ନେତ୍ର ଉଚ୍ଛବ କମଳା ସାଇଁ, କରନ୍ତି ଦର୍ଶନ ସର୍ବ ଦେବତା ଯାଇ । କମଳ ଭୁଜରେ ଶଙ୍ଖ ଚକ୍ର ବିରାଜେ, କୋଟିଏ କନ୍ଦର୍ପ କଳା ଶ୍ରୀମୁଖ ରାଜେ ।'[୧୫୫]	
୧୫.	ସାଧୁଚରଣ ଦାସ	ଶ୍ରୀରାମଗୀତା	'କ୍ଲୀ ଅଟଇ ଜଗନ୍ନାଥ, ଗୋବିନ୍ଦାୟ ସୁଭଦ୍ରା ହିଁ ତ । ଗୋପୀଜନ ଯେ ସୁଦର୍ଶନ, ବଲ୍ଲଭାୟ ଯେ ବଳରାମ । ସ୍ୱାହା ଶବଦ ସିଂହାସନ, ଏହୁଟି ଯନ୍ତ୍ର ରୂପ ଜାଣ ।'[୧୫୬]	
୧୬.	ଭଗବାନ ଦାସ	ଶ୍ରୀଗୌରାଙ୍ଗ ଭାଗବତ	'ଜଗନ୍ନାଥଙ୍କ ପୃଷ୍ଠଗତେ, ଅଛି ଯେ ଏକଇ ପର୍ବତେ । ନାମ ତାହାର ଚଢ଼େଇଆ, ତାକୁ ଦେଖିଲ ପ୍ରଭୁହିଆ । ହୋଇଲା ଗୋବର୍ଦ୍ଧନ ଭ୍ରମ, ଧାଇଁଲେ ଧରି ମନତନ । ଦେଖିବି ଗୋବର୍ଦ୍ଧନ ପତି, ବଦନେ କଲେ ଏ ଭକତି । ପଛେ ଗୋଡ଼ାଇ ଭକ୍ତ ଜନେ, ଧରି ବସାଇଲେ ଯତନେ ।'[୧୫୭] x x x 'ଗରୁଡ଼ ପଛେ ଛିଡ଼ା ହୋଇ, ଚାହାନ୍ତେ ଚୈତନ୍ୟ ଗୋସାଇଁ । ଦେଖିଲେ, ପ୍ରଭୁ ଜଗନ୍ନାଥ, ଯେସନେ ଶ୍ରୀକୃଷ୍ଣ ସାକ୍ଷାତ । ମୁରଲୀ ମୁଖ ପିତାମ୍ବର, କୋଟିଏ କାମ ମନୋହର ।'[୧୫୮]	କୃଷ୍ଣାତ୍ମକ
୧୭.	ଅଚ୍ୟୁତାନନ୍ଦ ଦାସ (ଦ୍ୱିତୀୟ)	ପଦ୍ମକଳ୍ପ ଟୀକା	'ଅକ୍ରୁର ହିଁ ଯାଉ ଉଦ୍ଧବ ହିଁ ଯାଉ ଅନାଦୃଷ୍ଟ ଏଥିଯାଉ, କଳିଯୁଗରେ ବଉଦ ଅବତାରେ ଅନୁସରି ଜନ୍ମ ହେଉ । ତୁମ୍ଭେ ପାଞ୍ଚଜଣ ଯାଅ ଏଥୁ ବୋଲି ଶ୍ରୀମୁଖରେ ଆଜ୍ଞା ଦେଲ ବଉଦ ରୂପ ଅନୁସରି ଜନମ ଲାଭ ଶ୍ରୀହରି ବୋଇଲେ । ବଉଦ ରୂପେ ମୁଁହିଁ ବିଜେ କରିବି ଶ୍ରୀନୀଳ କନ୍ଦରେ ଯାଇଁ ତହିଁ ମୋର ବଂଶ ନିଯୋଗ ଖଟିବେ ନିରବଧି ଥିବେ ଧାଇ ।'[୧୫୯]	କୃଷ୍ଣାତ୍ମକ

୧୫୫. ଦାସ, ଶିଶୁ, ନେତ୍ର ଉଚ୍ଛବ, ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ପୋଥି ନଂ ***OL/520, CY/142***

୧୫୬. ଦାସ, ସାଧୁଚରଣ, ଶ୍ରୀରାମ ଗୀତା, ଅଷ୍ଟାଦଶ ଅଧ୍ୟାୟ

୧୫୭. ଦାସ, ଭଗବାନ : ଶ୍ରୀ ଗୌରାଙ୍ଗ ଭାଗବତ, ୬ଷ୍ଠ ଅଧ୍ୟାୟ, ପୃ.୪୨

୧୫୮. ତତ୍ରୈବ, ୧୦ମ ଅଧ୍ୟାୟ, ପୃ. ୬୨

୧୫୯. ଦାସ,ଦ୍ୱିତୀୟ ଅଚ୍ୟୁତାନନ୍ଦ, ପଦ୍ମକଳ୍ପ ଟୀକା, ପଦ ୭୫-୭୭

୧୮.	ଶିବ ଦାସ	ରାଧାରସାମୃତ ଗୀତା	'ବ୍ରହ୍ମ ବିନ୍ଦୁ ଘରୁ ଯେଉଁ ଶବଦ ଶୁଭିଲା, ଚାରିକଳା ଘେନି କରି ଜଳରେ ବୁଡ଼ିଲା, ତେଣୁ ପଞ୍ଚଭୂତ ଆତ୍ମା ହୋଇଲାକ ସେହି, ପ୍ରତି ପ୍ରତି ମୂର୍ତ୍ତି ହୋଇ ବର୍ଣ୍ଣରେ ସେ ରହି, ଏକ ଏକ କରି ତୋତେ କହିଦେବା ସହି । ଗରୁଡ଼ ଯେ ସୁଦର୍ଶନ ଜଗନ୍ନାଥ ଜାଣ, ସୁଭଦ୍ରା ଯେ ବଳଭଦ୍ର ଏହି ପଞ୍ଚପ୍ରାଣ ।'[୧୬୦]	ରାଧାକୃଷ୍ଣ ମୂଳକ
୧୯.	କୃଷ୍ଣ ଦାସ	ରସକଲ୍ଲୋଳ	'କମ୍ବୁ କଟକ ମଧ୍ୟରେ ନାଗର ଏକ, କଉତୁକ କଥାମାନଙ୍କରେ ରସିକ । କମଳ ନେତ୍ରୀ-କମଳା-ପ୍ରାଣ ନାୟକ, କଳା ପର୍ବତରେ ଲୀଳା କରି ଅନେକ । କଲେ ଇଚ୍ଛା ମନେ ହେବା କଂସ ଅନ୍ତକ, କରିବା ଉଶ୍ୱାସ ମହୀ ଭାରା ଯେତେକ । କପଟେ ହୋଇବା ବ୍ରଜେ ନନ୍ଦ ବାଳକ, କଉତୁକେ ବୋଲାଇବା ପଶୁପାଳକ ।'[୧୬୧]	କୃଷ୍ଣାତ୍ମକ
	,,	ମଧୁମଙ୍ଗଳ	'ଶ୍ରୀଗୁଣ୍ଡିଚା ଯାତ ପ୍ରାୟ ଦାଣ୍ଡେ ଲୋକବାକ ଦେଖୁଁ ଦେଖୁଁ ଆସି ମାଡ଼ି ପଡ଼ିଲେ ଅନେକ ରଥେ ବିଜେ ରାମ ହରି କୃଷ୍ଣ ମନ ଗଲା କୃଷ୍ଣପଦ ଅନୁସରି ।'[୧୬୨]	
	,,	ରସବିନୋଦ	'ଏବେ କହିବା ଦିବ୍ୟ ମନ୍ତ୍ର, ଶ୍ରୀଅଙ୍ଗ ଠାକୁରଙ୍କ ଯନ୍ତ୍ର ଚକାବଇଠି ବୋଲି ଯେହୁ, ଅକ୍ଷର ସତାଇଶ ସେହୁ । ବଳିଦେବଙ୍କ ମନ୍ତ୍ରସାର, ଏମନ୍ତ ଏଗାର ଅକ୍ଷର । ବେନି ଅକ୍ଷର ଗୋପ୍ୟସମ, ଶ୍ରୀମଧୁସୂଦନାୟ ନମଃ । x x x ଓଁକାର ନାମ ବହେ ଯେଟି, ପ୍ରଭୁଙ୍କ ଶ୍ରୀଚକା ବଇଠି ।'[୧୬୩]	
	,,	ନାମରତ୍ନ ଗୀତା	'ନବ ଅବତାର ଯେ ବଉଧ ରୂପ ଧରି, ମାତାଙ୍କର ନାମ ଯେ କରୁଣାବତୀ ନାରୀ । ପିତାଙ୍କର ନାମ ପାର୍ଥ, ତାଙ୍କର ଉପମ, ସହସ୍ରେ ରୂପ ବୋଲି ଗୁରୁଙ୍କର ନାମ ।	

୧୬୦. ଦାସ, ଶିବ, ରାଧାରସାମୃତ ଗୀତା, ଦ୍ୱାଦଶ ଅଧ୍ୟାୟ

୧୬୧. ଦାସ, କୃଷ୍ଣ, ରସକଲ୍ଲୋଳ (ସଂପା : ଦେବେନ୍ଦ୍ର ମହାନ୍ତି) କଟକ : ଫ୍ରେଣ୍ଡର୍ସ ପବ୍ଲିଶର୍ସ, ୧୯୬୯, ପ୍ରଥମ ଅଧ୍ୟାୟ, ପଦ-୧୨-୧୬

୧୬୨. ଦାସ, କୃଷ୍ଣ , ମଧୁମଙ୍ଗଳ ନବମ ଛାନ୍ଦ

୧୬୩. ଦାସ, ଦୀନକୃଷ୍ଣ, ରସବିନୋଦ, କଟକ : ଶ୍ରୀ ରାଧାରମଣ ପୁସ୍ତକାଳୟ, ୧୯୬୮, ଦଶମ ଅଧ୍ୟାୟ, ପୃ. ୧୨୧-୧୨୨

			କ୍ଷେତ୍ରବର କଟକ ଯେ ନୀଳଗିରି ହୋଇ, ଦାରୁରୂପେ ବିଜେ କଲୁ ପୁରୁଷୋତ୍ତମେ ଯାଇ ।'[୧୬୪]	
	''	ଜଗମୋହନ ଛାନ୍ଦ	'ଏମନ୍ତ କ୍ଷେତ୍ରରେ ଘେନି ମହାସମ୍ପତ୍ତି, ବିଜୟେ ଶ୍ରୀଜଗନ୍ନାଥ ଦେବ ନୃପତି । ଅପାରୁ ଅପାର ତାହାଙ୍କର ମହିମା ଆଦି ହିଁ ଜାଣି ନାହାନ୍ତି ଶଙ୍କର ବ୍ରହ୍ମା ।' ଇନ୍ଦ୍ର ଚନ୍ଦ୍ର ଆଦି ଯେତେ ଅମରଗଣ ଅବିରତେ ତାହାଙ୍କ ଚରଣେ ଶରଣ ।'[୧୬୫]	
୨୦	ଦ୍ୱାରକା ଦାସ	ପରଚେ ଗୀତା	'ଯେମନ୍ତ ବଳଭଦ୍ର ସୁଭଦ୍ରାରେ, ଜଗନ୍ନାଥ ଦେହେ ଆତ୍ମା ବିହରେ, ସବୁ ଦେହରେ ସେହିପରି ଫେଇ, ଆତ୍ମା ରୂପେ ବ୍ୟାପି ଅଛଇ ମୁହିଁ ।'[୧୬୬]	
	''	ପ୍ରେମରସ ଚନ୍ଦ୍ରିକା	'ନାରଦ ବିଷ୍ଣୁ ସମ୍ବାଦ ଏ ଉତ୍ତମ ସୁଜନ ସୁଜନ ଜନଙ୍କୁ ହିତ ପାମର ଦ୍ୱାରକା ଦାସ ଭଣିଲେ ଆଜ୍ଞା ଦେଲେ ଜଗନ୍ନାଥ ।'[୧୬୭]	
	''	ସପ୍ତପୋଇ	'ଧରଣୀ ମଧ୍ୟରେ ଏ ଦୁଃଖସାଗରେ ଭାସିଯାଉଛି ପଡ଼ି ମୁହିଁ, ଧରି ଶଙ୍ଖ ଚକ୍ର କିପାଇଁ ବସିଛ ଧରିବାର ଶୋଭା ପାଉ ନାହିଁ । ନରକ୍ଷ ଜନରେ ଦୟା ଯେବେ ନାହିଁ, ଥାଇ କି ହୋଇବ ବିଜେ କରି ନୀଳଚକ୍ରେ ନେତ ଉଡ଼ିବାର ନିନ୍ଦା ହେବ ଦ୍ୱାରକା କହେ ସ୍ମରି । x x x ବୋଇଲେ ବୋଇଲ ଦୋଷ କ୍ଷମା କର କ୍ଷମାଶୀଳ ନାମ ତୋର, ବିପତ୍ତି କାଳେ ତୁମେ ସ୍ନେହା ନୋହିଲ ବଞ୍ଚେକି ଦ୍ୱାରକା ଛାର ?'[୧୬୮]	

*୧୬୪. ଦାସ, ଦୀନକୃଷ୍ଣ, ନାମରତ୍ନ ଗୀତା, ଭୁବନେଶ୍ୱର:ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ପୋଥି ନଂ **OL/62B**, ପଞ୍ଚମ ଅଧ୍ୟାୟ*

୧୬୫. ଦାସ, ଦୀନକୃଷ୍ଣ, ଜଗମୋହନ ଛାନ୍ଦ, କଟକ : ପ୍ରାଚୀ ସମିତି, ୧୦୩୧, ପ୍ରଥମ ଛାନ୍ଦ, ପଦ ୩୮-୪୧

୧୬୬. ଦାସ, ଦ୍ୱାରକା, ପରଚେ ଗୀତା, ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ଦଶମ ଅଧ୍ୟାୟ

୧୬୭. ଦାସ, ଦ୍ୱାରକା, ପ୍ରେମରସ ଚନ୍ଦ୍ରିକା (ପ୍ରବନ୍ଧାବଳୀ-ଶ୍ୟାମସୁନ୍ଦର ରାଜଗୁରୁ) ପୃ. ୭୧

୧୬୮. ଦାସ, ଦ୍ୱାରକା , ସପ୍ତପୋଇ (ପ୍ରବନ୍ଧବଳୀ-ଶ୍ୟାମସୁନ୍ଦର ରାଜଗୁରୁ) ପୃ. ୭୨

	,,	ତ୍ରୟୋଦଶ ସ୍କନ୍ଦ ଭାଗବତ	'ନମଇଁ ପରମ ପୁରୁଷ, ନୀଳ କନ୍ଦରେ ତୋର ବାସ, ଯୋଗୀଜନ ରଞ୍ଜିବା ପାଇଁ, ନିଶ୍ଚଳେ ବସିଛ ଗୋସାଇଁ । ବ୍ରହ୍ମଜ୍ଞାନୀଙ୍କ ଗର୍ବ ଚୂରି, ତେଣୁ ବୋଲାଉ ବ୍ରହ୍ମଚାରୀ ।'[୧୬୯]	
୨୧	ମହାଦେବ ଦାସ	ନୀଳାଦ୍ରି ମହୋଦୟ	'ନମସ୍ତେ ତ୍ରିଲୋକ ବରଣୀ ବିଷ୍ଣୁର ମାୟେଶ୍ୱରୀ ରାଣୀ, ଚରାଚର ସୃଷ୍ଟି ମୋହିନୀ, ହୃଦୟ ପଙ୍କଜ-ଆସନୀ । ବିଷ୍ଣୁର ଭାବ ଅନୁସରି, ତୁମ୍ଭେ ଲକ୍ଷ୍ମୀ, ତୁମେ ଗଉରୀ । x x x ଜୟେ ସୁଭଦ୍ରେ ଭଦ୍ରାସନୀ, ସକଳ ଜନେ ଭଦ୍ରାୟନୀ । x x x ଅଭେଦ ଶ୍ରୀହରି ଶରୀରେ, ତୁମ୍ଭେ ହେ ସେହି ପରକାରେ ।'[୧୭୦]	
୨୨	ଗୋପାଳ କବି (ତେଲେଙ୍ଗା)	ଅଧ୍ୟାତ୍ମ ରାମାୟଣ	'ତୋହର ଯଶ ଗୁଣ ନାମ, ବର୍ଣ୍ଣିକି ପାରଇ ନିଗମ । ମାନବେ ହୋଇ ଅବତାର, ହରିଲୁ ଅବନୀର ଭାର । ରାବଣ ଆଦି ଦୃଷ୍ଟ ଯେତେ, ନାଶିଲୁ ଧର୍ମରକ୍ଷା ଅର୍ଥେ । ତେଣୁ ତୋ ଅବତାର, ନମସ୍ତେ ପୁରୁଷୋତ୍ତମ । ଯେ ଆଜି ଅବତାର ତୁହି, ତୋ ବିନୁ ଅନ୍ୟ କେହି ନାହିଁ । x x x ଏଣୁ ତୋ ମହିମା ଅନନ୍ତ କିଛି ଜାଣନ୍ତି ତୋର ଭକ୍ତ ।'[୧୭୧]	
୨୩	ପର୍ଶୁରାମ ବିହାରୀ	ବ୍ରହ୍ମଜ୍ଞାନ ଗୀତା	'ରାମଟି ଗୁରୁ ଶୁଣ ତୁହି, କୃଷ୍ଣ ଜଗନ୍ନାଥ ଭିନ୍ନ ନୋହି ଗୁହା ଯେ ମୂର୍ତ୍ତି ସୁଦର୍ଶନ, ଚତୁର୍ଦ୍ଧା ମୂରତି ପ୍ରମାଣ । x x x ଏ ପଞ୍ଚ ଆତ୍ମା ଘେନି କରି, ଶ୍ରୀନୀଳଗିରିରେ ବିହରି ଗରୁଡ଼ ସୁଦର୍ଶନ ଦୁଇ, ଶ୍ରୀଜଗନ୍ନାଥଛନ୍ତି ରହି ସୁଭଦ୍ରା ବଳରାମ ଦୁଇ, ଏମନ୍ତ ପଞ୍ଚ ଆତ୍ମା ହୋଇ ।'[୧୭୨]	

୧୬୯. ଦାସ, ଦ୍ୱାରକା, ସପ୍ତମ ଅଧ୍ୟାୟ
୧୭୦. ଦାସ, ମହାଦେବ, ନୀଳାଦ୍ରି ମହୋଦୟ (ସଂଗୃହୀତ - ଡ. ବାସୁଦେବ ସାହୁ), ୨୬ ଅଧ୍ୟାୟ
୧୭୧. କବି,ଗୋପାଳ, ଅଧ୍ୟାତ୍ମ ରାମାୟଣ, ଆଦିକାଣ୍ଡ
୧୭୨. ବିହାରୀ, ପର୍ଶୁରାମ, ବ୍ରହ୍ମଜ୍ଞାନ ଗୀତା, ପଞ୍ଚମ ଅଧ୍ୟାୟ, ପଦ ୭-୮, ୪୧-୪୩

		ବ୍ରହ୍ମ ପରଚେ ଗୀତା	'ସେ ଜଗନ୍ନାଥଙ୍କ ରଣଣେ ଶରଣ ପର୍ଶୁରାମ ଭଣେ ।'[୧୭୩]	
୨୪.	ବିଶ୍ୱନାଥ ଖୁଣ୍ଟିଆ	ବିଚିତ୍ର ରାମାୟଣ	'ଶ୍ରୀଜଗନ୍ନାଥ ଚଢ଼ିଣ ନନ୍ଦିଘୋଷ ଗୁଣ୍ଡିଚା ପରେ ବିଜୟ ଦେଖି ନାଗ ନର ଗନ୍ଧର୍ବ କିନ୍ନର କରୁଥାନ୍ତି ଜୟ ଜୟ । ରତ୍ନକୁଣ୍ଡଳ ମୁକୁଟ ବ୍ୟାଘ୍ର ନଖ ବୀରଚୂଳ କଣ୍ଠମାଳ ହୃଦୟ ପୂରି ପବକ ଘଞ୍ଚ ଘଞ୍ଚ ପଦ୍ମମାଳ ପାଦତଳ । x x x ଠାକୁର ଠାକୁରାଣୀ ଚନ୍ଦ୍ର ଆଳତି ଦୁର୍ବାକ୍ଷତ ବନ୍ଦାପନା ଜୟଧ୍ୱନି ଜଗତରେ ଯେ କରନ୍ତି ହୋଇଣ ଆନନ୍ଦ ମନା ତଦନ୍ତରେ ହରି-ପ୍ରିୟା-ଭେଟି ସାରି ରତ୍ନ ସିଂହାସନେ ବିଜେ, ଶ୍ରୀଦିବ୍ୟସିଂହ ଶ୍ରୀଜଗନ୍ନାଥଙ୍କ ଚରଣେ ଭଜେ ।'[୧୭୪]	
୨୫	କୃପାସିନ୍ଧୁ ଦାସ	ଚତୁର୍ଦ୍ଧାମୂର୍ତ୍ତି ବର୍ଣ୍ଣନା	ଭୂଜଳ ଅଗ୍ନି ତ୍ରିକୁଟ ଭେଦି ଯହିଁ ବ୍ରହ୍ମଙ୍କୁ ଖୋଜୁଛି ହଂସ, ଯେଉଁ ସ୍ଥାନକୁ ସ୍ଥିର କରି ଚାହିଁଲେ ଅଦୃଶ୍ୟ ହୁଅଇ ଦୃଶ୍ୟ । ଜଗନ୍ନାଥର ଶୋହେ ନାସା ପୁଟ ତୀର୍ଥ ତ୍ରିବେଣୀ ସଂଗମ ଘାଟ, ନିରେଖି ନାହିଁ କୁସୁମିତ ନାସାକୁ ଫିଟୁ ସଂସାର ସଂକଟ । x x x ଦଶାଦି ପାଖୁଡ଼ା ହୋଇ ନିର୍ମାଣ ମଧ୍ୟରେ ସମାଳ କୋଷ, ଚତୁର ବଦନ ଜଗତ ସୃଜନ କଲା ଯହିଁରେ ନିବାସ । ସେ ସୁଭଦ୍ରାର,ଧନ୍ୟ ଏ ନାଭି ପଙ୍କଜ । ଅଘ ଅଜ୍ଞାନ ଯହିଁ ଦହିଯା । ଯଥା ଉନ୍ନନାଭି ସ୍ୱତନ୍ତ୍ରେ ଯନ୍ତ୍ରିତ କୀଡ଼ା କରେ ତଥି ମଧ୍ୟେ, ତଦବତ ସ୍ୱମାୟାତରେ ବିଶ୍ୱସର୍ଜି ବିହରଇ ଆତ୍ମପଦେ । ଆସକ୍ତି ଶୂନ୍ୟ ନିର୍ଗୁଣ ନିରଞ୍ଜନ ନିରାକାର ସଦାଶକ୍ତି ।'[୧୭୫]	ଶୂନ୍ୟବ୍ରହ୍ମ ଉପାସନା ମୂଳକ
୨୬	ଭକ୍ତ ଚରଣ ଦାସ	ମଥୁରା ମଙ୍ଗଳ	'ଗୋପ ଦାଣ୍ଡ ମଧ୍ୟେ କିଏ ସୁବର୍ଣ୍ଣ ବୋଇତ ଭାସି ଆସୁଛି ବୋଇତକାର ନନ୍ଦସୁତ କି ଅବା ଗୁଣ୍ଡିଚା ବିଜେ କଲେ ଜଗନ୍ନାଥ ? ପୟୋଧି ମନ୍ଥନେ କିବା ହୋଇଲେ ଆଗତ ?'[୧୭୬]	

୧୭୩. ବିହାରୀ, ପର୍ଶୁରାମ, ବ୍ରହ୍ମପରଚେ ଗୀତା, ତୃତୀୟ ଅଧ୍ୟାୟ, ଶେଷ ପଦ

୧୭୪. ଖୁଣ୍ଟିଆ, ବିଶ୍ୱନାଥ , ବିଚିତ୍ର ରାମାୟଣ, ଆଦ୍ୟକାଣ୍ଡ, ପ୍ରଥମ ଛାନ୍ଦ

୧୭୫. ଦାସ, କୃପାସିନ୍ଧୁ : ଚତୁର୍ଦ୍ଧାମୂର୍ତ୍ତି ବର୍ଣ୍ଣନା (ଓଡ଼ିଆ ସାହିତ୍ୟର ଇତିହାସ-ପଣ୍ଡିତ ବିନାୟକ ମିଶ୍ର) କଟକ : ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର, ୧୯୬୨, ପୃ.୧୦୭-୧୦୮

୧୭୬. ଦାସ, ଭକ୍ତଚରଣ , ମଥୁରା ମଙ୍ଗଳ (ସଂପା - ଡ. ଦେବେନ୍ଦ୍ର ମହାନ୍ତି) କଟକ:ବିଦ୍ୟା ପ୍ରକାଶନ, ୨୦୦୮, ଦଶମ ଛାନ୍ଦ, ପୃ. ୧୦୫

୨୭	ବ୍ରଜନାଥ ବଡ଼ଜେନା	ସମର ତରଙ୍ଗ	'ଶ୍ରୀ ରାଧାବର ଚରଣକୁ ଚିନ୍ତି, କହୁଛି ଯାହା ଶୁଣ ହେ ସୁମତି । ଦକ୍ଷିଣ ସିନ୍ଧୁ ତଟେ ନିତ୍ୟଧାମ, କ୍ଷେତ୍ରବସ ପୁରୁଷୋତ୍ତମ ନାମ ସେ ଯହିଁ ବିଜେ ଜଗନ୍ନାଥ ଯେ ବଳଭଦ୍ର ଭଦ୍ରା ସୁଦରଶନ ଏ ଚାରି ମୂରତି ବ୍ୟକତ ଯେ ।'[୧୭୭]	
	,,	ଶ୍ୟାମ ରାସୋତ୍ସବ	'ଶ୍ରୀନନ୍ଦନନ୍ଦନ ଷୋଳକଳା ପୂର୍ଣ୍ଣ ବ୍ରହ୍ମ ସେ ସାକ୍ଷାତ, ଶ୍ରୀରାମଚନ୍ଦ୍ର ହିଁ ସର୍ବ ତେଜେ ଏହି ରୂପରେ ସମ୍ଭୂତା । ଶ୍ରୀନୃସିଂହଦେବ ସାକ୍ଷାତ ଉଦ୍‌ଭବ ଘେନି ସର୍ବଗୁଣ, ଶିଷ୍ଟ ଅବତାର କେତେକ କଳାରେ ଈଶ୍ୱର ପ୍ରମାଣ । x x x ଶୂନ୍ୟ ପୁରୁଷ ତ ଅରୂପ ଅବ୍ୟକ୍ତ ନିର୍ଗୁଣ ନିର୍ମଳ, ଶୋକ ଦୁଃଖାତୀତ ସାକ୍ଷୀ ରୂପେ ମାତ୍ର ଦେଖନ୍ତି ସକଳ । x x x ଶତ ଲକ୍ଷ ନରେ ଏ ଭକ୍ତ ପ୍ରକାରେ ଗୋଟିଏ ଗୋଟିଏ ଶ୍ରୀପତି ସାକ୍ଷାତ ତାଙ୍କ ଭାବେ ରତ ସଦୟ ହୃଦରେ ।	ଜଗନ୍ନାଥଙ୍କୁ ରାମ, କୃଷ୍ଣ ନୃସିଂହ ଓ ଶୂନ୍ୟବ୍ରହ୍ମ ରୂପେ ବର୍ଣ୍ଣନା
	,,	କେଳି କଳାନିଧି	'ନିଳାଚଳ-ନିବାସ କରୁଣା ସିନ୍ଧୁ ପାତକ-ତମ-ନାଶନ ଦୀନବନ୍ଧୁ ଯେ ଅଧମ ଉଦ୍ଧାରଣ ପତିତ ଗତି ବ୍ରଜନାଥ ଦୀନକୁ ଦିଅ ସୁଗତି ଯେ ।'[୧୭୮]	କାବ୍ୟ
	,,	ଅମ୍ବିକା ବିଳାସ	'ଆୟେ ନୀଳଗିରିବର ମାଧବ ଅର୍ଦ୍ଧ ଅଙ୍ଗେ ଧରଜା ବର ଶିବ ଅଘ୍ରିଂ ଚତୁରେ ତୁମ୍ଭର ଶରଣ ଅଛି ପଶି ଏ ଭଞ୍ଜ ନୃପରାଣ ।'[୧୭୯]	କାବ୍ୟ
୨୮	ପଦ୍ମନାଭ ଶ୍ରୀଚନ୍ଦନ	ଶଶିରେଖା	'ଜୟ ଜୟ ଜଗନ୍ନାଥ ଜଗତ କରତା ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁର୍ବର୍ଗ ଦାତା ଦାରୁ ରୂପେ ବ୍ରହ୍ମ ବିଜେ କରି ନୀଳାଚଳେ ଶ୍ରୀ ପୁରୁଷୋତ୍ତମେ ଯାହା କହନ୍ତି ଭୂତଳେ ।	

୧୭୭. ବଡ଼ଜେନା, ବ୍ରଜନାଥ : ସମର ତରଙ୍ଗ (ସଂପା-ଡ. ଦେବେନ୍ଦ୍ର ମହାନ୍ତି), କଟକ : ଫ୍ରେଣ୍ଡସ ପବ୍ଲିଶର୍ସ, ୧୯୯୨, ପ୍ରଥମ ଛାନ୍ଦ, ପୃ. ୬୪-୬୫
୧୭୮. ,, ,, : କେଳିକଳାନିଧି
୧୭୯. ବଡ଼ଜେନା, ବ୍ରଜନାଥ, ଅମ୍ବିକା ବିଳାସ, ଷୋଡ଼ଶ ଛାନ୍ଦ, ପଦ ୨୮-୨୯

			ତହିଁ ଥାଇ ନାନା ଯାତ୍ରା କରନ୍ତି ଭିଆଣ ଦରଶନେ ମାନବକୁ ଦିଅନ୍ତି ନିର୍ବାଣ ।'[୧୮୦] ଯେତେ କହି ସ୍ତୁତି ଭଣି ପ୍ରାୟେ ପଡ଼ି ଶୋଇ ପୁନଃ ପୁନଃ କର ଯୋଡ଼ି ଅଗ୍ରେ ଉଭା ହୋଇ ହେ । ପ୍ରଭୁ ପ୍ରସନ୍ନରୁ ବ୍ୟକ୍ତ ହେଲା ସୀଉକାର, କହୁଅଛି ଜନେ ଏବେ ଶୁଣ ରସ ସାର ହେ ।'[୧୮୧]	
୨୯	ଅରକ୍ଷିତ ଦାସ	ମହୀମଣ୍ଡଳ ଗୀତା	'ଲୀଳା ନିମିତ୍ତ ଜାତ ହେଲି, ନାନା ରୂପଟି ମୁଁ ଧରିଲି । ନାନା ଜୀବଜନ୍ତୁଟି ମୁହିଁ, ନାନା ନାମଟି ମୋର ହୋଇ । ଚଣ୍ଡାଳୁ ବହୁ ଲୋକଯାଏ, ନାମ ଗୋଟି ମୋହର ହୋଏ ।'[୧୮୨]	ଦର୍ଶନ ମୂଳକ
୩୦	ଅଭିମନ୍ୟୁ ସାମନ୍ତସିଂହାର	ବିଦ୍‌ଗଧ ଚିନ୍ତାମଣି	ଗୋବିନ୍ଦ ଉଜ୍ଜ୍ୱଳ ସୁଖାନନ୍ଦ ସ୍ଥଳ କମଳ ସଂକୁଳ ସୁବାସିନୀ ।'[୧୮୩] x x x 'ବୋଲେ ସୁବଳ ଏ ଗିର । ଦେଖ ଏ କରୁଣାକର ଅଛଇ କମଳା ସଂଗତେ ବିମଳା ଏଣୁ ବିଷ୍ଣୁପୁର । x x x ଦେବଦାରୁ ଦେଖ ତୂର୍ଣ୍ଣେ । ବ୍ରହ୍ମ ଦଣ୍ଡିବାର ପୂର୍ଣ୍ଣେ ଶ୍ରୀପୁରୁଷୋତ୍ତମ ବିଳାସ ସୁଷମ ହୋଇବ ବିଶୀର୍ଣ୍ଣେ ।'[୧୮୪]	କୃଷ୍ଣାତ୍ମକ କାବ୍ୟ
		ପ୍ରେମ ଚିନ୍ତାମଣି	'ପତିତପାବନ ତୁମ ଯଶ ବିଦିତ ସାମନ୍ତସିଂହାର ଦୀନ ଶରଣାଗତ ।' x x x ତୁମ୍ଭ ପଦାଶ୍ରିତ ମୁହିଁ ସର୍ବଦା ଜାଣ, ନିର୍ଗୁଣ ତୁମ୍ଭର ହୋଇପାରେ ସଗୁଣ ।'[୧୮୫]	
୩୧	ଚନ୍ଦ୍ରମଣି ଦାସ	ସୁଧାସାର ଗୀତା	'ଶୂନ୍ୟ ଜ୍ୟୋତିର୍ମୟ ଅଲେଖପୁର ସେ ମଣିମଣ୍ଡପ ବିରାଜି, ଭ୍ରମର ଗୁମ୍ଫାରେ ନିଶ୍ଚିନ୍ତେ ରହିବୁ ବେନି ଲୋଚନକୁ ବୁଜି । ଅଦ୍ୱୈତ କ୍ଷେତ୍ରର ଅନାମିକା ଶିଖା ଅରୂପା ଗୁରୁ ଦର୍ଶନ,	

୧୮୦. ଶ୍ରୀଚନ୍ଦନ, ପଦ୍ମନାଭ, ଶଶିରେଖା (ସଂଗ୍ରାହକ-ବିଚ୍ଛନ୍ଦ ଚରଣ ପଟ୍ଟନାୟକ) କଟକ : ପ୍ରାଚୀ ସମିତି, ୧୯୩୩, ପ୍ରଥମ ଛାନ୍ଦ, ପଦ ୧-୪)
୧୮୧. ତତ୍ରୈବ, ପ୍ରଥମ ଛାନ୍ଦ, ପଦ ୩୧-୩୫
୧୮୨. ଦାସ, ଅରକ୍ଷିତ, ମହୀମଣ୍ଡଳ, ଗୀତା ୫୬ ଅଧ୍ୟାୟ
୧୮୩. ସାମନ୍ତସିଂହାର, ଅଭିମନ୍ୟୁ, ବିଦଗ୍ଧ ଚିନ୍ତାମଣି (ସଂପା-ଆର୍ତ୍ତବଲ୍ଲଭ ମହାନ୍ତି) ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୬୫, ୪୩ ଅଧ୍ୟାୟ, ପଦ-୧୯
୧୮୪. ତତ୍ରୈବ,୬୬ଶ ଅଧ୍ୟାୟ, ପଦ-୧୭,୩୨
୧୮୫. ତତ୍ରୈବ, ପ୍ରେମ ଚିନ୍ତାମଣି, ଭୁବନେଶ୍ୱର : ଅଭିମନ୍ୟୁ ସ୍ମୃତି ସଂସଦ, ୧୯୮୨, ପ୍ରଥମ ଛାନ୍ଦ

			ଅମନେ ଭଜନ ଅଲେଖ ଗୁରୁଙ୍କ ସୂତ୍ର ସତ୍ୟ ଚିତ୍ତସ୍ଥାନ ଅନାହତ ପୁରେ ଅନନ୍ତ ଶୟନ ଅଣାକାର ଜ୍ୟୋତିର୍ମୟ ଅବ୍ୟକ୍ତ ଅନାଦି ଅଲେଖ ଅବର୍ଣ୍ଣ ଅରୂପ ଅନନ୍ତ ଦେହ ।'[୧୮୬]	
୩୨	ମାଗୁଣି ଦାସ	ଦେଉଳ ତୋଳା	'ଦେଖିଲେ ସିଂହାସନ ପରେ, ବିଜୟ ବଉଧ ରୂପରେ ପଦ ଅଙ୍ଗୁଳି ନାହିଁ ନାହିଁ ହାତ ଶ୍ରୀ ଦାରୁବ୍ରହ୍ମ ଜଗନ୍ନାଥ ।'[୧୮୭] 'ଏବେ ବୌଦ୍ଧରୂପେ ହରି ନୀଳାଚଳ ପରେ ଶ୍ରୀମୁଖ ଦେଖାଇ ମୁକ୍ତି ଦେଉଛି ସବୁରେ ।'[୧୮୮]	
୩୩	ହାଡ଼ି ଦାସ	ଶଙ୍ଖନାଭି	'ଭୂଷଣ ଅଳଂକାର ଯେତେ, କିସ ଉପମା ଦେବା କେତେ । ସେ ପ୍ରଭୁ ଦୟଣା ଭୂଷଣ, କଉଡ଼ିଆ ଯେ ଧଣ୍ଡାମାନ । x x x ମୋହନ ମାଳ ଯେ ପଦକ, ଆବର ଶୋଭା ବ୍ୟାଘ୍ର ନଖ । ଅଷ୍ଟନିଧିରେ ଶୋଭାମାନ, ସେ ଶୋଭା ଜଗତ ମୋହନ ।'[୧୮୯] x x x 'ବଡ଼ ଦେଉଳ ଯାକୁ କହି, ଶ୍ରୀ ବଳଦେବ ସିନା ସେହି, ଭୋଗ ମଣ୍ଡାଇ ଅଟେ ବ୍ରହ୍ମା, କଳା ରାଏଟା ପୁରୁଷୋତ୍ତମା । ଜଗମୋହନ ଅଟେ ଯେହି, ସୁଦରଶନ ଅଟେ ସେହି ଚତୁର୍ଦ୍ଧା ମୂର୍ତ୍ତି ଯାକୁ ଦେଖ ଉଦୟେ ହୋଇଲେ ପ୍ରତ୍ୟକ୍ଷ ।'[୧୯୦]	
୩୪	ଯଦୁମଣି ମହାପାତ୍ର	ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର	'ମୂର୍ଚ୍ଛି ହୋଇ ଲୀଳା ନୀଳାଚଳ ଲୀଳା ଇଚ୍ଛିତ ପାମର ସଂସର୍ଗ । x x x ମେଚକାଚଳ-ରତ୍ନାସନେଚକା, ଚକାନୟନ ନ ଡକାଇ ଧକ୍କା ।'[୧୯୧]	

୧୮୬. ଦାସ, ଚନ୍ଦ୍ରମଣି, ସୁଧାସାର ଗୀତା, ଚତୁର୍ଦ୍ଦଶ ବୋଲି

*୧୮୭. ଦାସ,ମାଗୁଣି, ଦେଉଳ ତୋଳା, ଭୁବନେଶ୍ୱର :ଉତ୍କଳ ବିଶ୍ୱବିଦ୍ୟାଳୟ, ପରିଜା ଗ୍ରନ୍ଥାଗାର, ପୋଥି ନଂ.**OL/651A**, ଶେଷ ପୃଷ୍ଠା*

୧୮୮. ତତ୍ରୈବ, ପୃ. ୧

୧୮୯. ଦାସ, ହାଡ଼ି, ଶଙ୍ଖ ନାଭି (ସଂଗ୍ରାହକ- ଡ. ରତ୍ନାକର ସାହୁ) ଅପ୍ରକାଶିତ ପୋଥି, ଦ୍ୱାଦଶ ଛାନ୍ଦ ପଦ-୭-୧୨)

୧୯୦. ଦାସ, ହାଡ଼ି : ଅଷ୍ଟାଦଶ ଛାନ୍ଦ, ପଦ ୫୯-୬୨

୧୯୧. ମହାପାତ୍ର, ଯଦୁମଣି : ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର, କଟକ :ଓଡ଼ିଶା ଜଗନ୍ନାଥ କମ୍ପାନୀ, ୧୯୬୫, ପୃ.

		ରାଘବ ବିଳାସ	'ପତିତ ତାରଣ ପାଇଁ ବେନି ଭୁଜ ଟେକି ଦେଇ ଚକ୍ରୋ ବାନ୍ଧି ପତିତ ପାବନ ଚିରାଳ । ବଳଭଦ୍ର ଚକ୍ର ଯୋଗେ ବାଣୀ ପଦ୍ମ ମଧ୍ୟ ଭଗେ ବସିଥିବାର ଅସିତ ତବ ଅଚଳ ।[୧୯୨]	
୩୫	କବିସୂର୍ଯ୍ୟ ବଳଦେବ ରଥ	ଚନ୍ଦ୍ରକଳା	'ଜୟ ବିଜୟଙ୍କୁ ମୋ ଅନେକ ନମସ୍କାର କଳା ରାହାଟକୁ ଯିବା ବେଳେ ନ ନିବାର ହେ । ନମସ୍ତେ ଶ୍ରୀ ପରଂବ୍ରହ୍ମ ଚତୁର୍ଦ୍ଧା ବିଗ୍ରହ ଅବଜାତ କୃଷ୍ଣ ହରି ଦ୍ରାଉ ମହାମହ ହେ । ଅବକାଶ ଠାରୁ ପୁଷ୍ପାଞ୍ଜଳି ଯାଏ ରହି କରୁଥିବି ଦଣ୍ଡବତ ମୋ ବାଞ୍ଛିତ ଏହି ହେ ।'[୧୯୩]	
୩୬	କହ୍ନେଇ ଚମ୍ପତ୍ତି ରାୟ	ପାଇକ ଖେଦା	'ଜୟ ଜୟ ଜଗତ ଠାକୁର, ଦୁଷ୍ଟ ଦଳନେ ବିଜେଟି ତୋହର । ତୋର ବାହୁବଳେ ନୀଳଗିରି ତଳେ ଯେବା ଅଛନ୍ତି ସେହି ଜାଣେ ଅଜାମରେ ବୀବବର ।'[୧୯୪]	

ଉପର୍ଯ୍ୟୁକ୍ତ ସାରଣୀରେ ପ୍ରଦତ୍ତ ସମସ୍ତ କାବ୍ୟରେ ଜଗତର ଉଦ୍ଧାର ଓ ବିଶ୍ୱ କଲ୍ୟାଣ ନିମନ୍ତେ କବିଗଣ ଶ୍ରୀଜଗନ୍ନାଥଙ୍କୁ ବିଭିନ୍ନ ପ୍ରକାରେ ସ୍ତୁତି କରିଥିବା ଲକ୍ଷ୍ୟ କରାଯାଇପାରେ । ସେହିପରି ଓଡ଼ିଆ ଗୀତିକାବ୍ୟରେ ମଧ୍ୟ ବିଶ୍ୱମାନବର ମଙ୍ଗଳ ନିମନ୍ତେ ଭକ୍ତଗଣ ଯେଉଁ ପ୍ରାର୍ଥନା କରିଛନ୍ତି, ତାହାର ଆଲୋଚନା ନିତାନ୍ତ ଆବଶ୍ୟକ ।

ଓଡ଼ିଆ ଭକ୍ତି ଧର୍ମୀ ଗୀତିକାବ୍ୟରେ ଶ୍ରୀଜଗନ୍ନାଥ :-

ଉପର୍ଯ୍ୟୁକ୍ତ ଆଲୋଚନାରେ ଆମ୍ଭେ ମଧ୍ୟଯୁଗୀୟ କାବ୍ୟରେ ଶ୍ରୀଜଗନ୍ନାଥଙ୍କ ମାନବବାଦର ସମ୍ପର୍କରେ ଆଲୋଚନା କଲୁ । ବର୍ତ୍ତମାନ ବିଶ୍ୱର ମାନବ ସମାଜ ଅର୍ଥାତ୍ ପୃଥିବୀର ବିଭିନ୍ନ କୋଣ ଅନୁକୋଣରୁ ଆସୁଥିବା ବିଭିନ୍ନ ଧର୍ମର ମାନବ ସମାଜ ଭକ୍ତିରେ ଶ୍ରୀ କ୍ଷେତ୍ରକୁ ଆସି ଶ୍ରୀଜଗନ୍ନାଥଙ୍କୁ ମନ୍ଦିରରେ ବା ବଡ଼ଦାଣ୍ଡରେ ଦର୍ଶନ କରି ଆତ୍ମବିଭୋର ହୋଇ ଉଠିଥାନ୍ତି । ତାହାର ପରିଚୟ ଏଠାରେ ପ୍ରଦାନ କରୁଅଛୁ । ଅବଶ୍ୟ ଭାରତର ବିଭନ୍ନ ପ୍ରଦେଶରୁ ଆସୁଥିବା ଭକ୍ତ ଶ୍ରୀଜଗନ୍ନାଥଙ୍କୁ ଦେଖି ନିଜ ନିଜ ଭାଷାରେ ପଦମାନ ଯୋଡ଼ି ପ୍ରାର୍ଥନା କରିଥାନ୍ତି । ବିଶେଷ କରି ଓଡ଼ିଶାର ଅଧିକାଂଶ କବି ଶ୍ରୀଜଗନ୍ନାଥଙ୍କୁ ନିଜର କରି ଯେଉଁ ଗୀତଗୁଡ଼ିକୁ ରଚନା କରିଯାଇଛନ୍ତି ଓ ସମ୍ପ୍ରତି କରୁଅଛନ୍ତି, ତାହାର ପଟାନ୍ତର ନାହିଁ । ଏହି ଗୀତଗୁଡ଼ିକର ମୂଳଉତ୍ସ ହେଉଛି ଶ୍ରୀଜଗନ୍ନାଥଙ୍କ ଦର୍ଶନ, ରୂପ ସୌନ୍ଦର୍ଯ୍ୟ, ଆକାର, ଗଠନ ପରିପାଟୀ ଓ ସୌନ୍ଦର୍ଯ୍ୟ କଥନକୁ ଦୃଷ୍ଟିରେ ରଖି, ଅସଂଖ୍ୟ ଭଜନ, ଜଣାଣ, ଚଉତିଶା, ଚଉପଦୀ ପ୍ରଭୃତି । ଏହି ଧରଣର ସୃଷ୍ଟିରେ ଭକ୍ତ କବିମାନେ ଶ୍ରୀଜଗନ୍ନାଥଙ୍କୁ ଭାବଗ୍ରାହୀ, ଦୟାର ସାଗର, କୃପାସିନ୍ଧୁ ଆଦି ଶବ୍ଦରେ ସମ୍ବୋଧିତ କରିଥାନ୍ତି । ଏଠାରେ ଆମର କହିବାର ଉଦ୍ଦେଶ୍ୟ ହେଉଛି, ଶ୍ରୀଜଗନ୍ନାଥଙ୍କୁ ନେଇ ଗୋଟିଏ ଭକ୍ତିପୂର୍ଣ୍ଣ ଜଗତର ପରିକଳ୍ପନା ସେମାନେ କରିଯାଇଛନ୍ତି । ସେମାନଙ୍କ ମତରେ ଜଗତରେ ମାନବବାଦ, ବିଶ୍ୱ ଭ୍ରାତୃତ୍ୱବୋଧ,

---

୧୯୨. ମହାପାତ୍ର, ଯଦୁମଣି, ରାଘବ ବିଳାସ (ସଂଗ୍ରା : ଭିକାରୀ ମହାପାତ୍ର) ନୟାଗଡ଼:ଦୁତିକେଶ୍ୱର ଦଳବେହେରା, ୧୯୫୮, ପଦ-୭/୧୩, ପୃ. ୪୬

୧୯୩. ରଥ,କବିସୂର୍ଯ୍ୟ ବଳଦେବ, ଚନ୍ଦ୍ରକଳା (କବିସୂର୍ଯ୍ୟ ଗ୍ରନ୍ଥାବଳୀ, ସଂପା-କୁଳମଣି ଦାସ) କଟକ: ପବ୍ଲିସିଂ ହାଉସ, ୧୯୬୫, ପ୍ରଥମ ଛାନ୍ଦ, ପଦ ୬୯-୭୧

୧୯୪. ଚମ୍ପତ୍ତିରାୟ, କହ୍ନେଇ,ପାଇକଖେଦା (ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ -ଲକ୍ଷ୍ମଣ କୁମାର ପରିଡ଼ା), ୨୦୦୨, ପୃ.୬୬

ମାନବ କଲ୍ୟାଣ ଓ ଲୋକମାନଙ୍କ ମୁକ୍ତି ପ୍ରଦାନକାରୀ ଶକ୍ତି ଭାବେ ଶ୍ରୀଜଗନ୍ନାଥ ଆରାଧିତ । ଓଡ଼ିଆ ଭାଷା ଓ ସାହିତ୍ୟରେ ଏଥିପାଇଁ ବହୁ ଭକ୍ତି ଗୀତିକା ରଚିତ ହୋଇଛି । ଯାହାର ସମସ୍ତ ବିବରଣୀ ଏଠାରେ ପ୍ରଦାନ କରିବା ସମ୍ଭବପର ନୁହେଁ । ତଥାପି ମାନବବାଦୀ ଶ୍ରୀଜଗନ୍ନାଥଙ୍କର ଗୁଣ ଯେଉଁ ଯେଉଁ ଗୀତଗୁଡ଼ିକରେ ପରିସ୍ଫୁଟିତ, ତାହାର ଏକ ସାରଣୀ ଆମ୍ଭେ ନିମ୍ନରେ ପ୍ରଦାନ କରିବାକୁ ଉଦ୍ୟମ କରୁଅଛୁ ।

ଓଡ଼ିଆ ଗୀତିକାବ୍ୟରେ ଜଗତନାଥ ଜଗନ୍ନାଥଙ୍କ ମାନବବାଦର ଜୟଗାନ (ସାରଣୀ-୪)

କ୍ରନଂ	କବିଙ୍କ ନାମ	ଆନୁମାନିକ ସମୟ	ଗୀତିକାବ୍ୟ / ଭଜନ/ ଜଣାଣ	ବିଶ୍ୱର ମଙ୍ଗଳକାରୀ ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧୀୟ ଉପାଦାନ	ମନ୍ତବ୍ୟ
୧.	ସାରଳା ଦାସ	୧୫ଶ ଶତାବ୍ଦୀ	ଜୟ ତୁ ଜଗନ୍ନାଥ	'ଜୟ ତୁ ଜଗନ୍ନାଥ କ୍ଷିରୋଦ୍ର ତଟବାସୀ କଳିଯୁଗ ନିମନ୍ତେ ବଉଦ ରୂପ ପ୍ରକାଶି, ନମସ୍ତେ ଜଗନ୍ନାଥ ଦୁଃଖୀ ଲୋକ ବନ୍ଧୁ ଧାରଣ ତାରଣ ନାଥ ଅଟୁ କୃପାସିନ୍ଧୁ ।'	
୨.	ବଳରାମ ଦାସ	୧୬ଶ ଶତାବ୍ଦୀ	ଦୀନବାନ୍ଧବ ହେ	'ଦୀନ ବାନ୍ଧବ ହେ ! ମୋ ଦୁଃଖ ନ ଗଲା ଯେ ତୁମେ ଦୀନବନ୍ଧୁ ମୋତେ ପାଶୋରିଲ ମୋ ବନ୍ଧୁ ହୋଇବ କିଏ ।'	
୩.	ଜଗନ୍ନାଥ ଦାସ	୧୪୯୦-୧୫୫୮	ନମସ୍ତେ ପ୍ରଭୁ ଜଗନ୍ନାଥ	'ନମସ୍ତେ ପ୍ରଭୁ ଜଗନ୍ନାଥ ଅନାଥ ଲୋକଙ୍କର ନାଥ । ନମସ୍ତେ ପ୍ରଭୁ ବାସୁଦେବ ଭକତ ଜନଙ୍କ ବିଶ୍ୱାସ । ନମସ୍ତେ ପ୍ରଭୁ ବିଶ୍ୱରୂପୀ ସକଳ ହୃଦେ ଅଛ ବ୍ୟାପୀ । ତୁ ସୃଷ୍ଟି ସ୍ଥିତି ଲୟ କରୁ ଆବର ଗର୍ଭରେ ସଂହରୁ । ଅଶେଷ କୋଟି ବସୁନ୍ଧରୀ ତୋହର ଗର୍ଭେ ଛନ୍ତି ପୂରି ଚଉଦ ଭୁବନେ ଯା କିଣା ଏ ସର୍ବ ତୋହର ରଚନା ତୁ ବ୍ରହ୍ମା ରୁଦ୍ର ବିଷ୍ଣୁ ତୁହି ତୋ ବିନୁ ଅନ୍ୟ ଗତି ନାହିଁ ।'	
୪.	ଅଚ୍ୟୁତାନନ୍ଦ ଦାସ	୧୪୮୨ ଖ୍ରୀଷ୍ଟାବ୍ଦ	ଜୟ ଜୟ ଜଗନ୍ନାଥ	'ଜୟ ଜୟ ଜଗନ୍ନାଥ ଜଗତ ଜୀବନ ଜୟ ଜୟ ଜଗନ୍ନାଥ ପରମ କାରଣ ଜୟ ଜୟ ଜଗନ୍ନାଥ ତୁ ପରମାନନ୍ଦ ଜୟ ଜୟ ଜଗନ୍ନାଥ ତୁହି ଆଦିକନ୍ଦ ।'	

୫.	ମାଧବୀ ଦାସୀ	୧୬ ଶ ଶତାବ୍ଦୀ	ଚକାନୟନ ହେ	'ଚକାନୟନ ହେ; ଜଗୁ ଜୀବନ ଶ୍ରୀହରି କାତରେ ଜଣାଣ କରୁଛି ଛାମୁରେ ଶୁଣ ପ୍ରଭୁ ଶ୍ରୁତି ଡେରି ।'	
୬.	କବି ଉପେନ୍ଦ୍ର ଭଞ୍ଜ	୧୬୭୦-୧୭୨୦ ମସିହା	ମାନ ଉଦ୍ଧାରଣ କର ହେ କାରଣ	'ମାନ ଉଦ୍ଧାରଣ କର ହେ କାରଣ ଶରଣ ମୁଁ ତୁମ ପାଦ ତଳେ ଅନାଥର ନାଥ ନୀଳଗିରି ନାଥ ଜଗତନ୍ନାଥ ନାମ ନୀଳାଚଳ ମହୋଦଧି କୂଳେ କଳ୍ପବଟ ମୂଳେ ବିଜେ କରିଛ ବଡ଼ ଦେଉଳେ ।'	
୭.	ସାଲବେଗ	୧୭ ଶ ଶତାବ୍ଦୀ	ଏକା ତୋ ଭକତ ଜୀବନ	'ଏକା ତୋ ଭକତ ଜୀବନ ଭକତ ନିମନ୍ତେ ତୋର ଶଙ୍ଖ ଚକ୍ର ଚିହ୍ନ ଭକତ ତୋ ପିତାମାତା ଭକତ ତୋ ବନ୍ଧୁ ଭକତ ହିତରେ ତୋର ନାମ କୃପାସିନ୍ଧୁ x x x ବୋପା ମୋ ମୋଗଲ ପୁଅ ମାଆ ମୋ ବ୍ରାହ୍ମଣୀ ଏ କୂଳେ ଜନ୍ମିଲି ହିନ୍ଦୁ ନ ଖାଏ ମୋ ପାଣି କହେ ସାଲବେଗ ହୀନ ଜାତିରେ ଯବନ ଶ୍ରୀରଙ୍ଗାଚରଣ ବିନୁ ନ ଜାଣଇ ଆନ ।'	
୮.	ଅଭିମନ୍ୟୁ ସାମନ୍ତସିଂହାର	୧୭୬୦-୧୮୦୭	ଦୁଃଖ ତ ନ ଗଲା ଦିନେ	'ପତିତ ଜନକୁ ଉଦ୍ଧାରିଛ ବୋଲି ବାନା ଉଡ଼େ ତ୍ରିଭୁବନେ, ମୁଁ ଜଣେ ପତିତ ନୁହେଁ କି ହେ ନାଥ ତୁମ୍ଭ ସର୍ଜିଲା ଭୁବନେ ।'	
୯.	ଗୋପାଳକୃଷ୍ଣ ପଟ୍ଟନାୟକ	୧୭୮୫-୧୮୬୨	ଅନୁସରିତ ପ୍ରଭୁ	'ଅନୁସରିତ ପ୍ରଭୁ ! କାଳ ଯାକ ଗଲା ସରିତ କ'ଣ ବିତରଣ କଲେ କେତେ ଊଣା ହୁଅନ୍ତା କରୁଣା ସରିତ ଅଶରଣ ଜନ ବନ୍ଧୁପଣ ଯଶ ସଂସାରେ ହୋଇଛି ଉଦିତ ପଥର ହୋଇ ପଥରେ ପଡ଼ିଥିଲା ଅହଲ୍ୟାକୁ ଦେଲ ତାରିତ ।'	
୧୦.	ବଳଦେବ ରଥ	୧୭୮୯-୧୮୪୫	କେହି ସରିକି, ପ୍ରଭୁ ପଣେ ନୀଳାଦ୍ରି କେଶରୀ କି	'କେହି ସରିକି, ପ୍ରଭୁ ପଣେ ନୀଳାଦ୍ରି କେଶରୀକି ଯା' ଠାରେ ପୂରିଛି ଦୁଃଖୀଜନ ଦୟା ନଖ ଠାରୁ ଶିଖା ସରିକି	

				କି କହିବା ଆଉ ତାଙ୍କ ଶ୍ରୀଚରଣ ଅନୁସରଣ ଚାତୁରୀକି ବଜାଉଛନ୍ତି ବିଭୀଷଣ ଆଗରେ ଜଗତ ବିଜୟ ତୂରୀକି ।'	
୧୧.	,,		ବାଧିଲା ଜାଣି କ୍ଷମା	'ବାଧିଲା ଜାଣି କ୍ଷମା କର ନୋହିଲେ ରମା ରମଣ ଦଣ୍ଡେ ଦିଅ ଟାଳି ତୁମ୍ଭଙ୍କୁ ଜଗନ୍ନାଥ, ଆଜ ମୋ ମନୋରଥ ଭରତି କରିଦେବି ଗାଳି, ହେ କୃପାନିଧି କରୁଣା ସିନ୍ଧୁ ବୋଲି କରି କରନ୍ତି ବୁଧେ ଡରି ମରି କାଳସର୍ପ ଆପଣ କବଳ କର ପ୍ରାଣ ପବନମାନଙ୍କୁ ସବୁରି ହେ ।'	
୧୨.	ଆରତ ଦାସ	୧୮ଶ ଶତାବ୍ଦୀ	ପ୍ରଭୁ କି ସୁନ୍ଦର ଦିଶ ବସି ରତ୍ନ ସିଂହାସନ	'ପ୍ରଭୁ କି ସୁନ୍ଦର ଦିଶ ବସି ରତ୍ନ ସିଂହାସନ, ପାପୀମାନେ ତରିଗଲେ କରି ତୁମ୍ଭ ଦରଶନ ଶଙ୍ଖ ଚକ୍ର ଗଦା ପଦ୍ମ ଦେଖିଣ ଆନନ୍ଦ ମନ ମସ୍ତକେ ପୂର୍ଣ୍ଣିମା ଚାନ୍ଦ ଦିଶେ କେଡ଼େ ଶୋଭାବନ ।'	
୧୩.	ଚଣ୍ଡୀ ଦାସ	୧୮ଶ ଶତାବ୍ଦୀ	ଦେଖିବ କଳା ଧବଳ ରୂପ	'ଆପେ ବ୍ରହ୍ମା ହୋଇ ସୃଷ୍ଟିକି ସୃଜଇ ଯୋଗୀଙ୍କ ହୃଦରେ କରୁଛି ଜପ ପଞ୍ଚାନନ ହୋଇ ପଞ୍ଚମୁଖେ ଧାଇ ନୀଳାଚଳେ ଦେଖ ଚତୁର୍ଦ୍ଧା ରୂପ ଏହି ବିଶ୍ୱରୂପ ଆକାଶ ମଣ୍ଡଳେ ନାରାୟଣ ରୂପେ କରନ୍ତି ତାପ ଚତୁର୍ଦ୍ଦଶ ପୁର ନବଖଣ୍ଡ ମହୀ ନିରଞ୍ଜନ ରୂପେ ମହାପ୍ରତାପ ।'	
୧୪.	ନିତ୍ୟାନନ୍ଦ	୧୮ଶ ଶତାବ୍ଦୀ	ପତିତଜନଙ୍କୁ ଉଦ୍ଧାରିବା ପାଇଁ	'ପତିତ ଜନଙ୍କୁ ଉଦ୍ଧାରିବା ପାଇଁ ଉଡ଼ାଉଅଛ ପତାକା ବହୁ ଟେକି ତୁମ୍ଭେ ବସି ଚାହୁଁ ଚାହୁଁ ବିପତ୍ତି କରୁଛି ଚକା ମହାପ୍ରଭୁ ହେ ନାଶ ଗଲେ ତୁମ୍ଭେ ପରେ କି କରିବ	

				କରୁଣା ଭଣ୍ଡାର ଫେଇ ଦୁଃଖୀ ଗଲେ ନାଶ ଅର୍ଜିବ କି ଯଶ ପଛେ ଚଉବର୍ଗ ଦେଇ ମହାପ୍ରଭୁ ହେ ।' ଘୋର ନବଘନ ଥାଉଁ ଯେବେ ଦୀନ ଚାତକ ଜୀବନ ହରାଇବ ସମୁଦ୍ରେ ବରଷି ଘୋର ଜଳରାଶି ଚାତକ ବନ୍ଧୁ କି ବୋଲାଇବ ।'	
୧୫.	ବୀର କେଶରୀ ଦେବ	୧୭୩୯-୯୩	ପତିତପାବନ ବାନା ଆଉ କେତେବେଳକୁ	'ପତିତପାବନ ବାନା ଆଉ କେତେବେଳକୁ ଭାସିଗଲି ଭବଜଳେ ନାବ ଦିଅ କୂଳକୁ ରୋପିବାର ବୃକ୍ଷ ଗୋଟି କାଟୁଅଛ ମୂଳକୁ ତିନି ପୁରେ ଅପକୀର୍ତ୍ତି ହେବ ଆଦି ମୂଳକୁ ।'	
	,,		ଭୂଜତଳେମୋତେ ରଖ ମହାବାହୁ !	'ଭୂଜତଳେ ମୋତେ ରଖ ମହାବାହୁ ବାହୁତଳେ ମୋତେ ରଖ ବିପୁଳ ଭୂଜ ବିସ୍ତାରି ଦେଲେ ଛାର କି କରିପାରିବ ଦୁଃଖ ସଜ ହୋଇଥିବ ନନ୍ଦଘୋଷ ରଥ ମୁଁ ଥିବି ତୁମ୍ଭ ସେବାରେ ତୁମ୍ଭେ ଦୀନବନ୍ଧୁ ! ନିର୍ଦ୍ଦୟ ହୋଇଲେ କି ବୋଲିବେ ଏ ସଂସାରେ ।'	
୧୬.	ବିକ୍ରମ ନରେନ୍ଦ୍ର	ଖ୍ରୀ.ଅ. ୧୮ଶ ଶତାବ୍ଦୀ	ଜୟ ଜୟ ଜଗନ୍ନାଥ	'ଜୟ ଜୟ ଜଗନ୍ନାଥ ଜୟ ଲକ୍ଷ୍ମୀପତି କ୍ଷୀର ସିନ୍ଧୁ ମଧ୍ୟରେ ସର୍ବଦା ଯା'ର ସ୍ଥିତି କୋଟି କୋଟି ବ୍ରହ୍ମାଣ୍ଡ ଯା' ଲୋମ ମୂଳେ ଅଛି ଯେ ପ୍ରଭୁ ବିଚିତ୍ର ଲୀଳା ଜଗତେ ନିରନ୍ତରେ ।'	
୧୭.	ହୃଦାନନ୍ଦ ଦାସ	ଖ୍ରୀ.ଅ. ୧୮ଶ ଶତାବ୍ଦୀ	ଚାହାଁବାରେ ମନ ଚକାଡୋଳାକୁ	'ଏ କଳିଯୁଗରେ କଳ୍ପବଟ ମୂଳେ ମାଡ଼ି ବସିଛନ୍ତି ଲକ୍ଷେ ଶିଳାକୁ ବିକାଇଲେ ଅନ୍ନ ନେଲେ ଜାତି ଧର୍ମ କେହି ନ ଖୋଜଇ କାହା ଧର୍ମକୁ କ୍ଷେତ୍ରସ୍ଥଳୀକୁ ମୁକ୍ତି ଖଳାକୁ ଭାବେ ହୃଦାନନ୍ଦ ସନ୍ଥ ମେଳାକୁ ।'	
୧୮.	ଗୌରଚରଣ ଅଧିକାରୀ	୧୮୧୪-୧୮୯୦	ନୀଳଚକ୍ରେ ହେ ଦେଖ ଉଡୁଛି ବାନା	'ନୀଳଚକ୍ରେ ହେ, ଦେଖ ଉଡୁଛି ବାନା ପତିତପାବନ ନାମଟି ଯା' ନାଁ ଆସ ଆସ ବୋଲି ପାତକୀମାନଙ୍କୁ ଡାକୁଅଛି ପରା ସଂଗାତ ଅନା	

				ନେତ ଧ୍ୱଜାବର ଉଡ଼ି ଫର ଫର ଉଡ଼ାଇ ଦେଉଛି ଭବ ଯାତନା ।'	
୧୯.	କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର	୧୮୮୮-୧୯୫୩	ସବୁଥିରୁ ବଞ୍ଚିତ କରି	'ସବୁଥିରୁ ବଞ୍ଚିତ କରି କେଉଁ ଯଶ ବାନା ଉଡ଼ାଇବ ହେ ? ଯାହା ଦେଇଥିଲ ସବୁ ତ ନେଲଣି ଆଉ ଏବେ କିସ ଛଡ଼ାଇବ ହେ ସଂସାରେ ଯେ କରଇ ଆଶ, ଧାଏଁ ସିନା ତୁମ୍ଭରି ପାଶ ସକଳ ଭରସା ଯାର ତୁଟିଲାଣି କିସ ବୋଲି ତା'କୁ ଡରାଇବ ହେ ।'	
୨୦.	ସେଖ୍ ବାକ୍‌କର ମହମ୍ମଦ	୧୯୨୭-୭୮	ନୀଳ ଶଇଳ ବାସୀ	'ଯେତେ କୀର୍ତ୍ତି ରଖିଛ ଜଗତେ ହେଜି ହେଜି ବା କହିବି କେତେ ନ ଦେଖେ ପୋଥି ପୁରାଣ, ବାକର ମିଆଁ ଯବନ ପ୍ରାଣ ଯାଉ ମୋର ମା' ଶାରଳା ସୁମରି ।'	
୨୧.	ଗୌରହରି ଦଳାଇ	୧୯୪୨	ଜଳୁଥିବ ମହାଦୀପ ବାଜୁଥିବ ଶଙ୍ଖ	'ଜଳୁଥିବ ମହାଦୀପ ବାଜୁଥିବ ଶଙ୍ଖ ନିଳାଦ୍ରୀ ମଣ୍ଡପେ ବିଜେ ପ୍ରଭୁ ଜଗନ୍ନାଥ ଶୁଭୁଥିବ ଘଣ୍ଟଘଣ୍ଟା ମଙ୍ଗଳ ଆଳତି ମୋ ଆଖିରେ ନାଚୁଥିବ ଚତୁର୍ଦ୍ଧା ମୂରତି ଏ କାଳରେ ସତେ ମୋର ଜୀବ ଯିବ ଚାଲି ମୁଖେ ଗାଉଥିବି ଜୟ ଜଗନ୍ନାଥ ବୋଲି ଏ ଜନମେ ଯେତେ ପାତକ ଅର୍ଜିଲି କୃପା ଜଳେ ଦେବ ଧୋଇ ପତିତ ତାରଣେ ଉଡ଼ାଇବ ନେତ ପଦ୍ମପାଦେ ସ୍ଥାନ ଦେଇ ।'	
୨୨.	ପ୍ରଭାତ କୁମାର ନନ୍ଦ	୧୮୫୧	ଜଗତର ସବୁ ତତ୍ତ୍ୱର ନିଧାନ	'ଜଗତର ସବୁ ତତ୍ତ୍ୱର ନିଧାନ ମହାପ୍ରଭୁ ଜଗନ୍ନାଥ ସ୍ଥାବର ଜଙ୍ଗମ କୀଟରୁ ପତଙ୍ଗ ସଭିଙ୍କ ସେ ମନୋରଥ ସବୁ ଭେଦଭାବ ସେ ଯେତ୍ରେ ବିଲୋପ ସେ କ୍ଷେତ୍ରର ଚୂଡ଼ାମଣି ଯେତେ ସମ୍ପ୍ରଦାୟ ସବୁର ଆକାର ସବୁ ମନ ପାରେ କିଣି ସେହି ସେ ଠାକୁର ସମାନ ବିଚାର ଜଗତଜନଙ୍କ ନାଥ ।'	

ଓଡ଼ିଆ ଭାଷା ସାହିତ୍ୟରେ ରଚିତ କିଛି ଭକ୍ତି ଗୀତିକାକୁ ଉପର୍ଯ୍ୟୁକ୍ତ ସାରଣୀ ମାଧ୍ୟମରେ ଆମ୍ଭେ ଉଲ୍ଲେଖ କଲୁ । ସେହିପରି ଭାରତର ବିଭିନ୍ନ ପ୍ରଦେଶରୁ ଭିନ୍ନ ଭିନ୍ନ ସମୟରେ ଯେଉଁ ଭକ୍ତମାନେ ଶ୍ରୀକ୍ଷେତ୍ରକୁ ଆସି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ଠାକୁରଙ୍କ ଉଦ୍ଦେଶ୍ୟରେ ଯାହା ରଚନା କରିଯାଇଛନ୍ତି, ତାହା ଅନୁଶୀଳନ ମଧ୍ୟ ଏଠାରେ କରାଯାଇପାରେ ।

ଭାରତର ବିଭିନ୍ନ ପ୍ରାନ୍ତରୁ ସନ୍ଥଗଣ ଶ୍ରୀକ୍ଷେତ୍ରକୁ ଆସି ଜଗନ୍ନାଥଙ୍କୁ ଦର୍ଶନ କରିବା ଲେଖିଥିବା ଭଜନ/ଜଣାଣ (ସାରଣୀ-୫)

କ୍ରନଂ	ଭାରତୀୟ କବିଙ୍କ ନାମ	ଶ୍ରୀଜଗନ୍ନାଥ କୈନ୍ଦ୍ରିକ ସୃଷ୍ଟି ଫସଲ	ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ସମ୍ବନ୍ଧୀୟ ଉପାଦାନ	ମନ୍ତବ୍ୟ
୧.	ସନ୍ଥ କବୀର	ଠାକୁର ଭଲେ ବିରାଜୋଜୀ	'ଠାକୁର ଭଲେ ବିରାଜୋଜୀ ଓଡ଼ିଶା ଜଗନ୍ନାଥ ପୁରୀ ମେଁ ଭଲେ ବିରାଜୋଜୀ, ବଳଭଦ୍ରଜୀ କେ ଭୈୟା କବ୍‌ସେ ଛୋଡ଼ି ମଥୁରା ନଗରୀ କବ୍ ସେ ଛୋଡ଼ି କାଶୀ ଝାଡଖଣ୍ଡସେ ଆୟେ ବିରାଜୈ ବୃନ୍ଦାବନ କେ ବାସୀ ।'[୧୯୫]	ହିନ୍ଦୀ ଭାଷା
୨.	ସନ୍ଥ ସୁର ଦାସ	ଆରତୀ ଶ୍ରୀ ଜଗନ୍ନାଥ କୀ	'ଆରତି ଶ୍ରୀ ଜଗନ୍ନାଥ କୀ ମଙ୍ଗଲକାରୀ ବରସତ ଚରଣାରବିନ୍ଦ ଆପଦା-ହାରୀ ॥ ଘନନ ଘନନ ଘଣ୍ଟା ବାଜେ ବେନ ବାଂଶୁରୀ ବାଜତ ମୃଦଙ୍ଗ ଢାଲ ନାଦ କୀନେ ହରି ॥ ଇନ୍ଦ୍ରବଦନ ସିନ୍ଧୁଗୋଜେ ରୋହଣୀ ଖରି ମାରକଣ୍ଡେ ସତଗଙ୍ଗା ଆନନ୍ଦେ ଭରୀ ॥'[୧୯୬]	,,
	,,	ଭଜନ	'ଶ୍ରୀଜଗନ୍ନାଥଜୀକେ ଚରଣ କମଲ ମେ ନୈନ ହମାରେ ଅଟକ ଜୌ ଗେହୁଁ ଔର ଜ୍ୱାର ବଜରା ଇନ ଚାରୋ ସେ ଭଟକେ ପୁରୁଷୋତ୍ତମପୁର ଆନ୍ ବିରାଜେ ଦାଲଭାତ୍ ଧରି ଘଟକେ ବୃନ୍ଦାବନ ମଥୁରାକେ ବାସୀ, ନନ୍ଦଗ୍ରାମ ମେଁ ବସକେ ।'[୧୯୭]	,,
	,,	ବାଲଭୋଗ କୀ ଜୈ	'ବାଲଭୋଗ କୀଜୈ କୃଷ୍ଣ ଲଲା ଶ୍ରୀବ୍ରଜପୂରଣ ଶ୍ରୀପୁରୁଷୋତ୍ତମ, ନେକ ନ ନ୍ୟାରେ ହେଉ ଲଲା ।'[୧୯୮]	,,
୩.	ଚାନ୍ଦ ବରଦାଇ	ପୃଥ୍ୱୀରାଜ ରାସୋ	'କନ୍ ବଜଜହ କାମଧ୍ୱଜ । ରାଜା ବିଜୟପାଳ ନୃପବର ସରିତ ସମୁଦ୍ରତଟହ କଟକମୟ-ମାର୍ଗ ନୟନ ନତ୍ତ୍ୱା ଦିବ ଦିବସ ରୀତି ମନ୍ତ୍ର ଜପତ ଜଗନ୍ନାଥ ପୂଜତ ଦିନହା, ଦିଗ୍‌ବିଜୟ କରନ୍ ବିଜୟପାଳ ନୃପ ସପତ କୋଟିଭିଦ ଯୋତନହ ।'[୧୯୯]	,,

୧୯୫. ସନ୍ଥ କବୀର, ଠାକୁର ଭଲେ ବିରାଜେଜୀ,(ସଂ- ଶ୍ରୀ ଜଗନ୍ନାଥ ଜୀ କା ଭଜନ-ଲକ୍ଷ୍ମୀଧର ନାୟକ), ପୃ. ୧-୨
୧୯୬. ସୁର ଦାସ, ଆରତୀ ଶ୍ରୀଜଗନ୍ନାଥ କୀ,(ସ୍ୱର ସାହିତ୍ୟମେ ପୁଷ୍ଟି ମାର୍ଗୀୟ ସେବା-ଭାବନା-ଧର୍ମ ନାରାୟଣ ଓଝା) ପୃ.୪୫୫
୧୯୭. ସୁର ଦାସ , ଆରତୀ ଭଜନ, (ସଂ-ଶ୍ରୀଜଗନ୍ନାଥ କା ଭଜନ - ଲକ୍ଷ୍ମୀଧର ନାୟକ) ପୃ.୮
୧୯୮. ସୁର ଦାସ , ବାଲଭୋଗ କୀ ଜୈ, (ସଂ- ଶ୍ରୀଜଗନ୍ନାଥ ଭଜନମାଳା, ରାମକୃଷ୍ଣ ପତି, ପୁରୀ:ସଦ୍‌ଗ୍ରନ୍ଥ ନିକେତନ, ୨୦୧୧, ପୃ.୭୫)
୧୯୯. ବରଦାଇ, ଚାନ୍ଦ : ପୃଥ୍ୱୀରାଜ ରାସୋ,(ସଂ - ଶ୍ରୀଜଗନ୍ନାଥ ସଂସ୍କୃତି - ଓଡ଼ିଶା କଲଚରାଲ ଫୋରମ୍) କଟକ:ଗ୍ରନ୍ଥମନ୍ଦିର, ୨୦୦୯, ପୃ.୨୨-୨୩

୪.	ସନ୍ଥ ତୁଳସୀ ଦାସ	ପୁରୁଷୋତ୍ତମ ପ୍ରଭୁ	'ପୁରୁଷୋତ୍ତ ପ୍ରଭୁ ! ତ୍ରିଭୁବନ ଦେବା ମଣିମା ଜୟ ଜଗନ୍ନାଥ ଜଗଦେବା ଜୟ ଜୟ ଜଗନ୍ନାଥ ନିଖିଳ ବିହାରୀ ସାଧୁସନ୍ଥ କେ ଜନହିତକାରୀ ।'[୨୦୦]	ହିନ୍ଦୀ
୫.	କବି ଜାୟସୀ କୀ	ପଦୁମାବତୀ	'ଜଗନ୍ନାଥ କହିଁ ଦେଖାଥାଇ, ଭୋଜନ ରୀନ୍ଧାଭାତ ବିକାଇ, ରାଜୈ ପଦ୍ମାବତୀ ସୌଁ କହା ସାଁଠି ନାଠି କିଛି ପାଁଠି ରହା ।'[୨୦୧]	ରାଜସ୍ଥାନୀ
୬.	ଗୁରୁ ନାନକ	ପ୍ରାର୍ଥନା	'ନିରୁଗୁଣ ଅଜ ଅରୂପ ଅବିନାଶୀ ଭଗତ ପ୍ରେମ ବଶ ସଗୁଣ ପରକାଶୀ ।'[୨୦୨]	ପଞ୍ଜାବୀ
୭.	କୃଷ୍ଣଦାସ କବିରାଜ	ଚୈତନ୍ୟ ଚରିତାମୃତ	'ବଳିଷ୍ଠ ଦୟିତାଗଣ ଯେନ ମତ୍ତ ହାତୀ ଜଗନ୍ନାଥ ବିଜୟ କରାୟ କରି ହାତାହାତୀ । କତକ ଦୟିତା କରେ ସ୍କନ୍ଧ ଆଲମ୍ବନ କତକ ଦୟିତା ଘରେ ଶ୍ରୀ ପଦ୍ମ ଚରଣ । କଟି ତଟେ ବନ୍ଧ ଦୃଢ଼ ସ୍ଥୁଳ ପଟ୍ଟ ଡୋରି, ଦୁଇ ଦିକେ ଦୟିତାଗଣ ଉଠାୟ ତା' ଧରି । 'ମହାପ୍ରଭୁ', 'ମଣିମା' ବଲି କରେ ଉଚ୍ଚଧ୍ୱନି ନାନାବାଦ୍ୟ କୋଲାହଲ କିଛୁଇ ନା ଶୁନି ।'[୨୦୩]	ସଂସ୍କୃତ
୮.	ବୃନ୍ଦାବନ ଦାସ	ଚୈତନ୍ୟ ଭାଗବତ	'ନିରବଧି ନୃତ୍ୟଗୀତ ଆନନ୍ଦ ଆବେଶେ, ରାତ୍ରି ଦିନ ନା ଜାନେନ ପ୍ରଭୁ ପ୍ରେମ ରସେ । ନୀଲାଚଲବାସୀ ଯତ ଅପୂର୍ବ ଦେଖିୟା, ସର୍ବଲୋକ 'ହରି' ବୋଲି ଡାକୟେ ଡାକିୟା, ଏଇ ତ ସଚଲ ଜଗନ୍ନାଥ ସଭେ ବୋଲେ, ହେବ ନାହିଁ ଯେ ପ୍ରଭୁରେ ଦେଖିୟାନା ଭୋଲେ ।'[୨୦୪]	ବାଂଗଲା
୯.	ଯଦୁନାଥ	ଧର୍ମପୁରାଣ	'ନର ନାରାୟଣ ଧର୍ମ ବନ୍ଧୁ ନୀଳାଚଲ, ଦେବମାନେ ଯୁଯୁ ନିଲେ କାୟା ଅଚଲ୍ ।'[୨୦୫]	ବାଂଗଲା

---

୨୦୦. ଦାସ ତୁଳସୀ , ପୁରୁଷୋତ୍ତମ ପ୍ରଭୁ (ସଂ-ଶ୍ରୀଜଗନ୍ନାଥ ଭଜନମାଳା, ରାମକୃଷ୍ଣ ପତି) , ପୁରୀ : ସଦ୍‌ଗ୍ରନ୍ଥ ନିକେତନ, ୨୦୧୧, ପୃ.୭୫

୨୦୧. କବି ଜାୟସୀ , ପଦ୍ମାବତ, ଖଣ୍ଡ ୩୪/୪୫୨, ପୃ.୬୧୦

୨୦୨. ଗୁରୁ ନାନକ , ପ୍ରାର୍ଥନା,(ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ ଚେତନା, ୧ମ ଖଣ୍ଡ- ବାସୁଦେବ ସାହୁ), କଟକ : କୋଣାର୍କ ପବ୍ଲିଶର୍ସ, ୧୯୯୧, ପୃ. ୨୮୭

୨୦୩. କବିରାଜ କୃଷ୍ଣଦାସ , ଚୈତନ୍ୟ ଚରିତାମୃତ, କଲିକତା : ଗୌଡ଼ୀୟ ମିଶନ ମଠ, ୧୯୫୭ ମଧ୍ୟ ଖଣ୍ଡ / ପ୍ରଥମ ପରିଚ୍ଛେଦ

୨୦୪. ଦାସ ବୃନ୍ଦାବନ , ଚୈତନ୍ୟ ଭାଗବତ, (ସିଂ-ଦିବ୍ୟ ଅଦିବ୍ୟ ଜାନକୀ ବଲ୍ଲଭ ମହାନ୍ତି), କଟକ : ବୁକ୍ସ ଏଣ୍ଡ ବୁକ୍ସ, ୧୯୭୬, ପୃ. ୧୩୪-୧୩୫

୨୦୫. ଯଦୁନାଥ , ଧର୍ମପୁରାଣ, (ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା, ବାସୁଦେବ ସାହୁ) ୧୯୯୧, ପୃ. ୨୯୩

୧୦.	ଭବାନୀ ଚରନ ବନ୍ଦୋପାଧ୍ୟାୟ	ଶ୍ରୀ ଶ୍ରୀ ପୁରୁଷୋତ୍ତମ ଚନ୍ଦ୍ରିକା	'ଶ୍ରୀକ୍ଷେତ୍ର ଧାମେର ବାର୍ତ୍ତା କରିବ ବର୍ଣ୍ଣନ ଉତ୍କଲଖଣ୍ଡ ମତ କରିୟା ଦର୍ଶନ ସ୍ଥୁଳ ତାତ୍ପର୍ଯ୍ୟ ସବ ଇହାତେ ପାଇବେ, ସୂକ୍ଷ୍ମେ ଯା'ର ବାଞ୍ଛା ହୟ ପୁରାନେ ଶୁନିବୋ । x x x ଶ୍ରୀକୃଷ୍ଣେର ଚାରି ହସ୍ତେ ଯେ ଚାରି ଭୂଷନ୍ ତାତେ ଚାରି ପୁରୀ ହୟ ଶୁନ ବିଚକ୍ଷନ ଶଙ୍ଖକ୍ଷେତ୍ରେ ଜଗନ୍ନାଥ କରେନ ବିରାଜ, ଚକ୍ରକ୍ଷେତ୍ରେ ଭୁବନେଶ୍ୱର ମହାରାଜ ।'[୨୦୬]	ବାଂଗଲା ଭାଷା
୧୧.	ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ	କାଞ୍ଚିକାବେରୀ	'କିଛି ଦିନାନ୍ତରେ ମହା ଆଡ଼ମ୍ବରେ ଶ୍ରୀଗୁଣ୍ଡିଚା ଉପଗତ ଲକ୍ଷ ଲକ୍ଷ ଜନ ଆସନ୍ତି, ଦର୍ଶନ କରିବେ ଗୁଣ୍ଡିଚା ଯାତ ସାଧି ମନୋରଥ ଦେଖି ତିନିରଥ ମଣ୍ଡଳିତ ସିଂହଦ୍ୱାରେ, ବାଜେ ବାଜା ଢୋଲ କରତାଳ ଖୋଳ ଶ୍ରୁତିରୋଧ ଏକାବରେ । ତାଳଧ୍ୱଜ ପରେ ଜନମନ ହରେ ରେବତୀ ରମଣ ଶୋଭା, ନନ୍ଦିଘୋଷ ନାମ ରଥେ ଘନଶ୍ୟାମ ଭକ୍ତ ଜନମନ ଲୋଭା ମଧ୍ୟ ରଥୋ ପରି ବିରାଜେ ସୁନ୍ଦରୀ ଭଦ୍ରା, ସାଥେ ସୁଦର୍ଶନ, କରି ଦରଶନ ଭକ୍ତ ଯାତ୍ରୀଜନ ହୁଅନ୍ତି ପ୍ରଫୁଲ୍ଲ ମନ ।'[୨୦୭]	''
୧୨.	ଆଚାର୍ଯ୍ୟ ଶଙ୍କରଦେବ	ଅନାଦି ପାତକ	'ଜୟ ଜଗନ୍ନାଥ ଜଗତର ଆଦିମୂଳ ଯାହାର ସ୍ମରଣେ ହରେ ପାତେକ ନିର୍ମୂଳ ।'[୨୦୮]	ଅସମୀୟା
		ସଂସାର ଚକ୍ର	'ଜୟ ଜୟ ଜଗନ୍ନାଥ ଜଗତର ହେତୁ, x x x ଜୟ ଜୟ ପରଂବ୍ରହ୍ମ ଜୟ ନିରଞ୍ଜନ ।'[୨୦୯]	''
		ଅଜାମିଲ ଉପାଖ୍ୟାନ	'ଜୟ ଜୟ ଜୟ ଜଗତ ଜନକ ଜୟ ଜଗନ୍ନାଥ ରାମ ।	''

୨୦୬. ଭବାନୀ ଚରନ ବନ୍ଦୋପାଧ୍ୟାୟ , ପୁରୁଷୋତ୍ତମ ଚନ୍ଦ୍ରିକା , (ସଂ - ଗୌରାଙ୍ଗ ଚରଣ ଦାସ), ମହୀଶୂର : ଉଚ୍ଚଶିକ୍ଷା ବିଭାଗ ଓ ମାନବିକ ଅଧିକାର ମନ୍ତ୍ରଣାଳୟ, ଭାରତ ସରକାର, ପୃ. ୨୬

୨୦୭. ବନ୍ଦୋପାଧ୍ୟାୟ , ରଙ୍ଗଲାଲ, କାଞ୍ଚିକାବେରୀ, (ସଂ- ସୁକୁମାର ସେନ ଓ ସୁନନ୍ଦା ସେନ), କଲିକତା : କଲିକତା ବିଶ୍ୱବିଦ୍ୟାଳୟ, ୧୯୫୮, ୩ୟ ସର୍ଗ / ପଦ ୨୭-୩୦

୨୦୮. ଆଚାର୍ଯ୍ୟ , ଶଙ୍କରଦେବ , ଅନାଦି ପାତକ, (ସଂ- ସାହିତ୍ୟ ଓ ସଂସ୍କୃତି -ବଂଶୀଧର ମହାନ୍ତି), କଟକ : ଜନଶକ୍ତି ପୁସ୍ତକାଳୟ, ୧୯୫୫, ପୃ. ୧୭୮

୨୦୯. ଆଚାର୍ଯ୍ୟ , ଶଙ୍କରଦେବ , ସଂସାରର ଚକ୍ର, ତତ୍ରୈବ, ପୃ. ୧୭୮

୧୩.	ନରସିଂହ ମୂର୍ତ୍ତି	ଉତ୍କଳ ଶ୍ରୀଜଗନ୍ନାଥମ୍	'ଜଗନ୍ନାୟକ ଅଭୟଦାୟକ ଆଶ୍ରୟ ମିୟବା ଦେବା ହେ କରୁଣା ସିନ୍ଧୋ ନା ମୋରା ଆଲକିଞ୍ଚିୱାୟା, ଆକାରା ନିରାକାର ଆଶ୍ରିତ ପାଲିତ ମନ୍ଦାରା ।'[୨୧୦]	ସଂସ୍କୃତ
୧୪.	ମୀରାବାଇ	ମେରେ ତୋ ଗିରିଧର ଗୋପାଲ	'ମେରେ ତୋ ଗିରିଧର ଗୋପାଲ ଦୁସରା ନ କୋଇ ଯାକେ ଶିର ମୋର ମୁକୁଟ, ମୋରେ ପତି ଶୋଇ ତାତ ମାତ ଭ୍ରାତ ବନ୍ଧୁ ଅପନା ନଇଁ କୋଇ ।'[୨୧୧]	ହିନ୍ଦୀ
୧୫.	ସ୍ୱାମୀ ଶିବାନନ୍ଦ	ଜୟ ଜଗଦୀଶ ହରେ	'ଓଁ ଜୟ ଜଗଦୀଶ ହରେ, ପ୍ରଭୁ ଜୟ ଜଗଦୀଶ ହରେ ଭକ୍ତୋ ଜନୋଁ କେ ସଙ୍କଟ, ଦାସ ଜନୋଁ କେ ସଙ୍କଟ କ୍ଷଣ ମେଁ ଦୂର କରେ, ଓଁ ଜୟ ଜଗଦୀଶ ହରେ ।'[୨୧୨]	ହିନ୍ଦୀ
୧୬.	ମାଧୋ ଦାସ	ଆରତୀ ଜଗନ୍ନାଥ ସ୍ୱାମୀ	'ଆରତୀ ଜଗନ୍ନାଥ ସ୍ୱାମୀ ମଙ୍ଗଳକାରୀ ନିରଖତ ମୁଖାରବିନ୍ଦ ପରସତ ଚରଣାରବିନ୍ଦ ଆପଦାହାରୀ ।୧। କଞ୍ଚନମଣି ଦୀପଦାନ ଜ୍ୟୋତି ଜଗମଗୀ ଲଜତ ଧୂପ ଅଗରବତୀ ପାବକେ ଜରୀ ।୨।'[୨୧୩]	ହିନ୍ଦୀ

ଏ ସମସ୍ତ ସାରଣୀରୁ ଓଡ଼ିଆ ଭାଷା ବ୍ୟତୀତ ଅନ୍ୟାନ୍ୟ ଭାରତୀୟ ପ୍ରାନ୍ତୀୟ ଭାଷା ଓ ସଂସ୍କୃତର କବିଗଣ ବିଭିନ୍ନ ସମୟରେ ଶ୍ରୀକ୍ଷେତ୍ରକୁ ଆସି ଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ଏହି ଗୀତଗୁଡ଼ିକ ରଚିତ ହୋଇଥିବା ଅନୁମିତ ହୁଏ । ଆମର କହିବାର କଥା ଏହି ଯେ ଓଡ଼ିଆ ଭାଷା ସାହିତ୍ୟ ବ୍ୟତୀତ ଅନ୍ୟାନ୍ୟ ବର୍ଗର ଧର୍ମଗୁରୁମାନେ ମଧ୍ୟ ବହୁଦିନ ଧରି ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଏଠାରେ ମଠମାନ ସ୍ଥାପନା କରିଥିଲେ । ଯଥା ବର୍ତ୍ତମାନର କବୀର ମଠ, ତୁଳସୀ ଦାସ ମଠ, ରାମାନୁଜ ମଠ, ନିମ୍ବାର୍କ ମଠ ଆଦି ତାହାର ନିଦର୍ଶନ ରହିଅଛି । ଏତଦ୍ ବ୍ୟତୀତ ପ୍ରତ୍ୟେକ ଦିନ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ବିଦେଶୀମାନେ ଆସି ଶ୍ରୀକ୍ଷେତ୍ରରେ ରହୁଛନ୍ତି ଏବଂ ରଥଯାତ୍ରା, ଦେବସ୍ନାନ ପୂର୍ଣ୍ଣମୀ, ଦୋଳ ଉତ୍ସବ, ଚନ୍ଦନ ଯାତ୍ରା ପ୍ରଭୃତିରେ ଜଗନ୍ନାଥ ଉନ୍ମୁକ୍ତ ହୋଇ ନୃତ୍ୟ କରୁଥିବାର ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ଅଟେ । ପ୍ରକାନ୍ତରରେ ଏସବୁ ବିଶ୍ୱମାନବ ବୋଧର ବାସ୍ତବ ଉଦାହରଣ କହିଲେ ଅସତ୍ୟ ହେବ ନାହିଁ । ଏହି ବିଦେଶୀ ଭକ୍ତଗଣଙ୍କ ମଧ୍ୟରୁ ବହୁ କବି ସେମାନଙ୍କ ନିଜ ନିଜ ମାତୃଭାଷାରେ କବିତାମାନ ରଚନା କରି ଥାଇ ପାରନ୍ତି କିନ୍ତୁ ଆମେ ତାହାର ଅପହଞ୍ଚ ଦୂରତ୍ୱରେ ରହିଥିବାରୁ ସେ ବିଷୟରେ ଅଧିକ ଆଲୋଚନା ଏଠାରେ କରିପାରୁନାହୁଁ ।

ସେହିପରି ପ୍ରଦତ୍ତ ସାରଣୀରେ ଉଦାହରଣ ସ୍ୱରୂପ ପ୍ରଦାନ କରାଯାଇଥିବା ଭକ୍ତି ଗୀତଗୁଡ଼ିକର ପ୍ରାୟ ଗୋଟିଏ ଅଭିପ୍ରାୟ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । 'କେଉଁ ଭକ୍ତ କିଛି ମାଗୁନାହିଁ ତୋତେ' କହି 'ଶରଧାବାଲିରୁ ହାତେ' ମାଗୁଛି ତ

---

୨୧୦. ନରସିଂହ ମୂର୍ତ୍ତି, ଉତ୍କଳ ଶ୍ରୀଜଗନ୍ନାଥମ୍, (ସାହିତ୍ୟ ସଂସ୍କୃତି ଓ ଶ୍ରୀଜଗନ୍ନାଥ, ବଳରାମ ଦାସ, ପୁରୀ : ଶ୍ରୀପର୍ଣ୍ଣା ପ୍ରକାଶନୀ, ୨୦୦୨, ପୃ.୨୫)
୨୧୧. ମୀରାବାଇ , ମେରେ ତୋ ଗିରିଧର ଗୋପାଲ (ସଂ-ଜଗନ୍ନାଥ ଭଜନମାଳା, ରାମକୃଷ୍ଣ ପତି) ପୃ. ୧୮
୨୧୨. ସ୍ୱାମୀ ଶିବାନନ୍ଦ, ଜୟ ଜଗଦୀଶ ହରେ, ତତ୍ରୈବ, ପୃ-୧୯
୨୧୩. ଦାସ,ମାଧୋ, ଆରତୀ ଜଗନ୍ନାଥ ସ୍ୱାମୀ, ତତ୍ରୈବ, ପୃ.୭୪

କେତେବେଳେ 'ମଣିମା ହେ ! ଏତିକି ମାଗୁଣି ମୋର / ମରଣ କାଳରେ ଦରଶନ ଦେବ କଳାମୁଖ କଳାକର' ବୋଲି ମାଗୁଣି କରୁଛି । (ବନମାଳୀ) ତାଙ୍କ ସ୍ୱର ସହିତ ସ୍ୱର ମିଳାଇ ଅନେକ କବି ମଧ୍ୟ ଅନୁରୂପ ଇଚ୍ଛା ପୋଷଣ କରିଛନ୍ତି ଭିନ୍ନ ଭିନ୍ନ ଢଙ୍ଗରେ, ସେ କାଳର କବିମାନଙ୍କ ଠାରୁ ଏବେକାର କବିମାନଙ୍କ ପର୍ଯ୍ୟନ୍ତ । ଯେପରି –

'ମୋର ଶ୍ରୀକ୍ଷେତ୍ରେ ଜୀବନ ଯାଉ' (ସୌମେନ୍ଦ୍ର ମିଶ୍ର), 'ଶରଣ ଦେଇଚ ମତେ / ମରଣ ବି ଦବ ମତେ / ତୁମ ଚରଣରେ ।' (ଅରୁଣ ମନ୍ତ୍ରୀ)

କେଉଁ ଭକ୍ତ ତାଙ୍କ ଉପରେ ଅଭିମାନ କରି କହେ 'ନେଲ ଯାହା ଦେଲ ତାହା / କି ପାଇଁ ଏଥକୁ ମହାଦାତା ପଣେ ପତାକା ବାନ୍ଧିଛ ହେ ।' (ଯଦୁମଣି) ଅନୁରୂପ ଢଙ୍ଗରେ ଅନ୍ୟ କେତେ ଜଣ କବି ମଧ୍ୟ ନିଜ ନିଜର ଅଭିମାନ ବାଢ଼ିଛନ୍ତି, ଆକ୍ଷେପୋକ୍ତି ପ୍ରକାଶ କରିଛନ୍ତି । ସେମାନଙ୍କ କଥାର ବସ୍ତୁ ହେଉଛି – ବଳି ଠାରୁ ନେଇ ସୁଦାମାକୁ ଦେଲ, ଶୁକ୍ରାଚାର୍ଯ୍ୟଙ୍କର ଆଖି କଣା କରି ଧୂଳିଖେଳ କାଳରେ ଅନ୍ଧକୁ ଦୃଷ୍ଟିଦାନ କଲ, ଗୋପୀଙ୍କର ବସ୍ତ୍ର ନେଇ ଦ୍ରୌପଦୀଙ୍କୁ ଦେଲ, କଂସର କୁବଳୟା ହସ୍ତୀର ଜୀବନ ନେଇ ଗଭୀର ଜଳରେ କୁମ୍ଭୀର କବଳିତ ହସ୍ତୀକୁ ଦେଲ ଇତ୍ୟାଦି । (ବଳଭଦ୍ର ଭଞ୍ଜ) ସେହିପରି କେଉଁ କବି ଅଭିମାନ କରି କହେ, 'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ ? / ଯାହା ଦେଇଥିଲ ସବୁ ତ ନେଲଣି / ଆଉ ଏବେ କିସ ଛଡ଼ାଇବ ହେ ?' (କାନ୍ତକବି ଲକ୍ଷ୍ମୀକାନ୍ତ)

ଭକ୍ତ ନିବେଦନ କରିବାକୁ ଯାଇ କେଉଁ କବି ତାଙ୍କୁ ଗାଳି ଦେଇଛି, କିଏ ତାଙ୍କର ନିନ୍ଦାଗାନ କରିଛି, କିଏ ବ୍ୟାଜସ୍ତୁତି କରିଛି ତ ଆଉ କିଏ ଅଭିମାନ ଭରା କଣ୍ଠରେ ଆକ୍ଷେପୋକ୍ତି ପ୍ରକାଶ କରିଛି । କିଏ କହିଛି ତୁମେ କୁତ୍ସିତ, ତୁମେ କଦାକାର, ତୁମେ ଡକାଇତ, ତୁମେ ଲାଞ୍ଚୁଆ, ତୁମେ ଘରବୁଡ଼ା, ତୁମେ କାଳସର୍ପ; କିନ୍ତୁ ତା' ଭିତରେ ଭକ୍ତି ଭାବର ଊଣା ନାହିଁ । ଯଦୁମଣି ମହାପାତ୍ର 'ଭାଲୁଣୀ ପରାଏ କାଳିଆ ମୁହଁକୁ / ଚାଲୁଣୀ ପରାଏ ଆଖି' କହି ସେହି ମୁହଁ ଓ ଆଖିରେ ମନ ଲାଖିଯାଉଛି ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି । ତାଙ୍କ ସହିତ ତାଳ ମିଶାଇ ହାଡ଼ିଦାସ, ବୈଷ୍ଣବ ପାଣି, କାଳୀଚରଣ ପଟ୍ଟନାୟକ ପ୍ରମୁଖ କବି ମଧ୍ୟ ତାଙ୍କ ରୂପରେ ମଜ୍ଜି ତାଙ୍କ ରୂପରେ ନିନ୍ଦା କରିଛନ୍ତି । ଏଥିରେ ହିଁ ସେମାନଙ୍କ ନିବିଡ଼ ଭକ୍ତିମତ୍ତା ନିହିତ ।

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ ପୁରୁଷୋତ୍ତମ ଜଗନ୍ନାଥ ପ୍ରାଗୈତିହାସିକ ଠାକୁର । ବୈଦିକ ଯୁଗର ବହୁ ପୂର୍ବରୁ ତାଙ୍କର ସ୍ଥିତି ଓ ପରିଚିତି । ବେଦ ଭାଷ୍ୟକାର ସାୟଣାଚାର୍ଯ୍ୟଙ୍କ ଦ୍ୱାରା ସେ ଋକବେଦ ଓ ଅଥର୍ବ ବେଦରେ ପରଂବ୍ରହ୍ମ ପୁରୁଷୋତ୍ତମ ରୂପେ ଅଭିହିତ ହୋଇଛନ୍ତି । ସେ ଚିର ରହସ୍ୟମୟ । ସେଥିପାଇଁ ସାହିତ୍ୟ ଜଗତରେ ସେ ଯେତିକି ବ୍ୟକ୍ତ, ସେତିକି ଅବ୍ୟକ୍ତ । ଓଡ଼ିଶାର ଇତିହାସ କହିଲେ ଜଗନ୍ନାଥଙ୍କ ଇତିହାସକୁ ବୁଝାଯାଏ । ଓଡ଼ିଆ ଭକ୍ତି ସାହିତ୍ୟ, କାବ୍ୟ ସାହିତ୍ୟ, ପୁରାଣ ସାହିତ୍ୟ ଓ ଆଧ୍ୟାତ୍ମିକ ସଂସ୍କୃତି ଶ୍ରୀଜଗନ୍ନାଥଙ୍କୁ ନେଇହିଁ ପରିପୁଷ୍ଟ । ସେ ସମସ୍ତ ସୃଷ୍ଟିରେ ଶ୍ରୀଜଗନ୍ନାଥଙ୍କ ବିଶ୍ୱର ମାନବସମାଜ ପାଇଁ ରହିଛି ଅଭୟ ତଥା ମଙ୍ଗଳମୟ ବାଣୀ । ସମସ୍ତ ଜାତି-ବର୍ଣ୍ଣ-ସଂପ୍ରଦାୟର ଲୋକମାନେ ତାଙ୍କର କିଞ୍ଚିତ ଆଶୀର୍ବାଦ ପାଇଁ ଯୁଗଯୁଗ ଧରି ଅପେକ୍ଷା କରି ରହି ଆସିଛନ୍ତି । ମଣିଷର ସୁଖ ଦୁଃଖର ସାଥି ହେଉଛନ୍ତି ଶ୍ରୀଜଗନ୍ନାଥ । ଆଜି ଏକବିଂଶ ଶତାବ୍ଦୀରେ ମଧ୍ୟ ତାଙ୍କର ରୂପ, ସେବା, ନୀତି ବିଷୟକୁ ନେଇ ଅତ୍ୟାଧୁନିକ କବି, ଔପନ୍ୟାସିକ, ଗାଳ୍ପିକ ଓ ନାଟ୍ୟକାର ଆଦି ବହୁ ଗ୍ରନ୍ଥ ରଚନା କରୁଛନ୍ତି । ଏହି ପରିପ୍ରେକ୍ଷୀରେ ହିଁ ଆମ୍ଭର ପରବର୍ତ୍ତୀ ପରିଚ୍ଛେଦଟିର ଅବତାରଣା ।[୨୧୪]

■■■

୨୧୪. ମହାରଣା, ସୁରେନ୍ଦ୍ର କୁମାର, ଖୁଣ୍ଟିଆ, ଲକ୍ଷ୍ମୀକାନ୍ତ , କଳାଶ୍ରୀମୁଖ ହେ, କଟକ : ସତ୍ୟ ନାରାୟଣ ବୁକ ଷ୍ଟୋର, ୨୦୧୫, ସିଂହଦ୍ୱାର, ପୃ.୫

ତୃତୀୟ ପରିଚ୍ଛେଦ

ଆଧୁନିକ ସାହିତ୍ୟରେ (ଖ୍ରୀ.ଅ.୧୮୭୦-୧୯୧୬) ଶ୍ରୀଜଗନ୍ନାଥ କୈନ୍ଦ୍ରିକ ମାନବବାଦ

ଭାରତୀୟ ସାହିତ୍ୟରେ ଆଧୁନିକ ଯୁଗର ପ୍ରବେଶ କାଳ ହେଉଛି ଊନବିଂଶ ଶତାବ୍ଦୀ । ଏହି ସମୟକୁ ଇଂରେଜମାନେ ସମଗ୍ର ଭାରତବର୍ଷକୁ କରାୟତ୍ତ କରିବା ପାଇଁ ଯୋଜନାମାନ ପ୍ରସ୍ତୁତ କରିଥିଲେ ଓ ସେଥିରେ ସଫଳ ମଧ୍ୟ ହୋଇଥିଲେ । ଇଂରେଜମାନଙ୍କ ପୂର୍ବରୁ ଭାରତ ବର୍ଷ ମୋଗଲ ଓ ମରହଟ୍ଟାମାନଙ୍କର ଶାସନାଧୀନରେ ରହିଥିଲା । ବିଶେଷ କରି ଦିଲ୍ଲୀ ସିଂହାସନରେ ଔରଙ୍ଗଜେବ ବସିବା ପରେ ତାଙ୍କର ହିନ୍ଦୁ ବିଦ୍ୱେଷୀ ନୀତି ଭାରତୀୟମାନଙ୍କର ଭକ୍ତି ଭାବନାରେ ଗଭୀର କ୍ଷତ ପହଞ୍ଚାଇଥିଲା । ପ୍ରାନ୍ତୀୟ ରାଜ୍ୟଗୁଡ଼ିକରେ ରହିଥିବା ହିନ୍ଦୁ ଶାସକ ଓ ସେମାନଙ୍କ ଦ୍ୱାରା ନିର୍ମିତ ହିନ୍ଦୁ ମନ୍ଦିରଗୁଡ଼ିକ ମୋଗଲ ଆକ୍ରମଣରୁ ରକ୍ଷା ପାଇନଥିଲା । ଆମ ଜାଣିଛେ ଯେ ବହୁ ପୂର୍ବରୁ ପଶ୍ଚିମ ଭାରତର ସୋମନାଥ ମନ୍ଦିର ଗଜନୀର ଶାସକ ମାମୁଦଙ୍କ ଦ୍ୱାରା ବାରମ୍ବାର ଲୁଣ୍ଠିତ ହୋଇଥିଲା । ଏପରିକି ମୁସଲମାନମାନଙ୍କ ଦୌରାତ୍ମ୍ୟରେ ସୋମନାଥ ମନ୍ଦିର ଆକ୍ରମିତ ହୋଇ ଭଗ୍ନସ୍ତୂପରେ ପରିଣତ ହୋଇଥିଲା । ଏହା ମାତ୍ର ଗୋଟିଏ ଦୁଇଟି ପ୍ରମାଣ ନୁହେଁ, କାଳର କରାଳ ଗତିରେ ଭାରତୀୟ ମନ୍ଦିର ସଂସ୍କୃତିର ଯଥେଷ୍ଟ ଅବକ୍ଷୟ ଘଟିଥିଲା । ଭକ୍ତମାନେ ନିଜର ଇଷ୍ଟ ଦେବତାଙ୍କୁ ଖୋଜିବାକୁ ଲାଗିଲେ । ଓଡ଼ିଶା ମାଟିରେ ମଧ୍ୟ ତା'ର ପ୍ରଭାବ ଯଥେଷ୍ଟ ମାତ୍ରାରେ ପଡ଼ିଥିଲା । ତତ୍କାଳୀନ ବଙ୍ଗ ନବାବ ସୁଲେମାନ କିରାଣୀର ସେନାପତି କଳାପାହାଡ଼ ଶ୍ରୀଜଗନ୍ନାଥ ମନ୍ଦିରକୁ ଲୁଣ୍ଠନ କରିବା ପାଇଁ ବାରମ୍ବାର ଉଦ୍ୟମ କରିଥିବାର ଐତିହାସିକ ପ୍ରମାଣ ମିଳେ । ଏକାଦଶ, ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀରେ ଯଥାକ୍ରମେ ନିର୍ମିତ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ପୁରୁଷୋତ୍ତମ କ୍ଷେତ୍ରର ଜଗନ୍ନାଥ ମନ୍ଦିର ଓ ଚନ୍ଦ୍ରଭାଗା ନଦୀ କୂଳରେ ଥିବା କୋଣାର୍କ ମନ୍ଦିର ମଧ୍ୟ ସେଥିରୁ ରକ୍ଷା ପାଇନଥିଲେ । ସର୍ବୋପରି ମୁସଲମାନ ସୁବେଦାର ତକୀ ଖାଁର ଲୋମହର୍ଷଣକାରୀ ଆକ୍ରମଣରେ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିର ଛାଡ଼ି ବାରମ୍ବାର ଚିଲିକାର ନଳବନ, ବାଣପୁର ଖଲିକୋଟ, ଆଠଗଡ଼ ପ୍ରଭୃତି ଜମିଦାରୀରେ ରହିଥିବା ଗୋପନ ସ୍ଥଳକୁ ଯାଇ ଲୁଚିବାକୁ ବାଧ୍ୟ ହୋଇଥିଲେ ।

ଅଧିକନ୍ତୁ ପ୍ରତାପରୁଦ୍ରଙ୍କ ଦେହାବସାନ ପରେ ଓଡ଼ିଶା ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବା ପାଇଁ କ୍ଷୀଣ ଚେଷ୍ଟା କରୁ କରୁ ଖ୍ରୀ. ୧୫୬୮ରେ ନିଜର ସ୍ୱାଧୀନତାକୁ ସମ୍ପୂର୍ଣ୍ଣ ହରାଇ ବସିଲା । ଏଇ ବର୍ଷ ଭୋଇ ବଂଶର ପ୍ରତିଷ୍ଠାତା ରାମଚନ୍ଦ୍ର ଦେବ ଓଡ଼ିଶାର ରାଜଧାନୀକୁ ବାରବାଟୀରୁ ଖୁରୁଧାକୁ ଉଠାଇ ଆଣି ନିଜକୁ ଉତ୍କଳର ରାଜସିଂହାସନରେ ଅଳଙ୍କୃତ କରାଇଥିଲେ । ରାମଚନ୍ଦ୍ରଦେବ ପରମ୍ପରା କ୍ରମେ ପ୍ରଚଳିତ ଗଜପତି ବିରୁଦାବଳି ବ୍ୟବହାର କରୁଥିବା ଦେଖାଗଲେ ହେଁ ସେ ଯେଉଁ ଉତ୍କଳ ସାମ୍ରାଜ୍ୟର ଅଧୀଶ୍ୱର ଥିଲେ, ତାହାର ବିସ୍ତୃତି ଥିଲା ଅତ୍ୟନ୍ତ ସୀମିତ-ଦଶ ହଜାର ବର୍ଗ ମାଇଲ ମାତ୍ର । ଆଧୁନିକ ପୁରୀ ଜିଲ୍ଲାର କୋଠଦେଶ ବ୍ୟତୀତ ଅନ୍ୟ ସମସ୍ତ ଅଞ୍ଚଳ ମଧ୍ୟରେ ଗଞ୍ଜାମ ଜିଲ୍ଲାର କେତେକାଂଶ, କଟକ ଜିଲ୍ଲାର ବାଙ୍କି ଓ ଆଠଗଡ଼ ସବ୍‌ଡିଭିଜନ ଓ ଢେଙ୍କାନାଳ ଜିଲ୍ଲାର ଅଧିକାଂଶ – ଏହା ହିଁ ଥିଲା ତତ୍କାଳୀନ ଗଜପତି ଶାସିତ ଓଡ଼ିଶାର ସୀମାରେଖା-ଏଥିପାଇଁ ଗଜପତି ପୁଣି ମୋଗଲ ସମ୍ରାଟଙ୍କୁ ଦେଉଥିଲେ ପେସ୍‌କସ୍ ।

ଖ୍ରୀ ୧୫୬୮ ପରେ ଓଡ଼ିଶାର ଭାଗ୍ୟାକାଶ ଯଥାର୍ଥତଃ ହୋଇ ଉଠିଥିଲା ଘନ ତମସାଚ୍ଛନ୍ନ । ଆଜି ଓଡ଼ିଶା କହିଲେ ଯାହା ବୁଝାଯାଉଛି, ସେତେବେଳେ ତାହା ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ ହୋଇଥିଲା, ଯଥା ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶା । ଚିଲିକା ଥିଲା ଏହାର ମଧ୍ୟବର୍ତ୍ତୀ ସୀମାରେଖା ।

ଉତ୍ତର ଓଡ଼ିଶା ପ୍ରଥମେ ବଙ୍ଗଳାର ଆଫଗାନ ଶାସକ (ଖ୍ରୀ.ଅ ୧୫୬୮-୧୫୯୨) ପରେ ମୋଗଲ (ଖ୍ରୀ.ଅ ୧୫୯୨-୧୭୫୧), ମରହଟ୍ଟା (ଖ୍ରୀ.ଅ ୧୭୫୧-୧୮୦୩) ଏବଂ ପରିଶେଷରେ ଇଂରେଜ (ଖ୍ରୀ.ଅ ୧୮୦୩-୧୯୪୭)ମାନଙ୍କ ଦ୍ୱାରା ଅଧିକୃତ ଓ ଶାସିତ ହେଉଥିଲା ।[୧]

ମୋଗଲମାନଙ୍କ ସମୟରେ ଖୋର୍ଦ୍ଧା ଓ ପୁରୀ ବାରମ୍ବାର ଆକ୍ରମିତ, ଉତ୍ପୀଡ଼ିତ ଓ ଲୁଣ୍ଠିତ ହୋଇଥିଲେ । ପୂର୍ବରୁ ସଂଶିତ ସମୟ ମଧ୍ୟରେ ଶ୍ରୀକ୍ଷେତ୍ରରୁ ଶ୍ରୀଜଗନ୍ନାଥଙ୍କୁ ଅନ୍ତତଃ ଆଠଥର ମନ୍ଦିର ବାହାରକୁ ସ୍ଥାନାନ୍ତରିତ କରିଥିବା ସୂଚନା ବିଭିନ୍ନ ଇତିହାସରୁ ମିଳିଥାଏ ।

'ମରହଟ୍ଟାମାନଙ୍କ ରାଜତ୍ୱ ସମୟରେ ମଧ୍ୟ ଏପରି ଦୂରାବସ୍ଥା ଥିଲା ତତୋଽଧିକ । ଏମାନେ ହିନ୍ଦୁଧର୍ମ କିମ୍ବା ଜଗନ୍ନାଥ-ବିଦ୍ୱେଷୀ ନଥିଲେ ସୁଦ୍ଧା ଖୁରୁଧା ରାଜାଙ୍କ ପ୍ରତିପତ୍ତି କ୍ଷୁଣ୍ଣ ନ କଲେ ଓଡ଼ିଶାରେ ସେମାନଙ୍କ ଆସନ ଦୃଢ଼ୀଭୂତ ହେବା ଅସମ୍ଭବ ବୋଲି ମନେ କରୁଥିଲେ । ପୁଣି ଲୁଣ୍ଠିତ ଅର୍ଥରେ ସେନାବାହିନୀର ଆତ୍ମ ପରିପୋଷଣ ଏମାନଙ୍କ ଶାସନରେ ଅନ୍ୟତମ ନୀତି ଥିଲା । ଏଣୁ ମରହଟ୍ଟାମାନଙ୍କ ଅତ୍ୟାଚାର ଓ ଉତ୍ପୀଡ଼ନର କାହାଣୀ ଆଜି ସୁଦ୍ଧା ଓଡ଼ିଶାବାସୀଙ୍କ ମୁଖରୁ ପ୍ରବଚନ ରୂପେ ଶୁଣାଯାଇଥାଏ ।'[୨]

ପ୍ରସଙ୍ଗ କ୍ରମେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ମରହଟ୍ଟା ପରେ ଓଡ଼ିଶାର ଶାସନ ଭାର ଇଂରେଜ ସରକାରଙ୍କ ହାତକୁ ଯାଏ । ସେମାନେ ଲୋକମାନଙ୍କ ଧର୍ମ ସଂସ୍କୃତି କ୍ଷେତ୍ରରେ ବିଶେଷ ହସ୍ତକ୍ଷେପ କରୁନଥିଲେ । ଯଦିଓ ସେମାନେ ଜଗନ୍ନାଥ ଧର୍ମର ବିରୋଧୀ ଥିଲେ, ତଥାପି ବ୍ରିଟିଶ ପାର୍ଲାମେଣ୍ଟର ନିର୍ଦ୍ଦେଶ ପ୍ରକାରେ ହିନ୍ଦୁ ମନ୍ଦିରଗୁଡ଼ିକର ନିୟନ୍ତ୍ରଣ କ୍ଷେତ୍ରରେ ନିରପେକ୍ଷତା ଅବଲମ୍ବନ କରୁଥିଲେ । ସମସ୍ତେ ଜାଣନ୍ତି ଯେ, ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବରେ ଆସି ଓଡ଼ିଆ ସାହିତ୍ୟରେ ଆଧୁନିକତାର ପ୍ରବେଶ ହୋଇଥିଲା । ୧୮୭୦-୮୦ ମସିହା ବେଳକୁ କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓ, ପ୍ରକୃତି କବି ଗଙ୍ଗାଧର ମେହେର, ସଂସ୍କାରକ ଫକୀର ମୋହନ ସେନାପତି, ପଲ୍ଲୀକବି ନନ୍ଦ କିଶୋର ବଳ ଆଦିଙ୍କ ନିଷ୍ପାପର ଉଦ୍ୟମ ଯୋଗୁ ଆଧୁନିକ କାଳର ଅଭ୍ୟୁଦୟ ଘଟିଥିଲା । ଓଡ଼ିଶାର ସବୁ କ୍ଷେତ୍ରରେ ଆଧୁନିକତାର ପ୍ରଭାବ ପଡ଼ିବାକୁ ଲାଗେ । ଏଥିରୁ ଶ୍ରୀଜଗନ୍ନାଥଙ୍କ ପୀଠସ୍ଥଳୀରେ ମଧ୍ୟ ଆଧୁନିକତା ସ୍ପର୍ଶ କରିଥିଲା ବୋଲି ଉଲ୍ଲେଖ କରାଯାଇପାରେ ।

ଏଠାରେ ଆହୁରି ମଧ୍ୟ ଆଲୋଚନା କରାଯାଇପାରେ ଯେ 'ହିନ୍ଦୁଧର୍ମର ଅନ୍ୟତମ ପ୍ରତିଷ୍ଠିତ ଦେବତା ଜଗନ୍ନାଥଙ୍କ ପୀଠସ୍ଥଳୀ ଥିବା ଯୋଗୁ ପୁରୁଷୋତ୍ତମ କ୍ଷେତ୍ର ବହୁ ପ୍ରାଚୀନ କାଳରୁ ହିନ୍ଦୁ ସଂସ୍କୃତି ତଥା ଉତ୍କଳୀୟ ସଂସ୍କୃତିର ଏକ କେନ୍ଦ୍ରସ୍ଥଳୀ ରୂପେ ବିବେଚିତ ହୋଇ ଆସିଥିଲା । ଭଗବାନ ଶଙ୍କରଙ୍କ ଦ୍ୱାରା ପ୍ରତିଷ୍ଠିତ ଗୋବର୍ଦ୍ଧନ ମଠ ଏହାର ପ୍ରତିଷ୍ଠାକୁ ଆହୁରି ବୃଦ୍ଧି କରାଇ ଚତୁର୍ଧାମ ମଧ୍ୟରୁ ଏକ ବିଶିଷ୍ଟ ଧାମ ରୂପେ ଏହାକୁ ପରିଚିତ କରାଇଥିଲା । ପ୍ରଜାଶକ୍ତିକୁ ଐକ୍ୟବଦ୍ଧ କରି ସେମାନଙ୍କ ଚକ୍ଷୁରେ ସ୍ୱୀୟ ମହତ୍ତ୍ୱକୁ ଅକ୍ଷୁଣ୍ଣ ରଖିବା ପାଇଁ ଗଙ୍ଗ ଓ ସୂର୍ଯ୍ୟବଂଶୀ ରାଜାମାନେ ଯେତେବେଳେ ନିଜ ନିଜକୁ ଶ୍ରୀ ଜଗନ୍ନାଥଙ୍କ ସେବକ ରୂପେ ପରିଚିତ କରାଇବା ଆରମ୍ଭ କଲେ, ସେତେବେଳେ ଶ୍ରୀ ପୁରୁଷୋତ୍ତମ ଏବଂ ପୁରୁଷୋତ୍ତମ କ୍ଷେତ୍ରର ପ୍ରତିଷ୍ଠା ଶତଗୁଣ ବୃଦ୍ଧି ଲାଭ କରିଥିଲା । ବହୁ ଧର୍ମର ବିଭିନ୍ନ ପ୍ରଚାରକ, ପଣ୍ଡିତ ତଥା କବି ଏଇ ପବିତ୍ର କ୍ଷେତ୍ରରେ ପଦାର୍ପଣ କରିବା ପାଇଁ ଆକୃଷ୍ଟ ହୋଇ ଆସୁଥିଲେ । ଗୁଣଗ୍ରାହୀ ରାଜାମାନଙ୍କର ପୃଷ୍ଠପୋଷକତା ଲାଭ କରି ବହୁ ଦିଗ୍‌ଗଜ ପଣ୍ଡିତ ବଂଶ ପରମ୍ପରା କ୍ରମେ ଏହି କ୍ଷେତ୍ରରେ ବସବାସ କରି ଶାସ୍ତ୍ର ଓ କାବ୍ୟ ଚର୍ଚ୍ଚାର ଅମ୍ଳାନ ଆଲୋକ ବର୍ତ୍ତିକା ଧରି ଚାଲିଥିଲା । ଅଧିକନ୍ତୁ ଏଇ ପୀଠ ହିଁ ସମଗ୍ର

୧. ଆଚାର୍ଯ୍ୟ, ସୁଦର୍ଶନ, ଓଡ଼ିଆ କାବ୍ୟକୌଶଳ, ସହଦେବ ପ୍ରଧାନ, କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ୨୦୦୭, ପୃ. ୧୪
୨. ତତ୍ରୈବ, ପୃ. ୧୫

ଉତ୍କଳୀୟ ଜନଜୀବନକୁ ନିୟନ୍ତ୍ରଣ କରୁଥିଲା । ରାଜନୀତି, ସମାଜନୀତି ତଥା କାବ୍ୟରୀତିର ଅନୁବର୍ତ୍ତନ ପାଇଁ ସମଗ୍ର ଓଡ଼ିଶା ପୁରୁଷୋତ୍ତମ କ୍ଷେତ୍ରର ଅନୁଶାସନକୁ ଅପେକ୍ଷା କରୁଥିଲା ।'[୩]

ଧୀରେ ଧୀରେ ଆଲୋଚ୍ୟ ସମୟ ସୀମା ମଧ୍ୟରେ ପାଶ୍ଚାତ୍ୟ ସାହିତ୍ୟ ଓ ସଂସ୍କୃତିର ପ୍ରଭାବ ଶ୍ରୀଜଗନ୍ନାଥ କୈନ୍ଦ୍ରିକ ରଚନାଗୁଡ଼ିକ ଉପରେ ମଧ୍ୟ ପଡ଼ିବାକୁ ଲାଗେ । ଆମର କବିଗଣ ସ୍ୱୀୟ ଦେବତା ଜଗନ୍ନାଥଙ୍କ ବିବରଣୀ, ଯାତ୍ରା, ଉତ୍ସବ, ପର୍ବପର୍ବାଣିକୁ ଆଧୁନିକ ଶୈଳୀରେ କବିତା ବା କାବ୍ୟରେ ପ୍ରକାଶ କରିବାକୁ ଲାଗିଲେ । ସୁତରାଂ ମତବ୍ୟକ୍ତ କରାଯାଇପାରେ ଯେ, ଆଧୁନିକ କବିତା, ଗଳ୍ପ, ଉପନ୍ୟାସ ଓ ନାଟକ କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କୁ ସ୍ଥାନ ଦେଇ ଏହି ସମୟର ଲେଖକଗଣ ଏକ ନୂତନ ଭାବବୋଧାତ୍ମକ ସାହିତ୍ୟ ସୃଷ୍ଟି କରିବାକୁ ଲାଗିଲେ । ଲକ୍ଷ୍ୟ କରିବାର କଥା ଏହି ଯେ ଏହି ସମୟର ବିଶ୍ୱ ସାହିତ୍ୟରେ ''ଭ୍ରାତୃତ୍ୱ ବୋଧ'', ''ମାନବିକତା, ଜଗତର ମଙ୍ଗଳ ଚିନ୍ତା, ସମସ୍ତ ବିଶ୍ୱର ମଣିଷ ସମାଜ ସେହି ଏକ ପରମେଶ୍ୱରଙ୍କ ସନ୍ତାନ'', ''ସମସ୍ତେ ଅମୃତସ୍ୟ ପୁତ୍ରାଃ'' ଆଦି ଚିନ୍ତା ଓ ଚେତନା ଦେଖାଯାଇଥିଲା । ପ୍ରଥମ ବିଶ୍ୱଯୁଦ୍ଧ (ଖ୍ରୀ.ଅ ୧୯୧୪-୧୯୧୮) ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ (ଖ୍ରୀ.ଅ ୧୯୩୯-୧୯୪୫) ସମୟର ପୃଥିବୀରେ ମାନବିକତା ବା ମାନବବୋଧର ଘୋର ଅଭାବ ପରିଲକ୍ଷିତ ହୋଇଥିଲା । ସମଗ୍ର ଜଗତରେ ଲୋକମାନେ ଅସହାୟ ହୋଇ ଈଶ୍ୱରଙ୍କୁ ବିଶ୍ୱାସ କରିବାକୁ ଏକ ପ୍ରକାର ବାଧ୍ୟ ହୋଇଥିଲେ । ଏହି ପରିପ୍ରେକ୍ଷୀରେ ଭାରତବର୍ଷରେ ଶ୍ରୀଜଗନ୍ନାଥ/ରାମଚନ୍ଦ୍ର/କୃଷ୍ଣ ଆଦି ବୈଷ୍ଣବୀୟ ଦେବତାମାନଙ୍କୁ ଯେପରି ପୂଜା ଅର୍ଚ୍ଚନା କରାଗଲା, ସେହିପରି ଯୀଶୁଖ୍ରୀଷ୍ଟ, ଆଲ୍ଲା, ସୂର୍ଯ୍ୟ, ବୁଦ୍ଧ, ଜୀନ ଆଦି ବିଭିନ୍ନ ବର୍ଗର ଲୋକମାନେ ବଞ୍ଚିବା ପାଇଁ ପ୍ରାର୍ଥନା କରିଥିଲେ । ବିଶ୍ୱ ଧର୍ମ ଜଗତର ଏହି ଉଦାରୀକରଣ ଧୀରେ ଧୀରେ ପୃଥିବୀର ସାହିତ୍ୟରେ ଏକ ନବଚେତନା ସୃଷ୍ଟି କରିବାକୁ ଆଗେଇ ଆସିଥିଲା । ବର୍ତ୍ତମାନ ଆମ୍ଭେ ନିମ୍ନରେ ସେ ସବୁକୁ ନେଇ ଓଡ଼ିଆ କବିମାନେ କିପରି ଶ୍ରୀଜଗନ୍ନାଥଙ୍କୁ ସାହିତ୍ୟରେ ଗ୍ରହଣ କରିଥିଲେ, ତା'ର ପ୍ରମାଣ ନିମ୍ନୋକ୍ତ ସାରଣୀ ମାଧ୍ୟମରେ ଆମ୍ଭେ ଅନୁଶୀଳନ କରିବାକୁ ଯାଉଅଛୁ ।

ଆଧୁନିକ କବିତାରେ ଶ୍ରୀଜଗନ୍ନାଥ - (ସାରଣୀ - ୧)

କ୍ର.ନଂ	କବିଙ୍କ ନାମ	ଶ୍ରୀଜଗନ୍ନାଥ କୈନ୍ଦ୍ରିକ ସୃଷ୍ଟି ସମ୍ଭାର	ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ସମ୍ବନ୍ଧୀୟ ଉପାଦାନ	ମନ୍ତବ୍ୟ
୧.	ଫକୀର ମୋହନ ସେନାପତି	ଉତ୍କଳ ଭ୍ରମଣ (କାବ୍ୟ)	'ଉତ୍କଳ ପବିତ୍ର ଭୂମି ଭାରତ ମଧ୍ୟରେ, କରନ୍ତି ଏଥିରେ ବାସ ପୁଣ୍ୟବନ୍ତ ନରେ । ଏହି ମହା ପୁଣ୍ୟକ୍ଷେତ୍ର ଦେଖିବାର ପାଇଁ, ଅସଂଖ୍ୟ ଅସଂଖ୍ୟ ଯାତ୍ରୀ ଆସୁଛନ୍ତି ଧାଇଁ । ଭାରତର ସର୍ବଦେବୋ ଏମନ୍ତ ପ୍ରଚାର, ପବିତ୍ର ଉତ୍କଳ ଭୂମି ଅଟେ ସ୍ୱର୍ଗଦ୍ୱାର ।'[୪]	
୨.	ଫକୀର ମୋହନ ସେନାପତି	ଉପହାର (କବିତା)	'ନିଖିଳ ବ୍ରହ୍ମାଣ୍ଡ ପତି ସର୍ବ ମୂଳାଧାର, ପତିତପାବନ ପ୍ରଭୁ ବିଭୁ ସାରାସାର ।'	

୩. ତତ୍ରୈବ, ପୃ. ୧୮-୧୯

୪. ସେନାପତି, ଫକୀରମୋହନ : ଉତ୍କଳ ଭ୍ରମଣ (ଫକୀରମୋହନ ଗ୍ରନ୍ଥାବଳୀ, ୧ମ ଖଣ୍ଡ, ପୃ. ୨୧୪-୨୧୭)

୩.	ରାଧାନାଥ ରାୟ	ଚିଲିକା (କାବ୍ୟ)	'ଇତିହାସ ରଙ୍ଗସ୍ଥଳୀ ତୁ ଚିଲିକା, ତୋର ତୀରେ ପରା ଶ୍ରୀମତୀ ମାଣିକା ହସ୍ତୁ ଭୁଞ୍ଜିଥିଲେ ସାଦରେ ଲବଣି, ଭାବଗ୍ରାହୀ ପ୍ରଭୁ ଭକ୍ତ ଚିନ୍ତାମଣି ।'[୫]	
୪.	ରାଧାନାଥ ରାୟ	ମହାଯାତ୍ରା	'ଭାଗ୍ୟଫଳେ ତୁମ୍ଭେ ଆସି ମିଳିଲ ଏ ଠାବେ ପୁଣ୍ୟତମ ଏ ସୈକତ ବିଶ୍ୱ-ଚରାଚରେ ବାଛି ନେଇଛନ୍ତି ଯାହା ନିଜେ ଲୀଳାମୟ, ପୁଣ୍ୟ ମର୍ତ୍ତ୍ୟଲୀଳା ଲାଗି ଅଖିଳ ଭାରତେ ପର୍ଣ୍ଣଦଳେ ଶ୍ରେଷ୍ଠ ଯେହ୍ନେ ପ୍ରସୂନ ଲଳିତ, ଶ୍ରେଷ୍ଠ ଏ ଉତ୍କଳ ଭୂମି ଗୁଣେ ଗରୀୟସୀ x x x ପୁଷ୍ପ କୁଶେ ଶ୍ରେଷ୍ଠ ତାର କେଶର ଯେସନେ ଶ୍ରେଷ୍ଠ ଏ ନୀଳାଦ୍ରି ଧାମ ସମଗ୍ର ଉତ୍କଳେ, ନିବସନ୍ତି, ନାନା ସ୍ଥାନେ ଦେବଦେବୀ ଯେତେ, ଭାରତ, ଭାରତଖଣ୍ଡେ, ଆସି ଏ ପ୍ରଦେଶେ, ବିହରିବେ ଠାବେ ଠାବେ ନିଜ ରୁଚି ମତେ ।'[୬]	
୫.	ବୈଷ୍ଣବ ପାଣି	ହେ ବଉଦ୍ଧ ରୂପ	'ହେ ବଉଦ୍ଧ ରୂପ ଚଉଦ ଭୁବନେ ତୋ ପରି ସାମନ୍ତ ନାହିଁ କେ ଆଉ, ଡିବି ଡିବି ଡିବି ବାଜଇ ବାଇଦ ଟେକି ଅଛି ଭୃତ୍ୟ ତାରଣ ବାହୁ ।'[୭]	
୬.	ମଧୁସୂଦନ ରାଓ	ନୀଳାଚଳ	'ଉତ୍କଳ ଉଦୟାଚଳ ଅୟି ତୀର୍ଥେଶ୍ୱରୀ, ହେଲୁ ଯେବେ ଉଭା ଉଇଁ ଉଷାରାଣି ସରି । ଇତିହାସ ଅଗୋଚର ସେ ଆଦିମ କାଳେ ଥିଲା ତୋର କି ସ୍ୱରୂପ କବି ବସି ଭାଳେ । ଘନ ବନରାଜି ନୀଳ ନୀଳାଚଳ ତଟ, ମହୋଦଧି ବେଳାଭୂମି ଯହିଁରେ ପ୍ରକଟ । ମହାବଟ ମୂଳେ ମହାଦାରୁ ଆରାଧନା ସରଳ ଶବର କୁଳ ଭକତି ସାଧନା ।'[୮]	

---

୫. ରାୟ, ରାଧାନାଥ , ଚିଲିକା, କଟକ: ଫ୍ରେଣ୍ଡସ୍‌ ପବ୍ଲିଶର୍ସ, ୨୦୦୬, ପୃ.୪୦

୬. ତତ୍ରୈବ, ମହାଯାତ୍ରା, କଟ୍ୟ ଫ୍ରେଣ୍ଡର୍ସ ପବ୍ଲିଶର୍ସ, ୨୦୦୨, ପୃ. ୪୪

୭. ପାଣି, ବୈଷ୍ଣବ , ହେ ବଉଦ୍ଧରୂପ (କବି କଣ୍ଠେ ଶ୍ରୀଜଗନ୍ନାଥ - ମୁ.ଜେନା) କଟକ :ଫ୍ରେଣ୍ଡର୍ସ ପବ୍ଲିଶର୍ସ, ୨୦୧୫, ପୃ. ୩୬୭

୮. ରାଓ, ମଧୁସୂଦନ , ନୀଳାଚଳ (ଅସଂପୂର୍ଣ୍ଣ କବିତା) ମଧୁସୂଦନ ଗ୍ରନ୍ଥାବଳୀ, ପୃ. ୧୫୨

		ନୀଳାଚଳ (ଜଗତ ଓ ଜଗନ୍ନାଥ)	'ନୀଳାଚଳ ଲୀଳାମୟ ଲୀଳାସ୍ଥଳୀ କମଳା ଆଳୟା ବିଳାସଗିରି ଭାରତ ଧରମ କରମ ଅପାର ଭାରତମାତାର ଲଲାଟ ଶିରୀ x x x 'ଅନାର୍ଯ୍ୟ ଦେଖଇ ଯା କନ୍ଦରେ ହରି ଶିଳା ରୂପଧାରୀ ନୀଳମାଧବ ଅର୍ଦ୍ଧ ଧରଣୀର ବଉଦ ଭକତେ ବୁଦ୍ଧ ଶୌଦ୍ଧଦନ ଗୋପୀବଲ୍ଲଭ' 'ବ୍ରହ୍ମବାଦୀ ଯହିଁ ନିଭୃତେ ଚିନ୍ତଇ ନିରିଗୁଣେ ନିତ୍ୟ ସଚ୍ଚିଦାନନ୍ଦ, ବେଦ ଅନ୍ତବାଦୀ ଶ୍ରୁତି ତତ୍ତ୍ୱଦର୍ଶୀ ପ୍ରଣବ ସ୍ୱରୂପ ଶ୍ରୀ ଆଦିକନ୍ଦ ସୁର ଗଣପତି-ଶିବଭକ୍ତ ବିଷ୍ଣୁ ରୂପେ ଭଗବାନ ରାଜନ୍ତି ନାହିଁ ମହୋଦଧି ତୀରେ ରାଜଇ ଯା ଶିରେ ପାପ ତାପ ନାଶି ପୁଣ୍ୟ କେତନ ସୁଦୂର ଆଗତ ବିଶ୍ୱାସୀ ଭକତ ଗତି ମୁକ୍ତି ଯହିଁ କଲେ ଦର୍ଶନ ।'[୯]	
୮.	ଭୀମଭୋଇ	ସ୍ତୁତି ଚିନ୍ତାମଣି	'ବେଦ ବଖାଣିଛି ଶାସ୍ତ୍ରରେ ଲିହିଛି ନିୟତ ପ୍ରମାଣ ସତ ନୀଳାଚଳ ପ୍ରଭୁ ବିରାଜ କରନ୍ତେ ନୀଳଗିରି ଜଗନ୍ନାଥ । ଅନୁସରି ବହୁ ଦିନୁ ଆଶା କରି ହୃଦୟ ପଦ୍ମରେ ଚିନ୍ତି, ମଉନରେ ବସି ନାମ ବୋଲାଇଲ ଦାରୁ ପ୍ରତିମା ମୂରତି । କୋଟି ଅବତାର ନୁହଇ ଗୋଚର ଭେଦ ନାହିଁ ବର୍ଣ୍ଣ ଚିହ୍ନ, ବିବିଧ କଳ୍ପଣା ଗପକୁ ରଚନା ତ୍ରିପଣ୍ଡ କାଳିଆ ନାମ ଝୀନ ବାସ ପୁଷ୍ପ ଅଙ୍ଗେ ଶୋଭା ସଞ୍ଚ ବଡ଼ ସିଂହାସନ ବେଶ, ରୂପକୁ କୋଟିଏ ସୂର୍ଯ୍ୟସମ ନୋହେ ଶ୍ରୀନାମ ବ୍ରହ୍ମ ଅଶେଷ ।'[୧୦]	
		ଶ୍ରୁତି ନିଷେଧ ଗୀତା	'ଏ ଘଟେ ଜଗନ୍ନାଥ ଅଛି, ପ୍ରତିମା ମିଛରେ ପୂଜୁଛି । ମୂର୍ତ୍ତି ପ୍ରତିମା ଶୁଷ୍କ କାଠ, ସେ ପୁଣି ନେବ କି ବୈକୁଣ୍ଠ ? ମିଥ୍ୟାରେ ଭୁଲି ମରେ ପ୍ରାଣୀ, ଘଟ ପ୍ରତିମାକୁ ନ ଚିହ୍ନି ତୁ ପରା ଅଟୁ ଜଗନ୍ନାଥ, ତୋ'ଶକ୍ତି ତୋତେ ନାହିଁ ଅନ୍ତ ।'[୧୧]	
୯.	ଗଙ୍ଗାଧର ମେହେର	ଉତ୍କଳ ଲକ୍ଷ୍ମୀ	'କଳି ଯୁଗେ ମନୋହର ପୁଣ୍ୟଧାମ ଅଟଇ ଉତ୍କଳ ଦେଶ ଯହିଁ ବିଜେ କରିଛନ୍ତି ଭଗବାନ ଧରି ଦାରୁଦେବତା ବେଶ' ମନେ ମନେ କେତେ ମୁଁ ବୋଇଲି ଧନ୍ୟ ଧନ୍ୟ ଗୋ ଉତ୍କଳମାତା ସର୍ବ ଦେବଦେବୀ ହେଉଛନ୍ତି ତୋର ବିଶୁଦ୍ଧ କୋଳରେ ଜାତ, ଏଣୁ ବିଜ୍ଞଜନ ବୋଲୁଥାନ୍ତି ପରା ସର୍ବତୀର୍ଥ ଘେନି ହରି । ପତିତପାବନ ରୂପେ ରହିଛନ୍ତି ନୀଳାଚଳେ ବିଜେ କରି ।'[୧୨]	

୯. ତତ୍ରୈବ : ନୀଳାଚଳ (ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ, ଲକ୍ଷ୍ମଣ କୁମାର ପରିଡ଼ା), ୨୦୦୨, ପୃ. ୯୦-୯୧

୧୦. ଭୋଇ ଭୀମ : ସ୍ତୁତି ଚିନ୍ତାମଣି, ଅଷ୍ଟମ ବୋଲି ପଦ ୩-୭

୧୧.ଭୋଇ ଭୀମ : ଶ୍ରୁତି ନିଷେଧ ଗୀତା, କଟକ : ପ୍ରାଚୀ ସମିତି, ୧ମ ମୁଦ୍ରଣ, ୨ୟ ପଦ, ପୃ. ୧୨୦-୧୩୨

୧୨. ମେହେର, ଗଙ୍ଗାଧର , ଉତ୍କଳ ଲକ୍ଷ୍ମୀ (ଗଙ୍ଗାଧର ଗ୍ରନ୍ଥାବଳୀ), କଟକ : ନ୍ୟୁ ଷ୍ଟୁଡେଣ୍ଟ ଷ୍ଟୋର, ୧୯୭୮, ପୃ.୫

୧୦.	ଚିନ୍ତାମଣି ମହାନ୍ତି	ମହୋଦଧି	'ମହୀମହିମିତ ମହାବ୍ଧି ତୁହିରେ, ମର୍ତ୍ତ୍ୟ ବଇକୁଣ୍ଠ ବିରାଜେ ତୋ ତୀରେ ଚାରିଧାମେ ସାର ଜଗନ୍ନାଥ ଧାମ, ସ୍ୱର୍ଗେ ଅନୁପମ, ମର୍ତ୍ତେ ଅଭିରାମ ଭାରତ-ଆକରେ ଉତ୍କଳ-ହୀରକ, ଶ୍ରୀକ୍ଷେତ୍ର ତାହାର ଆଲୋକ ଝଲକ ଭାରତ-ଆଶ୍ରମେ ବେଦିକା ଉତ୍କଳ, ପୁଣ୍ୟ ବେଦଧ୍ୱନି ତହିଁ ନୀଳାଚଳ, ଅଥବା ଭାରତ ରମ୍ୟ ଉପବନ, ଉତ୍କଳ ତହିଁରେ ପ୍ରଫୁଲ୍ଲ ସୁମନ । ଯୁଗେ ଯୁଗେ ଆର୍ଯ୍ୟ ଧର୍ମର ବର୍ତ୍ତିକା, ତୋଳିଛି ଯେ କ୍ଷେତ୍ରେ ସମୁଜ୍ଜ୍ୱଳ ଶିଖା । ଭାଗ୍ୟଧରେ ଧନ୍ୟ ତୁହି ମହୋଦଧି, ପଖାଳୁ ସେ କ୍ଷେତ୍ର ପାଦ ନିରବଧି ।'[୧୩]	
୧୧.	ନନ୍ଦ କିଶୋର ବଳ	ନୀଳାଦ୍ରି କନ୍ଦର	'ବିରାଟ ନୀଳାମ୍ବୁ ତଟ ପ୍ରାନ୍ତେ ଉଭା ଉଚ୍ଚ ନୀଳାଦ୍ରି କନ୍ଦର, ବିଶାଳ ବାରିଧି ତୀରେ ଦେଶେ ତୀର୍ଥରାଜି ଅପୂର୍ବ ସୁନ୍ଦର । x x x ମହାସିନ୍ଧୁ ସୁପବିତ୍ର କୂଳ ବିଶ୍ୱପିତା ପୂଜା ଅନୁକୂଳ, କେଉଁ ଯୁଗେ କେଉଁ ଶୁଭକ୍ଷଣେ ଭକ୍ତ ପ୍ରାଣ କଲାକ ଆକୁଳ, ସୁବିଶାଳ ସିକତା ପ୍ରାନ୍ତରେ ବିସ୍ତୀର୍ଣ୍ଣ ଏ ମହାସିନ୍ଧୁ ତଟେ । ତୋଳିଲା ଏକ ଉତ୍ତୁଙ୍ଗ ମନ୍ଦିର ନୀଳାଚଳ ମହାବ୍ୟୋମ ପଟେ । ଧନ୍ୟ ଧନ୍ୟ ହେ ଭକ୍ତ ପ୍ରବର ! ସତ୍ୟ-ଶିବ-ସୁନ୍ଦର-ସ୍ୱପନ, ନିରେଖିଲ କି ଶୁଭ ନିଦ୍ରାରେ ଭକ୍ତିପୂତ ତବ ଉଚ୍ଚମନ । ବିଶାଳ ଏ ନିଳାବ୍ଧି ପୁଳିନେ ପବିତ୍ର ସିକତାମୟ ସ୍ଥାନ, ସୁନ୍ଦର ଏ ନୀଳାଦ୍ରି କନ୍ଦରେ ଉତ୍ତୁଙ୍ଗ ମନ୍ଦିର ମହୀୟାନ କି ଶୁଭ ମୁହୂର୍ତ୍ତେ ଭକ୍ତପ୍ରାଣେ ଏ ଦିବ୍ୟ ସଂକଳ୍ପ ଅବତୀର୍ଣ୍ଣ, ହିମାଦ୍ରିରୁ କୁମାରିକା ଯାଏ ହେଲା କାଳେ ପ୍ରତିଭା ବିକୀର୍ଣ୍ଣ । କେତେ ଯୁଗ ଯୁଗାନ୍ତରବଧି କେତେ ଦେଶ ଦେଶାନ୍ତରବାସୀ, ଭକ୍ତଗଣ ଆକୁଳ-ଅନ୍ତରେ ଧନ୍ୟ ହେଲେ ଏ ସୁତୀର୍ଥେ ଆସି । ଜଗନ୍ମୟ ଦେଖି ଜଗନ୍ନାଥେ ପରମରେ ସ୍ଥିତି ଏ ଜୀବର, ଏ ବିଶ୍ୱ ସଂସାରରେ ଓତପ୍ରୋତଃ ଭାବେ ଯେଣୁଛନ୍ତି ବିଶ୍ୱେଶ୍ୱର ।	

୧୩. ମହାନ୍ତି, ଚିନ୍ତାମଣି, ମହୋଦଧି, କଟକ : ଉତ୍କଳ ସାହିତ୍ୟ ପ୍ରେସ, ୧୯୧୮, ପୃ. ୩୫

			ଏହିପରି ଏହି ପୁଣ୍ୟତୀର୍ଥେ କେତେ କେତେ ସାଧୁ ମହାଜନ, ପୂତ କରି ପୂତ ହୋଇ ନିଜେ ନୀଳାଚଳେ କଲେ ବିଚରଣ ।'[୧୪]	
୧୨.	ଗୋପବନ୍ଧୁ ଦାସ	ବନ୍ଦୀର ଆତ୍ମକଥା	'ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ, ଉତ୍କଳର ନେତା ନିଜେ ନାରାୟଣ । ଏହି ସେ ଉତ୍କଳ ପୁଣ୍ୟ ଦେବସ୍ଥଳୀ, ହୋଇଛନ୍ତି ଠୁଳ ଯହିଁ ତୀର୍ଥାବଳୀ । ତା ମଧ୍ୟେ ବିରାଜେ ପୁଣ୍ୟ ନୀଳାଚଳ, ଭାରତର ଧର୍ମ-ହୃଦ-ଶତଦଳ । ଏବେ ନୀଳାଚଳେ ବିଜେ ଜଗନ୍ନାଥ, ତେବେ କିମ୍ପା କହ ଉତ୍କଳ ଅନାଥ । ନାହିଁ ପୂର୍ବ ବଳ, ନାହିଁ ପୂର୍ବ ଧର୍ମ, ନାହିଁ ପୂର୍ବ ସତ୍ୟ, ନାହିଁ ପୂର୍ବ କର୍ମ, ଉତ୍କଳବାସୀର ଦେଖି ଏ ଦୁର୍ଗତି, ଦାରୁଭୂତ ଏବେ ନୀଳାଚଳ ପତି । ମାତ୍ର ବୁଝ ଭାଇ, ହେଲେ ଧର୍ମ ବଳ, ନବ ତେଜେ ପୁଣି ଜାଗିବ ଉତ୍କଳ । କ୍ଷୀଣ ହେଲେ କେବେ ଧାର୍ମିକ ଶକତି, ଆସନ୍ତି ଓହ୍ଲାଇ ପ୍ରଭୁ ବିଶ୍ୱପତି । ନିତ୍ୟ ଧାମୁ ଛାଡ଼ି ରତ୍ନ ସିଂହାସନ, କରିବାକୁ ଧର୍ମ ପକ୍ଷ ସମର୍ଥନ ।'[୧୫]	
		ପ୍ରାର୍ଥନା	'ହିନ୍ଦୁ ଖ୍ରୀଷ୍ଟ ଜୈନ ମୁସଲମାନ, ଭେଦ ଭୁଲି ଏବେ ସର୍ବେ ସମାନ । ଭ୍ରାତୃ ପ୍ରେମ ଡୋରେ ହୋଇଣ ବାନ୍ଧି, ଜଣାଉଛି ତବ ଛାମୁରେ କାନ୍ଦି । ଅରକ୍ଷିତ ଶିଶୁ କୁଳ ହେ, ଜନନୀ ବିଷାଦେ ଭସାଇ ନ ଦିଅ କେବେ ପ୍ରଭୁ ଆଦି ମୂଳ ହେ ।'[୧୬]	
	ଗୋଦାବରୀଶ ମିଶ୍ର	କଳାପାହାଡ଼	'ଦେଖ ଜଗନ୍ନାଥ ଜଗତ୍ର ଗୋସାଇଁ ବସି ନୀଳାଚଳ ପୀଠେ, ପୂଜା ପାଉଛନ୍ତି ମଣିଷ ସିନା ଲୋ ଗଢ଼ିଛି ଆପଣା ହାତେ ।'[୧୭]	

୧୪. ବଳ, ନନ୍ଦକିଶୋର, ନୀଳାଦ୍ରି କନ୍ଦର (ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ, ଲକ୍ଷ୍ମଣ କୁମାର ପରିଡ଼ା) ୨୦୦୨, ପୃ. ୯୨-୯୩

୧୫. ଦାସ, ଗୋପବନ୍ଧୁ, ବନ୍ଦୀର ଆତ୍ମକଥା, କଟକ : ଗୋପବନ୍ଧୁ ସାହିତ୍ୟ ମନ୍ଦିର, ୧୯୭୪, ପୃ. ୮, ୯-୧୦

୧୬. ଦାସ, ଗୋପବନ୍ଧୁ, ଅବକାଶ ଚିନ୍ତା, କଟକ : ଗୋପବନ୍ଧୁ ସାହିତ୍ୟ ମନ୍ଦିର, ୧୯୭୧, ପୃ. ୧୦୪

୧୭. ମିଶ୍ର, ଗୋଦାବରୀଶ, ଆଲେଖିକା (ଗୋଦାବରୀଶ ମିଶ୍ର ଗ୍ରନ୍ଥାବଳୀ), କଟକ : ଷ୍ଟୁଡେଣ୍ଟ ଷ୍ଟୋର, ୧୯୬୦, ପୃ. ୨୯୬

		ଗାଲମାଧବ	'କେତେ ଦେଶେ କେତେ ନାହାନ୍ତି, ଦେବତା ଚଣ୍ଡୀ, ବିଶ୍ୱନାଥ, କାଳୀ, ଏକ ଏକ ପୀଠ ମାଡ଼ି ବସନ୍ତି ଲୋ ନିଜ ପୃଥ୍ୱୀ ଖଣ୍ଡ ଗଳି । ଜଗନ୍ନାଥ କାହିଁ ନୀଳାଚଳେ ବିଜେ ମଣିଷ ହାତ ଦେଉଳେ, ବସି, ସ୍ୱର୍ଗ, ମର୍ତ୍ତ୍ୟେ ପାତାଳେ ଅଛି ଲୋ ଶୁଣି ବୁଝୁଛନ୍ତି ଭଲେ । ଧନ୍ୟ ଏ ଓଡ଼ିଆ ଜଗତ ପତିଙ୍କି ଘରେ ଆଣି କରେ ପୂଜା, ଦେବ ପୁରୀ ବୋଲି ଓଡ଼ିଶା ଦେଶ ଲୋ ମହୀରେ ଉଡୁଛି ଧ୍ୱଜା । ଜମ୍ବୁ ଦ୍ୱୀପେ ଯେତେ ସାଧୁ କି ଭଗତ ଶ୍ରୀକ୍ଷେତ୍ରେ ଆସି କେ ନାହିଁ, ଦଣ୍ଡେ ନୀଳଚକ୍ର ଛାଇରେ ବସିଲୋ ସ୍ୱର୍ଗେ ଚାଲି ଯାନ୍ତି ଜୀଇଁ ।'[୧୮]	
	କାଳୀଚରଣ ପଟ୍ଟନାୟକ	ଜଗବନ୍ଧୁ ହେ	'ଜଗବନ୍ଧୁ ହେ ! ବନ୍ଧୁ ଯଦୁନନ୍ଦନ ! ପ୍ରଭୁପଣେ ବଡ଼ ପତାକା ଉଡୁଛି, ବୋଲାଉଛ ପରା ଜଗବନ୍ଦନ ।'[୧୯]	
	ବଂଶୀଧର ମହାନ୍ତି	ଶ୍ରୀମର୍ତ୍ତ୍ୟ ବୈକୁଣ୍ଠ	'ଜଗତର ନାଥ ପ୍ରଭୁ ଜଗନ୍ନାଥ ବସିଛ ପୁରୁଷୋତ୍ତମେ x x x ସମୁଦ୍ର ଭିତରେ ଶ୍ରୀମହାକ୍ଷେତ୍ରରେ ଶଙ୍ଖନାଭିର ମଧ୍ୟରେ, ଶ୍ରୀନୀଳକନ୍ଦର ବୋଲି ଯେଉଁ ନାମ କର୍ଣ୍ଣ ଡେରି ଶୁଣ ନରେ ।'[୨୦]	
	କାଳିନ୍ଦୀ ଚରଣ ପାଣିଗ୍ରାହୀ	ପୁରୀ ମନ୍ଦିର	'କାଷ୍ଠ ପାଷାଣ ଗଠିତ ହେ ନିର୍ଜୀବ ମୂରତି ଏ ଦେଶ ଶୋଣିତେ ଆଜି ଜାଗ୍ରତ ଯେ ବିଶ୍ୱର କୀରତି ମାନବର ଶିଳ୍ପକଳା କଳ୍ପନା ଘଟିତ ଯୁଗ ଯୁଗ ଧରି ଯାହା ହୋଇଛି ଗଠିତ ମାନବର ହସ୍ତେ ବହି ରୂପ ଭାଗ୍ୟେ ତା'ର କରୁଛ ବିଦ୍ରୂପ	

୧୮. ମିଶ୍ର, ଗୋଦାବରୀଶ, ଗାଲମାଧବ, ତତ୍ରୈବ, ପୃ. ୩୧୪

୧୯. ପଟ୍ଟନାୟକ, କାଳୀଚରଣ, ଅଭିଯାନ, କଟକ : ୟୁନାଇଟେଡ ବୁକ୍ ହାଉସ୍, ୨୦୦୧, ପୃ. ୧୦

୨୦. ମହାନ୍ତି, ବଂଶୀଧର , ଶ୍ରୀମର୍ତ୍ତ୍ୟ ବୈକୁଣ୍ଠ, (ସଂ-ଦୁର୍ଗାମାଧବ ନନ୍ଦ), ସତ୍ୟ ନାରାୟଣ ମହାନ୍ତି, ପୁରୀ :ରାମଚଣ୍ଡୀ ସାହି, ୨୦୦୭, ପୃ. ୫

			ଅନନ୍ତ ଗୁହାରି, ଶୁଣକି ତାହାରି ଶୂନ୍ୟ ପ୍ରାଣ, ହେ ପାଷାଣ । ନ ଲଭି ସାନ୍ତ୍ୱନା କାହିଁ ଭଗ୍ନ ପ୍ରାଣ ମାନବ ସନ୍ତାନ କାଷ୍ଠ ପାଷାଣର ଦେହେ କରଇ ସେ ଦେବତା ନିର୍ମାଣ ।'[୨୧]	
	ଅଗାଧୁ ଭଞ୍ଜ	ନୀଳାଦ୍ରିଶ ବିଳାସ	'ରଖ ବା ନରଖ ମୋତେ କାହା ସାଥେ ଗଣି, ରକ୍ଷଣ କରତା ବୋଲି ମୁଁ ତ ଅଛି ମଣି । ରମା ଧବ ହେ କେଶବ, ରଖିବାର ହେଉ କୀର୍ତ୍ତି ନୀଳାଦ୍ରି ମାଧବ । ଲକ୍ଷ ଲକ୍ଷ ପତିତ ଯେ ଛାମୁକୁ ଆସନ୍ତି, ଲକ୍ଷ ରଖି ବଙ୍କା ନେତ୍ରେ ମୋକ୍ଷ ମନାସନ୍ତି । ଲକ୍ଷ୍ମୀପତି ତାଙ୍କ ଦୁଃଖ, ଲଘୁ କର କିମ୍ବା ହେବ ମୋ ପାଇଁ ବିମୁଖ । ବହୁଭାଷୀ ହୁଏ ମୂକ ତୁମ୍ଭ କଲ୍ୟାଣରେ, ବିହରଇ ପଙ୍ଗୁ ଚଢ଼ି ଗିରି ଶୃଙ୍ଗ ପରେ ବୁଡ଼େ ନାହିଁ ଜଳେ ଶିଳା, ବିଶ୍ୱ ହିତେ ସୃଷ୍ଟି କର ବଇଚିତ୍ର ଲୀଳା ।'[୨୨]	
	ରାଧାମୋହନ ଗଡ଼ନାୟକ	ଶ୍ରୀୟା ଚଣ୍ଡାଳୁଣୀ	'ଏଣିକି ଆମ ଦେଉଳେ ଜାଣ ସଭିଏଁ ହେବେ ଏକଇ ପ୍ରାଣ ଦେଉଳେ ଥିଲା ଯେ ଭେଦାଭେଦ ଏଥର ହେଲା ରଦ ଚଣ୍ଡାଳର ହାତରୁ ଦ୍ୱିଜ ଖାଇବେ ମାହାରଦ ।'[୨୩]	
	ସଚ୍ଚିଦାନନ୍ଦ ରାଉତରାୟ	ଶ୍ରୀଗୁଣ୍ଡିଚା (କବିତା)	'କେଉଁ ଗୂଢ଼ ଗୋଷ୍ଠୀର ଇଚ୍ଛାରୁ ତୁମେ କି ଛୁଟିଛ କହ ବ୍ୟକ୍ତିର ଗୋଷ୍ପଦେ ନା ଅନାର୍ଯ୍ୟ ଅରଣ୍ୟ ପ୍ରାନ୍ତୁ ଯୌଥ ପାରବଶ୍ୟୁ ନୀଳ ପଥରର କେଉଁ ଅନାହତ ସ୍ଥାଣୁ ରହସ୍ୟ ଚିହ୍ନରୁ ଆର୍ଯ୍ୟର ଜଙ୍ଗମେ, ସମୁଦ୍ର ସଙ୍ଗମେ ।'[୨୪]	
		ରଥଯାତ୍ରା (କବିତା)	'ସେ ଆଖି ହିଁ ଦେହ, ତାହା ମନ, ତାହା ଆତ୍ମା, ତାହା ପରମ୍ପରା, x x x ଦୁଇଟି ବ୍ରହ୍ମାଣ୍ଡ ପରି ସେଇ ଦୁଇ ଡୋଳା ଯା'ର ଚତୁର୍ଦ୍ଦିଗେ ଘୂରେ ସୂର୍ଯ୍ୟ, ଘୂରେ ଚନ୍ଦ୍ର, ତାରା,	

୨୧. ପାଣିଗ୍ରାହୀ, କାଳିନ୍ଦୀଚରଣ : ପୁରୀ ମନ୍ଦିର (କବି କଣ୍ଠେ ଶ୍ରୀଜଗନ୍ନାଥ-ମୁ.ଜେନା), ୨୦୧୫, ପୃ.୬୫୦

୨୨. ଭଞ୍ଜ, ଅଗାଧୁ, ନୀଳାଦ୍ରିଶ ବିଳାସ (ମଝିଆଁ ଖଣ୍ଡ) ପୁରୀ : ରଣପୁର, ପ୍ରଥମ ଛନ୍ଦ, ପଦ ୩୯-୪୧

୨୩. ଗଡ଼ନାୟକ, ରାଧାମୋହନ , ଶାମୁକାର ସ୍ୱପ୍ନ, କଟକ : ଫ୍ରେଣ୍ଡସ ପବ୍ଲିଶର୍ସ, ୧୯୭୨, ପୃ. ୩୬

୨୪. ରାଉତରାୟ, ସଚ୍ଚିଦାନନ୍ଦ , ଶ୍ରୀ ଗୁଣ୍ଡିଚା,(କବିତା-୧୯୬୨), ପୃଷ୍ଠା ୪୬

			ଗ୍ରହ, ଉପଗ୍ରହ, ବ୍ୟୋମ, ବାୟୁ, ଶୂନ୍ୟ ମହାଶୂନ୍ୟ ତାହା ଏକ ଶୂନ୍ୟର ଡାକରା ମହାଶୂନ୍ୟ ଆଡ଼େ ସେ ଆଖିର ପଲକରେ ମୁଁ ଦେଖିଲି ଧ୍ୱଂସ ହୋଇଯାଏ ମୋର ସ୍ଥିତ ଅଣୁ, ପରମାଣୁ, ଦେଖେଁ ସ୍ୱୟଂ ମଘବାନ ଆସି ଆରମ୍ଭନ୍ତି ସ୍ତୁତି ମହେଶ୍ୱର କରଯୋଡ଼ି ଠିଆ, ବ୍ରହ୍ମାଏ ପଢ଼ନ୍ତି ବେଦ, କିନ୍ନର କିନ୍ନରୀ ଢାଳନ୍ତି ଚାମର। କାହିଁ ଗଲେ ଲୋକମାନେ କୁଆଡ଼େ ଉଭେଇଗଲା ଏତେ କୋଳାହଳ ?'[୨୫]	
	ଅନନ୍ତ ପଟ୍ଟନାୟକ	ନିଜ ବନ୍ଦନା ପଢ଼େ	'ମୁଁ କିରେ ଖୋଲୁନି ମର୍ମର ଖଣି ମରୁ - ଖର୍ଜ୍ଜୁରେ ଫୁଲ-ଫଲ୍‌ଗୁର ଧାରା ? ମୁଁ କିରେ ବୁଣୁନି, ଜଗନ୍ନାଥର ବୀଜ ଓଁକାରେ 'ଜାରା' ଜୀବନରେ କେତେ ଝୁମୁରର ଜ୍ୱାଳା ?'[୨୬]	
	ଜୟକୃଷ୍ଣ ମିଶ୍ର	ନୀଳାଦ୍ରି ଚରିତ	'ହିନ୍ଦୁଧର୍ମ ଲୀଳାକ୍ଷେତ୍ର ଏ ତୁ ନୀଳାଚଳ, ଅଦ୍ୱୈତବାଦର ସାର ଆଦରଶ ସ୍ଥଳ ସକଳ ଶ୍ରେଣୀର ଆସି ହିନ୍ଦୁ ସୁସନ୍ତାନେ, ତେଜି ଭେଦାଭେଦ ଜ୍ଞାନ ଏ ପବିତ୍ର ସ୍ଥାନେ । ଏକ ପାତ୍ରେ ବସି ସର୍ବେ କରନ୍ତି ଭୋଜନ ଅନ୍ୟତ୍ର ଦୁର୍ଲ୍ଲଭ ଭବେ ଏ ଅନ୍ନ ବ୍ୟଞ୍ଜନ ସେ ପୁରୁଷୋତ୍ତମ ଧାମ ମହିମା ବୈଭବ, ନ ଲେଖି ପାରିବ ଅବା ବିସ୍ତାରି ସରବ ।'[୨୭]	
	ସୋମଭୂଷଣ ସିଂହ	ଗଜେନ୍ଦ୍ର ମୋକ୍ଷଣ	'ଜୟ ଜଗତ ଜୀବନ ପତିତ ପାବନ ଜୟ ଭକତ ବତ୍ସଳ ତ୍ରିଲୋକ ଭାଜନ ।'[୨୮]	
	ରାମକୃଷ୍ଣ ଶାହ	ଲକ୍ଷ୍ମୀ	'ଉତ୍କଳ ଭୁବନେ ନୀଳାଚଳ ନାଥ ବିଜେ କରିଛନ୍ତି ଯହିଁ, କିଛି ଭେଦାଭେଦ ଆଚାର ବେଭାର ବାରଣ ନ ଥାଏ ତହିଁ ।'[୨୯]	
	ବାଞ୍ଛାନିଧି ଦାଶ	ବଡ଼ ଦେଉଳରୁ ପହଣ୍ଡି ବିଜେ	'ବଡ଼ ଦେଉଳରୁ ପହଣ୍ଡି ବିଜେ ଲୋ କୃପାମୟ ଚକା ଆଖି, ଭକତ ଜଳରେ ଜଡ଼ି ସଢ଼ି କୋଟି ନୟନ ରହିଛି ଲାଖି ଲୋ ।'[୩୦]	

୨୫. ରାଉତରାୟ, ସଚ୍ଚିଦାନନ୍ଦ, ରଥଯାତ୍ରା (କବି କଣ୍ଠେ ଶ୍ରୀଜଗନ୍ନାଥ-ମୁରାରି ମୋହନ ଜେନା) କଟକ : ଫ୍ରେଣ୍ଡସ ପବ୍ଲିଶର୍ସ, ୨୦୧୫, ପୃ. ୬୨୫-୬୨୬

୨୬. ପଟ୍ଟନାୟକ, ଅନନ୍ତ , ନିଜ ବନ୍ଦନା ପଢ଼େ (ଓ.ସା.ଜ ଚେତନା- ବାସୁଦେବ ସାହୁ, ୨ୟ ଭାଗ), ୧୯୯୩, ପୃ.୩୯

୨୭. ମିଶ୍ର, ପଣ୍ଡିତ ଜୟକୃଷ୍ଣ, ନୀଳାଦ୍ରି ଚରିତ (ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ, ଲକ୍ଷ୍ମଣ କୁମାର ପରିଡ଼ା, ୨୦୦୨, ପୃଷ୍ଠା : ୧୦୬

୨୮. ସିଂହ, ଯୁବରାଜ ସୋମଭୂଷଣ, ଗଜେନ୍ଦ୍ର ମୋକ୍ଷ, ତତ୍ରୈବ, ପୃ. ୧୦୬

୨୯. ଶାହ, ରାମକୃଷ୍ଣ , ଲକ୍ଷ୍ମୀ, ତତ୍ରୈବ, ପୃଷ୍ଠା. ୧୦୭

୩୦. ଦାଶ, ବାଞ୍ଛାନିଧି , ବଡ଼ ଦେଉଳରୁ ପହଣ୍ଡି ବିଜେ (କବି କଣ୍ଠେ ଶ୍ରୀଜଗନ୍ନାଥ-ମୁରାରି ମୋହନ ଜେନା) କଟକ : ଫ୍ରେଣ୍ଡସ ପବ୍ଲିଶର୍ସ, ୨୦୧୫, ପୃ. ୪୯୬

	କବି ଶେଖ ବାକର	ବାରେ ଚକାନୟନ	'ବାରେ ଚକାନୟନ ଦିଅ ଖୋଲି ହେ ତୁମକୁ ପଚାରି ନେବି କାହିଁକି ? ସାରା ଦୁନିଆଁ ଗଢ଼ିଛ ପରମାତ୍ମା ଏଠି ଏଡ଼େ ଅବିଚାର କାହିଁକି ?'[୩୧]	
	ମଧୁସୂଦନ ବାବା	ସାର୍ବଜନୀନ ଠାକୁର	'ସାର୍ବଜନୀନ ଠାକୁର ସବୁରି ଈଶ, ପୁରୀ କ୍ଷେତ୍ର ସାମ୍ୟଭାବ କଲ ପ୍ରକଟ ।'[୩୨]	

ଉପର୍ଯ୍ୟୁକ୍ତ 'ଚାର୍ଟ'ରୁ ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ଓ ବିଂଶ ଶତାବ୍ଦୀର ଅଶୀ ଦଶକ ପର୍ଯ୍ୟନ୍ତ ସମୟ ମଧ୍ୟରେ ରଚିତ ଓଡ଼ିଆ କବି ଓ କବିତାମାନଙ୍କ ସମ୍ପର୍କରେ ଆମ୍ଭେ ଉଦାହରଣ ପୂର୍ବକ ଆଲୋଚନା କରିଅଛୁ । ସେଥିରେ ଓଡ଼ିଆ କବିମାନେ ଜଗତ+ନାଥ, ଜଗନ୍ନାଥଙ୍କର ବିଶ୍ୱବନ୍ଦିତ ରୂପକୁ ବର୍ଣ୍ଣନା କରିଯାଇଛନ୍ତି । ବସ୍ତୁତଃ ସେମାନଙ୍କ ଦୃଷ୍ଟିରେ ବିଶ୍ୱରେ ସାମ୍ୟ, ମୈତ୍ରୀ, ମାନବିକତା, ଆଧ୍ୟାତ୍ମିକତା, ବିଶ୍ୱଭ୍ରାତୃତ୍ୱ, ସମାନତା ପ୍ରଭୃତିର ପ୍ରତୀକ ରୂପେ ଶ୍ରୀଜଗନ୍ନାଥ ଉଭା ହୋଇଥିବା ପରିଦୃଷ୍ଟ ହୁଏ । ପ୍ରସଙ୍ଗ କ୍ରମେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ, 'କାର୍ଲମାର୍କସ୍'ଙ୍କ ସାମ୍ୟବାଦ ଓ ମାନବବାଦ ମଣିଷମାନଙ୍କର ଭ୍ରାତୃବାଦ ଓ ଈଶ୍ୱରଙ୍କ ଦୃଷ୍ଟିରେ ସମସ୍ତ ମଣିଷ ପ୍ରତି ସମାନ ବିଚାର ଭାବ ପ୍ରଭୃତି ବିଶ୍ୱୈକ ଭାବଗୁଡ଼ିକର ସମନ୍ୱିତ ରୂପ ହେଉଛନ୍ତି ଶ୍ରୀଜଗନ୍ନାଥ ଓ ତାଙ୍କର ପତିତପାବନ ପତାକାର ବୈଶିଷ୍ଟ୍ୟ । ଏହି ଚେତନା ବିଂଶ ଶତାବ୍ଦୀର ଶେଷ ଦଶକ ଦ୍ୱୟରେ ବିଶେଷ ଭାବେ ଜଗନ୍ନାଥ ପ୍ରେମୀ ଆଧୁନିକ କବିମାନଙ୍କୁ ବିଶେଷ ଭାବେ ପ୍ରଚୋଦିତ କରିଥିଲା, ଯାହାର ପ୍ରଭାବ ଆମ୍ଭେ ୧୯୮୦ ମସିହା ପରବର୍ତ୍ତୀ କାବ୍ୟକବିତାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ରଚିତ କବିତାଗୁଡ଼ିକରୁ ଲକ୍ଷ୍ୟ କରି ପାରିଥାଉ । ଏହାକୁ ଆଧାର କରି ଆମ୍ଭେ ଅନ୍ୟ ଏକ ସାରଣୀ ମାଧ୍ୟମରେ ସେଗୁଡ଼ିକୁ ପ୍ରଦାନ କରିବାକୁ ଉଦ୍ୟମ କରିଅଛୁ ।

ସାରଣୀ - ୨

୧୯୮୦ ମସିହା ପରବର୍ତ୍ତୀ ଉତ୍ତର ଆଧୁନିକ ଓଡ଼ିଆ କବିତାରେ ଶ୍ରୀ ଜଗନ୍ନାଥ ଚେତନା

କ୍ର.ନଂ	କବିଙ୍କ ନାମ	ଶ୍ରୀଜଗନ୍ନାଥ କୈନ୍ଦ୍ରିକ ସୃଷ୍ଟି ସମ୍ଭାର	ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ସମ୍ବନ୍ଧୀୟ ଉପାଦାନ	ମନ୍ତବ୍ୟ
୧	ଗୁରୁପ୍ରସାଦ ମହାନ୍ତି	ଅକ୍ରୁର ଉବାଚ	'ମହାପ୍ରଭୁ ! ମୁକ୍ତି ଦିଅ ଏହି ଯାତ୍ରା ଶୁଭ ହେଉ ତୁମର ଦୟାରୁ ଏହି ଯାତ୍ରା ହେଉ ମୋର ଶେଷ ଯାତ୍ରା ଏ ଦେହରୁ ତୁମର ସଂହାର ଡେଇଁ ବହୁତ ବହୁତ କ୍ଳାନ୍ତି, ପୁନରୁକ୍ତି ଏ ଆତ୍ମାର ଆଉ ତୁମ ଦୟା, କ୍ଷମା, କରୁଣାର ସମୁଦ୍ର କୂଳରୁ ମହାପ୍ରଭୁ ! ସେଇ ଜଗନ୍ନାଥ ।'[୩୩]	

---

୩୧. ତତ୍ରୈବ, ପୃ. ୫୩୦

୩୨. ପରିଡ଼ା, ଲକ୍ଷ୍ମଣ କୁମାର, ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ, ୨୦୦୨, ପୃ. ୧୦୮

୩୩. ମହାନ୍ତି, ଗୁରୁପ୍ରସାଦ, ଅକ୍ରୁର ଉବାଚ, (ସଂ-ସମୁଦ୍ର ସ୍ନାନ), ପୃ. ୬୯

୨.	ବେଣୁଧର ରାଉତ	ନିତ୍ୟ କାଳଚାରୀ	'ମୋ ହୃଦୟ ଶିଳା ରୁକ୍ଷ ତା' କନ୍ଦର କୃଷ୍ଣନୀଳ ପୁରୁଷ ତିମିରେ ଝୁଲି ଝୁଲି ଆସ ମୋର ନୀଳ ହାତୀ ସିକ୍ତ ହେଉ ତୁମ ମଦ ନୀରେ ।'[୩୪]	
୩.	ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)	ଶ୍ରୀକ୍ଷେତ୍ର ତୁମର	'ସେଇଠି ହୁଅନ୍ତି ଠୁଳ, କ୍ଲାନ୍ତପକ୍ଷ, ଅବଶ ଆତୁର ବିଷାଦର ପକ୍ଷୀ ସବୁ କେତେ ଦୂରୁଁ ଆସି କିଏ ପୁଣି ସମର୍ପନ୍ତି ଶ୍ରୀକ୍ଷେତ୍ର ତୁମରି ଧୂପ, ଦୀପ, ଫୁଲ ଆଉ ଚନ୍ଦନ ତୁଳସୀ ।'[୩୫]	
୪.	ଦୁର୍ଗାଚରଣ କୁଅଁର	ଜଗନ୍ନାଥ କଳାଶ୍ରୀ	'ବିଶ୍ୱ ବ୍ରହ୍ମାଣ୍ଡର ସବୁ କଳାଯାକ ହୋଇ ଘନୀଭୂତ, ଗଠିତ କି ଦେହ ତବ ? ସେଥିପାଇଁ ତୁମେ ବିଶ୍ୱରୂପ । କୋଟି ସୂର୍ଯ୍ୟ ଗ୍ରହ ତାରା ଲୀନ ଅବା ସେ ଚକ୍ଷୁ ଗୋଲକ ଭୟ ଲାଗେ ସେଥିପାଇଁ ଛିଡ଼ାହେଲେ ତୁମର ସମ୍ମୁଖେ, ଆଶ୍ଚର୍ଯ୍ୟ ସେ ଦୃଷ୍ଟି ତବ ଜଗତର ପରମ ବିସ୍ମୟ ସବୁ ଗର୍ବ ଅହଂକାର ଲଭେ ତହିଁ ଚରମ ବିଲୟ ଜ୍ଞାନ ବୁଦ୍ଧି ପରାହତ ସେ ଦୃଷ୍ଟିର ଉଜ୍ଜ୍ୱଳ ଆଲୋକେ ଶତ ମତ ଶତ ପଥ ଏକ ହୁଏ ସେ ଦୃଷ୍ଟି ଇଙ୍ଗିତେ ।'[୩୬]	
୫.	ବ୍ରହ୍ମୋତ୍ରୀ ମହାନ୍ତି	ତମେ ଓ ମୁଁ	'ବିସ୍ମୟେ ମୁଁ ହତବାକ, ନୟନ ମୋ ଅଶ୍ରୁ ବନ୍ୟା ଚାପିରଖି ଅନ୍ତରର ଉଚ୍ଛ୍ୱସିତ କୋହ ଚକାନୟନକୁ ତବ ଭାବୁଥିଲି କେତେ ମୁଁ ନିର୍ବୋଧ ସତେ ସସୀମ ଚିନ୍ତାର ମଧ୍ୟେ ସବୁବେଳେ ମାପିଛି ତୁମକୁ ।'[୩୭]	
୬.	ଶରତ ଚନ୍ଦ୍ର ପ୍ରଧାନ	ଉଚ୍ଚୈଶ୍ରବା	'ମୁଁ ଡାକଇ ଆସ ନାଥ ଅଗତିର ଗତି, ଏ ଦେହରୁ ଲିଭିଯାଏ ଭୋଦୁଅର ତାତି । କିପରି ଗାଇବି ତୋର ମଙ୍ଗଳ ବିଧାନ, ମରଣ କିପରି ହେବ ଅମୃତ ସୋପାନ । କହ ପ୍ରଭୁ ଚକାଡୋଳା ବଳିଆର ଭୁଜ, ଆଜିର ଏ ଯାତ୍ରା ଶେଷେ ହଜେ ମୋର ଉଚ୍ଚୈଶ୍ରବା ଐରାବତ ଗଜ ।'[୩୮]	

---

୩୪. ରାଉତ, ବେଣୁଧର, ନିତ୍ୟ କାଳଚାରୀ, ଝଙ୍କାର, ଜୁଲାଇ, ୧୯୬୯, ମଙ୍ଗଳାଚରଣ, ପୃ. ୩୩୪

୩୫. ମହାନ୍ତି, ଜାନକୀବଲ୍ଲଭ, ଶେଷାବତରଣ, କଟକ : ପ୍ରସାଦ ପ୍ରକାଶନୀ, ୧୯୯୮, ପୃ. ୬୦

୩୬. କୁଅଁର, ଦୁର୍ଗାଚରଣ, ଜଗନ୍ନାଥ, ତତ୍ରୈବ, ପୃ. ୬୩୫

୩୭. ମହାନ୍ତି, ବ୍ରହ୍ମୋତ୍ରୀ, ତମେ ଓ ମୁଁ (ଶ୍ରୀମନ୍ଦିର, ଶ୍ରୀଗୁଣ୍ଡିଚା, ବିଶେଷାଙ୍କ, ୧୯୮୨)

୩୮. ପ୍ରଧାନ, ଶରତଚନ୍ଦ୍ର, ଉଚ୍ଚୈଶ୍ରବା (ସଂ-ଆଧୁନିକ ଓଡ଼ିଆ କବିତା, ସଂଘମିତ୍ରା ମିଶ୍ର) ଭୁବନେଶ୍ୱର : ଜ୍ଞାନଯୁଗ ପବ୍ଲିକେଶନ, ୨୦୦୪, ପୃ. ୭୨

୭.	ରମାକାନ୍ତ ରଥ	ଅନ୍ତର୍ଯ୍ୟାମୀ ପୁରୁଷ	'ମୁଁ ସବୁ ଜାଣିଛି ମୋର ଶ୍ୟାମବର୍ଣ୍ଣ ପ୍ରିୟତମା ଜାଣ କ୍ରମେ କ୍ରମେ ତୁମ କୃଷ୍ଣବର୍ଣ୍ଣ ହୋଇଯିବ ତା'ପରେ ଅଦୃଶ୍ୟ ହେବ ନିରାକାର ହେବ ଓ ମୁଁ ଯେତେ ନିରେଖି ଚାହିଁଲେ Zc KUû l j i ^ \ ġȧö'[୩୯]	
୮.	ସୀତାକାନ୍ତ ମହାପାତ୍ର	ପୁରୀ ମନ୍ଦିର	'ଡବ ଡବ କଳା ଆଖି, ତା' ମାଆ ଆଖି ପରି (ଆହା ଆହା ସିଏ ଯଦି ଥାଆନ୍ତା ଏଇନେ) ତା' ଆଖିରେ ଲୁହ ଭରେ ଭଗବାନ ତମେ କ'ଣ ସତରେ ପଥର ? ପଥରର ଦେବାଳୟ ପଥର ମନ୍ଦିର ।'[୪୦]	
		ବିଦୂଷକ	'ମହାପ୍ରଭୁ ନୀଳକନ୍ଦର ବିହାରୀ (ଘେନ ଦୟାବହି ମୋର ଗୁହାରି) ତୁମେ ମୋତେ କ୍ଷମା ଦିଅ, ସକଳ ଅଜ୍ଞାନ ମୋର ଯେହେତୁ ମୁଁ କ୍ଷମା ଦେଲି ବେଦନାରେ ଗ୍ୟାଲେରୀର ତୃତୀୟ ପାହାଚେ ବସି ବିଭିନ୍ନ ମୁକୁଟ ଆଉ ମୁଖା ନାଇ ମହାବିଦୂଷକ ଆହେ ତୁମ ଯେତେ ଯୁଗ ଯୁଗ ଗଲ ମୋତେ ହସାଇ କନ୍ଦାଇ ।'[୪୧]	
୯.	ଉମାଶଙ୍କର ପଣ୍ଡା	ଶୂନ୍ୟ	'ଐଶ୍ୱର୍ଯ୍ୟର ଅହମିକା ଜଳେ ତୁମେ ମୋତେ ପୂର୍ଣ୍ଣ କରି ଶୂନ୍ୟ କଲ ଶୂନ୍ୟ କରି ସକଳ ଲୁଟିଲ ।'	
୧୦.	ହରିହର ମିଶ୍ର	ଶଙ୍ଖନାଭି	'ହେ ପ୍ରଭୁ ! ବିଚ୍ଛିନ୍ନ ହେଲି କେମିତି ମୁଁ ଧର୍ମ ଆଉ ତୁମ ଠାରୁ କହ କହ ମତେ ଏଠାରେ ମୁଁ ଏକା ଏକା ବଞ୍ଚିବା ବୃତ୍ତାନ୍ତ । x x x ତୁମ ଦୁଇ ଚକା ଛାତି, ଚକା ଚକା ଆଖି ତା'ର ତୁମେ ଓ ମୁଁ କ'ଣ ସେହିଦିନୁ ଅଦ୍ୟାପି ବିଚ୍ଛିନ୍ନ ? ତୁମ ଆଉ ମୋ ଭିତରେ ଆଜି ତେଣୁ ଖୋଜାଯାଏ ଯୋଗସୂତ୍ର, ସ୍ତୋତ୍ର ଅବା ମାଳଶ୍ରୀ ଛାନ୍ଦଇ ।'[୪୨]	

୩୯. ରଥ, ରମାକାନ୍ତ , ଅନ୍ତର୍ଯ୍ୟାମୀ ପୁରୁଷ (ଦାରୁଦିଅଁ- ନବକଳେବର) କଟକ : ଧରିତ୍ରୀ, ୨୦୧୫, ପୃ. ୧୨୮

୪୦. ମହାପାତ୍ର ସୀତାକାନ୍ତ, ଦୀପ୍ତି ଓ ଦ୍ୟୁତି, କଟକ : ଗ୍ରନ୍ଥମନ୍ଦିର, ପୃ. ୧୬

୪୧. ମହାପାତ୍ର ସୀତାକାନ୍ତ, ଶବ୍ଦର ଆକାଶ, କଟକ : କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ୧୯୭୧, ପୃ. ୧୦୮

୪୨. ମିଶ୍ର, ହରିହର, ଶଙ୍ଖନାଭି ଓ ଅନ୍ୟାନ୍ୟ କବିତା, କଟକ : ଆର୍ଯ୍ୟ ପ୍ରକାଶନ, ୨୦୦୨, ପୃ.୪

୧୧.	ପ୍ରହରାଜ ସତ୍ୟ ନାରାୟଣ ନନ୍ଦ	ଶୂନ୍ୟରେ ଦି ହାତ ତୁମେ ସୁନାର ଦି ହାତ	'ଶୂନ୍ୟରେ ବିହାର ତବ ପଦ୍ମଫୁଲ ପରି ଶୋଭାପାଏ ମେଘର ଚଅଁର ଦୋଳାରେ ରେଣୁ ରେଣୁ ଜ୍ୟୋତି ଦେଖାଯାଏ ପଦ୍ମ କି ପ୍ରଣବ ହୁଏ ବେଦମନ୍ତ୍ର ଧ୍ୱନି ଚଉଦ ଭୁବନେ ପୁଣି ବ୍ୟକ୍ତି ହୁଏ ଲୀଳାର କାହାଣୀ ।'[୪୩]	
୧୨.	ଲକ୍ଷ୍ମୀ ନାରାୟଣ ମହାପାତ୍ର	ଦାରୁବ୍ରହ୍ମ	'ସେ ଆକାର, ନିରାକାର, ନିର୍ବିକଳ୍ପ ଏକ ଅନେକର ମୂର୍ତ୍ତି ରୂପାୟନ, ନିଜେ ରୂପାନ୍ୱେଷୀ ରୂପାୟିତ କରେ ଏଇ ଅଖିଳ ବିଶ୍ୱରେ ସମସ୍ତ ଦ୍ୟୁତିର ପ୍ରଜ୍ଞା ଅସ୍ମିତା ସ୍ମିତିରେ ହଜିଯାଏ ସେଇ ରୂପ ନିର୍ବିକାର ଏକ ଅନୁଭବ, ଘନ ତମସାର କି ବୈଦୁର୍ଯ୍ୟ ଜ୍ୟୋତି, ଅଖିଳ ଆଲୋକ ଏକତ୍ରିତ ରୂପରୁ ବିନ୍ଦୁରେ ।'[୪୪]	
୧୩.	ବଳରାମ ଦାସ	ସାଲବେଗର ପ୍ରାର୍ଥନା	'ଆଉ କେତେ ବାଟ ଆଉ କେତେ ବାଟ ଗଲେ ପ୍ରଭୁ ଭେଟିବି ମୁଁ ନନ୍ଦିଘୋଷେ ବସିଥିବ ମହାସନ୍ତ୍ରମରେ ଭାସି ଭାସି ଚାଲିଥିବ ବଡ଼ଦାଣ୍ଡେ R^ i cÈâeö'[୪୫]	
୧୪.	ଫନୀ ମହାନ୍ତି	ଅନାମ କବିତା	'ପ୍ରଭୁ ହେ, ଥରେ ବା ଦେଖନ୍ତି ଯଦି ତମ ବିଶ୍ୱରୂପ ପାତ ତାପ ରୋଗ ଶୋକ କଟିଯାନ୍ତି ମୋ ଦେହର କଙ୍କାଳରେ ଆପେ ଆପେ ନେସି ହୋଇଯାଇଥାନ୍ତା ତମ କଳା ତନୁର ପ୍ରଲେପ ।'[୪୬]	
୧୫.	ରାଜେନ୍ଦ୍ର କିଶୋର ପଣ୍ଡା	କାଠର କଣ୍ଢେଇ	'ତ୍ରିପଣ୍ଡ କାଳିଆ ବଡ଼ ମୁଣ୍ଡିଆ, ଗୋଡ଼ ନାହିଁ ତା'ର ହାତ ଖଣ୍ଡିଆ ଧନ୍ୟ ବୋଲିବା ଏହି ବାଳତକୁ, ଶରଧା ଯାର ଏ କାଠ ରୂପକୁ କାଠର କଣ୍ଢେଇ, ଖେଳା ହେଉଛି ନା ଖେଳୁଛି ସେହି ।'[୪୭]	
୧୬.	ବିଶ୍ୱରଞ୍ଜନ	ପ୍ରୀତିଭିକ୍ଷା	'କେତେ ଦିନ; କେତେ ଦିନ ପ୍ରଭୁ ଆଉ ଏ ସୁନ୍ଦର ପୃଥିବୀଟା ହେବ କଦାକାର ? ମଣିଷର ଲହୁ ଶୋଷି ମଣିଷ ଦେଖିବ ସ୍ୱପ୍ନ, ଗଢ଼ିବାକୁ ନିଜ ପାଇଁ ସୁନାର ସଂସାର ।'[୪୮]	

୪୩. ନନ୍ଦ, ପ୍ରହରାଜ ସତ୍ୟ ନାରାୟଣ, ଶୂନ୍ୟରେ ଦି ହାତ ତୁମ ସୁନାର ଦି ହାତ, (ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ, ଲକ୍ଷ୍ମଣ କୁମାର ପରିଡ଼ା) ୨୦୦୨, ପୃ. ୧୨୧

୪୪. ମହାପାତ୍ର, ଲକ୍ଷ୍ମୀନାରାୟଣ, ଦାରୁବ୍ରହ୍ମ (ଉତ୍କଳ ପ୍ରସଙ୍ଗ, ରଥଯାତ୍ରା ବିଶେଷାଙ୍କ), ଜୁନ, ୧୯୭୬, ପୃଷ୍ଠା. ୩୦

୪୫. ଦାସ, ବଳରାମ , ସାଲବେଗର ପ୍ରାର୍ଥନା, ଅଦୃଶ୍ୟ ଅଭିସାର, ପୁରୀ : ପ୍ରଜ୍ଞାଲୋକ, ୨୦୦୧, ପୃ. ୩୬

୪୬. ମହାନ୍ତି, ଫନୀ , ଅନାମ କବିତା

୪୭. ପଣ୍ଡା, ରାଜେନ୍ଦ୍ର କିଶୋର , କାଠର କଣ୍ଢେଇ (ଉତ୍କଳ ପ୍ରସଙ୍ଗ) ଜୁଲାଇ, ୧୯୭୭, ପୃ. ୪୯

୪୮. ବିଶ୍ୱରଞ୍ଜନ , ଜୀବନ ଚମ୍ପୂ, କଟକ : ସନ୍ତୋଷ ପବ୍ଲିକେଶନ, ପୃ. ୧୯

୧୭.	ଦୀନବନ୍ଧୁ ରଥ	ଏବେ ବି ରଥଯାତ୍ରା	'ହେ ପତିତପାବନ ! ବାଇଶି ପାହାଚେ ତଳେ ଠେଲି ଠେଲି ଘୋଷାରି ଘୋଷାରି ବଡ଼ଦାଣ୍ଡରେ ବସେଇ ଦିଅନ୍ତି ତୁମକୁ ଦଇତାମାନେ ସମାଜର ତଥାକଥିତ ଦଇତା ପତିତପାବନମାନେ ତପବମ ନାଁରେ ପତିତମାନଙ୍କୁ ଏମିତି ଠେଲାପେଲା କରୁଥାନ୍ତି ନିଇତି ସଂସ୍କୃତିଟାକୁ ମାଡ଼ି ମକଚି ଧରି ବସିଛନ୍ତି ସେଇମାନେ ଇଏ ହେଲା ସାମ୍ୟବାଦ ।'[୪୯]	
୧୮.	ସୁଧାକର ପଟ୍ଟନାୟକ	ଜଗନ୍ନାଥଙ୍କୁ ପ୍ରଶ୍ନ	'ଜଗତ ଠାକୁର ପୁରୁଷୋତ୍ତମ ଥରଟିଏ ତୁମେ କୁହ ଚକାନୟନରୁ ଏ ମଣିଷ ପାଇଁ ଝରେନା କି କେବେ ଲୁହ ।'[୫୦]	
୧୯.	ଆର୍ତ୍ତତ୍ରାଣ ଶତପଥୀ	ଅଚିହ୍ନା ଗୋସାଇଁ	ଅନ୍ଧାର ଘେରା ଏ ସଂସାର ଭିତରେ ମୋ ଆଖି ପାରେନା ଛୁଇଁ କେଉଁଠାରେ ଏ ଦାଣ୍ଡ ସରିଛି ମୋ ଗୋଡ଼ ପାରେନା ଚାଲି କେତେ ଆଉ ଚାଲିବାର ଅଛି ଏ ସର୍ପିଳ ରାସ୍ତା ପରେ ଘୁରି ଘୁରି ତୁମକୁ ମୁଁ ଖୋଜୁଛି ଅନେକ ସବୁତ ଅଚିହ୍ନା ମୋର ଗୋସାଇଁ ଏ ଅନ୍ଧାରି ମୁଲକେ ।'[୫୧]	
୨୦.	ଗଣେଶ୍ୱର ମିଶ୍ର	ମାଣିକ ଗଉଡୁଣୀ	'ଆଉ କେଉଁ ହାଟକୁ ଯିବି, କୋଉ ବେଉସା କରିବାକୁ ମଣିମା ? ଏଣିକି ମୋର ଖାଲି ବାଟ ଚାହିଁବା କାନିରେ ଲୁହ ପୋଛି ଆକାଶକୁ ଅନେଇବା ପୁଣି ଧୂଳି ଉଡ଼ାଇ, ଚଉଦିଗ କମ୍ପାଇ ଘୋଡ଼ା ଟାପୁରେ ଦିନେ ତ ଫେରିବେ ସେମାନେ ଏଇ ବାଟରେ ଆଲୁଅରେ ପୁଣି ଝଲସିବ ଦିଗ୍‌ବିଦିଗ ।'[୫୨]	
୨୧.	ସନତ ଦାସ ପଟ୍ଟନାୟକ	ଅହଂ ଉବାଚ	'ଅହଂକାର ମନଗୁଡ଼ାକୁ ହିରଣ୍ୟକଶ୍ୟପୁ ପରି ବିଦାରି ଦେବାକୁ ଅନେକ ସମ୍ପର୍କୀୟ କୁରୁକ୍ଷେତ୍ର ମଝିରେ ଚକ୍ର ଧରି କାଳ କାଳ ଠିଆ ହୋଇରହିଛି ଶିଖାଇ ଦେବାକୁ ଯେ ତୁମେ ମଣିଷ ହେଲେ ବି ମଣିଷଖିଆ ବାଘ ନୁହଁ ବିକଟାଳ ବିଶ୍ୱରୂପର ନିର୍ଲିପ୍ତ ପଲକ ଭିତରେ ମଣିଷ ତିଆରି କରୁଥିବା ଅସ୍ଥିର ଭାବ ପ୍ରବଣତାରେ ଅଭୟ ମୁଦ୍ରା'[୫୩]	

୪୯. ରଥ ଦୀନବନ୍ଧୁ , ଏବେ ବି ରଥଯାତ୍ରା, ତତ୍ରୈବ, ପୃ. ୧୨୧
୫୦. ପଟ୍ଟନାୟକ, ସୁଧାକର, ଜଗନ୍ନାଥଙ୍କୁ ପ୍ରଶ୍ନ, ପୃ. ୧୨୨
୫୧. ଶତପଥୀ, ଆର୍ତ୍ତତ୍ରାଣ , ଅଚିହ୍ନା ଗୋସାଇଁ, ପୃ. ୧୨୨
୫୨. ମିଶ୍ର ଖଗେଶ୍ୱର, ମାଣିକ ଗଉଡୁଣି (ଝଙ୍କାର, ରଥଯାତ୍ରା ବିଶେଷାଙ୍କ) ଜୁନ, ୧୯୮୩, ପୃ. ୨୯୭
୫୩. ପଟ୍ଟନାୟକ, ସନତ୍ ଦାସ, ଅହଂ ଉବାଚ (ଝଂକାର), ଜାନୁଆରୀ, ୧୯୮୪

୨୨.	ନେତ୍ରାନନ୍ଦ ସାମନ୍ତରାୟ	ତୁମ ଧର୍ମେ ଗୃଢ଼ ଏ ଜାତକ	'ଜଗନ୍ନାଥେ ! ଏ ଜାତିକୁ ସ୍ଥାନ ଦିଅ ଭୁଜ ତଳେ ରଖ ମହାପ୍ରଭୁ ଏ ଜାତିର ଭବିଷ୍ୟତ ପୂର୍ବାପେକ୍ଷା ସ୍ୱର୍ଣ୍ଣଦୀପ୍ତ ହେଉ ହୃଦୟ ଗଭୀର ହେଉ, ମନ ହେଉ ବିରାଟ ଉତ୍ତୁଙ୍ଗ ଏ ଜାତିର ପ୍ରାଣ ଶକ୍ତି ସଂଜୀବିତ ହେଉ ମହାପ୍ରଭୁ ।'[୫୪]	
୨୩.	ପ୍ରସନ୍ନ ପାଟଶାଣୀ	ନବକଳେବର	'ପୁରୁଣା ଲୁଗା, ପୁରୁଣା ଜାମା, ପୁରୁଣା ଶାଢ଼ୀ ଚିରିଗଲା ପରେ ନୂଆ ଲୁଗା ପିନ୍ଧିଲା ପରି ତୁମେ ହୁଅ କଳେବର ସଦାବେଳେ ନୂଆ ନୂଆ କେବେ ପୁରୁଣା ନ ହୁଅ ତୁମ୍ଭେ ସେହି ରାମ ତମେ ସେହି କୃଷ୍ଣ ସତ୍ୟ ଯୁଗେ ନରସିଂହ, କଳି କାଳେ ଜଗନ୍ନାଥ ନାମ ।'[୫୫]	
୨୪.	ଗୋସ୍ୱାମୀ ଅରୂପାନନ୍ଦ ଦାସ	ଶ୍ରୀକ୍ଷେତ୍ର ବୋଲି	'ତୁ ସତ୍ୟର ନୃସିଂହ, ରାମାୟଣର ରାମ ଗୀତାର ଶ୍ରୀକୃଷ୍ଣ, ବେଦର ବ୍ରହ୍ମ ବାଇବେଲର ଯୀଶୁ, କୋରାନର ଆଲ୍ଲା, ତ୍ରିପିଟକର ବୁଦ୍ଧ ସତେ ଏକା କାଳିଆ ତୁ ମୋର ସେଇ ଜଗନ୍ନାଥ ।'[୫୬]	
୨୫.	ସତୀଶ ପାତ୍ର	ଜଗନ୍ନାଥ ସ୍ତୁତି ସନ୍ତକ	'ଜୟ ଜୟ ଜଗନ୍ନାଥ ଭକ୍ତ ଜୀବ ଜୀବନ ଜୟ ଜୟ ଚକାଡୋଳା ଜୟ ଚକାନୟନ ।୧। ଜାତି ଜାତି ଭେଦ ନୀତି ଭାଙ୍ଗିଛ ତ ଆପଣ, ଯୁଗେ ଯୁଗେ ତୁମେ ପ୍ରଭୁ ଭକତର ଅଧୀନ ।୨।'[୫୭]	
୨୬.	କୁନ୍ତଳା କୁମାରୀ ମିଶ୍ର	କବି ସମ୍ରାଟ ହେ	'ବିଶ୍ୱ ସମ୍ରାଟ ହେ ପ୍ରଭୁ ନୀଳାଚଳ ନାଥ, ବ୍ରହ୍ମାଣ୍ଡ କରତା ତୁମେ ଆହେ ଜଗନ୍ନାଥ ଅଗତିର ଗତି ପ୍ରଭୁ ଅନାଥର ନାଥ, ଶ୍ରୀ ଚରଣେ ତଳେ ଲୋଟୁ ସଦା ମୋର ମାଥ ।'[୫୮]	
୨୭.	ଚିନ୍ତାମଣି ବେହେରା	ଜଗନ୍ନାଥର ଇତିକଥା	'ମୋର ମଧ ଲୋଡ଼ା ନୂତନ ଜୀବନ, ନୂତନ ନବକଳେବର ମନୁଷ୍ୟ ପରି ହେଉ ମୋର ସମସ୍ତ କିଛି ତା'ରି ପରି ଜନ୍ମ, ଜରା, ରୋଗ ଓ ମୃତ୍ୟୁ । ଯା'ପରେ ଈଶ୍ୱର-ସୃଷ୍ଟି ବିଶ୍ୱରେ ଆରମ୍ଭ ହେଲା, ଜଗନ୍ନାଥର ଜନ୍ମ-କାହାଣୀ ଓ ତା'ର ଇତିକଥା ।'[୫୯]	

୫୪. ସାମନ୍ତରାୟ, ନେତ୍ରାନନ୍ଦ,ତୁମେ ଧର୍ମ ଗଢ଼ ଏ ଜାତିକି (ଉତ୍କଳ ପ୍ରସଙ୍ଗ, ରଥଯାତ୍ରା ବିଶେଷାଙ୍କ) ଜୁଲାଇ, ୧୯୭୭

୫୫. ପାଟଶାଣୀ, ପ୍ରସନ୍ନ, ନବକଳେବର (ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ, ଲକ୍ଷ୍ମଣ କୁମାର ପରିଡ଼ା), ୨୦୦୨, ପୃ. ୧୨୪

୫୬. ଦାସ, ଗୋସ୍ୱାମୀ ଅରୂପାନନ୍ଦ, ଶ୍ରୀକ୍ଷେତ୍ରବାଲି, ତତ୍ରୈବ, ପୃ. ୧୨୪

୫୭. ପାତ୍ର, ସତୀଶ, ଭକ୍ତିଗୁଚ୍ଛ, କଟକ : ଫ୍ରେଣ୍ଡସ ପବ୍ଲିଶର୍ସ, ୧୯୯୪, ପୃ. ୫୦

୫୮. ମିଶ୍ର, କୁନ୍ତଳା କୁମାରୀ, ଅଗତିର ଗତି, ପୁରୀ : ସୁଲଭ ପ୍ରକାଶନୀ, ୨୦୧୧, ପୃ. ୨୫

୫୯. ମହାନ୍ତି ଚିନ୍ତାମଣି, ଜଗନ୍ନାଥର ଇତିକଥା (ଝଙ୍କାର, ୨୯ ବର୍ଷ, ୪ର୍ଥ ସଂଖ୍ୟା) ଜୁଲାଇ-୧୯୭୭

୨୮.	ପ୍ରତିଭା ଶତପଥୀ	ମୋକ୍ଷଲୋକ	'ସେଦିନୁ ଆଖି ଫେରାଏ ମନ୍ଦିରର ଦଧିନଉତିରୁ ମୁହଁ ବି ବୁଲାଇନିଏ ମୁଖଶାଳା ଆଡୁ ଶୂନ୍ୟ ଶୂନ୍ୟ ଚାରିଆଡ଼ ଡବ ଡବ ଆଖିରେ ଅନାଏଁ ମନେହୁଏ କେହି ନାହିଁ, ଭାରି ଏକା ନିଛାଟିଆ ଇହକାଳ ପରକାଳ ଗୋଳି ହୋଇ ଅନ୍ଧାରରେ ଆସ୍ତେ ବୁଡ଼ିଯାଏ ।'[୬୦]	
୨୯.	ପ୍ରସନ୍ନ କୁମାର ମହାନ୍ତି	ମହାନାୟକ	'ତୁମକୁ ବୁଝିବାକୁ ଓ ବୁଝିବାକୁ ତୁମ ସୃଷ୍ଟିର ସାରାଂଶ ଯୁଗ ଯୁଗ ଧରି ଯେତେ କୌଶଳ କଲେ ବି ହୋଇଛନ୍ତି ସମସ୍ତେ ନିରାଶ ।'[୬୧]	
୩୦.	ଶଙ୍କର୍ଷଣ ପରିଡ଼ା	ଚିତ୍ରାକ୍ଷର	'ଆଖିର କପୋତ ଯା'ର ଧବଳ ଟଗର ଦୃଶ୍ୟହୀନ ଆଖିପତା ପ୍ରସାରିତ ବୃତ୍ତାକାର ଅଦୃଶ୍ୟ ଭ୍ରୂଲତା ସେହି ଚକା ଚକା ଆଖି ଚମତ୍କାର ଚନ୍ଦ୍ରବିନ୍ଦୁ କଳା ଆଲୁଅର ।'[୬୨]	
	,,	ଶୂନ୍ୟସ୍ମୃତି	'ତୋର ଅପଲକ ଆଖିର ଇଶାରାରେ ଶୂନ୍ୟକୁ ଶୂନ୍ୟରେ ଯୋଡ଼ିବାର ଉଦଗ୍ର ଅଭିସାରରେ ଛିଟିକି ପଡ଼ିଛି ମହାଶୂନ୍ୟରୁ ଲଟକିଛି ଶୂନ୍ୟ ଭୂଖଣ୍ଡରେ ।'[୬୩]	
୩୧.	ରାଜୁ ସାମଲ	ଦାରୁର ବିଦ୍ରୋହ	'ଏବେ ଯଦି ଭାବୁଥାଅ ମୋ ଭିତରେ ଦେବତା ଅଛି ମୋତେ ଯେଉଁଠାରୁ ଆଣିଥିଲ ଆଉ ଥରେ ସେହିଠାରେ ନେଇ ପୋତିଦିଅ ପୁଣି ଥରେ ମୁଁ ଯଦି ଆଗ ପରି ଗଛଟିଏ ହୋଇଯାଏ, ଜାଣିବ ମୋ ଭିତରେ ଏବେ ବି ଈଶ୍ୱର ଅଛନ୍ତି ତୁମେ ପୂଜା କର କି ନ କର, ଚିନ୍ତା ନାଇଁ ।'[୬୪]	

ଉପର୍ଯ୍ୟୁକ୍ତ ସାରଣୀରୁ ଆମର ଆଧୁନିକ କବିମାନଙ୍କର ଶ୍ରୀଜଗନ୍ନାଥଙ୍କ ପ୍ରତି ରହିଥିବା ମମତ୍ୱବୋଧର ପରିଚୟ ସହଜରେ ଉପଲବ୍ଧ ହୋଇଥାଏ । ଆଧୁନିକ ଯୁଗରେ ଈଶ୍ୱରଙ୍କୁ ନେଇ ସମଗ୍ର ବିଶ୍ୱରେ ନାନା ପରୀକ୍ଷା ନିରୀକ୍ଷା, ବିଚାରବିମର୍ଷ, ଚିନ୍ତା ଓ ଚେତନା ଦେଖା ଦେଇ ଆସିଛି ଓ ଅଧୁନା ମଧ୍ୟ ଚାଲିଅଛି । ସମ୍ପ୍ରତି ବିଶ୍ୱରେ ଈଶ୍ୱର ଚେତନାର ସଙ୍କଟ ଏକ ପ୍ରତିଷ୍ଠିତ ସତ୍ୟ । ବିଜ୍ଞାନରେ ବହୁ ଉଦ୍ଭାବନ ତଥା ଗ୍ରହରୁ ଗ୍ରହାନ୍ତର ପର୍ଯ୍ୟନ୍ତ ମଣିଷର ଯାତ୍ରା, ପୃଥିବୀବାସୀଙ୍କ ଦ୍ୱାରା ପୂଜିତ ଚନ୍ଦ୍ରପୃଷ୍ଠରେ ମଣିଷର

୬୦. ଶତପଥୀ, ପ୍ରତିଭା, ମୋକ୍ଷଲୋକ (ଝଙ୍କାର, ୨୯ ବର୍ଷ, ୪ର୍ଥ ସଂଖ୍ୟା) ଜୁଲାଇ- ୧୯୭୭, ପୃ.୫୪୬

୬୧. ମହାନ୍ତି ପ୍ରସନ୍ନ କୁମାର , ମହାନାୟକ (ଝଙ୍କାର ନବକଳେବର ବିଶେଷାଙ୍କ), ଜୁଲାଇ, ୨୦୧୫

୬୨. ପରିଡ଼ା, ଶଙ୍କର୍ଷଣ , ଚିତ୍ରାକ୍ଷର, ଇନ୍ଦ୍ରପ୍ରସ୍ଥ, ପୁରୀ

୬୩. ପରିଡ଼ା, ଶଙ୍କର୍ଷଣ, ଶୂନ୍ୟସ୍ମୃତି, ଇନ୍ଦ୍ରପ୍ରସ୍ଥ, ପୁରୀ

୬୪. ସାମଲ, ରାଜୁ, ଦାରୁର ବିଦ୍ରୋହ, ସମ୍ବାଦ (ଦୈନିକ ଖବରକାଗଜ), ଭୁବନେଶ୍ୱର : ୩୧.୦୧.୨୦୧୬, ପୃ.୧୦

ବିଚରଣ, ସୂର୍ଯ୍ୟ ଓ ପୃଥିବୀର ଗତିରେ ରହିଥିବା ଭ୍ରମର ସଂଶୋଧନ ପ୍ରଭୃତି ସାଧାରଣ ଜନତାର ମନରେ ଈଶ୍ୱରଙ୍କ ପ୍ରତି ବିଶ୍ୱାସବୋଧ କ୍ରମଶଃ କମିବାକୁ ଲାଗେ । ପାଶ୍ଚାତ୍ୟ ଦାର୍ଶନିକ ନିତ୍‌ସେଙ୍କ ମତରେ, 'God is dead' ଏବଂ ସାର୍ତ୍ତ୍ରଙ୍କ ମତରେ 'God is a useless passion' ଓ 'God is a costly hypothesis'

ଏ ସବୁ ଚିନ୍ତାଧାରା ସୁପ୍ରତିଷ୍ଠିତ ହେଲେ ହେଁ ପୃଥିବୀରୁ ଈଶ୍ୱର ବିଶ୍ୱାସ ବିଲୁପ୍ତ ହୋଇଯାଇନାହିଁ । ଉତ୍ତର ଆଧୁନିକ ଯୁଗରେ ଏ ସମସ୍ୟାର ସମାଧାନ ପାଇଁ କବିମାନେ ଚେଷ୍ଟା କରିଥିବା ଉପର୍ଯ୍ୟୁକ୍ତ ସାରଣୀରୁ ପ୍ରତୀତ ହୁଏ । ମନୋଜ ଦାସଙ୍କତ ମତରେ ପୃଥିବୀରେ ଆସ୍ତିକ ଅର୍ଥାତ୍ ଈଶ୍ୱର ବିଶ୍ୱାସୀ ମଣିଷଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ତେବେ ଏଠାରେ ଏସବୁ ଲେଖିବାର ଉଦ୍ଦେଶ୍ୟ ଏହି ଯେ ଆମର ଆଧାତ୍ମିକ ଚେତନାର ଏକ ବିଶିଷ୍ଟ ଦିଗ ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତି । ଆଜି ଆମେ ଶ୍ରୀଜଗନ୍ନାଥଙ୍କୁ ପୃଥିବୀର ସମସ୍ତ ବଡ଼ ବଡ଼ ସହରମାନଙ୍କରେ ଉପାସନା କରିବାର ମନ୍ଦିରମାନ ଦେଖିବାକୁ ପାଇଥାଉ । ସେହିପରି ସ୍ୱାଧୀନତା ପରେ ଶ୍ରୀଜଗନ୍ନାଥଙ୍କୁ କବିମାନେ ସେମାନଙ୍କ କବିତାରେ ଅତି ବୈଚିତ୍ର୍ୟପୂର୍ଣ୍ଣ ଭାବେ ବର୍ଣ୍ଣନା କରିଥିବା ମଧ୍ୟ ଦେଖିବାକୁ ମିଳେ । କେଉଁ କବି ଜଗନ୍ନାଥଙ୍କୁ 'ଶୂନ୍ୟ ନିରାକାର' ରୂପେ ଚିତ୍ରଣ କଲାବେଳେ ଅନ୍ୟ କେହି ତାଙ୍କୁ 'ପତିତପାବନ' ବୋଲି କହିଥାନ୍ତି । ଅର୍ଥାତ୍ ଜଗନ୍ନାଥ ସେମାନଙ୍କ ଦୃଷ୍ଟିରେ ଏକାଧାରାରେ 'ନର ଓ ନାରାୟଣ' । ନର ଭାବରେ ସେ ତା'ର ଭାଇ, ବନ୍ଧୁ, ଜ୍ଞାତି, କୁଟୁମ୍ବ ଓ ପରମ ଆତ୍ମୀୟ । ପୁଣି ସମୟ ବିଶେଷରେ ସେ ତା'ର ମୁରବି ମଧ୍ୟ । ଜଗନ୍ନାଥ ତା' ରାଜ୍ୟର ରାଜା ଏବଂ ତା'ର ସବୁ ହାନିଲାଭର ଏକମାତ୍ର ତ୍ରାଣକର୍ତ୍ତା ତଥା ଭକ୍ତି ଓ ସମ୍ଭ୍ରମର ଊର୍ଦ୍ଧ୍ୱରେ । ଓଡ଼ିଆ କବି ଜଗନ୍ନାଥଙ୍କୁ ଯେପରି ସ୍ନେହ ବନ୍ଧନରେ ବାନ୍ଧିପାରିଛି ଓ ନିଜେ ମଧ୍ୟ ବନ୍ଧା ପଡ଼ିଯାଇଛ, ଅନ୍ୟ କୌଣସି ଦେବତାଙ୍କ କ୍ଷେତ୍ରରେ ଏପରି ହୋଇପାରିନାହିଁ । ସମ୍ଭବତଃ ତା'ର ଏହି ସଂକୋଚ ଅଥବା ସମ୍ଭ୍ରମତାକୁ ଜଗନ୍ନାଥଙ୍କ ମଧ୍ୟରେ ସବୁ ଦେବଦେବୀଙ୍କ ଅନୁଭବ କରିବା ପାଇଁ ପ୍ରେରଣା ଯୋଗାଇଛି । ଫଳରେ ଜଗନ୍ନାଥ ତା' ପାଇଁ ହୋଇପଡ଼ିଛନ୍ତି ସର୍ବଧର୍ମ ସମନ୍ୱୟର ପ୍ରତୀକ । ସଂସାରର ଦୁଃଖ ନୈରାଶ୍ୟ, ମାନସିକ କ୍ଳାନ୍ତି ଓ ଖୁସିର ମୁହୂର୍ତ୍ତ ରହି ଆମର ଆଲୋଚ୍ୟ କବିମାନେ ସର୍ବପ୍ରଥମେ ଓଡ଼ିଆ ଜାତିର ଇଷ୍ଟ ଦେବ ଶ୍ରୀ ଜଗନ୍ନାଥଙ୍କ ନିକଟରେ ନିଜ ନିଜକୁ ସମର୍ପଣ କରିଥିବା ଅନୁଭୂତ ହୁଏ ।

କବିତା ପରି କଥା ସାହିତ୍ୟରେ ମଧ୍ୟ ଶ୍ରୀ ଜଗନ୍ନାଥଙ୍କର ବିଷୟରେ ବର୍ଣ୍ଣିତ । ଓଡ଼ିଶାରେ ଶ୍ରୀଜଗନ୍ନାଥଙ୍କୁ ନେଇ କେଉଁ ପ୍ରାଚୀନ କାଳରୁ କାହାଣୀ, କିମ୍ବଦନ୍ତୀ, ଜନଶ୍ରୁତି ଓ ଅତ୍ୟାଧୁନିକ ଉପନ୍ୟାସ ଓ ଗଳ୍ପ ସାହିତ୍ୟର ସୃଷ୍ଟି ହୋଇ ଆସିଛି । ସେ ସବୁକୁ ନେଇ ଯଦି ଆମେ ଗବେଷଣା କରିବା, ତାହାହେଲେ ସେ ଅନ୍ୟ ଏକ ଗବେଷଣାତ୍ମକ ନିବନ୍ଧ ହୋଇଉଠିବ । ଏଣୁ ଆମ୍ଭେ ଆମର ପରବର୍ତ୍ତୀ ଆଲୋଚନାରେ ବିଶେଷ କରି ଓଡ଼ିଆ କଥା/କାହାଣୀ ଓ କ୍ଷୁଦ୍ର ଗଳ୍ପଗୁଡ଼ିକରେ ଶ୍ରୀଜଗନ୍ନାଥ କିପରି ଆମର କଥାକାର ଓ ଆଧୁନିକ ଗାଳ୍ପିକମାନଙ୍କ ଦ୍ୱାରା ଚିତ୍ରିତ ହୋଇଛନ୍ତି, ତାହାର ଆଲୋଚନା କରିବାକୁ ଉଦ୍ୟମ କରୁଅଛୁ ।

ଖ) ଓଡ଼ିଆ କଥା ସାହିତ୍ୟରେ ଜଗନ୍ନାଥ ଚେତନା

ଆପାତତଃ କଥା ସାହିତ୍ୟ ଦୁଇ ଭାଗରେ ବିଭକ୍ତ ହୋଇଥାଏ । ଯଥା - (କ) କଥା / କାହାଣୀ / କ୍ଷୁଦ୍ରଗଳ୍ପ, (ଖ) ଉପନ୍ୟାସ ସାହିତ୍ୟ । ଏ ସମସ୍ତ ମଧ୍ୟରେ ଆମେ କେବଳ ଶ୍ରୀଜଗନ୍ନାଥଙ୍କ ଭକ୍ତି ସମ୍ବଳିତ କଥା ବା ଉପନ୍ୟାସକୁ ଚୟନ କରିଅଛୁ । ବିଶ୍ୱବାସୀଙ୍କ ମଙ୍ଗଳ କାମନା ସହ ସାମ୍ୟ, ମୈତ୍ରୀ, ବିଶ୍ୱ ଭ୍ରାତୃତ୍ୱର ଚେତନାରେ ଶ୍ରୀଜଗନ୍ନାଥଙ୍କ ବିଶ୍ୱୈକ ଭାବ କିପରି ସମନ୍ୱିତ ହୋଇ ରହିଛି ତାହା ଦେଖି ଦେଖାଇ ଦେବା ହିଁ ଏହି ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ । ସେଥିପାଇଁ ଆମ୍ଭେ ଏଠାରେ ଆମ ଆଲୋଚନାକୁ ଦୁଇ ଭାଗରେ ବିନ୍ୟାସ କରିଅଛୁ । ଏହି ପ୍ରସଙ୍ଗରେ ପ୍ରଥମେ ଓଡ଼ିଆ କଥା / କାହାଣୀ ଓ ଗଳ୍ପ ସାହିତ୍ୟକୁ ପର୍ଯ୍ୟାଲୋଚନା କରୁଅଛୁ !

ଓଡ଼ିଆ କଥା ସାହିତ୍ୟର ସମୃଦ୍ଧ ପରମ୍ପରାରେ ଆମ କଥାକାରଗଣ ଓଡ଼ିଆ ଆଧ୍ୟାତ୍ମିକ ଜୀବନର ପରମ ପୂଜ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ଅତ୍ୟନ୍ତ ଉଚ୍ଚ ଆସନ ଦେଇ ଆସିଛନ୍ତି । କାବ୍ୟ, କବିତା, ପୁରାଣ, ନାଟକଗୁଡ଼ିକ ଯେପରି ଶ୍ରୀଜଗନ୍ନାଥଙ୍କ ପ୍ରଭାବରେ ପ୍ରଭବାନ୍ୱିତ ହୋଇଛନ୍ତି, ଠିକ୍ ସେହିପରି କଥା ସାହିତ୍ୟରେ ମଧ୍ୟ ଆମ ବଡ଼ ଠାକୁର, ଶ୍ରୀମନ୍ଦିର, ବଡ଼ଦାଣ୍ଡ ପ୍ରଭୃତି ଜଗନ୍ନାଥ ଚେତନାର ଅଣୁ ପରମାଣୁ ସ୍ଥାନ ପାଇଅଛି । ଯଥାର୍ଥରେ କହିଲେ ଶ୍ରୀଜଗନ୍ନାଥ ରୂପୀ ଚେତନା ସମସ୍ତ କଥାକାରଙ୍କୁ ମନ୍ତ୍ର ମୁଗ୍ଧ କରିପାରିଛି । ଏହାର ଆଲୋଚନା ସଂକ୍ଷେପରେ କରିବାକୁ ଆମେ ଉଦ୍ୟମ କରିବାକୁ ଯାଉଅଛୁ ।

ଏହି ପରିପ୍ରେକ୍ଷୀରେ ଆମେ ଆଲୋଚନାରେ ପ୍ରବୃତ୍ତ ହେବା ପୂର୍ବରୁ କଥା ସାହିତ୍ୟର ସ୍ୱରୂପ ଉଦ୍‌ଘାଟନ କରିବାକୁ ଉଚିତ ମନେ କରୁ । ବସ୍ତୁତଃ କଥା ସାହିତ୍ୟର ଦୁଇଟି ଦିଗ ରହିଛି । ଗୋଟିଏ କଥା/କାହାଣୀ/କ୍ଷୁଦ୍ରଗଳ୍ପ ଓ ଅନ୍ୟଟି ଉପନ୍ୟାସ । ଏହି ଦୁଇ ପ୍ରକାରର ସୃଷ୍ଟି ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କୀୟ ପୌରାଣିକ ଉପାଖ୍ୟାନ, ପ୍ରବାଦ, ପ୍ରବଚନ, କିମ୍ବଦନ୍ତୀ, ଲୋକାଚାର, ଲୋକଚଳଣି, ଗାଲୁକଥା, ଗାଳି ଓ ଜନଶ୍ରୁତିମାନ ଅତି ସଂଗୋପିତ ଭାବେ ରୂପାୟିତ ହୋଇଥିବା ଅନୁଭୂତ ହୋଇଥାଏ । ବର୍ତ୍ତମାନ ନିମ୍ନରେ ଆମେ ପ୍ରଥମେ ଓଡ଼ିଆ କାହାଣୀ ଓ ଗଳ୍ପ ମଧ୍ୟରେ ଜଗନ୍ନାଥ ଚେତନାର ସୌରଭକୁ ଆସନ୍ତୁ ଖୋଜିବ ଯେଉଁଥିରେ ମାନବବାଦର ଚିତ୍ରଣ କରାଯାଇଛି ।

ଜଗନ୍ନାଥଙ୍କ ଲୀଳା ଅସରନ୍ତି କଥା ଓ କାହାଣୀର ଗନ୍ତାଘର । ସମୁଦ୍ରତଟର ବାଙ୍କ ମୁହାଁଣ ଠାରୁ ଆରମ୍ଭ କରି ଶ୍ରୀମନ୍ଦିର ମଧ୍ୟରେ ମୂର୍ତ୍ତି ପ୍ରତିଷ୍ଠା ପର୍ଯ୍ୟନ୍ତ ଏତେ କଥା ରହିଅଛି ଯେ ତା'ର ଇୟତ୍ତା ନାହିଁ । ସେ ସବୁର ପେଡ଼ି ଅଦ୍ୟାବଧି ଖୋଲିବାରେ ଲାଗିଛି । ବିଶ୍ୱାବସୁ ଉପାଖ୍ୟାନ, ବିଦ୍ୟାପତିଙ୍କ ଆଗମନ, ବିଶ୍ୱାବସୁର କନ୍ୟା ସହ ତାଙ୍କର ବିବାହ ଓ ସେହି ସଂଯୋଗରୁ ସେବାୟତମାନଙ୍କ ଉତ୍ପତ୍ତି, ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କ ମନ୍ଦିର ତୋଳା, ମନ୍ଦିର ପ୍ରତିଷ୍ଠା, ଗାଲମାଧବ ଉପାଖ୍ୟାନ, ଭକ୍ତମାନଙ୍କ ଅନୁଭୂତି, ଜଗନ୍ନାଥଙ୍କ କାଞ୍ଚି ଅଭିଯାନ ଜନିତ ଘଟଣା ତଥା ଜନଶ୍ରୁତି ଆଦିକୁ ନେଇ ବହୁଳ କଥା ବା କାହାଣୀ ସୃଷ୍ଟି ହୋଇଛି ଓ ହେଉଛି ମଧ୍ୟ । ଏଣୁ ସେ ସବୁର ଆଲୋଚନା ଏହି ସନ୍ଦର୍ଭର ସୀମିତ ପରିସରରେ କରିବା ସମ୍ଭବପର ନୁହେଁ । ତଥାପି ବର୍ତ୍ତମାନ ନିମ୍ନରେ ଏ ସମ୍ପର୍କରେ ଅଦ୍ୟାବଧି ପ୍ରକାଶିତ କେତେକ କାହାଣୀ ଗ୍ରନ୍ଥକୁ ପ୍ରଦାନ କରାଯାଇପାରେ ।

ଓଡ଼ିଆ କଥା / କାହାଣୀ / କିମ୍ବଦନ୍ତୀରେ ଶ୍ରୀଜଗନ୍ନାଥ -(ସାରଣୀ - ୩)

କ୍ରନଂ	କଥାଗ୍ରନ୍ଥର ନାମ	ସ୍ରଷ୍ଟା/ସଂଗ୍ରାହକ	ପ୍ରକାଶନ	ଗ୍ରନ୍ଥର ସାରମର୍ମ
୧.	ଯୁଗେ ଯୁଗେ ଜଗନ୍ନାଥ	ଗଣେଶ ପ୍ରସାଦ ପରିଜା	ସାଥୀ ମହଲ, କଟକ ୧୯୭୫	ଜଗନ୍ନାଥ ଚେତନା ଧର୍ମୀ ୧୭ ଗୋଟି କାହାଣୀ ସ୍ଥାନିତ ।
୨.	ମହାପ୍ରଭୁ ଜଗନ୍ନାଥ	,, ,,	,, ,,	ଶ୍ରୀଜଗନ୍ନାଥଙ୍କୁ ନେଇ ୧୫ ଗୋଟି କଥା ରହିଅଛି ।
୩.	ଶ୍ରୀ ଜଗନ୍ନାଥ	ବଳରାମ ମିଶ୍ର	ବିବରଣୀ ପ୍ରକାଶନୀ ଭୁବନେଶ୍ୱର, ୧୯୭୭	୨୦ ଗୋଟି କଥା ରହିଅଛି
୪.	ଭକ୍ତ ଓ ଜଗନ୍ନାଥ (ଚାରିଖଣ୍ଡ)	ବ୍ରଜକିଶୋର ସାହୁ	କଟକ ଷ୍ଟୁଡେଣ୍ଟସ ଷ୍ଟୋର, ୧୯୮୦	ସଂସ୍କୃତ / ଓଡ଼ିଆ ପୁରାଣ ବର୍ଣ୍ଣିତ ଭକ୍ତମାନଙ୍କ ରଚିତ ।
୫.	ଭକ୍ତପ୍ରିୟ ଜଗନ୍ନାଥ	,, ,,	ମଞ୍ଜୁଳା ସାହୁ ପୁରୀ, ୧୯୮୪	୧୦ ଗୋଟି କଥା ମଧ୍ୟରେ ଶ୍ରୀଜଗନ୍ନାଥ ମହାତ୍ମ୍ୟ ବର୍ଣ୍ଣିତ

୬.	ଦାସିଆ ବାଉରୀ	ଡ. ହରେକୃଷ୍ଣ ମହତାବ	ଝଙ୍କାର, ୧୯୭୮ ଜୁନ	ଜଗନ୍ନାଥ ଚେତନାମୂଳକ କଥା ଓ କାହାଣୀ
୭.	ଦାସିଆ ବାଉରୀ – ସମ୍ବାଦ	ମହାପାତ୍ର ନୀଳମଣି ସାହୁ	ଉତ୍କଳ ପ୍ରସଙ୍ଗ, ୧୯୭୭ ଜୁନ	
୮.	ଭକ୍ତର ଭଗବାନ	ଡ. ବାସୁଦେବ ସାହୁ	ଶ୍ରୀଜଗନ୍ନାଥ, ୧୯୮୦ ୧ମ ସଂଖ୍ୟା	
୯.	ମୁକତି ମାର୍ଗେ ଭକ୍ତଚଳେ	,,	ଶ୍ରୀଜଗନ୍ନାଥ, ୧୯୮୧ ଜୁନ	
୧୦.	ଭକତେ ଭାବ ସେ ବନ୍ଧା	,,	,, ୧୯୮୨ ଜାନୁଆରୀ–ମାର୍ଚ୍ଚ ସଂଖ୍ୟା	
୧୧.	ଭକତମଣି ମଣି ଦାସ	,,	,, ୧୯୮୨, ଜୁନ୍	
୧୨.	ମହାଲକ୍ଷ୍ମୀଙ୍କ ରୋଷ	ସୁଧାଂଶୁବାଳା ପଣ୍ଡା	ଉତ୍କଳ ପ୍ରସଙ୍ଗ, ୧୯୭୬ ଜୁନ୍	
୧୩.	ଯବନଭକ୍ତ ସାଲବେଗ	,,	,, ୧୯୭୭, ଜୁନ୍	
୧୪.	ଶ୍ରୀଜଗନ୍ନାଥଙ୍କ ଦାମ୍ପତ୍ୟ କଳହ	ଗୋପୀନାଥ ରଥ	ଶ୍ରୀଜଗନ୍ନାଥ, ୧୯୮୨, ପୂଜାସଂଖ୍ୟା	
୧୫.	ଧନ୍ୟରେ କାଳିଆ	,,	,, ୧୯୮୩, ୩ୟ ବର୍ଷ/ ୨ସଂଖ୍ୟା	
୧୬.	ସେବା ପରାକାଷ୍ଠା	,,	,, ୧୯୮୪, ୪ର୍ଥ ବର୍ଷ ଶ୍ରୀଗୁଣ୍ଡିଚା ସଂଖ୍ୟା	
୧୭.	ବାଙ୍କି ମୁହାଁଣରେ ବାଳିରଥ	କନକଲତା ମହାନ୍ତି	ଉତ୍କଳ ପ୍ରସଙ୍ଗ, ୧୯୭୮ ରଥ ବିଶେଷାଙ୍କ	
୧୮.	ଲାଣ୍ଡିମାତା ଓ ଶ୍ରୀଜଗନ୍ନାଥ	ପୂର୍ଣ୍ଣଚନ୍ଦ୍ର ମିଶ୍ର	ମାନସ, ୧୯୭୫ ନଭେମ୍ବର	
୧୯.	ରଥସପ୍ତକ	ଚନ୍ଦ୍ରଶେଖର ରଥ	୧୯୯୨	ରଥଯାତ୍ରାଜନିତ ଅନୁଭୂତି ବର୍ଣ୍ଣିତ ୧୨୦ଟି କାହାଣୀ ଜଗନ୍ନାଥଙ୍କ ଭକ୍ତିଭାବକୁ ନେଇ ଉଲ୍ଲିଖିତ ।

୨୦.	ଭକ୍ତର ଜଗନ୍ନାଥ	ଆଶୁତୋଷ ନାୟକ	,,	
୨୧.	ଭକ୍ତଚରିତ କଥାମୃତ	କମଳ କୁମାରୀ ରାଉତ	ଶ୍ରୀଜଗନ୍ନାଥଙ୍କ ମହିମା ପ୍ରଖ୍ୟାପନ	--
୨୨.	ଶ୍ରୀଜଗନ୍ନାଥ	,,	,,	--
୨୩.	ଭକ୍ତବତ୍ସଳ ଜଗନ୍ନାଥ	ଡ. ରାଜକିଶୋର ସାହୁ	--	୨୦ ଜଣ ଭକ୍ତଙ୍କ ଜୀବନୀବୃତ୍ତ ଚିତ୍ରିତ।
୨୪.	ଆମ ଜଗନ୍ନାଥ ଆମ ଭକ୍ତ	ପରମାନନ୍ଦ ଅଧିକାରୀ	--	୨୬ ଜଣ ଭକ୍ତଙ୍କ ଚରିତ ବର୍ଣ୍ଣିତ
୨୫.	ଭକ୍ତ ଜୀବନ	ଦେବୀ ପ୍ରସାଦ ତ୍ରିପାଠୀ	--	ଏଥିରେ ବନ୍ଧୁ ମହାନ୍ତି ଓ ଅନ୍ୟାନ୍ୟ ଭକ୍ତଙ୍କ ଜୀବନୀ ବର୍ଣ୍ଣିତ।
୨୬.	ମୋ କଳାଠାକୁର	ରାମଚନ୍ଦ୍ର ମହାନ୍ତି	--	ଜଗନ୍ନାଥଧର୍ମୀ କଥା
୨୭.	ଶ୍ରୀ ଶ୍ରୀ ଜଗନ୍ନାଥ ଭକ୍ତଚରିତ ମାଳା, ୧ମ ଖଣ୍ଡ	ଡ. ରାମଚନ୍ଦ୍ର ମିଶ୍ର	ଏସ୍.ବି. ପବ୍ଲିକେଶନ କଟକ-୨୦୦୧	୨୬ ଜଣ ଭକ୍ତଙ୍କ ଚରିତକୁ ନେଇ କଥାଗୁଡ଼ିକ ରଚିତ।
୨୮.	ଶ୍ରୀ ଜଗନ୍ନାଥ ଭକ୍ତଚରିତ ମାଳା, ୨ୟ ଖଣ୍ଡ	,,	,, ୨୦୦୨	୨୮ ଜଣ ଜଗନ୍ନାଥ ଭକ୍ତଙ୍କ କାହାଣୀ ବର୍ଣ୍ଣିତ।
୨୯.	ଶ୍ରୀଜଗନ୍ନାଥ କୃପାକଣ୍ଠ ୧ମ ଖଣ୍ଡ	,, ,,	,, ୨୦୦୩	୨୭ ଜଣ ବ୍ୟକ୍ତି ଜଗନ୍ନାଥଙ୍କ ଯେଉଁ କୃପା ପାଇଛନ୍ତି, ତାହା ରୂପାୟିତ
୩୦.	,, ୨ୟ ଖଣ୍ଡ	,,	,, ୨୦୦୪	୨୭ ଗୋଟି କଥା ରହିଅଛି
୩୧.	ଶ୍ରୀ ଶ୍ରୀ ଜଗନ୍ନାଥ କଥାମୃତ	ଡ. ରାମଚନ୍ଦ୍ର ମିଶ୍ର	,, ୨୦୦୮	ଏଥିରେ ୬୮ ଜଣ ଭକ୍ତଙ୍କ କାହାଣୀ ବିଭିନ୍ନ ପୁରାଣରୁ ସଂଗୃହୀତ

ଏତଦ୍‌ବ୍ୟତୀତ ବହୁ କଥାଗ୍ରନ୍ଥ ମଧ୍ୟ ଏହି ଗବେଷିକାଙ୍କ ଅଜାଣତରେ ଓଡ଼ିଶାର ପୁରପଲ୍ଲୀରେ ପ୍ରକାଶ ଲାଭ କରି ଜଗନ୍ନାଥ ଚେତନା ତଥା ମହାତ୍ମ୍ୟର ପରିପ୍ରଚାରରେ ସାହାଯ୍ୟ କରୁଛି, ଯାହା ଉପର୍ଯ୍ୟୁକ୍ତ ସାରଣୀରେ ପ୍ରଦାନ କରାଯାଇପାରିନାହିଁ। କିନ୍ତୁ ସାମଗ୍ରିକ ଭାବେ ବିଚାର କଲେ ପ୍ରତିଦିନ ଭାରତବର୍ଷର ଚତୁର୍ଦ୍ଦିଗରୁ ଆସୁଥିବା ଅଗଣନ ଭକ୍ତ ଜଗନ୍ନାଥଙ୍କ କୃପା ଲାଭ କରିବାରେ

ଲାଗିଛନ୍ତି । ସେ ସବୁ କଥାମୃତକୁ ଆଲୋଚନା କଲେ ଶ୍ରୀଜଗନ୍ନାଥଙ୍କ ଅପରୂପ ଲୀଳା ସହଜରେ ପ୍ରତିପାଦିତ ହୋଇପାରିବ । ସେହିପରି ପ୍ରତ୍ୟେକ କଥା ଅନ୍ତରାଳରେ ରହିଛି ଜଗନ୍ନାଥଙ୍କ ବିଶ୍ୱମାନବିକ ପ୍ରେମଭାବ । ଜଗତ, ଭକ୍ତ ଓ ମଣିଷ ସମାଜର ମଙ୍ଗଳ ପାଇଁ ଏ ସମସ୍ତ କଥା ଗୁଡ଼ିକର ଅବତାରଣା । ବର୍ତ୍ତମାନ ଆମ୍ଭେ ନିମ୍ନରେ ଶ୍ରୀ ଜଗନ୍ନାଥଙ୍କ ଲୀଳା ତଥା ଭକ୍ତିଭାବକୁ ନେଇ ଆଧୁନିକ କ୍ଷୁଦ୍ରଗଳ୍ପମାନ କିପରି ଉଲ୍ଲିଖିତ ତାହାର ସମ୍ୟକ ସୂଚନା ପ୍ରଦାନ କରିବାକୁ ଯାଉଅଛୁ ।

ଶ୍ରୀଜଗନ୍ନାଥ କୈନ୍ଦ୍ରିକ ଆଧୁନିକ କ୍ଷୁଦ୍ରଗଳ୍ପ

ଆପାତତଃ ସମସ୍ତେ ଜାଣନ୍ତି ଯେ କ୍ଷୁଦ୍ରଗଳ୍ପର କଳେବର ସୀମିତ । କେତେକଙ୍କ ମତରେ ଏହା ଲଘୁପକ୍ଷ ପ୍ରଜାପତି । ତେଣୁ ଜଗନ୍ନାଥଙ୍କୁ ନେଇ ବା ଜଗନ୍ନାଥ ଚେତନା ଭିତ୍ତିକ କ୍ଷୁଦ୍ରଗଳ୍ପ ଓଡ଼ିଆ ସାହିତ୍ୟରେ ବିଶେଷ ପ୍ରତୁଳ ନୁହେଁ । ଯାହା କିଛି ଗଳ୍ପ ରହିଛି, ସେଥିରେ ଭକ୍ତର ଭାବଭକ୍ତି ବା ଶ୍ରୀମନ୍ଦିରର ପାବନତା ପ୍ରତିପାଦିତ ହୋଇଥିବା ଅନୁଭୂତ ହୁଏ । ବର୍ତ୍ତମାନ ନିମ୍ନରେ ଏକ ସାରଣୀ ମାଧ୍ୟମରେ ଆମେ ଗଳ୍ପଗୁଡ଼ିକୁ ପ୍ରଦାନ କରୁଅଛୁ ।

ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଜଗନ୍ନାଥ ଚେତନା -(ସାରଣୀ - ୪)

କ୍ରନଂ	ଗାଳ୍ପିକ	ଗଳ୍ପ	ପ୍ରକାଶନ	ମନ୍ତବ୍ୟ
୧.	ନରସିଂହ ଦେଓ	ବଡ଼ଦାଣ୍ଡର ଧୂଳି	ନବଭାରତ, ୧/୧୦ ସଂଖ୍ୟା, ଜୁଲାଇ-୧୯୪୭	ଭକ୍ତି ନାମରେ ସମାଜରେ ଚାଲିଥିବା ଅମଣିଷପଣିଆ ପ୍ରତି ବିଦ୍ରୂପଭାବ ବର୍ଣ୍ଣିତ ।
୨.	ମହାପାତ୍ର ନୀଳମଣି ସାହୁ	ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ	ସଂକଳନ	ସମସ୍ତ ଗଳ୍ପ ଜଗନ୍ନାଥ କୈନ୍ଦ୍ରିକ
୩.	,, ,,	କପୋତ ପକ୍ଷୀ ଗୁରୁ ମୋର	,, ,,	,, ,,
୪.	,, ,,	ଅନ୍ଧରାତିର ସୂର୍ଯ୍ୟ	,, ,,	,, ,,
୫.	,, ,,	ମୁଁ, ତୁମେ ଓ ସେମାନେ	,, ,,	,, ,,
୬.	କୃଷ୍ଣ ପ୍ରସାଦ ମିଶ୍ର	ପଶ୍ଚିମ ମାୟା	ପଶ୍ଚିମା ଗଳ୍ପ ସଂକଳନ କଟକ	ପଶ୍ଚିମ ଭାରତରୁ ଆସିଥିବା ଜଣେ ଯାତ୍ରୀର ଭକ୍ତି ବର୍ଣ୍ଣିତ ।
୭.	ଯଦୁନାଥ ଦାଶ ମହାପାତ୍ର	ଇଚ୍ଛା ପୂରଣ	ଶ୍ରୀଜଗନ୍ନାଥ (ପତ୍ରିକା) ମାର୍ଚ୍ଚ-୧୯୮୨	ଜଗନ୍ନାଥଙ୍କ ଡୋରି ଯୋଗୁ କଲିକତିଆ ପୁଅ ଓ ପୁରୀର ଝିଅ ସହ ବିବାହ କଥା
୮.	ବ୍ରଜମୋହନ ମହାନ୍ତି	ଚକାଡୋଳା	ପରିବ୍ରାଜକ ଗଳ୍ପ ସଂକଳନ ଓଡ଼ିଶା ବୁକ ଷ୍ଟୋର, କଟକ ୧୯୮୧	ଜଣେ କ୍ଷମତାଗର୍ବୀ ନାସ୍ତିକ ଆଇଏସ୍ ଅଫିସର କିପରି ଜଗନ୍ନାଥଙ୍କ ଭକ୍ତି ଆଗରେ ନତମସ୍ତକ ହୋଇଛି ବର୍ଣ୍ଣିତ ।

୯.	ନିମାଇଁ ପଟ୍ଟନାୟକ	କାଳପୁରୁଷ	ଶ୍ରୀଜଗନ୍ନାଥ (ପତ୍ରିକା) ପୂଜାସଂଖ୍ୟା-୧୯୮୨	ଦେବଦାସୀ ଓ ଶ୍ରୀଜଗନ୍ନାଥଙ୍କ ସମ୍ପର୍କକୁ ନେଇ ରଚିତ ।
୧୦.	ଚନ୍ଦ୍ରଶେଖର ରଥ	ଭାବକୁ ନିକଟ	ଶ୍ରୀମନ୍ଦିର ଗୁଣ୍ଡିଚା ବିଶେଷାଙ୍କ, ୧୯୮୨	ଶ୍ରୀଜଗନ୍ନାଥଙ୍କ ଭକ୍ତିର ପରାକାଷ୍ଠା ଗଳ୍ପଟିରୁ ପ୍ରମାଣିତ ହୋଇଥାଏ ।
୧୧.	ଅଧ୍ୟାପକ ବିଶ୍ୱରଞ୍ଜନ	ମୁଁ, ପିତା ଯୀଶୁ ଓ ଜଗନ୍ନାଥ	ଅଳ୍ପକଥାର ଗଳ୍ପ କେତୋଟି ମୟୂର ପବ୍ଲିକେଶନ କଟକ	ଜଗନ୍ନାଥ ଓ ଯୀଶୁଙ୍କ ସମନ୍ୱୟ ଭାବର ପ୍ରଚାର
୧୨.	ପ୍ରଦେଶ ନନ୍ଦିନୀ ଆଚାର୍ଯ୍ୟ	କ୍ରୁଶବିଦ୍ଧ ଜଗନ୍ନାଥ	ସୁଚରିତା ଜୁନ୍-୧୯୭୮	ଜଣେ ହିନ୍ଦୁ କଳାକାରର ଜଗନ୍ନାଥ ପ୍ରାଣତା ପ୍ରଦର୍ଶିତ
୧୩.	ଫନୀ ମହାନ୍ତି	ଜଗତ ଉଦ୍ଧାର ପାଉ	ଉତ୍କଳ ପ୍ରସଙ୍ଗ ଜୁନ୍-୧୯୭୬	ଜଣେ ନାସ୍ତିକ ମଣିଷର ହୃଦୟରେ ଜଗନ୍ନାଥ ଚେତନାର ଉଦୟ
୧୪.	ରତ୍ନାକର ପତି	ଚକାଡୋଳାର ଚକ	ଉତ୍କଳିକା ଅକ୍ଟୋବର-୧୯୭୮	ଜଗନ୍ନାଥ ଚେତନା ସମ୍ବନ୍ଧୀୟ ଗଳ୍ପ

ଏତଦ୍‌ବ୍ୟତୀତ ଆଜି ମଧ୍ୟ ଓଡ଼ିଶା ତଥା ଶ୍ରୀକ୍ଷେତ୍ରରୁ ପ୍ରକାଶିତ ବିଭିନ୍ନ ରଥଯାତ୍ରା ବିଶେଷାଙ୍କମାନଙ୍କରେ ବହୁ ନୂତନ ଗାଳ୍ପିକ ଜଗନ୍ନାଥକୈନ୍ଦ୍ରିକ ଗଳ୍ପମାନ ସୃଷ୍ଟି କରି ଚାଲିଛନ୍ତି । ଏହି ଧରଣର ଗଳ୍ପଗୁଡ଼ିକରେ କାଳିଆ ଠାକୁରଙ୍କ ମହିମା ସୁନ୍ଦର ଭାବେ ବର୍ଣ୍ଣିତ । ସେହିପରି ବହୁ ରମ୍ୟ ରଚନାତ୍ମକ ଗଳ୍ପ ରହିଛି ଯେଉଁଥିରେ ମଣିଷ ସମାଜର ଅହଂ ସର୍ବସ୍ୱ ଜୀବନରେ ଶ୍ରୀଜଗନ୍ନାଥଙ୍କ ମହତ୍ତ୍ୱ ପ୍ରତୀକାତ୍ମକ ଭାବେ ବ୍ୟଞ୍ଜିତ ହୋଇଥିବା ପରିଦୃଷ୍ଟ ହୁଏ । ଗଳ୍ପ ପରି କଥା ସାହିତ୍ୟର ଅନ୍ୟତମ ବିଭବ ଉପନ୍ୟାସ କ୍ଷେତ୍ରରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ଚେତନା ସର୍ବଜନବିଦିତ । ବର୍ତ୍ତମାନ ନିମ୍ନରେ ଓଡ଼ିଆ ଉପନ୍ୟାସ ସାହିତ୍ୟ; ଜଗନ୍ନାଥ ତଥା ଶ୍ରୀମନ୍ଦିରକୁ ନେଇ କିପରି ସମୃଦ୍ଧ ହୋଇଛି ଆସନ୍ତୁ ବିଚାର ଆଲୋଚନା କରିବା ।

ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଶ୍ରୀଜଗନ୍ନାଥ

ଉପନ୍ୟାସ ସର୍ବଦା ବର୍ଣ୍ଣନାଧର୍ମୀ । ଏହାର ବିଷୟବସ୍ତୁ ଯେକୌଣସି ଉପାଦାନରୁ ସଂଗୃହୀତ ହୋଇଥାଏ । ଊନବିଂଶ ଶତାବ୍ଦୀ ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ବହୁ ଓଡ଼ିଆ ଉପନ୍ୟାସ ରଚିତ ହୋଇଥିଲେ ମଧ୍ୟ ତନ୍ମଧ୍ୟରେ ଶ୍ରୀଜଗନ୍ନାଥଙ୍କୁ ନେଇ ବହୁ ଉପନ୍ୟାସ ଅଦ୍ୟାବଧି ଲେଖା ଯାଉଅଛି । ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନ ସହିତ ଶ୍ରୀଜଗନ୍ନାଥ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଓଡ଼ିଶାରେ ଏହି ଧରଣର ଉପନ୍ୟାସଗୁଡ଼ିକରେ ଜଗନ୍ନାଥଙ୍କ ଐତିହ୍ୟ, କିମ୍ବଦନ୍ତୀ, ଅଲୌକିକତା, ଜନଶ୍ରୁତି ତଥା ଆଧ୍ୟାତ୍ମିକ ଭାବ ସମ୍ମିଶ୍ରିତ ହୋଇ ରହିଥିବା ପରିଦୃଷ୍ଟ ହୁଏ । ପ୍ରକାର ଭେଦ ଦୃଷ୍ଟିରୁ ଉପନ୍ୟାସ ବହୁଧା ବିଭକ୍ତ ଯଥା ଐତିହାସିକ ଉପନ୍ୟାସ, ସାମାଜିକ ଉପନ୍ୟାସ, ଚରିତଧର୍ମୀ ଉପନ୍ୟାସ ଓ ରାଜନୀତିକ ଉପନ୍ୟାସ ଇତ୍ୟାଦି । ପ୍ରଥମେ ଐତିହାସିକ ଉପନ୍ୟାସ ସମ୍ପର୍କରେ ଆମ୍ଭେ ଆଲୋଚନା କରିବାକୁ ଉଚିତ ବୋଧ କରୁ ।

ଐତିହାସିକ ଉପନ୍ୟାସରେ ଶ୍ରୀଜଗନ୍ନାଥ - (ସରଣୀ-୫)

୧.	ଫକୀରମୋହନ ସେନାପତି	ଲଛମା	ଉତ୍କଳ ସାହିତ୍ୟ ପ୍ରେସ, କଟକ-୧୯୧୪	ଏହି ଉପନ୍ୟାସରେ ଜଗନ୍ନାଥଙ୍କ ଭକ୍ତିଭାବକୁ ଦର୍ଶାଇଛନ୍ତି ।
୨.	ଗୋଦାବରୀଶ ମିଶ୍ର	ନିର୍ବାସିତ	ଭାରତୀ ବିହାର, କଟକ, ୧୯୫୦	ଗଜପତି ଦିବ୍ୟସିଂହ ଦେବ (୩ୟ)ଙ୍କ ବନ୍ଦୀ ଜୀବନ ଚିତ୍ରିତ ।
୩.	ଗୋଦାବରୀଶ ମହାପାତ୍ର	ରାଜଦ୍ରୋହୀ	ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍, କଟକ-୧୯୨୫	ଜଗନ୍ନାଥ ପ୍ରାଣତାର ପରିଚୟ ମିଳେ ।
୪.	ରାମଚନ୍ଦ୍ର ଆଚାର୍ଯ୍ୟ	ବୀର ଓଡ଼ିଆ	ଷ୍ଟୁଡେଣ୍ଟସ୍ ଷ୍ଟୋର୍ ବ୍ରହ୍ମପୁର-୧୯୨୫	ଜଗନ୍ନାଥଙ୍କ ପ୍ରତି ଭକ୍ତି ଚେତନା ପ୍ରତିଫଳିତ ।
୫.	କୁନ୍ତଳା କୁମାରୀ ସାବତ	ରଘୁ ଅରକ୍ଷିତ	କୁନ୍ତଳା କୁମାରୀ ଗ୍ରନ୍ଥାବଳୀ, ୧୯୨୮	ଭକ୍ତ ରଘୁ ଅରକ୍ଷିତ ଉପରେ ଜଗନ୍ନାଥଙ୍କ ଅପାର କରୁଣା ବର୍ଣ୍ଣିତ ।
୬.	ସୁରେନ୍ଦ୍ର ମହାନ୍ତି	ନୀଳଶୈଳ	କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ୧୯୬୮	ମୋଗଲ ଶାସନ ବେଳେ ନୀଳଶୈଳରେ ଆରାଧିତ ଜଗନ୍ନାଥଙ୍କୁ ଆକ୍ରମଣ ବିଷୟ ।
୭.	’’	ନୀଳାଦ୍ରି ବିଜୟ	ଶିବାନୀ ପ୍ରକାଶିନୀ କଟକ, ୧୯୮୦	ଜଗନ୍ନାଥଙ୍କ ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ ବର୍ଣ୍ଣିତ
୮.	’’	କୃଷ୍ଣାବେଣୀରେ ସନ୍ଧ୍ୟା	’’, ୧୯୮୫	ଗଜପତି ପୁରୁଷୋତ୍ତମ ଦେବଙ୍କ ଜଗନ୍ନାଥ ଭକ୍ତି ଭାବନା
୯.	ପରମାନନ୍ଦ ଅଧିକାରୀ	ନନ୍ଦିଘୋଷ	କିରଣ ପ୍ରକାଶନ, କଟକ	ନନ୍ଦିଘୋଷ ଉପନ୍ୟାସରେ ଜଗନ୍ନାଥ ଭାବନା
୧୦.	ମୁକୁନ୍ଦ ଦାଶ	କଳାପାହାଡ଼	ଷ୍ଟୁଡେଣ୍ଟସ୍ ଷ୍ଟୋର, ବ୍ରହ୍ମପୁର-୧୯୪୬	କଳାପାହାଡ଼ର ପୁରୀ ମନ୍ଦିର ଆକ୍ରମଣ ଓ ଜଗନ୍ନାଥଙ୍କ ଇତିହାସ ବର୍ଣ୍ଣିତ
୧୧.	ବିକ୍ରମ ଦାଶ	ବନ୍ଦୀ ଜୀବନ (ନିର୍ବାସିତ - ଗଜପତି)	ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ-୧୯୮୭	ଶ୍ରୀଜଗନ୍ନାଥଙ୍କତ ପ୍ରତି ପୁରୀ ଗଜପତି ଦିବ୍ୟସିଂହ ଦେବ(୩ୟ)ଙ୍କ ଭକ୍ତିର ପରାକାଷ୍ଠା ପ୍ରଦର୍ଶିତ ।
୧୨.	ଶାନ୍ତିଲତା ମହାପାତ୍ର (ବଳ)	ସ୍ୱାଧୀନତାର ଶେଷସୂର୍ଯ୍ୟ	--	ମୁକୁନ୍ଦଦେବଙ୍କ ଜଗନ୍ନାଥ ପ୍ରାଣତାର ଚିତ୍ର ଏଥିରେ ପ୍ରଦତ୍ତ ।
୧୩.	ସୁରେନ୍ଦ୍ର ମହାନ୍ତି (ସନାତନୀ)	ନୀଳାଦ୍ରି ବିହାରୀ	--	ଭୋଇବଂଶର ଦ୍ୱିତୀୟ ରାମଚନ୍ଦ୍ରଦେବ କିପରି ଜଗନ୍ନାଥଙ୍କୁ ସୁରକ୍ଷା ପ୍ରଦାନ କରିଛନ୍ତି ବର୍ଣ୍ଣିତ ।

୧୪.	କୃଷ୍ଣମୋହନ ପଟ୍ଟନାୟକ	ସମୟ ସମାଧି	--	ମୁସଲମାନ ରାଜତ୍ୱ କାଳରେ ଶ୍ରୀଜଗନ୍ନାଥଙ୍କ ପାତାଳୀ ହେବା କଥା ଲିଖିତ ।

ସାମାଜିକ ଉପନ୍ୟାସରେ ଶ୍ରୀଜଗନ୍ନାଥ - (ସାରଣୀ -୬)

୧.	ଗୋପୀନାଥ ମହାନ୍ତି	ଲୟବିଲୟ	ଓଡ଼ିଶା ସାହିତ୍ୟ ବିକାଶ ସହଯୋଗ ସମିତି, କଟକ-୧୯୬୧	ପ୍ରବାହଧର୍ମୀ ଉପନ୍ୟାସ ଲୟବିଲୟରେ ତରୁଣ ରାୟଙ୍କ ଚେତନାରେ ଶ୍ରୀଜଗନ୍ନାଥ ବର୍ଣ୍ଣିତ ।
୨.	ଚନ୍ଦ୍ରଶେଖର ରଥ	ଯନ୍ତ୍ରାରୂଢ଼	ଗ୍ରନ୍ଥମନ୍ଦିର, କଟକ - ୧୯୭୭	ଲେଖକ ମନ୍ଦିର ପୂଜକ ସନାତନ ଦାସଙ୍କ ଚେତନାରେ ଶ୍ରୀଜଗନ୍ନାଥଙ୍କୁ ସ୍ଥାପନ କରିଛନ୍ତି ।
୩.	ଶାନ୍ତନୁ କୁମାର ଆଚାର୍ଯ୍ୟ	ଶକୁନ୍ତଳା	ଅଗ୍ରଦୂତ, କଟକ ୧୯୮୦	ଉପନ୍ୟାସ ପ୍ରାରମ୍ଭରୁ ଶେଷ ଯାଏ ଶ୍ରୀଜଗନ୍ନାଥ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ।
୪.	ହରେକୃଷ୍ଣ ମହତାବ	ନୂତନ ଧର୍ମ	ସାରସ୍ୱତ ପ୍ରେସ, କଟକ -୧୯୩୫	ଜଗନ୍ନାଥଙ୍କ ସେବାଭକ୍ତି ନାମରେ ଯେଉଁ ଭ୍ରଷ୍ଟାଚାର ଚାଲିଛି, ତା'ର ଏହି ଉପନ୍ୟାସରେ ନିନ୍ଦା କରାଯାଇ ମାନବ ଧର୍ମକୁ ପ୍ରାଧାନ୍ୟ ଦିଆଯାଇଛି ।
୫.	ବଳରାମ ପଟ୍ଟନାୟକ	ଅନାଦି ଅନନ୍ତ	ଗ୍ରନ୍ଥ ଭଣ୍ଡାର, ପୁରୀ ୧୯୮୭	ଏହି ପାଞ୍ଚଗୋଟି ଉପନ୍ୟାସରେ ପୁରୀ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ବିଶେଷ ଭାବେ ଚିତ୍ରିତ । ପୁରୋହିତଙ୍କ ମୁଖରେ ଜଗନ୍ନାଥଙ୍କୁ ବିପଦ ବାନ୍ଧବ ବୋଲି କୁହାଯାଇଛି ।
୬.	,,	ପାର୍ଶ୍ୱଦେବତା ଜଗନ୍ନାଥ ସ୍ୱାମୀ		
୭.	,,	ଚରୈବତି		
୮.	,,	ଅନେକ ରୂପ ରୂପାୟ		
୯.	ଗଣେଶ୍ୱର ମିଶ୍ର	ସାମୁଦ୍ରିକ	କଟକ ଷ୍ଟୁଡେଣ୍ଟସ ଷ୍ଟୋର, କଟକ, ୧୯୬୪	
୧୦.	,,	ନେତା	ତତ୍ରୈବ, ୧୯୮୦	ଜଗନ୍ନାଥଙ୍କୁ 'ଅସହାୟର ଶରଣ' ବୋଲି ପ୍ରତିପାଦିତ କରାଯାଇଛି ।

ଚରିତଧର୍ମୀ ଉପନ୍ୟାସ (ସାରଣୀ-୭)

୧.	ସୁରେନ୍ଦ୍ର ମହାନ୍ତି	ଶତାବ୍ଦୀର ସୂର୍ଯ୍ୟ	ଲାର୍କ ବୁକସ କଟକ, ୧୯୭୦	ବାରିଷ୍ଟର ମଧୁସୂଦନ ଦାସଙ୍କ ମନରେ ଜଗନ୍ନାଥଙ୍କ ପ୍ରତି ରହିଥିବା ଭକ୍ତିଭାବ ଏଥିରେ ପ୍ରଦର୍ଶିତ ।
୨.	ବ୍ରଜମୋହନ ମହାନ୍ତି	ଲଳିତ ଲବଙ୍ଗଲତା	ଓଡ଼ିଶା ବୁକ୍ ଷ୍ଟୋର କଟକ-୧୯୮୨	ଜଗନ୍ନାଥଙ୍କ ଭକ୍ତ ମହାକବି ଜୟଦେବଙ୍କ ଭକ୍ତିଭାବ ଏହି ଉପନ୍ୟାସର ବର୍ଣ୍ଣିତ ବିଷୟବସ୍ତୁ ।

ଉପର୍ଯ୍ୟୁକ୍ତ ସମସ୍ତ ସାରଣୀରୁ ଓଡ଼ିଆ ଉପନ୍ୟାସରେ ଜଗନ୍ନାଥ ଚେତନା କିପରି ଭିନ୍ନ ଭିନ୍ନ ରୂପେ ପ୍ରତିପାଦିତ ତାହା ଦର୍ଶାଯାଇଛି । ସାମ୍ପ୍ରତିକ ସାହିତ୍ୟ କ୍ଷେତ୍ରରେ ନୂତନ ପିଢ଼ିର ଔପନ୍ୟାସିକମାନେ ଜଗନ୍ନାଥଙ୍କୁ ଆଧାର କରି ଉପନ୍ୟାସମାନ ଲେଖିବାକୁ ତତ୍ପର ହେଉନଥିବା ଅନୁଭୂତ ହୁଏ । ଯେହେତୁ ଏହି ଯନ୍ତ୍ର ଯୁଗରେ ଈଶ୍ୱର-ବିଶ୍ୱାସ ଧୀରେ ଧୀରେ କମିବାରେ ଲାଗିଛି ତେଣୁ ଓଡ଼ିଆ ଔପନ୍ୟାସିକଗଣ ମଧ୍ୟ ଜଗନ୍ନାଥଙ୍କୁ ନେଇ ଉପନ୍ୟାସ ସୃଷ୍ଟି କରିବାକୁ ଅବହେଳା ପ୍ରଦର୍ଶନ କରୁଛନ୍ତି । ସର୍ବୋପରି ଜଗନ୍ନାଥ- ଜଗତର ନାଥ ହୋଇ ଆଜି ସମଗ୍ର ବିଶ୍ୱରେ ଆଦୃତ । ତାଙ୍କର ପାବନତା ଆଜି ଦେଶ ବିଦେଶରେ ମଧ୍ୟ ପ୍ରଚାରିତ । ସେ ଆଜି କେବଳ ଓଡ଼ିଶାର ଦେବତା ନୁହନ୍ତି, ଅଖିଳ ବ୍ରହ୍ମାଣ୍ଡର ପତି । ବିଦେଶରେ ମଧ୍ୟ ଔପନ୍ୟାସିକଗଣ ଜଗନ୍ନାଥଙ୍କ ପ୍ରତି ରଖିଥିବା ଅହେତୁକ ଭକ୍ତିଭାବ ପ୍ରଦର୍ଶନ କରିବାକୁ ଯାଇ ଉପନ୍ୟାସମାନ ଲେଖିବାକୁ ବସିଲେଣି । ଏହି ମର୍ମରେ ବିଚାର କଲେ ଜଣାଯାଏ ଯେ ଜଗନ୍ନାଥ ଚେତନାଧର୍ମୀ କଥା, କାହାଣୀ ଓ ଉପନ୍ୟାସରେ ଓଡ଼ିଶାର ବିଭିନ୍ନ ଜନଶ୍ରୁତି/କିମ୍ବଦନ୍ତୀ/ଲୋକକଥା ଜୀବନ୍ତ ଭାବେ ପ୍ରକାଶ ପାଇବାରେ ଲାଗିଛି । ପ୍ରକାଶଥାଉକି ଉପର ବର୍ଣ୍ଣିତ ଗଳ୍ପ ଓ ଉପନ୍ୟାସ ଗୁଡ଼ିକରେ ବିଶ୍ୱମାନବବାଦର ଚିତ୍ର ହିଁ ସମନ୍ୱିତ ହୋଇ ରହିଛି । ପୃଥିବୀର ସମସ୍ତ ଜାତି-ବର୍ଣ୍ଣ-ସଂପ୍ରଦାୟର ଲୋକମାନଙ୍କର ସମସ୍ତ ବେଦନା, ଦୁଃଖକୁ ମୋଚନ କରିବା ନିମନ୍ତେ ଦୟାଭାବ ପ୍ରଦର୍ଶନ କରିଥାନ୍ତି । ତାଙ୍କର ରଥଯାତ୍ରାରେ ବିଶ୍ୱର କୋଣ ଅନୁକୋଣରୁ ଆସିଥିବା ଅଣହିନ୍ଦୁ ଭକ୍ତମାନଙ୍କୁ ଦର୍ଶନ ଦେବାସହ ଶ୍ରୀଜଗନ୍ନାଥ ସେମାନଙ୍କ ମନୋବାଞ୍ଛା ପୂରଣ କରିବାରେ ଆଦୌ ଅବହେଳା ପ୍ରଦର୍ଶନ କରିନଥାନ୍ତି । ଆଗନ୍ତୁକ ଅତିଥିଗଣ ରଥର ଆଗେ ଆଗେ ଜଗତର ମଙ୍ଗଳ ପାଇଁ

''ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ ରାମ ରାମ ହରେ ହରେ ।''

ମହାମନ୍ତ୍ର ଆନନ୍ଦରେ ଉନ୍ମତ୍ତ ହୋଇ ନାଚି ନାଚି ଗାଇ ବୁଲିବାର ଦୃଶ୍ୟର ପଟାନ୍ତର ନାହିଁ । ସୁତରାଂ ଓଡ଼ିଆ କଥା ସାହିତ୍ୟରେ ଶ୍ରୀଜଗନ୍ନାଥଙ୍କ ନୀତିମୟ ଆଦର୍ଶବୋଧ ଓ ମାନବବୋଧର ଚିତ୍ର ଭରପୁର ହୋଇ ରହିଅଛି । ଏତଦ୍‌ବ୍ୟତୀତ ଓଡ଼ିଆ ପ୍ରବନ୍ଧ, ରମ୍ୟରଚନା, ଆଲୋଚନା ଓ ସମାଲୋଚନା ଗ୍ରନ୍ଥ ଗୁଡ଼ିକରେ ଶ୍ରୀଜଗନ୍ନାଥଙ୍କ ମାନବିକ ମୂଲ୍ୟବୋଧର ଚିତ୍ର କିପରି ବର୍ଣ୍ଣିତ ତାହା ନିମ୍ନରେ ପ୍ରଦାନ କରାଗଲା ।

ଓଡ଼ିଆ ଗଦ୍ୟ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନାର ଚିତ୍ର

ପ୍ରସଙ୍ଗ କ୍ରମେ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟରେ ଶ୍ରୀଜଗନ୍ନାଥଙ୍କ ଉଲ୍ଲେଖକୁ ନେଇ ଆଲୋଚନା କଲାବେଳେ ଓଡ଼ିଆ ଗଦ୍ୟ ସାହିତ୍ୟର ବିକାଶ କ୍ରମ ସମ୍ପର୍କରେ ଆଲୋଚନା କରିବା ବିଧେୟ । ପୂର୍ବେ ସଂସ୍କୃତ ସାହିତ୍ୟରେ ପ୍ରତ୍ୟେକ ସ୍ରଷ୍ଟାଙ୍କୁ କବି ବୋଲି କୁହାଯାଉଥିଲା । କବିର କର୍ମ ହିଁ କାବ୍ୟ ଥିଲା । ଏପରିକି କବିର ସମସ୍ତ ସୃଷ୍ଟି ସାହିତ୍ୟ ଓ କାବ୍ୟ ନାମରେ ପରିଚିତ ଥିଲା । ଧୀରେ ଧୀରେ ସାହିତ୍ୟ ବିକଶିତ ହୋଇ ଦ୍ୱିଧା ବିଭକ୍ତ ହୁଏ । ଯଥା ଶ୍ରାବ୍ୟ କାବ୍ୟ ଓ ଦୃଶ୍ୟ କାବ୍ୟ । ପୁନଶ୍ଚ ଶ୍ରାବ୍ୟ କାବ୍ୟ ଦୁଇ

ଭାଗରେ ବିନ୍ୟାସ ହୁଏ ଯଥା ଗଦ୍ୟ କାବ୍ୟ ଓ ପଦ୍ୟ କାବ୍ୟ । ଏ ସମସ୍ତ ମଧ୍ୟରେ ସଂସ୍କୃତ ପଣ୍ଡିତଗଣ ଗଦ୍ୟ କାବ୍ୟକୁ ସାହିତ୍ୟ ଜଗତରେ ବିଶେଷ ପ୍ରାଧାନ୍ୟ ଦେଇ ଆସିଛନ୍ତି । ସେମାନଙ୍କ ମତରେ, 'ଗଦ୍ୟଂ କବିନାଂ ନିକସାଂ ବଦନ୍ତି' ଅର୍ଥାତ୍ ଯେଉଁ କବି (ବ୍ୟକ୍ତି) ଗଦ୍ୟରେ ତା'ର ମନର ଭାବକୁ ପ୍ରକାଶ କରିବାକୁ ସମର୍ଥ ହୁଏ ତାଙ୍କୁ ହିଁ ଉତ୍କୃଷ୍ଟ କବିର ସମ୍ମାନ ଯୁଗେ ଯୁଗେ ଦିଆଯାଇ ଆସିଛି ।

ଏହି ପରିପ୍ରେକ୍ଷୀରେ ଆମ୍ଭେ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟରେ ଶ୍ରୀ ଜଗନ୍ନାଥଙ୍କ ବିଷୟ ସମ୍ପର୍କରେ ଆଲୋଚନା କଲାବେଳେ ତାହାର ପ୍ରେକ୍ଷାପଟରେ ରହିଥିବା ପ୍ରାଚୀନ ଓଡ଼ିଆ ଗଦ୍ୟ ସାହିତ୍ୟ ବିଷୟରେ ସଂକ୍ଷେପରେ ଆଲୋଚନା କରିବା ଉଚିତ । ଆମର ଓଡ଼ିଆ ଗଦ୍ୟର ସ୍ୱରୂପ ସମ୍ପର୍କରେ ବିଚାର କଲେ ପ୍ରଥମେ ଆଖିରେ ପଡ଼େ କିଛି ଶିଳାଲେଖ ଓ ତାମ୍ରଲେଖ, ତନ୍ମଧ୍ୟରେ ଜଗନ୍ନାଥଙ୍କ ସମ୍ପର୍କରେ କିଛି ଶବ୍ଦ, ମନ୍ଦିର ତିଆରି ସମ୍ପର୍କରେ କିଛି ତଥ୍ୟ ଆମ୍ଭେ ଦେଖିବାକୁ ପାଉ । ପଞ୍ଚଦଶ ଶତାବ୍ଦୀ ଅର୍ଥାତ୍ ମହାକବି ସାରଳାଙ୍କ ପୂର୍ବବର୍ତ୍ତୀ ଓଡ଼ିଆ ଗଦ୍ୟ କହିଲେ ନରସିଂହଦେବଙ୍କ ଖୋଦିତ ଦ୍ୱୈଭାଷିକ ଶିଳାଲେଖ, (ଖ୍ରୀ.ଅ ୧ ୨ ୪ ୯ ମସିହା) ଓଡ଼ିଶାର ପ୍ରାଚୀନତମ ଶିଳାଲେଖ। ଏଥିରୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ବ୍ୟବହୃତ କିଛି ଶବ୍ଦର ଉଦାହରଣ ଆମ୍ଭେ ଦେଖିବାକୁ ପାଉ । ବାସ୍ତବରେ ଓଡ଼ିଶାରେ ଗଙ୍ଗବଂଶର ଶାସନ କାଳରେ ପ୍ରାଚୀନ ଓଡ଼ିଆ ଗଦ୍ୟର ଯଥାର୍ଥ ଉନ୍ମେଷ ହୋଇଥିଲା, ତାହାର ପୂର୍ବରୁ ଅର୍ଥାତ୍ ଗଜପତି କପିଳେନ୍ଦ୍ର ଦେବଙ୍କ ୧୪୫୧ ଖ୍ରୀଷ୍ଟାବ୍ଦର ଅଭିଲେଖ ବର୍ତ୍ତମାନର ଜଗନ୍ନାଥ ମନ୍ଦିରର 'ଜୟ ବିଜୟ' ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ ରହିଅଛି । ଏଥିରେ ଜଗନ୍ନାଥଙ୍କ ସେବା ପାଇଁ କିଛି ନିର୍ଦ୍ଦେଶ ରହିଅଛି । ସେହିପରି ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରାଚୀନ ଗଦ୍ୟ ସାହିତ୍ୟରେ ଶ୍ରୀଜଗନ୍ନାଥଙ୍କ ବିଷୟର ବର୍ଣ୍ଣନାର ଯେଉଁ କେତେକ ଗଦ୍ୟ ଗ୍ରନ୍ଥ ଆଜି ଉପଲବ୍ଧ ହେଉଅଛି, ତନ୍ମଧ୍ୟରେ ଗୋରଖନାଥଙ୍କ ଶିଶୁବେଦ, ନାରାୟଣା ନନ୍ଦ ଅବଧୂତ ସ୍ୱାମୀଙ୍କ ରୁଦ୍ର ସୁଧାନିଧି, ମାଦଳା ପାଞ୍ଜି, ଚଇନିଙ୍କ ଚକଡ଼ା, ଜଗନ୍ନାଥ ଦାସଙ୍କ ତୁଳା ଭୀଣା, ବଳରାମ ଦାସଙ୍କ ବ୍ରହ୍ମ ଗୀତା, ଶରଣ ଦାସଙ୍କ ଚାଚେରୀ ଲୀଳା ପ୍ରଭୃତି ପ୍ରଣିଧାନଯୋଗ୍ୟ । ଏଗୁଡ଼ିକରେ ବୈଷ୍ଣବ ଧର୍ମର ବିକାଶ ଓ ଶ୍ରୀ ଜଗନ୍ନାଥଙ୍କ ଲୀଳାକୁ ମୁଖ୍ୟ ଭାବରେ ସ୍ଥାନ ଦିଆଯାଇଛି । ବିଶେଷ କରି ମାଦଳା ପାଞ୍ଜିରୁ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ, ଚତୁର୍ଦ୍ଧା ମୂର୍ତ୍ତିଙ୍କ ଗଠନ, ରାଜାମାନଙ୍କର ଜଗନ୍ନାଥଙ୍କ ପାଇଁ ସୁନା, ରୂପା, ମୋତି, ମାଣିକ୍ୟ ପ୍ରଦାନ, ବିଭିନ୍ନ ପର୍ବପର୍ବାଣିର ସୃଷ୍ଟି, ମହାପ୍ରସାଦର ଆରମ୍ଭ, ରଥଯାତ୍ରା, ଦୋଳଯାତ୍ରା, ଚନ୍ଦନଯାତ୍ରା ପ୍ରଭୃତିର ବର୍ଣ୍ଣନା ଓ ଶ୍ରୀମନ୍ଦିର ସମ୍ପର୍କୀୟ ବହୁ ତଥ୍ୟ ଓ ଉପାଦାନ ସହଜରେ ଆମକୁ ମିଳିପାରିଥାଏ, ଯାହାକି ଆମ୍ଭେ ପୂର୍ବ ପରିଚ୍ଛେଦରେ ଅବତାରଣା କରିଅଛୁ ।

କେବଳ ସେତକ ନୁହଁ, ୧୮୫୦ ମସିହା ପରେ ଖ୍ରୀଷ୍ଟଧର୍ମାବଲମ୍ବୀ ଇଂରେଜୀମାନେ ଓଡ଼ିଶାର ଶାସନ ଡୋରିକୁ ଧରି ଶ୍ରୀଜଗନ୍ନାଥଙ୍କ ବିରୋଧରେ ଦୀର୍ଘ ୨୦ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ଗ୍ରନ୍ଥ ରଚନା କରିଥିଲେ । ଏଥିରେ ସେମାନଙ୍କର ପ୍ରକୃତ ଉଦ୍ଦେଶ୍ୟ ଥିଲା ଶ୍ରୀଜଗନ୍ନାଥଙ୍କୁ ବିରୋଧ କରି ଖ୍ରୀଷ୍ଟଧର୍ମର ପରିପ୍ରଚାର କରିବାର ଲକ୍ଷ୍ୟ । କିନ୍ତୁ ଏହି ଲକ୍ଷ୍ୟରେ ସେମାନେ ସିଦ୍ଧି ଲାଭ କରିନଥିଲେ । ୧୮୮୦ ଖ୍ରୀଷ୍ଟାବ୍ଦ ବେଳକୁ ଏହାର ବିରୋଧରେ ବହୁ ଲେଖକ ସ୍ୱରଉତ୍ତୋଳନ କରିବାକୁ ଲାଗିଲେ । ଫଳରେ ଶ୍ରୀଜଗନ୍ନାଥଙ୍କୁ ନେଇ ଗବେଷକଗଣ ଗବେଷଣା କରିବାକୁ ଆରମ୍ଭ କଲେ । ବିଶେଷ ଭାବେ ସତ୍ୟବାଦୀ ଯୁଗରେ ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କର 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ଗ୍ରନ୍ଥରେ ପ୍ରଥମ କରି ଶ୍ରୀଜଗନ୍ନାଥଙ୍କ ସୃଷ୍ଟି, ଉଦ୍ଭବ ଓ ବିକାଶ ସମ୍ପର୍କରେ ଜ୍ଞାନଗର୍ଭକ ପ୍ରବନ୍ଧମାନ ରଚନା କରିଥିଲେ । ଏହା ପରେ ପରେ ଡ. ବେଣୀମାଧବ ପାଢ଼ୀ ଶ୍ରୀଜଗନ୍ନାଥଙ୍କୁ ନେଇ ଗବେଷଣା କରି ତାଙ୍କର ନିବନ୍ଧ 'ଦାରୁଦେବତା' ଗ୍ରନ୍ଥ ପ୍ରକାଶ କରିଥିଲେ । ଆଧୁନିକ ଗଦ୍ୟ ସାହିତ୍ୟରେ ହଜାର ହଜାର ଲେଖକ ଶ୍ରୀକ୍ଷେତ୍ର, ପୁରୁଷୋତ୍ତମ, ଶ୍ରୀମନ୍ଦିର ଓ ଶ୍ରୀ ଜଗନ୍ନାଥଙ୍କ ଆଧ୍ୟାତ୍ମିକ ଦର୍ଶନକୁ ନେଇ ଗ୍ରନ୍ଥମାନ ରଚନା କରିବାକୁ ଲାଗିଲେ । ସେ ସବୁର ବିସ୍ତୃତ ଆଲୋଚନା କରିବା ଏଠାରେ ସମ୍ଭବପର ନୁହେଁ । ଏଣୁ ଆମ୍ଭେ ନିମ୍ନୋକ୍ତ ଅନୁଶୀଳନୀ ମାଧ୍ୟମରେ ସଂକ୍ଷେପରେ ତାହାର ଉଲ୍ଲେଖ କରୁଅଛୁ ।

ଓଡ଼ିଆ ଗଦ୍ୟ ସାହିତ୍ୟରେ ଶ୍ରୀଜଗନ୍ନାଥ - (ସାରଣୀ -୮)

କ୍ର.ନଂ	ଗଦ୍ୟ/ପ୍ରବନ୍ଧ/ଆଲୋଚନା ଗ୍ରନ୍ଥର ଲେଖକଙ୍କ ନାମ	ଗଦ୍ୟ / ପ୍ରବନ୍ଧ / ଆଲୋଚନା ଗ୍ରନ୍ଥ	ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ସୂଚନା
୧	ପଣ୍ଡିତ ନୀଳକଣ୍ଠ ଦାଶ	କ. ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ଖ. ଶ୍ରୀମଦ୍ ଭଗବତ ଗୀତାର ପୃଷ୍ଠଭୂମି ଗ. ସଂସ୍କୃତ ଓ ସଂସ୍କୃତି	'ଓଡ଼ିଶା ଓ ଜଗନ୍ନାଥ', 'ତନ୍ତ୍ର ମତରେ ଶ୍ରୀଜଗନ୍ନାଥ' ପ୍ରଭୃତି ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି ଗ୍ରନ୍ଥରେ ପୁରୁଷୋତ୍ତମଙ୍କୁ ସେ ପୁରାଣର ଶ୍ରୀଜଗନ୍ନାଥ କହିଛନ୍ତି । ଆର୍ଯ୍ୟେତର ପ୍ରଭାବ ଓ ସଂସ୍କୃତିର ସମୀକରଣ, ଜଗନ୍ନାଥ-ସଦାବ୍ରତ ଉପରେ ଆଲୋଚନା କରିଛନ୍ତି ।
୨	ହରେକୃଷ୍ଣ ମହତାବ	ଓଡ଼ିଶା ଇତିହାସ, ୨ୟ ଭାଗ	ତାଙ୍କ ମତରେ ବୌଦ୍ଧ ଧର୍ମ ହିଁ ଜଗନ୍ନାଥ ଉପାସନା ।
୩	ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାସ	ଓଡ଼ିଆ ସାହିତ୍ୟର ଇତିହାସ (୧ମ ଭାଗ) ଏହି ଗ୍ରନ୍ଥରେ ମାଦଳା ପାଞ୍ଜି ଚଇନିଙ୍କ ଚକଡ଼ାରେ ଜଗନ୍ନାଥଙ୍କ ତଥ୍ୟ ଆଲୋଚିତ । ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ ମଧ୍ୟ ଏହି ବହିରେ ପ୍ରଦତ୍ତ ।	ସେ ଏହି ଶୀର୍ଷକରେ ପୁରୁଷୋତ୍ତମ କ୍ଷେତ୍ରର ପ୍ରାଚୀନତା ଠାରୁ ଆରମ୍ଭ କରି ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ, ତ୍ରିମୂର୍ତ୍ତି ଓ ଚତୁର୍ଦ୍ଧା ମୂର୍ତ୍ତି ତତ୍ତ୍ୱ, ଶୈବ, ଶାକ୍ତ, ଗାଣପତ୍ୟ, ବୌଦ୍ଧ, ଜୈନ ପ୍ରଭୃତି ଧର୍ମର ପ୍ରଭାବ, ଇନ୍ଦ୍ରଦ୍ୟୁମ୍ନ ଆଖ୍ୟାନ, ଷୋଡ଼ଶୋଷଚାର ପୂଜା, ବିଭିନ୍ନ ଯାନିଯାତ୍ରା, ବେଶଭୂଷା, ରାମ, କୃଷ୍ଣ ଓ ବୁଦ୍ଧ ସ୍ୱରୂପ ଶ୍ରୀମନ୍ଦିରର ଇତିହାସ ଇତ୍ୟାଦି ଉଲ୍ଲେଖ କରିଛନ୍ତି ।
୪	କାହ୍ନୁଚରଣ ମିଶ୍ର	The Cult of Jagannath	ଡ. ମିଶ୍ର ଏହି ପୁସ୍ତକରେ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ, ଇତିହାସ, ଶ୍ରୀମନ୍ଦିର, ପୂଜା ପାର୍ବଣ, ବେଶ, ଭୋଗ ପ୍ରଭୃତିର ଗଭୀର ଆଲୋଚନା କରିବା ସହ ଶ୍ରୀଜଗନ୍ନାଥ ଯେମିତି ଆମର ଦୈନନ୍ଦିନ ଜୀବନର ଚର୍ଯ୍ୟା, ସମାଜ, ସଂସ୍କୃତି ଓ ସାହିତ୍ୟରେ ରହିଛନ୍ତି ତାହା ବର୍ଣ୍ଣିତ ।
୫	ବେଣୀମାଧବ ପାଢ଼ୀ	(୧) ଦାରୁଦେବତା (୨) ଶ୍ରୀଜଗନ୍ନାଥ ତତ୍ତ୍ୱ-ବିମର୍ଶ	ଏହି ଗ୍ରନ୍ଥ ଦ୍ୱୟରେ ଡ. ପାଢ଼ୀ ବେଦ, ଉପନିଷଦ, ସଂସ୍କୃତ ସ୍କନ୍ଦ, ପଦ୍ମ, ବ୍ରହ୍ମ, ପୁରାଣ ଓ କପିଳ ସଂହିତା ସବୁକୁ ଅଧ୍ୟୟନ କରି ଦାରୁଦେବତାଙ୍କ ସମ୍ବନ୍ଧୀୟ ଯଥେଷ୍ଟ ପ୍ରମାଣ ପ୍ରଦାନ କରିଛନ୍ତି । ସେହିପରି ଦ୍ୱିତୀୟ

			ବହିଟି ଲେଖକଙ୍କ ଶ୍ରୀଜଗନ୍ନାଥ ତତ୍ତ୍ୱ ସମ୍ପର୍କରେ ରଚିତ।
୬	ବଂଶୀଧର ମହାନ୍ତି	ଶ୍ରୀଜଗନ୍ନାଥ	ଏହି ପୁସ୍ତକରେ ଶ୍ରୀଜଗନ୍ନାଥଙ୍କ ଇତିହାସ, ବିଦେଶରେ ଜଗନ୍ନାଥ ଉପାସନା ଓ ରଥଯାତ୍ରା, ଜଗନ୍ନାଥ ଧର୍ମର ସମନ୍ୱୟ, ଭକ୍ତ, କ୍ଷେତ୍ର, ପୂଜାପାର୍ବଣ, ନୀତି, ନିଯୋଗ ଓ ଯାତ୍ରାର ବିଶେଷ ଆଲୋଚନା କରାଯାଇଛି।
୭	ଅନିରୁଦ୍ଧ ଦାସ	କ. ଶ୍ରୀଜଗନ୍ନାଥ ଓ ନେପାଳ	ଏହି ଗ୍ରନ୍ଥରେ ପ୍ରାବନ୍ଧିକ ନେପାଳ ରାଜବଂଶର ଶ୍ରୀଜଗନ୍ନାଥଙ୍କ ସହିତ କିପରି ସମ୍ପର୍କ ରହିଛି, ତାହା ଦେଖାଇଛନ୍ତି।
		ଖ. ଶବର	ତାଙ୍କର ଏହି ପୁସ୍ତକରେ ସେ ଶବର ଜାତିର ଐତିହ୍ୟ ଓ ସଂସ୍କୃତିର ବିଚାର କରି ଶ୍ରୀଜଗନ୍ନାଥଙ୍କ ସହିତ ସେମାନଙ୍କ ସମ୍ପର୍କ ଉପରେ ଆଲୋକପାତ କରିଛନ୍ତି।
		ଗ. ନବକଳେବର	ଶ୍ରୀଯୁକ୍ତ ଦାସ ଏଠାରେ ନବକଳେବର ଐତିହାସିକ, ପୌରାଣିକ, ଦାର୍ଶନିକ ଦିଗ ଉପରେ ଆଲୋକପାତ କରିବା ସହ ସେ ଗୀତାର 'ବାସାଂସି ଜୀର୍ଣ୍ଣାନି' ଶ୍ଳୋକର ତାତ୍ତ୍ୱିକ ବ୍ୟାଖ୍ୟା କରି ବିଷୟର ଅବତାରଣା କରିଛନ୍ତି।
୮	ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ	ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ଇତିହାସ	ନିଜ ଗ୍ରନ୍ଥରେ ଶ୍ରୀମନ୍ଦିରର କ୍ଷେତ୍ର ମାହାତ୍ମ୍ୟ ଠାରୁ ଆରମ୍ଭ କରି ଇତିହାସ ଦେବାଦେବୀ ଶ୍ରୀଜଗନ୍ନାଥଙ୍କ ପୂଜା, ନୀତି, ଭୋଗ, ବେଶ, ଯାତ୍ରା ଓ ତୀର୍ଥ ଆଦିର ପରିଚୟ ପ୍ରଦାନ କରି ମୂର୍ତ୍ତିତତ୍ତ୍ୱ ବିଷୟରେ ବିଚାର କରିଛନ୍ତି।
୯	ହରିହର ବାହିନୀପତି	ଶ୍ରୀକ୍ଷେତ୍ର ମାହାତ୍ମ୍ୟ	ପୁରୁଷୋତ୍ତମ କ୍ଷେତ୍ର ମହାତ୍ମ୍ୟ, ଇନ୍ଦ୍ରଦ୍ୟୁମ୍ନ କଥା, ମୂର୍ତ୍ତି ତତ୍ତ୍ୱ ରଥଯାତ୍ରା, ନବକଳେବର, ଶ୍ରୀଲୋକନାଥ, ବାଟମଙ୍ଗଳା, ଶ୍ରୀଜଗନ୍ନାଥ ସଂସ୍କୃତିର ମାନବ ଧର୍ମ ଓ ଶକ୍ତି ଚେତନା, ଭକ୍ତ ସାଲବେଗ କଥା ମଧ୍ୟ ସମ୍ୟକ ଆଲୋଚନା କରିଛନ୍ତି।

୧୦	ଗଗନେନ୍ଦ୍ର ନାଥ ଦାଶ	କାଞ୍ଚିକାବେରୀ	ଏହା ଏକ ଇତିହାସ ଓ କିମ୍ବଦନ୍ତୀ ମିଶ୍ରିତ ରୂପ । ଏଥିରେ ଶ୍ରୀଜଗନ୍ନାଥଙ୍କର ମଧ୍ୟଯୁଗୀୟ ଓଡ଼ିଶାରେ ପ୍ରଭୁତ୍ୱ ଖୁବ୍ ଥିଲା । ଡ. ନାଥ ଏହାକୁ ଗଭୀର ଭାବରେ ଅଧ୍ୟୟନ କରି ଜଗନ୍ନାଥପ୍ରାଣତା ଓ ଗଭୀର ନିଷ୍ଠାର ପରିଚୟ ପ୍ରଦାନ କରିଛନ୍ତି ।
୧୧	ପଣ୍ଡିତ ସଦାଶିବ ରଥଶର୍ମା	କ. ପୁରୁଷୋତ୍ତମ ଯୋଗ ଖ. ନବକଳେବର	ଏଥିରେ ଶ୍ରୀଜଗନ୍ନାଥ ତତ୍ତ୍ୱର ବିଶ୍ଳେଷଣ କରାଯାଇଛି । ଏହି ଗ୍ରନ୍ଥରେ ସେ 'ବ୍ରହ୍ମ' ତାତ୍ତ୍ୱିକ ବ୍ୟାଖ୍ୟା କରି ନବକଳେବର ଉତ୍ପତ୍ତି ଓ ବିକାଶ ଉପରେ ଦୃଷ୍ଟିପାତ କରିଛନ୍ତି ।
୧୨	ଅର୍ଜୁନ ଯୋଷୀ	କ. ସୃଷ୍ଟିର ପ୍ରଥମ ଆଲୋକ ଖ. କୃଷ୍ଣ ସହିତ ଜଗନ୍ନାଥ	ଏଥିରେ ପ୍ରାବନ୍ଧିକ ଜଗନ୍ନାଥଙ୍କ ବେଢ଼ାରେ ଦ୍ୱାଦଶ ହନୁମାନ ଏବଂ ତାଙ୍କର ମନ୍ଦିର ଲୁଣ୍ଠନର ଇତିହାସ ଉପସ୍ଥାପନ କରିଛନ୍ତି । ଏହି ପୁସ୍ତକରେ ଜଗନ୍ନାଥ ଓ କୃଷ୍ଣଙ୍କର ଏକତ୍ୱଭାବ ପ୍ରତିପାଦନ କରାଯାଇଛି ।
୧୩	ଗୌରୀ କୁମାର ବ୍ରହ୍ମା	ଜଗନ୍ନାଥ ପୁରୀ ଦେଖନ୍ତୁ	ଶ୍ରୀକ୍ଷେତ୍ର ସମ୍ବନ୍ଧୀୟ ଏକ ପରିଚୟ ପୁସ୍ତକ । ଏଥିରେ ପୁରୀର ବିଭିନ୍ନ ଦେବଦେବୀଙ୍କର ଅବସ୍ଥିତି, ତୀର୍ଥସ୍ଥଳୀ ଓ ବିଭିନ୍ନ ନିବାସ ଓ ଯୋଗାଯୋଗର ତଥ୍ୟ ମିଳେ ।
୧୪	ପ୍ରାଣବନ୍ଧୁ ମହାପାତ୍ର	ଜଗନ୍ନାଥ ପରିଚୟ	ତାଙ୍କର ଏହି ଲେଖାଟିରେ ବିଶେଷ କରି ନୀଳମାଧବଙ୍କ ବିବରଣୀ, ଚତୁର୍ଦ୍ଧା ମୂର୍ତ୍ତିଙ୍କର ଆବିର୍ଭାବ ଏବଂ ତାଙ୍କର ସେବାପୂଜା, ଯାନିଯାତ୍ରା, ବେଶ, ଧୂପ, ତୀର୍ଥ ଓ ଦେବାଦେବୀଙ୍କର ଶ୍ରେଣୀ ବିଭାଗ ବର୍ଣ୍ଣିତ ହୋଇଛି ।
୧୫	ବାସୁଦେବ ସାହୁ	ଜଗନ୍ନାଥ ଚେତନାର ଉଦ୍ଭବ ଓ ବିକାଶ (୧ମ ଓ ୨ୟ ଭାଗ)	ଏହି ପୁସ୍ତକରେ ଡ. ସାହୁ ଓଡ଼ିଶାର ପ୍ରସିଦ୍ଧି ମୂଳରେ ଜଗନ୍ନାଥଙ୍କ ଭୂମିକା, ଜଗନ୍ନାଥ ଚେତନାର ଉଦ୍ଭବ ଓ ବିକାଶ ଶବର ସଂସ୍କୃତି, ଜଗନ୍ନାଥ ସଂସ୍କୃତିର ସ୍ୱରୂପ, ଓଡ଼ିଶାର ପ୍ରଚଳିତ ଧର୍ମଧାରା, ମାଧବ ଉପାସନା, ଶ୍ରୀଜଗନ୍ନାଥଙ୍କ କୃଷ୍ଣତ୍ୱ ବୁଦ୍ଧତ୍ୱ ଓ ରାମତ୍ୱ, ତ୍ରିମୂର୍ତ୍ତି ଓ ଚତୁର୍ଦ୍ଧା ମୂର୍ତ୍ତିତତ୍ତ୍ୱ, ଦାରୁବ୍ରହ୍ମଙ୍କର ବୈଦିକ ବ୍ୟାଖ୍ୟା ଓଡ଼ିଆ

			ସାହିତ୍ୟରେ ଓ ସଂସ୍କୃତିରେ ଶ୍ରୀଜଗନ୍ନାଥଙ୍କର କିପରି ପ୍ରଭାବ ପଡିଛି, ସେସବୁକୁ ବିଚାର କରିଛନ୍ତି ।
୧୬	ଶ୍ରୀ ଭାଗୀରଥ ନେପାକ	ଜାଗରେ ନାଥ ଜଗନ୍ନାଥ	ସେ ଏଥିରେ ଶ୍ରୀଜଗନ୍ନାଥଙ୍କର ଇତିହାସ, ମୂର୍ତ୍ତିତତ୍ତ୍ୱ, ଭିନ୍ନ ଧର୍ମାବଲମ୍ବୀମାନଙ୍କର ଶ୍ରୀକ୍ଷେତ୍ର ଆସି ଜଗନ୍ନାର୍ଥ ଧର୍ମ ଏକ ସମନ୍ୱୟ ଧର୍ମ ବୋଲି ବିଶ୍ଳେଷଣ କରିଅଛନ୍ତି ।
୧୭	ଅରିକ୍ଷିତ ପ୍ରଧାନ	ଜଗତ ଓ ଜଗନ୍ନାଥ	ତାଙ୍କର ଏହି ପୁସ୍ତକରେ ସେ ସଂସ୍କୃତ, ହିନ୍ଦୀ, ବଙ୍ଗଳା ସାହିତ୍ୟରେ ଶ୍ରୀଜଗନ୍ନାଥ ବର୍ଣ୍ଣନା ଉଦ୍ଧାର ସହ ଓଡ଼ିଆ ସାହିତ୍ୟରେ ପ୍ରତି ବିଭାଗରେ ଥିବା କଥାକୁ ଆଲୋଚନା କରିଛନ୍ତି ।
୧୮	ବ୍ରଜମୋହନ ମହାନ୍ତି	ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ	ଆଲୋଚ୍ୟ ଗ୍ରନ୍ଥଟି ଓଡ଼ିଶାର ବହୁ ଜଗନ୍ନାଥ ପ୍ରେମୀଙ୍କ ଗଦ୍ୟାତ୍ମକ ପ୍ରବନ୍ଧରେ ପରିପୂର୍ଣ୍ଣ । ଓଡ଼ିଶାର ଧର୍ମଧାରାରେ ପୁରୁଷୋତ୍ତମ ତତ୍ତ୍ୱ ଓ ସଂସ୍କୃତି ସମ୍ପର୍କରେ ଏଥିରେ ବହୁମାତ୍ରାରେ ଆଲୋଚନା ସ୍ଥାନିତ ହୋଇଛି ।
୧୯	ମୁରାରି ମୋହନ ଜେନା	ଶ୍ରୀଜଗନ୍ନାଥ ତତ୍ତ୍ୱ ତଥ୍ୟ (ସଂକଳନ)	ଏଥିରେ ୩୩ ଗୋଟି ପ୍ରବନ୍ଧ ସମନ୍ୱିତ । ସମସ୍ତ ପ୍ରବନ୍ଧ ଶ୍ରୀଜଗନ୍ନାଥ କୈନ୍ଦ୍ରିକ ।
୨୦	ପରମାନନ୍ଦ ଅଧିକାରୀ	କ. ଆମ ଜଗନ୍ନାଥ ଆମ ସଂସ୍କୃତି ଖ. ଆମ ଜଗନ୍ନାଥ ଆମ ଐତିହ୍ୟ	ଏହି ଗ୍ରନ୍ଥ ଦ୍ୱୟରେ ଶ୍ରୀଜଗନ୍ନାଥ ତତ୍ତ୍ୱ, ସଂସ୍କୃତି ଓ ମହିମାକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି ।
୨୧	ଭାସ୍କର ମିଶ୍ର	କ. ପୁରୀର ମଠ ସଂସ୍କୃତି ଖ. ଦୈନନ୍ଦିନ ଶ୍ରୀମନ୍ଦିର ନୀତି ଗ. ଶ୍ରୀଜଗନ୍ନାଥ ସଂସ୍କୃତି ଘ. ଶ୍ରୀଜଗନ୍ନାଥ ଚନ୍ଦନ ଯାତ୍ରା ଙ.ନବକଳେବର ୨୦୧୫ ଚ. ଶ୍ରୀଜଗନ୍ନାଥଙ୍କ ବେଶ ବୈଶିଷ୍ଟ୍ୟ ଛ. ଶ୍ରୀଧାମ : ଶ୍ରୀଜଗନ୍ନାଥ ଚେତନା ଜ. ଶ୍ରୀମନ୍ଦିରର ସପ୍ତଧା ବିଗ୍ରହ ପ୍ରଭୃତି	ଆଲୋଚ୍ୟ ଲେଖକଙ୍କ ସମସ୍ତ ଗ୍ରନ୍ଥରେ ଶ୍ରୀଜଗନ୍ନାଥ, ଶ୍ରୀମନ୍ଦିର, ପୁରୀର ସମସ୍ତ ମଠ, ଯାତ୍ରା, ପ୍ରଭୃତିର ନିଚ୍ଛକ ଚିତ୍ର ପ୍ରଦତ୍ତ ।

୨୨	ଶ୍ରୀ ପଠାଣି ପଟ୍ଟନାୟକ	ଶ୍ରୀଜଗନ୍ନାଥ ଓ ଆଧ୍ୟାତ୍ମିକ ଚେତନା	ଏହି ପ୍ରବନ୍ଧଗୁଡ଼ିକରେ ପୁରୁଷୋତ୍ତମ କ୍ଷେତ୍ରର ମହାତ୍ମ୍ୟ, ଶ୍ରୀଜଗନ୍ନାଥଙ୍କ ବିଭୂତି ଓ ବିଶ୍ୱର ଦେବତା ଭାବେ ଶ୍ରୀଜଗନ୍ନାଥଙ୍କୁ ପ୍ରମାଣ କରିବାକୁ ଉଦ୍ୟମ କରିଛନ୍ତି ।
୨୩	ଲକ୍ଷ୍ମଣ କୁମାର ପରିଡ଼ା	କ. ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ ଖ. ରଥ କହେ ମୁଁ ଦେବତା	ଲେଖକ ମହୋଦୟ ଜଣେ ଜଗନ୍ନାଥ ପ୍ରେମୀ ବ୍ୟକ୍ତି ହିସାବରେ ଲୋକରେ ପରିଚିତ । ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀଜଗନ୍ନାଥ ସାହିତ୍ୟ କିପରି ଓଡ଼ିଆ ସାହିତ୍ୟକୁ ପ୍ରାଣବନ୍ତ କରିଛି, ତାହା ହିଁ ଗ୍ରନ୍ଥ ଦ୍ୱୟରେ ପ୍ରକାଶିତ ।
୨୪	ହରିଶ୍ଚନ୍ଦ୍ର ବେହେରା	ପ୍ରାଚୀନ ଓଡ଼ିଆ ଗୀତିକବିତାରେ ଶ୍ରୀଜଗନ୍ନାଥ	ଏଥିରେ ପ୍ରାବନ୍ଧିକ ଗୀତିକାବ୍ୟରେ ଶ୍ରୀଜଗନ୍ନାଥ ସ୍ଥାନ ନିରୂପଣ କରିବାକୁ ଯାଇ ଗ୍ରନ୍ଥଟିକୁ ଗବେଷଣା ଦୃଷ୍ଟିରୁ ଆଲୋଚନା କରିଛନ୍ତି ।
୨୫	ଶ୍ରୀ ଗୌରାଙ୍ଗ ଅଧିକାରୀ	ଶ୍ରୀକ୍ଷେତ୍ର ବା ଶ୍ରୀକ୍ଷେତ୍ର ମାହାତ୍ମ୍ୟ	ଏହି ଗ୍ରନ୍ଥରେ ୬୫ଟି ଶ୍ରୀଜଗନ୍ନାଥ ତତ୍ତ୍ୱ, ମହିମା, ସଂସ୍କୃତି ଓ ସାହିତ୍ୟ ସମ୍ବନ୍ଧୀୟ ପ୍ରବନ୍ଧ ସ୍ଥାନ ପାଇଛି ।
୨୬	ଶ୍ରୀ ଜଗବନ୍ଧୁ ପାଢ଼ୀ	ଶ୍ରୀପୁରୁଷୋତ୍ତମ ତତ୍ତ୍ୱ ଓ ନବକଳେବର	ଏହି ଗ୍ରନ୍ଥରେ ଲେଖକ ପୁରୁଷୋତ୍ତମ ତତ୍ତ୍ୱ, ଶ୍ରୀ ବିଷ୍ଣୁ ଉପାସନା, ଦାରୁବିଗ୍ରହ, ସ୍ନାନଯାତ୍ରା ଓ ରଥଯାତ୍ରା ଓ ନବକଳେବର ବିଷୟରେ ଆଲୋଚନା କରିଛନ୍ତି ।
୨୭	ପବିତ୍ର ମୋହନ ନାୟକ	ଗଛ ତଳେ ଓ ଗୁମ୍ଫା ଭିତରେ ଶ୍ରୀଜଗନ୍ନାଥ ଓ ସୋନପୁର	ଏହି ଗ୍ରନ୍ଥରେ ଲେଖକ ଶ୍ରୀଜଗନ୍ନାଥ କିଭଳି ଭାବରେ ଗୁମ୍ଫା ଭିତରୁ ହିଁ ଆରମ୍ଭ କରି ଗଛ ତଳେ ରହିଥିଲେ ତାହା ପ୍ରଦାନ କରିଛନ୍ତି ।
୨୮	ସତ୍ୟନାରାୟଣ ରାଜଗୁରୁ	କ. ପୁରୁଷୋତ୍ତମ ଓ ଶ୍ରୀମନ୍ଦିର ଖ. ଓଡ଼ିଶାର ଇତିହାସ	ଏଥିରେ ପ୍ରାବନ୍ଧିକ ରାଜଗୁରୁ ୭୩ଟି ପ୍ରବନ୍ଧକୁ ସ୍ଥାନ ଦେଇଛନ୍ତି ଏବଂ ସେଥିରେ ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର, ରଥଯାତ୍ରା, ମହାପ୍ରସାଦ, ଶ୍ରୀକ୍ଷେତ୍ରରେ ସର୍ବଧର୍ମ ସମନ୍ୱୟର ଗୁରୁତ୍ୱ, ଶ୍ରୀ ପୁରୁଷୋତ୍ତମ ମାହାତ୍ମ୍ୟ, ଶ୍ରୀ ଜଗନ୍ନାଥଙ୍କ ରତ୍ନସିଂହାସନ ଇତ୍ୟାଦିର ବର୍ଣ୍ଣନା କରିଛନ୍ତି ।
୨୯	ସର୍ବେଶ୍ୱର ଦାସ	ଶ୍ରୀଜଗନ୍ନାଥ ପୁରୁଷୋତ୍ତମ	ତାଙ୍କର ଏହି ଲେଖାରେ ଲେଖକ ଶ୍ରୀଜଗନ୍ନାଥଙ୍କୁ ଶବର, ଜୈନ, ବୁଦ୍ଧ, ଶୈବ, ଶାକ୍ତ, ତାନ୍ତ୍ରିକ, ବୈଷ୍ଣବ, ପୁରୁଷୋତ୍ତମ ଓ ଉତ୍କଳର ଜାତୀୟ ଦେବତା ଭାବେ ଆଲୋଚନା କରିଛନ୍ତି ।

୩୦	ରବୀନ୍ଦ୍ର ନାରାୟଣ ମିଶ୍ର	ପରଂବ୍ରହ୍ମ ନବକଳେବର	ଏହି ପୁସ୍ତକରେ ଶ୍ରୀଜଗନ୍ନାଥଙ୍କ ନବକଳେବରକୁ ନେଇ ଚର୍ଚ୍ଚା କରାଯାଇଛି ।
୩୧	କୃଷ୍ଣ ଚରଣ ବେହେରା	ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ	ଏହି ଗ୍ରନ୍ଥରେ ଲେଖକ ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ ସମ୍ବନ୍ଧୀୟ ପ୍ରବନ୍ଧ ଦେଇ ଆଲୋଚନା କରିଛନ୍ତି ।
୩୨	ବିବୁଧ ରଞ୍ଜନ	ନବକଳେବର	ଏହି ଗ୍ରନ୍ଥରେ ଦୁଇଟି ସ୍ତବକ ଅଛି । ପ୍ରଥମ ସ୍ତବକ- 'ସେ ମତ ଦେଇଛନ୍ତି ଯେ ଶ୍ରୀଜଗନ୍ନାଥ ନରଦେବତା । ଦ୍ୱିତୀୟ ସ୍ତବକରେ ସମର୍ପିତ ଜୀବନ ସଂଗ୍ରାମ, ସ୍ମୃତିର ସାଗର ତୀରେ ଓ ଅନ୍ୟାନ୍ୟ ଉପଲବ୍ଧି ଉପରେ ଆଲୋଚନା କରାଯାଇଛି ।'
୩୩	ହରିହର ମହାପାତ୍ର	ଶ୍ରୀକ୍ଷେତ୍ରର ଅଜ୍ଞାତ ଅଧ୍ୟାୟ	ଲେଖକ ମହାପାତ୍ର ଏଠାରେ ଅତୀତର ବାଙ୍କୀ ଓ ପ୍ରାଚୀ ଉପତ୍ୟକା, ଶ୍ରୀକ୍ଷେତ୍ର ଏକ ଶାକ୍ତକ୍ଷେତ୍ର ଓ ଏହାର ପ୍ରାଚୀନତା, ମହାଭାରତରେ ଶ୍ରୀକ୍ଷେତ୍ର, ଅଶୋକଙ୍କ କଳିଙ୍ଗ ବିଜୟ ଓ ଶ୍ରୀକ୍ଷେତ୍ର, ନୀଳାଦ୍ରିର ଜଗନ୍ନାଥ ଇତ୍ୟାଦି ଉପରେ ଆଲୋଚନା କରିଛନ୍ତି ।
୩୪	ବୋଧପ୍ରିୟ ରାଧାକୃଷ୍ଣ ସାହୁ	ବୁଦ୍ଧ ଓ ଜଗନ୍ନାଥ	ଏହି ଗ୍ରନ୍ଥରେ ସେ ଶ୍ରୀଜଗନ୍ନାଥଙ୍କର ନୀତି, ଯାନିଯାତ୍ରା, ଭୋଗ ଓ ସିଂହାସନ ଓ ମୂର୍ତ୍ତିଗଠନ ସହିତ ବୌଦ୍ଧଧର୍ମର ପ୍ରଭାବ ସମ୍ପର୍କରେ ମତ ପୋଷଣ କରିଛନ୍ତି ।
୩୫	ଶ୍ରୀ ବାବାଜୀ ଚରଣ ସାହୁ	ଗଣଦେବତା ଓ ବିଶ୍ୱ ରାଷ୍ଟ୍ରପତି ପରଂବ୍ରହ୍ମ	ତାଙ୍କ ମତରେ ବିଶ୍ୱଚିନ୍ତା ଓ ଚେତନା ହିଁ ଭଗବତ ଚେତନା ଅଟେ ।
୩୬	ଓଡ଼ିଶା କଲଚରାଲ ଫୋରମ ଭୁବନେଶ୍ୱର	ଶ୍ରୀଜଗନ୍ନାଥ ସଂସ୍କୃତି	ଏଥିରେ ଓଡ଼ିଶାର ଖ୍ୟାତନାମା ଲେଖକମାନେ ଯିଏ ଶ୍ରୀଜଗନ୍ନାଥଙ୍କ ଉପରେ ଗ୍ରନ୍ଥ ଲେଖିଛନ୍ତି, ତାଙ୍କ ଉପରେ ସଂକଳିତ ।
୩୭	ଶ୍ରୀ ମହୀମୋହନ ତ୍ରିପାଠୀ	ପ୍ରବନ୍ଧେ ଶ୍ରୀଜଗନ୍ନାଥ	ଏଥିରେ ଶ୍ରୀ ତ୍ରିପାଠୀ ବିଶେଷତଃ ଶ୍ରୀଜଗନ୍ନାଥଙ୍କର ବେଶ, ରୂପ ଓ ଅଳଙ୍କାରକୁ ନେଇ ଆଲୋଚନା କରିଛନ୍ତି ।

୩୮	ରାମଚନ୍ଦ୍ର ମିଶ୍ର	କ. ତ୍ରିମୂର୍ତ୍ତି ରହସ୍ୟ ଖ. ଶ୍ରୀଜଗନ୍ନାଥ ସଂସ୍କୃତି ଓ ଐତିହ୍ୟ ଗ.ଶ୍ରୀ ଜଗନ୍ନାଥ ସଂସ୍କୃତିର ରୂପରେଖ	ଡ. ମିଶ୍ର ଏହି ପୁସ୍ତକରେ ଶ୍ରୀଜଗନ୍ନାଥଙ୍କୁ ବିଭିନ୍ନ ଦୃଷ୍ଟିରୁ ଯେମିତି ସ୍ମାର୍ତ୍ତ ପରମ୍ପରା, ପଞ୍ଚସଖା, ସ୍କନ୍ଦ ପୁରାଣରେ ସ୍ନାନଯାତ୍ରା, ନୃତ୍ୟ, ସଙ୍ଗୀତ, ଅଭିରାମ ପରମହଂସଙ୍କ କବି ଭାବନାରେ ଓ ଉତ୍କଳର ନୈଷ୍ଠିକତା ଇତ୍ୟାଦିରେ ଆଲୋଚନା କରିଛନ୍ତି ।
୩୯	ଯଜ୍ଞ କୁମାର ସାହୁ	ନବକଳେବର ଓ ଶ୍ରୀଜଗନ୍ନାଥ ଧର୍ମର ଐତିହାସିକ ପୃଷ୍ଠଭୂମି	ଏହି ଗ୍ରନ୍ଥରେ ଶ୍ରୀଜଗନ୍ନାଥ ଧର୍ମ ଓ ନବକଳେବରର ଐତିହାସିକ ଭିତ୍ତିଭୂମି ଉପରେ ଆଲୋକପାତ ହୋଇଛି ।
୪୦	ଶ୍ରୀ ଶରତ ଚନ୍ଦ୍ର ମହାପାତ୍ର	ପୁରୁଷୋତ୍ତମ ଶ୍ରୀଜଗନ୍ନାଥ	ଏଥିରେ ଶ୍ରୀ ମହାପାତ୍ର ଶ୍ରୀକ୍ଷେତ୍ର ପୁରୀର ପରିଚୟ, ଶଙ୍ଖକ୍ଷେତ୍ର, ରଥଯାତ୍ରା ସମ୍ବନ୍ଧୀୟ କେତୋଟି ଅନାଲୋଚିତ ପ୍ରଶ୍ନ, ଶ୍ରୀମନ୍ଦିରରେ ଦେବଦାସୀ ପ୍ରଥା ଇତ୍ୟାଦିର ପରିଚୟ ପ୍ରଦାନ କରିଛନ୍ତି ।
୪୧	ଗୌରାଙ୍ଗ ଚରଣ ମହାପାତ୍ର	ରହସ୍ୟମୟ ଶ୍ରୀଜଗନ୍ନାଥ	ଏହି ଗ୍ରନ୍ଥରେ ଡ. ମହାପାତ୍ର ଶ୍ରୀଜଗନ୍ନାଥଙ୍କ ସଂପର୍କରେ ୭୧ଟି ପ୍ରବନ୍ଧ ସଂକଳିତ କରିଛନ୍ତି ।
୪୨	ଉମେଶ ପତ୍ରୀ	କ. ଯୀଶୁ ଓ ଜଗନ୍ନାଥ	ଏଥିରେ ଲେଖକ ପତ୍ରୀ ଯୀଶୁଙ୍କ ପୁରୀ ଆଗମନ, ଯୀଶୁ ଓ ଜଗନ୍ନାଥ ବିଷୟକୁ ସ୍ଥାନ ଦେଇ ଯୀଶୁଙ୍କୁ ବୁଦ୍ଧ, କୃଷ୍ଣ ଓ ଶ୍ରୀଜଗନ୍ନାଥ ସହ ତୁଳନା ଦେଖାଇଛନ୍ତି ।
୪୩	ଶ୍ରୀ ନବକିଶୋର ଦାସ	ପୁରୁଷୋତ୍ତମ ଶ୍ରୀଜଗନ୍ନାଥ	ଏହି ଗ୍ରନ୍ଥରେ ଲେଖକ ଶ୍ରୀ ଦାସ ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ସହ ମୋଗଲ, ମରହଟ୍ଟା, ଇଷ୍ଟ ଇଣ୍ଡିଆ କମ୍ପାନୀ ଓ ଇଂରେଜ ଶାସନ କାଳରେ ଶ୍ରୀଜଗନ୍ନାଥଙ୍କ ସ୍ଥିତି ଓ ସ୍ୱରୂପ ବିଷୟରେ ଆଲୋଚନା କରିଛନ୍ତି ।
୪୪	ଆଶୁତୋଷ ନାୟକ	ଶ୍ରୀଜଗନ୍ନାଥ ପର୍ବପର୍ବାଣି ଓ ସେବା ପୂଜା	ଏଥିରେ ଶ୍ରୀନାୟକ ବିଶେଷ କରି ଶ୍ରୀଜଗନ୍ନାଥଙ୍କ ନୀତି ରୀତି ପର୍ବପର୍ବାଣି ନିଯୋଗ ସହ ମନ୍ଦିର ବେଢ଼ାରେ ପୂଜା ପାଉଥିବା ଦେବଦେବୀଙ୍କର ଉପରେ ବିଚାର ବିମର୍ଷ କରିଛନ୍ତି ।
୪୫	ଶ୍ରୀ ଗୋପାଳ ଚନ୍ଦ୍ର ତ୍ରିପାଠୀ	ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଶ୍ରୀଜଗନ୍ନାଥ	ସେ ଏହି ଗ୍ରନ୍ଥରେ ତ୍ରିମୂର୍ତ୍ତିଙ୍କର ରହସ୍ୟମୟ ତତ୍ତ୍ୱକୁ ଆଲୋକପାତ କରିଛନ୍ତି ।

୪୬	ଶରତ ଚନ୍ଦ୍ର ପରିଡ଼ା	ବୈଚିତ୍ର୍ୟମୟ ଶ୍ରୀମନ୍ଦିର	ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ମହିମା ଉପରେ ଆଲୋଚନା କରି ବାରମାସରେ ପଡୁଥିବା ଶ୍ରୀଜଗନ୍ନାଥଙ୍କ ପର୍ବପର୍ବାଣିଟି ସଂପର୍କରେ ଆଲୋଚନା କରିଛନ୍ତି ।
୪୭	ପ୍ରଫୁଲ୍ଲ ପଟ୍ଟନାୟକ	ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ	ଲେଖକଙ୍କ ମତରେ, ଶ୍ରୀଜଗନ୍ନାଥ ପରମ ରହସ୍ୟମୟ । ସେ ମଧ୍ୟ ଓଡ଼ିଶାର ତନ୍ତ୍ର ପରମ୍ପରା ଓ ଶ୍ରୀଜଗନ୍ନାଥ, ନୀଳଚକ୍ର, ଏକାଇ ବୈକୁଣ୍ଠ, ଉତ୍କଳୀୟ ସଂସ୍କୃତିରେ ଦାରୁବିଗ୍ରହ ଉପାସନାର ପରମ୍ପରା ଉପରେ ବିଶେଷ ମତ ପ୍ରଦାନ କରିଛନ୍ତି ।
୪୮	ଶ୍ରୀ ନିମାଇଁ ଚରଣ ମିଶ୍ର	ନୀଳାଦ୍ରି ମାହାତ୍ମ୍ୟ	ଲେଖକ ତାଙ୍କ ବିଚାରରେ ନୀଳମାଧବ ଓ ଇନ୍ଦ୍ରଦ୍ୟୁମ୍ନ ଆଖ୍ୟାନ ଉପରେ ଗୁରୁତ୍ୱ ଦେଇ ଦାରୁବିଗ୍ରହ ନିର୍ମାଣ ଓ ମନ୍ଦିର ପ୍ରତିଷ୍ଠା ଉପରେ ମତ ଦେଇଛନ୍ତି ।
୪୯	ଖଗେଶ୍ୱର ମହାପାତ୍ର ଓ ଅନ୍ୟାନ୍ୟ	ଶ୍ରୀଜଗନ୍ନାଥ ଚେତନା ଦୀପ୍ତି ଓ ବ୍ୟାପ୍ତି	ଶ୍ରୀଜଗନ୍ନାଥଙ୍କ ଦିବ୍ୟ ଚେତନାର ଦୀପ୍ତି ଓ ବ୍ୟାପ୍ତିକୁ ନେଇ ଗ୍ରନ୍ଥଟି ସଂଳିତ ହୋଇଛି । ସମସ୍ତ ପ୍ରବନ୍ଧ ଶ୍ରୀଜଗନ୍ନାଥ କୈନ୍ଦ୍ରିକ ।
୫୦	ପ୍ରଶାନ୍ତ କୁମାର ରାୟ	ପ୍ରାଚୀନ ଉତ୍କଳର ଧର୍ମ ଓ ପ୍ରତ୍ନତତ୍ତ୍ୱ	ଶ୍ରୀଯୁକ୍ତ ରାୟ ନିଜ ପୁସ୍ତକରେ ଶ୍ରୀଜଗନ୍ନାଥ ଓ ରାଜା ଇନ୍ଦ୍ରଦ୍ୟୁମ୍ନ, ରଥଯାତ୍ରା ଏକ ପ୍ରାଚୀନ ସଂସ୍ଥା, ରଥଯାତ୍ରା ଓ ଗୁଣ୍ଡିଚା ଗୃହ-ଏଭଳି ୩ଟି ପ୍ରବନ୍ଧ ସଂପର୍କରେ ଆଲୋଚନା କରିଛନ୍ତି ।
୫୧	ସୁରେନ୍ଦ୍ର କୁମାର ମିଶ୍ର	କ. ଶ୍ରୀଜଗନ୍ନାଥ ଚେତନାର ସମନ୍ୱୟ ଖ. ଶ୍ରୀମନ୍ଦିର ଲୁଣ୍ଠନର ଇତିହାସ	ଗ୍ରନ୍ଥ ଦ୍ୱୟରେ ଶ୍ରୀମନ୍ଦିର ଲୁଣ୍ଠନର ଇତିହାସ ଓ ଜଗନ୍ନାଥ ସଂସ୍କୃତିରେ ରହିଥିବା ବିଭିନ୍ନ ତଥ୍ୟର ଉପାଦାନ ନିହିତ ।
୫୨	ଶ୍ରୀ ଅନ୍ନପୂର୍ଣ୍ଣା ଦେବୀ	ଶ୍ରୀମନ୍ଦିରର ଦ୍ୱାଦଶ ଯାତ୍ରା ଓ ପର୍ବପର୍ବାଣି	ଏଥିରେ ପଣ୍ଡିତ ହରିହର ମହାପାତ୍ର ଶ୍ରୀଜଗନ୍ନାଥଙ୍କର ଦ୍ୱାଦଶ ଯାତ୍ରା ଓ ବିଭିନ୍ନ ପର୍ବପର୍ବାଣି ଉପରେ ବିଚାର ରଖିଛନ୍ତି ।
୫୩	ଗୋପୀନାଥ ମହାପାତ୍ର	ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ	ପ୍ରାବନ୍ଧିକ ମହାପାତ୍ର ଏଥିରେ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱରେ ବୈଚିତ୍ର୍ୟ, ଗ୍ରନ୍ଥ ପ୍ରମାଣରେ ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ଓ ପ୍ରାଚୀନତା, ଜଗନ୍ନାଥ ଉପାସନାର ବିକାଶରେ ପ୍ରତ୍ନତାତ୍ତ୍ୱିକ ପ୍ରମାଣ, ଶିଳାଲେଖ ଇତ୍ୟାଦିର ବିଶ୍ଳେଷଣାତ୍ମକ ପରିଚୟ ପ୍ରଦାନ କରିଛନ୍ତି ।

୫୪	ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ଶ୍ରୀ ନିରଞ୍ଜନ ପଣ୍ଡା	ଦାରୁବ୍ରହ୍ମ	ଲେଖକଦ୍ୱୟ ଏହି ଗ୍ରନ୍ଥରେ ଦାରୁବ୍ରହ୍ମ ଜଗନ୍ନାଥ, ଓଡ଼ିଆ ସଂସ୍କୃତି, ଶ୍ରୀକ୍ଷେତ୍ର ନୀତି, ବେଶ ଆରାଧନା ଓ ମହିମା ଉପରେ ସ୍ୱୀୟ ଅନୁଭୂତିରୁ ବର୍ଣ୍ଣନା କରିଛନ୍ତି ।
୫୫	ଦେବରାଜ ପଣ୍ଡା	ଶ୍ରୀକ୍ଷେତ୍ର ସୌରଭ	ମହାପ୍ରସାଦ ମହିମା, ସେବାୟତ, ଯାତ୍ରା ଉତ୍ସବ, ନବକଳେବର ଇତ୍ୟାଦି ଜଗନ୍ନାଥ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଛନ୍ତି ।
୫୬	ଶ୍ରୀ ବିକ୍ରମ କେଶରୀ ନନ୍ଦ	ଶ୍ରୀଜଗନ୍ନାଥ ସଂସ୍କୃତି, ସାହିତ୍ୟ	ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ଓ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗର ସ୍ଥିତି ସମ୍ପର୍କକୁ ଆଲୋଚନା କରିଛନ୍ତି ।
୫୭	ଶ୍ରୀ ପୂର୍ଣ୍ଣେନ୍ଦୁ କୁମାର ନନ୍ଦ	କିଏ ଏହି ଜଗନ୍ନାଥ	ଏଥିରେ ଶ୍ରୀ ନନ୍ଦ ଜଗନ୍ନାଥ ସଂସ୍କୃତିର ପ୍ରତୀକ ଚେତନା, କିଏ ଏହି ଜଗନ୍ନାଥ, ବୈଦିକ ପ୍ରତୀକବାଦ ଓ ଶ୍ରୀଜଗନ୍ନାଥ, ଭକ୍ତଙ୍କ ଜୀବନରେ ଶ୍ରୀଜଗନ୍ନାଥ ପୁରୁଷୋତ୍ତମ ରହସ୍ୟ, ଦୁର୍ଗାମାଧବ ରହସ୍ୟ ଇତ୍ୟାଦିକୁ ଆଲୋଚନା କରିଛନ୍ତି ।
୫୮	ଶ୍ରୀ ଲୋକନାଥ ତ୍ରିପାଠୀ	ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ	ଏଥିରେ ପୌରାଣିକ ତଥ୍ୟ, ପୁରୁଷୋତ୍ତମ କ୍ଷେତ୍ର, ଦାରୁବ୍ରହ୍ମ, ଚତୁର୍ଦ୍ଧା ମୂର୍ତ୍ତି, ମହାପ୍ରସାଦ ଓ ବୌଦ୍ଧାବତାର ପ୍ରଭୃତି ଉପରେ ଆଲୋକପାତ ହୋଇଛି ।
୫୯	ହରିହର କାନୁନ୍‌ଗୋ	୧.ଇତିହାସ, ପରମ୍ପରା ଓ ଜଗନ୍ନାଥ ୨.ବିବର୍ତ୍ତନ ଧାରାରେ ଶ୍ରୀଜଗନ୍ନାଥ ୩. ଶ୍ରୀଜଗନ୍ନାଥ ଓ ରଥଯାତ୍ରା	ଏହି ଗ୍ରନ୍ଥଗୁଡ଼ିକରେ ଶ୍ରୀଜଗନ୍ନାଥଙ୍କ ଇତିହାସ, ପରମ୍ପରା, ବିବର୍ତ୍ତନ ଧାରା ସମ୍ପର୍କରେ ବିଶଦ୍ ଭାବେ ଆଲୋଚନା ହୋଇଅଛି । ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ମୂଲ୍ୟବୋଧ ତୃତୀୟ ଗ୍ରନ୍ଥଟିରେ ସ୍ଥାନ ପାଇଥିବା ପରିଦୃଷ୍ଟ ହୁଏ ।
୬୦	ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର	ପୁରୁଷୋତ୍ତମ ଜଗନ୍ନାଥ	ଏହି ଗ୍ରନ୍ଥରେ ପୁରୁଷୋତ୍ତମ ଜଗନ୍ନାଥଙ୍କ ଲୀଳାର ତାତ୍ତ୍ୱିକ ଓ ସାଂସ୍କୃତିକ ବିଚାର କରାଯାଇଛି ।
୬୧	ସିଦ୍ଧେଶ୍ୱର ମହାପାତ୍ର	ମାଦଳା ପାଞ୍ଜି (କର୍ମାଙ୍ଗୀ ମାଦଳା) (ସଂପାଦନା)	ଆଲୋଚ୍ୟ ଗ୍ରନ୍ଥରେ ଶ୍ରୀମନ୍ଦିରରେ ପରମେଶ୍ୱରଙ୍କ ଖଟଣି ନିଯୋଗ କର୍ମାଙ୍ଗୀ ସେବା ସମ୍ପର୍କରେ ଆଲୋଚନା ହୋଇଅଛି ।

୬୨	କୃଷ୍ଣଚନ୍ଦ୍ର ମିଶ୍ର	ଶ୍ରୀଜଗନ୍ନାଥ ମନ୍ଦିରର କଳା ଓ ସ୍ଥାପତ୍ୟ (୧ମ ଓ ୨ୟ ଭାଗ)	ଏହି ଗ୍ରନ୍ଥରେ ଲେଖକ ଶ୍ରୀଜଗନ୍ନାଥ ମନ୍ଦିର ଗଠନ ଶୈଳୀ, ନିର୍ମାଣ କଳା, ଐତିହ୍ୟ, ସାଂସ୍କୃତିକ ଚିତ୍ର ପ୍ରଦାନ ସହ ଭାରତୀୟ ମନ୍ଦିରର କଳା ଓ ସ୍ଥାପତ୍ୟକୁ ନିଖୁଣ ଭାବେ ଆଲୋଚନା କରିଥିବା ଦେଖାଯାଏ ।
୬୩	କବି ପ୍ରସାଦ ମିଶ୍ର	ବାଇଶି ପାହାଚ	ଏହି ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି ।
୬୪	କାଳନ୍ଦୀ ଚରଣ ସାହୁ	ବଙ୍ଗଳା ପୋଥିରେ ଶ୍ରୀଜଗନ୍ନାଥ	ଲେଖକ ଶ୍ରୀଯୁକ୍ତ ସାହୁ ଆମର ପଡ଼ୋଶୀ ବଙ୍ଗଳା ସାହିତ୍ୟରେ ଶ୍ରୀଜଗନ୍ନାଥ କିପରି ପ୍ରତିଷ୍ଠା ଲାଭ କରିଛନ୍ତି, ସେ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି ।
୬୫	ତୁଳସୀ ଓଝା	କ. ଓଡ଼ିଆ ଆତ୍ମପରିଚିତି : ଶ୍ରୀଜଗନ୍ନାଥ ଖ. ଉତ୍କଳୀୟ ଲୋକ ସଂସ୍କୃତି ଓ ଶ୍ରୀଜଗନ୍ନାଥ	ଆଲୋଚ୍ୟ ଗ୍ରନ୍ଥ ଦ୍ୱୟରେ ଲେଖିକା ଶ୍ରୀଜଗନ୍ନାଥଙ୍କ ସାଂସ୍କୃତିକ ପରିଚିତି ଆଧ୍ୟାତ୍ମିକ ତତ୍ତ୍ୱ ଓ ଲୋକମାନଙ୍କର ଶ୍ରୀଜଗନ୍ନାଥ ଚେତନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି ।
୬୬	ଗୌରୀ ଶଙ୍କର ମିଶ୍ର	ଶ୍ରୀମନ୍ଦିର ଲୁଣ୍ଠନର ଇତିହାସ	ଶ୍ରୀଯୁକ୍ତ ମିଶ୍ର ଜଣେ ଐତିହାସିକ ଭାବେ ପରିଚିତ । ଏହି ଗ୍ରନ୍ଥରେ ସେ ବିଭିନ୍ନ ସମୟରେ ଶ୍ରୀଜଗନ୍ନାଥ ମନ୍ଦିରକୁ ଲୁଣ୍ଠନ କରିବାକୁ ଆସିଥିବା ଶତ୍ରୁମାନଙ୍କର ବିବରଣୀ ପ୍ରଦାନ କରିଛନ୍ତି ।
୬୭	ଶ୍ରୀ ଶରତ ଚନ୍ଦ୍ର ମହାପାତ୍ର	ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର ସଂସ୍କୃତି	ଆଲୋଚକ ଶ୍ରୀଯୁକ୍ତ ମହାପାତ୍ର ଶ୍ରୀମନ୍ଦିରର ଜଣେ ପ୍ରଶାସକ ଥିଲେ । ସେଥିପାଇଁ ଶ୍ରୀମନ୍ଦିରର ସଂସ୍କୃତି ସମ୍ପର୍କରେ ସେ ବିସ୍ତୃତ ଆଲୋଚନା ଏଥିରେ କରିଛନ୍ତି ।
୬୮	ବ୍ରଜକିଶୋର ସ୍ୱାଇଁ	୧ . ଶ୍ରୀଜଗନ୍ନାଥ ତତ୍ତ୍ୱ ୨ . ନୀଳାଦ୍ରି ମହୋଦୟ ଗ୍ରନ୍ଥ(ସଂ) (୧ମ ଓ ୨ୟ ଭାଗ)	ଶ୍ରୀମନ୍ଦିର, ଶ୍ରୀଜଗନ୍ନାଥ ଏବଂ ତାଙ୍କର ପୂଜାପଦ୍ଧତି ସମ୍ପର୍କରେ ଉଲ୍ଲେଖ କରିବା ସହ ଠାକୁରଙ୍କର ତାତ୍ତ୍ୱିକ ଦିଗକୁ ଏହି ଗ୍ରନ୍ଥ ଦ୍ୱୟରେ ଆଲୋଚନା କରିଛନ୍ତି ।
୬୯	ମଥୁରେନ୍ଦ୍ର ପୃଷ୍ଟି	କ. ବିବିଧ ବେଶେ ଶ୍ରୀଜଗନ୍ନାଥ (ସଂକଳନ)	ଆଲୋଚ୍ୟ ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶର ଚିତ୍ର ପ୍ରଦାନ ସହ ବୈଶିଷ୍ଟ୍ୟ ପ୍ରତିପାଦିତ ।

		ଖ. ଅପାଣି ପାଦ ଶ୍ରୀଜଗନ୍ନାଥ : ଏକ ତାତ୍ତ୍ୱିକ ଅନୁଶୀଳନ	ଏହି ଗ୍ରନ୍ଥରେ ଲେଖକ ଶ୍ରୀଜଗନ୍ନାଥଙ୍କୁ ଅପାଣି ପାଦ କହି ତାଙ୍କର ସମସ୍ତ ତତ୍ତ୍ୱକୁ ଆଲୋଚନା କରିଛନ୍ତି ।
		ଗ. ଶ୍ରୀଜଗନ୍ନାଥ ଚେତନାର ଉନ୍ମେଷ ଓ ଉତ୍ତରଣ	ଏହି ସଂକଳନରେ ଶ୍ରୀଜଗନ୍ନାଥଙ୍କ ଉନ୍ମେଷ ଓ ଉତ୍ତରଣ ସମ୍ପର୍କରେ ବହୁ ପ୍ରବନ୍ଧ ରହିଅଛି ।
		ଘ. ଜଗନ୍ତ ବିବର୍ତ୍ତନରେ ଶ୍ରୀଜଗନ୍ନାଥ (ସମ୍ପାଦନା)	ଆଲୋଚ୍ୟ ଗ୍ରନ୍ଥରେ ଶ୍ରୀଜଗନ୍ନାଥ କିପରି ଅତୀତରେ 'ଜଗନ୍ତ' ରୂପେ ପୂଜା ପାଇ ପରେ ବର୍ତ୍ତମାନର ଶ୍ରୀପୁରୁଷୋତ୍ତମ ଭାବେ ପୂଜିତା ହେଲେ ଆଲୋଚିତ ।
୭୦	କୃଷ୍ଣ କେଶବ ଷଡ଼ଙ୍ଗୀ	(ସଂ) ଲୀଳାମୟ ନୀଳାଦ୍ରୀଶ	ଏଥିରେ ୨୭ ଗୋଟି ନକ୍ଷତ୍ର ପରି ୨୭ ଗୋଟି ଶ୍ରୀଜଗନ୍ନାଥ କୈନ୍ଦ୍ରିକ ପ୍ରବନ୍ଧ ରହିଅଛି ।

ଏତଦ୍‌ବ୍ୟତୀତ ଓଡ଼ିଶାର ପୁରପଲ୍ଲୀରୁ ଆରମ୍ଭ କରି ସହର, ସରକାରଙ୍କ ସଂସ୍କୃତି ବିଭାଗ, ସାହିତ୍ୟ ଏକାଡେମୀ ପ୍ରଭୃତି ପ୍ରତିବର୍ଷ ଶହ ଶହ ପତ୍ରିକା ପ୍ରକାଶ କରି ଚାଲିଛନ୍ତି ଯାହାକି ଶ୍ରୀଜଗନ୍ନାଥ ଚେତନାର ବିଭିନ୍ନ ଦିଗକୁ ସ୍ପର୍ଶ କରିଥାଏ ।

ଉପର୍ଯ୍ୟୁକ୍ତ ସାରଣୀରୁ ଆମ୍ଭେ କତିପୟ ଶ୍ରୀଜଗନ୍ନାଥ ଧର୍ମୀ ସାହିତ୍ୟ ଗ୍ରନ୍ଥର ପରିଚୟ ପ୍ରଦାନ କଲୁ । କିନ୍ତୁ ଏହି ଗ୍ରନ୍ଥଗୁଡ଼ିକର ବିସ୍ତୃତ ବ୍ୟାଖ୍ୟାରୁ ଆମ୍ଭେ ନିଜକୁ କ୍ଷାନ୍ତ ରଖୁଅଛୁ । କାରଣ ଆମ୍ଭର ଅଗୋଚରରେ ହଜାର ହଜାର ସଂଖ୍ୟାରେ ଶ୍ରୀଜଗନ୍ନାଥ ସମ୍ପର୍କୀୟ ଗଦ୍ୟ ଗ୍ରନ୍ଥ ରଚିତ ହୋଇଅଛି ଏବଂ ହେଉଅଛି । ବାସ୍ତବରେ ବିଚାର କଲେ ଶ୍ରୀଜଗନ୍ନାଥ ସଂସ୍କୃତି, ସେବା, ପୂଜା, ପାର୍ବଣ, ରୀତିନୀତିକୁ ନେଇ ଓଡ଼ିଶାର ପଲ୍ଲୀ ଠାରୁ ସହର ପର୍ଯ୍ୟନ୍ତ ବହୁ ଲେଖକ ଗ୍ରନ୍ଥମାନ ପ୍ରକାଶ କରିବାରେ ଲାଗି ପଡ଼ିଛନ୍ତି । ତା'ରି ମଧ୍ୟରେ ବିଶ୍ୱର ଅଧିକାଂଶ ଦେଶର ଗବେଷକ ମଧ୍ୟ ଇଂରାଜୀ ଓ ସେମାନଙ୍କ ମାତୃଭାଷାରେ ଶ୍ରୀଜଗନ୍ନାଥଙ୍କ ଭକ୍ତି ଆନ୍ଦୋଳନକୁ ଆଧାର କରି ଗ୍ରନ୍ଥମାନ ପ୍ରକାଶ କରିଥାନ୍ତି । ସେଥିପାଇଁ ଆଜି ଜଗନ୍ନାଥଙ୍କୁ ବିଶ୍ୱର ଶ୍ରେଷ୍ଠ ମାନବିକ ମୂଲ୍ୟବୋଧର ପ୍ରତୀକ ଭାବରେ ଗ୍ରହଣ କରାଯାଉଅଛି । କେବଳ ସେତିକି ନୁହେଁ ଗଦ୍ୟ ସମାଲୋଚନା ପରି ଓଡ଼ିଆ ନାଟ୍ୟ ସାହିତ୍ୟ ମଧ୍ୟ ଶ୍ରୀଜଗନ୍ନାଥ ଚେତନା ଦ୍ୱାରା ବେଶ୍ ପ୍ରଭାବିତ । ସେଗୁଡ଼ିକରେ ବିଶ୍ୱମାନବବୋଧ ଅକ୍ଷୁଣ୍ଣ ରଖିବାକୁ ନାଟ୍ୟକାରଗଣ ପ୍ରୟାସଜାରୀ ରଖିଛନ୍ତି । ସମଗ୍ର ଜଗତ ଯଦି ଗୋଟିଏ ମଞ୍ଚ ହୁଏ, ତାହେଲେ ''ଶ୍ରୀଜଗନ୍ନାଥ'' ହେଉଛନ୍ତି ଲୋକମାନଙ୍କର ସେବ୍ୟ ଏବଂ ଅନ୍ୟମାନେ ହେଉଛନ୍ତି ସେବକ । ଏହି ସୂକ୍ଷ୍ମ ସୂତ୍ରଟିକୁ ଧରି ଅଦ୍ୟାବଧି ବହୁ ନାଟକ ରଚିତ ହେବାରେ ଲାଗିଛି । ସେ ସମସ୍ତର ଯଦି ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ, ତାହାହେଲେ ସେସବୁ ଏକ ଏକ ସନ୍ଦର୍ଭରେ ପରିଣତ ହେବ । ଏଥିପାଇଁ ଆମ୍ଭେ ନିମ୍ନରେ ଅତି ସଂକ୍ଷେପରେ ସେ ବିଷୟରେ ଅନୁଶୀଳନ କରିବାକୁ ଉଦ୍ୟମ କରୁଅଛୁ ।

(ଘ) ଓଡ଼ିଆ ନାଟକରେ ଶ୍ରୀଜଗନ୍ନାଥ ଚେତନାର ପ୍ରଭାବ :

ଲୋକଗୀତ, ଲୋକ କାହାଣୀ, ଲୋକ ଗଦ୍ୟରେ ଶ୍ରୀଜଗନ୍ନାଥ ଚେତନା ପରିପୂର୍ଣ୍ଣ ହୋଇ ରହିଥିବାବେଳେ ବର୍ତ୍ତମାନ ଆମେ ଲୋକ ନାଟକ, ଲୋକ ନୃତ୍ୟ, ଆଧୁନିକ ମଞ୍ଚ ନାଟକ ପ୍ରଭୃତିର ଶ୍ରୀଜଗନ୍ନାଥଙ୍କୁ ପ୍ରଭାବ ସମ୍ପର୍କରେ ଆଲୋଚନା କରିବାକୁ ଉଚିତ ବୋଧ କରୁ ।

ପୂର୍ବରୁ ଆମ୍ଭେ ଉଲ୍ଲେଖ କରିଅଛୁ ଯେ ନାଟକ ହେଉଛି ଦୃଶ୍ୟ କାବ୍ୟ । ଅତୀତରେ ନାଟ୍ୟକାରଗଣଙ୍କୁ କବି ବୋଲି କୁହାଯାଉଥିଲା । ନାଟ୍ୟ ଜଗତର ପ୍ରବକ୍ତା ଭରତ ମୁନିଙ୍କ ମତରେ –

'ଯୋଽୟଂ ସ୍ୱଭାବଲୋକସ୍ୟ ସୁଖଦୁଃଖସମନ୍ୱିତଃ

ସୋଽଙ୍ଗାଦ୍ୟଭିନୟୋପେତୋ ନାଟ୍ୟମିତ୍ୟ ଭିଧୀୟତେ ।'[୬୬]

'ଅର୍ଥାତ୍ ସୁଖ ଦୁଃଖାଦି ସମନ୍ୱିତ ଲୋକସ୍ୱଭାବ ଯେଉଁ ଅଙ୍ଗାଦି ଅଭିନୟ କଳା ଦ୍ୱାରା ବ୍ୟକ୍ତ କରାଯାଏ, ତାହା 'ନାଟ୍ୟ' ନାମରେ ଅଭିହିତ । ସଙ୍ଗୀତ ରତ୍ନାକରରେ ଅଛି, 'ନଟସ୍ୟ କର୍ମ ଇତି ନାଟକଃ' । ପାଣିନିଙ୍କ ମତରେ ସଂସ୍କୃତ 'ନଟ୍' ଧାତୁରୁ ନାଟକର ଉତ୍ପତ୍ତି । ନାଟ୍ୟ ଦର୍ପଣକାର କହନ୍ତି ଯେ 'ନାଟ୍' ଧାତୁରୁ ନାଟକ ସୃଷ୍ଟି । ମହିମ ଭଟ୍ଟଙ୍କ ମତରେ –

'ଅନୁଭାବ ବିଭାବାନାଂ ବର୍ଣ୍ଣନା କାବ୍ୟ ମୁଚ୍ୟତେ

ତେଷାମେବ ପ୍ରୟୋଗସ୍ତୁ ନାଟ୍ୟମ୍ ଗୀତାଦି ରଞ୍ଜିତମ୍ ।'

ଅର୍ଥାତ୍ 'ଅନୁଭାବ, ବିଭାବ ଆଦିର ବର୍ଣ୍ଣନାରେ ଯେଉଁ ଆନନ୍ଦ ଉପଲବ୍ଧ ହୁଏ, ତାହାର ରଚନାକୁ କାବ୍ୟ କୁହାଯାଏ । ଯେତେବେଳେ ତାହା ଗୀତାଦିରେ ରଞ୍ଜିତ ହୁଏ ଓ ନଟ ଦ୍ୱାରା ଅଭିନୀତ ହୁଏ, ତାହାକୁ ନାଟକ କୁହନ୍ତି ।' ଆଚାର୍ଯ୍ୟ ସାଗର ନନ୍ଦୀଙ୍କ ମତରେ, ''ଅବସ୍ଥାୟା ତୁ ଲୋକସ୍ୟ ସୁଖଦୁଃଖ ସମୁଦ୍ଭବା । ସତ୍ୟାସତ୍ୟଭିନୟଃ ପ୍ରାଜ୍ଞୈଃ ନାଟ୍ୟମିତ୍ୟ ଭିଧୀୟତେ ।'' ସାହିତ୍ୟ ଦର୍ପଣକାର ବିଶ୍ୱନାଥ କବିରାଜ ନାଟକର ସଂଜ୍ଞା ନିର୍ଣ୍ଣୟ କରିବାକୁ ଯାଇ ଲେଖିଛନ୍ତି –

'ନାଟୟତି ବିଚିନ୍ତ୍ରଂ ରଞ୍ଜନା ପ୍ରବେଶନ ସଭ୍ୟାନାଂ ହୃଦୟମ୍ ନର୍ତ୍ତୟତି ଇତି ନାଟକମ୍ ।'[୬୭]

ପାଶ୍ଚାତ୍ୟ ଆଲୋଚକ Nicoll ସ୍ୱରଚିତ 'Theory of Drama' ଗ୍ରନ୍ଥରେ ଲେଖିଅଛନ୍ତି- "Drama is art of expressing ideals about life in such a manner as to tender that expression capable of interpretation by actors and likely to interest an audience assembled to hear the worlds and witness the actions." ଅନ୍ୟତମ ଆଲୋଚକ Elizabeth Drewଙ୍କ ଭାଷାରେ, "Drama is the creation and representation of life in terms of theatre."

''ଉପରୋକ୍ତ ପରିପ୍ରେକ୍ଷୀରୁ ମନେହୁଏ ଯେ ନାଟକ ଏପରି ଏକ ଶିଳ୍ପକଳା, ଯାହାର ମାଧ୍ୟମରେ କର୍ମକ୍ଳାନ୍ତ, ଅବସାଦଗ୍ରସ୍ତ ମାନବ ପ୍ରାଣ ନୂତନ ଶକ୍ତି ଓ ଆନନ୍ଦ ପାଇବା ସଙ୍ଗେ ସଙ୍ଗେ ନିଜର ଭବିଷ୍ୟତ ଜୀବନ ପାଇଁ କିଛି ଶିକ୍ଷା କରେ । ନାଟକ ଭାବ ପ୍ରକାଶ ଧାରାର ଏକ ମାଧ୍ୟମ । ଭାବ ପ୍ରକାଶର ଉଦ୍ଦାମ ଅଭିଳାଷ ମନୁଷ୍ୟର ଏକ ଜନ୍ମଗତ ପ୍ରବୃତ୍ତି । ନାଟ୍ୟକାର ତା'ର ମନର ଭାବନାକୁ ନାଟକ ମାଧ୍ୟମରେ ଅନ୍ୟ ନିକଟରେ ପହଞ୍ଚାଇବା ପାଇଁ ଚେଷ୍ଟା କରିଥାଏ । ନାଟକ ଆମକୁ ଅଧିକ ଭାବରେ ଆମୋଦ ଦେଉଥିବାରୁ ଓ ସେଥିରେ ସର୍ବରସର ସମ୍ମିଶ୍ରଣ ହୋଇଥିବା ଯୋଗୁ କର୍ମକ୍ଳାନ୍ତ ମନୁଷ୍ୟକୁ ଆମୋଦିତ କରେ, ଶିକ୍ଷାଦାନ କରେ ଏବଂ ପ୍ରାଣରେ ନୂତନ ମନ୍ଦାକିନୀ ଧାରାର ପ୍ରବାହ ସୃଷ୍ଟି କରେ । ବୋଧହୁଏ ଏଥିପାଇଁ ପରିମାର୍ଜିତ ନାଟକର ସୃଷ୍ଟି ।''[୬୯]

---

୬୬. ମୁନି ଭରତ, ନାଟ୍ୟଶାସ୍ତ୍ର, (ସମ୍ପା) ଡ. ନଗେନ୍ଦ୍ର, ଅଭିନବ ଭାରତୀ

୬୭. ନନ୍ଦ ଦୁର୍ଗାମାଧବ, ଓଡ଼ିଆ ନାଟକ ଓ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ବ୍ରହ୍ମପୁର : ଓଡ଼ିଶା ବୁକ ହାଉସ, ୧୯୭୩, ପୃଷ୍ଠା ୧-୨

୬୮. କବିରାଜ, ବିଶ୍ୱନାଥ, ସାହିତ୍ୟ ଦର୍ପଣ, ଭୁବନେଶ୍ୱର : ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୭୫ ।

୬୯. ନନ୍ଦ, ଦୁର୍ଗାମାଧବ, ଓଡ଼ିଆ ନାଟକ ଓ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ପୃ. ୨-୩

ଏସବୁ ଲେଖିବାର ଉଦ୍ଦେଶ୍ୟ ହେଉଛି ଶ୍ରୀଜଗନ୍ନାଥ ଚେତନା ପ୍ରଭାବିତ ଓଡ଼ିଆ ନାଟକ ସମ୍ପର୍କରେ ଆଲୋଚନା କରିବା ପୂର୍ବରୁ ଓଡ଼ିଶାରେ ତା'ର ରୂପରେଖ କିପରି ଥିଲା ଜାଣିବା ଆବଶ୍ୟକ । ପ୍ରାଚୀନ ଓଡ଼ିଶାରେ ଲୋକନୃତ୍ୟ, ଯାତ୍ରା, ସୁଆଙ୍ଗ, ରାମଲୀଳା, କୃଷ୍ଣଲୀଳା, ରାସଲୀଳା ପ୍ରଭୃତି ରହିଆସିଛି । ଏଗୁଡ଼ିକରେ ଶ୍ରୀଜଗନ୍ନାଥଙ୍କୁଏକ ଚରିତ୍ର ରୂପେ ଗ୍ରହଣ କରି ମଧ୍ୟ ଓଡ଼ିଶାରେ ଲୋକନୃତ୍ୟ ଓ ଲୋକନାଟକ ଗୁଡ଼ିକ ଅଭିନୀତ ହୋଇଆସୁଛି । କିନ୍ତୁ ଊନବିଂଶ ଶତାବ୍ଦୀରେ ଓଡ଼ିଆ ନାଟକ କ୍ଷେତ୍ରରେ ପାଶ୍ଚାତ୍ୟ ପ୍ରଭାବ ଯୋଗୁ ଏକ ନୂତନ ସ୍ୱାଦର ନାଟକ ସୃଷ୍ଟି ହେବାକୁ ଲାଗେ । ଏହାର ପ୍ରଥମ ଉଦାହରଣ ହେଉଛି ୧୮୬୮ ମସିହାରେ ମୁଦ୍ରିତ ଓ ଅଭିନୀତ ପାରଳାଖେମୁଣ୍ଡିର 'ଶ୍ରୀ ରଘୁନାଥ ପରିଚ୍ଛା ଓ ଗୋପିନାଥ ବଲ୍ଲଭ' ନାଟକକୁ ପ୍ରଥମ ଓଡ଼ିଆ ନାଟକ ରୂପେ ଆଲୋଚକଗଣ ଗ୍ରହଣ କରିଥାନ୍ତି ।' ଶ୍ରୀଜଗନ୍ନାଥ କୈନ୍ଦ୍ରିକ ପ୍ରଥମ ନାଟକ ହେଉଛି ରାମଶଙ୍କର ରାୟଙ୍କ ଐତିହାସିକ ନାଟକ 'କାଞ୍ଚିକାବେରୀ' ଯାହାକି ୧୮୮୧ ମସିହାରେ ରଚିତ ହୋଇଥିଲା । ଓଡ଼ିଆ ନାଟ୍ୟ ଜଗତରେ ଶ୍ରୀ ଜଗନ୍ନାଥ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶ୍ରୀକ୍ଷେତ୍ର ମାହାତ୍ମ୍ୟକୁ ନେଇ ବହୁ ନାଟକ ରଚନା କରାଯାଇଛି । କେତେକ ନାଟକରେ ଶ୍ରୀଜଗନ୍ନାଥ ସିଧାସଳଖ ନାୟକ ଭଳି ଆସିଛନ୍ତି ତ ଆଉ କେତେକ ନାଟକରେ ତାଙ୍କର ମାହାତ୍ମ୍ୟ ରହିଛି । ପୁଣି କେତେକ ନାଟକ ଶ୍ରୀଜଗନ୍ନାଥ ସଂସ୍କୃତିର ଆଦର୍ଶକୁ ଆଧାର କରି ଗଢ଼ି ଉଠିଛି ।[୭୦]

କ୍ର.ନଂ	ନାଟ୍ୟକାରଙ୍କ ନାମ	ନାଟକର ନାମ	ଶ୍ରୀଜଗନ୍ନାଥଙ୍କ ଚେତନାର ପରିଚୟ
୧.	ସାରଳା ଦାସ	ଲକ୍ଷ୍ମୀ ନାରାୟଣ ବଚନିକା	ଲୋକନାଟ୍ୟ ପରମ୍ପରାରେ ସାରଳାଙ୍କ ମହାଭାରତରେ ରହିଥିବା ଗୀତିଧର୍ମୀ ଲୋକନାଟକରେ ଲକ୍ଷ୍ମୀ ଓ ଶ୍ରୀ ଜଗନ୍ନାଥଙ୍କ ମର୍ତ୍ତ୍ୟରେ ଯେଉଁ ନାଟକୀୟ ସଂଳାପର ବିନିମୟ ହୋଇଥାଏ, ତାହା ଲୋକନାଟ୍ୟ ପରମ୍ପରାକୁ ପ୍ରତିନିଧି କରିଥାଏ ।
୨.	ରାମଶଙ୍କର ରାୟ	କାଞ୍ଚି କାବେରୀ	ଏହି ନାଟକରେ ଗଜପତି ପୁରୁଷୋତ୍ତମ ମୁଖ୍ୟ ଭୂମିକା ଗ୍ରହଣ କରିନାହାନ୍ତି । ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ଜାତୀୟ ଦେବତା ଶ୍ରୀ ଜଗନ୍ନାଥ । ଶ୍ରୀଜଗନ୍ନାଥ ଭକ୍ତର ମାନ ରଖିବା ପାଇଁ ନିଜେ ଯୁଦ୍ଧ କ୍ଷେତ୍ରକୁ ଗମନ କରିଥିଲେ ।
୩.	ପଣ୍ଡିତ ଗୋଦାବରୀଶ ମିଶ୍ର	ପୁରୁଷୋତ୍ତମ ଦେବ	ଏଥିରେ ଗୁଣ୍ଡିଚା ଯାତ୍ରା, ବିଷ୍ଣୁ ପ୍ରତିମ ଶ୍ରୀଜଗନ୍ନାଥଙ୍କର ପ୍ରଥମ ସେବକ ରାଜା ପୁରୁଷୋତ୍ତମ ଦେବଙ୍କ ଭକ୍ତି ଭାବ ବର୍ଣ୍ଣିତ ହୋଇଛି ।

୭୦. ସାହୁ, ନାରାୟଣ, ଶ୍ରୀଜଗନ୍ନାଥ ଚେତନା ଦୀପ୍ତି ଓ ବ୍ୟାପ୍ତି (ପ୍ରବନ୍ଧ ଓଡ଼ିଆ ନାଟ୍ୟ ସାହିତ୍ୟରେ ଶ୍ରୀଜଗନ୍ନାଥ), (ସଂପା. ଖଗେଶ୍ୱର ମହାପାତ୍ର ଓ ଅନ୍ୟାନ୍ୟ) ଭୁବନେଶ୍ୱର : ଜ୍ଞାନଯୁଗ ପବ୍ଲିକେଶନ, ୨୦୧୦, ପୃ. ୧୦୮

୪.	ଭିକାରୀ ଚରଣ ପଟ୍ଟନାୟକ	ରାଜା ପୁରୁଷୋତ୍ତମ ଦେବ (୧୯୨୫ ମସିହା)	ଏହି ନାଟକରେ ଦାସୀଗର୍ଭରୁ ଜାତ ପୁରିଆ ଶ୍ରୀଜଗନ୍ନାଥଙ୍କ କୃପା ଓ ନିର୍ଦ୍ଦେଶରେ କପିଳେନ୍ଦ୍ରଦେବଙ୍କ ଉତ୍ତରାଧିକାରୀ ହୋଇଥିବା କଥା ଅଭିନୀତ ହୋଇଅଛି ।
୫.	ଲାଲା ନଗେନ୍ଦ୍ର କୁମାର ରାୟ	ରଘୁ ଅରକ୍ଷିତ (୧୯୨୭ ମସିହା)	ଶ୍ରୀକ୍ଷେତ୍ରର ଶ୍ରେଷ୍ଠତ୍ୱ ସହିତ ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ଏଥିରେ ରୂପାୟିତ ।
୬.	ଅଶ୍ୱିନୀ କୁମାର ଘୋଷ	କଳାପାହାଡ଼ (୧୯୨୨ ମସିହା)	ଏହି ନାଟକରେ ମୁସଲମାନ ଧର୍ମ ଗ୍ରହଣ କଲା ପରେ କଳାପାହାଡ଼ ଜଗନ୍ନାଥ ଦ୍ରୋହୀ ହୋଇ କିପରି ଠାକୁରଙ୍କୁ ନେଇ ପୋଡ଼ିଥିଲା ତାହା ଚିତ୍ରିତ ।
		ସାଲବେଗ (୧୯୩୩ ମସିହା)	ସାଲବେଗ ଜାତିରେ ଯବନ ହେଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ । ତାଙ୍କରି ଉପରେ ଜଗନ୍ନାଥଙ୍କର ରହିଥିଲା ଅପାର କରୁଣା ।
		ଦାସିଆ ବାଉରି	ଶ୍ରୀଜଗନ୍ନାଥଙ୍କ ଭକ୍ତିଭାବ ନିକଟରେ ଜାତି, ବର୍ଣ୍ଣ, ନାରୀ ଓ ଶୁଦ୍ରର ବିବେଚନା କରାଯାଏ ନାହିଁ । ଏହି ନାଟକରେ ଶ୍ରୀଜଗନ୍ନାଥଙ୍କ ଭକ୍ତିରେ ଅଚ୍ଛବ ଦାସିଆ ବାଉରି ଶେଷରେ ଶ୍ରୀବ୍ରହ୍ମରେ ଲୀନ ହୋଇଯାଇଛି । ନାଟକଟିରେ ଭକ୍ତ ଦାସିଆର ଆଧ୍ୟାତ୍ମିକ ଚେତନା ରୂପାୟିତ ।
		ଶ୍ରୀମନ୍ଦିର (୧୯୩୪ ମସିହା)	ଏହି ଚାରି ଅଙ୍କର ନାଟକରେ ଇନ୍ଦ୍ରଦ୍ୟୁମ୍ନଙ୍କ ଶ୍ରୀଜଗନ୍ନାଥ ଭକ୍ତି, ଶବର ରାଜା ବିଶ୍ୱାବସୁ କନ୍ୟା ଲଳିତା ସହିତ ବ୍ରାହ୍ମଣ ବିଦ୍ୟାପତିର ବିବାହ, ଶ୍ରୀମନ୍ଦିର ନିର୍ମାଣ ଏବଂ ଶ୍ରୀଜଗନ୍ନାଥଙ୍କ ପ୍ରତିଷ୍ଠା ଆଦି ବିଷୟ ରୂପାୟିତ ।
		ରଘୁ ଅରକ୍ଷିତ	ଏହି ନାଟକରେ ଧନୀ ଜମିଦାର ପୁତ୍ର ରଘୁ ଅରକ୍ଷିତ ଭାଗ୍ୟ ଦୋଷରୁ ପୁରୀ ଆସି ଶ୍ରୀଜଗନ୍ନାଥଙ୍କ ଭକ୍ତିରେ ମଜ୍ଜି ଯାଇଛନ୍ତି । ବିବାହିତ ପତ୍ନୀ ଅନ୍ନପୂର୍ଣ୍ଣାଙ୍କୁ ସେ ତ୍ୟାଗ କରି ଆସିଛନ୍ତି ।
		ବନ୍ଧୁ ମହାନ୍ତି (୧୯୪୪ ମସିହା)	ନାଟକରେ ବନ୍ଧୁ ମହାନ୍ତି ଗୁମାସ୍ତା ପଦରୁ ବିତାଡ଼ିତ ହୋଇ ସପରିବାର ଆସି ପୁରୀ କ୍ଷେତ୍ରରେ ବନ୍ଧୁ ମହାନ୍ତି ଆଶ୍ରୟ ନେଇଛନ୍ତି । ଦିନେ ପରିବାରର ସମସ୍ତେ କ୍ଷୁଧାତୁର । ଏ କଥାକୁ ବନ୍ଧୁ ମହାନ୍ତି

			ମନ୍ଦିରକୁ ଯାଇ ଶ୍ରୀଜଗନ୍ନାଥଙ୍କୁ ଜଣାଇଛନ୍ତି । ତାଙ୍କର ଡାକ ଶୁଣି ଶ୍ରୀଜଗନ୍ନାଥ ଭାରୁଆ ବେଶରେ ଆସି ଅନ୍ନ ମହାପ୍ରସାଦ ଆଣି ତାଙ୍କ ଘରେ ଦେଇ ଦେଲେ । ଏହି ନାଟକରେ ମଧ୍ୟ ଭକ୍ତର ଯେ ଯୁଗେ ଯୁଗେ ଭଗବାନ ଏହା ସୂଚାଇ ନାଟ୍ୟକାର ଭଜନଟିରେ ଶ୍ରୀଜଗନ୍ନାଥଙ୍କ ମହିମା ବର୍ଣ୍ଣନା କରିଛନ୍ତି । 'ବାଇ ମନରେ, କିଆଁ ହେଉଛ ଧନ୍ଦି ଜଗବନ୍ଧୁ ନାମ ଘୋଷୁଆ ମନରେ କଟିଯିବ ତୋର ବିଷମ ସନ୍ଧି ।'
		ଚଣ୍ଡାଳୁଣୀ (୧ ୯ ୪ ୬ ଖ୍ରୀ.ଅ)	ଏଥିରେ ଶ୍ରୀଜଗନ୍ନାଥ ଓ ବଳଭଦ୍ର କିପରି ଲକ୍ଷ୍ମୀଛଡ଼ା ହୋଇ ନାନା କଷ୍ଟ ଭୋଗ କରିବା କଥା ବର୍ଣ୍ଣିତ । ଶେଷରେ ଜଗନ୍ନାଥ ସ୍ତ୍ରୀକୁ ଚଣ୍ଡାଳୁଣୀ ବୋଲି କହି ଶ୍ରୀମନ୍ଦିରରୁ ଘଉଡ଼ାଇ ଥିବା, ପୁଣି ଦୁଇ ଭାଇ ଲକ୍ଷ୍ମୀଙ୍କ ଗୃହରେ ଭୋଜନ କରିଥିବା କଥା ବର୍ଣ୍ଣିତ ହୋଇଛି । ଜାତି, ବର୍ଣ୍ଣ ନିର୍ବିଶେଷରେ ମହାପ୍ରସାଦ ନିକଟରେ ସମସ୍ତେ ଯେ ସମାନ ଏହା ଏହି ନାଟକରୁ ସୂଚୀତ ହୁଏ । ଏହି ନାଟକରେ ଶ୍ରୀଜଗନ୍ନାଥ ହେଉଛନ୍ତି ମହାନାୟକ ଏବଂ ମହାଲକ୍ଷ୍ମୀ ହେଉଛନ୍ତି ମହାନାୟିକା ।
୭.	କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର	ଲକ୍ଷ୍ମୀ ଚଣ୍ଡାଳୁଣୀ (୧ ୯ ୪ ୪ ମସିହା)	ଏହି ନାଟକରେ ନାଟ୍ୟକାର ଲକ୍ଷ୍ମୀପୁରାଣର ଶ୍ରୀୟା ଚଣ୍ଡାଳୁଣୀ କଥାବସ୍ତୁକୁ ନାଟକୀୟ ଶୈଳୀରେ ପରିବେଷଣ କରିଛନ୍ତି ।
୮.	କାଳୀଚରଣ ପଟ୍ଟନାୟକ	କ. ଜୟଦେବ (୧ ୯ ୪ ୩ ମସିହା)	ପ୍ରତାପରୁଦ୍ର ଦେବ 'ଅଭିନବ ଗୀତଗୋବିନ୍ଦ' ଲେଖି ଜୟଦେବଙ୍କ ଗୀତ ଗୋବିନ୍ଦ ପାଠ ମନ୍ଦିରରେ ମନା କରିବା ଓ ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଶରେ ତାହା ପୁନଃ ଗୀତ ହେବା ଆଦି ଘଟଣାବଳୀରେ ନାଟ୍ୟକାର ଶ୍ରୀଜଗନ୍ନାଥଙ୍କ ପ୍ରାଧାନ୍ୟ ଓ ମହିମା ସୂଚାଇଛନ୍ତି ।
		ଖ. ଅତିବଡ଼ୀ ଜଗନ୍ନାଥ ଦାସ (୧ ୯ ୪ ୬ ମସିହା)	ଶ୍ରୀଜଗନ୍ନାଥଙ୍କ ଭିତରେ ନାଟ୍ୟକାର ଭଗବାନ କୃଷ୍ଣଙ୍କୁ ଆବିଷ୍କାର କରିଛନ୍ତି । ଜଗନ୍ନାଥଙ୍କ କୃପାରୁ ସେ ଅତିବଡ଼ୀ ଉପାଧିରେ ଭୂଷିତ ହୋଇଥିଲେ । ଏଥିରେ ଶ୍ରୀକ୍ଷେତ୍ର ମହତ୍ତ୍ୱ ପ୍ରଚାରିତ ।

		ଗ. ଅଭିଯାନ (୧୯୪୬ ମସିହା)	ଏହା ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ପ୍ରସଙ୍ଗକୁ ନେଇ ରଚିତ ହୋଇଛି ଏବଂ ଶ୍ରୀ ପୁରୁଷୋତ୍ତମଙ୍କ ଦେବଙ୍କୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଭାବରେ ଚିତ୍ରଣ କରାଯାଇଛି ।
		ଘ. ବେକାର	ଏହି ନାଟକରେ ନାଟ୍ୟକାର ଶ୍ରୀଜଗନ୍ନାଥଙ୍କ ମହିମାକୁ ପ୍ରତିପାଦିତ କରିଥିବା ପରିଲକ୍ଷିତ ହୁଏ ।
		ଙ. ପରିବର୍ତ୍ତନ	ଏହି ନାଟକରେ ପୁରୀ କ୍ଷେତ୍ରର ଏକ ଦୃଶ୍ୟ ସଂଯୁକ୍ତ ହୋଇଛି ।
		ଚ. ଆହୁତି	ଏଥିରେ ଶ୍ରୀଜଗନ୍ନାଥଙ୍କ ଗୁଣ କୀର୍ତ୍ତନ ସହ ସବୁ ସମସ୍ୟାର ସୁସମାଧାନ ନିମିତ୍ତ ତାଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି ।
		ଛ. ସନ୍ଧାନ	ସନ୍ଧାନ ନାଟକରେ ନାଟ୍ୟକାର ପଣ୍ଡା ଯାତ୍ରୀଙ୍କ ସୁସମ୍ପର୍କ ସ୍ଥାପନ ସହିତ ଶ୍ରୀଜଗନ୍ନାଥଙ୍କ ନାମ ସ୍ମରଣ ମାତ୍ରକେ ସବୁ ରୋଗ ଦୂର ହୁଏ ବୋଲି କହିଛନ୍ତି ।
୯.	ବୈଷ୍ଣବ ପାଣି	କ. ରଘୁ ଅରକ୍ଷିତ ଖ. ଲକ୍ଷ୍ମୀ ପୁରାଣ ଗ. କଳାପାହାଡ଼ ଘ. କାଞ୍ଚିକାବେରୀ ଙ. ଶ୍ରୀମନ୍ଦିର	ଏହି ସମସ୍ତ ସୁଆଙ୍ଗ ଓ ଗୀତାଭିନୟରେ ଶ୍ରୀ ବୈଷ୍ଣବ ପାଣି ଶ୍ରୀମନ୍ଦିର/ଶ୍ରୀକ୍ଷେତ୍ର/ପୁରୁଷୋତ୍ତମ ଆଦିଙ୍କ ବିଷୟରେ ବର୍ଣ୍ଣନା କରିଛନ୍ତି ।
୧୦.	ଅମୂଲ୍ୟ କୃଷ୍ଣ ମିଶ୍ର	ସାଲବେଗ	ଏହି ନାଟକରେ ସାଲବେଗଙ୍କ ଜୀବନୀ, ତାଙ୍କ ରଚିତ ଭକ୍ତିଗୀତିକା ଓ ଶ୍ରୀଜଗନ୍ନାଥଙ୍କ କୃପାରୁ ଦୂରାରୋଗ୍ୟ ବ୍ରଣ ବ୍ୟାଧିରୁ ମୁକ୍ତି ଆଦି ବିଷୟ ବର୍ଣ୍ଣିତ । ଶ୍ରୀ ଜଗନ୍ନାଥଙ୍କ ପ୍ରତି ସାଲବେଗଙ୍କ ପ୍ରବଳ ବିଶ୍ୱାସ ଓ ଭକ୍ତିଭାବ ରହିଥିବାର ପ୍ରମାଣ ଏହି ନାଟକରୁ ଉପଲବ୍ଧି ହୋଇଥାଏ ।
୧୧.	ରାମଚନ୍ଦ୍ର ମହାପାତ୍ର	ରଘୁ ଅରକ୍ଷିତ (୧୯୩୪ ମସିହା)	ନାଟକରେ ରଘୁର ଶ୍ରୀଜଗନ୍ନାଥଙ୍କ ପ୍ରତି ଥିବା ଐକାନ୍ତିକ ଭକ୍ତିର ଚିତ୍ର ପ୍ରତିପାଦିତ ।
୧୨.	ଶୈଳେଶ୍ୱର ନନ୍ଦ	ଦାରୁବ୍ରହ୍ମ (ଖ୍ରୀ.ଅ. ୧୯୭୫)	୧୯ଟି ଦୃଶ୍ୟ ବିଶିଷ୍ଟ ଏହି ନାଟକରେ ଗାଲମାଧବଙ୍କ ଦ୍ୱାରା ଇନ୍ଦ୍ରଦ୍ୟୁମ୍ନଙ୍କ ନିର୍ମିତ ମନ୍ଦିରର ଉଦ୍ଧାର, ଉଭୟ ରାଜାଙ୍କ ବିବାଦ, ବିଦ୍ୟାପତି-ଲଳିତା ପ୍ରସଙ୍ଗ, ରାଜାଙ୍କ ଆଦେଶରେ ଦାରୁ ସଂଗ୍ରହ, ବିଶ୍ୱକର୍ମାଙ୍କ ଦ୍ୱାରା ମୂର୍ତ୍ତି ନିର୍ମାଣ ଏବଂ ବଡ଼ ଦେଉଳରେ ବିଗ୍ରହମାନଙ୍କ ପ୍ରତିଷ୍ଠା ଆଦି ବିଷୟ ଶ୍ରୀଜଗନ୍ନାଥ ଧର୍ମର ସାରବତ୍ତାକୁ ପ୍ରମାଣିତ କରେ ।

୧୩.	ସୋମନାଥ ପାଳ	ନୀଳମାଧବ (ଖ୍ରୀ.ଅ. ୧୯୭୫)	ଏଥିରେ ଇନ୍ଦ୍ରଦ୍ୟୁମ୍ନଙ୍କର ନୀଳମାଧବଙ୍କୁ ଆଣିବା ପାଇଁ ବିଦ୍ୟାପତିଙ୍କୁ ପ୍ରେରଣ, ଲଳିତାଙ୍କୁ ବିବାହ ଓ ବାଙ୍କି ମୁହାଣରୁ ଦାରୁ ସଂଗ୍ରହ କରି ଅଧାଗଢ଼ା ଦିଅଁ ଗଠନ କରିବାର ଚିତ୍ର ବର୍ଣ୍ଣିତ ।
୧୪.	ହରିହର ମିଶ୍ର	କ. ନିନ୍ଦିତ ଗଜପତି (୧୯୭୪ ମସିହା) ଖ. ଅଦୃଶ୍ୟ ନଟ (୧୯୮୦ ମସିହା)	ଏକ ମହାଜାଗତିକ ଚେତନାର ଦୃଢ଼ ସମର୍ଥକ ହେଉଛନ୍ତି ନାଟ୍ୟକାର ହରିହର ମିଶ୍ର ଯିଏ କି ନିନ୍ଦିତ ଗଜପତି ନାଟକରେ ଗଜପତି ପ୍ରତାପରୁଦ୍ରଙ୍କ ବିବଶତାକୁ ଯୁକ୍ତିସିଦ୍ଧ ରୀତିରେ ପ୍ରଦର୍ଶନ କରିଛନ୍ତି । ସେହିପରି ଶ୍ରୀଜଗନ୍ନାଥଙ୍କ ମାନ ରକ୍ଷା ପାଇଁ ନାଟ୍ୟକାର କଳାବତୀ ଚରିତ୍ରକୁ ଏହି ନାଟକରେ ସୃଷ୍ଟି କରିଛନ୍ତି । ଭାଗ୍ୟର ବିପର୍ଯ୍ୟୟ ଓଡ଼ିଶାର ସାଂସ୍କୃତିକ ଜୀବନରେ ଯେଉଁ ଜଡ଼ ଭାବ ସୃଷ୍ଟି କରିଥିଲା, ତା'ର ମନ୍ମୟ ଆଲେଖ୍ୟ 'ଅଦୃଶ୍ୟ ନଟ' ।
୧୫.	ରଜତ କୁମାର କର	ବାଇଶି ପାହାଚ	ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ଏବଂ ଶ୍ରୀଜଗନ୍ନାଥଙ୍କ ମହିମାର ସାରବତ୍ତା ହେଉଛି ନାଟକର ଅନ୍ତଃସ୍ୱର ।
୧୬.	ନୀଳାଦ୍ରି ଭୂଷଣ ହରିଚନ୍ଦନ	ସତ୍ୟ-ସଂଶୟ-ସାଲବେଗ (୧୯୮୦ ମସିହା)	ଏହି ନାଟକରେ ଶ୍ରୀଜଗନ୍ନାଥଙ୍କ ରହସ୍ୟମୟ ସ୍ୱରୂପର ବର୍ଣ୍ଣନା ରହିଛି । ହିନ୍ଦୁଧର୍ମର ପତନ, ଶ୍ରୀଜଗନ୍ନାଥ ଚେତନାର ଅବକ୍ଷୟ, ଭକ୍ତ ସାଲବେଗ ମନରେ ସୃଷ୍ଟି କରିଛି ଦ୍ୱନ୍ଦ୍ୱ । ତା'ର ପ୍ରଶ୍ନ ଆଉ ଆଚରଣରୁ ଯଦି ହିନ୍ଦୁଧର୍ମର ଜାତି ବିଭାଗର ସୃଷ୍ଟି, ମୁଁ ତ କାହିଁ ହୋଇପାରିନି ବ୍ରାହ୍ମଣ ? କାହିଁକି ମୋ ପାଇଁ ପତିତପାବନ ସିଂହଦ୍ୱାର ବନ୍ଦ ରହିଲା ? ଏହାର ଉତ୍ତର ହିଁ ପାଠକମାନଙ୍କ ମନରେ ସଂଶୟ ସୃଷ୍ଟି କରିଛି ।
	ରାମଚନ୍ଦ୍ର ମହାପାତ୍ର	ରଘୁ ଅରକ୍ଷିତ (୧୯୩୪ ମସିହା)	ନାଟକରେ ରଘୁର ଶ୍ରୀଜଗନ୍ନାଥଙ୍କ ପ୍ରତି ଥିବା ଐକାନ୍ତିକ ଭକ୍ତିର ଚିତ୍ର ପ୍ରତିପାଦିତ ।
	ଶୈଳେଶ୍ୱର ନନ୍ଦ	ଦାରୁବ୍ରହ୍ମ (ଖ୍ରୀ.ଅ. ୧୯୭୫)	୧୯ଟି ଦୃଶ୍ୟ ବିଶିଷ୍ଟ ଏହି ନାଟକରେ ଗାଲମାଧବଙ୍କ ଦ୍ୱାରା ଇନ୍ଦ୍ରଦ୍ୟୁମ୍ନଙ୍କ ନିର୍ମିତ ମନ୍ଦିରର ଉଦ୍ଧାର, ଉଭୟ ରାଜାଙ୍କ ବିବାଦ, ବିଦ୍ୟାପତି-ଲଳିତା ପ୍ରସଙ୍ଗ, ରାଜାଙ୍କ ଆଦେଶରେ ଦାରୁ ସଂଗ୍ରହ, ବିଶ୍ୱକର୍ମାଙ୍କ ଦ୍ୱାରା ମୂର୍ତ୍ତି ନିର୍ମାଣ ଏବଂ ବଡ଼ ଦେଉଳରେ ବିଗ୍ରହମାନଙ୍କ ପ୍ରତିଷ୍ଠା ଆଦି ବିଷୟ ଶ୍ରୀଜଗନ୍ନାଥ ଧର୍ମର ସାରବତ୍ତାକୁ ପ୍ରମାଣିତ କରେ ।
	ସୋମନାଥ ପାଳ	ନୀଳମାଧବ (ଖ୍ରୀ.ଅ. ୧୯୭୫)	ଏଥିରେ ଇନ୍ଦ୍ରଦ୍ୟୁମ୍ନଙ୍କର ନୀଳମାଧବଙ୍କୁ ଆଣିବା ପାଇଁ ବିଦ୍ୟାପତିଙ୍କୁ ପ୍ରେରଣ, ଲଳିତାଙ୍କୁ ବିବାହ

			ଓ ବାଙ୍କି ମୁହାଣରୁ ଦାରୁ ସଂଗ୍ରହ କରି ଅଧାଗଢ଼ା ଦିଅଁ ଗଠନ କରିବାର ଚିତ୍ର ବର୍ଣ୍ଣିତ ।
	ହରିହର ମିଶ୍ର	କ. ନିନ୍ଦିତ ଗଜପତି (୧୯୭୪ ମସିହା)	ଏକ ମହାଜାଗତିକ ଚେତନାର ଦୃଢ଼ ସମର୍ଥକ ହେଉଛନ୍ତି ନାଟ୍ୟକାର ହରିହର ମିଶ୍ର ଯିଏ କି ନିନ୍ଦିତ ଗଜପତି ନାଟକରେ ଗଜପତି ପ୍ରତାପରୁଦ୍ରଙ୍କ ବିବଶତାକୁ ଯୁକ୍ତିସିଦ୍ଧ ରୀତି ପ୍ରଦର୍ଶନ କରିଛନ୍ତି ।
		ଖ. ଅଦୃଶ୍ୟ ନଟ (୧୯୮୦ ମସିହା)	ସେହିପରି ଶ୍ରୀଜଗନ୍ନାଥଙ୍କ ମାନ ରକ୍ଷା ପାଇଁ ନାଟ୍ୟକାର କଳାବତୀ ଚରିତ୍ରକୁ ଏହି ନାଟକରେ ସୃଷ୍ଟି କରିଛନ୍ତି । ଭାଗ୍ୟର ବିପର୍ଯ୍ୟୟ ଓଡ଼ିଶାର ସାଂସ୍କୃତିକ ଜୀବନରେ ଯେଉଁ ଜଡ଼ ସୃଷ୍ଟି କରିଥିଲା, ତା'ର ମନ୍ମୟ ଆଲେଖ୍ୟ 'ଅଦୃଶ୍ୟ ନଟ' ।
	ରଜତ କୁମାର କର	ବାଇଶି ପାହାଚ	ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ଏବଂ ଶ୍ରୀଜଗନ୍ନାଥଙ୍କ ମହିମାର ସାରବତ୍ତା ହେଉଛି ନାଟକର ଅନ୍ତଃସ୍ୱର ।
	ନୀଳାଦ୍ରି ଭୂଷଣ ହରିଚନ୍ଦନ	ସତ୍ୟ-ସଂଶୟ-ସାଲବେଗ (୧୯୮୦ ମସିହା)	ଏହି ନାଟକରେ ଶ୍ରୀଜଗନ୍ନାଥଙ୍କ ରହସ୍ୟମୟ ସ୍ୱରୂପର ବର୍ଣ୍ଣନା ରହିଛି । ହିନ୍ଦୁଧର୍ମର ପତନ, ଶ୍ରୀଜଗନ୍ନାଥ ଚେତନାର ଅବକ୍ଷୟ, ଭକ୍ତ ସାଲବେଗ ମନରେ ସୃଷ୍ଟି କରିଛି ଦ୍ୱନ୍ଦ୍ୱ । ତା'ର ପ୍ରଶ୍ନ ଆଉ ଆଚରଣରୁ ଯଦି ହିନ୍ଦୁଧର୍ମର ଜାତି ବିଭାଗର ସୃଷ୍ଟି, ମୁଁ ତ କାହିଁ ହୋଇପାରିନି ବ୍ରାହ୍ମଣ ? କାହିଁକି ମୋ ପାଇଁ ପତିତପାବନ ସିଂହଦ୍ୱାର ବନ୍ଦ ରହିଲା ? ଏହାର ଉତ୍ତର ହିନ୍ଦୁ ପାଠକମାନଙ୍କ ମନରେ ସଂଶୟ ସୃଷ୍ଟି କରିଛି ।
୧୭.	ଶରତ ଚନ୍ଦ୍ର ମୂଳିଆ	ମହାଲକ୍ଷ୍ମୀ ପୂଜା (୧୯୮୪ ମସିହା)	୪ ଅଙ୍କ ବିଶିଷ୍ଟ ଏହି ନାଟକରେ ଲକ୍ଷ୍ମୀ ପୁରାଣର କାହାଣୀ ସ୍ଥାନ ପାଇଛି ।
୧୮.	ବୈକୁଣ୍ଠନାଥ ମହାନ୍ତି	ଭକ୍ତବନ୍ଧୁ (୧୯୮୭ ମସିହା)	ବନ୍ଧୁ ମହାନ୍ତିଙ୍କ ଭାକ୍ତିକ ଦିଗଟି ଏଥିରେ ଚିତ୍ରିତ ।
୧୯.	ଭଞ୍ଜ କିଶୋର ପଟ୍ଟନାୟକ	କ. ପ୍ରତାପରୁଦ୍ର (୧୯୮୫ ମସିହା)	ଏହି ନାଟକରେ ଶ୍ରୀଜଗନ୍ନାଥ ଚେତନାର ଚିତ୍ର ରହିଅଛି । ଇତିହାସ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଅଛି ।
		ଖ. ଶ୍ରୀଗୁଣ୍ଡିଚା (ଏକାଙ୍କିକା)	ଏହି ଏକାଙ୍କିକା ଗ୍ରନ୍ଥରେ ୭ ଗୋଟି ଦୃଶ୍ୟ ରହିଅଛି । ଶ୍ରୀକୃଷ୍ଣଙ୍କର ଜାରାଶବର ଦ୍ୱାରା ନିଧନ ଠାରୁ ଆରମ୍ଭ କରି ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପ୍ରତିଷ୍ଠା ପର୍ଯ୍ୟନ୍ତ ସମସ୍ତ କଥା ରୂପାୟିତ ହୋଇଛି ।

୨୦.	ଏ.ଏଚ୍.କେ ନାଶାଦ୍	ସିନ୍ଧୁ ତୀରେ	ତାଙ୍କର ମତରେ 'ଜଗନ୍ନାଥ ସମସ୍ତଙ୍କର । ସେହିଁ ଆଲ୍ଲା, ସେହିଁ କୃଷ୍ଣ । ସେହିଁ ଭଗବାନ । ଏକ ବୃକ୍ଷର ବେନି ଶାଖା ହିନ୍ଦୁ ଆଉ ମୁସଲମାନ ।'
୨୧.	ଭଗବାନ ମିଶ୍ର	ଚାଖି ଖୁଣ୍ଟିଆ	ଏହି ନାଟକରେ ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ରର ମହିମା କହିଛନ୍ତି । ନାଟ୍ୟକାର ଦିବ୍ୟସିଂହ ଦେବଙ୍କ ସଂଳାପରେ କହିଛନ୍ତି, 'ପୁରୁଷୋତ୍ତମ କ୍ଷେତ୍ର ତ୍ରିଜଗତରେ ନମସ୍ୟ । ଭାରତର ସମସ୍ତ ବିକାଶ ଦିଗରେ ନୀଳାଚଳର ଦାନ ଯେ ମହନୀୟ, ଏହା ଇତିହାସ ବୃକ୍ଷରୁ ହିଁ ସ୍ପଷ୍ଟ ।
୨୨.	ଗୋପାଳ ଛୋଟରାୟ	ଶ୍ରୀଗୁଣ୍ଡିଚା	ଏହି ନାଟକରେ ପ୍ରସ୍ତୁତ ଭୂମି, ବିଶ୍ୱାବସୁ, ବିଦ୍ୟାପତି ଓ ଇନ୍ଦ୍ରଦ୍ୟୁମ୍ନ ଶ୍ରୀଗୁଣ୍ଡିଚାଙ୍କ ଭକ୍ତପ୍ରାଣତା ବର୍ଣ୍ଣିତ ।
୨୩.	ବ୍ରଜ ମୋହନ ମହାନ୍ତି	ରଘୁ ଅରକ୍ଷିତ	'ରଘୁ ଅରକ୍ଷିତ' ଗୀତିନାଟ୍ୟରେ ରଘୁଙ୍କ ଶ୍ରୀଜଗନ୍ନାଥ ଭକ୍ତି ଭାବ ସ୍ଥାନ ପାଇଛି ।
	,, ,,	ମହାବାହୁ	ଏହି ଗୀତିନାଟ୍ୟ ଓ 'ନବକଳେବର' ରୂପକରେ ନାଟ୍ୟକାର ଶ୍ରୀଜଗନ୍ନାଥ ପ୍ରାଣତାର ପରିଚୟ ଦେଇଛନ୍ତି ।
	ନୀଳକଣ୍ଠ ମିଶ୍ର	ଭକ୍ତ ସାଲବେଗ	ସାଲବେଗଙ୍କ କଣ୍ଠରେ ତାଙ୍କର ଭଜନ 'ଆହେ ନୀଳଶଇଳ' ପ୍ରଦାନ କରି ଲେଖକ ସାଲବେଗର ଭକ୍ତିମତ୍ତାକୁ ଆହୁରି ଦୃଢ଼ୀଭୂତ କରିଛନ୍ତି ।
	କୃଷ୍ଣଚନ୍ଦ୍ର ନାୟକ	କାଞ୍ଚିକାବେରୀ	ଏହି ନାଟକରେ ଶ୍ରୀଜଗନ୍ନାଥ ପୁରୁଷୋତ୍ତମ ଦେବଙ୍କୁ କହିଛନ୍ତି ଯେ ସତ୍ୟଧର୍ମ ପାଇଁ ସେ କାଞ୍ଚି ଅଭିଯାନରେ ରାଜାଙ୍କୁ ସାହାଯ୍ୟ କରିବେ ।
	ଯୁର ରଣା	ଲକ୍ଷ୍ମୀପୂଜା ସୁଆଙ୍ଗ	ଏଥିରେ ଲକ୍ଷ୍ମୀପୁରାଣର କଥାବସ୍ତୁ ବର୍ଣ୍ଣିତ ହୋଇଛି । ତାଙ୍କର ମତରେ ବେଢ଼ା ମଧ୍ୟରେ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ମହାପ୍ରସାଦ ସେବନ ଶ୍ରୀଜଗନ୍ନାଥଙ୍କ ମହିମାକୁ ଶତଗୁଣରେ ବିଶ୍ୱବିଖ୍ୟାତ କରିଦିଏ ।
	ପ୍ରଫୁଲ୍ଲ ରଥ	ଚକାନୟନ	ଶ୍ରୀଜଗନ୍ନାଥଙ୍କୁ କେବଳ ଓଡ଼ିଶା କିମ୍ବା ଭାରତ ନୁହେଁ, ପୃଥିବୀର ସମସ୍ତ ଜନସାଧାରଣ ନିଜ ନିଜର ଆରାଧ୍ୟ ଦେବତା ରୂପେ ତାଙ୍କ ନିକଟରେ ମଥାନତ କରିଥାନ୍ତି ତାହା ଦର୍ଶାଯାଇଛି ।

ରମେଶ ଚନ୍ଦ୍ର ପାଣିଗ୍ରାହୀ	କ. ଗୋଟିଏ ବୃତ୍ତ ଆଙ୍କିବା ସହଜପ୍ରଣାଳୀ	ଜଗନ୍ନାଥ ଚେତନା ସମ୍ବଳିତ ଏହି ତିନିଗୋଟି ନାଟକରେ ଆଧୁନିକ ମନନଶୀଳତାର ପରିଚୟ ମିଳେ । ଆଧୁନିକ ମଣିଷର ଯନ୍ତ୍ରଣାକ୍ଲିଷ୍ଟ ଜୀବନରେ ଶ୍ରୀଜଗନ୍ନାଥ କିପରି ତାଙ୍କରି ଭକ୍ତମାନଙ୍କୁ ପରୀକ୍ଷା ଓ ସାହାଯ୍ୟ କରିଥାନ୍ତି, ତାହା ଅଭିବ୍ୟଞ୍ଜିତ ।
ସୁବୋଧ ପଟ୍ଟନାୟକ	ହୋ ଭଗତେ	
ନାରାୟଣ ସାହୁ	ଆଶ୍ରା ଖୋଜି ବୁଲୁଥିବା ଈଶ୍ୱର	
ଗୋପାଳ ଦେ	ଈଶ୍ୱର ଫେରିଯାଅ	ଏଥିରେ ଈଶ୍ୱର କିପରି ତାଙ୍କର ପୂର୍ବ ଗୌରବ ହରାଇଛନ୍ତି, ତାହା ବର୍ଣ୍ଣିତ । ଏଥିରୁ ଈଶ୍ୱର ରୂପରେ ଶ୍ରୀଜଗନ୍ନାଥ ମଧ୍ୟ ବାଦ୍ ଯାଇନାହାନ୍ତି ।
କାର୍ତ୍ତିକ ରଥ	ଈଶ୍ୱର ଜଣେ ଯୁବକ	ଏଥିରେ ଈଶ୍ୱରଙ୍କର ଅସହାୟତାର କାହାଣୀ ବର୍ଣ୍ଣିତ ହୋଇଛି ।
ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋ	ଦେବଦାସୀ	ନାଟ୍ୟକାର ଏଥିରେ ଶ୍ରୀଜଗନ୍ନାଥ, ସାଲବେଗ ଓ ଲାବଣ୍ୟ ଚରିତ୍ର ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କ ମହତ୍ତ୍ୱ ପ୍ରତିପାଦନ କରିଛନ୍ତି ।

ଉପର୍ଯ୍ୟୁକ୍ତ 'ନାଟକ' ସାରଣୀରେ ପ୍ରଦତ୍ତ ଅଧିକାଂଶ ନାଟକକୁ ବିଶ୍ୱଚେତନାର ଅଭିମୁଖୀନ କରିବାକୁ ନାଟ୍ୟକାର ଗଣ ପ୍ରୟାସ କରିଥିବା ଦେଖାଯାଏ । ବିଶ୍ୱରେ ନାରୀମାନଙ୍କୁ ସ୍ୱାବଲମ୍ବନଶୀଳ ଓ ମାନବିକ ଗୁଣରେ ଗରୀୟାନ କରିବା ପାଇଁ ସାରଳା ଦାସଙ୍କ ଲକ୍ଷ୍ମୀ ନାରାୟଣ ବଚନିକା, ଚଣ୍ଡାଳୁଣୀ, ଲକ୍ଷ୍ମୀ ଚଣ୍ଡାଳୁଣୀ, ଲକ୍ଷ୍ମୀପୁରାଣ (ଗୀତିନାଟ୍ୟ), ଲକ୍ଷ୍ମୀପୂଜା ସୁଆଙ୍ଗ ପ୍ରଭୃତିର ଅବତାରଣା । ସେହିପରି ଶ୍ରୀଜଗନ୍ନାଥ ହେଉଛନ୍ତି ସର୍ବ ଧର୍ମ ସମନ୍ୱୟବାଦୀ ଚେତନାର ପ୍ରତୀକ । ଆଲ୍ଲା, ଖ୍ରୀଷ୍ଟ, ରାମ, କୃଷ୍ଣ ଓ ଜଗନ୍ନାଥଙ୍କ ମଧ୍ୟରେ କୌଣସି ବୈଷମ୍ୟ ନାହିଁ । ତାହା ଦେଖାଇ ଦେବା ପାଇଁ, ସାଲବେଗ, ଦାସିଆ ବାଉରି, ସତ୍ୟ-ସଂଶୟ-ସାଲବେଗ, ସିନ୍ଧୁତୀରେ, ଚକାନୟନ ପ୍ରଭୃତି ନାଟକର ସୃଷ୍ଟି । ଏତଦ୍‌ବ୍ୟତୀତ ରଘୁ ଅରକ୍ଷିତ, ବନ୍ଧୁ ମହାନ୍ତି ଆଦି ନାଟକରେ ଶ୍ରୀଜଗନ୍ନାଥଙ୍କ ପରୋପକାର, ତ୍ୟାଗ, ଭକ୍ତିଭାବର ପରାକାଷ୍ଠା ପ୍ରଭୃତି ପ୍ରଦର୍ଶିତ ହୋଇଅଛି । ସର୍ବୋପରି ସମସ୍ତ ନାଟକରେ ଶ୍ରୀଜଗନ୍ନାଥଙ୍କର ବିଶ୍ୱଭ୍ରାତୃତ୍ୱବୋଧ, ସହନଶୀଳତା, ତ୍ୟାଗ, ପରୋପକାର, ଜାତି-ବର୍ଣ୍ଣ-ଧର୍ମର ନିରପେକ୍ଷତା ପ୍ରଭୃତି ଦେବୋପମ ଗୁଣର ମହତ୍ତ୍ୱ ପ୍ରକୀର୍ତ୍ତିତ ।

ଏହି ପ୍ରସଙ୍ଗରେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ''୨୦୦୪ ମସିହାରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପ୍ରୋତ୍ସାହନରେ ଗଢ଼ି ଉଠିଛି ସାଂସ୍କୃତିକ ଅନୁଷ୍ଠାନ 'ଶ୍ରୀ ଜଗନ୍ନାଥାୟନ' । ଏହି ଅନୁଷ୍ଠାନ ତରଫରୁ ମାସର ଶେଷ ଦିନ (ଶେଷ ସପ୍ତାହ) ଶ୍ରୀଜଗନ୍ନାଥଙ୍କ କାହାଣୀକୁ ଆଧାର କରି ନାଟ୍ୟ ବିଚିତ୍ରାମାନ ଅନୁଷ୍ଠିତ ହେଉଛି । ଗୀତିନାଟ୍ୟ, ନାଟକ, ନୃତ୍ୟନାଟ୍ୟ ଆଦି ଏଥିରେ ସ୍ଥାନ ପାଇଛି । ଏଗୁଡ଼ିକ ମଧ୍ୟରୁ କେତେକ ପ୍ରକାଶିତ ପୁଣି କେତେକ ଅପ୍ରକାଶିତ । ସେସବୁର ବିରାଟ ତାଲିକା ପ୍ରଦାନ କରିବାରେ ଆମେ ନିଜକୁ କ୍ଷାନ୍ତ ରଖୁଛୁ । ଅବଶ୍ୟ ଶ୍ରୀଜଗନ୍ନାଥାୟନର କାର୍ଯ୍ୟକ୍ରମ ଆଜି ଭାରତବର୍ଷରେ ତଥା ବିଶ୍ୱରେ ଶ୍ରୀଜଗନ୍ନାଥ ଚେତନାର ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଓଡ଼ିଆ ନାଟ୍ୟଜଗତରେ ଶ୍ରୀଜଗନ୍ନାଥ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶ୍ରୀକ୍ଷେତ୍ର ମାହାତ୍ମ୍ୟକୁ ନେଇ ଉପର୍ଯ୍ୟୁକ୍ତ ନାଟକଗୁଡ଼ିକ ରଚିତ ।''[୭୧]

୭୧. ସାହୁ, ନାରାୟଣ : ଶ୍ରୀଜଗନ୍ନାଥ ଚେତନାର ଦୀପ୍ତି ଓ ବ୍ୟାପ୍ତି, ପୃ. ୧୧୭ ।

କେତେକ ନାଟକରେ ଶ୍ରୀଜଗନ୍ନାଥ ସିଧାସଳଖ ନାୟକ ଭଳି ଆସିଛନ୍ତି, ଆଉ କେତେକ ନାଟକରେ ତାଙ୍କ ମାହାତ୍ମ୍ୟ ରହିଛି । ପୁଣି କେତେକ ନାଟକ ଶ୍ରୀଜଗନ୍ନାଥ ସଂସ୍କୃତିର ଆଦର୍ଶକୁ ଆଧାର କରି ଗଢ଼ି ଉଠିଛି ।

ଆଲୋଚ୍ୟ ପରିଚ୍ଛେଦରେ ଆମ୍ଭେ ଅତି ଯତ୍ନର ସହିତ ଶ୍ରୀଜଗନ୍ନାଥ ଚେତନା ଆଧୁନିକ ଓଡ଼ିଆ ସାହିତ୍ୟକୁ କିପରି ପ୍ରଭାବିତ କରି ଆସିଛି, ତାହାର ଏକ ସ୍ୱଷ୍ଟ ଚିତ୍ର ପ୍ରଦାନ କଲୁ । ଏସବୁର ଆଲୋଚନା କାଳରେ ଆମ୍ଭେ ବିଶ୍ୱରେ ମାନବବାଦର ପ୍ରତିଷ୍ଠା ନିମନ୍ତେ ଶ୍ରୀଜଗନ୍ନାଥ ଚେତନାର ଆବଶ୍ୟକତାକୁ ଉଲ୍ଲେଖ କରିଅଛୁ । ସଂପ୍ରତି ନିମ୍ନରେ ବିଶ୍ୱଆଧ୍ୟାତ୍ମିକ ପରମ୍ପରାରେ ଶ୍ରୀଜଗନ୍ନାଥ ଉପାସନା କିପରି ଗୁରୁତ୍ୱ ରଖିଆସିଛି, ତାହାର ମୂଲ୍ୟାୟନ କରିବାକୁ ଯାଉଅଛୁ ।

■■■

ଚତୁର୍ଥ ପରିଚ୍ଛେଦ

ଆଧ୍ୟାତ୍ମିକ ପରମ୍ପରାରେ ଶ୍ରୀଜଗନ୍ନାଥ ଉପାସନା

ପ୍ରକାଶ ଥାଉ କି ଆମ୍ଭେ ଆମର ସନ୍ଦର୍ଭର ପ୍ରଥମ ତିନୋଟି ପରିଚ୍ଛେଦରେ ଶ୍ରୀଜଗନ୍ନାଥଙ୍କ ସୃଷ୍ଟି ତତ୍ତ୍ୱ, ପ୍ରାଚୀନ, ମଧ୍ୟଯୁଗ, ଏବଂ ଆଧୁନିକ ଓଡ଼ିଆ ସାହିତ୍ୟରେ ବିଶ୍ୱମୁଖୀ ଶ୍ରୀଜଗନ୍ନାଥ ଚେତନା ସମ୍ପର୍କରେ ଅନୁଶୀଳନ କରିଅଛୁ । କିନ୍ତୁ ଆମ୍ଭ ନିବନ୍ଧର ଶୀର୍ଷକ 'ବିଶ୍ୱମାନବବାଦ ଓ ଶ୍ରୀଜଗନ୍ନାଥ' ହୋଇଥିବା ଯୋଗୁ ପୃଥିବୀର ଆଧ୍ୟାତ୍ମିକ ପରମ୍ପରାରେ ଅର୍ଥାତ୍ ଅନ୍ୟାନ୍ୟ ଧାର୍ମିକ ଉପାସନାରେ ଶ୍ରୀଜଗନ୍ନାଥ କୈନ୍ଦ୍ରିକ ଚେତନା କିପରି ସମନ୍ୱିତ ହୋଇ ରହିଅଛି, ସେ ସମ୍ପର୍କରେ ବିଚାର ନ କଲେ ବିଶ୍ୱ ମାନବବାଦର ନାମକରଣ ଅସଙ୍ଗତ ବୋଧହେବ । ଏଣୁ ଆମ୍ଭର ଏହି ଚତୁର୍ଥ ପରିଚ୍ଛେଦଟି ପୃଥିବୀର ସମସ୍ତ ମାନବ ଗୋଷ୍ଠୀର ଧର୍ମଧାରାକୁ ଶ୍ରୀଜଗନ୍ନାଥ ଚେତନା କେତେଦୂର ପ୍ରଭାବିତ କରିପାରିଛି, ତାହାର ଅବତାରଣା ନିମନ୍ତେ ଆମ୍ଭେ ଉଦ୍ୟମ କରିବାକୁ ଯାଉଅଛୁ ।

''ଏକା ଭାରତବର୍ଷ କାହିଁକି, ସମଗ୍ର ପୃଥିବୀରେ ଏବଯାଏଁ ଯେତେ ରକମର ଈଶ୍ୱର ବିଶ୍ୱାସ ପ୍ରଚଳିତ, ସେସବୁର ବିଶ୍ଳେଷଣ କଲେ ଏହା ମୂଳରେ ମଣିଷର ସ୍ୱାର୍ଥସାଧନ ଛଡ଼ା ଅନ୍ୟ କୌଣସି ବିଶେଷ କାରଣ ଥିଲା ପରି ମନେହୁଏ ନାହିଁ । 'ସ୍ୱାର୍ଥ' ଶବ୍ଦଟି ଏଠାରେ ସଂକୀର୍ଣ୍ଣ ଅର୍ଥରେ ପ୍ରଯୁକ୍ତ ନୁହେଁ । 'ସ୍ୱ' କହିଲେ ହୋଇପାରେ ଏହାର ଅର୍ଥ 'ବ୍ୟଷ୍ଟି' ନତୁବା 'ସମଷ୍ଟି' – ଏପରିକି 'ମାନବ ସମାଜ' ମଧ୍ୟ । ଏକଥା ସ୍ୱାଭାବିକ ଯେ ମଣିଷ କୌଣସି ଉଦ୍ୟମରେ ସଫଳତା ହାସଲ କରିବାରେ ବ୍ୟର୍ଥ ମନୋରଥ ହେଲେ ଅନ୍ୟର ସାହାଯ୍ୟ ନେବାର ଆବଶ୍ୟକତା ଉପଲବ୍ଧି କରେ । ସେହି 'ଅନ୍ୟ'ଟି ସମଶକ୍ତିସମ୍ପନ୍ନ ମାନବ ଅପେକ୍ଷା ଅସୀମ ଶକ୍ତିସମ୍ପନ୍ନ ଏକ ବିଶେଷ ପଦାର୍ଥ ହେଲେ ଅଧିକ ସୁଖର କଥା । କାରଣ ତାହାହେଲେ ସେ ତା' ଉପରେ ପୂରାପରି ଆସ୍ଥାବାନ ହୋଇ ନିଶ୍ଚିତ ରହିପାରିବ । ତା'ଛଡ଼ା ସେହି ବିଶେଷ ପଦାର୍ଥଟି ପରିଦୃଶ୍ୟମାନ ସଂସାର ଠାରୁ ଦୂରରେ ରହିଲେ ଆହୁରି ଭଲ । ନୋହିଲେ ସେ ସାଧାରଣ ମଧ୍ୟରେ ସାଧାରଣ ରୂପେ ଗୃହୀତ ହେବା ସମ୍ଭାବନା ବେଶୀ । ଏତାଦୃଶ ବିଶେଷ ପଦାର୍ଥ କଳ୍ପନା ସମସ୍ତ ଦେବ ବିଶ୍ୱାସର ମୂଳଭିତ୍ତି; ଏହିଠାରୁ ହିଁ ଈଶ୍ୱର ବା ଦେବତା ବିଶ୍ୱାସର ଅୟମାରମ୍ଭ ।''

''ମାନବ ସମାଜରେ ସାଧାରଣତଃ ତିନୋଟି ଦୃଷ୍ଟିଭଙ୍ଗୀ ଧରି 'ଦେବତା' ଉପାସିତ ହେବା ଦେଖାଯାନ୍ତି – ଆଧ୍ୟାତ୍ମିକ, ଅବତାରିକ ଓ ସାଂସ୍କୃତିକ । ଯେଉଁ ଦେବତାଙ୍କୁ ମୂଳ କରି ଆଧ୍ୟାତ୍ମିକ ଚିନ୍ତା ବା ଦାର୍ଶନିକତାର ଉଦ୍ଭବ ଘଟେ, ତାହାଙ୍କୁ 'ଆଧ୍ୟାତ୍ମିକ ଦେବତା' କୁହାଯାଏ । ସେହି ଦେବତାଙ୍କୁ କେନ୍ଦ୍ର କରି ବିଭିନ୍ନ ଦାର୍ଶନିକବାଦର ସୃଷ୍ଟି ହୁଏ । ଆଲ୍ଲା, ଗଡ୍, ଦେବତା, ଭଗବାନ ପ୍ରଭୃତି ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ । ଦ୍ୱିତୀୟ ଶ୍ରେଣୀର ଦେବତା ହେଉଛନ୍ତି 'ଆବତାରିକ' । ଏମାନେ ମର ସଂସାରରେ ରକ୍ତମାଂସଧାରୀ ମାନବ ରୂପେ ଅବତୀର୍ଣ୍ଣ ହୋଇ ବିଶ୍ୱନିୟନ୍ତାଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା ଦ୍ୱାରା ଜନସମାଜର ପ୍ରଭୂତ କଲ୍ୟାଣ ସାଧନ କରନ୍ତି । ଏମାନେ ସର୍ବସାଧାରଣ ପରି ପ୍ରତୀୟମାନ ହେଲେ ସୁଦ୍ଧା ଐଶ୍ୱରିକସମ୍ପନ୍ନ । ଏଣୁ ଲୋକ ସମାଜରେ ଦେବଦୂତ ବା ମହାପୁରୁଷ ରୂପେ ବିବେଚିତ ହୁଅନ୍ତି ଓ ଦେବତା ତୁଲ୍ୟ ପୂଜା ପାଆନ୍ତି ।[୧]

ଖ୍ରୀଷ୍ଟ, ମହମ୍ମଦ, ବୁଦ୍ଧ, ବର୍ଦ୍ଧମାନ, ଇସ୍‌ସା, ରାମ ସମସ୍ତେ ଏହି ଶ୍ରେଣୀର ଦେବତା । ଏମାନଙ୍କ ବାଣୀ ପାପ ତାପ ସମାକୀର୍ଣ୍ଣ ମାନବ ସମାଜକୁ ଯନ୍ତ୍ରଣାରୁ ରକ୍ଷା କରେ ଏବଂ ଶୃଙ୍ଖଳିତ କରେ । ଏ ଦୁଇଟି ଛଡ଼ା ଅପରଟି ହେଉଛି 'ସାଂସ୍କୃତିକ

---

୧. ପାଢ଼ୀ, ବେଣୀମାଧବ, ଶ୍ରୀଜଗନ୍ନାଥ ତତ୍ତ୍ୱ-ବିମର୍ଶ, କଟକ : ଗ୍ରନ୍ଥମନ୍ଦିର, ୨୦୧୨, ପୃ.୪୧

ଦେବତା'। ପ୍ରଥମୋକ୍ତ ଦେବତା ତୁଲ୍ୟ ଏହାଙ୍କୁ କେନ୍ଦ୍ର କରି କୌଣସି ଅଧ୍ୟାତ୍ମବାଦ ପ୍ରତିଷ୍ଠିତ ହୋଇନଥାଏ କିମ୍ବା ଦ୍ୱିତୀୟ ଶ୍ରେଣୀ ଦେବତାଙ୍କ ପରି ଏହାଙ୍କର କୌଣସି ଅବତାର ଗ୍ରହଣ କରିବା ବର୍ଣ୍ଣିତ ହୋଇନଥାଏ ; ଅଥଚ ଏହାଙ୍କ ଠାରେ ମାନବ ସମାଜର ସର୍ବୋତ୍ତମ ସାଂସ୍କୃତିକ ଚିନ୍ତାଧାରା ନିହିତ ଥାଏ। ସର୍ବୋତ୍କୃଷ୍ଟ ମାନବ ଭାବେ ସଂସାର ମଧ୍ୟରେ ବଞ୍ଚି ରହିବାକୁ ହେଲେ କି ପ୍ରକାର କର୍ତ୍ତବ୍ୟନିଷ୍ଠା ଓ ଆଚାରବିଚାର ଧାରା ଗ୍ରହଣ କରିବା ଉଚିତ, ଏସବୁର ଆଦର୍ଶ ଚିନ୍ତା ଏହାଙ୍କ ଠାରେ ପ୍ରତିଫଳିତ ହୋଇଥାଏ। ଏଣୁ ଏହାଙ୍କୁ 'ସାଂସ୍କୃତିକ ଦେବତା' କୁହାଯାଏ। ଜଗନ୍ନାଥ ହେଉଛନ୍ତି ଏହି ଶ୍ରେଣୀର ଦେବତା, ଯାହାଙ୍କ ସହିତ ମାନବୀୟ ସଂସ୍କୃତିର ପରକାଷ୍ଠା ଓତପ୍ରୋତ ଭାବେ ଜଡ଼ିତ। ଜଗନ୍ନାଥଙ୍କ ମୂର୍ତ୍ତି ଗଠନ କାଳରୁ ଆରମ୍ଭ କରି ଯାତ୍ରା ବିଧାନ ପର୍ଯ୍ୟନ୍ତ ପ୍ରତ୍ୟେକ ବିଷୟରେ ଏହା ସୁସ୍ପଷ୍ଟ ପ୍ରତିଫଳିତ।''[୨]

ଏହି ପ୍ରସଙ୍ଗରେ ବର୍ତ୍ତମାନ ଆମ୍ଭେ ପୃଥିବୀରେ ବାସ କରୁଥିବା ବିଭିନ୍ନ ଦେବତା ଓ ତାଙ୍କୁ ଧରି ସୃଷ୍ଟି ହୋଇଥିବା ଧର୍ମ ଦର୍ଶନରେ ଭାରତ ତଥା ଓଡ଼ିଶାର ଶ୍ରୀଜଗନ୍ନାଥ ଉପାସନା ମଧ୍ୟରେ କିପରି ସାମଞ୍ଜସ୍ୟ ଓ ସମନ୍ୱୟ ରହିଅଛି, ସେସବୁ ସମ୍ପର୍କରେ ବିଚାର କରିବା ଉଚିତ। ବିଶ୍ୱ ମାନବବାଦ ବସ୍ତୁତଃ ତାହାରି ଉପରେ ହିଁ କେନ୍ଦ୍ରିତ ହୋଇ ରହିଅଛି। ପ୍ରତ୍ୟେକ ଧର୍ମ ଓ ଦର୍ଶନ ଭିନ୍ନ ଭିନ୍ନ ହେଲେ ମଧ୍ୟ ସେଥିରେ ରହିଥିବା ସ୍ୱାତନ୍ତ୍ର୍ୟ ରହିଅଛି ଏବଂ ତାହା ଜଗନ୍ନାଥ ଧର୍ମରେ କିପରି ନିହିତ, ତାହା ଦେଖି ଦେଖାଇବା ହିଁ ଏହି ପରିଚ୍ଛେଦର ଅସଲ ଉଦ୍ଦେଶ୍ୟ। ସେଥିପାଇଁ ପ୍ରଥମେ ଆମ୍ଭେ ପୃଥିବୀ ଓ ଭାରତବର୍ଷର ବିଭିନ୍ନ ଧର୍ମଧାରା ସମ୍ପର୍କରେ ସଂକ୍ଷେପରେ ଅନୁଶୀଳନ କରିବାକୁ ଯାଉଅଛୁ। ଏହି ପରିପ୍ରେକ୍ଷୀରେ ଆମ୍ଭେ ସେସବୁକୁ ତିନିଭାଗରେ ବିଭକ୍ତ କରିଅଛୁ। ଯଥା–

କ. ପୃଥିବୀ ତଥା ଭାରତବର୍ଷରେ ବିଭିନ୍ନ ଧର୍ମଦର୍ଶନର ଧାରା

ଖ. ଖ୍ରୀଷ୍ଟ, ଇସଲାମ, ଜୋରଷ୍ଟ୍ରୀୟାନ, ଦ୍ରାବିଡ, ପ୍ରୋଟଅଷ୍ଟ୍ରଲଏଡ୍ ପ୍ରଭୃତିଙ୍କ ଧାର୍ମିକ ମତବାଦ

ଗ. ହିନ୍ଦୁ, ଜୈନ, ବୌଦ୍ଧ, ସୌର, ଶୈବ, ଶାକ୍ତ, ବୈଷ୍ଣବ, ଗାଣପତ୍ୟ ଓ ଶିଖ୍‌ମାନଙ୍କର ବିଚାରଧାରାରେ ଶ୍ରୀଜଗନ୍ନାଥ ଏ ପ୍ରସଙ୍ଗରେ ପ୍ରଥମଟିରୁ ଆଲୋଚନା ଆରମ୍ଭ କରାଯାଇପାରେ।

କ. ପୃଥିବୀ ଓ ଭାରତବର୍ଷର ବିଭିନ୍ନ ଧର୍ମଦର୍ଶନର ଧାରା

ଶ୍ରୀଜଗନ୍ନାଥ ଧର୍ମ/ସଂସ୍କୃତିର ବୈଶିଷ୍ଟ୍ୟ ହେଉଛି ଏହାର 'ସମନ୍ୱୟ ଧର୍ମିତା'। ଆଜି ବୈଷ୍ଣବ ଧର୍ମର ମୁଖ୍ୟ ଦେବତା ଭାବରେ ଶ୍ରୀଜଗନ୍ନାଥଙ୍କ ଉପାସନା ହେଉଥିଲେ ମଧ୍ୟ ଭାରତବର୍ଷର ଅନ୍ୟାନ୍ୟ ସମ୍ପ୍ରଦାୟ ଶୈବ, ଶାକ୍ତ, ଗାଣପତ୍ୟ ଓ ସୌର ପ୍ରଭୃତି ଶ୍ରୀଜଗନ୍ନାଥଙ୍କୁ ପରମ ଆରାଧ୍ୟ ଦେବତା ରୂପେ ଆରାଧନା କରିଥାଆନ୍ତି। ବୌଦ୍ଧମାନଙ୍କ ଦୃଷ୍ଟିରେ ସେ ବୁଦ୍ଧ, ଜୈନମାନଙ୍କ ଦୃଷ୍ଟିରେ ସେ ଜିନ, ଆଦିବାସୀମାନଙ୍କ ଦୃଷ୍ଟିରେ ସେ ତାଙ୍କର ମୂଳ ଇଷ୍ଟ ଦେବତା 'କିତୁଙ୍ଗ୍'ଙ୍କର ଏକ ଅବତାର 'ଜଗନ୍ତ'। ଜଗନ୍ନାଥ ଉପାସନାର ଆରମ୍ଭ କେବେ ଓ କେଉଁଠାରୁ ହେଲା, ତାହା ନିର୍ବିବାଦରେ ଆଜି ସୁଦ୍ଧା ନିର୍ଣ୍ଣିତ ହୋଇପାରିନାହିଁ। କିଏ କହେ ଶବର ଦେବତା କାଳକ୍ରମେ ଜୈନ, ବୌଦ୍ଧ ଓ ବୈଷ୍ଣବ ଆଦି ଧର୍ମରେ ଗୃହୀତ ହୋଇ ଜଗନ୍ନାଥରେ ପରିଣତ ହୋଇଛନ୍ତି। ଅନ୍ୟ କିଏ କହେ ଜଗନ୍ନାଥ ଥିଲେ ବୌଦ୍ଧ ଦେବତା ଓ କାଳକ୍ରମେ ବୈଷ୍ଣବ ଦେବତାରେ ପରିଣତ ହୋଇଛନ୍ତି, କିଏ କହେ ସେ ହେଉଛନ୍ତି ଜୈନ ଦେବତା, କ୍ରମଶଃ ବୈଷ୍ଣବ ଦେବତା ଜଗନ୍ନାଥରେ ପରିଣତ ହୋଇଛନ୍ତି। ତେବେ ଜଗନ୍ନାଥ ସମସ୍ତଙ୍କର ଦେବତା ହୋଇପାରିଛନ୍ତି। କାରଣ ସେ ପ୍ରତ୍ୟେକ ଧର୍ମର ଓ ପ୍ରତ୍ୟେକ ସଂସ୍କୃତିର ସଙ୍କେତ ବହନ କରିଆସିଛନ୍ତି। ଏହା ହିଁ ହେଉଛି ଜଗନ୍ନାଥ ସଂସ୍କୃତିର ପରମ ଆଶ୍ଚର୍ଯ୍ୟଜନକ ବୈଶିଷ୍ଟ୍ୟ।[୩] ଆଲୋଚକମାନଙ୍କ ମତରେ ଜଗନ୍ନାଥ ଧର୍ମ ଏକ ବହୁମତ

୨. ତତ୍ରୈବ, ପୃଷ୍ଠା. ୪୧-୪୨

୩. ମାନସିଂହ, ମାୟାଧର The Saga of the land of Jagannath, P. 153-154

ସମନ୍ୱିତ ଧର୍ମ ଏବଂ ବିଭିନ୍ନ ଧର୍ମର ମତ ଜଗନ୍ନାଥଙ୍କର ସାର୍ବଜନୀନ ଉଦାର ଦୃଷ୍ଟିଭଙ୍ଗୀ ଦ୍ୱାରା ଗୋଟିଏ ସୂତ୍ରରେ ଗ୍ରଥିତ ହୋଇଯାଇଅଛି ।[୪] ଜଗନ୍ନାଥ ବା ପୁରୁଷୋତ୍ତମ ବିଭିନ୍ନ ଧର୍ମ ସହିତ ସଂଶ୍ଳିଷ୍ଟ ହେଲା ପରି ଜଗନ୍ନାଥ ତଥା ପୁରୁଷୋତ୍ତମ ଶବ୍ଦ ବିଭିନ୍ନ ଧର୍ମ ସହିତ ଜଡ଼ିତ ହୋଇ ରହିଛି । ଜଗନ୍ନାଥ ଉପାସନା ସହିତ ଜଡ଼ିତ ଚଳଣି ବିଭିନ୍ନ ଧର୍ମର ଦେବତାଙ୍କ ଉପାସନାରେ ପ୍ରଚଳିତ ଚଳଣି ସହିତ ବହୁ ପରିମାଣରେ ସାମଞ୍ଜସ୍ୟ ରହିଅଛି । ରହସ୍ୟମୟ ଜଗନ୍ନାଥଙ୍କର ରହସ୍ୟମୟ ସଂସ୍କୃତିର ସ୍ୱରୂପ ଉଦ୍‌ଘାଟନ ପାଇଁ ବିଭିନ୍ନ ଧର୍ମ ଓ ସଂସ୍କୃତିର ସ୍ୱରୂପ ବିଶ୍ଳେଷଣ ଅପରିହାର୍ଯ୍ୟ ମନେହୁଏ ।

ଶବର ସଂସ୍କୃତି ଓ ଶ୍ରୀଜଗନ୍ନାଥ

ଭାରତବର୍ଷର ଆଦିମ ଇତିହାସ ହେଉଛି ଶବର ଜାତିର ଇତିହାସ । ଶବର, ସାନ୍ତାଳ, ମୁଣ୍ଡା ପ୍ରଭୃତି ପରବର୍ତ୍ତୀ ଯୁଗର ଏକ ଏକ ଇତର ଗୋଷ୍ଠୀ ହେଲେ ସୁଦ୍ଧା ଏ ସବୁର ମୂଳ ସେହି ଆଦିମତମ ଅଷ୍ଟ୍ରିକ୍ ଗୋଷ୍ଠୀ । ପରେ ଦୈଶିକ ଏବଂ କାଳିକ ଦୂରତା ଯୋଗୁ କୋହ୍ଲ, ନିଷାଦ, ଭୀଲ୍, ସାନ୍ତାଳ ପ୍ରଭୃତି ଭାଗରେ ସେମାନେ ବିଭକ୍ତ ହୋଇ ପଡ଼ିଛନ୍ତି । ଭାରତରେ ପ୍ରଥମ ଆଦିମ ଆଗନ୍ତୁକ ଗୋଷ୍ଠୀ ମଧ୍ୟରେ ସବୁଠାରୁ ପ୍ରାଚୀନତମ ଜାତି ହେଉଛି ନିଗ୍ରୋ ବା ନିଗ୍ରୋ ଆକୃତି ବିଶିଷ୍ଟ ନିଗ୍ରୋଏଡ ଜାତି । ବର୍ଣ୍ଣ କଳା, ଚେପ୍‌ଟା ନାକ, ବହଳିଆ ଓଠ । ଆଫ୍ରିକା ମହାଦେଶରୁ ଆରବ ଓ ଇରାନ୍ ଦେଇ ଭାରତରେ ସର୍ବପ୍ରଥମେ ପ୍ରବେଶ କରିଥିଲେ । ସେମାନଙ୍କର ବୃତ୍ତି ଥିଲା ଶିକାର ଓ କନ୍ଦ-ମୂଳ ପ୍ରଭୃତି ଖୋଳି ଖାଇବା । ସେମାନଙ୍କର ଅବଶେଷ ଦକ୍ଷିଣ ଭାରତରେ ବାସ କରୁଥିବା ଏବର ଏରୁଲା, କୁରୁମ୍ବା, କାଦିର ପ୍ରଭୃତି ଗୋଷ୍ଠୀ ବୋଲି ପଣ୍ଡିତମାନେ କହନ୍ତି । ଏମାନଙ୍କର ଭାଷା, ସଂସ୍କୃତି ଓ ସଭ୍ୟତା କ୍ଷେତ୍ରରେ କୌଣସି ବିଶେଷ ସ୍ୱାତନ୍ତ୍ର୍ୟ ପରିଦୃଷ୍ଟ ହୁଏନାହିଁ । ନୃତତ୍ତ୍ୱବିତମାନେ ଏମାନଙ୍କୁ ଆଦିମତମ ଆଗନ୍ତୁକ ଜାତି ବୋଲି ନିର୍ଣ୍ଣୟ କରନ୍ତି । କିନ୍ତୁ ଉପାଦାନ ଖୋଜିବାକୁ ଗଲେ ଏମାନଙ୍କର କୌଣସି ସତ୍ତା ମିଳେ ନାହିଁ କିମ୍ବା ପରବର୍ତ୍ତୀ ଯୁଗର ସଭ୍ୟତା ସଂଘର୍ଷରେ ଏମାନଙ୍କର କୌଣସି ଆଦାନ-ପ୍ରଦାନ ନାହିଁ । ତଥାପି ଅପେକ୍ଷାକୃତ ଶିକ୍ଷିତ ପରବର୍ତ୍ତୀ ଆଗନ୍ତୁକ ପ୍ରଟୋଅଷ୍ଟ୍ରେଲିଅଡ୍‌ଙ୍କ ସହିତ ଏମାନଙ୍କର ସାଯୁଜ୍ୟ ମିଶ୍ରଣ ଘଟି ଏକ ନବତମ ଜାତି ଗଢ଼ି ଉଠିଲା, ଯାହା ଶବର ନାମରେ ପରିଚିତ ।

ଏହି ଭାରତୀୟ ଶବର ଗୋଷ୍ଠୀ ସହିତ ଟାଇଗ୍ରୀସ୍, ୟୁଫ୍ରେଟିସ୍ ଧରି ଦକ୍ଷିଣ ଚାଲ୍‌ଡିଆରେ ଥିବା ସୁମେରୀୟ ଗୋଷ୍ଠୀ ଓ ସିଂହଳବାସୀ ବ୍ୟାଧ ଗୋଷ୍ଠୀର ସାମଞ୍ଜସ୍ୟ ଥିବା ଜଣାପଡ଼େ । ଗ୍ରୀକ୍ ଭୌଗୋଳିକ ପ୍ଲିନି ତାଙ୍କୁ 'ସୁଆରି' ଏବଂ ଟଲେମି 'ସବରାଇ' ବୋଲି ଅଭିହିତ କରନ୍ତି । ଋକବେଦରେ 'ଶବର' ଶବ୍ଦର ଉଲ୍ଲେଖ ନ ଥିଲେ ମଧ୍ୟ ଐତରେୟ ବ୍ରାହ୍ମଣରେ ତା'ର ସ୍ପଷ୍ଟ ଉଲ୍ଲେଖ ରହିଛି । ରାମାୟଣ ଓ ମହାଭାରତ ବେଳକୁ ଗୁହ, ଜରା ପ୍ରଭୃତି ଶବରଙ୍କ ପ୍ରାଧାନ୍ୟ ବର୍ଣ୍ଣିତ ହୋଇସାରିଲାଣି । ଯାହାହେଉ ଭାରତୀୟ ଆଦିମ ଶବରଗୋଷ୍ଠୀ ପୃଥିବୀର ତତ୍କାଳୀନ ଅନ୍ୟାନ୍ୟ ଗୋଷ୍ଠୀର ଚିନ୍ତାଧାରା ସହିତ ସମାନ୍ତରଳତା ରକ୍ଷା କରିଆସିଥିଲା, ଏଥିରେ ସନ୍ଦେହ ନାହିଁ ।

ଏହି ଶବରଙ୍କ ପୂର୍ବପୁରୁଷଗଣ ବନ ଜଙ୍ଗଲମୟ ଭାରତର ଜଳବାୟୁକୁ ନିଜର କରି ନେଇଥିଲେ । ଜଙ୍ଗଲରୁ ପଥର ଖୋଳି ଘଷି ମାଜି ଅସ୍ତ୍ର ତିଆରି କରି ପଶୁପକ୍ଷୀ ଶିକାର ଦ୍ୱାରା ଉଦର ପୋଷଣ କରୁଥିଲେ । ଝାଡ଼ ଅରଣ୍ୟରେ କାଷ୍ଠ-ସଂଘର୍ଷରୁ ଜାତ ଅଗ୍ନି ଦେଖି ବିସ୍ମୟରେ ଅଭିଭୂତ ହୋଇପଡୁଥିଲେ ଏବଂ ତାକୁ ଅଲୌକିକ ଶକ୍ତିସମ୍ପନ୍ନ ଦେବତା ବୋଲି ଭୟ କରୁଥିଲେ । ଏଣୁ ଜଙ୍ଗଲ ମଧ୍ୟସ୍ଥିତ ଦ୍ରୁମ ବିଶେଷକୁ ଭୀତି ମିଶ୍ରିତ ଭକ୍ତି କରି ଆସୁଥିଲେ । ଏହା ଜୀବୋପାସନା ପୂର୍ବର ଦେବଧାରଣା ବୋଲି ବିଦ୍ୱାନମାନେ କହନ୍ତି ଏବଂ ତାଙ୍କର ସଭ୍ୟତା ଓ ସଂସ୍କୃତି ବିଶ୍ଳେଷଣ କଲେ ମଧ୍ୟ ସେ କଥା ଜଣାପଡ଼େ ।

---

୪. ମିଶ୍ର, କାହ୍ନୁଚରଣ, ଓଡ଼ିଶୀ ବୈଷ୍ଣବ ଧର୍ମ, ଭୁବନେଶ୍ୱର : ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୮୦, ପୃ. ୨୫

ପ୍ରାଚୀନ ଶବର ଗୋଷ୍ଠୀ ଯେଉଁଦିନ ଠାରୁ ପୂର୍ବସାଗର ଉପକୂଳ ସଂଲଗ୍ନ ଘନ ଜଙ୍ଗଲ ମଧ୍ୟରେ ଆପଣାର ବସତି ସ୍ଥାପନ କଲା, ସେହିଦିନ ଠାରୁ ବା ତା' ଆଗରୁ କୌଳିକ ପରମ୍ପରା ଅନୁଯାୟୀ ପାଳନ କରିଆସିଥିବା ସଭ୍ୟତାକୁ ସାଙ୍ଗରେ ଧରି ଆସିଥିଲା। ଜାତିସଂଘରେ ଜାତୀୟ ଧର୍ମ, ଜାତୀୟ ପରମ୍ପରା, ଜାତୀୟ ଦେବତା, ଜାତୀୟ ଆଚାର-ବିଚାର ସବୁ ଆସିଥିଲା। ସେହି କାରଣରୁ ଏବେ ସୁଦ୍ଧା ଶବର ଜାତିର ଧର୍ମ ସ୍ୱତନ୍ତ୍ର, ଉପାସ୍ୟ ଦେବତା ସ୍ୱତନ୍ତ୍ର, ବିଚାରଧାରା ମଧ୍ୟ ସ୍ୱତନ୍ତ୍ର। ଏହା ଆର୍ଯ୍ୟ-ଦ୍ରାବିଡ଼ ପରମ୍ପରାଶୂନ୍ୟ ଏକ ମହନୀୟ ରସରେ ରସାଣିତ। ଯାହାହେଉ, ପାରମ୍ପରିକ ପ୍ରଥାର ମର୍ଯ୍ୟାଦା ରକ୍ଷା, ପିତୃ-ପିତାମହଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ, ସ୍ୱାନୁଷ୍ଠିତ ଧର୍ମବିଶ୍ୱାସର ନିବିଡ଼ ଆକର୍ଷଣ ଭିତରେ ଶବର ଗୋଷ୍ଠୀ ଏତେଦୂର ଆବଦ୍ଧ ଥିଲା ଯେ ତାକୁ ସେଥିରୁ ବିଚ୍ୟୁତ କରିବା ଅସମ୍ଭବ ଥିଲା। ତେଣୁ ଯେତେ ବଡ଼ ଶକ୍ତିଶାଳୀ ଝଡ଼ବର୍ଷାର ଆଘାତରେ ସେ ସଙ୍କୁଚିତ କିମ୍ବା ବିଚଳିତ ହୋଇନାହିଁ। ତା'ର ଦେବତା, ତା'ର ମଙ୍ଗଳାକାଂକ୍ଷୀ ବୃକ୍ଷ ବା ଦାରୁ ପରି ସେ ଅଟଳ ଏବଂ ଅଚଳ। ଏବେ ସୁଦ୍ଧା ସେ ବୃକ୍ଷ କିମ୍ବା ଦାରୁକୁ ହିଁ ଦେବତା ବୋଲି ସ୍ୱୀକାର କରିଆସିଛି। ତା'ର ଦୃଷ୍ଟିରେ 'ଦାରୁ' ହିଁ ଦେବତା, ଶୁଭାଶୁଭ ପ୍ରଦାତା - ସୃଷ୍ଟି କର୍ତ୍ତା।

ଏହା ବୋଲି ଅନ୍ୟାନ୍ୟ ଧର୍ମଦର୍ଶନ ଠାରୁ ତା'ର ଧର୍ମଦର୍ଶନ ନ୍ୟୂନ ନୁହେଁ। ତା'ର ଧର୍ମ ବିଶ୍ୱାସ ଉପରେ ପ୍ରତିଷ୍ଠିତ। ତା'ର ମୁକ୍ତି ଆଦର୍ଶବାଦରେ ପର୍ଯ୍ୟବସିତ। ତାକୁ ସୁଖଲିପ୍‌ସା ଲାଗି ଅଦୃଷ୍ଟ ସ୍ୱର୍ଗ କଳ୍ପନା କରିବାକୁ ପଡ଼ିନାହିଁ, ତା'ର ହେତୁ ବା ସାଧନ ସ୍ୱରୂପ ଯାଗଯଜ୍ଞାଦି କର୍ମାନୁଷ୍ଠାନ କରିବାକୁ ସେ କେବେ ପସନ୍ଦ କରିନି। ଜାଗତିକ ଭୋଗ ବିଳାସରୁ ଦୂରରେ ରହି ଅବଲମ୍ବନପୂର୍ବକ ଧ୍ୟାନ, ଧାରଣା, ସମାଧି ପ୍ରଭୃତି କ୍ରିୟା ଦ୍ୱାରା ନିର୍ବାଣ ଲାଭ ପ୍ରତି ସେ କେବେ ଆକାଂକ୍ଷା ରଖିନି। ତା'ର ଆଦି ଚର୍ଯ୍ୟା ସ୍ୱରୂପ ଅହିଂସା ମାର୍ଗକୁ ସୁଦ୍ଧା କେବେ ଅନୁସରଣ କରିନି। ଖରା, ବର୍ଷା, ଶୀତ ତା'ର ଦୃଷ୍ଟିରେ ନିତାନ୍ତ ସାଧାରଣ କଥା। ତା' ଆଖିରେ ସେସବୁ ପ୍ରକୃତିର ଅଭ୍ୟାସଗତ ନିତ୍ୟକର୍ମ। ଏଣୁ ତା'ର ଆଦର୍ଶ ପ୍ରତ୍ୟକ୍ଷ ଜାଗତିକ। ଏଥିପାଇଁ ସେ ବୃକ୍ଷକୁ ହିଁ ଦେବତା ରୂପେ ବାଛି ନେଇଥିଲା। ତାରି ଆଦର୍ଶରେ ଏକା ସେ ପ୍ରାଣ ଧାରଣ କରିଥିଲା। ବୃକ୍ଷ ଯେପରି ଆପେ ଗଜା ହୋଇ ଆକାଶ ଉପରୁ ଓ ମାଟି ଭିତରୁ ତେଜ, ରସ, ବାୟୁ ଆହରଣ କରି ବଞ୍ଚି ରହେ, ଫଳପୁଷ୍ପାଦି ବିତରଣ କରି ଅନ୍ୟର ଉପକାର ସାଧନ କରେ ଏବଂ ଅଭାବ ପକ୍ଷରେ ଅନ୍ତତଃ ଛାୟାଦାନରୁ ବିରତ ହୁଏ ନାହିଁ, ଶବର ବି ସେହିପରି ଅରଣ୍ୟରେ ଜନ୍ମ ଲାଭ କରେ। କର-ଚରଣ ସାହାଯ୍ୟରେ ଆପଣାର ଜୀବିକା ସମ୍ପାଦନ କରେ ଏବଂ ଆବଶ୍ୟକ ପଡ଼ିଲେ ଅନ୍ୟର ଉପକାର କରିବାକୁ ପଛଘୁଞ୍ଚା ଦିଏ ନାହିଁ। ବୃକ୍ଷ ପରି ସେ ସର୍ବଂସହା। କୁଠାରାଘାତରେ ସେ ସ୍ଥାନଚ୍ୟୁତ ହୁଏନାହିଁ। ନିକଟସ୍ଥ ଅନ୍ୟାନ୍ୟ ଗଛ-ଲତାର ସ୍ୱାଧୀନ ବୃତ୍ତିରେ କେବେ ସେ ପ୍ରତିବନ୍ଧକ ହୁଏ ନାହିଁ। ବରଂ ସୁବିଧା ଦେଖି ଡାଳ ବଢ଼ାଇ ତାକୁ ଉପରକୁ ଟାଣିବାର ଚେଷ୍ଟା କରେ। ଏଥିରେ ତା'ର ମହତ୍ତ୍ୱ, ଉଦାରତା ବୃଦ୍ଧି ପାଇଛି ସିନା ତଳକୁ ଖସି ନାହିଁ। ଆବଶ୍ୟକ ସ୍ଥଳେ ସ୍ୱାର୍ଜିତ ଆହାରରୁ କିଛି କିଛି ଅଂଶ ଦେଇ ଅନ୍ୟର କଳେବର ପୁଷ୍ଟ ବି କରେ। ଏହା ହିଁ ଶବରର ଆଦର୍ଶ-ତା'ର ଧର୍ମଦର୍ଶନ। ଏହି କାରଣରୁ ସେ ବୃକ୍ଷ ବା ଦାରୁ ପୂଜା କରି ଆସିଥିଲା।

କିନ୍ତୁ ବୃକ୍ଷ କହିଲେ ଏଠାରେ 'ଅଶ୍ୱତ୍‌ଥ' ବୃକ୍ଷ ଛଡ଼ା ଆଉ କିଛି ହୋଇଥିବ ବୋଲି ମନେହୁଏ ନାହିଁ। କାରଣ, ଅଶ୍ୱତ୍‌ଥ ବା ପିପ୍‌ପଳ ବୃକ୍ଷ କେବଳ ପ୍ରାଚୀନ ପ୍ରଟୋଅଷ୍ଟ୍ରେଲିଅଡ୍‌ଙ୍କର ଉପାସ୍ୟ ଥିଲା। ସେମାନଙ୍କର ଧର୍ମର ନାଁ ଥିଲା 'ଅଶ୍ୱତ୍‌ଥ ଧର୍ମ'। ପରେ ଭାରତବର୍ଷର ସବୁ ଧର୍ମରେ ତା'ର ପ୍ରାଧାନ୍ୟ ଦେଖାଗଲା। ଋଗ୍‌ବେଦରେ ଲେଖାଅଛି, ବରୁଣଲୋକରେ ଏକ ବୃକ୍ଷ ଅଛି ଯାହାର ଅଗ୍ରଭାଗରେ ସ୍ୱାଦିଷ୍ଟ ପିପ୍‌ପଳ ରହିଛି। ତା'ଉପରେ ଦୁଇଟି ସୁପର୍ଣ୍ଣ ବସାବାନ୍ଧି ରହିଛନ୍ତି। ଅଥର୍ବ ବେଦରେ ମଧ୍ୟ ଅନୁରୂପ ବର୍ଣ୍ଣନା ଦୃଷ୍ଟ ହୁଏ। ସେଥିରେ ଲେଖାଅଛି- ଅଶ୍ୱତ୍‌ଥ ବୃକ୍ଷ ଦେବତାମାନଙ୍କର ବାସସ୍ଥଳୀ ଅଟେ। ତାହା ତୃତୀୟ ଲୋକରେ ଅଛି। ଯଦୁବଂଶୀ କୃଷ୍ଣଙ୍କର ଅଶ୍ୱତ୍‌ଥ ବୃକ୍ଷମୂଳରେ ତିରୋଧାନ ଘଟିଥିବା ଭାଗବତରେ ଉକ୍ତ ଅଛି। ଗୌତମ ବୁଦ୍ଧଙ୍କର ଅଶ୍ୱତ୍‌ଥ ବୃକ୍ଷ (ବୋଧିଦ୍ରୁମ) ତଳେ ବୁଦ୍ଧତ୍ୱ ପ୍ରାପ୍ତି ଘଟିଥିବା କଥା ବୌଦ୍ଧଧର୍ମ ଶାସ୍ତ୍ରରେ ଉଲ୍ଲେଖ ଅଛି। ପରବର୍ତ୍ତୀ ବୈଷ୍ଣବ ଧର୍ମର ପ୍ରଧାନ

ଦେବତା ବିଷ୍ଣୁଙ୍କର ନାମାନ୍ତର ମଧ୍ୟ 'ଅଶ୍ୱତ୍ଥ' । ମାତ୍ର ପ୍ରକୃତରେ ଦେଖିବାକୁ ଗଲେ ଅଶ୍ୱତ୍ଥ ବୃକ୍ଷୋପାସନାଟି ଶବରମାନଙ୍କ ନିଜସ୍ୱ । ଏବେ ସୁଦ୍ଧା ମାଳ ଅଞ୍ଚଳମାନଙ୍କରେ ଅଶ୍ୱତ୍ଥ ବୃକ୍ଷକୁ ଦେବତା ବୋଲି ବିଶ୍ୱାସ କରିବା ଦେଖାଯାଏ । ଶବରମାନେ କିଣାବିକା ସମୟରେ ବିଶ୍ୱାସର ନିଦର୍ଶନ ସ୍ୱରୂପ ଓସ୍ତପତ୍ରଟିଏ ହାତରେ ଧରି କୌଣସି ଚୁକ୍ତି କରିବାକୁ ଯାଆନ୍ତି । କ୍ରେତା ବା ବିକ୍ରେତାଙ୍କ ମଧ୍ୟରୁ କେହି ଜଣେ ଓସ୍ତପତ୍ରଟିଏ ହାତ ପାପୁଲିରେ ଧରି ସେଥିରେ ଗୋଟିଏ ବଳିତା ଜାଳନ୍ତି । ଆଉ ଜଣକ ଆଉ ଗୋଟିଏ ପତ୍ର ଧରି ଅପର ହସ୍ତରେ ତାହା ଘୋଡ଼ାଇ ଦିଅନ୍ତି । ସେତେବେଳେ ଯାଇ ସର୍ତ୍ତ ବା ଚୁକ୍ତି କାଏମ ହୁଏ । ତା'ଛଡ଼ା ଶବରମାନେ ବଣ ଭିତରର କୌଣସି ଓସ୍ତଗଛରେ କେବେ ଚଢ଼ନ୍ତି ନାହିଁ କିମ୍ବା ଚୋଟ ଲଗାନ୍ତି ନାହିଁ । ଏଥିରୁ ଜଣାପଡ଼େ, ପିପ୍‌ପଳ ବୃକ୍ଷ ଉପାସନା ସେମାନଙ୍କ ପରମ୍ପରାସିଦ୍ଧ ।

କାଳକ୍ରମେ ବୃକ୍ଷଦେବତା ଜୀର୍ଣ୍ଣ-ଶୀର୍ଣ୍ଣ ଅବସ୍ଥାପ୍ରାପ୍ତ ହୋଇଥିବେ, ଏଥିରେ ସନ୍ଦେହ କରିବାର କିଛି ନାହିଁ । କିନ୍ତୁ ପରମ୍ପରାନିଷ୍ଠ ଶବର ପୁରାକାଳରୁ ଚାଲିଆସୁଥିବା ବୃକ୍ଷକୁ ସହଜରେ ପରିତ୍ୟାଗ କରିବା ସମ୍ଭବ ନୁହେଁ । ଏଣୁ ତାହା ଶୁଷ୍କ ହେଲେ ମଧ୍ୟ ଦାରୁ ରୂପରେ ପୂଜା କରି ଆସୁଥିଲା । ମୂଳ ବୃକ୍ଷର ପରିବର୍ତ୍ତନ ଘଟିଲେ ମଧ୍ୟ ତା'ରି ପୂଜା-ଉପାସନାରେ ପ୍ରତ୍ୟବାୟ ସୃଷ୍ଟି ହୋଇନଥିଲା । ଆଗେ ଯେପରି ସେ କଞ୍ଚାଗଛ ତଳେ ମୁଣ୍ଡିଆ ମାରି ପ୍ରଣତି ଜଣାଉଥିଲା ଶୁଷ୍କ ଦାରୁମୂଳରେ ବସି ସୁଦ୍ଧା ସେପରି କରିବାକୁ କୁଣ୍ଠାବୋଧ କରିନଥିଲା । ଅବଶ୍ୟ କିଛି କାଳ ପରେ ଋତୁଚକ୍ରର ଆଘାତ ଲାଗି ମୂଳ ଦାରୁଟି ମଧ୍ୟ ବିକୃତ ହୋଇ ପଡ଼ିଥିବ ନିଶ୍ଚୟ । କିନ୍ତୁ ସେହି ଦାରୁକୁ ଆପଣାର କରିନେବା ପାଇଁ ଜୈନଧର୍ମୀ, ବୌଦ୍ଧଧର୍ମୀ, ତନ୍ତ୍ରଧର୍ମୀ, ବିଷ୍ଣୁଧର୍ମୀ ପ୍ରଭୃତି ସବୁ ସମ୍ପ୍ରଦାୟ ପରବର୍ତ୍ତୀ ଯୁଗରେ ଯତ୍‌ପରୋନାସ୍ତି ଚେଷ୍ଟା କରି ଆସିଛନ୍ତି, କିନ୍ତୁ କେହି ତାହାକୁ ନିଜର କରିପାରି ନାହାନ୍ତି, ତାହା ହିଁ ଦେଖିବାର କଥା ।''[୫]

ଜୈନଧର୍ମ ଓ ଶ୍ରୀଜଗନ୍ନାଥ

ସେହିପରି ଦେଖିବା ଜୈନଧର୍ମ । ଋଗ୍‌ବେଦ ରଚନାର ବହୁ ଶତ ବର୍ଷ ପୂର୍ବରୁ ଭାରତ ବାହାରୁ ଏକ ଆର୍ଯ୍ୟେତର ଜାତି ଭାରତଭୂମିରେ ପଦାର୍ପଣ କରିଥିଲା ଓ ସିନ୍ଧୁ ଉପତ୍ୟକାରେ ନିଜର ସଭ୍ୟତା ଓ ସଂସ୍କୃତି ବିସ୍ତାର କରି ରହିଥିଲା । ଆର୍ଯ୍ୟମାନଙ୍କୁ ଯେଉଁ ଭାରତୀୟ ଜାତି ସହିତ ସିନ୍ଧୁ ଉପତ୍ୟକାରେ ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼ିଥିଲା, ସେହି ଜାତି ହେଉଛି ସେ । ଋଗ୍‌ବେଦରେ ସେ କଥା ଅନେକ ସୂକ୍ତରେ ବର୍ଣ୍ଣିତ । ଐତରେୟ ବ୍ରାହ୍ମଣରେ ମଧ୍ୟ ସେଇକଥା ଦେଖିବାକୁ ମିଳେ । ସେମାନେ 'ଅନାର୍ଯ୍ୟ' ନାମରେ ନାମିତ ହେଉଥିଲେ । ସେମାନଙ୍କ ସଭ୍ୟତା, ସଂସ୍କୃତି, ସମାଜ, ପରିବାର, ଆଚାର ବିଚାର ସବୁ ଆର୍ଯ୍ୟଗୋଷ୍ଠୀର ସମକକ୍ଷ ଥିଲା । ପରବର୍ତ୍ତୀ କାଳରେ ସେମାନେ 'ଦ୍ରମିଳ' ରୂପେ ପରିଚିତ ହୋଇଆସିଲେ । ଆର୍ଯ୍ୟବାହିନୀ ଉତ୍ତର ଦିଗରୁ ମଧ୍ୟଭାରତ ଆଡ଼କୁ ଅଗ୍ରସର ହେଲାବେଳେ ଏହି ଅନାର୍ଯ୍ୟ ବା ଦ୍ରମିଳମାନେ ସେମାନଙ୍କ ଗତିରୋଧ କରିଥିଲେ । ଏମାନଙ୍କର ଶକ୍ତି, ସାହସ, ବୁଦ୍ଧି, କୌଶଳ କୌଣସିଟା ଆର୍ଯ୍ୟଗୋଷ୍ଠୀ ଠାରୁ ନ୍ୟୂନ ନ ଥିଲା । ଏମାନେ ବହୁବାର ଆର୍ଯ୍ୟସେନାର ସମ୍ମୁଖୀନ ହୋଇ ତାକୁ ବ୍ୟସ୍ତ ବିବ୍ରତ କରିଦେଉଥିବା କଥା ବେଦରେ ଉକ୍ତ ଅଛି । କିନ୍ତୁ ଦୁର୍ଭାଗ୍ୟକୁ ସିନ୍ଧୁତୀରବାସୀ ଦ୍ରମିଳଗୋଷ୍ଠୀ ଆର୍ଯ୍ୟବାହିନୀ ଦ୍ୱାରା ପରାଜିତ ହେଲେ ଓ ମଧ୍ୟଭାରତ ମଧ୍ୟରେ ପ୍ରବେଶ କଲେ ଓ ବାକିତକ ଆର୍ଯ୍ୟଗୋଷ୍ଠୀ ମଧ୍ୟରେ ଦାସବୃତ୍ତି ଅବଲମ୍ବନପୂର୍ବକ ଜୀବନ ଧାରଣ କଲେ । ଯେଉଁମାନେ ପୂର୍ବ ଉପକୂଳ ଅଞ୍ଚଳ ଆଡ଼େ ପଳାୟନ କରିଥିଲେ, ସେମାନେ ପୂର୍ବରୁ ବସବାସ କରି ରହିଥିବା ଶବର ଗୋଷ୍ଠୀ ସହିତ ଆପଣାକୁ ସାମିଲ କରି ସେମାନଙ୍କ ସଭ୍ୟତା, ସଂସ୍କୃତି, ଆଚାର, ବିଚାର ସହିତ ନିଜକୁ ଏକାକାର କରିନେଲେ । ଫଳରେ ଶବର ଓ ଦ୍ରମିଳ ପରସ୍ପର ପ୍ରଭାବରେ ପ୍ରଭାବିତ ହୋଇପଡ଼ିଲେ । ଆଗନ୍ତୁକ ସିନ୍ଧୁତୀର ନିବାସୀ ଆଚାର୍ଯ୍ୟଙ୍କ ଭିତରେ ଲିଙ୍ଗପୂଜା ଓ ମୂର୍ତ୍ତିପୂଜାର ବହୁଳ ପ୍ରସାର ଘଟିଆସିଥିଲା । ସେମାନେ ଏବର ଜୈନଧର୍ମତୁଲ୍ୟ ଏକ

୫. ପାଢ଼ୀ, ବେଣୀମାଧବ, ଶ୍ରୀଜଗନ୍ନାଥ ତତ୍ତ୍ୱ ବିମର୍ଶ, ପୃ.୭୧-୭୪

ନିଷ୍ପରିଗ୍ରହ ଧର୍ମକୁ ଗ୍ରହଣ କରିନେଇଥିଲେ । ଜୈନ ତୀର୍ଥଙ୍କର ସଦୃଶ ମନୁଷ୍ୟାକାର ମୂର୍ତ୍ତି ଗଠନ କରି ତା'ଙ୍କୁ ପୂଜା କରିଆସୁଥିଲେ । ଶବର ଶ୍ରେଣୀ ମଧ୍ୟରେ ବୃକ୍ଷ ବା ଦାରୁ ପୂଜାର ବହୁଳ ପ୍ରଚଳନ ରହିଆସିଥିଲା । ଆଗନ୍ତୁକ ସୈନ୍ଧବ ଗୋଷ୍ଠୀ ସ୍ଥାନୀୟ ଗୋଷ୍ଠୀର ଆସ୍ଥା ଭାଜନ ହେବା ନିମିତ୍ତ ଉପାସିତ ଦାରୁଦେବତାଙ୍କ ଆରାଧନା କରିବାରେ କୁଣ୍ଠାବୋଧ କରିନଥିଲା । ଶବରଙ୍କ ତୁଲ୍ୟ ସେମାନେ ମଧ୍ୟ ଦାରୁ ମୂଳେ ଭକ୍ତି ପ୍ରଣତି ନିବେଦନ କରିବାକୁ ଲାଗିଲେ । କାଳକ୍ରମେ ଦାରୁ ମଧ୍ୟରେ ମୂର୍ତ୍ତିପୂଜାର ସୂତ୍ରପାତ ଆରମ୍ଭ ହୋଇଥିବ । ସେତେବେଳକୁ ମନେହୁଏ ଉଭୟ ଗୋଷ୍ଠୀ ମଧ୍ୟରେ ଆଦାନ-ପ୍ରଦାନ ସୂତ୍ରର ଉପକ୍ରମ ହୋଇସାରିଥିଲା । ଫଳରେ ଦାରୁ ବିଗ୍ରହରେ ନେତ୍ରାକୃତି ଚିତ୍ର ଅଙ୍କନ କରି ତାକୁ ମୂର୍ତ୍ତି ରୂପେ ଯେପରି ଉପାସନା କରାଗଲା, ବିଗ୍ରହଟି ଦାରୁମୂଳ ହେବା ଯୋଗୁ ସ୍ଥାନୀୟ ଗୋଷ୍ଠୀର ସେହିପରି ଉପାସ୍ୟ ହୋଇ ରହିଲା । ଏହାପରେ କାଳକ୍ରମେ ଆଗନ୍ତୁକ ଶ୍ରେଣୀର ବିଚାରଧାରା ଓ ଉପାସନାର ଅଙ୍ଗ-ଉପାଙ୍ଗାଦି ସେଥିରେ ସନ୍ନିବିଷ୍ଟ ହୋଇପଡ଼ିଲା ଏବଂ ବୃକ୍ଷଧର୍ମୀ ଶବରର ନୀଳାଦ୍ରି କନ୍ଦର ଦାରୁଦେବତା ଭିତରେ ଜୈନ-ଦ୍ରାବିଡ଼ର 'ପୁରୁଷୋତ୍ତମ' ଭାବନା ପଶି ମୂଳ ଦାରୁକୁ 'ପୁରୁଷୋତ୍ତମ' କରି ପକାଇଲା । ସେଥିଯୋଗୁ ବୋଧହୁଏ ଦାରୁଦେବତା ପୁରୁଷୋତ୍ତମ ରୂପେ ଲୋକରେ ପୂଜା ପାଇଆସୁଛନ୍ତି । ଖାଲି ସେତିକି ନୁହେଁ, ପୁରୁଷୋତ୍ତମ ତତ୍ତ୍ୱର ସାରଭୂତ ଯେଉଁ ଜୀବଅଜୀବର ଏକୀଭାବ କୈବଲ୍ୟ ତାହା ମଧ୍ୟ ତାଙ୍କର ପ୍ରସାଦ ରୂପେ ଗୃହୀତ ହୋଇପଡ଼ିଛି ।

ତନ୍ତ୍ର ଓ ଶ୍ରୀଜଗନ୍ନାଥ

ଏ ଗଲା ଜୈନ ପ୍ରଭାବ କଥା । ବର୍ତ୍ତମାନ ଦେଖିବା ତନ୍ତ୍ର । ନିର୍ଭୁଲ ଭାବେ ସମୟ ନିରୂପିତ ହୋଇ ପାରିନଥିଲେ ସୁଦ୍ଧା ଏପରି ଗୋଟିଏ ସମୟ ଆସିଥିଲା ଯେତେବେଳେ ଶକ୍ତିପୂର୍ବକ, ଭୈରବପନ୍ଥୀ, ବଜ୍ରଯାନୀ, ପଞ୍ଚରାତ୍ରୋପାସକମାନେ ଦାରୁଦେବଙ୍କୁ ଆପଣା ଆପଣା ଧର୍ମର ପ୍ରତୀକ ରୂପେ ପ୍ରମାଣିତ କରିବାକୁ ଅକ୍ଳାନ୍ତ ଉଦ୍ୟମ ଆରମ୍ଭ କରିଥିଲେ । ମନ୍ଦିର ବେଢ଼ାରେ ଶକ୍ତିରୂପା ବିମଳାଙ୍କ ପୀଠ ପ୍ରତିଷ୍ଠା କରି ଦେବତାଙ୍କୁ ଭୈରବ ରୂପରେ ପରିଚିତ କରାଇବା ପ୍ରଚେଷ୍ଟା ବରାବର ହୋଇଆସିଥିଲା । ମା' ବିମଳାଙ୍କୁ ଭୈରବୀ ରୂପେ ଗ୍ରହଣ କରି 'ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବଃ' ବୋଲି ଶ୍ଳୋକ ବାକ୍ୟ ରଚିତ ହେଲା । ତା' ସଙ୍ଗେ ସଙ୍ଗେ ସେ ଦୁହିଁଙ୍କୁ କେନ୍ଦ୍ର କରି ଉପକଥାମାନ ମଧ୍ୟ ସୃଷ୍ଟି ହେଲା । କଥିତ ଅଛି – ଜଗନ୍ନାଥଙ୍କ ମନ୍ଦିର ବେଢ଼ା ଭିତରେ ସର୍ବଦା ନିରାମିଷ ଭୋଗ ଲାଗିବା ଯୋଗୁ ଆମିଷପ୍ରିୟା ବିମଳା ଦିନେ ଭୈରବ ଅର୍ଥାତ୍ ଜଗନ୍ନାଥଙ୍କ ଛାମୁରେ ଗୁହାରି କଲେ, 'ପ୍ରଭୁ ! ସର୍ବଦା ନିରାମିଷ ଭୋଗ ଖାଇ ଖାଇ ମୋତେ ବଡ଼ ଅତିଷ୍ଠ ଲାଗିଲାଣି; ମୋ ପାଇଁ ଅନ୍ତତଃ ଆମିଷ ଭୋଜନର ଅନୁମତି ଦିଅନ୍ତୁ ।' ପ୍ରିୟାର ମନ କଥା ଜାଣି ଜଗନ୍ନାଥେ କହିଲେ, ମନ୍ଦିର ବେଢ଼ାରେ ଆମିଷ ଭୋଜନ ନିଷିଦ୍ଧ । କିନ୍ତୁ ତୁମେ ଯଦି ପ୍ରାର୍ଥନା କଲଣି, ତା'ହେଲେ ବର୍ଷକ ଗୋଟିଏ ଦିନ ତୁମେ ତାହା କରିପାର । ବିମଳା ସେଥିରେ ସନ୍ତୁଷ୍ଟ ହେଲେ । ତା'ପରେ ଜଗନ୍ନାଥେ ତାଙ୍କୁ ସତର୍କ କରାଇ କହିଲେ, ମନେରଖ, ଯେଉଁଦିନ ତୁମେ ଆମିଷ ବଳି ଭୋଜନ କରିବ, ସେଦିନ ଅର୍ଦ୍ଧରାତ୍ରିରେ ମୋ ଗମ୍ଭୀରା କବାଟ ପଡ଼ିଲା ପରେ ସେ କଥା କରିବ । କୌଣସି ବଳିପଶୁର କରୁଣ ଧ୍ୱନି ଯେପରି ମୋ କାନରେ ନ ପଡ଼େ । ବିମଳା ସେ ପ୍ରତିଶ୍ରୁତି ଦେଲେ ଏବଂ ସେହିଦିନ ଠାରୁ ମହାଷ୍ଟମୀ ରାତିରେ ଦେବୀଙ୍କ ଆଗରେ କୁଆଡ଼େ ବଳି ପଡ଼େ ।

କଥାର ସତ୍ୟତା ଯେତେଦୂର ଥାଉ ପଛେ, ଏହାର ତାତ୍ତ୍ୱିକ ଚିନ୍ତା ହେଲା ଜଗନ୍ନାଥ ହେଉଛନ୍ତି ଭୈରବ ଓ ବିମଳା ଭୈରବୀ । ଅର୍ଥାତ୍ ଜଗନ୍ନାଥଙ୍କୁ ତାନ୍ତ୍ରିକ ଦେବତା ରୂପେ ଦେଖାଇବା ।

ପରବର୍ତ୍ତୀ କାଳରେ ଏହାରି ପ୍ରଭାବରେ ବାମାଚାରୀମାନେ ଜଗନ୍ନାଥଙ୍କୁ ଖାସ୍ କାଳୀ ବା ମହାକାଳୀ ନାମରେ ତାନ୍ତ୍ରିକ ଦେବତା ରୂପେ ପ୍ରମାଣିତ କରିବାକୁ ବ୍ୟଗ୍ର ହୋଇ ଉଠିଛନ୍ତି । ଫଳରେ ପ୍ରସ୍ତୁତି ଆରମ୍ଭ ହେଲା । ପ୍ରମାଣ ଶ୍ଳୋକମାନ ରଚିତ ହେଲା । ଠାକୁରଙ୍କ ପୂଜା ପଦ୍ଧତିରେ ପଞ୍ଚ'ମ'କାର ସେବାର ଗୋପନବିଧି; ଯଥା-ମାଂସାଦି ପରିବର୍ତ୍ତେ ବ୍ରୀହୀ, ସୁରା ବଦଳରେ କାଂସ୍ୟପାତ୍ରରେ ନାରିକେଳ ଜଳାଦିମାନ ଉପାସନାଙ୍ଗ ରୂପେ ପ୍ରବର୍ତ୍ତିତ ହୋଇପଡ଼ିଲା । ସମର୍ଥକ ପ୍ରମାଣ ବାକ୍ୟ – 'ନୀଳାଚଳେ

ଜଗନ୍ନାଥଃ କଲୌ ଦକ୍ଷିଣକାଳିକା’ ସୃଷ୍ଟି ହୋଇପଡ଼ିଲା । କିନ୍ତୁ ଦାରୁପୂଜା ଏତେ ବ୍ୟାପକ ଓ ସାର୍ବଜନୀନ ଥିଲା ଯେ ତା’କୁ କୌଣସି ଗୋଟିଏ କାନରୁ ଟାଣି ନେଇ ଆପଣା କରିବା ସହଜ ନୁହେଁ । ଫଳରେ ବିରାଟ ସମୁଦ୍ର ମଧ୍ୟରେ କ୍ଷୁଦ୍ରସ୍ରୋତା ନଦୀର ନ୍ୟାୟ ତାହା କେଉଁଠି ବିଲୀନ ହୋଇପଡ଼ିଲା ।

ଏହା ପରେ ଅନ୍ୟ ସମ୍ପ୍ରଦାୟରୁ ମଧ୍ୟ ତାଦୃଶ ପ୍ରଯତ୍ନ ବରାବର ହୋଇଆସିଥିବା ଦୃଷ୍ଟିଗୋଚର ହୁଏ । ପଞ୍ଚରାତ୍ରବାଦୀମାନେ ସ୍ୱକୀୟ ଦର୍ଶନର ସର୍ବୋତ୍କୃଷ୍ଟ ଉପାସ୍ୟ ସୁଦର୍ଶନଙ୍କ ସହିତ ଜଗନ୍ନାଥଙ୍କୁ ସଂଯୁକ୍ତ କରି ଉଭୟ ସମ-ପ୍ରାଧାନ୍ୟ ଦର୍ଶାଇବାକୁ ଗଭୀର ଚେଷ୍ଟା ଚଳାଇଲେ ଏବଂ କିୟତ୍ ପରିମାଣରେ ସଫଳ ବି ହେଲେ । ସେମାନଙ୍କ ମତରେ ଜଗନ୍ନାଥଙ୍କ ଅପେକ୍ଷା ସୁଦର୍ଶନ ଅଧିକ ବ୍ୟାପକ । ସୁଦର୍ଶନ କାଳଚକ୍ର ହେଲାବେଳେ ଜଗନ୍ନାଥ ହେଉଛନ୍ତି ରାତ୍ରି, ବଳଭଦ୍ର ଦିବସ ଓ ସୁଭଦ୍ରା ସନ୍ଧ୍ୟା ମାତ୍ର । ତାଙ୍କର କହିବା କଥା ହେଲା -

‘କୃଷ୍ଣା କୃଷ୍ଣୋ ଜଗନ୍ନାଥଃ ଘସ୍ରଃ ଶୁଭ୍ରେ ବଳାନ୍ତକଂ
ସାୟଂ ସୁଭଦ୍ରା ହାରିଦ୍ରା କାଳଚକ୍ରଃ ସୁଦର୍ଶନଃ ॥’

ଏ ସମ୍ପ୍ରଦାୟର ଅନ୍ୟାନ୍ୟ ବିଧିବିଧାନମାନ ଦାରୁଦେବତା ଉପାସନାରେ କେତେଦୂର ମୁଦ୍ରାଙ୍କ ରଖିଯାଇଛି ଜଣାନାହିଁ; କିନ୍ତୁ ଚତୁର୍ଦ୍ଧା ମୂର୍ତ୍ତି ତତ୍ତ୍ୱରେ ସୁଦର୍ଶନଙ୍କୁ ବାଦ୍‌ଦେବାର ଉପାୟ ନାହିଁ । ଏଣୁ କୁହାଯାଇପାରେ, ଦାରୁଦେବଙ୍କୁ ଚତୁର୍ଦ୍ଧା ମୂର୍ତ୍ତି ରୂପେ ପରିଣତ କରିବାରେ ପଞ୍ଚରାତ୍ରବାଦୀଙ୍କ ପ୍ରୟାସ ସମ୍ପୂର୍ଣ୍ଣ ସଫଳ ନ ହେଲେ ମଧ୍ୟ ପୂରାପୂରି ବିଫଳ ହୋଇନାହିଁ ।

ବୌଦ୍ଧଧର୍ମ ଓ ଶ୍ରୀଜଗନ୍ନାଥ

ଏହାଛଡ଼ା, ଜଗନ୍ନାଥଙ୍କୁ ତଥାଗତ ବୁଦ୍ଧ ରୂପରେ ବର୍ଣ୍ଣନା କରାଯାଇଥିବା ମଧ୍ୟ ଦୃଷ୍ଟିଗୋଚର ହୁଏ । କେତେକ ଐତିହାସିକ ବୌଦ୍ଧ ଧର୍ମର ତ୍ରିରତ୍ନ ବୁଦ୍ଧୋ-ଧମ୍ମୋ-ସଂଘୋରୁ ଜଗନ୍ନାଥ-ସୁଭଦ୍ରା-ବଳଭଦ୍ର ତ୍ରିମୂର୍ତ୍ତିର ଉତ୍ପତ୍ତି ବୋଲି କହନ୍ତି । ଅବଶ୍ୟ ତିନି ସହିତ ତିନିର ଅଭେଦ ଚିନ୍ତା ଅବାଞ୍ଛିତ ନୁହେଁ । କାରଣ, ରାମ-ସୀତା-ଲକ୍ଷ୍ମଣ ରୂପେ ମଧ୍ୟ ଜଗନ୍ନାଥ ଦର୍ଶନ ଦେଇଥିବା କଥା ଶ୍ରୁତିଗୋଚର ହୁଏ । ତିନିଙ୍କୁ ତିନି ରୂପରେ ଦେଖିବା ଭକ୍ତିର ଚରମୋତ୍କର୍ଷ ବୋଲି କୁହାଯାଇପାରେ । ଏହି ଦୃଷ୍ଟିରେ ଜଗନ୍ନାଥ ରୂପରେ ବୁଦ୍ଧ ଭାବନା ଅସଙ୍ଗତ ନୁହେଁ । କିନ୍ତୁ ତ୍ରିରତ୍ନ ଚିହ୍ନ ହିଁ ଜଗନ୍ନାଥ ଉପାସନାର ମୂଳ କିମ୍ବା ଦାରୁବିଗ୍ରହରେ ବୁଦ୍ଧଦନ୍ତର ଅବସ୍ଥିତି ଯୋଗୁ ସେ ବୌଦ୍ଧଧର୍ମର ପ୍ରତୀକ ବୋଲି କହିବା ଯୁକ୍ତିସଙ୍ଗତ ମନେହୁଏ ନାହିଁ । ଅବଶ୍ୟ ଦଶ ଅବତାର କଳ୍ପନା ମଧ୍ୟରେ ଜଗନ୍ନାଥଙ୍କ ବୌଦ୍ଧ ଅବତାରର ଉଲ୍ଲେଖ ଅଛି । କିନ୍ତୁ ତାହା ଅବତାରୀ ପୁରୁଷର ଅବତାର ବିଶେଷ ମାତ୍ର । ସେହି ଦୃଷ୍ଟିରୁ ଜଗନ୍ନାଥେ ବୁଦ୍ଧ ରୂପୀ କହିବାରେ କୌଣସି ପ୍ରତିବନ୍ଧକ ନାହିଁ ।

କୃଷ୍ଣ ଓ ଶ୍ରୀଜଗନ୍ନାଥ

ପରିଶେଷରେ ବୈଷ୍ଣବପନ୍ଥୀଙ୍କ କୃଷ୍ଣ ଓ ଜଗନ୍ନାଥଙ୍କ ମଧ୍ୟରେ ଅଭେଦ କଳ୍ପନା ଆହୁରି ତାତ୍ପର୍ଯ୍ୟପୂର୍ଣ୍ଣ । ଅନ୍ୟାନ୍ୟ ଧର୍ମମତବାଦୀଙ୍କ ଅପେକ୍ଷା ଏମାନଙ୍କ ପ୍ରଭାବ ଜଗନ୍ନାଥଙ୍କ ଠାରେ ବିଶେଷ ଭାବେ ପରିଲକ୍ଷିତ । କୃଷ୍ଣ ରୂପରେ ଜଗନ୍ନାଥଙ୍କୁ ଦେଖିବା, କୃଷ୍ଣଙ୍କ କ୍ରିୟାକଳାପ ମଧ୍ୟରେ ତାଙ୍କୁ ସଂପୃକ୍ତ କରିବା, ଏପରିକି ସମଗ୍ର କୃଷ୍ଣଲୀଳା ମଧ୍ୟରେ ଜଗନ୍ନାଥଙ୍କୁ ଜଡ଼ିତ କରିବା ପ୍ରଭୃତିରେ ବୈଷ୍ଣବଧର୍ମୀମାନେ ପ୍ରାୟ ସଫଳତା ଅର୍ଜନ କରିଛନ୍ତି କହିଲେ ଚଳେ । ଅବଶ୍ୟ ମହାଭାରତୀୟ କୃଷ୍ଣ ବା ଗୀତାର ଉପଦେଷ୍ଟା କୃଷ୍ଣଙ୍କ ସହିତ ଜଗନ୍ନାଥ ଅଭେଦ କଳ୍ପନା କରିବାରେ ବିଶେଷ କିଛି ଅସଙ୍ଗତି ନାହିଁ । କିନ୍ତୁ କୃଷ୍ଣ କିଏ - ଏ ବିଷୟରେ ଅଦ୍ୟାପି ପଣ୍ଡିତମାନଙ୍କ ମନରେ ସନ୍ଦେହ ରହିଛି । କୃଷ୍ଣ ବୋଲି ଯାଗାଦି କର୍ମକାଣ୍ଡ ବିରୋଧୀ ଜଣେ ମହାପୁରୁଷ ଥିବା କଥା ଋଗ୍‌ବେଦରେ ଲେଖାଅଛି । କର୍ମକାଣ୍ଡୀମାନେ ତାଙ୍କୁ ଅଂଶୁମତୀ କୂଳରେ ପରାସ୍ତ କରିଥିଲେ । ଛାନ୍ଦୋଗ୍ୟୋପନିଷଦ୍‌ରେ

ପୁଣି ଦେବକୀ-ପୁତ୍ର କୃଷ୍ଣ ଘୋର-ଅଙ୍ଗୀରସଙ୍କଠାରୁ ଯଜ୍ଞତତ୍ତ୍ୱ ଶିକ୍ଷା କରି ବେଦଧର୍ମୀ ଆର୍ଯ୍ୟଙ୍କ ବିରୋଧରେ ଏକ ସଂଶୋଧନ ବା ଧାର୍ମିକ ଚଳଣିରେ ସଂସ୍କାର ଆଣିଥିଲେ ବୋଲି ବର୍ଣ୍ଣିତ ଅଛି । ମହାଭାରତ ରଚୟିତା ମହାତ୍ମା ବ୍ୟାସଙ୍କ ଅନ୍ୟନାମ କୃଷ୍ଣ । ମଧ୍ୟମ-ପାଣ୍ଡବ ମହାରଥି ଅର୍ଜୁନଙ୍କର ନାଁ ମଧ୍ୟ କୃଷ୍ଣ । ଏଣୁ ଏ ସବୁର ପୁଙ୍ଖାନୁପୁଙ୍ଖ ତତ୍ତ୍ୱ ଆଲୋଚନା କରି ସ୍ୱର୍ଗୀୟ ପଣ୍ଡିତ ନୀଳକଣ୍ଠ ଦାସ କହନ୍ତି, ''ଖୁବ୍ ସମ୍ଭବ ବୃଷ୍ଣି ବା ଯାଦବ ବଂଶର କୃଷ୍ଣ ହେଉଛନ୍ତି 'ବାସୁଦେବ' । ବାସୁଦେବ ଧର୍ମ ପାଣିନିଙ୍କ କାଳକୁ ପ୍ରଚାରିତ ହୋଇସାରିଥିଲା । ଏହା ବୈଷ୍ଣବ ଧର୍ମର ଆଦିକାଳ । ଭଗବତ୍ ଗୀତା ଲେଖା ହେଲାବେଳକୁ ଏହି କୃଷ୍ଣ, ବିଷ୍ଣୁ, ଈଶ୍ୱର ଓ ପୁରୁଷୋତ୍ତମ ଏକ ହୋଇଯାଇଥିଲେ ।'' ଅତଏବ ଛାନ୍ଦୋଗ୍ୟୋପନିଷଦରେ ଆମେ ଯେତେବେଳେ ଜଣେ କର୍ମକାଣ୍ଡବିରୋଧୀ କୃଷ୍ଣଙ୍କର ନାମୋଲ୍ଲେଖ ଦେଖୁଁ, ସେଇ କୃଷ୍ଣଙ୍କ ସହିତ ମହାଭାରତୀୟ କୃଷ୍ଣଙ୍କର ଯେତେବେଳେ ବହୁ ଦିଗରୁ ସାମଞ୍ଜସ୍ୟ ଦେଖାଯାଏ, ଛାନ୍ଦୋଗ୍ୟାପନିଷଦ୍ ଓ ମହାଭାରତ ରଚନା ମଧ୍ୟରେ ଯେତେବେଳେ ଆମେ ପ୍ରାୟ ସମକାଳିକତା ଅନୁଭବ କରୁ, ସେତେବେଳେ ଉଭୟ ଗ୍ରନ୍ଥ ବର୍ଣ୍ଣିତ କୃଷ୍ଣ ଅଭିନ୍ନ ବୋଲି କହିବାରେ ବିରୋଧର ସମ୍ଭାବନା ନାହିଁ । ଋଗ୍‌ବେଦ ବର୍ଣ୍ଣିତ କୃଷ୍ଣଙ୍କୁ ଆଣି ମହାଭାରତର କୃଷ୍ଣଙ୍କ ସହିତ ମିଳାଇବାର କୌଣସି ଅର୍ଥ ନାହିଁ । କାରଣ, ଋଗ୍‌ବେଦରେ କେବଳ କୃଷ୍ଣ ଶବ୍ଦ ଯେ ମିଳେ, ତା'ନୁହେଁ; ଲକ୍ଷ୍ମୀ, ଗଣପତି, ବିଷ୍ଣୁ ପ୍ରଭୃତି ବହୁ ଦେବ ଦେବୀଙ୍କ ନାମ ଭିନ୍ନ ଭିନ୍ନ ଅର୍ଥରେ ପ୍ରଯୁକ୍ତ ହୋଇଆସିଛି । ଏସବୁ ଦୃଷ୍ଟିରୁ ମହାଭାରତୀୟ କୃଷ୍ଣଙ୍କୁ ଜଣେ ସଂଶୋଧନ ବା ସଂସ୍କାରକ ମହାପୁରୁଷ ବୋଲି ଅନାୟାସରେ କୁହାଯାଇପାରେ ।

ଯାହାହେଉ, ମହାଭାରତୀୟ କୃଷ୍ଣ ଜଣେ ରକ୍ତ ମାଂସ ଶରୀରଧାରୀ ମହାମାନବ ବା ଅତିମାନବ । ତାଙ୍କର ସମସ୍ତ କ୍ରିୟାକଳାପ ମଧ୍ୟରେ 'ଧର୍ମର ଗ୍ଳାନି ଓ ଅଧର୍ମର ଅଭ୍ୟୁତ୍‌ଥାନ'ର ସମ୍ମୁଖୀନ ହୋଇ ତା'ର ସଂଶୋଧନ ବା ସମାଧାନ ଆଣିବା ଥିଲା ତାଙ୍କର ମୁଖ୍ୟ କ୍ରିୟା । ଯାଗଧର୍ମୀ-ଯାଗବିରୋଧୀ, ଶିବଧର୍ମୀ-ଶିବବିରୋଧୀ, ତନ୍ତ୍ରଧର୍ମୀ-ତନ୍ତ୍ରବିରୋଧୀ-ଏହିପରି ନାନାବିଧ ପରସ୍ପର ବିରୋଧ ବାୟୁମଣ୍ଡଳ ଭିତରେ ଏକ ସାର୍ବଜନୀନ ଲୋକପ୍ରିୟ ଧର୍ମ ସ୍ଥାପନା କରିବା ସାଧାରଣ କଥା ନୁହେଁ । ଏଥିପାଇଁ ଦେଶ-କାଳ-ପାତ୍ର ବିଶେଷରେ ଅବସ୍ଥା ଦେଖି ବ୍ୟବସ୍ଥା କରିବା କୃଷ୍ଣଙ୍କ ନୀତି । ତାଙ୍କ ମତରେ ଧର୍ମପାଳନ ସକାଶେ ଗଧ ପାଦ ଧରାଯାଇପାରେ, ଅତ୍ୟାଚାରୀ ଶତ୍ରୁ ବିରୋଧରେ ହୀନତର ଷଡ଼ଯନ୍ତ୍ର କରାଯାଇପାରେ, ଆତ୍ମୀୟସ୍ୱଜନଙ୍କୁ ଅକୁଣ୍ଠିତ ଚିତ୍ତରେ ହତ୍ୟା କରାଯାଇପାରେ, ଆବଶ୍ୟକ ହେଲେ ସ୍ୱକୀୟ ବଂଶ ବିଧ୍ୱଂସ କରାଯାଇପାରେ । ଏହା ହିଁ କୃଷ୍ଣଧର୍ମ ବା ଗୀତାଧର୍ମ । ଏ ଦୃଷ୍ଟିରେ ଦେବତା ଏକ ଭାବନାର ବସ୍ତୁ । ସେ 'ଭୂତଭବ୍ୟ ଭବନ୍ନାଥଃ' । ସେ ବିଶ୍ୱବ୍ୟାପ-ବିଶ୍ୱତୋମୁଖ, ବିଶ୍ୱପ୍ରାଣ ପରମାତ୍ମା । ସୋଽହଂ-ହଂସଃ । ଓଡ଼ିଆ କଥାରେ -ମୁଁ ଏକା ସିଏ । ଅର୍ଥାତ୍ ଯିଏ ଆରାଧକ, ସିଏ ଏକା ଆରାଧ୍ୟ । ଏହି କାରଣରୁ ସମଗ୍ର ଗୀତାରେ ଉତ୍ତମ ପୁରୁଷ କର୍ତ୍ତା 'ମୁଁ'ର ବ୍ୟବହାର । ପ୍ରତି ଶରୀରରେ ତା'ର ସତ୍ତା, ପ୍ରତି ଜୀବନରେ ତା'ର ପ୍ରତିଷ୍ଠା । ଏଣୁ ପ୍ରତି ବ୍ୟଷ୍ଟିରେ ସେ ସମଷ୍ଟି । ବ୍ୟଷ୍ଟିର ତିରୋଧାନ ବୋଇଲେ ସମଷ୍ଟିର ଅନୁପ୍ରବେଶ । ଏହି ଅନୁପ୍ରବିଷ୍ଟ ସମଷ୍ଟି ହିଁ ବିଷ୍ଣୁ । ଏହା କୃଷ୍ଣଧର୍ମର ସାରମର୍ମ-ଗୀତାଧର୍ମ । ଏହି ଧର୍ମ ପାଳନ କରିବାକୁ ହେଲେ ପ୍ରଥମେ କର୍ମର ପ୍ରୟୋଜନ ହୁଏ । ଯୋଗ ଅର୍ଥାତ୍ ଜ୍ଞାନ ବିନା କର୍ମ କରିବା ଦୁରୂହ । ଧର୍ମ ପାଇଁ କର୍ମ, କର୍ମ ସକାଶେ ଯୋଗ ନିତାନ୍ତ ଆବଶ୍ୟକ । ଅନ୍ୟକଥାରେ ଧର୍ମ-କର୍ମ-ଯୋଗ ହେଉଛି ସାଧକର ସାଧନା, ପୁରୁଷର ପୌରୁଷ । ଏହି ଦୃଷ୍ଟିରେ ଅର୍ଥାତ୍ ବିଷ୍ଣୁଧର୍ମର ମୂଳ ପ୍ରତିଷ୍ଠାତା ହିସାବରେ କୃଷ୍ଣ ବିଷ୍ଣୁଙ୍କର ସ୍ୱୟଂପ୍ରକାଶ ଅର୍ଥାତ୍ ସେ ବିଷ୍ଣୁଙ୍କର ଅଂଶାବତାର ନୁହନ୍ତି, ସେ ନିଜେ ଅବତାରୀ ।

ଏ ପରିପ୍ରେକ୍ଷୀରେ କୃଷ୍ଣ ଓ ଜଗନ୍ନାଥ ଅଭିନ୍ନ ଏଥିରେ ସନ୍ଦେହ ନାହିଁ । କିନ୍ତୁ ଜଗନ୍ନାଥଙ୍କୁ 'କାଳିନ୍ଦୀ ତଟ ବିପିନ ସଙ୍ଗୀତକବରୋ ମୁଦାଭୀରା ନାରୀ ବଦନ କମଳା ସ୍ୱାଦ ମଧୁପଃ' ରୂପେ ଗ୍ରହଣ କରିବା ବାଞ୍ଛନୀୟ ମନେହୁଏ ନାହିଁ । ଅବଶ୍ୟ 'ଜଗନ୍ନାଥ ଯେ ଷୋଳ କଳା, ତହୁଁ କଳାଏ ନନ୍ଦବଳା' ଭାବେ କୃଷ୍ଣଙ୍କୁ ଜଗନ୍ନାଥଙ୍କ ଅବତାର ବୋଲି ଧରିନେଲେ ଅଯୌକ୍ତିକ ହେବନାହିଁ; ଯେହେତୁ ଅବତାରୀଙ୍କୁ କୌଣସି ଅବତାର ପୁରୁଷ ରୂପେ ବର୍ଣ୍ଣନା କରିବା ଅସଙ୍ଗତ ନୁହେଁ ।

ଜଗନ୍ନାଥ ଦାରୁଦେବତା । ଦାରୁ ଉପାସନା ଶବର ଜାତିର ଆଦିମ ପରମ୍ପରା । ଦାରୁ କହିଲେ ଶୁଷ୍କ ବୃକ୍ଷ ବା ବୃକ୍ଷାଂଶକୁ ବୁଝାଏ । ପୃଥିବୀର ପ୍ରାଚୀନତମ ଗ୍ରନ୍ଥ ଋଗ୍‌ବେଦରୁ ଆରମ୍ଭ କରି ଶିଶୁ କୃଷ୍ଣଦାସଙ୍କ 'ଦେଉଳତୋଳା' ପର୍ଯ୍ୟନ୍ତ ସମସ୍ତ ଗ୍ରନ୍ଥରେ ପୂର୍ବସାଗର ତଟରେ ଏକ ଦାରୁ ଉପାସିତ ହୋଇ ଆସୁଥିବା କଥାର ବର୍ଣ୍ଣନା ରହିଛି । ଋଗ୍‌ବେଦରେ ଉଲ୍ଲେଖ ଅଛି –

'ଅଦୋ ଯଦ୍ଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷଂ ।
ତଦାରଭସ୍ୱ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍ ।।'

କପିଳ ସଂହିତାରେ ଲେଖାଅଛି –

'ଅହୋ ତବାୟଂ ଖଳୁ ଭାଗ୍ୟରାଶି
ର୍ଯେନାବିରାସୀତ୍ ଭୂମି ଦାରୁମୂର୍ତ୍ତିଃ ।।'

ସ୍କନ୍ଦ ପୁରାଣରେ–

'ଏକଦାରୁ ସମୁତ୍ପନ୍ନଶ୍ଚତୁର୍ଦ୍ଧା ସମ୍ଭବିଷ୍ୟତି'

ପାଲି ଜାତକରେ ବୃକ୍ଷଦେବତାଙ୍କ ନାମ ଦେଖିବାକୁ ମିଳେ । ମାଦଳାପାଞ୍ଜିରୁ ଜଣାପଡ଼େ, ବହିରାକ୍ରମଣରୁ ରକ୍ଷା ପାଇବା ପାଇଁ ଜଗନ୍ନାଥଙ୍କୁ ବହୁବାର ସ୍ଥାନାନ୍ତର ଏପରିକି ପୁନଃ ପ୍ରତିଷ୍ଠିତ ହେବାକୁ ପଡ଼ିଛି । କିନ୍ତୁ ଯେତେବେଳେ ତାହା କରାଯାଇଛି, ସେତେବେଳେ ପରମ୍ପରା ସୂତ୍ରରେ ମୂର୍ତ୍ତି ଗଠନ ପାଇଁ ଦାରୁ ହିଁ ଖୋଜା ହୋଇଆସୁଥିବା କଥାର ଉଲ୍ଲେଖ ରହିଛି । ଏସବୁରୁ ସ୍ଥିର କରାଯାଇପାରେ, ତ୍ରିମୂର୍ତ୍ତି ଉପାସନା ପୂର୍ବରୁ ନୀଳଗିରିରେ ଦାରୁ ପୂଜା ପ୍ରଚଳିତ ଥିଲା । ତ୍ରିମୂର୍ତ୍ତି ସମ୍ବନ୍ଧରେ ଯେ ଯାହା କହନ୍ତୁ ପଛେ ସବୁ ସମାଲୋଚକ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ ଅତି ପ୍ରାଚୀନ କାଳରୁ ଦାରୁପୂଜା ପ୍ରଚଳିତ ହୋଇଆସୁଥିବା ଓ ତାହା ଶବର ଦ୍ୱାରା ସମ୍ପାଦିତ ହେଉଥିବା ବିଷୟରେ ଏକମତ ।

ଜଗନ୍ନାଥ ଧର୍ମ ବିଶେଷଜ୍ଞ ସ୍ୱର୍ଗୀୟ ପଣ୍ଡିତ ନୀଳକଣ୍ଠ ଦାସ କହନ୍ତି, ''ଏଇ ଜଗନ୍ନାଥଙ୍କ କଥା ଘେନି ମଧ୍ୟ ଭାରତ ବହୁ ପ୍ରାଚୀନ କାଳରୁ ପୃଥିବୀରେ ପରିଚିତ ହୋଇଆସିଛି । ସେତେବେଳେ ଶବରଙ୍କ ବିନା ତା'ର ଆଉ କେହି ଉପାସକ ନ ଥିଲେ ।'' ଐତିହାସିକ ଶ୍ରୀ ଗୁରୁଦାସ ସରକାର ଅନୁମାନ କରନ୍ତି, ''ଯେଉଁ ଶବର ଜାତି ଅତି ପ୍ରାଚୀନକାଳରୁ ଆଜିଯାଏଁ ଏପରି ପ୍ରସିଦ୍ଧି ଲାଭ କରି ଆସିଛନ୍ତି ଓ ଯାହାଙ୍କର ବଂଶଧରଗଣ ବିନ୍ଧ୍ୟାଚଳ ଠାରୁ ମହାନଦୀ ପର୍ଯ୍ୟନ୍ତ ବିସ୍ତୃତ ଭୂମିରେ ବାସ କରିଆସିଛନ୍ତି, ସେହି ଶବର ଜାତିର କେଉଁ ଶାଖା ବା ପ୍ରଶାଖାର Cult ବା Totum ସଂଶ୍ଲିଷ୍ଟ ପ୍ରତୀକଟିଏ ବ୍ରାହ୍ମଣମାନଙ୍କ ଦ୍ୱାରା 'ଜଗନ୍ନାଥ' ନାମରେ ଅଭିହିତ ହୋଇ ଦେବତା ଭାବେ ସ୍ୱୀକୃତ ହେବା ଅସମ୍ଭବ ନୁହେଁ । ଶ୍ରୀଜଗନ୍ନାଥ ସମ୍ଭବତଃ ଆଦିମ ଶବର ଜାତିର; ନିକଟରୁ ଧାର କରି ଆଣିବା ଦେବତା ବୋଲି ହିଁ ପୁରୀ ତୀର୍ଥରେ ଏକା ବୌଦ୍ଧ ପ୍ରଭାବ ନୁହେଁ; ପରବର୍ତ୍ତୀ କାଳର ରାମୋପାସନା ଓ ଗାଣପତ୍ୟ ମତବାଦ ମଧ୍ୟ ଅଳ୍ପାଧିକ ପରିମାଣରେ ପ୍ରତିଷ୍ଠା ଲାଭ କରିପାରିଥିଲା ।'' ପ୍ରତ୍ନତାତ୍ତ୍ୱିକ ସ୍ୱର୍ଗୀୟ କେଦାରନାଥ ମହାପାତ୍ର, 'ଜଗନ୍ନାଥଙ୍କୁ ଶବର ଦେବତା କହିବାର ଅନେକ କାରଣ ଅଛି' ବୋଲି କହନ୍ତି । ପାଶ୍ଚାତ୍ୟ ସମାଲୋଚକ ୱିଲ୍‌କନ୍ ସାହେବ କହନ୍ତି, "The probablity being that He (Jagannath) was the local divinity of some, now unknown tribe, whose worship was engrafted into Hinduism, and the God when admitted into the panthion was regarded as another manifestation of Vishnu." ଅଧ୍ୟାପକ ପ୍ରଭାତ ମୁଖାର୍ଜୀ କହନ୍ତି, ''ଅନୁମାନ ହୁଏ ଜଗନ୍ନାଥଙ୍କ ଶବର ମୌଳିକତା ହିଁ ତାଙ୍କ ବିକଳ ରୂପର ପ୍ରଧାନ କାରଣ ।'' ଅଧ୍ୟାପକ ଡକ୍ଟର ନବୀନ କୁମାର ସାହୁଙ୍କ ମତରେ, "The very origin of Jagannath proclaims him not less than the God of Brahmins than of low caste

aborigine races." ଏସବୁରୁ ଜଣାପଡ଼େ, ଉପନିଷଦ୍‌କାଳୀନ କୃଷ୍ଣ-ବାସୁଦେବ ଉପାସନାର ବହୁ ପୂର୍ବରୁ ଶବରମାନଙ୍କ ଦ୍ୱାରା ଦାରୁ ଉପାସନା ଚଳି ଆସୁଥିଲା ।

ଏ ସବୁ ଯୁକ୍ତି-ପ୍ରମାଣ ଛଡ଼ା ସେବା-ସମ୍ପ୍ରଦାୟ ଦିଗରୁ ବିଚାର କଲେ ମଧ୍ୟ ଜଗନ୍ନାଥ ଆଦିମ ଶବରଙ୍କ ଦେବତା ବିନା ଅନ୍ୟ କାହାରି ନୁହନ୍ତି ବୋଲି ଜଣାପଡ଼େ । ଏ ପ୍ରସଙ୍ଗରେ ଜଗନ୍ନାଥ ସେବାୟତ ସମ୍ପ୍ରଦାୟ ମଧ୍ୟର ଦୟିତାଙ୍କ ନାମ ଉଲ୍ଲେଖଯୋଗ୍ୟ । 'ଦୟିତା' ଶବ୍ଦ ଦୈତ୍ୟ ଶବ୍ଦର ଅପଭ୍ରଂଶ । ଦୈତ୍ୟ, ଶବର, ଭୀଲ୍ ଏସବୁ ପର୍ଯ୍ୟାୟବାଚୀ ଶବ୍ଦ । ପୌରାଣିକ ଇନ୍ଦ୍ରଦ୍ୟୁମ୍ନ ମୂର୍ତ୍ତି ପ୍ରତିଷ୍ଠା କରିବା ଆଗରୁ ଏମାନେ ହିଁ ଜଗନ୍ନାଥଙ୍କ ଉପାସକ ଥିଲେ । ନୀଳମାଧବଙ୍କ ଅନ୍ତର୍ଦ୍ଧାନ ପରେ ଭାସମାନ ଦାରୁରେ ଯେଉଁ ମୂର୍ତ୍ତି ପ୍ରତିଷ୍ଠା କରାଗଲା, ତା'ରି ଅଙ୍ଗସେବକ ରୂପେ ଏମାନଙ୍କୁ ହିଁ ନିଯୁକ୍ତ କରାଯାଇଥିଲା । ସ୍କନ୍ଦ ପୁରାଣରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ଦୈବବାଣୀ ହେଲା -

''ପୁଷ୍ପ ସ୍ଥିତଂ ପର୍ବତେଽସ୍ମିନ୍ ଯୋଽଭ୍ୟର୍ଚ୍ଚୟତି ମାଧବଂ ।
ନାମ୍ନା ବିଶ୍ୱାବସୁନାମ ଶବରେ ବୈଷ୍ଣବୋତ୍ତମଃ ।
ପୁରୋଧଃ ସଖ୍ୟମାସୀତ୍ ତେନ ସାର୍ଦ୍ଧ ପୁରା ଚ ତେ ।
ତୟୋ ସନ୍ତତି ରେବାସ୍ୟ ଲେପସଂସ୍କାର କର୍ମଣି ।
ନିଯୁଜ୍ୟତାଂ ମହାରାଜ ଭବିଷ୍ୟେଷୁତ୍ସବେଷୁ ଚ ॥''

''ହେ ରାଜା, ପୂର୍ବେ ଏହି ନୀଳପର୍ବତ ଉପରେ ଏହି ବିଶ୍ୱାବସୁ ଶବର ମାଧବଙ୍କୁ ପୂଜା କରିଆସୁଥିଲା । ତାଙ୍କ ସହିତ ତୁମ ପୁରୋହିତ ବିଦ୍ୟାପତିଙ୍କର ବନ୍ଧୁତା ହେଲା । ଅତଏବ ଏ ଦୁହିଁଙ୍କ ବଂଶୋଦ୍‌ଭବ ବ୍ୟକ୍ତିଙ୍କୁ ଏହି ପ୍ରତିମାଗୁଡ଼ିକର ଲେପ ସଂସ୍କାର ବଳରେ ଏବଂ ଭାବୀ ଯଜ୍ଞାଦି ଉତ୍ସବ କାର୍ଯ୍ୟରେ ନିଯୁକ୍ତ କର ।'' ସେମାନେ ବର୍ତ୍ତମାନ ଦୟିତା ନାମରେ ନିଜକୁ ଆଦିମ ଶବରଙ୍କ ବଂଶଧର ବୋଲି ପରିଚିତ କରାନ୍ତି । ରଥଯାତ୍ରା ଆରମ୍ଭ ଠାରୁ ବାହୁଡ଼ା ପର୍ଯ୍ୟନ୍ତ ଠାକୁରଙ୍କ ପୂଜା-ସେବା ଏମାନଙ୍କ ହାତରେ ନ୍ୟସ୍ତ ଥାଏ । ସେ କେତେଦିନ ଦାରୁ ବିଗ୍ରହର ସମସ୍ତ ପୂଜାଧିକାର ଏମାନଙ୍କ ଛଡ଼ା ଆଉ କାହାରି ନୁହେଁ । ଏହାର କାରଣ ଅତି ସ୍ପଷ୍ଟ । ଶବରେତର ଧର୍ମର ଦେବତା ହୋଇଥିଲେ ଏହି ସମ୍ପ୍ରଦାୟର ଲୋକଙ୍କୁ କଦାପି ପୂଜାଧିକାର ଦିଆଯାଇନଥାନ୍ତା । ଏଣୁ କହିପାରୁ, ଜଗନ୍ନାଥ ପ୍ରଥମେ ଏହି ଦୟିତାଙ୍କ ପୂର୍ବ ପୁରୁଷମାନଙ୍କ ଦ୍ୱାରା ଉପାସିତ ହୋଇ ଆସୁଥିଲେ । ପରେ ଅନ୍ୟ ଧର୍ମର ପ୍ରଭାବରେ ମନ୍ଦିର ମଧ୍ୟରେ ଶବରର ସେବାଧିକାର କ୍ରମେ କ୍ରମେ ଚ୍ୟୁତ ହୋଇପଡ଼ିଲା । ତଥାପି ସ୍ମୃତିଚିହ୍ନ ସ୍ୱରୂପ ମନ୍ଦିର ବାହାରେ ଦେବତାଙ୍କୁ ଆରାଧନା କରିବା ଅଧିକାର ତା'ଠାରେ ନ୍ୟସ୍ତ କରାଗଲା । ଅତଏବ କୁହାଯାଇପାରେ, ପ୍ରାକ୍ ବୈଦିକ ଯୁଗର ଏକକ ଦାରୁ ଦେବତାଙ୍କୁ ଶବର କେବଳ ପୂଜା କରି ଆସୁଥିଲା ।

ଆଗରୁ କୁହାଯାଇଛି, ନିଗ୍ରିଟୋମାନେ ଭାରତବର୍ଷ ଭିତରେ ପ୍ରଥମେ ପ୍ରବେଶ କରିଥିଲେ । ସେତେବେଳେ ଏଠାରେ ତାଙ୍କ ସମଶ୍ରେଣୀର ଏକ ଗୋଷ୍ଠୀ ବସବାସ କରି ରହିଥିଲା । ଉଭୟର ଆଚାର ବିଚାର ପ୍ରାୟ ସମାନ ସ୍ତରର ଥିଲା । ଆଗନ୍ତୁକ ଜାତି ମଧ୍ୟରେ ଯେପରି ବୃକ୍ଷ ଉପାସନାର ଧାରା ରହିଆସିଥିଲା, ସେହିପରି ଅତ୍ରତ୍ୟ ଶବରଗୋଷ୍ଠୀ ମଧ୍ୟରେ ତାହା ପ୍ରଚଳିତ ହୋଇ ଆସୁଥିଲା । ସେହି ଉପାସନା କାଳକ୍ରମେ ଆର୍ଯ୍ୟସଂସ୍କୃତି ମଧ୍ୟରେ ଅନୁପ୍ରବେଶ କରି ଆତ୍ମସତ୍ତା ହଜାଇ ବସିଲା । ଇଣ୍ଡୋ-ୟୁରୋପୀୟ ଆର୍ଯ୍ୟସଂସ୍କୃତି ଭିତରେ ନାନାବିଧ ଧର୍ମୋପାସନା ଜାଲ ସଦୃଶ ଗୁନ୍ଥି ହୋଇ ରହିଥିବାରୁ ବୃକ୍ଷୋପାସନାର ସ୍ୱାତନ୍ତ୍ର୍ୟ ଜଣା ନ ପଡ଼ିଲେ ସୁଦ୍ଧା ଶବର ସଂସ୍କୃତି ମଧ୍ୟରେ ତାହା ପ୍ରାଞ୍ଜଳ ଭାବେ ଏବେ ବି ପରିଲକ୍ଷିତ । ସେହି ବୃକ୍ଷୋପାସନା ପରବର୍ତ୍ତୀ କାଳରେ ଦାରୁ-ଉପାସନାରେ ପରିଣତ ହୋଇପଡ଼ିଲା । ପ୍ରଥମେ ଦ୍ରମିଳ ବା ଜୈନ, ତା'ପରେ ବ୍ରାହ୍ମଣ୍ୟ ଧର୍ମର ପ୍ରଭାବ ପଡ଼ି

ଯେପରି ତାହା ମୂର୍ତ୍ତି ପରିଗ୍ରହ କଲା, ସେହିପରି 'ବ୍ରହ୍ମ' ରୂପେ ଉପାସିତ ହେବାକୁ ଲାଗିଲା । ଏଣୁ କହିପାରୁ ଜଗନ୍ନାଥ ଦାରୁ ଦେବତାର ହିଁ ରୂପାନ୍ତର ଓ ସେ ଶବରମାନଙ୍କ ମୂଳ ଦେବତା ।[୬]

ଉପର୍ଯ୍ୟୁକ୍ତ ଆଲୋଚନାରେ ଆମେ ପୃଥିବୀ ତଥା ଭାରତବର୍ଷରେ ପ୍ରଚଳିତ ହୋଇ ଆସିଥିବା ବିଭିନ୍ନ ଧର୍ମ ଦର୍ଶନ ଧାରା ସମ୍ପର୍କରେ ଆଲୋକପାତ କରିବା ଅବସରରେ ନିଗ୍ରୋଏଡ ଜାତି, ପ୍ରଟୋ ଅଷ୍ଟ୍ରେଲିଅଡ୍, ଶବର ଗୋଷ୍ଠୀ, ଜୈନ ଧର୍ମ, ବୌଦ୍ଧ ଧର୍ମ, ତନ୍ତ୍ର ଶାସ୍ତ୍ର, ବୈଷ୍ଣବ ଧର୍ମ ସହିତ କୃଷ୍ଣ ଧର୍ମ ବା ଗୀତା ଧର୍ମର ସମ୍ପର୍କ ସହ ଶ୍ରୀଜଗନ୍ନାଥ ଧର୍ମ ମଧ୍ୟରେ ରହିଥିବା ସାମଞ୍ଜସ୍ୟର ଏକ ତୁଳନାତ୍ମକ ଅଧ୍ୟୟନ କରିଅଛୁ । ସର୍ବୋପରି ଇଣ୍ଡୋ-ୟୁରୋପୀୟ ଆର୍ଯ୍ୟସଂସ୍କୃତି ଭିତରେ ବହୁ ଧର୍ମୋପାସନା ଜାଲ ସଦୃଶ ଛନ୍ଦି ହୋଇ ରହିଥିବା କଥା ଆମ୍ଭେ ପୂର୍ବରୁ ଉଲ୍ଲେଖ କରିଅଛୁ । ତା'ରି ଭିତରେ ପ୍ରାଚୀନ ବୃକ୍ଷୋପାସନା ପରବର୍ତ୍ତୀ ପର୍ଯ୍ୟାୟରେ ଲୋକମାନଙ୍କ ଦ୍ୱାରା ଦାରୁଦେବତା ରୂପେ ଯେପରି ପରିକଳ୍ପିତ ହେଲେ ଓ ପୂଜା ପାଇଲେ, ତାହାର ଇତିହାସ ଏବେ ମଧ୍ୟ ରହସ୍ୟମୟ ହୋଇ ରହିଅଛି । ସେ ଯାହାହେଉ, ବର୍ତ୍ତମାନ ନିମ୍ନରେ ଆମ୍ଭେ ପୃଥିବୀରେ ତଥା ଭାରତବର୍ଷରେ ଗତିଶୀଳ ଥିବା ଅନ୍ୟାନ୍ୟ ଧର୍ମ ସହିତ ଶ୍ରୀଜଗନ୍ନାଥଙ୍କ ସମ୍ପର୍କକୁ ନେଇ ଅନୁଶୀଳନ କରବାକୁ ଯାଉଅଛୁ ।

ବ୍ରାହ୍ମଣ୍ୟ ଧର୍ମ

''ଜଗନ୍ନାଥଙ୍କ ମଧ୍ୟରେ ଯେତେଯେତେ ଧର୍ମର ସଙ୍ଗମ ଘଟିଥାଉ ପଛକେ, ସେ ମୁଖ୍ୟତଃ ବ୍ରାହ୍ମଣ୍ୟ ଧର୍ମର ବିଶେଷ କରି ବୈଷ୍ଣବ ଧର୍ମର ଦେବତା ଭାବରେ ହିଁ ସହସ୍ରାଧିକ ବର୍ଷ ଧରି ଉପାସିତ ହୋଇଆସୁଛନ୍ତି । ବ୍ରାହ୍ମଣ୍ୟ ଧର୍ମର ବିଦ୍ୱାନମାନେ ତାଙ୍କୁ ବ୍ରାହ୍ମଣ୍ୟ ଦେବତା ଭାବରେ ପ୍ରମାଣ କରିବା ପାଇଁ ବେଦ, ଉପନିଷଦ, ପୁରାଣ, ଦର୍ଶନ ଶାସ୍ତ୍ର, କାବ୍ୟ, ଇତିହାସ ପ୍ରଭୃତିରୁ ଉପାଦାନ ଆବିଷ୍କାର କରିଛନ୍ତି । ବେଦର ପୁରୁଷ ଚେତନା, ଗୀତାର ପୁରୁଷୋତ୍ତମ ଚେତନା, ଭାଗବତ ଧର୍ମ, କୃଷ୍ଣ ବାସୁଦେବ ଧର୍ମ, ମାଧବ ଉପାସନା ଓ ଆଧୁନିକ ବୈଷ୍ଣବ ଧର୍ମ ସହିତ ଜଗନ୍ନାଥଙ୍କୁ ସଂପୃକ୍ତ କରିବା ପାଇଁ ବହୁ ବଳିଷ୍ଠ ପ୍ରମାଣ ରହିଛି ।''[୭]

ସୂର୍ଯ୍ୟ ଉପାସନା ଓ ଶ୍ରୀଜଗନ୍ନାଥ

ବ୍ରହ୍ମଙ୍କୁ କେନ୍ଦ୍ର କରି ଯେପରି ବ୍ରାହ୍ମଣ୍ୟ ଧର୍ମ ଗଢ଼ି ଉଠିଲା, ସେହିପରି ସୂର୍ଯ୍ୟଙ୍କୁ କେନ୍ଦ୍ର କରି ସୌରଧର୍ମ ସୃଷ୍ଟି ହୋଇଥିଲା । ସୂର୍ଯ୍ୟ ମଣିଷ ସଭ୍ୟତାର ପ୍ରାରମ୍ଭ କାଳରୁ ଦେବତା ଭାବେ ପରିଗଣିତ ହୋଇଥିଲେ । ଋଗ୍‌ବେଦ ଯୁଗରୁ ଭାରତୀୟ ସମାଜରେ ଦେବତା ରୂପେ ପୂଜା ପାଇ ଆସୁଛନ୍ତି । ଋଗ୍‌ବେଦର ଋଷି ତାହାଙ୍କୁ ସ୍ଥାବର ଓ ଜଙ୍ଗମାଦି ପ୍ରତ୍ୟେକ ସୃଷ୍ଟିର ଆତ୍ମା ବୋଲି ସ୍ତୁତି କରିଛନ୍ତି । ଯର୍ଜୁବେଦରେ ସୂର୍ଯ୍ୟଙ୍କୁ ସ୍ତୁତି କରି ଋଷି କହନ୍ତି -

> ''ସୂର୍ଯ୍ୟୋ ଜ୍ୟୋତିର୍ଜ୍ୟୋତିଃ ସୂର୍ଯ୍ୟ ସ୍ୱାହା ।
> ସୂର୍ଯ୍ୟୋ ବର୍ଚ୍ଚୋ ଜ୍ୟୋତିବ୍‌ବର୍ଚ୍ଚେଃ ସ୍ୱାହା ।
> ଜ୍ୟୋତିଃ ସୂର୍ଯ୍ୟଃ ସୂର୍ଯ୍ୟୋ ଜ୍ୟୋତିଃ ସ୍ୱାହା ।''

ଏଥିରେ ପୁଣି ଉଷା ଓ ସୂର୍ଯ୍ୟଙ୍କର ପ୍ରୀତି କାମନା କରାଯାଇଛି । ''ସବିତ୍ରା ସଜରଷ ସେନ୍ଦ୍ର ବତ୍ୟା'' ସାମବେଦରେ କଶ୍ୟପଙ୍କ ଔରସରେ ଦିତିଙ୍କ ଗର୍ଭରୁ ବିବସ୍ୱାନ, ଅର୍ଯ୍ୟମା, ପୁଷା, ତ୍ୱଷ୍ଟା, ସବିତା, ଭଗ, ଧାତା, ବିଧାତା, ବରୁଣ, ମିତ୍ର, ଶୁକ୍ର ଓ ଉରୁକ୍ରମ ନାମକ ଦ୍ୱାଦଶାଦିତ୍ୟ ଜନ୍ମ ହୋଇଥିଲେ ବୋଲି ଉକ୍ତ । ବ୍ରହ୍ମାଣ୍ଡ ପୁରାଣରେ ଅଦିତିଙ୍କର ଗର୍ଭରୁ ଅଷ୍ଟାଦଶାତ୍ମା ବଜ୍ରଧର ଇନ୍ଦ୍ର ଓ ଦ୍ୱାଦଶାତ୍ମା ସୂର୍ଯ୍ୟଙ୍କର (ଆଦିତ୍ୟା ଦ୍ୱାଦଶାତ୍ମାକାଃ) ଆବିର୍ଭାବ ହୋଇଥିଲା ବୋଲି କୁହାଯାଇଅଛି । ଏହି ଦ୍ୱାଦଶ ଆଦିତ୍ୟ

---

୬. ତତ୍ରୈବ. ପୃ. ୭୪-୮୨

୭. ସାହୁ, ବାସୁଦେବ, ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା (୧ମ ଭାଗ), ପୃଷ୍ଠା -୭୦

ସୂର୍ଯ୍ୟଙ୍କର ବିଭିନ୍ନ ରୂପ । ଏଗୁଡ଼ିକ ସୌରମାନ ବର୍ଷର ପ୍ରତିମାସର ଅଧିଷ୍ଠାତା ଦେବତା । ପୁରାଣ ଯୁଗରେ ସୂର୍ଯ୍ୟଙ୍କର ପ୍ରତିଷ୍ଠା ବୃଦ୍ଧି ଲାଭ କଲା । ସେତେବେଳେ ତାଙ୍କୁ ଉପାସ୍ୟ ଦେବତା ରୂପେ ଗ୍ରହଣ କରି ସୌର ସମ୍ପ୍ରଦାୟ ଗଢ଼ି ଉଠିଥିଲା । ବୃହଦାରଣ୍ୟକ ଉପନିଷଦରେ ସୂର୍ଯ୍ୟଙ୍କୁ ପ୍ରଧାନ ଦେବତା ଓ ଦ୍ୱାଦଶାଦିତ୍ୟଙ୍କୁ ଅଷ୍ଟବସୁଙ୍କ ମଧ୍ୟରେ ଅନ୍ୟତମ ବୋଲି କୁହାଗଲା । ସଂସ୍କୃତ ମହାଭାରତରେ ସୂର୍ଯ୍ୟଙ୍କର ଅଷ୍ଟୋତ୍ତର ଶତନାମ ପରିକଳ୍ପିତ ହେଲା । ନାରଦ ପୁରାଣରେ ସୂର୍ଯ୍ୟଙ୍କର ଗଣନା ପଞ୍ଚ ଦେବତାଙ୍କ ମଧ୍ୟରେ କରାଗଲା । ମାର୍କଣ୍ଡେୟ ପୁରାଣରେ ତାଙ୍କୁ ଦେବସ୍ୱରୂପ, ଜ୍ୟୋତିର୍ମୟ ପୁରୁଷ, ଜ୍ଞାନର ଆଧାର, ଜଗତ୍ ବ୍ୟାପୀ ଓ ଜଗନ୍ନାଥ ବୋଲି ବର୍ଣ୍ଣନା କରାଗଲା; ବ୍ରହ୍ମପୁରାଣରେ କୁହାଗଲା ଯେ, ସୂର୍ଯ୍ୟଙ୍କୁ ପୂଜା କଲେ ରୋଗନାଶ, ବିଦ୍ୟାଲାଭ ଓ ସନ୍ତାନପ୍ରାପ୍ତି ହୁଏ । ସ୍କନ୍ଦ ପୁରାଣ ମତରେ ସେ ହେଲେ ସମସ୍ତ ପ୍ରାଣୀଜଗତର ଉଦ୍‌ଗମସ୍ଥଳ ଓ ବିଶ୍ୱାଧାର । ଅଭିନବ ଚିନ୍ତାମଣି ଗ୍ରନ୍ଥରେ ସୂର୍ଯ୍ୟ ହେଲେ ଆରୋଗ୍ୟଦାତା- ‘‘ଆରୋଗ୍ୟଂ ଭାସ୍କରାଦି ଚ୍ଛେଦିତି ପ୍ରାଚୀନା ଶ୍ରୁତିଃ ସ୍ମୃତିଶ୍ଚ ।’’[୮]

ସୂର୍ଯ୍ୟଙ୍କର ଆକର୍ଷଣୀୟ ଶକ୍ତିରେ ସମସ୍ତ ଗ୍ରହ ନକ୍ଷତ୍ର ଘୂରି ବୁଲୁଛନ୍ତି । ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର । ଏଣୁ ମତବ୍ୟକ୍ତ କରାଯାଇପାରେ ଯେ ପୃଥିବୀର ସମସ୍ତ ଧର୍ମ ଦେବଦେବୀ ଓ ଉପାସନା ମୂଳରେ ସୂର୍ଯ୍ୟଙ୍କର ପ୍ରଭାବ ଅନସ୍ୱୀକାର୍ଯ୍ୟ । ଏହି ପରିପ୍ରେକ୍ଷୀରେ ପରବର୍ତ୍ତୀ କାଳରେ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ତଥା ଦାରୁବ୍ରହ୍ମ ଉପାସନାରେ ସୌରଧର୍ମର ପ୍ରଭାବ ପଡ଼ିଅଛି । ବେଦ ଓ ଉପନିଷଦରେ ସୂର୍ଯ୍ୟଙ୍କୁ ଭଗବାନ, ବିଷ୍ଣୁ ଓ ପରଂବ୍ରହ୍ମ ରୂପେ ସ୍ତୁତି କରାଯାଇଛି । ସକଳ ଦେବତା ମଧ୍ୟରେ ସୂର୍ଯ୍ୟ ଶ୍ରେଷ୍ଠ, ସେ ସମଗ୍ର ବିଶ୍ୱର ଚକ୍ଷୁ ସ୍ୱରୂପ, ସୃଷ୍ଟି ସ୍ଥିତି - ପ୍ରଳୟର ଏକମାତ୍ର କାରଣ । ଜଗନ୍ନାଥଙ୍କୁ ମଧ୍ୟ ଏହି ସବୁ ଗୁଣରେ ଅନ୍ୱିତ କରାଯାଇଛି, ଅନେକ ସ୍ଥଳରେ ଜଗନ୍ନାଥଙ୍କ ଚକ୍ଷୁକୁ ସୂର୍ଯ୍ୟ ଓ ଚନ୍ଦ୍ର ସହିତ ତୁଳନା କରାଯାଇଛି । ସୂର୍ଯ୍ୟଙ୍କ ରଥର ଅନୁକରଣରେ ଶ୍ରୀମନ୍ଦିର ହେଉଛି ପଞ୍ଚରଥ ବିଶିଷ୍ଟ ମନ୍ଦିର । ମନ୍ଦିର ଚୂଡ଼ାରେ ରହିଛି ରଥର ସଙ୍କେତ ନୀଳଚକ୍ର । ମନ୍ଦିରର ସିଂହଦ୍ୱାର ସମ୍ମୁଖରେ ରହିଛି ବିରାଟ ଅରୁଣ ସ୍ତମ୍ଭ । ମନ୍ଦିର ବେଢ଼ା ମଧ୍ୟରେ ରହିଛି ଶ୍ରୀ ସୂର୍ଯ୍ୟନାରାୟଣଙ୍କ ମନ୍ଦିର । ରଥଯାତ୍ରା ବେଳେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରଥକୁ ସପ୍ତରଙ୍ଗର କନାରେ ମଣ୍ଡିତ କରାଯାଏ । ଏହି ସପ୍ତରଙ୍ଗ ସୂର୍ଯ୍ୟକିରଣର ସପ୍ତବର୍ଣ୍ଣ ସହିତ ସଂଯୁକ୍ତ । ସୂର୍ଯ୍ୟଦେବଙ୍କର ଉତ୍ତରାୟଣ ଓ ଦକ୍ଷିଣାୟନ ଗତି ଅନୁସାରେ ରଥଯାତ୍ରାରେ ରଥତ୍ରୟ ପ୍ରଥମେ ଉତ୍ତର ଦିଗକୁ ଓ ପରେ ଦକ୍ଷିଣ ଦିଗକୁ ପରିଚାଳିତ ହୋଇଥାନ୍ତି । ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ପୂଜାବିଧିରେ ସୂର୍ଯ୍ୟପୂଜା ଅନୁଷ୍ଠିତ ହୋଇଥାଏ । ସୌରମଣ୍ଡଳର ନବଗ୍ରହଙ୍କର ସଂଖ୍ୟା ଅନୁଯାୟୀ ପ୍ରଭୁଙ୍କର ନବଦିନ ଯାତ୍ରା ଅନୁଷ୍ଠିତ ହୁଏ । ବିଶେଷତଃ ଜଗନ୍ନାଥଙ୍କ ମଧ୍ୟାହ୍ନକାଳୀନ ପୂଜାକାଳରେ ତାହାଙ୍କୁ ସୂର୍ଯ୍ୟ ରୂପରେ ଧ୍ୟାନ କରିବା ଅତ୍ୟାବଶ୍ୟକ । ସଂସ୍କୃତ ‘ନୀଳାଦ୍ରି ମହୋଦୟ’ ଗ୍ରନ୍ଥରେ ଏହି ପ୍ରସଙ୍ଗ ବର୍ଣ୍ଣିତ ହୋଇଅଛି ଯଥା -

‘‘ମଧ୍ୟାହ୍ନେ ପୂଜନେ ଭୂପ ! ସୂର୍ଯ୍ୟମେବଃ ଚିନ୍ତୟେତ୍
ଚିନ୍ତୟିତ୍ୱାର୍ଚ୍ଚୟେଦ୍ ବିଷ୍ଣୁଂ ନୀଳାଦ୍ରୌ ଦାରୁ ରୂପିଣମ୍ ।’’[୯]

ଶାକ୍ତ ପରମ୍ପରା ଓ ଶ୍ରୀଜଗନ୍ନାଥ

‘‘ସବୁଠାରୁ ଅଧିକ ବିସ୍ମୟର ବିଷୟ ହେଉଛି ଯେ ଶାକ୍ତ ଓ ତାନ୍ତ୍ରିକମାନେ ଶ୍ରୀକ୍ଷେତ୍ରକୁ ଉଡ୍ଡୀୟାନ ତନ୍ତ୍ରପୀଠ ଓ ଶ୍ରୀଜଗନ୍ନାଥଙ୍କୁ ଶ୍ରୀଭୈରବ ଏବଂ ମା ବିମଳାଙ୍କୁ ଭୈରବୀ ଭାବେ ବର୍ଣ୍ଣନା କରିଛନ୍ତି । ଭୈରବୀ ଚକ୍ର ପ୍ରମାଣରେ ଚାରିଦ୍ୱାର ବିଶିଷ୍ଟ ଶ୍ରୀମନ୍ଦିର ଗଠନ ଏବଂ ଭୈରବ ଉପାସନା ଓ ଭୈରବୀ ଚକ୍ରରେ ନିବେଦିତାନ୍ନ ମହାପ୍ରସାଦ ହେଉଥିବାରୁ ଜାତି, ଧର୍ମ ବିଚାର ଶ୍ରୀକ୍ଷେତ୍ରରେ

---

୮. ରଥ, ଦୀନବନ୍ଧୁ, ସାରଳା ମହାଭାରତରେ ସାମାଜିକ ଜୀବନ, କଟକ :ଗ୍ରନ୍ଥମନ୍ଦିର, ୧୯୭୪, ପୃ. ୨୦୮-୨୦୯

୯. ସାହୁ, ବାସୁଦେବ, ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା, ପୃ.୮୦-୮୧

ରହୁନାହିଁ । ମା' ପ୍ରସାଦରୁ ଶ୍ରୀଜଗନ୍ନାଥଙ୍କ 'ମହାପ୍ରସାଦ' ଶବ୍ଦର ଉତ୍ପତ୍ତି ବୋଲି ତାନ୍ତ୍ରିକମାନେ କହିଥାନ୍ତି । ଶ୍ରୀଜଗନ୍ନାଥଙ୍କ ନାକରେ ଯେଉଁ ବସଣି ଲାଗିଛି, ତାହା ଶକ୍ତିର ପ୍ରତୀକ । ଏଥିରୁ ଜଣାଯାଏ ଜଗନ୍ନାଥ ଶବ୍ଦଟିରେ ଶିବଶକ୍ତି ବା ପ୍ରକୃତି ପୁରୁଷର ମଧୁର ସମନ୍ୱୟ ଘଟିଛି । କେତେକଙ୍କ ମତରେ ଜଗନ୍ନାଥ ଓ ବଳଭଦ୍ରଙ୍କ ମଧ୍ୟରେ ସ୍ଥାପିତ ସୁଭଦ୍ରାଙ୍କ ପ୍ରତିମା ଶାକ୍ତଧର୍ମ ଉପରେ ତାନ୍ତ୍ରିକ ବୌଦ୍ଧଧର୍ମର ପ୍ରଭାବ ପ୍ରମାଣ କରିଥାଏ ।[୧୦] ଲକ୍ଷ୍ୟ କରିବାର କଥା ଏହି ଯେ ''ଶାକ୍ତଧର୍ମ ଓଡ଼ିଶାର ନିଜସ୍ୱ ଜଗନ୍ନାଥ ଧର୍ମ ବା ଓଡ଼ିଶୀ ବୈଷ୍ଣବ ଧର୍ମରେ ମିଶିଯାଇଥିଲା । ସାରଳା ଦାସଙ୍କ ମହାଭାରତରେ ତାହାର ସଙ୍କେତ ମିଳେ । କବି କହନ୍ତି ଯେ ଜଗନ୍ନାଥ ବୁଦ୍ଧ, କଚ୍ଛପ, ମତ୍ସ୍ୟ ଓ ନୃସିଂହାଦି ଅବତାର ଗ୍ରହଣ କରିଥିଲେ । ତାଙ୍କର ସେହି ଅବତାରମାନଙ୍କ ମଧ୍ୟରେ ଗୋଟିଏ ଶକ୍ତି ଅବତାର ବି ହୋଇଥିଲା । ଜଗନ୍ନାଥ ମୋହିନୀ ରୂପ ଧାରଣ କରି ସାଗର ମନ୍ଥନ କାଳରେ ସୁଧା ବଣ୍ଟନ କରିଥିଲେ । ସେ ପୁଣି ମାଳତୀ କନ୍ୟା ରୂପରେ ଜନ୍ମ ହୋଇ ବୈଲୋଚନ ନାମକ ଦୈତ୍ୟକୁ ନାଶ କରିଥିଲେ । (କା ୨ ପୃ) ଚଣ୍ଡୀ ପୁରାଣରେ ବିଷ୍ଣୁ ମାଳତୀ କନ୍ୟାର ରୂପ ଧାରଣ କରି ବୈଲୋଚନକୁ ହତ୍ୟା କରିବା ବିଷୟ ଅଛି ।

ଓଡ଼ିଶାରେ ବୈଷ୍ଣବ ଧର୍ମ ସହିତ ଶାକ୍ତଧର୍ମ କିପରି ସମ୍ମିଶ୍ରିତ ହୋଇଥିଲା, ତାହାର ପ୍ରମାଣ ସାରଳାଙ୍କ ଅନ୍ୟ କେତେକ ଉକ୍ତିରୁ ଅବଧାରିତ ହୁଏ । କବି ବହୁସ୍ଥଳରେ ବିଷ୍ଣୁ (ମାଧବ) ଓ ଦେବୀ ଦୁର୍ଗାଙ୍କର ଏକତ୍ର ଉଲ୍ଲେଖ କରି ସମନ୍ୱୟର ସଙ୍କେତ ଦେଇଅଛନ୍ତି । ଯଥା-

''ସୁମରଣା କଲେ ମନେ ଶ୍ରୀ ଦୁର୍ଗାମାଧବ
ଆହେ ଚକ୍ରଧର ତୁମ୍ଭେ ସୁଗତି ବାନ୍ଧବ ।''
''ଦଧିବାବନ ଆବର ଲକ୍ଷ୍ମୀନାରାୟଣ
ଦୁର୍ଗାମାଧବ ନାମକୁ କରିଲେ ସ୍ମରଣ ।''

ଦୁର୍ଗା ଓ ମାଧବଙ୍କର ଏକତ୍ର ପୂଜା ଓଡ଼ିଶାରେ ଚଳେ । ''ନୀଳାଦ୍ରି ମହୋଦୟ'' ଗ୍ରନ୍ଥରେ ଦୁର୍ଗାମାଧବ ପୂଜାର ବିଧାନ ଦେଖାଯାଏ । ଜଗନ୍ନାଥ ମନ୍ଦିରରେ ଜଗନ୍ନାଥଙ୍କ ଭୋଗ ଦେବୀ ବିମଳାଙ୍କୁ ସମର୍ପିତ ହେବା ପରେ 'ମହାପ୍ରସାଦ' ନାମ ପାଏ ।''[୧୧]

ନାଥ ଧର୍ମ

ଓଡ଼ିଶା ଇତିହାସରୁ ଅଧ୍ୟୟନ କଲେ ଜଣାଯାଏ ଯେ କେଶରୀ ବଂଶର ଅବସାନ ପରେ ଶୈବ ଧର୍ମ ମ୍ଳାନ ହୋଇଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶୈବଧର୍ମ ନାଥଯୋଗୀ ସମ୍ପ୍ରଦାୟ ମାଧ୍ୟମରେ ଭାରତରେ ବିଶେଷ ପ୍ରସାର ଲାଭ କରିଥିଲା । ସେମାନେ ଶିବଙ୍କୁ ତାଙ୍କ ସମ୍ପ୍ରଦାୟର ପ୍ରବର୍ତ୍ତକ ଆଦିନାଥ ବୋଲି ମାନନ୍ତି । କିନ୍ତୁ ପ୍ରକୃତ ପକ୍ଷରେ ଏହି ସମ୍ପ୍ରଦାୟ ପ୍ରଥମ ଗୁରୁ ହେଉଛନ୍ତି ଗୋରଖନାଥ । ସେ ଯୋଗସାଧନା, ବିଶେଷତଃ ହଠଯୋଗ ଉପରେ ଗୁରୁତ୍ୱ ଦେଉଥିଲେ । ଏକାଦଶ ଓ ଦ୍ୱାଦଶ ଶତାବ୍ଦୀରେ ଭକ୍ତି ଆନ୍ଦୋଳନର ପ୍ରଭାବ ଦକ୍ଷିଣ ଭାରତରେ ପ୍ରବଳ ହେଲା । ସେତେବେଳେ ସେଠାର ଶୈବମାନଙ୍କ ମଧ୍ୟରେ ଯୋଗ ସ୍ଥାନରେ ଭକ୍ତି ସ୍ଥାନ ପାଇଲା, କିନ୍ତୁ ଉତ୍ତରଭାରତରେ ଯୋଗସାଧନାର ମହତ୍ତ୍ୱ ପୂର୍ବ ପରି ବିଦ୍ୟମାନ ଥିଲା ।

ପଞ୍ଚଦଶ ଶତାବ୍ଦୀର ଉତ୍କଳରେ ନାଥ ପନ୍ଥାର ପ୍ରଭାବ ଥିବାର ଜଣାଯାଏ । ଉତ୍ତର ଭାରତର ଯୌଗିକ ପନ୍ଥାର ଆଦର ସେତେବେଳେ ଉତ୍କଳରେ ଥିଲା । ସାରଳା ଦାସଙ୍କ ମହାଭାରତରୁ ଏହାର ସଂକେତ ମିଳେ । କବି ନାଥଯୋଗୀଙ୍କ ଭଳି ଶିବଙ୍କୁ ଆଦିନାଥ ଓ ଯୋଗୀ ବୋଲି ସ୍ତୁତି କରିଅଛନ୍ତି ।

---

୧୦. ମହାରଣା, ଉର୍ମିଳା, ଶ୍ରୀମନ୍ଦିରରେ ବାରମାସରେ ତେର ପର୍ବ, ଭୁବନେଶ୍ୱର: ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ୨୦୧୫, ପୃ. ୨୨୭-୨୨୮

୧୧. ରଥ, ଦୀନବନ୍ଧୁ, ସାରଳା ମହାଭାରତରେ ସାମାଜିକ ଜୀବନ, ପୃ. ୨୦୬-୨୦୭

''ଆଦିନାଥ ତୁ ଈଶାନ ଜଗତର ଗୁରୁ
କଳିମଳ ଧ୍ୱଂସିବାକୁ ତୁହିଁ ଚିନ୍ତା କରୁ
''ଯୋଗାରୂଢ଼ ପୁରୁଷ ତୁ ନ ଇଚ୍ଛିଲୁ କିଛି
ଯୋଗଲୟକୁ କେବଳ ଘେନିଲୁ ତୁ ବାଛି ।''

ନାଥ ସମ୍ପ୍ରଦାୟର ପ୍ରବର୍ତ୍ତକଙ୍କ ନାମ ଗୋରଖନାଥ । ନାଥ ଯୋଗୀମାନେ ତନ୍ତ୍ର ସାଧକ ଥିଲେ । ଶିଶୁବେଦ ହେଉଛି ଏହି ଧର୍ମର ମୁଖ୍ୟ ଗ୍ରନ୍ଥ । କେତେକ ପଣ୍ଡିତଙ୍କ ମତରେ ଶିବ ହେଉଛନ୍ତି ଶିଶୁବେଦର ଜନ୍ମଦାତା ।''[୧୨] ଏହି ଗ୍ରନ୍ଥ ଯୁଗ ଯୁଗ ଧରି ସନ୍ଥ କବିମାନଙ୍କର ଲେଖନୀକୁ ପ୍ରଭାବିତ କରିଛି । ଦ୍ୱାଦଶ ଶତାବ୍ଦୀ ବେଳକୁ ଅର୍ଥାତ୍ ବୌଦ୍ଧଗାନ ବା ଚର୍ଯ୍ୟାଯୁଗର ଶେଷ ଓ ସାରଳା ଦାସଙ୍କ ଆବିର୍ଭାବ କାଳ ମଧ୍ୟରେ ଅର୍ଥାତ ଦ୍ୱାଦଶ ଶତାବ୍ଦୀ ବେଳକୁ ଓଡ଼ିଶାର ପୁରପଲ୍ଲୀରେ ନାଥଧର୍ମ ଲୋକପ୍ରିୟତା ଅର୍ଜନ କରିସାରିଥିଲା । ପଞ୍ଚସଖା ଅର୍ଥାତ୍ ବଳରାମ, ଜଗନ୍ନାଥ, ଯଶୋବନ୍ତ ପ୍ରଭୃତି ଏହି ନାଥ ଧର୍ମ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ଥିଲେ । ଯଶୋବନ୍ତ ଦାସଙ୍କର 'ଟୀକା ଗୋବିନ୍ଦଚନ୍ଦ୍ର' ଏହି ନାଥ ଯୋଗୀମାନଙ୍କ ଏକ ଅନବଦ୍ୟ ସାହିତ୍ୟିକ ଓ ଧାର୍ମିକ କୃତି । ସାରଳା ଦାସଙ୍କ ପରେ ପରେ ନାଥ ଧର୍ମ, ଶୈବ ଧର୍ମ ଆଦି ଜଗନ୍ନାଥ ଧର୍ମରେ ସମ୍ମିଶ୍ରିତ ହୋଇଥିବାର ସୂଚନା ସାରଳା ମହାଭାରତରୁ ମିଳିଥାଏ ।

ଗାଣପତ୍ୟ ଉପାସନା ଓ ଶ୍ରୀଜଗନ୍ନାଥ

''ପୌରାଣିକ ଯୁଗରେ ଭାରତବର୍ଷରେ ଯେଉଁ ପଞ୍ଚଦେବତା ମୁଖ୍ୟ ସ୍ଥାନ ଲାଭ କରିଥିଲେ, ତନ୍ମଧ୍ୟରେ ଶିବପୁତ୍ର ଗଣେଶ ଅନ୍ୟତମ । ପୁରାଣରେ ଗଣେଶଙ୍କୁ ବିଘ୍ନନାଶନ ଓ ଗଣାଧିପତି ଆଖ୍ୟା ପ୍ରଦାନ କରାଯାଇଛି । ପୁରାଣକାର କହନ୍ତି ଯେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଗଣେଶ ରୂପରେ ଆବିର୍ଭୂତ ହୋଇଥିଲେ । ପୁରାଣରେ ତାହାଙ୍କୁ ଲମ୍ବୋଦର, ଗଜାନନ, ଏକଦନ୍ତ ଏବଂ ଶିଶୁ, ଦେବତା ତଥା ସାରା ଜଗତର ଅଗ୍ରପୂଜ୍ୟ ଦେବତା ବୋଲି ସ୍ତୁତି କରାଯାଇଅଛି ।

ପଞ୍ଚଦଶ ଶତାବ୍ଦୀର ଉତ୍କଳରେ ଗାଣପତ୍ୟ ଧର୍ମର ପ୍ରଭାବ ଥିଲା । କବି ସାରଳା ଦାସଙ୍କ ସମସ୍ତ ରଚନାରୁ ଗଣେଶଙ୍କର ବହୁ ସ୍ତୁତି ଉପଲବ୍ଧିରୁ ଏହା ଅବଧାରିତ ହୁଏ । କବି ତାହାଙ୍କୁ ଯୋଗୀଶ୍ରେଷ୍ଠ, ମହାବ୍ରହ୍ମ, ଲୋକେଶ, ସର୍ବଜ୍ଞ, ବିଘ୍ନରାଜ, ମଙ୍ଗଳଦାତା, ଅମଙ୍ଗଳନାଶକାରୀ, ସିଦ୍ଧିଦାତା, ଅଗ୍ରପୂଜ୍ୟ, ଗଜାନନ, ଲମ୍ବୋଦର ଓ ନୃତ୍ୟପ୍ରିୟ ବୋଲି ସ୍ତୁତି କରିଯାଇଛନ୍ତି । ଯଥା-

''ଜୟ ଜୟ ଦଧିମଙ୍ଗଳ ହେ ବିଘ୍ନରାଜ
ଯାହାର ପ୍ରସନ୍ନେ ସିଦ୍ଧ ହୁଏ ସର୍ବ କାର୍ଯ୍ୟ ।
ଅମଙ୍ଗଳନାଶକାରୀ ଜୟ ଗଜାନନ
ଯୋଗେଶ ପରମାନନ୍ଦ ପାର୍ବତୀ ନନ୍ଦନ ।
ଶଙ୍ଖ-ଚକ୍ର-ପଦ୍ମଧର ଶ୍ରୀ ଦଧିବାମନ
ମଙ୍ଗଳ ବରଦ ତୁ ସର୍ବଜ୍ଞ ଗଜାନନ ।
ମହାବ୍ରହ୍ମ ଲୋକେଶ ସିନ୍ଦୂରେ ମୁଖ ଶୋଭେ
ଅଗ୍ରପୂଜ୍ୟ ସର୍ବଦା ବନ୍ଦିତ ସର୍ବଦେବେ ।
ଜୟ ଜୟ ଦେବାସୁର ସିଦ୍ଧ ଲମ୍ବୋଦର
ଜୟ ତୁ ଜୟ ତୁ ଦେବ ସର୍ବବିଘ୍ନହର ।'' (ସାରଳା ମହାଭାରତ)

୧୨. ମହାନ୍ତି, ବଂଶୀଧର, ଓଡ଼ିଆ ସାହିତ୍ୟର ଇତିହାସ (୧ମ) (ପ୍ରାକ ସାରଳା ସାହିତ୍ୟ), କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୮୪, ପୃ. ୧୬୫ ।

ସାରଳା ଦାସ ଗଣେଶଙ୍କ ଠାରେ ରୋଗନାଶକାରୀ ଶକ୍ତି ଆରୋପ କରିଛନ୍ତି । ସେ ମଧ୍ୟ ପୁତ୍ରହୀନଙ୍କୁ ପୁତ୍ରଦାନ କରିଥାନ୍ତି । ମଧ୍ୟଯୁଗୀୟ ଉତ୍କଳରେ ଗଣେଶ ପୂଜିତ ହେଉଥିବାର ବୃତ୍ତାନ୍ତ ଶିଳା ଶିଳ୍ପ ତଥା ଅନ୍ୟାନ୍ୟ ଲେଖାରୁ ଜଣାଯାଏ । ଭୁବନେଶ୍ୱରର ପର୍ଶୁରାମ ମନ୍ଦିରଗାତ୍ରରେ ଶିବ, ପାର୍ବତୀ, କାର୍ତ୍ତିକେୟ ଓ ଦୁର୍ଗାଙ୍କ ସହିତ ଗଣେଶଙ୍କ ମୂର୍ତ୍ତି ଖୋଦିତ ହୋଇଥିବାରୁ ଏହା ପ୍ରତିପାଦିତ ହୋଇଥାଏ ।

ପ୍ରକାଶ ଥାଉ କି ଗଣେଶଙ୍କ ପୂଜା ଅର୍ଚ୍ଚନା ଧୀରେ ଧୀରେ ଜଗନ୍ନାଥ ଧର୍ମରେ ସମନ୍ୱିତ ହୋଇଥିଲା । ''ଗାଣପତ୍ୟମାନେ ଜଗନ୍ନାଥଙ୍କୁ ଗଣେଶ ଭାବରେ ଭକ୍ତି କରିଥାନ୍ତି । ପ୍ରତିବର୍ଷ ଶ୍ରୀକ୍ଷେତ୍ରରେ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ସକାଳୁ ଜଗନ୍ନାଥ, ସୁଭଦ୍ରା, ବଳଭଦ୍ର ଓ ସୁଦର୍ଶନଙ୍କୁ ସ୍ନାନବେଦୀକୁ ଅଣାଯାଇ ସ୍ନାନ କରାଯାଏ । ସେଦିନ ଠାକୁରମାନେ ଗଣେଶ ବେଶ ହୁଅନ୍ତି । ଗଣଦେବତା ଜଗନ୍ନାଥଙ୍କର ଏହି ଗଣନାଥ ବା ଗଜାନନ ବେଶ ସମ୍ପର୍କରେ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି । ମହାରାଷ୍ଟ୍ରର ଗଣପତିଭଟ୍ଟ ଥିଲେ ପରମ ଗାଣପତ୍ୟ । ଏକଦା ସେ ପୁରୀ ଆସି ସ୍ନାନ ମଣ୍ଡପରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ । କିନ୍ତୁ ତାଙ୍କ ଠାରେ ଗଜବଦନ ଗଣେଶଙ୍କୁ ନ ଦେଖି ତାଙ୍କୁ ବ୍ରହ୍ମ ବୋଲି ବିଶ୍ୱାସ କଲେ ନାହିଁ । ତାଙ୍କର ଧାରଣା ଥିଲା ଯେ, ଯାହାଙ୍କର ଗଜାନନ ନାହିଁ, ସେ ବ୍ରହ୍ମ ନୁହନ୍ତି । ସେ ନିରାଶା ଓ କ୍ଷୋଭରେ ନିଜ ରାଜ୍ୟକୁ ଫେରି ଯାଉଥିଲେ । କିନ୍ତୁ ବାଟରେ ଶୂନ୍ୟବାଣୀ ଶୁଣି ସେ ପୁନଶ୍ଚ ପୁରୀ ଫେରି ଆସି ଦେଖନ୍ତି ଯେ ସ୍ନାନମଣ୍ଡପ ଉପରେ ବିରାଜିତ ଠାକୁରମାନେ ଆଉ କେହି ନୁହନ୍ତି, ତାଙ୍କର ପରମ ଆରାଧ୍ୟ ଗଜାନନ ଗଣେଶ ।''[୧୩] ଏହି କଥାରେ ଗଣେଶ ଓ ଶ୍ରୀଜଗନ୍ନାଥ ଏକ ଓ ଅଭିନ୍ନ ବୋଲି ପ୍ରମାଣିତ ହୋଇଥାଏ । ସେହିପରି ବର୍ତ୍ତମାନ ଶିବ ଓ ଜଗନ୍ନାଥଙ୍କ ଏକତ୍ୱ ଚେତନା ସମ୍ପର୍କରେ ବିଚାର କରାଯାଉ ।

ଶୈବଧର୍ମ : ଶ୍ରୀଜଗନ୍ନାଥ

''ଶିବ ଆର୍ଯ୍ୟେତର ଦେବତା ହେଲେ ମଧ୍ୟ ବୈଦିକ ରୁଦ୍ର ଶିବଙ୍କ ସହିତ ସମଧର୍ମୀ ହୋଇ ଖ୍ରୀ.ପୂ. ୨ୟ ଶତାବ୍ଦୀ ବେଳକୁ ଭାରତୀୟ ସଂସ୍କୃତିରେ ଲୋକପ୍ରିୟ ହୋଇ ଉଠିଥିଲେ ।[୧୪] ଏହି ଧର୍ମ ହେଉଛି ଭାରତର ଅତି ପ୍ରାଚୀନ ଧର୍ମ । ୧୩ଶ ଶତାବ୍ଦୀରୁ ଶ୍ରୀଜଗନ୍ନାଥଙ୍କୁ ବିଷ୍ଣୁ ଭାବରେ ପରିକଳ୍ପନା କରାଯାଏ । ସେମାନଙ୍କୁ ପୁଣି ଶିବ, ବ୍ରହ୍ମା ଓ ବିଷ୍ଣୁ ଭାବରେ ମଧ୍ୟ ନାମିତ କରାଯାଏ । ଓଡ଼ିଶାରେ ଜୈନ ଓ ବୌଦ୍ଧଧର୍ମର ପ୍ରସାର ପୂର୍ବରୁ ଲିଙ୍ଗ ଉପାସନା ଲୋକପ୍ରିୟ ଥିଲା ।''[୧୫] ଆଲୋଚକ ମାୟାଧର ମାନସିଂହଙ୍କ ମତରେ ଜଗନ୍ନାଥ ମୂଳତଃ ଏକ ଶିବ ଲିଙ୍ଗ ଥିଲେ । ନୀଳ ମୁଗୁନି ପଥରରେ ନିର୍ମିତ ଏହି ଶିବ କାଳକ୍ରମେ ଶବରମାନଙ୍କ ଦ୍ୱାରା ନୀଳମାଧବ ଭାବରେ ପୂଜା ପାଇଲେ । ପୂର୍ବ ଭାରତରେ ଖ୍ରୀ.ପୂ ପ୍ରଥମ ଶତାବ୍ଦୀରେ ସୁଙ୍ଗ ରାଜତ୍ୱ କାଳରେ ଶୈବ ଧର୍ମର ଅଭ୍ୟୁତ୍‌ଥାନ ଘଟିଥିଲା । ଅସନପାଟ ଓ ସୀତାବିଞ୍ଜି ପ୍ରଭୃତିରେ ଓଡ଼ିଶାର ପ୍ରାଚୀନତମ ଶୈବ ସ୍ଥାପତ୍ୟ ଦେଖିବାକୁ ମିଳେ । ଭୁବନେଶ୍ୱରରେ ଲିଙ୍ଗରାଜ ଉପାସନା ବହୁ ପ୍ରାଚୀନ । ୭ମ ଶତାବ୍ଦୀରେ ଶଶାଙ୍କ ଭୁବନେଶ୍ୱରରେ ଯେଉଁ ତ୍ରିଭୁବନେଶ୍ୱରଙ୍କୁ ପ୍ରତିଷ୍ଠା କରିଥିଲେ, ତାହା ଲିଙ୍ଗରାଜ ବୋଲି ଅନୁମାନ କରାଯାଇପାରେ । ଅଷ୍ଟମ ଶତାବ୍ଦୀ ବେଳକୁ ବୌଦ୍ଧ ଓ ଶୈବ ମଧ୍ୟରେ ସଂଯୋଗ ଘଟିଥିବା ଲକ୍ଷ୍ୟ କରାଯାଏ । ଫଳରେ ଉଭୟ ଧର୍ମରେ ତନ୍ତ୍ରର ଅନୁପ୍ରବେଶ ଘଟିଅଛି । ବୌଦ୍ଧ ଓ ଶୈବ ଉଭୟ ଧର୍ମ ଯେତେବେଳେ ଜଗନ୍ନାଥଙ୍କ ମଧ୍ୟରେ ସମ୍ମିଶ୍ରିତ ହୋଇଛନ୍ତି, ସେତେବେଳେ ଜଗନ୍ନାଥ ଧର୍ମ ମଧ୍ୟରେ ତାନ୍ତ୍ରିକତା ସ୍ଥାନ ପାଇଛି । ଜଗନ୍ନାଥ ମହାଭୈରବ ଭାବରେ କଳ୍ପିତ ହୋଇଛନ୍ତି ଓ ଭୈରବ ମନ୍ତ୍ରରେ ପୂଜିତ ହୋଇଛନ୍ତି । ତନ୍ତ୍ରମନ୍ତ୍ରରେ ବିମଳା ହେଉଛନ୍ତି ତାଙ୍କର ଶକ୍ତି । ତେଣୁ ସେ ଭୈରବୀ ଭାବରେ ପୂଜା ପାଉଛନ୍ତି । ଉତ୍କଳୀୟ ସଂସ୍କୃତି ଓ ସାହିତ୍ୟରେ ଶିବ ଓ ଶ୍ରୀଜଗନ୍ନାଥଙ୍କ

---

୧୩. ସାହୁ, ବାସୁଦେବ, ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା, ପୃ.୮୧

୧୪. ତତ୍ରୈବ, ପୃ.୭୮

୧୫. ମହାରଣା, ଉର୍ମିଳା, ଶ୍ରୀମନ୍ଦିରରେ ବାରମାସରେ ତେରପର୍ବ, ପୃ.୨୨୮

ବଡ଼ଭାଇ ବଳଭଦ୍ରଙ୍କ ମଧ୍ୟରେ ଅଭିନ୍ନତ୍ୱ କଳ୍ପନା କରାଯାଇଛି । ଶିବଙ୍କୁ ଦଣ୍ଡ ମହାପ୍ରଭୁ ରୂପେ ପୂଜା କରାଯାଏ । ପୁରୀ ମନ୍ଦିରରେ ପୂଜିତ 'ସୁଦର୍ଶନ' ସ୍ତମ୍ଭ ବା ଦଣ୍ଡ ରୂପରେ ବିରାଜିତ । ଏହି ସୁଦର୍ଶନ ଏକଦା ଶିବରୂପୀ ବଳଭଦ୍ରଙ୍କର ଆୟୁଧ ରୂପେ ଅଥବା ସ୍ୱୟଂ ଶିବ ରୂପେ ପୂଜା ପାଉଥିବାର ସମ୍ଭାବନାକୁ ଏଡ଼ାଇ ହେବ ନାହିଁ । ପୁରୀ ଜଗନ୍ନାଥ ମନ୍ଦିରସ୍ଥ ଭୋଗମଣ୍ଡପର ଉତ୍ତର ପୂର୍ବ କୋଣରେ ଉପରକୁ ଥିବା ଏକ କ୍ଷୁଦ୍ର ଫଳକରେ ଶିବଲିଙ୍ଗ, ଦୁର୍ଗା ଓ ଜଗନ୍ନାଥଙ୍କର ମୂର୍ତ୍ତି ରହିଛି । ଚତୁର୍ଦ୍ଧା ମୂର୍ତ୍ତି ଏକ ମୂର୍ତ୍ତିର ଭିନ୍ନ ଭିନ୍ନ ରୂପ ବୋଲି ବିଭିନ୍ନ ସ୍ଥାନରେ ଉଲ୍ଲେଖ ରହିଛି । ତହିଁରୁ ପ୍ରତିପନ୍ନ ହୁଏ ଯେ ଜଗନ୍ନାଥ, ସେ ସୁଭଦ୍ରା । ସେ ସୁଦର୍ଶନ ଓ ସେ ମଧ୍ୟ ବଳଭଦ୍ର । ତେଣୁ ଶିବଙ୍କ ସହିତ ଜଗନ୍ନାଥଙ୍କର ସମ୍ପର୍କ ଅତି ପ୍ରାଚୀନ ।''[୧୬]

ବୈଷ୍ଣବ ଧର୍ମ ଓ ଶ୍ରୀଜଗନ୍ନାଥ

''ବୈଷ୍ଣବ ଧର୍ମର ପ୍ରାଚୀନ ନାମ ଭାଗବତ ଧର୍ମ । ଏହି ଭାଗବତ ଧର୍ମର ପ୍ରଧାନ ଉପାସ୍ୟ ଦେବତା ଥିଲେ ବାସୁଦେବ । ଭାଗବତ ଧର୍ମ ପ୍ରଥମେ ବୃଷ୍ଣିବଂଶୀୟ ସାତ୍ୱତ ନାମକ କ୍ଷତ୍ରିୟ ଜାତିରେ ସୀମିତ ଥିଲା । ବ୍ରାହ୍ମଣ୍ୟ ଧର୍ମରେ ପ୍ରଚଳିତ ହିଂସା ପ୍ରଧାନ ଯଜ୍ଞର ବିରୋଧ ଖ୍ରୀଷ୍ଟପୂର୍ବ ୬୦୦ ଅବ୍ଦରେ ବି ହୋଇଥିଲା । ତାହା ପୂର୍ବରୁ ଭାଗବତ ଧର୍ମ ଥିଲା; କିନ୍ତୁ ପ୍ରସାର ଲାଭ କରିପାରିନଥିଲା । ଜୈନ ଓ ବୌଦ୍ଧ ଧର୍ମର ପ୍ରାବଲ୍ୟ ଦେଖି ବ୍ରାହ୍ମଣମାନେ ଭାଗବତ ଧର୍ମକୁ ଗ୍ରହଣ କରିନେଲେ ଏବଂ ତାହାକୁ ବୈଷ୍ଣବ ବା ନାରାୟଣ ଧର୍ମ ରୂପରେ ସଂଗଠନ କଲେ । ସଂସ୍କୃତ ମହାଭାରତରେ ବାସୁଦେବଙ୍କୁ ବିଷ୍ଣୁଙ୍କ ଠାରୁ ଅଭିନ୍ନ ଏବଂ ଶ୍ରୀକୃଷ୍ଣଙ୍କୁ ଦ୍ୱିତୀୟ ବାସୁଦେବ ବା ବାସୁଦେବଙ୍କର ଅବତାର ରୂପରେ ସ୍ୱୀକାର କରାଗଲା । ଏହିଭଳି ପୁରାଣ ମାଧ୍ୟମରେ ସାତ୍ୱତ ଜାତିର କୁଳ ଦେବତା ବାସୁଦେବ ଲୋକଦେବତାରେ ପରିଣତ ହେଲେ । ଭାଗବତ ଧର୍ମ କ୍ରମଶଃ ଲୋକଧର୍ମର ରୂପ ଲାଭ କଲା । ଗୁପ୍ତ ରାଜାମାନଙ୍କ ରାଜତ୍ୱ କାଳରେ ୪ର୍ଥ ବା ୫ମ ଶତାବ୍ଦୀରେ ଭାଗବତ ଧର୍ମ ବୈଷ୍ଣବ ଧର୍ମରେ ପରିଣତ ହେଲା ।''[୧୭]

ଦକ୍ଷିଣ ଭାରତରେ ବିଷ୍ଣୁଙ୍କର ଅନେକ ଭକ୍ତ ରହିଥିଲେ । ସେମାନଙ୍କ ମତରେ ବିଷ୍ଣୁ, ବାସୁଦେବ, ନାରାୟଣ ଅଥବା ତାଙ୍କର ଅବତାର ରାମ ଓ କୃଷ୍ଣଙ୍କ ପ୍ରତି ଯଥେଷ୍ଟ ମାତ୍ରାରେ ପ୍ରେମ ଭାବ ପୂର୍ଣ୍ଣ ଭକ୍ତି ରହିଥିଲା । ଶ୍ରୀରାମାନୁଜାଚାର୍ଯ୍ୟ ଏକାଦଶ ଶତାବ୍ଦୀରେ ଆର୍ବିଭୂତ ହୋଇ ଲକ୍ଷ୍ମୀ ନାରାୟଣଙ୍କୁ ପ୍ରଧାନ ଉପାସ୍ୟ ଦେବତା ରୂପରେ ପ୍ରତିଷ୍ଠା କରିଥିଲେ । ପ୍ରକାଶ ଥାଉ କି ଦକ୍ଷିଣ ଭାରତରେ ପ୍ରଥମେ ବୈଷ୍ଣବ ଧର୍ମ ମାଧ୍ୱାଚାର୍ଯ୍ୟ, ନିମ୍ବାର୍କ ଓ ବିଷ୍ଣୁସ୍ୱାମୀଙ୍କ ଭଳି ପ୍ରଚାରକମାନଙ୍କ ଚେଷ୍ଟାରେ ଦଶମରୁ ଏକାଦଶ ଶତାବ୍ଦୀ ମଧ୍ୟରେ ସୁଦୃଢ଼ ହୁଏ । ଏହି ଧର୍ମ ପ୍ରାୟ ୧୪ଶ ଶତାବ୍ଦୀରେ ଉତ୍ତର ଭାରତକୁ ପ୍ରସାର ଲାଭ କରେ । କ୍ରମଶଃ ରାମାନନ୍ଦ, କବୀର, ତୁଳସୀ ଦାସ, ବଲ୍ଲଭା ଆଚାର୍ଯ୍ୟ ଓ ଶ୍ରୀନିବାସାଚାର୍ଯ୍ୟ ପ୍ରଭୃତିଙ୍କ ମାଧ୍ୟମରେ ଏହି ଧର୍ମ ଲୋକପ୍ରିୟ ହୋଇ ଉଠିଥିଲା । ସ୍ୱାମୀ ରାମାନନ୍ଦ ହିଁ ସୀତାରାମ ଉପାସନାର ପ୍ରବର୍ତ୍ତନ କରିଥିଲେ ।

ସେହି ସମୟରେ ଉତ୍କଳୀୟ ସମାଜରେ ପଞ୍ଚସଖା ଯୋଗପିଣ୍ଡିତ ସାଧନାରେ ବିଷ୍ଣୁ ମିଳିପାରିବେ ବୋଲି ପ୍ରଚାର କରୁଥିଲେ । ସ୍ୱକୀୟା ଓ ପରକୀୟା ପ୍ରେମ ମଧ୍ୟରୁ ଓଡ଼ିଶାର ବୈଷ୍ଣବ ସମ୍ପ୍ରଦାୟ ସ୍ୱକୀୟା ପ୍ରୀତିକୁ ବିଶେଷ ପ୍ରାଧାନ୍ୟ ଦେଉଥିଲେ । ଏଣୁ ସାରଳା ଦାସ ଜଗନ୍ନାଥଙ୍କୁ ମୁଖ୍ୟତଃ ଲକ୍ଷ୍ମୀପତି ଭାବରେ ପ୍ରତିଷ୍ଠା କରିଥିଲେ । ଏପରିକି ସେ ସମୟରେ ବାସୁଦେବ ଉପାସନା ମଧ୍ୟ ଓଡ଼ିଶାରେ ପ୍ରଚଳିତ ଥିଲା, ଯାହାକି ସାରଳା ଦାସଙ୍କ ମହାଭାରତରୁ ପ୍ରମାଣିତ ହୁଏ । ସେହିପରି ବିଷ୍ଣୁ ତଥା ଶ୍ରୀକୃଷ୍ଣଙ୍କୁ 'ମାଧବ' ରୂପରେ ଓଡ଼ିଶାରେ ଉପାସନା କରାଯାଉଥିବାର ଜଣାଯାଏ । ପ୍ରାଚୀନଦୀର ଉଭୟ କୂଳରେ ଥିବା ଗ୍ରାମମାନଙ୍କରେ ବହୁ ଚତୁର୍ଭୁଜଯୁକ୍ତ ବିଷ୍ଣୁ ମୂର୍ତ୍ତି ଦେଖାଯାନ୍ତି । ଉତ୍କଳରେ ସେ କାଳରେ ରାମାନନ୍ଦଙ୍କ ପ୍ରଭାବରେ ରାମୋପାସନା ମଧ୍ୟ ପ୍ରଚଳିତ ଥିଲା । କବି ସାରଳା ଦାସ ତାଙ୍କର ଗ୍ରନ୍ଥଗୁଡ଼ିକରେ ରାମନାମର ମହିମା ପ୍ରଦର୍ଶନ ଛଳରେ କହନ୍ତି ଯେ ରାମ ନାମ ତ୍ରାଣକର୍ତ୍ତା ଏବଂ ଚତୁର୍ବର୍ଗଦାୟୀ ବ୍ରହ୍ମା ଓ ଶିବ ମଧ୍ୟ ସେହି ନାମ ଜପ କରିଥାନ୍ତି ।

---

୧୬. ସାହୁ, ବାସୁଦେବ, ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା, ପୃ.୭୮-୭୯

୧୭. ରଥ, ଦୀନବନ୍ଧୁ, ସାରଳା ମହାଭାରତରେ ସାମାଜିକ ଜୀବନ, ପୃଷ୍ଠା ୨୨୫

''ରାମନାମ ବେନି ଅଟେ ଯେ ତାରକ ମନ୍ତ୍ର
ଚଉବର୍ଗ କରଇ ସେ ଜନଙ୍କୁ ପ୍ରାପତ ।''
''ରାମର ନାମରେ ବ୍ରହ୍ମା ଦେହ ଶୁଦ୍ଧ କରି
ତ୍ରିପୁରାରୀ ଯେ ଅମର ସେ ନାମ ସୁମରୀ ।'' (ସା.ମ. ଆଦ୍ୟପର୍ବ ପୃ. ୨୬୨)

ଚତୁର୍ଦ୍ଦଶ/ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ବୈଷ୍ଣବ ଧର୍ମ ଜଗନ୍ନାଥ ଧର୍ମରେ ସମନ୍ୱିତ ହୋଇଯାଇଥିବାର ପରିଚୟ ସାରଳା ଦାସଙ୍କ ଲେଖନୀରୁ ମିଳେ । ଅବଶ୍ୟ ଉତ୍କଳରେ ଜଗନ୍ନାଥଙ୍କ ପ୍ରତିଷ୍ଠା ବହୁ ପ୍ରାଚୀନ । ବେଦକାଳରୁ ବିଷ୍ଣୁ ରୂପୀ ଜଗନ୍ନାଥ ଏଠାରେ ପୂଜା ପାଉଅଛନ୍ତି । ଋକବେଦର ପରିସମାପ୍ତି କାଳରୁ ଖ୍ରୀଷ୍ଟପୂର୍ବ ୧୦୦୦ ବର୍ଷ ବୋଲି ଧରାଯାଏ । ଋକ୍‌ବେଦର କେତେକ ସୂକ୍ତ ଖ୍ରୀଷ୍ଟପୂର୍ବ ୧୫୦୦ ବର୍ଷ ତଳେ ଲେଖାଯାଇଥିଲା । ଏହାର ଦଶମ ମଣ୍ଡଳ ଏକଶହ ପଞ୍ଚାବନ ସୂକ୍ତରେ ସମୁଦ୍ର ବକ୍ଷରେ ଭାସମାନ ଦାରୁବ୍ରହ୍ମଙ୍କର ବର୍ଣ୍ଣନା ମିଳେ । ଋକ୍‌ବେଦ ସଂହିତାର ପରିଶିଷ୍ଟରେ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ମହୋଦଧି ତୀରରେ ପ୍ରତିଷ୍ଠିତ ଥିବା କଥା କୁହାଯାଇଅଛି ।

''ଯନ୍ତ୍ର ଦେବୋ ଜଗନ୍ନାଥ ପରଂ ପାରଂ ମହୋଦଧେଃ
ବଳଭଦ୍ର ସୁଭଦ୍ରା ଚ ତନ୍ତ୍ର ମାମନୃତଂ କୃଧି ।''[୧୮]

କବି ସାରଳା ଜଗନ୍ନାଥଙ୍କୁ ନାରାୟଣ, ମାଧବ, ବାସୁଦେବ, ଭଗବାନ, କୃଷ୍ଣ, ଶ୍ରୀରାମ, କେଶବ, ହରି, ଗୋବିନ୍ଦ, ଜଗତକାରଣ, ସୃଷ୍ଟିକର୍ତ୍ତା, ମୁକ୍ତିଦାତା, ପୁରୁଷୋତ୍ତମ, ବନମାଳୀ, ପରମବ୍ରହ୍ମ ଆଦି ନାମରେ ସ୍ତୁତି କରିଅଛନ୍ତି ।

'ପୁରୁଷୋତ୍ତମ କ୍ଷେତ୍ର ତତ୍ତ୍ୱମ' ଗ୍ରନ୍ଥରେ ଜଗନ୍ନାଥଙ୍କୁ ପୂର୍ଣ୍ଣବ୍ରହ୍ମ ବୋଲି କୁହାଯାଇଅଛି । ଜଗନ୍ନାଥଙ୍କୁ ଦର୍ଶନ କଲେ ସାଯୁଜ୍ୟ ମୁକ୍ତି ମିଳେ ବୋଲି ଏହି ଗ୍ରନ୍ଥରେ ଉଲ୍ଲେଖ ହୋଇଅଛି ।

''ସମୁଦ୍ରସ୍ୟୋତ୍ତରେ ତୀରେ ଅସ୍ତି ଶ୍ରୀପୁରୁଷୋତ୍ତମେ ।
ପୂର୍ଣ୍ଣାନନ୍ଦମୟ ବହ୍ମ ଦାରୁବ୍ୟାଦ୍ୟାଶରୋରଭୂତ ॥''
''ନୀଳାଚଳେ ଜଗନ୍ନାଥଂ ଯେ ପଶ୍ୟନ୍ତି ଚ ମାନବାଃ ।
ତେଽପି ଯନ୍ତି ସାଯୁଜ୍ୟତାଂ ଯାନ୍ତି ନାତ୍ରା କାର୍ଯ୍ୟାବିଚାରଣା ।''

ବ୍ରହ୍ମପୁରାଣରେ ଜଗନ୍ନାଥ ପୁରୁଷୋତ୍ତମ, ବାସୁଦେବ ଓ ପରମାତ୍ମା । ସ୍କନ୍ଦ ପୁରାଣରେ ସେ ନାରାୟଣ, ବ୍ରହ୍ମସ୍ୱରୂପ ଓ ଭଗବାନ । ରାମବିଭା କାବ୍ୟର କବି ଅର୍ଜ୍ଜନ ଦାସ ତାଙ୍କୁ ପରମବ୍ରହ୍ମ ବୋଲି ଉଲ୍ଲେଖ କରିଯାଇଛନ୍ତି ।

ସାରଳା ଦାସ ଜଗନ୍ନାଥଙ୍କୁ ସମସ୍ତ ଅବତାରର ମୂଳ ବୋଲି ଦର୍ଶାଇ ଅଛନ୍ତି । କବିଙ୍କ ମତରେ ଜଗନ୍ନାଥ ହିଁ ଭିନ୍ନ ଭିନ୍ନ ଯୁଗରେ ଭିନ୍ନ ଭିନ୍ନ ରୂପ ଧାରଣ କରନ୍ତି । ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ବୁଦ୍ଧ, କଳ୍କୀ ଓ ଶ୍ରୀରାମାଦି ଅବତାର ଜଗନ୍ନାଥଙ୍କ ଠାରୁ ଜାତ । ପଞ୍ଚସଖା ଯୁଗର ସାହିତ୍ୟରେ ଜଗନ୍ନାଥଙ୍କୁ ସମସ୍ତ ଅବତାରର ମୂଳ ବା ଅବତାରୀ ରୂପରେ ଗ୍ରହଣ କରାଯାଇଛି ।[୧୯]

ଉପର୍ଯ୍ୟୁକ୍ତ ଆଲୋଚନାରୁ ଭାରତବର୍ଷର ବିଭିନ୍ନ ପ୍ରାନ୍ତରେ ପ୍ରଚଳିତ ଥିବା ବିଭିନ୍ନ ଧର୍ମଧାରା ସମ୍ପର୍କରେ ଏକ ସ୍ପଷ୍ଟ ଆଭାସ ଆମକୁ ମିଳିପାରିଛି । ସମସ୍ତ ପ୍ରକାରର ଧର୍ମ ଚେତନା ଓଡ଼ିଶାର ପୁରୁଷୋତ୍ତମ କ୍ଷେତ୍ରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ପୂଜିତ

୧୮. ତତ୍ରୈବ, ପୃ. ୨୩୪-୨୩୫ ।
୧୯. ତତ୍ରୈବ, ପୃ. ୨୩୫ ।

ଶ୍ରୀଜଗନ୍ନାଥଙ୍କ ଧର୍ମରେ ସମନ୍ୱିତ ହୋଇଥିବା କଥା ପ୍ରମାଣିତ ହୁଏ । ବୈଦିକ କାଳରୁ ପ୍ରଚଳିତ ଥିବା ଭାରତୀୟ ଆଧ୍ୟାତ୍ମିକ ଚେତନାରେ ଶ୍ରୀଜଗନ୍ନାଥ ଚେତନା ସମ୍ମିଳିତ ହେବା ଫଳରେ ଏକ ନୂତନ ସମୀକରଣ ହୋଇଥିବା ପରିଦୃଷ୍ଟ ହୁଏ । ଫଳରେ ଆଜି ଆମେ ବିଶ୍ୱରେ ଶ୍ରୀଜଗନ୍ନାଥ ଚେତନାରେ ଥିବା ମାନବିକ ଚେତନାର ବିକାଶ ହୋଇପାରିଛି । ଏହି ପ୍ରସଙ୍ଗରେ ଏଠାରେ ମତବ୍ୟକ୍ତ କରାଯାଇପାରେ ଯେ, ଆଜି ବିଶ୍ୱବାସୀଙ୍କ ମଙ୍ଗଳ କରିବା ପାଇଁ ପ୍ରତି ଦେଶରେ ଶ୍ରୀଜଗନ୍ନାଥ ଉପାସନା ନିମନ୍ତେ ହଜାର ହଜାର ମନ୍ଦିର ନିର୍ମାଣ ହୋଇଛି, ପୂଜା ଆରାଧନା ରୀତି-ନୀତି ଶ୍ରୀକ୍ଷେତ୍ର ଭଳି ସବୁଠି ହୋଇଛି । ଏପରିକି ବାରମାସରେ ତେର ଯାତ୍ରା ସମ୍ବଳିତ ଚେତନା ପୃଥିବୀର କୋଣ ଅନୁକୋଣରେ ଥିବା ଶ୍ରୀମନ୍ଦିରଗୁଡ଼ିକରେ ଦେଖିବାକୁ ମିଳେ । ସମ୍ପ୍ରତି ଏପରି କୌଣସି ଦେଶ ନାହିଁ ଯେଉଁଠି ରଥଯାତ୍ରା ହେଉନାହିଁ । ସେ ସବୁର କିଛି ଚିତ୍ର ଆମ୍ଭେ ଆମ୍ଭର ନିବନ୍ଧର ପରିଶିଷ୍ଟରେ ପ୍ରଦର୍ଶନ କରିଅଛୁ । ଜଗନ୍ନାଥ ଚେତନାର ପରିପ୍ରଚାର ଫଳରେ ଆଜି ବିଶ୍ୱରେ ବିଶ୍ୱମାନବିକ ଭାବ ସୃଷ୍ଟି ହୋଇପାରିଛି । ବିଶ୍ୱବାସୀଙ୍କ ମଙ୍ଗଳ ନିମନ୍ତେ, ବିଶ୍ୱ ଭ୍ରାତୃତ୍ୱ ଭାବ, ମଣିଷ ହୃଦୟରେ ସମାନତା, ବର୍ଣ୍ଣ ବୈଷମ୍ୟ ଭେଦ ଭାବ ଦୂର, ସମଗ୍ର ବିଶ୍ୱର ପତିତମାନଙ୍କୁ ଉଦ୍ଧାର ନିମନ୍ତେ ଶ୍ରୀକ୍ଷେତ୍ର ପରି ସବୁଠି ପତିତପାବନ ବାନା ଫରଫର ହୋଇ ଉଡ଼ିବାରେ ଲାଗିଛି । ଜଗନ୍ନାଥଙ୍କ ଚକ୍ଷୁଦ୍ୱୟରୁ ନିର୍ଗତ ହେଉଥିବା ଜ୍ୟୋତି ଧର୍ମନିରପେକ୍ଷବାଦର ପ୍ରଚାର କରୁଅଛି । ଏସବୁ କହିବାର ଉଦ୍ଦେଶ୍ୟ ହେଉଛି ଜଗତରେ ସଂହତି ଭାବ, ମଣିଷ ମଣିଷ ମଧ୍ୟରେ ଭ୍ରାତୃଭାବ, ପୁରୁଷ ଓ ନାରୀ ମଧ୍ୟରେ ସମାନତା ପ୍ରତି ଏକ ଚେତନାର ଉଦ୍ରେକ କରିବା । ବର୍ତ୍ତମାନ ନିମ୍ନରେ ଆମେ ପୃଥିବୀରେ ପ୍ରଚଳିତ ଖ୍ରୀଷ୍ଟ ଧର୍ମାବଲମ୍ବୀ ମାନବ ଗୋଷ୍ଠୀର କଲ୍ୟାଣ ନିମନ୍ତେ ଜଗନ୍ନାଥ ଚେତନା କିପରି କାର୍ଯ୍ୟ କରିଆସିଛି, ତାହା ଦେଖାଇ ଦେବା ପାଇଁ ଉଦ୍ୟମ କରାଯାଉଛି ମାତ୍ର ।

ଖ୍ରୀଷ୍ଟଧର୍ମ : ଶ୍ରୀଜଗନ୍ନାଥ

ମହାତ୍ମା ଯୀଶୁଖ୍ରୀଷ୍ଟ ବେଥଲହାମ୍ ଗ୍ରାମରେ ଜନ୍ମଗ୍ରହଣ କରି ଆଠ ନଅ ବର୍ଷ ବୟସରେ ନିଖୋଜ ହୋଇଯାଇଥିଲେ । ଐତିହାସିକ ଗବେଷକ ଓ ଦାର୍ଶନିକଙ୍କ ମତରୁ ଯୀଶୁ ଅଣତିରିଶ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ୨୦ ବର୍ଷ କାଳ ପ୍ରାଚୀନ କାଳର ଅଖଣ୍ଡ ଭାରତରେ ରହିଥିଲେ । ସେତେବେଳେ ଭାରତବର୍ଷରେ ବୁଦ୍ଧଦେବଙ୍କ ପ୍ରଚାରିତ ବୌଦ୍ଧଧର୍ମର ବିସ୍ତାର ହୋଇ ଚାଲିଥିଲା । ଏଣୁ ଯୀଶୁ ଜଣେ ଇହୁଦି ଭାବେ ଜନ୍ମ ନେଇଥିଲେ ମଧ୍ୟ ବୌଦ୍ଧଧର୍ମର ସାରତତ୍ତ୍ୱଗୁଡ଼ିକୁ ଆଲୋଚନା ମାଧ୍ୟମରେ ଗ୍ରହଣ କରିଥିଲେ । ବୌଦ୍ଧଧର୍ମର ଚାରି ଆର୍ଯ୍ୟ ସତ୍ୟ ଯଥା

କ. ଜଗତ ଦୁଃଖମୟ ।

ଖ. ଦୁଃଖର କାରଣ ଆଶା ।

ଗ. ଆଶାର ବିନାଶରେ ଦୁଃଖର ବିନାଶ ।

ଘ. ଦୁଃଖର ବିନାଶରେ ନିର୍ବାଣ ପ୍ରାପ୍ତି ।

ବୌଦ୍ଧଧର୍ମର ଏହି ନୀତିବାଣୀ ଯୀଶୁଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥିଲା । ଏହିପରି ଅବସ୍ଥାରେ ଭାରତର ବିଭିନ୍ନ ଅଂଶ ଅର୍ଥାତ୍ ସ୍ଥାନକୁ ସେ ପରିଭ୍ରମଣରେ ଯାଇଥିଲେ ବୋଲି କୁହାଯାଏ । ବୌଦ୍ଧଧର୍ମର ପୂର୍ବରୁ ସେତେବେଳେ ଏହି ପୁରୁଷୋତ୍ତମ କ୍ଷେତ୍ରରେ ଏକ ବାଲିକୁଦ ଉପରେ ମହାବେଦୀ ରହିଥିଲା । ସେଥିରେ ଯେଉଁ ଦେବତାଙ୍କୁ ପୂଜା କରାଯାଉଥିଲା, ସେ ଥିଲେ ପୁରୁଷୋତ୍ତମ । ସେତେବେଳର ଠାକୁର ଏବଂ ଏବର ଜଗନ୍ନାଥ ମଧ୍ୟରେ ଆକାଶ ପାତାଳର ପ୍ରଭେଦ ଥିଲା । ସେ ଥିଲେ ଚତୁର୍ଭୁଜ ବିଶିଷ୍ଟ ବିଷ୍ଣୁ ଯାହାଙ୍କ ପର ନାମ କୃଷ୍ଣ । ଏହି କୃଷ୍ଣ ହିଁ ମହାଭାରତର 'କୃଷ୍ଣ' । ସାମ୍ୟଭାବ, ସମଦୃଷ୍ଟି, ଉଚ୍ଚନୀଚ ବର୍ଗର ବିରୋଧୀ, କରୁଣାମୟ, ଉଦାରବାଦୀ ଆଦି ସମସ୍ତ ଗୁଣରେ ପୁରୁଷୋତ୍ତମ ସେତେବେଳେ ପୂଜା ପାଉଥିଲେ । ଯୀଶୁ ପୁରୁଷୋତ୍ତମ କ୍ଷେତ୍ରକୁ ଆସିଲାବେଳେ ପୁରୁଷୋତ୍ତମ କ୍ଷେତ୍ରରେ ରହିଥିବା ଭେଦାଭେଦ ନୀତିକୁ ଗ୍ରହଣ କରିନଥିଲେ । କିଛିଦିନ ସେ ଏହି କ୍ଷେତ୍ରରେ

ଅବସ୍ଥାନ କରି ପରେ ଭାରତର ଅନ୍ୟ ସ୍ଥାନ ଭ୍ରମଣ ଉଦ୍ଦେଶ୍ୟରେ ଚାଲିଯାଇଥିଲେ । ଏହି କାଳ୍ପନିକ ତଥ୍ୟକୁ ଆଧାର କରି ଆଲୋଚକ ଉମେଶ ପତ୍ରୀ ତାଙ୍କର 'ଯୀଶୁ ଓ ଜଗନ୍ନାଥ' ଗ୍ରନ୍ଥରେ ସୁନ୍ଦର ଭାବେ ଆଲୋଚନା କରାଯାଇଛନ୍ତି । ଏହି ତଥ୍ୟ ପରବର୍ତ୍ତୀ ସମୟରେ ବିବାଦୀୟ ମଧ୍ୟ ହୋଇଥିବା ଜଣାଯାଏ ।[୨୦]

ଲେଖକ ମହୋଦୟ ଉକ୍ତ ଗ୍ରନ୍ଥରେ ଯୀଶୁଙ୍କ ଦ୍ୱାରା ପ୍ରଚାରିତ ଖ୍ରୀଷ୍ଟଧର୍ମର ଗ୍ରନ୍ଥ ବାଇବଲ୍ ନୂତନ ସଂସ୍କରଣରେ ଦିଆଯାଇଥିବା ଉପଦେଶ ବାଣୀ ଓ ଜଗନ୍ନାଥ ଧର୍ମ ଓ ସଂସ୍କୃତିର ସାରତତ୍ତ୍ୱ ତୁଳନାତ୍ମକ ବିବରଣୀ ମାଧ୍ୟମରେ ପ୍ରଦାନ କରିଛନ୍ତି । ଏପରିକି ଶ୍ରୀଜଗନ୍ନାଥଙ୍କ ବର୍ତ୍ତମାନର ମୂର୍ତ୍ତି ଓ ଯୀଶୁ ମୃତ୍ୟୁବେଳର କାଠ ତିଆରି କ୍ରଶ୍ ମଧ୍ୟରେ ରହିଥିବା ସାମ୍ୟକୁ ଦୃଷ୍ଟାନ୍ତ ସ୍ୱରୂପ ପ୍ରଦାନ କରିଥିବା ଅନୁଭୂତ ହୁଏ । ବସ୍ତୁତଃ ଜଗନ୍ନାଥ ଧର୍ମ ଓ ଖ୍ରୀଷ୍ଟଧର୍ମର ବ୍ୟବହୃତ ଉତ୍କୃଷ୍ଟ ଉପଦେଶାବଳୀ ମଧ୍ୟରେ ରହିଥିବା ସାମଞ୍ଜସ୍ୟର ବହୁ ଉଦାହରଣ ପତ୍ରୀ ମହୋଦୟ ଉଲ୍ଲେଖ କରାଯାଇଛନ୍ତି । ''ସିଦ୍ଧାନ୍ତ ଓ ତତ୍ତ୍ୱତଃ ହିନ୍ଦୁ (ବୁଦ୍ଧ) ଧର୍ମ ସହ ଖ୍ରୀଷ୍ଟଧର୍ମର ଯେ ଏକ ନିବିଡ଼ ସମ୍ପର୍କ ଥିଲା, ତାହା ସର୍ବମାନ୍ୟ । ତେବେ ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ, ଯଦି ପ୍ରଭୁ ଯୀଶୁ ଭାରତକୁ ସ୍ୱ-ଯୌବନର ପ୍ରାକ୍ କାଳରେ ଆସିନଥିଲେ, ତେବେ ତାଙ୍କ ଜନ୍ମସ୍ଥାନରେ ସେ ହୁଏତ ବୌଦ୍ଧଧର୍ମ ସମ୍ପର୍କରେ ଆସିଛନ୍ତି । ଦୁଇଟି କଥା ମଧ୍ୟରୁ କୌଣସି ଗୋଟିଏ କଥାକୁ ଅବଶ୍ୟ ଆମେ ମାନିବାକୁ ବାଧ୍ୟ । ସେମାନଙ୍କୁ ଏହା ମାନିବାକୁ ପଡ଼ିବ ଯେ ଯୀଶୁ ହୁଏତ ତାଙ୍କ ଅଜ୍ଞାତ ଜୀବନ ଏସେନୈସ ମଠରେ ବିତାଇ ନିଜ ଜନ୍ମସ୍ଥାନକୁ ଫେରି ଆସିଥିଲେ । ସେଇ ମଠରେ ଥିବାବେଳେ ସେ ବୌଦ୍ଧଧର୍ମ ଓ କୃଷ୍ଣଙ୍କ ସମ୍ପର୍କରେ ଶୁଣିଛନ୍ତି । ନତୁବା ଯୀଶୁଙ୍କ ସୁସମାଚାରକଗଣ କୃଷ୍ଣଙ୍କ ଜୀବନ, କାର୍ଯ୍ୟ ଓ ବୁଦ୍ଧଙ୍କ ଦର୍ଶନ ମଧ୍ୟରେ ଏତେ ସମାନତା କେଉଁଠୁ ପାଇଥାନ୍ତେ ? ଭାରତୀୟ ଖ୍ରୀଷ୍ଟିୟାନ ବନ୍ଧୁମାନେ ଉଲ୍ଲସିତ ହେବା ଉଚିତ ଯେ ପ୍ରଭୁ ଯୀଶୁଙ୍କର ଭାରତଭୂମି ସହିତ ଥିଲା ଏକ ଆଧ୍ୟାତ୍ମିକ ସମ୍ପର୍କ । ଏହା କହିବା ଦ୍ୱାରା ହିନ୍ଦୁଧର୍ମ ଖ୍ରୀଷ୍ଟଧର୍ମକୁ 'କବଳିତ କରୁଛି' ନ କହି ହିନ୍ଦୁ ଖ୍ରୀଷ୍ଟିୟାନ ଭ୍ରାତୃତ୍ୱ ବନ୍ଧନକୁ ଆହୁରି ସୁଦୃଢ଼ କରିଛି ଏବଂ ଦୁଇ ଧର୍ମ ମଧ୍ୟରେ ମୈତ୍ରୀର ସେତୁ ନିର୍ମାଣ ହୋଇଛି ବୋଲି ଆମ୍ଭେମାନେ ଗର୍ବ ଓ ଗୌରବ ଅନୁଭବ କରିବା ଉଚିତ ।''[୨୧]

ଏହି ପ୍ରସଙ୍ଗରେ ଆମ୍ଭେ ଯୀଶୁ ଓ ଜଗନ୍ନାଥଙ୍କ ମଧ୍ୟରେ ରହିଥିବା ସାମଞ୍ଜସ୍ୟକୁ ପ୍ରଦର୍ଶନ କରିବାକୁ ଯାଉଅଛୁ । ଲେଖକ ଉମେଶ ପତ୍ରୀଙ୍କ 'ଯୀଶୁ ଓ ଜଗନ୍ନାଥ' ଗ୍ରନ୍ଥର ଭୂମିକାରେ ଆଚାର୍ଯ୍ୟ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଦେଇଥିବା ଅଭିମତରୁ ଏହା ସଂଗୃହୀତ ହୋଇଛି । ''କ୍ରୁଶ କାଷ୍ଠ, ଜଗନ୍ନାଥ ନିର୍ମିତ କାଷ୍ଠ ବିଗ୍ରହ ସହ ସାମଞ୍ଜସ୍ୟ ରକ୍ଷା କରେ । ଜଗନ୍ନାଥଙ୍କୁ ରଥରେ ଦେଖିଲେ ଜଣାପଡ଼ିବ ସତେ ଯେପରି ସେ କ୍ରୁଶବିଦ୍ଧ ଖ୍ରୀଷ୍ଟଙ୍କ ପରି ପାଟ ଦଉଡ଼ିରେ କ୍ରୁଶରେ ବନ୍ଧା ହୋଇଛନ୍ତି । ଠିକ୍ ସେହି ପ୍ରକାର ଖ୍ରୀଷ୍ଟ ବିଶ୍ୱାସୀମାନେ କ୍ରୁଶକୁ ଦାରୁଦେବତା ମନେ କରି କ୍ରୁଶ ଆଗରେ କେଣ୍ଡେଲ୍ ଜଳାନ୍ତି, ନୈବେଦ୍ୟ ଚଢ଼ାନ୍ତି ଓ ଭକ୍ତି ଗଦ୍‌ଗଦ୍ ହୋଇ ପ୍ରାର୍ଥନା କରିଥାନ୍ତି । କ୍ରୁଶ ପରି ଦେଖାଯାଉଥିବା ଦାରୁଦେବତା ଜଗନ୍ନାଥ, ହିନ୍ଦୁ ବିଚାର ଓ ଦର୍ଶନର ପ୍ରତୀକାତ୍ମକ ଅଭିବ୍ୟକ୍ତି ।

ଖ୍ରୀଷ୍ଟିୟାନମାନେ ଭୁଲିଯାଆନ୍ତି ଯେ ସେମାନଙ୍କ କ୍ରୁଶ ଏକ ଯନ୍ତ୍ରଣାର ପ୍ରତୀକ । କ୍ରୁଶରେ ପ୍ରଭୁ ଅସହାୟ ହୋଇ କ୍ରନ୍ଦନ କରିଛନ୍ତି ଓ ପରିଶେଷରେ ହତ ହୋଇଛନ୍ତି । କ୍ରୁଶକୁ ନେଇ କେହି ମଧ୍ୟ ଗର୍ବ କରିନପାରେ । ମହାତ୍ମାଗାନ୍ଧୀଙ୍କ ପାଇଁ ପୃଥିବୀ ଗର୍ବ କରିପାରେ କିନ୍ତୁ ମହାତ୍ମାଗାନ୍ଧୀଙ୍କୁ ହତ୍ୟା କରାଯାଇଥିବା ବନ୍ଧୁକ ପାଇଁ ନୁହେଁ । କେହି କହନ୍ତି ନାହିଁ ଯେ, ଏଇ ସେଇ ବନ୍ଧୁକ ଯେଉଁଥିରେ ନାଥୁରାମ ଗଡସେ ମହାତ୍ମାଗାନ୍ଧୀଙ୍କୁ ହତ୍ୟା କରିଥିଲା । ଏଣୁ ଏଇ ବନ୍ଧୁକଟିକୁ ନେଇ ପୂଜା କରିବା ବା ଗର୍ବ କରିବା ଉଚିତ । ଠିକ୍ ସେହିପରି ପ୍ରଭୁ ଯୀଶୁଙ୍କ ଆଚାର ଓ ବିଚାର ପାଇଁ ସମଗ୍ର ବିଶ୍ୱ ଗର୍ବ କରିବା ଉଚିତ, ତାଙ୍କୁ ହତ୍ୟା କରାଯାଇଥିବା ଶୂଳୀ କାଷ୍ଠ ବା ଯୂପ କାଷ୍ଠକୁ ନେଇ ନୁହେଁ । ଏସବୁ ଜାଣିବା ପରେ ମଧ୍ୟ ଖ୍ରୀଷ୍ଟ ବିଶ୍ୱାସୀମାନେ କ୍ରୁଶ କାଷ୍ଠକୁ ପରମେଶ୍ୱର ମନେ

୨୦. ପତ୍ରୀ, ଉମେଶ, ଯୀଶୁ ଓ ଜଗନ୍ନାଥ, ଭୁବନେଶ୍ୱର : ସତ୍ୟମ ପବ୍ଲିକେଶନ, ୨୦୧୧, ପୃଷ୍ଠା ୯୭-୧୩୪
୨୧. ତତ୍ରୈବ, ପୃ. ୧୨୨

କରି ପୂଜା କରି ଆସୁଛନ୍ତି । ତା'ର ହୁଏତ ଦୁଇଟି କାରଣ ଥାଇପାରେ । ମୁଖ୍ୟ କାରଣଟି ହେଲା କ୍ରୁଶ ଆର୍ଯ୍ୟ ସଂସ୍କୃତିର ପ୍ରତୀକ ସ୍ୱସ୍ତିକରୁ ଆସିଛି । ସ୍ୱସ୍ତିକ ଚିହ୍ନର ଅପଭ୍ରଂଶ ଭାବରେ କ୍ରୁଶ ଆଉ ଯନ୍ତ୍ରଣାର ପ୍ରତୀକ ନୁହେଁ, ବରଂ ଶୁଭ ବା ମଙ୍ଗଳର ପ୍ରତୀକ । ଅନ୍ୟ କାରଣଟି ହେଲା ଜଗନ୍ନାଥଙ୍କୁ କ୍ରୁଶ ଭଳି ଏକ କାଷ୍ଠରେ ରଥରେ ବନ୍ଧା ଯାଉଥିବାରୁ ଏହା ଖ୍ରୀଷ୍ଟିୟାନମାନଙ୍କ ପାଇଁ ପବିତ୍ରତାର ପ୍ରତୀକ ଅଟେ । ଏତଦ୍‌ବ୍ୟତୀତ ଜଗନ୍ନାଥଙ୍କୁ ଦେଖିଲେ ସେ କ୍ରୁଶ ଭଳି ଦେଖାଯାଆନ୍ତି । ପହଣ୍ଡି ବିଜେ ସମୟରେ ପଣ୍ଡାମାନେ ଜଗନ୍ନାଥଙ୍କୁ ଦଉଡ଼ିରେ ବାନ୍ଧି ଯେଉଁପରି ଘୋଷାଡ଼ି ଘୋଷାଡ଼ି ନେଉଥାନ୍ତି ଏବଂ ଜଗନ୍ନାଥଙ୍କ ପ୍ରତି ଯେଉଁ ପ୍ରକାର ଅଶ୍ଳୀଳ ଶବ୍ଦ ବ୍ୟବହାର କରୁଥାନ୍ତି ତାହା ଦେଖିଲେ ମନେହେବ ସତେ ଯେପରି ସେମାନେ କ୍ରୁଶବିଦ୍ଧ ଖ୍ରୀଷ୍ଟଙ୍କୁ କ୍ରୁଶର୍ପଣ କରିବାକୁ ନେଉଛନ୍ତି । ଜଗତର ରାଜା ଜଗନ୍ନାଥ ଓ ଇହୁଦୀମାନଙ୍କର ରାଜା ଯୀଶୁଙ୍କ ଏତାଦୃଶ ଅବସ୍ଥା ଏକ ଦୁର୍ଘଟଣା ନୁହେଁ ବରଂ ଦୁଇ ଦେବତାଙ୍କ ଏକ ସଂଯୋଗ ରେଖା । ଯଦିଚ ଘଟଣାଚକ୍ରରେ ଜଗନ୍ନାଥ ରଥାରୂଢ଼ ହୁଅନ୍ତି ଓ ଯୀଶୁ କ୍ରୁଶବିଦ୍ଧ ହେବାକୁ ଯାଆନ୍ତି, ତଥାପି କ୍ରୁଶ ଯନ୍ତ୍ରଣାର ପ୍ରତୀକ ନ ହୋଇ ଏକ ପବିତ୍ରତାର ପ୍ରତୀକ ହୋଇଥାଏ ।''[୨୨]

ଉପର୍ଯ୍ୟୁକ୍ତ ତୁଳନାତ୍ମକ ଅଧ୍ୟୟନରୁ ଖ୍ରୀଷ୍ଟଧର୍ମ ଓ ଜଗନ୍ନାଥ ଧର୍ମ ମଧ୍ୟରେ ଥିବା ସାମ୍ୟ ବୈଷମ୍ୟର ଚିତ୍ର ସହଜରେ ଉପଲବ୍ଧ ହୁଏ । ବର୍ତ୍ତମାନ ନିମ୍ନରେ ଆମ୍ଭେ ଆଲ୍ଲା ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ରହିଥିବା ସମ୍ପର୍କକୁ ନେଇ ଅନୁଶୀଳନ କରିବାକୁ ଉଦ୍ୟମ କରୁଅଛୁ ।

ମୁସଲମାନ ଧର୍ମ ଓ ଶ୍ରୀଜଗନ୍ନାଥ

ଖ୍ରୀଷ୍ଟଧର୍ମର ପ୍ରଚାର ପରେ ପରେ ଆରବ ଦେଶର ମକ୍କା ନଗରୀରେ ମହମ୍ମଦ ପୟଗମ୍ବରଙ୍କର ଧରାବତରଣ ହୁଏ । ତାଙ୍କର ନାମ ମହମ୍ମଦ (ଜନ୍ମ ଖ୍ରୀ.ଅ.୫୭୦) । ସେ ଏକେଶ୍ୱରବାଦୀ ଥିଲେ । ତାଙ୍କର ଭଗବାନଙ୍କ ନାମ 'ଆଲ୍‌ହା' ଯିଏକି ନିରାକାର ଅଟନ୍ତି । ନିରାକାର, ଶୂନ୍ୟପୁରୁଷ, ଆଲ୍ଲହାଙ୍କ ମତରେ ଈଶ୍ୱର ଶୂନ୍ୟ, ନିରାକାର ଓ ସର୍ବବ୍ୟାପକ ହୋଇଥିବାରୁ ତାଙ୍କ ମୂର୍ତ୍ତି ନିର୍ମାଣ କରାଯାଇପାରିବ ନାହିଁ । ଧୀରେ ଧୀରେ ବାଳକ ମହମ୍ମଦଙ୍କ ଅସାଧାରଣ ଗୁଣାବଳୀ ଲୋକମାନେ ଜାଣିପାରିଥିଲେ ଏବଂ ତାହାଙ୍କ ପାଖରୁ ନାନା ବିଷୟ ଉପଦେଶ ନେବା ପାଇଁ ଆସୁଥିଲେ । ସେ ଅନେକ ସମୟରେ ଗଭୀର ଚିନ୍ତା ମଧ୍ୟରେ ଆତ୍ମଜ୍ଞାନ ହରାଇ ଦିବ୍ୟତର ଆଧ୍ୟାତ୍ମିକ ଅନୁଭୂତି ମଧ୍ୟରେ ନିମଜ୍ଜିତ ରହୁଥିଲେ । ''ମହମ୍ମଦଙ୍କ ପ୍ରବର୍ତ୍ତିତ ଧର୍ମର ନାମ ଇସ୍‌ଲାମ । ଇସ୍‌ଲାମ ଶବ୍ଦର ଅର୍ଥ 'ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ' । ଇସଲାମ ଧର୍ମାବଲମ୍ବୀମାନେ ମୁସଲିମ ବା ମୁସଲମାନ ନାମରେ କଥିତ । ମୁସଲିମ ଶବ୍ଦର ଅର୍ଥ 'ଈଶ୍ୱରଙ୍କ ଶରଣାଗତ' । ''ଈଶ୍ୱର ଏକ ଏବଂ ଅଦ୍ୱିତୀୟ, ମହମ୍ମଦ ହେଉଛନ୍ତି ତାହାଙ୍କର ପ୍ରେରିତ ପୁରୁଷ'' ଏହା ହିଁ ଥିଲା ଇସଲାମ ଧର୍ମର ମୂଳତତ୍ତ୍ୱ । ଦିବ୍ୟଜ୍ଞାନ ଲାଭ କରିବା ପାଖରୁ, ଅର୍ଥାତ୍ ଖ୍ରୀଷ୍ଟାବ୍ଦ ୬୧୦ରୁ ନିଜ ମୃତ୍ୟୁ ସମୟ ପର୍ଯ୍ୟନ୍ତ ମହମ୍ମଦଙ୍କ ବାକ୍ୟ ଓ ଅଭିଜ୍ଞତା ତାହାଙ୍କ ରଚିତ ଧର୍ମଗ୍ରନ୍ଥ 'କୋରାନ' ମଧ୍ୟରେ ଦେଖିବାକୁ ମିଳେ । ସେହି କୋରାନ ମଧ୍ୟରେ ଇସଲାମ ଧର୍ମର ନୀତିମାନ ନିହିତ ।

ଇସଲାମ ଧର୍ମରେ ଏକ ଏବଂ ଅଦ୍ୱିତୀୟ ପରମେଶ୍ୱରଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ସ୍ଥାପନ ଏବଂ ତାହାଙ୍କ ନିକଟରେ ସମ୍ପୂର୍ଣ୍ଣ ବଶତା ସ୍ୱୀକାର ପ୍ରତ୍ୟେକ ମନୁଷ୍ୟର ପରମ କର୍ତ୍ତବ୍ୟ ରୂପେ ଗୃହୀତ ହୋଇଛି । ସେହିପରି ମହମ୍ମଦଙ୍କୁ ନୂତନ ଓ ସର୍ବଶେଷ ଧର୍ମପ୍ରବର୍ତ୍ତକ ରୂପେ ଏବଂ ଈଶ୍ୱରଙ୍କ ପ୍ରେରିତ ପୁରୁଷ ଭାବରେ ପ୍ରଗାଢ଼ ଭକ୍ତି ଜ୍ଞାପନ କରାଯାଏ । ମହମ୍ମଦଙ୍କ ଉଚ୍ଚାରିତ ବାଣୀ କୋରାନ ମଧ୍ୟରେ ଲିପିବଦ୍ଧ ଥିବାରୁ ସେହି ଧର୍ମଗ୍ରନ୍ଥ ଉପରେ ପ୍ରଗାଢ଼ ବିଶ୍ୱାସ ସ୍ଥାପନ କରାଯାଏ । ତହିଁରେ ଉଲ୍ଲେଖ ଅଛି ଯେ, ଏକ ପରିବର୍ତ୍ତନହୀନ ଚିରନ୍ତନ ଶକ୍ତି ରୂପେ ଅବସ୍ଥିତ ପରମେଶ୍ୱରଙ୍କ ଦ୍ୱାରା ଅନନ୍ତ ବିଶ୍ୱବ୍ରହ୍ମାଣ୍ଡ ନିୟନ୍ତ୍ରିତ ହୋଇଥାଏ । ପୃଥିବୀରେ ମନୁଷ୍ୟ ଯେପରି କର୍ମ କରିଯାଇଥାଏ, ମୃତ୍ୟୁ ପରେ ପରଲୋକରେ ତାହାକୁ ସେହିପରି ଫଳ ମିଳିଥାଏ ।

---

୨୨. ସରସ୍ୱତୀ, ସ୍ୱାମୀ ବ୍ରହ୍ମାନନ୍ଦ, ଯୀଶୁ ଓ ଜଗନ୍ନାଥ (ଲେଖକ-ଉମେଶ ପତ୍ରୀ, ଭୂମିକା) ଭୁବନେଶ୍ୱର: ସତ୍ୟମ ପବ୍ଲିକେସନ, ୨୦୧୧, ପୃ.୯-୧୦

ଉପରବର୍ଣ୍ଣିତ ସତ୍ୟମାନଙ୍କ ଉପରେ ବିଶ୍ୱାସ ରଖିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ମୁସଲମାନଙ୍କ ପାଇଁ କେତେଗୁଡ଼ିଏ କର୍ତ୍ତବ୍ୟ ନିର୍ଦ୍ଦିଷ୍ଟ ରହିଛି । ଯଥା : ପ୍ରାର୍ଥନା, ଦାନ, ରମଜାନ୍ ପାଳନ ଓ ତୀର୍ଥଯାତ୍ରା ।* ପ୍ରତ୍ୟେକ ଦିନ ପାଞ୍ଚଥର ପ୍ରାର୍ଥନା କରିବା ପାଇଁ ତହିଁରେ ନିର୍ଦ୍ଦେଶ ରହିଛି । ପ୍ରଭାତ ପୂର୍ବରୁ, ମଧ୍ୟାହ୍ନରେ, ଅପରାହ୍ନରେ, ସୂର୍ଯ୍ୟାସ୍ତ ପରେ ଏବଂ ରାତ୍ରିକାଳରେ ପ୍ରାର୍ଥନା ପାଇଁ ସମୟ ନିର୍ଦ୍ଦିଷ୍ଟ ହୋଇଛି । କୋରାଣର କେତେକ ଅଂଶ ପ୍ରାର୍ଥନା ରୂପେ ଆବୃତ୍ତି କରାଯାଏ । ଦରିଦ୍ରକୁ ଦାନଦେବା ଅପର ଏକ କର୍ତ୍ତବ୍ୟ । ସାଧାରଣ ଭାବରେ ଦୟାପରବଶ ହୋଇ ଦୀନଦୁଃଖୀ ଓ ଦୁସ୍ଥମାନଙ୍କୁ ଅର୍ଥଦାନ କରିବା ବ୍ୟତୀତ, ନିଜର ବାର୍ଷିକ ଆୟର ଚାଳିଶ ଭାଗରୁ ଏକ ଭାଗ କୌଣସି ଦାତବ୍ୟ କାର୍ଯ୍ୟରେ ବ୍ୟୟ କରିବା ଉଚିତ ବୋଲି ନିର୍ଦ୍ଦେଶ ଦିଆଯାଇଛି । ତୃତୀୟରେ, ରମଜାନର ଉପବାସ ପାଳନ ହେଉଛି ଅପର ଏକ ଧର୍ମଗତ ବିଧି । ବର୍ଷ ମଧ୍ୟରେ ଗୋଟିଏ ମାସ ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଉପବାସ ପାଳନ ପାଇଁ ବିଧି ରହିଛି । କୌଣସି ପ୍ରକାର ଖାଦ୍ୟପେୟ ସେହି ସମୟରେ ଗ୍ରହଣ କରିବା ନିଷିଦ୍ଧ । ସେହି ରମ୍‌ଜାନ ମାସ ମଧ୍ୟରେ ଦେବଦୂତ ଗ୍ୟାବ୍ରିଏଲ୍ ମହମ୍ମଦଙ୍କୁ ପବିତ୍ରବାଣୀ ଶୁଣାଇଥିଲେ ବୋଲି ସେହି ମାସ ଉପବାସ ଦ୍ୱାରା ପବିତ୍ର ରୂପେ ପାଳନ କରାଯାଏ । ଶେଷରେ, ଜୀବନକାଳ ମଧ୍ୟରେ ଅନ୍ତତଃ ଥରେ ମାତ୍ର ପବିତ୍ର ମକ୍‌କାଠାକୁ ତୀର୍ଥଯାତ୍ରାରେ ଯିବା ପାଇଁ ଉପଦେଶ ଦିଆଯାଇଛି । ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ମକ୍କାକୁ ଯାତ୍ରା କରାଯାଏ । ସେଠାକାର ପ୍ରସିଦ୍ଧ ମସ୍‌ଜିଦ୍‌ମାନଙ୍କ ମଧ୍ୟରେ ରଖାଯାଇଥିବା କାବା ପ୍ରସ୍ତର ଚାରିପାଖରେ ତିନିଥର ପରିକ୍ରମା କରିବା ଦ୍ୱାରା ଏବଂ ସେଠାରେ ଧର୍ମବାଣୀ ଶ୍ରବଣପୂର୍ବକ ତୀର୍ଥଯାତ୍ରା ସମ୍ପନ୍ନ କରାଯାଏ ।

ଉପରଲିଖିତ ବିଶ୍ୱାସ ଓ ରୀତି ବ୍ୟତୀତ ଇସଲାମ ଧର୍ମ ମଧ୍ୟରେ ମନୁଷ୍ୟକୁ କେତେଗୁଡ଼ିଏ ନୀତି ପାଳନ କରିବା ପାଇଁ ଉପଦେଶ ଦିଆଯାଇଛି । ପିତାମାତାଙ୍କୁ ସମ୍ମାନ ଦେବା, ଶୋକାତୁର ଓ ଦୁଃଖୀ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବା ଏବଂ ସମସ୍ତ ମନୁଷ୍ୟଙ୍କ ପ୍ରତି ନ୍ୟାୟପରାୟଣ ହେବା ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ଉଚିତ ବୋଲି କୁହାଯାଇଛି । ମାଦକଦ୍ରବ୍ୟ ସେବନ, ଋଣଦାନ ପୂର୍ବକ ସୁଧ ଗ୍ରହଣ ଓ ଜୁଆଖେଳ ପ୍ରଭୃତି ଅସତ୍ କାର୍ଯ୍ୟରୁ ବିରତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ଇସଲାମ ଧର୍ମ ସହଜ ଓ ସରଳ ଥିଲା । ସାଧାରଣ ମନୁଷ୍ୟ ପକ୍ଷରେ ସେହି ଧର୍ମର ସାରନୀତିମାନ ହୃଦୟଙ୍ଗମ କରିବା କଷ୍ଟକର ନ ଥିଲା । ଗଭୀର ତତ୍ତ୍ୱମୂଳକ ଦର୍ଶନ ଦ୍ୱାରା ମନୁଷ୍ୟର ମନ ମଧ୍ୟ ଭାରାକ୍ରାନ୍ତ ହେଲା ନାହିଁ । ଅଧିକନ୍ତୁ, ସେହି ଧର୍ମରେ ନାନାପ୍ରକାର ଜଟିଳ ପୂଜାପଦ୍ଧତି, ଦେବଦେବୀ ଓ ମନ୍ତ୍ରତନ୍ତ୍ରର ସ୍ଥାନ ନାହିଁ । ଫଳରେ ଇସଲାମ୍ ଧର୍ମ ଆରବ ଓ ଆରବ ବାହାରେ ବିଭିନ୍ନ ଜାତିର ମନୁଷ୍ୟଙ୍କ ମଧ୍ୟରେ ଦ୍ରୁତ ପ୍ରସାର ଲାଭ କରିଯାଇଥିଲା ।[୨୩]

ମହମ୍ମଦ ଶ୍ରୀକ୍ଷେତ୍ରକୁ ଆସି ବିଷ୍ଣୁରୂପୀ ନାରାୟଣଙ୍କୁ ଦର୍ଶନ କରିଥିଲେ ବୋଲି କେତେ ଆଲୋଚକ ଅବଶ୍ୟ ମତବ୍ୟକ୍ତ କରିଥାନ୍ତି । ଖ୍ରୀଷ୍ଟଧର୍ମର ପୟଗମ୍ବର ଯୀଶୁ ବିଷ୍ଣୁଧର୍ମ ଦ୍ୱାରା ପ୍ରଭାବିତ ଥିଲେ ବୋଲି ସେପରି କୁହାଯାଉଛି । ଏପରିକି ମହମ୍ମଦ ମଧ୍ୟ ଭାରତ ଆସି ଜଗନ୍ନାଥ ଧର୍ମର ପ୍ରଭାବରେ ପ୍ରଭାବିତ ଥିଲେ ବୋଲି ଗବେଷକମାନେ କହିଥାନ୍ତି । ''ବେଦ ଓ ଉପନିଷଦର ସାଂକେତିକ ଭାଷାର ଏକ ଆଳଙ୍କାରିକ ରୂପରେ ଜଗନ୍ନାଥ ଏତେ ମିଶିଯାଆନ୍ତି ଯେ ତାକୁ ବ୍ରହ୍ମ ଆରୋପିତ କରିବାରେ ପାଠୁଆ ଭକ୍ତଙ୍କ ଅସୁବିଧା ହୁଏ ନାହିଁ । କେତେକ ବୈଦିକ ବିଦ୍ୱାନ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମଧ୍ୟରେ ଅ+ଉ+ମ=ଓଁର ସାଙ୍କେତିକ ସ୍ୱରୂପକୁ ଉପଲବ୍ଧ କରନ୍ତି ତ ମୁସଲମାନମାନଙ୍କ ପାଇଁ ସେ ହୋଇଯାନ୍ତି ଅଲିଫ-ଲାମ୍-ମିମ୍ । କେତେକ ସମନ୍ୱୟବାଦୀ ପୁରାଣ ପଣ୍ଡା ଏ ତ୍ରିମୂର୍ତ୍ତି ମଧ୍ୟରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ମଧ୍ୟ ଆରୋପିତ କରିଥାନ୍ତି । ବୌଦ୍ଧମାନେ ମାନନ୍ତୁ ବା ନ ମାନନ୍ତୁ, ପଣ୍ଡାମାନେ ଏହି ତ୍ରିମୂର୍ତ୍ତିରେ ବୁଦ୍ଧ, ଧର୍ମ ଓ ସଂଘକୁ ଦର୍ଶନ କରିଥାନ୍ତି ବୋଲି କୁହାଯାଇଥାଏ । ଜଗନ୍ନାଥଙ୍କ ମୂର୍ତ୍ତି କାଷ୍ଠରେ ପୁଣି

---

*ନମାଜ, ଜାକାତ, ରମ୍‌ଜାନ, ହାଜ ।

୨୩. ଦାସ, ମନ୍ମଥ ନାଥ, ପୃଥିବୀ ଇତିହାସ, କଟକ : ପୀତାମ୍ବର ମିଶ୍ର, ୧୯୯୩, ପୃ. ୧୧୬-୧୧୮

କ୍ରୁଶ ଆକାରରେ ଥିବାରୁ ଏହା ଖ୍ରୀଷ୍ଟିୟାନମାନଙ୍କ ପାଇଁ ମଧ୍ୟ ଗ୍ରହଣୀୟ ଦେବତା ବୋଲି କେତେକ ହିନ୍ଦୁ ଦାବୀ କରିଥାନ୍ତି। ସାଲବେଗ ଜଗନ୍ନାଥଙ୍କୁ ଜଣାଣ କରିଥିବାରୁ ସେ ମୁସଲମାନମାନଙ୍କ ପାଇଁ ଆରାଧ୍ୟ ଦେବତା ବୋଲି କୁହାଯାଏ। ସେ ଜଗନ୍ନାଥ ହୋଇଥିବାରୁ ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିୟାନମାନଙ୍କର ମଧ୍ୟ ନାଥ ଅଟନ୍ତି।''[୨୪]

ଆଲ୍ଲା ଓ ଶ୍ରୀଜଗନ୍ନାଥ

''ଏହି ପରମ ସତ୍ୟ ପ୍ରେମ ଓ ଭକ୍ତି ଚିର ଅନୁଗତ ରହିବା ବିଶ୍ୱାସୀର ପ୍ରଥମ କର୍ତ୍ତବ୍ୟ। ପ୍ରକୃତ ଭକ୍ତି ପାଇଁ ଅପରିହାର୍ଯ୍ୟ ହୃଦୟର ପବିତ୍ରତା ଓ ମାନସିକ ଏକାଗ୍ରତା ସଂଚାର କରିବା ପାଇଁ ପ୍ରାର୍ଥନା, ଉପବାସ ଓ ମକ୍କାକୁ ତୀର୍ଥଯାତ୍ରା ସରଳତମ ଉପାୟ ବୋଲି ନିର୍ଦ୍ଦିଷ୍ଟ ହୋଇଛି। ପ୍ରକୃତ ଭକ୍ତି କେବଳ ଲୋକାଚାର ନୁହେଁ, ବରଂ ଈଶ୍ୱରଙ୍କ ଇଚ୍ଛା ପ୍ରତି ଆନୁଗତ୍ୟ। ତାଙ୍କର ପ୍ରବର୍ତ୍ତିତ ନୈତିକ ନିୟମାନୁଯାୟୀ ନିଜର ଉଦ୍ଦେଶ୍ୟକୁ ସଜାଡ଼ି ନେବା ଏବଂ ତାଙ୍କର ନିର୍ଦ୍ଧାରିତ ନୈତିକ ପଥକୁ ଅନୁସରଣ କରିବା। ଧର୍ମୀୟ ଓ ଆକ୍ଷରିକ ଭାବରେ ଏହି ଈଶ୍ୱରଙ୍କ ଇଚ୍ଛା ପ୍ରତି ବିନା ସର୍ତ୍ତରେ ଆତ୍ମସମର୍ପଣକୁ 'ଇସଲାମ' ବୋଲି କୁହାଯାଏ। ଏହା ଫଳରେ ମାନବ ଜୀବନ ବିଶ୍ୱ ନିୟମ ସହିତ ସମନ୍ୱିତ ହୁଏ ଏବଂ ତାହା ହିଁ ମାନବ ସ୍ୱଭାବର ପ୍ରକୃତ ନିୟମ।''[୨୫]

ଶିଖ୍‌ଧର୍ମ ଓ ଶ୍ରୀଜଗନ୍ନାଥ :

ଶିଖ ଧର୍ମ ବୋଲି ଯାହାକୁ କୁହାଯାଏ, ତାହା ହିନ୍ଦୁର ଆଧ୍ୟାତ୍ମିକ ପୁନରୁତ୍‌ଥାନର ଏକ ବହିଃପ୍ରକାଶ ଭିନ୍ନ ଅନ୍ୟ କିଛି ନୁହେଁ। ତେଣୁ ହିନ୍ଦୁଧର୍ମର ଅନ୍ତର୍ନିହିତ ସମସ୍ତ ନୀତି, ଆଦର୍ଶ ଓ ମହତ୍ତ୍ୱ ଶିଖ୍ ଧର୍ମର ଅଙ୍ଗୀଭୂତ ହୋଇଥିବାର ଦେଖାଯାଏ।

''ଇସଲାମ ବିରୁଦ୍ଧରେ ହିନ୍ଦୁମାନଙ୍କ ପ୍ରତିକ୍ରିୟାର ଏକ ମୂର୍ତ୍ତିମନ୍ତ ପ୍ରତୀକ ରୂପେ ମଧ୍ୟ ଶିଖଧର୍ମକୁ ଗ୍ରହଣ କରାଯାଇଥାଏ। ଭାରତ ଇତିହାସର ଏକ ସଂକଟପୂର୍ଣ୍ଣ ମୁହୂର୍ତ୍ତରେ ଯେତେବେଳେ ବୈଦେଶିକ ସାମରିକବାଦ ଭାରତୀୟ ସମାଜ ଓ ଜାତୀୟ କୃଷ୍ଟି ବିରୁଦ୍ଧରେ ଅଭିଯାନ ଆରମ୍ଭ କରିଥିଲା, ସେତେବେଳେ ଏହି ଶିଖଧର୍ମ ତା କବଳରୁ ସମାଜ ତଥା ସଭ୍ୟତାକୁ ରକ୍ଷା କରିବା ପାଇଁ ଭାରତକୁ ଉପଯୁକ୍ତ ନେତୃତ୍ୱ ଦେଇଥିଲା ବୋଲି ଯାହା କୁହାଯାଏ, ତାହା ଅକ୍ଷରେ ଅକ୍ଷରେ ସତ୍ୟ। ଏହି କାରଣରୁ ଏବେ ମଧ୍ୟ ଦେଖାଯାଏ ଯେ, ସାଧାରଣ ହିନ୍ଦୁଙ୍କୁ ଛାଡ଼ିଦେଲେ ମଧ୍ୟ ଉଚ୍ଚବର୍ଣ୍ଣସମ୍ଭୂତ ବହୁ ହିନ୍ଦୁ ନିଜ ପରିବାରରେ କାହାକୁ ଶିଖମାନଙ୍କ ପରି ମସ୍ତକରେ ଦୀର୍ଘ କେଶଗୁଚ୍ଛ ରଖିବାର ଦେଖିଲେ କିମ୍ବା ନିଜକୁ ଶିଖ ବୋଲି ପରିଚୟ ଦେବାର ଦେଖିଲେ ବିଶେଷ କିଛି ଆପତ୍ତି କରନ୍ତି ନାହିଁ; ବରଂ କେତେକ କ୍ଷେତ୍ରରେ ନିଜ ପରିବାରଭୁକ୍ତ ବ୍ୟକ୍ତିବିଶେଷଙ୍କର ଏ ପ୍ରକାର ଆଚରଣକୁ ଉତ୍ସାହିତ କରନ୍ତି। ସେମାନଙ୍କର ଏପରି ମନୋଭାବରୁ ଶିଖ-ଗୁରୁମାନଙ୍କ ପ୍ରତି ଯେପରି ଭକ୍ତି ଭାବର ପରିଚୟ ମିଳେ, ସେହିପରି ଶିଖମାନେ ଯେ ହିନ୍ଦୁ, ତା'ର ମଧ୍ୟ ପରିଚୟ ମିଳେ।''[୨୬] କିନ୍ତୁ ଦୁର୍ଭାଗ୍ୟର କଥା ବ୍ରିଟିଶ ସରକାର ୧୯୮୧ ମସିହା ପରେ ହିନ୍ଦୁ ଓ ଶିଖ୍‌ମାନଙ୍କରେ ବିଭେଦ ବୀଜ ବପନ କରିବାରେ ସଫଳ ହେଲେ। ଫଳରେ ଶିଖ୍‌ମାନେ ହିନ୍ଦୁଧର୍ମରୁ ପୃଥକ୍ ହେଲେ ବୋଲି କୁହାଯାଏ। ସେ ଯାହାହେଉ, ମହାରାଜା ରଣଜିତ ସିଂ ଜଣେ ଶିଖ୍ ହିସାବରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି କୋହିନୁର ହିରାକୁ ଜଗନ୍ନାଥଙ୍କୁ ଦାନ କରିଥିଲେ।

ସେ ଯାହାହେଉ, ଶିଖ ଧର୍ମର ପ୍ରତିଷ୍ଠାତା ତଥା ଅନ୍ୟତମ ଆଦିଗୁରୁ ସନ୍ଥ ନାନକ ମଧ୍ୟ ଶ୍ରୀକ୍ଷେତ୍ରକୁ ଆସି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ବିମୋହିତ ହୋଇ ଉଠିଥିଲେ। ଏଠାରେ ସେ ଏକ ମଠ ସ୍ଥାପନ କରି ବହୁ ଦିନ ଅତିବାହିତ ମଧ୍ୟ କରିଥିବାର

୨୪. ପଣ୍ଡା, ଉମେଶ, ଯୀଶୁ ଓ ଜଗନ୍ନାଥ, ପୃ. ୧୬୪

୨୫. ହୁସେନ୍, ଏସ୍. ଆବିଦ୍ : ଭାରତୀୟ ଜାତୀୟ ସଂସ୍କୃତି (The national culture of India ଗ୍ରନ୍ଥର ଓଡ଼ିଆ ଅନୁବାଦ-ହରିହର ଦାସ) ନୂଆଦିଲ୍ଲୀ, ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, ୧୯୯୯, ପୃ.୭୬-୭୭

୨୬. Narang, Gokul Chand, Transformation of Sikhism, New Delhi : Kalyani Publishers, 1998, P.330

ପ୍ରମାଣ ଅଦ୍ୟାବଧି ରହିଅଛି । ଗୁରୁଙ୍କ କିଛି ଅମରବାଣୀର ଉଦାହରଣ ଏଠାରେ ଉଲ୍ଲେଖ ମଧ୍ୟ କରାଯାଇପାରେ । ''ଜଗତ୍ ଈଶ୍ୱରଙ୍କ ଲୀଳାଭୂମି ଏବଂ ପ୍ରତ୍ୟେକ ସ୍ଥାନରେ ଈଶ୍ୱରଙ୍କ ସତ୍ତା ବିରାଜିତ । ସେ ସଦ୍‌ଗୁଣସମ୍ପନ୍ନ । କିନ୍ତୁ ମଣିଷ ସକଳ ଦୁର୍ଗୁଣର ଆଧାର । କେବଳ ଦୁର୍ଗୁଣ ପରିହାର ଦ୍ୱାରା ଈଶ୍ୱରଙ୍କୁ ପାଇବା ସମ୍ଭବ । ଭଗବାନଙ୍କୁ ଧ୍ୟାନ ନ କରି ଯିଏ କେବଳ ଭୋଜନ କରିବାକୁ ବଞ୍ଚି ରହେ, ତା'ର ଜୀବନ କୃମି ସହ ସମାନ । ଆଉ ଯିଏ ଜୀବିତାବସ୍ଥାରେ ଅନ୍ୟମାନଙ୍କ ସେବାରେ ନିଜକୁ ଉତ୍ସର୍ଗ କରେ ଏବଂ ଭଗବତ୍ ପ୍ରେମରେ ବିହ୍ୱଳ ରହେ, ସେ ଜୀବନ ସଂଗ୍ରାମରେ ଜୟୀ ହୁଏ । ଅସାଧାରଣ ସାଧୁ ନାନକଙ୍କ ଜୀବନର ବୈଚିତ୍ର୍ୟ ସମସ୍ତଙ୍କୁ ଅଭିଭୂତ କରେ । ସତ୍ୟ ସାଧନା ଓ ପ୍ରେମ, ପ୍ରୀତି, ପ୍ରତ୍ୟୟ ଉପରେ ଆଧାରିତ ତାଙ୍କର ଜୀବନ ବାସ୍ତବରେ ରହସ୍ୟମୟ । ତାଙ୍କ ପାଦ ତଳେ ସାଧାରଣ ସଂସାରୀ ଯୁଗେ ଯୁଗେ ଶ୍ରଦ୍ଧାଞ୍ଜଳି ନିବେଦନ କରୁଥିବେ ।''[୨୭]

ଏହି ପ୍ରସଙ୍ଗରେ ମତବ୍ୟକ୍ତ କରାଯାଇପାରେ ଯେ ମଧ୍ୟଯୁଗର ଶେଷ ଭାଗରେ ଯେତେବେଳେ ଦେଶରେ ସାଧାରଣ ଭାବରେ ଧର୍ମର ଅବନତି ଘଟିଥିଲା, ପଞ୍ଜାବୀ ସାହିତ୍ୟ ସେହି ସମୟରେ ସୃଷ୍ଟି ହୋଇଅଛି । ଗୁରୁ ନାନକ (ଖ୍ରୀ. ୧୪୬୯-୧୫୩୮) ପଞ୍ଜାବରେ ଜଣେ ସଂସ୍କାରକ ରୂପରେ ଆବିର୍ଭୁତ ହୋଇଥିଲେ ଓ ଶିଖଧର୍ମ ସ୍ଥାପନ କରିଥିଲେ । ସେ ଜନସାଧାରଣଙ୍କ ଭାଷାରେ ତାହାଙ୍କ ଧର୍ମପ୍ରଚାର କରିଥିଲେ । ଏଣୁ ଶିଖମାନେ ପଞ୍ଜାବୀ ଭାଷାକୁ ଅତି ପବିତ୍ର ମନେ କରନ୍ତି । ସେମାନଙ୍କ ପବିତ୍ର ଧର୍ମଗ୍ରନ୍ଥ 'ଆଦିଗ୍ରନ୍ଥ ସାହେବ' ଯଥାର୍ଥତଃ ପଞ୍ଜାବୀ ଭାଷାର ପ୍ରାଚୀନତମ ସାହିତ୍ୟ କୃତି । ଏହା ମଧ୍ୟ ହିନ୍ଦୀ ଭାଷା ଦ୍ୱାରା ବିପୁଳ ଭାବରେ ପ୍ରଭାବିତ ।

ଶିଖମାନଙ୍କର ଏହି ଧର୍ମଗ୍ରନ୍ଥ 'ଆଦିଗ୍ରନ୍ଥ' ଧର୍ମଗୁରୁର ଆସନ ଲାଭ କରିଅଛି । ଏଣୁ ଏହା 'ଗୁରୁଗ୍ରନ୍ଥ' ଧର୍ମଗୁରୁର ଆସନ ଲାଭ କରିଅଛି । ଏଣୁ ଏହା 'ଗୁରୁ ଗ୍ରନ୍ଥ ସାହେବ' ନାମରେ ସମ୍ମାନର ସହିତ ଅଭିହିତ ହୋଇଥାଏ । ଆଦିଗ୍ରନ୍ଥରେ ଜୟଦେବ, ବାମଦେବ, ରବ ଦାସ ଓ ଫରିଦ୍ ପ୍ରଭୃତି ଭକ୍ତମାନଙ୍କ ଗୀତ ସନ୍ନିବିଷ୍ଟ ହୋଇଅଛି । 'ପ୍ରାଣ ସଂଗଳୀ' (ଜୀବନର ଶୃଙ୍ଖଳା) ନାମକ ଗ୍ରନ୍ଥଟି ନାନକଙ୍କ ରଚନା ଭାବେ ଗୃହୀତ ହୋଇଥାଏ । ଏଥିରେ ସେ ସମୟରେ ପ୍ରଚଳିତ ଯୋଗ ସମ୍ପର୍କୀୟ କେତେକ ବିଷୟ ଉକ୍ତି-ପ୍ରତ୍ୟୁକ୍ତି ଛଳରେ ଲିଖିତ ହୋଇଅଛି । ନାନକଙ୍କ ଏହି ସବୁ ଉକ୍ତି ବିକ୍ଷିପ୍ତ ଭାବରେ ଲିଖିତ ହୋଇ ରହିଥିଲା । ଏଗୁଡ଼ିକ ବିନଷ୍ଟ ହୋଇଯିବା ଆଶଙ୍କା କରି ଶିଖମାନଙ୍କ ପଞ୍ଚମ ଗୁରୁ ଅର୍ଜ୍ଜୁନ ସିଂହ (ଖ୍ରୀ. ୧୫୬୩-୧୬୦୬) ଆଦିଗ୍ରନ୍ଥକୁ ସଂକଳିତ କରାଇଥିଲେ (ଖ୍ରୀ. ୧୬୦୪) । ତହିଁରେ ସେ ତାହାଙ୍କର ଓ ଅନ୍ୟ କେତେକ ସନ୍ଥ କବିଙ୍କ ରଚନାକୁ ମଧ୍ୟ ସଂଯୋଜିତ କରିଥିଲେ ।[୨୮]

ଆଲୋଚ୍ୟ ଶିଖଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଆସିଥିଲେ । ସନ୍ଥ ନାନକଙ୍କ ପ୍ରଚାରିତ ନିର୍ଗୁଣୀୟ ପରମ୍ପରା ସହ ଶ୍ରୀଜଗନ୍ନାଥଙ୍କର ସମନ୍ୱୟ ଧାରା ସେତେବେଳେ ଦେଖିବାକୁ ମିଳିଥିଲା । ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶ୍ରୀଜଗନ୍ନାଥଙ୍କ ଦର୍ଶନ ତାଙ୍କୁ ନିର୍ଗୁଣ ବ୍ରହ୍ମ ରୂପେ ଚିତ୍ରଣ ଓ ପ୍ରଚାର ସନାତନ ଧର୍ମ ଓ ନିଜ ସମ୍ପ୍ରଦାୟର ପ୍ରଚାର, ସତ୍ୟ ସନାତନ ବୈଦିକ ଧର୍ମର ପୁନରୁଦ୍ଧାର ଓ ଦେଶସେବା ତାଙ୍କର ଦାର୍ଶନିକ ସିଦ୍ଧାନ୍ତ ଥିଲା ଭକ୍ତି ଜ୍ଞାନ ସମନ୍ୱୟ । ନାନକଙ୍କ ପରେ ତାଙ୍କର ପୁତ୍ର ତଥା ଶିଖ୍ମାନଙ୍କ ଗୁରୁ ଶ୍ରୀ ଚାନ୍ଦଜୀ ମହାରାଜା ଓଡ଼ିଶା ଆସି ସେତେବେଳର ଗଜପତି ଠାରୁ ଆଦେଶ ଲାଭ କରି ଶ୍ରୀଜଗନ୍ନାଥ ମନ୍ଦିରର ସିଂହଦ୍ୱାର ସମ୍ମୁଖରେ ନାନକ ପନ୍ଥୀ ଉଦାସୀନ ସମ୍ପ୍ରଦାୟର ଏକ ମଠ ପ୍ରତିଷ୍ଠା କରିଥିଲେ । ସେହିଦିନଠାରୁ ଦୀର୍ଘ ୪୫୦ ବର୍ଷରୁ ଉର୍ଦ୍ଧ୍ୱ ମଠର ନାମ ହେଉଛି 'ମଙ୍ଗୁ ମଠ' । ୧୯୮୩ ମସିହାରେ ଭାରତର ତତ୍କାଳୀନ ରାଷ୍ଟ୍ରପତି ଜ୍ଞାନୀ ଜଏଲ ସିଂହ ଏହି ମଠକୁ ଆସି ଶ୍ରୀ ଚାନ୍ଦଜୀଙ୍କ ଗାଦି ଦର୍ଶନ କରିଥିଲେ । ବାସ୍ତବିକ ଉଦାସୀନ ସମ୍ପ୍ରଦାୟ ପନ୍ଥୀମାନଙ୍କ ପାଇଁ ଶ୍ରୀକ୍ଷେତ୍ରସ୍ଥିତ ମଙ୍ଗୁମଠ ଓ ଶ୍ରୀଜଗନ୍ନାଥ ଧାମ ଅତ୍ୟନ୍ତ ପ୍ରିୟ ଓ ସ୍ମରଣୀୟ ଅଟେ ।[୨୯]

---

୨୭. ସମ୍ବାଦ, ୬ ଜୁଲାଇ ୨୦୧୮, ପୃ.୪

୨୮. ମହାନ୍ତି, ଜାନକୀ ବଲ୍ଲଭ, ଭାରତୀୟ ସାହିତ୍ୟର ଇତିହାସ, ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ୧୯୯୬ ପୃ. ୨୬୪-୨୬୫

୨୯. ମିଶ୍ର, ଭାସ୍କର, ମଠ ସଂସ୍କୃତି, କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୨୦୦୪, ପୃ.୨୪

ଉପର୍ଯ୍ୟୁକ୍ତ ସମସ୍ତ ଆଲୋଚନାରୁ ବିଶ୍ୱ ତଥା ଭାରତବର୍ଷର କେତେକ ମୁଖ୍ୟ ଧର୍ମ ଚେତନା ସହିତ ଶ୍ରୀଜଗନ୍ନାଥ ଧର୍ମର ସଂପୃକ୍ତିକୁ ନେଇ ଆଲୋଚନା କରାଗଲା । ବିଭିନ୍ନ ଜାତି ଓ ଧର୍ମର ଅବଦାନରେ ଋଦ୍ଧିମନ୍ତ ହୋଇ ବୈଦିକ କାଳରୁ ଏକ ସାଧାରଣ ଅଧ୍ୟାତ୍ମ ଚେତନା ମଣିଷଙ୍କ ଜୀବନ ଦୃଷ୍ଟିକୁ ସ୍ୱାଭାବିକ ଭାବରେ ଆଜିପର୍ଯ୍ୟନ୍ତ ନିୟନ୍ତ୍ରିତ କରିଆସିଛି । ଭାରତର ସଂସ୍କୃତିର ବହୁ ଶତାବ୍ଦୀର ଇତିହାସ ଦର୍ଶାଏ ଯେ ତା'ର ଜୀବନରେ ଅସଂଖ୍ୟ ଭିନ୍ନତା ଥିଲେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଐକ୍ୟ ଭାବରେ ଯୋଗସୂତ୍ର ରହିଛି । ଧର୍ମ ଧର୍ମ ମଧ୍ୟରେ ସମନ୍ୱୟ ବା ସହାବସ୍ଥାନ ପ୍ରକୃତରେ ଜଗତରେ ପ୍ରଶଂସନୀୟ । ଆମେ ବିଶ୍ୱାସ ରଖିବା ଉଚିତ ଯେ ସବୁ ଧର୍ମ ଈଶ୍ୱରଙ୍କର ଆଶୀର୍ବାଦରେ ଅଭିଷିକ୍ତ । ସମସ୍ତ ଧର୍ମର ସାଧାରଣ ଭିତ୍ତିଭୂମିକୁ ଆମେ ସ୍ୱୀକାର କରି ଆସିଛୁ । ଏହା ଫଳରେ ବିଶ୍ୱରେ ଧର୍ମୀୟ ଏକତା ଓ ବୁଝାମଣା ସମ୍ଭବ ହୋଇପାରିଛି । ବିଶ୍ୱ ମାନବବାଦ କିପରି ଏହି ଧର୍ମଗୁଡ଼ିକୁ ଏକତା ସୂତ୍ରରେ ବାନ୍ଧି ପାରିଛି, ତାହାର ଅନୁଶୀଳନ କରିବା ନିମନ୍ତେ ଆମ୍ଭର ପରବର୍ତ୍ତୀ ପରିଚ୍ଛେଦର ଅବତାରଣା ।

■■■

ପଞ୍ଚମ ପରିଚ୍ଛେଦ

ଶ୍ରୀଜଗନ୍ନାଥ ଚେତନାରେ ବିଶ୍ୱମାନବବାଦ

ଆମ୍ଭେ ପୂର୍ବରୁ ଉଲ୍ଲେଖ କରିଅଛୁ ଯେ ଭାରତୀୟ ସମାଜ ବିଶେଷ ଭାବେ ଧର୍ମ-ନିୟନ୍ତ୍ରିତ । ଶାସ୍ତ୍ର ଓ ପୁରାଣରେ ସର୍ବତ୍ର ଧର୍ମର ବାଣୀ ଉଦ୍‌ଘୋଷିତ । ସଂସ୍କୃତ ମହାଭାରତରେ ଉକ୍ତ ଅଛି - ''ଯତୋଧର୍ମ ସ୍ତତୋଜୟ'' । ଅର୍ଥାତ୍ ପୃଥିବୀରେ ଧର୍ମର ହିଁ ଜୟ ହୁଏ ।[୧] ପୁଣି ଧର୍ମ ମଧ୍ୟ ବିପଦରୁ ଉଦ୍ଧାର କରେ ।[୨] ରାମାୟଣରେ ଅଛି, ''ଧର୍ମ ହି ପରମୋଲୋକେ ।'' ଅର୍ଥାତ୍ ସଂସାରରେ ଧର୍ମ ହିଁ ସର୍ବୋତ୍ତମ ବସ୍ତୁ ।[୩] ବ୍ରହ୍ମବୈବର୍ତ୍ତ ପୁରାଣ ମତରେ ଧର୍ମ ଠାରୁ ବଳି ପ୍ରିୟବନ୍ଧୁ ବା ଧନ ନାହିଁ । [୪] ଉପନିଷଦରେ ଗୁରୁ ଶିଷ୍ୟଙ୍କୁ ଧର୍ମ ଆଚରଣ କରିବା ପାଇଁ ଉପଦେଶ ଦେଇ କହିଛନ୍ତି, ''ଧର୍ମଚରାଧର୍ମାନ୍ନପ୍ରମଦିତବ୍ୟମ୍ ।''[୫] ଗୀତାରେ ଭଗବାନ ଶ୍ରୀକୃଷ୍ଣ କହନ୍ତି, ''ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହୋତୋଭୟାତ୍ ।'' ଅର୍ଥାତ୍ ଧର୍ମ ସ୍ୱଳ୍ପ ହେଲେ ହେଁ ବିରାଟ ଭୟରୁ ତାହା ପରିତ୍ରାଣ କରେ ।[୬] ଅତୀତ କାଳରେ ଏହି ପାରମ୍ପରିକ ଧର୍ମବିଶ୍ୱାସ ଓ ଧର୍ମନିଷ୍ଠା ଦିନେ ସମାଜକୁ ନିୟନ୍ତ୍ରଣ କରୁଥିଲା । ବର୍ତ୍ତମାନ ମଧ୍ୟ ଧର୍ମହୀନ ହେବା ମଣିଷର ବିଶ୍ୱାସଘାତକତା ସଦୃଶ । ଜଗନ୍ନାଥ ତତ୍ତ୍ୱରେ ତାହା ଗୋହତ୍ୟା ଓ ବ୍ରହ୍ମହତ୍ୟା ଭଳି ଦୋଷ ହେବ । ପୃଥିବୀରେ ଧର୍ମ ସବୁଠାରୁ ଶ୍ରେଷ୍ଠ ବସ୍ତୁ । ସଂସାରର ମାନବବାଦର ନିୟମାକ, ବିପଦରୁ ତ୍ରାଣକାରୀ ଏବଂ ଐଶ୍ୱର୍ଯ୍ୟ ମୂଳତତ୍ତ୍ୱ । ଓଡ଼ିଶାରେ ସମାଜ, ସଂସ୍କୃତି, ମାନବବାଦ ଓ ଧର୍ମ ଜଗନ୍ନାଥଙ୍କୁ କେନ୍ଦ୍ର କରି ଏପରି ସୁଦୃଢ଼ ହୋଇଥିଲା ଯେ ମୁସଲମାନ ଧର୍ମ ଓ ଖ୍ରୀଷ୍ଟଧର୍ମ ତାହାକୁ ଆଦୌ ପ୍ରଭାବିତ କରିପାରିନଥିଲା । ପୂର୍ବେ ଆମେ ଉଲ୍ଲେଖ କରିଅଛୁ ଯେ ଭାରତ ତଥା ଉତ୍କଳରେ ପଞ୍ଚଦଶ ଶତାବ୍ଦୀ ବେଳକୁ ଜୈନ, ବୌଦ୍ଧ, ନାଥ, ସୌର, ଶୈବ, ଶାକ୍ତ, ଗାଣପତ୍ୟ ଓ ବୈଷ୍ଣବ ଧର୍ମର ପ୍ରଭାବ ଥିଲା । ଓଡ଼ିଶାର ବୈଷ୍ଣବ ଧର୍ମ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିଲା । ଶ୍ରୀଜଗନ୍ନାଥ ଧର୍ମ ସମସ୍ତ ମତବାଦକୁ ନିଜର କରି ପୁଷ୍କଳ ହୋଇଉଠିଥିଲା । ଏଥିରେ ସ୍ୱକୀୟା ପ୍ରେମ ହିଁ ମୁଖ୍ୟ ଥିଲା । ସେହିପରି ଏହାର ଉଦାର ଓ ସହିଷ୍ଣୁ ଭାବ ଥିଲା । ଧର୍ମଜଗତରେ ଧର୍ମ ଓ ତନ୍ତ୍ର ଭାବର ପ୍ରବଳ ପ୍ରଭାବ ଥିଲା ଯାହାକି ପୁରୁଷୋତ୍ତମ କ୍ଷେତ୍ରରେ ମଧ୍ୟ ତାହାର ପ୍ରତିଫଳନ ଶ୍ରୀମନ୍ଦିର ଉପରେ ପଡ଼ିଥିଲା । ବସ୍ତୁତଃ ଶ୍ରୀଜଗନ୍ନାଥ ସଂସ୍କୃତି ଥିଲା ମିଳନଧର୍ମୀ, ଉଦାର ମନୋଭାବାପନ୍ନ ଓ ନିରଅହଂକାରୀ । ପୃଥିବୀ ତଥା ଭାରତବର୍ଷର କୋଣ ଅନୁକୋଣରେ ରହିଥିବା ମାନବବାଦୀମାନେ ଏହି କ୍ଷେତ୍ରକୁ ଆସି ଠାକୁରଙ୍କ ପ୍ରତି ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରୁଥିଲେ ।

ବିଶ୍ୱର ଧର୍ମଚେତନାରେ ଶ୍ରୀଜଗନ୍ନାଥ

ଏହି ପରିପ୍ରେକ୍ଷୀରେ ମତବ୍ୟକ୍ତ କରାଯାଇପାରେ ଯେ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱର ସବୁଠାରୁ ବିସ୍ମୟାବହ ଦେବତା ଥିଲେ, ଅଛନ୍ତି ଓ ରହିବେ ମଧ୍ୟ । ''ଏହି ବିସ୍ମୟ କେବଳ ମୂର୍ତ୍ତିତତ୍ତ୍ୱ ଦୃଷ୍ଟିରୁ ନୁହେଁ, ତତ୍ତ୍ୱ ଓ ଦର୍ଶନ ଦୃଷ୍ଟିରୁ ମଧ୍ୟ । ଶ୍ରୀଜଗନ୍ନାଥ ସକଳ ତତ୍ତ୍ୱ ଓ ଦର୍ଶନର ହୋଇ ସୁଦ୍ଧା ସେସବୁର ବହୁ ଊର୍ଦ୍ଧ୍ୱରେ । କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ତତ୍ତ୍ୱ ବା ଦର୍ଶନରେ ବିଚାର କଲେ ତାଙ୍କର ମହିମା ଓ ମହତ୍ତ୍ୱ ଫୁଟି ଉଠେ । ଓଡ଼ିଶାରେ ଥାଇ ମଧ୍ୟ ସେ କେବଳ ଓଡ଼ିଶାର ନୁହନ୍ତି, ସମଗ୍ର ବିଶ୍ୱର । ତେଣୁ ସେ

୧. ସଂସ୍କୃତ ମହାଭାରତ, ଭୀଷ୍ମପର୍ବ, ପଦ : ୨୧, ୨୨

୨. ତତ୍ରୈବ, ଉଦ୍‌ଯୋଗ ପର୍ବ, ପଦ ୪୨, ୨୫ ।

୩. ତତ୍ରୈବ, ସଂସ୍କୃତ ରାମାୟଣ, ଅଯୋଧ୍ୟା କାଣ୍ଡ, ୨୧, ୪୧

୪. ସଂସ୍କୃତ ବ୍ରହ୍ମବୈବର୍ତ୍ତ ପୁରାଣ, ପୃ. ୫୦୧

୫. ଈଶନୌପନିଷଦ୍, ପୃ. ୨୯୮

୬. ଶ୍ରୀମଦ୍ ଭଗବଦ୍ ଗୀତା, ନୀଳକଣ୍ଠ ଦାସ (ସମ୍ପାଦନା), ପୃ. ୪୮ ।

ବିଶ୍ୱାତ୍ମା । କିଏ ତାଙ୍କୁ କେଉଁ ସୀମିତ ଆଞ୍ଚଳିକ ସୀମାରେ ଆବଦ୍ଧ କରିପାରିବ ? ସେ କୌଣସି ନିର୍ଦ୍ଦିଷ୍ଟ ଧର୍ମର ନୁହନ୍ତି, ଭାଷାର ନୁହନ୍ତି, ଜାତିର ନୁହନ୍ତି କିମ୍ବା ଗୋଷ୍ଠୀର ନୁହନ୍ତି । ସେ ସବୁ ଧର୍ମର, ସବୁ ଜାତିର, ସବୁ ଭାଷାର । ଅନ୍ୟାର୍ଥରେ, ସେ ସମଗ୍ର ମଣିଷ ଜାତିର । ଯିଏ ତାଙ୍କୁ ଯେପରି ବିଚାର କରନ୍ତି, ସିଏ ସେହିପରି ପ୍ରତିଭାତ ହୁଅନ୍ତି । ସିଏ କାହା ପାଖରେ ନିର୍ଗୁଣ ଓ ମହାଶୂନ୍ୟ ତ ଅନ୍ୟ କାହା ପାଖରେ ସଗୁଣ ଓ ସାକାର । କାହା ପାଖରେ ମହାକାରୁଣ୍ୟ ଓ ଅନ୍ୟ କାହା ପାଖରେ ଲୀଳାମୟ ପୁରୁଷ । ସେ ପୁଣି ହୋଇଯାଆନ୍ତି ପୁରୁଷୋତ୍ତମ । ତାଙ୍କୁ ଇତିହାସ ଭିତରେ ବିଚାର କରିବାକୁ ଗଲାବେଳେ ସେ ଇତିହାସରୁ ବି ବାହାରି ଯାଆନ୍ତି । ତାଙ୍କର ଇତିହାସ ଖୋଜୁ ଖୋଜୁ ସେ ରହସ୍ୟମୟ ହୋଇଯାଆନ୍ତି । ସେ ନିଜେ ହିଁ ରହସ୍ୟମୟ ଓ ସେ ପୁଣି ସକଳ ରହସ୍ୟରୁ ବାହାର । ତେଣୁ ସାଧାରଣରେ ସେ ପ୍ରାଗ୍‌ବୈଦିକ, ବୈଦିକ ଓ ବେଦୋତ୍ତର । ଯେତେବେଳେ ସେ ପ୍ରାଗ୍‌ବୈଦିକ ସେତେବେଳେ ତାଙ୍କ ପାଖରେ ଆର୍ଯ୍ୟଚେତନାର ଅଭିଜାତ ପ୍ରଲେପ ଲାଗିନାହିଁ । ସେ କାଳର ମଣିଷମାନଙ୍କ ପରି ସେ ଥିଲେ ଅନାବୃତ୍ତ । ସେହି ମଣିଷମାନଙ୍କୁ ଯଦି ଆଦିମ ଅଧିବାସୀ କୁହାଯାଏ, ତେବେ ଜଗନ୍ନାଥ ଥିଲେ ଆଦିବାସୀ ଦେବତା । ସରଳ ଆଦିବାସୀଙ୍କ ସୂଚୀପତ୍ର ବିଶ୍ୱାସରୁ ଜଗନ୍ନାଥଙ୍କ ଦାରୁମୂର୍ତ୍ତିର ପରିକଳ୍ପନା । ଦାରୁ ଉପାସନା ଆଦିମ ପଦ୍ଧତି । ବୃକ୍ଷ ମଣିଷର ମିତ୍ର ଓ ସଂସ୍କୃତିର ନିର୍ମାତା । ଦାରୁ ଉପାସନା ବୃକ୍ଷ ସଂରକ୍ଷଣର ଇଙ୍ଗିତ । କେହି କେହି ମତ ଦିଅନ୍ତି ଯେ ପ୍ରଥମେ ଜଗନ୍ନାଥଙ୍କ ବିଗ୍ରହ ପଥରରେ ନିର୍ମିତ ହୋଇଥିଲା । ଏହା ହୋଇଥାଇପାରେ; ମାତ୍ର ଏଥିସହିତ ମାନବ ଜାତିର ସଂସ୍କୃତିର ସମ୍ପର୍କ ନାହିଁ । ଅବଶ୍ୟ ପଥର ନିର୍ମିତ ବିଗ୍ରହର ଉପାସନା ଯେ ନ ଥିଲା, ନୁହେଁ, ଏହା ମଧ୍ୟ ଆଦିମ ଅଧିବାସୀଙ୍କ ପରିକଳ୍ପନା । ଏହା ଫଳରେ ଜଗନ୍ନାଥଙ୍କ ମୂଳ ସ୍ୱରୂପଟି ହୋଇଗଲା ରହସ୍ୟାବୃତ୍ତ । ମୂଳ ସ୍ୱରୂପଟି ଯେ ଥିଲା ଏକ ଅନାବୃତ୍ତ ଛଳନାରହିତ ଦାରୁବିଗ୍ରହ ତାହା ବିସ୍ମୃତ ହୋଇଗଲା । ଯେଉଁ ନୂତନ ରୂପଟି ପ୍ରକଟିତ ହେଲା, ତାହା ଆଉ ଆଦିବାସୀର ହୋଇ ରହିଲା ନାହିଁ; ହୋଇଗଲା ଆର୍ଯ୍ୟ ଚେତନାର ।

ଜଗନ୍ନାଥ ଏକମୂର୍ତ୍ତି ହୋଇ ଆବିର୍ଭୂତ ହୋଇଥିଲେ । ପରେ ସେ ହେଲେ ତିନିମୂର୍ତ୍ତି....ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା । ପୁଣି ପରେ ସେଥିରେ ମିଶିଲେ ସୁଦର୍ଶନ । ଜଗନ୍ନାଥ ହୋଇଗଲେ ଚତୁର୍ଦ୍ଧା ମୂର୍ତ୍ତି । ସେ ଚତୁର୍ଦ୍ଧା ମୂର୍ତ୍ତି ହୋଇ ମଧ୍ୟ ବସ୍ତୁତଃ ସେ ହେଲେ ଏକ ଏବଂ ସେହି ଏକ ମୂର୍ତ୍ତିକୁ କେନ୍ଦ୍ର କରି କେତେ କେତେ ବିଚାର ସୃଷ୍ଟି ହୋଇଗଲା । ଅସଲ ଯେଉଁ ମଣିଷ-ଭାବନାଟି ଥିଲା, ତାହା ଆଚ୍ଛନ୍ନ ହୋଇଯାଇ ନାନା ଧର୍ମକୁ ସେଥିରେ ଆରୋପ କରିଦିଆଗଲା । ତାଙ୍କ ଠାରେ ବୌଦ୍ଧ, ଜୈନ, ବୈଷ୍ଣବ, ଶୈବ, ନାଥ, ଶାକ୍ତ, ସୌର, ଗାଣପତ୍ୟ ଆଦି ନାନା ଧର୍ମକୁ ମିଶେଇ ଦିଆଗଲା । ତନ୍ତ୍ରକୁ ମଧ୍ୟ ତାଙ୍କ ଠାରେ ଆରୋପ କରାଗଲା । ସାଂପ୍ରତିକ କାଳରେ କେହି କେହି ତାଙ୍କ ଠାରେ ଇସଲାମ ଓ ଖ୍ରୀଷ୍ଟଧର୍ମକୁ ଆରୋପ କରୁଛନ୍ତି । ଏସବୁ ଆରୋପ କେତେ ସମୀଚୀନ ତାହା ସେହି ଆରୋପକାରୀଙ୍କୁ ହିଁ ଜଣା । ଏହାଦ୍ୱାରା କେଉଁ ଉଦ୍ଦେଶ୍ୟ ସାଧିତ ହେଉଛି, ତାହା ମଧ୍ୟ ଜଣାନାହିଁ । ସେ ଅଣାକାର ହେଲେ, ନିରାକାର ହେଲେ, ହେଲେ ମଧ୍ୟ ସାକାର ଓ ସଗୁଣ । ସେ ପୁଣି ବୁଦ୍ଧ ହେଲେ, ଜୀନ ହେଲେ, ବିଷ୍ଣୁ ହେଲେ, କୃଷ୍ଣ ହେଲେ, ରାମ ହେଲେ, ଶିବ ହେଲେ, ଶକ୍ତି ମଧ୍ୟ ହେଲେ । ସେ ସବୁ ହୋଇ ମଧ୍ୟ କିଛି ହେଲେ ନାହିଁ । ଓଡ଼ିଶୀ ସଂସ୍କୃତିରେ ସେ ସେହିପରି ଜଗନ୍ନାଥ ହୋଇ ରହିଲେ । ସାଧାରଣ ମାଟିର ମଣିଷଙ୍କ ପାଖରେ ସେ ହେଲେ ଅତି ଆପଣାର ଜଗୁନି, ଜଗୁ ନାଏକ, ଜଗୁ ଜୀବନ, ଜଗାକାଳିଆ, ଚକାଡୋଳା, କାଳିଆ ସାଆନ୍ତ, ମଣିମା, ମହାବାହୁ, ବଳୀୟାର ଭୁଜ, ପତିତପାବନ । ସେ ସେଇମିତି ହୋଇ ରହିଲେ ବିଶ୍ୱାସ ଓ ଭରସାର ଦେବତା ଭାବେ । ଓଡ଼ିଆ ଜାତି ତାଙ୍କ ସହିତ ସ୍ଥାପନ କରିଦେଲା କୌଟୁମ୍ବିକ ସମ୍ପର୍କ । ସେ ଯେମିତି ପ୍ରତ୍ୟେକ ଓଡ଼ିଆ ପରିବାରର ହୋଇଗଲେ ଇଷ୍ଟ ଓ ମୁରବୀ ।''[୭]

ସେହିପରି ''ଜଗନ୍ନାଥ ବିଶ୍ୱର ଦେବତା, ବ୍ରହ୍ମାଣ୍ଡର ଦେବତା । ସେ ଜଗତର ନାଥ, ଦେବାଧିଦେବରାଜ, କୋଟି ବ୍ରହ୍ମାଣ୍ଡର ପ୍ରଭୁ, ନୀଳଗିରି ପତି । ଓଡ଼ିଆ ଜାତି ପାଖରେ ସେ ଏକାନ୍ତ ଆପଣାର । ଜଗନ୍ନାଥ ଓ ଓଡ଼ିଆ ଜାତି ସଂସ୍କୃତିର କର୍ଣ୍ଣଧାର । ଅନ୍ୟାର୍ଥରେ,

୭. ସାମଲ, ବୈଷ୍ଣବ ଚରଣ, ସାହିତ୍ୟ କଥନୀ, କଟକ : ଆର୍ଯ୍ୟ ପ୍ରକାଶନ, ୧୯୯୫, ପୃ. ୧୯୭-୧୯୮

ଓଡ଼ିଆ ସଂସ୍କୃତି ହିଁ ଜଗନ୍ନାଥ ସଂସ୍କୃତି । ଏହା ଯେପରି ଉଦାର ସେହିପରି ମଧ୍ୟ ବିରାଟ । ବେଦରେ ସେ ବ୍ରହ୍ମ, ଉପନିଷଦର ସେ ପରମାତ୍ମା ଓ ଭୂମା । ଜ୍ଞାନମାର୍ଗରେ ସେହି ବ୍ରହ୍ମଙ୍କୁ ଉପଲବ୍ଧି କରିହୁଏ । ସେ ଆଉ ଦାରୁ ନୁହନ୍ତି, ସାକାର ବିଗ୍ରହ ନୁହନ୍ତି; ସେ ମହାଶୂନ୍ୟ ଓ ପରଂବ୍ରହ୍ମ । ଯୋଗମାର୍ଗରେ ସେ ପରମାତ୍ମା । ଭକ୍ତିମାର୍ଗରେ ସେ ଭଗବାନ । ଓଡ଼ିଶୀ ସଂସ୍କୃତିରେ ଜ୍ଞାନ, ଯୋଗ ଓ ଭକ୍ତି ମିଶିଯାଇ ଏକ ମହାଭାବ ସୃଷ୍ଟି କରିଛି ଏବଂ ଜଗନ୍ନାଥ ହୋଇଯାଇଛନ୍ତି ସେହି ମହାଭାବର ପ୍ରତୀକ । ତେଣୁ ଜଗନ୍ନାଥ ସଂସ୍କୃତିରେ ଧନୀ, ଦରିଦ୍ର, ଜାତି, ଅଜାତି, ଉଚ୍ଚ ନୀଚ, ସାନବଡ଼ ଭେଦ ନାହିଁ । 'ସର୍ବେ ସମାନାଃ'- ଏହାର ଉଦାତ୍ତ ବାଣୀ । 'ବସୁଧୈବ କୁଟୁମ୍ବକମ୍' ଏହାର ମନ୍ମୟ ଆହ୍ୱାନ । ଏହି ସଂସ୍କୃତିରେ କ୍ଷୁଦ୍ରତା ଓ ସଂକୀର୍ଣ୍ଣତାର ସ୍ଥାନ ନାହିଁ । ଏହା ଉପନିଷଦୀୟ ଭୂମାର ସଂସ୍କୃତି । ଦାସିଆ ବାଉରୀ, ଯବନ ହରିଦାସ ଓ ସାଲବେଗ ଏହି ସଂସ୍କୃତିରେ ଯେପରି ସମ୍ମାନିତ, ସେହିପରି ଉଚ୍ଚବର୍ଗର ଶଙ୍କରାଚାର୍ଯ୍ୟ, ରାମାନୁଜାଚାର୍ଯ୍ୟ, ନିମ୍ବକାଚାର୍ଯ୍ୟ, ବିଷ୍ଣୁ ସ୍ୱାମୀ ଓ ଶ୍ରୀଚୈତନ୍ୟ ମଧ୍ୟ ସମ୍ମାନିତ । ଭୂମାର ଉପାସନା ଜଗନ୍ନାଥ ସଂସ୍କୃତିର ଅନ୍ତର୍ବାଣୀ ହୋଇଥିବାରୁ ଜଗନ୍ନାଥଙ୍କ ଦେଉଳ ବଡ଼ ଦେଉଳ, ଦାଣ୍ଡ ବଡ଼ଦାଣ୍ଡ, ପଣ୍ଡା ବଡ଼ପଣ୍ଡା, ସମୁଦ୍ର ମହୋଦଧି, ଭୋଗ ମହାପ୍ରସାଦ । ଏପରି ଚଳଣିର ଇଙ୍ଗିତ ହେଉଛି ସକଳ କ୍ଷୁଦ୍ରତାରୁ ମୁକ୍ତ ହୋଇ ଭୂମାର ଉପାସନା କରିବା ଓ ବିଶ୍ୱବୋଧରେ ଉଦ୍‌ବୁଦ୍ଧ ହେବା ।''[୮]

ଜଗନ୍ନାଥ ଧର୍ମ ଓ ଜଗନ୍ନାଥ ସଂସ୍କୃତି ଏପରି ଏକ ଧର୍ମ ଓ ସଂସ୍କୃତି ଯେଉଁଥିରେ ପୃଥିବୀର ସବୁ ଧର୍ମ ଓ ସବୁ ସଂସ୍କୃତିକୁ ଉଣା ଅଧିକେ ଉପଲବ୍ଧି କରାଯାଇପାରେ ।

ଶ୍ରୀଜଗନ୍ନାଥଙ୍କ ଉଦାରବାଦୀ ଚେତନା

ଜଗନ୍ନାଥ ମୈତ୍ରୀ ଦେବ । ବିଶ୍ୱମୈତ୍ରୀ ତାଙ୍କର ଲକ୍ଷ୍ୟ । ସେ ପୁଣି ହେଲେ ପତିତପାବନ । ପଞ୍ଚଦଶ/ଷୋଡ଼ଶ ଶତାବ୍ଦୀରୁ ଓଡ଼ିଶାରେ ପତିତପାବନ ଚେତନା ହେଲା ପ୍ରମୁଖ । ଏହି ପତିତପାବନ ଚେତନା ବାହାରୁ କେଉଁ ଧର୍ମରୁ ଆସି ନାହିଁ । ଏହିଠାରେ ଏହାର ଉନ୍ମେଷ । ସନ୍ଥକବିମାନେ ଜଗନ୍ନାଥଙ୍କୁ ମାନି ନେଇ ନିଜ ନିଜକୁ ଶୂଦ୍ର, ପତିତ ଓ ପାତକୀ ରୂପେ ଘୋଷଣା କଲେ । ସେମାନେ ସମାଜର ନିମ୍ନ ପାହାଚରେ ମଣିଷମାନଙ୍କ ସହିତ ସାମିଲ ହେଲେ ଏବଂ ଆଧ୍ୟାତ୍ମିକ ମାର୍ଗରେ ସେମାନଙ୍କର ଉତ୍ତୋଳନ ପାଇଁ ପ୍ରେରଣା ଦେଲେ ।

ସେହିପରି ଜଗନ୍ନାଥ ଚାରି ବର୍ଣ୍ଣ ବିଶିଷ୍ଟ । ଏହି ଚାରିବର୍ଣ୍ଣ ବା ଅକ୍ଷରରେ ଚାରି ବର୍ଣ୍ଣ ବ୍ରାହ୍ମଣ-କ୍ଷତ୍ରିୟ-ବୈଶ୍ୟ-ଶୂଦ୍ର ସୂଚିତ । ଏହି ଚାରି ବର୍ଣ୍ଣଙ୍କୁ ଜଗନ୍ନାଥ ଧର୍ମ ଅର୍ଥ କାମ ମୋକ୍ଷ ଚତୁଃବର୍ଗ ପ୍ରଦାନ କରିଥାନ୍ତି । ଜଗନ୍ନାଥ କଳା, ବଳଭଦ୍ର ଧଳା, ସୁଭଦ୍ରା ହରିଦ୍ରାଭ ଓ ସୁଦର୍ଶନ ଲୋହିତାଭ । ପୃଥିବୀରେ ଏପରି ଚାରିରଙ୍ଗର ଲୋକ ବିଦ୍ୟମାନ । ଏମାନଙ୍କୁ ମଧ୍ୟ ଜଗନ୍ନାଥ ଚତୁଃବର୍ଗ ପ୍ରଦାନ କରନ୍ତି । ଜଗତ ଓ ନାଥ, ଏହି ଦୁଇ ଶବ୍ଦରେ ଜଗନ୍ନାଥ । ଜଗତ ଅର୍ଥ ଜୀବାତ୍ମା । ନାଥ ଅର୍ଥ ପରମାତ୍ମା । ଜଗନ୍ନାଥଙ୍କଠାରେ ଜୀବ ଓ ପରମ ନିତ୍ୟଲୀଳା ସଂଘଟିତ । ତେଣୁ କବି ଉପେନ୍ଦ୍ର ଭଞ୍ଜ ଉଲ୍ଲେଖ କରିଛନ୍ତି-

''ସେ କୁମ୍ଭକଟକ ରାଜା ନାମ ଜଗନ୍ନାଥ
ଚାରିବର୍ଣ୍ଣେ ଚଉବର୍ଗ ଦେବାକୁ ସମର୍ଥ ହେ ।
ଭକ୍ତି ଦେବା ଗୁପ୍ତ ହୋଇଅଛି ଯୁକ୍ତାକ୍ଷରେ
ବୈଷ୍ଣବ ବିହୁନେ କେହୁ ବୁଝିବ ସଂସାରେ ହେ ।''[୯]

---

୯. ଭଞ୍ଜ, ଉପେନ୍ଦ୍ର, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ପ୍ରଥମ ଛାନ୍ଦ, ପଦ

ଜଗନ୍ନାଥ ତତ୍ତ୍ୱର, ବିଶ୍ୱାସର ଓ ଭରସାର ଦେବତା । ଓଡ଼ିଶାବାସୀଙ୍କ ସେ ଆତ୍ମା ଓ ହୃଦୟ । ଘରେ ଘରେ ତାଙ୍କର ମହାପ୍ରସାଦ ଓ ନିର୍ମାଲ୍ୟର ଆଦର । ବିବାହ ସମୟରେ ମହାପ୍ରସାଦ ନିର୍ବନ୍ଧ ହୁଏ । ବିବାହ ଆଦି ସାମାଜିକ କାର୍ଯ୍ୟରେ ଆମେ ପ୍ରଥମେ ଶ୍ରୀମନ୍ଦିରକୁ ଯାଇ ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ କରୁ ।

ଜଗନ୍ନାଥ ହେଉଛନ୍ତି ଆମର ସବୁକିଛି । ତାଙ୍କ ନିର୍ମାଲ୍ୟ ଓଡ଼ିଆ ଜାତି ପାଖରେ କୈବଲ୍ୟ ଅର୍ଥାତ ମୁକ୍ତିର ମାର୍ଗ । ଦୀପାବଳି ଅମାବାସ୍ୟା ଦିନ ରାତ୍ରିରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଲୋକେ କହନ୍ତି- 'ବଡ଼ ବଡ଼ୁଆ ହୋ, ଏହା ଅନ୍ଧାରରେ ଆସ/ ଆଲୁଅରେ ଯାଅ-ଗଙ୍ଗା ଯା/ ନଡ଼ିଆ ମହାପ୍ରସାଦ ପା / ବାଇଶି ପାହାଚରେ ଗଡ଼ଗଡ଼ଉ ଥା' । ବାଇଶି ପାହାଚରେ ପିଣ୍ଡ ଦେଲେ ଅମୋକ୍ଷ ଆତ୍ମା ମୋକ୍ଷ ପାଏ ବୋଲି ଓଡ଼ିଆ ଜାତିର ବିଶ୍ୱାସ । ଏସବୁ ଦୃଷ୍ଟିରୁ ଆମ ସାମାଜିକ ଓ ସାଂସ୍କୃତିକ ଜୀବନଧାରା ସହିତ ଜଗନ୍ନାଥ ଓତଃପ୍ରୋତ ଭାବରେ ଜଡ଼ିତ ଥିବା ଜଣାଯାଏ ।

ଜଗନ୍ନାଥଙ୍କର ବାରମାସରେ ତେର ପର୍ବ । ତନ୍ମଧ୍ୟରୁ ଜୈଷ୍ଠ ପୂର୍ଣ୍ଣମୀ ଓ ରଥଯାତ୍ରା ମୁଖ୍ୟ ପର୍ବ । ଏହି ଦୁଇ ପର୍ବରେ ହିଁ ସେ ଶ୍ରୀମନ୍ଦିରର ରତ୍ନସିଂହାସନ ଛାଡ଼ି ବିଶ୍ୱବାସୀଙ୍କୁ ଦର୍ଶନ ଦେଇଥାନ୍ତି । ପୃଥିବୀର ସବୁ ଅଞ୍ଚଳରୁ ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ଲୋକମାନେ ଆସି ଶ୍ରୀଜଗନ୍ନାଥଙ୍କୁ ଆଖି ପୁରାଇ ମୁଗ୍ଧ ହୋଇଥାନ୍ତି । ସେମାନଙ୍କ ମନ ଓ ନୟନ ପବିତ୍ର ହୋଇଥାଏ । ରଥଯାତ୍ରାରେ ଓଡ଼ିଶାର ଗଜପତି ରଥରେ ନିଜର ସମସ୍ତ ଆଭିଜାତ୍ୟକୁ ଜଳାଞ୍ଜଳି ଦେଇ ଛେରାପହଁରା କରିଥାନ୍ତି । ଏହି ସମୟରେ ହିଁ ଏହିଠାରେ ଦେବତା, ରାଜା, ବ୍ରାହ୍ମଣ, ପ୍ରଜା, ଜାତି, ଅଜାତି ସମସ୍ତେ ଏକ ଭାବବିନ୍ଦୁରେ ମିଳିତ ହୋଇଥାନ୍ତି । ଏଥିରେ ହିଁ ପ୍ରତିଷ୍ଠା ଲାଭ କରେ ମାନବ ମୈତ୍ରୀ ଧର୍ମ ତଥା ବିଶ୍ୱମାନବବୋଧ ।

ବିଶ୍ୱରେ ଜଗନ୍ନାଥ ସଂସ୍କୃତିରେ ଥିବା ଆନନ୍ଦ ବଜାରର ମହତ୍ତ୍ୱ ତାତ୍ପର୍ଯ୍ୟପୂର୍ଣ୍ଣ । ଗୋଟିଏ ପାତ୍ରରେ ଜାତି ଅଜାତି ସମସ୍ତେ ପ୍ରସାଦ ସେବନ କରିପାରନ୍ତି । ଏଠି 'ଜାତି ଅଜାତି ସର୍ବ ଜନ/ ଜଙ୍ଗମ ମାତ୍ରେ ସମ ଜ୍ଞାନ' । ଉଦାର ମାନବିକତାର ଏହା ସାର୍ଥକ ନିଦର୍ଶନ । ଏହାହିଁ ମାନବ-ସଂସ୍କୃତି । ଏହି ସଂସ୍କୃତି ମଧ୍ୟ ଘୋଷଣାକରେ ସଂଯମରେ ସଂଭୋଗ । ସଂଯମ ନଥାଇ ସଂଭୋଗ ଏଥିରେ ନିନ୍ଦନୀୟ । ଲକ୍ଷ୍ମୀ ଓ ଶ୍ରୀୟାଚଣ୍ଡାଲୁଣୀ ପ୍ରସଙ୍ଗ ମଧ୍ୟ ଜଗନ୍ନାଥ ସଂସ୍କୃତିର ଏକ ଅପରିହାର୍ଯ୍ୟ ଅଙ୍ଗ । ଏହି ପ୍ରସଙ୍ଗ ସୂଚେଇ ଦିଏ ଜାତିଭେଦ ଏକ ସାମାଜିକ କଳଙ୍କ । ନିର୍ମଳ ନିଷ୍ଠା ଓ ଭକ୍ତି, ଶୁଦ୍ଧ ଆଚାର ଓ ବିଚାର, ନାରୀ ପ୍ରତି ପୁରୁଷର ସମ୍ମାନ ଓ ମର୍ଯ୍ୟାଦା ପ୍ରଦାନ ଏହି ପ୍ରସଙ୍ଗର ଅନ୍ତଃର୍ବାଣୀ । ଏହା ଓଡ଼ିଆ ଜାତିର ସମଗ୍ର ବିଶ୍ୱକୁ ଶ୍ରେଷ୍ଠ ଅବଦାନ । ଶାନ୍ତି, ସହବସ୍ଥାନ, ସମନ୍ୱୟ, ବିଶ୍ୱପ୍ରୀତି, ମୈତ୍ରୀ ଓ ପ୍ରେମର ଏହା ମାନବୀୟ ଗାୟତ୍ରୀ । ଆଜିର ସଙ୍କଟଗ୍ରସ୍ତ ଜଗତ ପାଇଁ ଏହି ସଂସ୍କୃତି ଯେ ଏକ ନୂତନ ଆଶା ସଂଚାର କରେ, ଏଥିରେ ମତଦ୍ୱିଧାର ଅବକାଶ ନାହିଁ ।

ଏ ପ୍ରସଙ୍ଗରେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଶ୍ରୀଜଗନ୍ନାଥଙ୍କର ଦୁଇଗୋଟି ଲୀଳା । ଏକରେ ସେ ନିରାକାର ବ୍ରହ୍ମ । ଜଗତର ନାଥ- ପାଳନ କର୍ତ୍ତା । ଅନ୍ୟାନ୍ୟ ଧର୍ମରେ ଅର୍ଥାତ୍ ଖ୍ରୀଷ୍ଟଧର୍ମରେ ସେ ଈଶ୍ୱର, ନିର୍ଗୁଣ, ନିରାକାର ଓ ଜଗତର ନିୟାମକ୍ । ତାଙ୍କଠାରୁ ସମଗ୍ର ଜୀବଜଗତର ସୃଷ୍ଟି । ମହମ୍ମଦ ଓ ତାଙ୍କ ପ୍ରଚାରିତ 'ଇସ୍‌ଲାମ୍' ମତରେ ମଧ୍ୟ ସେ ଏକଇଶ୍ୱରବାଦର ପ୍ରବର୍ତ୍ତନକାରୀ । ହିନ୍ଦୁମାନଙ୍କର ମତରେ ସେ ଶୂନ୍ୟ ବ୍ରହ୍ମ, ଅସୀମ, ଅରୂପ, ନିର୍ଗୁଣ ତଥା ନିରାକାର । ପୁନଶ୍ଚ ଅନ୍ୟ ମତରେ ଜଗତରେ ସେ ଆକାର ବ୍ରହ୍ମ ରୂପେ ଅବତାର ଗ୍ରହଣ କରି ଲୀଳାମୟ ସାଜି ମନୁଷ୍ୟର ସମସ୍ତ ଉତ୍ତମଗୁଣକୁ ଲୋକରେ ପରିପ୍ରଚାର କରିବାରେ ସଦା ସର୍ବଦା ବ୍ୟସ୍ତ ରହିଥାନ୍ତି । ଏହି ମାନୁଷୀ ଲୀଳାରେ ମଣିଷର ଦୈନନ୍ଦିନ ଜୀବନ ସମସ୍ତ ଆଦର୍ଶ ଗୁଣ ଗୁଡ଼ିକୁ ଆଧାର କରି ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିଥାନ୍ତି । ଏହାର କାରଣ ସ୍ୱରୂପ ସେ ମନୁଷ୍ୟମାନଙ୍କୁ ଉତ୍ତମଗୁଣ ସଂପନ ହେବାପାଇଁ ପ୍ରଚୋଦିତ କରିଥାନ୍ତି । ସଂସାରର ଲୋକମାନେ ସଦା ସର୍ବଦା ତାଙ୍କର ଦେବତାଙ୍କୁ ପାଖରେ ଦେଖିବାକୁ ଚାହିଁଥାନ୍ତି । ସେଥିପାଇଁ ସେ ଶ୍ରୀକ୍ଷେତ୍ରରେ ଥିବା ଶ୍ରୀମନ୍ଦିରରେ ନିଜର ଦୈନନ୍ଦିନ ଜୀବନର ଶୈଳୀକୁ ଉଦାହରଣ ଛଳରେ ପ୍ରଦର୍ଶନ କରି ଆସୁଛନ୍ତି ।

ଶ୍ରୀମଦ୍ ଭଗବତ୍‌ଗୀତାରେ ଯେଉଁ ଈଶ୍ୱର ବା ବ୍ରହ୍ମଙ୍କର ପରିକଳ୍ପନା କରାଯାଇଛି ଓ ଉପଦେଶମାନ ଦିଆଯାଇଛି ସେ ସବୁକୁ ସର୍ବସାଧାରଣରେ ତଥା ବିଶ୍ୱବାସୀଙ୍କ ସମ୍ମୁଖରେ ସେ ପ୍ରୟୋଗ କରୁଛନ୍ତି । ଆମେ ସାଧାରଣ ମନୁଷ୍ୟ ତାଙ୍କର ଲୀଳାକୁ ସହଜରେ ବୁଝିପାରୁନାହୁଁ । ଏହାହିଁ ଆଶ୍ଚର୍ଯ୍ୟକର କଥା । ବର୍ତ୍ତମାନ ବିଶ୍ୱରେ ମାନବଗୋଷ୍ଠୀ ଯୁଦ୍ଧ / ଅରାଜକତା / ମାରଣାସ୍ତ୍ରର ପ୍ରସ୍ତୁତି ପଥରେ ଆଗେଇ ଚାଲିଛନ୍ତି । ଶାନ୍ତି ସୁଦୂର ପରାହତ । ଜୀବନ ଦୁଃଖ କଷ୍ଟମୟ । ମୁକ୍ତିର ପଥ ବିଡ଼ମ୍ବିତ । ନାରୀ ସଂଭୋଗର ନିଶାରେ ସମସ୍ତେ ଦୁଷ୍କର୍ମ କରିବାକୁ ତତ୍ପର । ଚାରିଆଡ଼େ ମୃତ୍ୟୁର ତାଣ୍ଡବଲୀଳା । ଏହି କଥା ଅତୀତରେ ମଧ୍ୟ ଭାରତବର୍ଷରେ ଯାଦବମାନଙ୍କ କ୍ଷେତ୍ରରେ ଘଟିଥିଲା । ଶ୍ରୀକୃଷ୍ଣ ଅବତାରରେ ସେ ସବୁର ଅନ୍ତ ହୋଇଥିଲା । ତେଣୁ ଗୀତାରେ କୃଷ୍ଣ ଅର୍ଜୁନଙ୍କୁ କହିଥିଲେ-

> ''ଯଦା ଯଦାହି ଧର୍ମସ୍ୟ, ଗ୍ଲାନିର୍ଭବତି ଭାରତଃ
>
> ଅଭ୍ୟୁତ୍‌ଥାନମ ଧର୍ମସ୍ୟ, ତଦାତ୍ମାନଂ ସୃଜାମ୍ୟହଂ ।୭
>
> ପରିତ୍ରାଣାୟ ସାଧୁନାଂ, ବିନାଶାୟ ଚ ଦୁଷ୍କୃତାଂ
>
> ଧର୍ମ ସଂସ୍ଥାପନାର୍ଥାୟ, ସମ୍ଭବାମି ଯୁଗେ ଯୁଗେ ।'' ୮ ପଦ [୧୦]

ଏହି ମହାନବାଣୀ ବିଶ୍ୱର ସମସ୍ତ ଦେଶର କୋଣ ଅନୁକୋଣରେ ଗୁଞ୍ଜରିତ । ରାକ୍ଷସ ପ୍ରବୃତ୍ତିର ମଣିଷମାନଙ୍କୁ ଏକ ଚେତାବନୀ ତଥା ସାଧୁସନ୍ଥମାନଙ୍କୁ ରକ୍ଷା କରିବା ପାଇଁ ଏକ ମାନବିକ ଆହ୍ୱାନ କହିଲେ ଅତ୍ୟୁକ୍ତି ହେବନାହିଁ । ବର୍ତ୍ତମାନ ନିମ୍ନରେ ଆମ୍ଭେ ପୃଥିବୀରେ ଶାନ୍ତିର ଅଭୟବାଣୀ ପ୍ରଦାନ ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଭୂମିକା ସମ୍ପର୍କରେ ଅନୁଶୀଳନ କରୁଅଛୁ ।

''ବିଶ୍ୱର ଅର୍ଥ ହେଲା ସର୍ବଜଗତ, ତ୍ରିଭୁବନ, ସାର୍ବଲୌକିକ, ସାର୍ବତ୍ରିକ, ସର୍ବଗତ, ସର୍ବ । ଏହାର ଇଂରାଜୀ ପ୍ରତିଶବ୍ଦ ହେଲା Universe. ଜଗତ, World, ଅଖିଳ ଜଗତ, ବ୍ରାହ୍ମାଣ୍ଡ, ତ୍ରିଭୁବନ, ତ୍ରୈଲୋକ୍ୟ । ଏଠାରେ ସ୍ପଷ୍ଟ କହିବାକୁ ପଡ଼ିବ ଯେ ଏହା ଜଗତୀକରଣଠାରୁ ଆହୁରି ବ୍ୟାପକ ଅର୍ଥରେ ପ୍ରୟୋଗ କରାଯାଇଥାଏ । କାରଣ ଜଗତୀକରଣ କେବଳ ପୃଥିବୀର ବସ୍ତୁର ଦେଶଦେଶ ମଧ୍ୟରେ ବାଣିଜ୍ୟ, ପୁଞ୍ଜି ପ୍ରବାହ ଶ୍ରମ ପ୍ରବାହର ଅବାଧ ଗତିକୁ ବୁଝାଉଥିଲା ବେଳେ ଏବଂ ଏହା କେବଳ ବସ୍ତୁ ବା ଦ୍ରବ୍ୟ ସହିତ (Matter) ସଂପୃକ୍ତ ହୋଇଥିବାବେଳେ ବିଶ୍ୱଚେତନା ବସ୍ତୁ ଠାରୁ ଊର୍ଦ୍ଧ୍ୱରେ ଅର୍ଥାତ୍ Metaphysical ସ୍ତରକୁ ବୁଝାଏ । ଏହା ଉଭୟ ଜଡ଼ ଓ ଚେତନକୁ ବିଚାରକୁ ମିଶାଇ ଅତ୍ୟନ୍ତ ବ୍ୟାପକ ଅର୍ଥରେ ବ୍ୟବହୃତ ହୁଏ ।''[୧୧]

ଏଠାରେ ବିଶ୍ୱଚେତନାର ରୂପରେଖ ହେଲା ''ବସୁଧୈବ କୁଟୁମ୍ବକମ୍'' । ସମଗ୍ର ବିଶ୍ୱକୁ ନିଜର କରି ଦେଖିବାର ମୂଳମନ୍ତ୍ର ଏଇଠି ରହିଛି । ଏହି ଚେତନାଟି ମୂଳ ଭାରତୀୟ ଚେତନା ଅଟେ । ଭାରତର ବିଭିନ୍ନ ଶାସ୍ତ୍ରମାନଙ୍କରେ ଏହି ଚେତନାର ସ୍ୱର ରହିଛି । ବେଦରେ ଋଷି ନାସଦୀୟ ସୂକ୍ତରେ ନେତି ନେତି ଅର୍ଥରେ (ଏହା ନୁହେଁ, ଏହା ନୁହେଁ) ସେଇ ଚେତନାର ମୂଳ ସ୍ୱରୂପକୁ ଶୂନ୍ୟ ବୋଲି ବିଚାର କରୁଥିଲେ ମଧ୍ୟ ତାହା ମଧ୍ୟରେ ବିରାଟ ପୁରୁଷ ଯାହା ସମସ୍ତ ଜଗତକୁ ବ୍ୟାପି ରହିଛି, ତାହାର ଆଭାସ ରହିଛି । ପୁଣି ବେଦର ପୁରୁଷ ସୂକ୍ତରେ ସେହି ବିରାଟ ପୁରୁଷଙ୍କର ରୂପକଳ୍ପର ଚିତ୍ର ପ୍ରଦାନ କରାଯାଇ ତାହାଙ୍କୁ ସହସ୍ର ମସ୍ତକ, ଚକ୍ଷୁ, ସହସ୍ର ହସ୍ତ ପାଦ ବିମଣ୍ଡିତ, ତାଙ୍କର ସୂର୍ଯ୍ୟଚନ୍ଦ୍ର ଚକ୍ଷୁ ଏବଂ ସେ ସମଗ୍ର ଜଗତକୁ ବ୍ୟାପି ରହିଛନ୍ତି ବୋଲି କୁହାଯାଇଛି । ତାଙ୍କୁ ଜାଣିବାଟି ହେଉଛି ବିଶ୍ୱଚେତନା ବା ତାଙ୍କୁ ଅନୁଭବରେ ଆଣିଲେ ସମଗ୍ର ବ୍ରହ୍ମାଣ୍ଡ ହିଁ ତାଙ୍କର ସ୍ୱରୂପ ବୋଲି ବୁଝିପାରିଲେ ବିଶ୍ୱଚେତନାକୁ ଉପଲବ୍ଧି କରିହେବ ବୋଲି କୁହାଯାଇଛି । ଉପନିଷଦରେ ସେହି ବିରାଟ ପୁରୁଷ ଆତ୍ମା ରୂପରେ ହୃଦୟସ୍ଥ

---

୧୦. ଶ୍ରୀମଦ୍ ଭଗବଦ୍‌ଗୀତା, ଚତୁର୍ଥ ଅଧ୍ୟାୟ ।୭-୮ ଶ୍ଳୋକ

୧୧. ମିଶ୍ର, ରାମଚନ୍ଦ୍ର, ବିଶ୍ୱଚେତନାରେ ଶ୍ରୀଜଗନ୍ନାଥ, ଶ୍ରୀଜଗନ୍ନାଥ ତତ୍ତ୍ୱ : ସିଦ୍ଧାନ୍ତ ଓ ପ୍ରୟୋଗ, (ସମ୍ପାଦନା-ଦୁର୍ଗାମାଧବ ନନ୍ଦ) ପୁରୀ : ସ୍ନାତକୋତ୍ତର ଓଡ଼ିଆ ବିଭାଗ ଓ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ୨୦୦୮, ପୃ.୬୫ ।

ହୋଇଛନ୍ତି । ତନ୍ତ୍ର ଧର୍ମରେ ତାଙ୍କୁ ମନ୍ଦିର ମଧ୍ୟରେ (ଦେହରୂପକ ଦେଉଳରେ) ଆବଦ୍ଧ କରିଦିଆଯାଇଛି । ଶ୍ରୀମଦ୍ ଭଗବଦ୍ ଗୀତାରେ ସେଇ ବିଶ୍ୱ ରୂପର ଚିତ୍ର ଏକାଦଶ ଅଧ୍ୟାୟରେ ଦିଆଯାଇ ତାଙ୍କୁ ପଞ୍ଚଦଶ ଅଧ୍ୟାୟରେ କ୍ଷର (କ୍ଷୟଶୀଳ ଜଗତ) ଅକ୍ଷର (ଅବ୍ୟୟ, ଅନାଦି)ର ଉର୍ଦ୍ଧ୍ୱରେ ରଖାଯାଇ ପୁରୁଷୋତ୍ତମ ଭାବରେ କଳ୍ପନା କରାଯାଇଛି । ରାମାୟଣ, ଭାଗବତ ଗ୍ରନ୍ଥରେ ସେହି ଚେତନାର ଆଦର୍ଶକୁ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ଦେଖାଇ ଦିଆଯାଇଛି । ତଦନୁଯାୟୀ ଶ୍ରୀରାମ ମର୍ଯ୍ୟାଦା ପୁରୁଷୋତ୍ତମ ଏବଂ ଶ୍ରୀକୃଷ୍ଣ ଲୀଳା ପୁରୁଷୋତ୍ତମ ଭାବରେ ରୂପାୟିତ ହୋଇଛନ୍ତି । ଉତ୍କଳର ପଞ୍ଚସଖା ସାଧକମାନେ ସେହି ତତ୍ତ୍ୱକୁ ପିଣ୍ଡ ବ୍ରହ୍ମାଣ୍ଡ ମଧ୍ୟରେ ରଖିଛନ୍ତି । ପିଣ୍ଡ ବ୍ରହ୍ମାଣ୍ଡର ସ୍ୱରୂପ ଏବଂ ଯାହା ପିଣ୍ଡରେ ଅଛି, ତାହା ବ୍ରହ୍ମାଣ୍ଡରେ ତାହା ସୂଚାଇ ଦିଆଯାଇଛି । ଏହା କେବଳ ଜ୍ଞାନୀ ହିଁ ଜାଣିପାରିବ ବୋଲି କୁହାଯାଇଛି ।[୧୨]

ଅଧିକନ୍ତୁ ଏ ସମସ୍ତ ଚେତନାର ପ୍ରତୀକ ଭାବରେ ଶ୍ରୀଜଗନ୍ନାଥଙ୍କୁ ରଖି ଦିଆଯାଇଛି । ତାଙ୍କର ଶରୀର ଗଠନରେ ଉପନିଷଦୀୟ ପରିକଳ୍ପନା (ହସ୍ତ, ପଦହୀନ, ଅବୟବ, ଚକ୍ଷୁ ଦୁଇଟି ଚନ୍ଦ୍ରସୂର୍ଯ୍ୟ ଭଳି ଗୋଲାକାର, (କଳା ଶୂନ୍ୟର ପ୍ରତୀକ), ସମଗ ଜଗତ ଚେତନାକୁ ବ୍ୟାପି ରହିଥିବା ଭଳି ଆଭାଷ, ନାମରେ ଜଗତର ନାମ, ଧାମରେ ଶ୍ରୀକ୍ଷେତ୍ର (ଉତ୍ତମ) ଶ୍ରେଷ୍ଠକ୍ଷେତ୍ର ଆଚରଣରେ ମନୁଷ୍ୟ ଭଳି ଆଚରଣ (ସ୍କନ୍ଦପୁରାଣ) ଉତ୍କଳ ଖଣ୍ଡ ଅନୁସାରେ (ଯତ୍ରାସ୍ତେ ଦାରକ ତନୋ ଶ୍ରୀଶୋମାନୁଷ ଲୀଳୟା), କର୍ଣ୍ଣରେ ସମଗ୍ର ଜଗତର କର୍ଣ୍ଣ ସମୂହ, ସେବାପୂଜାରେ ସମଗ୍ର ଜାତିର ଅଧିକାର, ମହାପ୍ରସାଦ ସେବାରେ ଭେଦାଭେଦ ବିଚାରର ଅବସାନ, ବିଶେଷ କରି ଶ୍ରୀଜଗନ୍ନାଥ ମନ୍ଦିର ସମଗ୍ର ବିଶ୍ୱର ବିଭିନ୍ନ ରାଷ୍ଟ୍ର ଯଥା- ପୁଞ୍ଜିବାଦୀ ରାଷ୍ଟ୍ର, ସାମ୍ୟବାଦୀ ରାଷ୍ଟ୍ର, ସମାଜବାଦୀ ରାଷ୍ଟ୍ର, ମୁସଲମାନ ଅଧିକୃତ ଅଞ୍ଚଳ, ବୌଦ୍ଧ ଅଧିକୃତ ଅଞ୍ଚଳ, ନିଗ୍ରୋ ଅଞ୍ଚଳ ଇତ୍ୟାଦିରେ ବର୍ତ୍ତମାନ ପ୍ରତିଷ୍ଠା କରାଯାଇଥିବାରୁ ସେ ସମଗ୍ର ଜଗତ ଚେତନାରେ ଅବସ୍ଥାନ କରିଛନ୍ତି ବୋଲି ପ୍ରମାଣିତ ହୋଇଥାଏ ।

ଯେଉଁ କାରଣଗୁଡ଼ିକ ସଂପ୍ରତି ଶ୍ରୀଜଗନ୍ନାଥଙ୍କୁ ବିଶ୍ୱଚେତନାର ଅଂଶ ଏବଂ ମାନବବାଦର ମୂଳ ଭାବରେ ପ୍ରତିଷ୍ଠିତ କରିପାରିଛି, ସେଗୁଡ଼ିକୁ ଆମ୍ଭେ ନିମ୍ନରେ ଅବତାରଣା କରୁଅଛୁ ।

କ. ପ୍ରଥମ କଥା ହେଲା ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଙ୍ଗରେ ପୃଥିବୀର ସବୁ ବର୍ଣ୍ଣର ଲୋକମାନଙ୍କର ଆଭାଷ ମିଳୁଛି । ଜଗନ୍ନାଥ କଳା-ତାହା ଆଫ୍ରିକା ଏବଂ ଭାରତର କଳାବ୍ୟକ୍ତିଙ୍କୁ ସୂଚାଉ ଥିବାବେଳେ ବଳଭଦ୍ରଙ୍କ ଦେହରଙ୍ଗ- ୟୁରୋପୀୟମାନଙ୍କୁ, କୁଙ୍କୁମ ବର୍ଣ୍ଣ ସୁଭଦ୍ରା ଚୀନ ଲୋକମାନଙ୍କୁ, ଲୋହିତ ବର୍ଣ୍ଣ ସୁଦର୍ଶନ ଲୋହିତ ଭାରତୀୟମାନଙ୍କୁ ସୂଚାଉଅଛି । ଅର୍ଥାତ୍ ସବୁ ଲୋକଙ୍କର ଦେହର ରଙ୍ଗ ସହିତ ଚତୁର୍ଦ୍ଧା ମୂର୍ତ୍ତିଙ୍କର ରଙ୍ଗର ସମନ୍ୱୟ ରହିଛି । ଏଥିରୁ ବିଶ୍ୱପ୍ରାଣତାର ପରିଚୟ ମିଳୁଛି ।

ଖ. ଦ୍ୱିତୀୟତଃ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ସର୍ବଧର୍ମର ସମନ୍ୱୟ ଘଟିଛି । ବୈଦିକ ମାନବ ତାଙ୍କୁ ବେଦର ଦେବତା, ବୈଦିକ ପୂର୍ବବର୍ତ୍ତୀ ଶବର ସଭ୍ୟତାରେ ତାଙ୍କୁ ଦାରୁଦେବତା, ତନ୍ତ୍ରଧର୍ମରେ ତନ୍ତ୍ର ଦେବତା, ଐକାନ୍ତିକ ଧର୍ମରେ କୃଷ୍ଣ ବାସୁଦେବ ଏବଂ ଚତୁର୍ବ୍ୟୁହ୍ୟ, ଶ୍ରୀମଦ୍ ଭଗବତ୍ ଗୀତାରେ ପୁରୁଷୋତ୍ତମ, ବୌଦ୍ଧଧର୍ମର ସଂଘ, ଧର୍ମ, ବୁଦ୍ଧ, ଜୈନ ଧର୍ମର ତ୍ରିରତ୍ନ, ଖ୍ରୀଷ୍ଟଧର୍ମର କ୍ରସ (ଜଗନ୍ନାଥଙ୍କୁ ଓଲଟାଇ ଦେଖିଲେ କ୍ରସ ଭଳି ଦେଖାଯିବ) ସମଗ୍ର ଆର୍ଯ୍ୟମାନଙ୍କର ସଗୁଣ ରୂପ ପରିକଳ୍ପନାରେ ସେ ନାରାୟଣ, କୃଷ୍ଣ, ନୃସିଂହ, ବାମନ, ଶ୍ରୀରାମ, ଗଣପତି, ସୂର୍ଯ୍ୟ ପୁଣି ପଞ୍ଚଦେବତା ଉପାସନାର ରହସ୍ୟରେ ମହାପ୍ରଭୁ ସବୁ ମତ ସବୁ ପଥର ସମନ୍ୱୟ ସାଧନ କରି ପୃଥିବୀର ସମସ୍ତ ଧର୍ମର ନିର୍ଯ୍ୟାସ ସ୍ୱରୂପ ହୋଇଯାଇଛନ୍ତି । ଖ୍ରୀଷ୍ଟିୟାନ ଗବେଷକମାନେ ଯିଶୁଖ୍ରୀଷ୍ଟ ପୁରୀରେ କିଛିଦିନ ରହିଯାଇଥିବାର ବିବରଣୀ ମଧ୍ୟ ପ୍ରଦାନ କରିଥାନ୍ତି ।[୧୩] ତେଣୁ ବିଶ୍ୱଧର୍ମର ସମଗ୍ର ଚେତନା ମହାପ୍ରଭୁଙ୍କ ନିକଟରେ ସମନ୍ୱିତ ରହିଅଛି କହିଲେ ଅତ୍ୟୁକ୍ତି ହେବନାହିଁ ।

---

୧୨. ତତ୍ରୈବ, ପୃ. ୬୫-୬୬ ।

୧୩. ତତ୍ରୈବ, ପୃ.୬୬

ଗ. ତୃତୀୟତଃ ଜଗନ୍ନାଥ ସମଗ୍ର ମାନବ ଜାତିର ପ୍ରଭୁ ଭାବରେ ସମଗ୍ର ମାନବଜାତି ଦ୍ୱାରା ସେବିତ ହେଉଛନ୍ତି । ବର୍ତ୍ତମାନର ମନ୍ଦିର ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ହୋଇଥିଲା । ସେହି ସମୟରେ କଳିଙ୍ଗରେ ଛତିଶିପାଟକ (ଛତିଶି ପ୍ରକାର ଜାତିର ଲୋକ) ଥିଲେ । ସେମାନେ ସମସ୍ତେ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ନିଜ ନିଜର କୌଳିକ ବୃତ୍ତି ଅନୁସାରେ ସେବାପୂଜା ପାଇଥିଲେ । ସେଥିପାଇଁ ତାଙ୍କ ସେବାରେ ଛତିଶି ପାଟକ ରହିଛନ୍ତି । ଏତଦ୍‌ବ୍ୟତୀତ ବିଭିନ୍ନ ମଠର ମନ୍ଦିରମାନଙ୍କରେ ଜଗନ୍ନାଥ ମଧ୍ୟ ପୂଜା ପାଉଛନ୍ତି । ତାହା ହୁଏତ ସନ୍ନ୍ୟାସୀ ମଠ, ବୈଷ୍ଣବ ମଠ, ଗୃହୀ ମଠ, ତାନ୍ତ୍ରିକ ମଠ କିମ୍ବା ଅନ୍ୟାନ୍ୟ ଗୋଷ୍ଠୀର ମଠ ହୋଇପାରେ । ସବୁ ମଠରେ ପ୍ରାୟ ଏକକ ଜଗନ୍ନାଥ ମୂର୍ତ୍ତି (ଦଧିବାମନ ବା ପତିତପାବନ ନାମଧାରଣ କରି) ପୂଜା ପାଉଛନ୍ତି । ଶିଖ ସନ୍ଥ ନାନକ, ମୁସଲମାନ ସନ୍ଥ କବି କବୀର ଓ ସାଲବେଗ, ସନ୍ଥ ତୁଳସୀ ଦାସ, ଗଣପତି ଭଟ୍ଟ ପ୍ରଭୃତି ଭିନ୍ନ ଗୋଷ୍ଠୀର ହେଲେ ମଧ୍ୟ ଜଗନ୍ନାଥଙ୍କର ଭକ୍ତ ହୋଇଥିବାର ପ୍ରମାଣ ରହିଅଛି । ପ୍ରକାଶ ଥାଉ କି ଥରେ ଜଣେ ପାଇଲଟ୍ (ଖ୍ରୀଷ୍ଟ ଧର୍ମାବଲମ୍ବୀ) ଚର୍ଚ୍ଚଲ ଆଣିଥିବା ଏକ ବୃହଦାକାୟ ଘଣ୍ଟିକୁ ବିପଦରେ ପଡ଼ଇ ଜଗନ୍ନାଥଙ୍କ ଦ୍ୱାରା ସମୁଦ୍ରରେ ବିପଦରୁ ଉଦ୍ଧାର ପାଇଁ ତାହାକୁ ମନ୍ଦିରକୁ ଦାନ କରିଛନ୍ତି ଯାହାକି ଏବେ ଶ୍ରୀମନ୍ଦିରର ନିଳାଦ୍ରୀ ବିହାରରେ ରଖାଯାଇଛି । ଏଥିରୁ ପ୍ରମାଣିତ ହୁଏ ଯେ, ଦୁଃଖହାରୀ ଶ୍ରୀଜଗନ୍ନାଥ ସବୁ ବର୍ଗର ଲୋକମାନଙ୍କ ଦ୍ୱାରା ପୂଜିତ ହେଉଥିବାର ପ୍ରମାଣ ଉପଲବ୍ଧ ହୋଇଥାଏ ।

ଘ. ଚତୁର୍ଥତଃ ଜଗନ୍ନାଥଙ୍କ ମହାପ୍ରସାଦ ସମଗ୍ର ବିଶ୍ୱରେ ଭେଦଭାବକୁ ଦୂର କରିଦେଇଛି । ଖ୍ରୀଷ୍ଟଧର୍ମୀ, ମୁସଲମାନ, ନିଗ୍ରୋ ଏପରିକି ବିଶ୍ୱର ସମସ୍ତ ଧର୍ମର ଲୋକ ମହାପ୍ରସାଦକୁ ସେବନ କରିବାରେ କୌଣସି ବାରଣ ନାହିଁ । ମହାପ୍ରସାଦ ଖାଇ ମୁଣ୍ଡରେ ବୋଳିବାର ପରମ୍ପରା ମଧ୍ୟ ରହିଅଛି । ଜୀବନର ପ୍ରାରମ୍ଭରେ ମହାପ୍ରସାଦ ସେବା, ଜୀବନକାଳ ମଧ୍ୟରେ ନିର୍ମାଲ୍ୟ ସେବା ଓ ଶେଷକାଳରେ ପୁନଶ୍ଚ ମହାପ୍ରସାଦ ସେବା, ଜୀବନର ଉଦୟ ସହିତ ଅସ୍ତକୁ ସମ୍ପର୍କିତ କରିଦେଇଛି । ଏହି ଚେତନା ଓ ଭକ୍ତି ଭାବ ସମଗ୍ର ପୃଥିବୀର ମାନବ ଜାତିକୁ ଏକତ୍ର କରିବାରେ ସହାୟକ ହେଉଅଛି ।

ଙ. ଶ୍ରୀଜଗନ୍ନାଥଙ୍କର ବାରମାସରେ ତେରଯାତ୍ରା ହେବାର ବିଧି ରହିଅଛି । ତନ୍ମଧ୍ୟରେ ସ୍ନାନଯାତ୍ରା ଓ ରଥଯାତ୍ରା ପ୍ରଭୁଙ୍କ ସାର୍ବଜନୀନ ପର୍ବ ଭାବେ ପାଳିତ ହୋଇଆସୁଛି । ସବୁ ଧର୍ମ, ବର୍ଣ୍ଣ ଓ ଜାତିର ଲୋକମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ରଥଯାତ୍ରାରେ ମହାପ୍ରଭୁଙ୍କୁ ପୃଥିବୀର ବିଭିନ୍ନ ସ୍ଥାନରୁ ଆସିଥିବା ଭକ୍ତ ସମୂହ ଅତି ପାଖରେ ପାଇ ସ୍ପର୍ଶ ତଥା କୋଳାଗ୍ରତ କରିଆସୁଛନ୍ତି । ଏଥିରେ ସମଗ୍ର ମାନବଜାତି ପ୍ରଭୁଙ୍କୁ ସ୍ପର୍ଶ କରି ନିଜକୁ ଧନ୍ୟ ମନେ କରିଥାନ୍ତି । ଆଜି ବିଶ୍ୱରେ ରଥଯାତ୍ରା ସାର୍ବଜନୀନ ହୋଇପାରିଛି । ଓଡ଼ିଶା ତଥା ଭାରତବର୍ଷରେ ଓ ଭାରତ ବାହାରେ ପୃଥିବୀର ଅନ୍ୟାନ୍ୟ ଦେଶମାନଙ୍କରେ ଯଥା – ଉତ୍ତର ଓ ଦକ୍ଷିଣ ଆମେରିକା, ଇଂଲଣ୍ଡ, ଫ୍ରାନ୍ସ, ରୁଷିଆ, ମଧ୍ୟ ଏସିଆ ରାଷ୍ଟ୍ର ସମୂହ, ମୁସଲମାନ ରାଷ୍ଟ୍ର ସମୂହ, ଚୀନ ଓ ଜାପାନ ଆଦି ବୌଦ୍ଧ ଧର୍ମ ପ୍ରାଧାନ୍ୟ ଦେଶମାନଙ୍କରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କରାଯାଇ ରଥଯାତ୍ରା ପାଳନ କରାଯାଉଛି । ଅବଶ୍ୟ ଏଥିପାଇଁ ଶ୍ରୀଚୈତନ୍ୟଙ୍କ ଆଦର୍ଶରେ ଅନୁପ୍ରାଣିତ ବୈଷ୍ଣବ ସମ୍ପ୍ରଦାୟ ଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ଭାବେ ବାର୍ତ୍ତା ପ୍ରଦାନ କରୁଛନ୍ତି । ବିଶେଷ କରି ଶ୍ରୀ ଭକ୍ତିବିନୋଦ ଠାକୁର, ଶ୍ରୀଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଏବଂ ତାଙ୍କର ଶିଷ୍ୟ ଶ୍ରୀ ଭକ୍ତି ବେଦାନ୍ତ ସରସ୍ୱତୀ ପ୍ରଭୁପାଦଙ୍କର ଭୂମିକା ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ସଂକୀର୍ତ୍ତନ ମାଧ୍ୟମରେ ମହାମନ୍ତ୍ରକୁ ଯଥା – ''ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ ରାମ ରାମ ହରେ ହରେ'' ମୂଳ ଭାବେ ଗ୍ରହଣ କରି ପୃଥିବୀରେ ପରିପ୍ରଚାର କରୁଛନ୍ତି । ଫଳରେ ଆମେରିକାରେ ୧୯୬୬ ମସିହା ଜୁଲାଇ ମାସରେ କୃଷ୍ଣ ଚେତନା ମହାସଂଘ ଆମେରିକାର ନ୍ୟୁୟର୍କରେ ଭକ୍ତି ବେଦାନ୍ତ ସ୍ୱାମୀଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ସେହିବର୍ଷ ହିଁ ସାନ୍‌ଫ୍ରାନ୍‌ସିସ୍କୋ ଠାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇଥିଲା । ଏହାପରେ ଲଣ୍ଡନ, ଟୋକିଓ, ଲସ୍‌ଆଞ୍ଜେଲସ୍, ଚିକାଗୋ, କାନାଡା, ଫିଲାଡେଲଫିଆ, ଆମଷ୍ଟାରଡ୍ରମରେ କୃଷ୍ଣ ଚେତନା ସଂଘ ତରଫରୁ ଶ୍ରୀଜଗନ୍ନାଥ ମନ୍ଦିରମାନ ପ୍ରତିଷ୍ଠିତ ହେଲା । ଆଜି ପୃଥିବୀର ପ୍ରାୟତଃ ସବୁ ଦେଶର ଅର୍ଥାତ୍ ବିଶ୍ୱଚେତନାରେ ମାନବବୋଧ ପ୍ରତିଷ୍ଠା କରିବା

ପାଇଁ ଶ୍ରୀଜଗନ୍ନାଥ ଉପାସନା ପ୍ରବଳ ବେଗରେ ବିକଶିତ ହୋଇଚାଲିଛି । ରଥଯାତ୍ରା ବିଶ୍ୱମୈତ୍ରୀ ଭାବ ଜାଗ୍ରତ କରିବାରେ ସହାୟକ ହୋଇଥିଲା । ପ୍ରଭୁପାଦଙ୍କ ଭାଷାରେ ଭକ୍ତମାନେ ରଥଯାତ୍ରା ସମୟରେ କୀର୍ତ୍ତନ କରି ଜଗନ୍ନାଥଙ୍କ ରଥ ସମ୍ମୁଖରେ ନାଚୁଥିବା ବେଳେ ବାସ୍ତବରେ ଅନୁଭୂତ ହେଉଥିଲା ଯେ ଯେପରି ପୃଥିବୀର ସମସ୍ତ ଲୋକ ବିଶ୍ୱଭ୍ରାତୃତ୍ୱର ବନ୍ଧନରେ ଏକାଠି ହୋଇଯାଇଛନ୍ତି ।

ଚ. ଏହି ପ୍ରସଙ୍ଗ ଆଲୋଚନାରୁ ପ୍ରମାଣ ମିଳିଲା ଯେ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱପ୍ରାଣର ଦେବତା । ସେ ବାସ୍ତବରେ ଜଗତର ନାଥ । ସେ ମାନବ ଚେତନାର ମୂଳବୀଜ । ତାଙ୍କର ନାମ ହିଁ ବିଶ୍ୱସଂହତି ନିମନ୍ତେ ଏକ ଚେତନା ଜାଗ୍ରତ କରୁଅଛି । ସବୁ ନାମ ରୂପ ମଧ୍ୟରେ ସେ ହିଁ ରହିଛନ୍ତି । ସବୁର ଅନ୍ତର୍ଆତ୍ମା ମଧ୍ୟରେ ରହି ସେ ବିଶ୍ୱମୈତ୍ରୀ ଭାବ ଜାଗ୍ରତ କରୁଛନ୍ତି । ପୂର୍ବରୁ ମଧ୍ୟ ଜଗନ୍ନାଥ ମୁଖ୍ୟତଃ ମୈତ୍ରୀ ଦେବ ଥିଲେ ବୋଲି ଆମ୍ଭେ ଉଲ୍ଲେଖ କରିଅଛୁ ।

ଛ. ଦାର୍ଶନିକ ଦୃଷ୍ଟିକୋଣରୁ ବିଚାର କଲେ, ବୌଦ୍ଧଧର୍ମର ସଂଘ, ଧମ୍ମ ଏବଂ ବୁଦ୍ଧ – ଏହି ତ୍ରିରତ୍ନ ଯଥାକ୍ରମେ ମୈତ୍ରୀ, କରୁଣା ଏବଂ ପତିତପାବନ ତତ୍ତ୍ୱର ପରିପ୍ରକାଶ । ଏଗୁଡ଼ିକ ଜଗନ୍ନାଥ ଚେତନାର ଗୋଟିଏ ଗୋଟିଏ ବିଭାବ ମାତ୍ର । ଉତ୍କଳୀୟ ଲୋକଚେତନାରେ ଜଗନ୍ନାଥ ହେଉଛନ୍ତି ମୈତ୍ରୀଦେବ, କରୁଣାର ଅବତାର ଏବଂ ପତିତପାବନ । ଶ୍ରୀଜଗନ୍ନାଥଙ୍କ ଏହି ମାନବିକ ଗୁଣ ଅଧୁନା ଜଗତରେ ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଜ. ଶ୍ରୀଜଗନ୍ନାଥଙ୍କ ଠାରେ କୌଣସି ଜାତିଭେଦର ସ୍ଥାନ ନାହିଁ । ଏଠାରେ ବୌଦ୍ଧଧର୍ମ ପରି ଜାତିଭେଦକୁ ଅସ୍ୱୀକାର କରାଯାଇ ଏକ ସାର୍ବଜନୀନ ମାନବ ଧର୍ମର ପ୍ରତିଷ୍ଠା କରାଯାଇଛି । ''ଜଗନ୍ନାଥଙ୍କର ସେବକମାନଙ୍କ ମଧ୍ୟରେ ଅବ୍ରାହ୍ମଣ ଶବର ବଂଶଜ ଦଇତାମାନଙ୍କର ଏକ ବିଶିଷ୍ଟ ଭୂମିକା ରହିଛି । ନବକଳେବର ଓ ଅନବସର ସମୟରେ ଜଗନ୍ନାଥଙ୍କର ସେବାପୂଜା ମୁଖ୍ୟତଃ ଦଇତାମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ । ଜଗନ୍ନାଥଙ୍କର ମହାପ୍ରସାଦରେ ମଧ୍ୟ ଜାତିଭେଦ ସ୍ୱୀକାର କରାଯାଏ ନାହିଁ । ଆଚାଣ୍ଡାଳବ୍ରାହ୍ମଣ ସବୁ ଜାତି ଏକ ପତ୍ରରେ ଭୋଜନ କରିବା ଧର୍ମସମ୍ମତ ବୋଲି ଗ୍ରହଣ କରାଯାଇଥାଏ ।''[୧୪] ଏହି କ୍ଷେତ୍ରରେ ସମଗ୍ର ପୃଥିବୀର ମାନବ ଜାତି ଏକ ବୋଲି ଧରି ନିଆଯାଇଥାଏ । ମଣିଷ ମଧ୍ୟରେ ବ୍ରହ୍ମର ସନ୍ଧାନ କରିବା ହେଉଛି ଏହି କ୍ଷେତ୍ରର ମାନବ ଧର୍ମ ଯାହାକି ଜଗତରେ କୁତ୍ରାପି ଦେଖାଯାଇନଥାଏ ।

ଝ. ''ସଂପ୍ରତି ବିଶ୍ୱରେ ଜଗନ୍ନାଥ ଚେତନାର ଯେଉଁପରି ମାନବିକତାର ସମସ୍ତ ଗୁଣକୁ ପ୍ରଚାର କରାଯାଉଛି, ତାହାର ମୂଳରେ ଏକ ତତ୍ତ୍ୱ ନିହିତ । ଜଗନ୍ନାଥ ଉତ୍କଳର ହୋଇଥିବାରୁ ଏବଂ ଉତ୍କଳୀୟ ଜନମାନସର ଅଧିନାୟକ ହୋଇଥିବାରୁ ଉତ୍କଳରେ ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମଶୀଳ ପ୍ରତ୍ୟେକ ଧର୍ମ ଜଗନ୍ନାଥଙ୍କୁ ଆପଣାର କରିବା ପାଇଁ ଚେଷ୍ଟା କରିଥିବା ଅତ୍ୟନ୍ତ ସ୍ୱାଭାବିକ । ଅନ୍ୟପକ୍ଷରେ ଜଗନ୍ନାଥ ମଧ୍ୟ ଆପଣାର ଉଦାରତାରେ ସବୁ ଧର୍ମ ଓ ସବୁ ମତବାଦକୁ ନିଜର ବିପୁଳ ଭୁଜଚ୍ଛାୟା ତଳେ ଆଶ୍ରୟ ଦେବାକୁ କୁଣ୍ଠବୋଧ କରିନାହାନ୍ତି । ଫଳରେ ଜୈନ, ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ଆଦି ବିଭିନ୍ନ ସଂସ୍କୃତି ଜଗନ୍ନାଥ ଚେତନାକୁ ବିଭିନ୍ନ ସମୟରେ ବିଭିନ୍ନ ଭାବରେ ପ୍ରଭାବିତ କରିଅଛନ୍ତି । ହେଲେହେଁ ଏହି ସମସ୍ତ ଆଦାନପ୍ରଦାନ ଓ ଆହରଣ ମଧ୍ୟରେ ଜଗନ୍ନାଥ କେବେ ଆତ୍ମସତ୍ତା ହରାଇ ନାହାନ୍ତି । ସେ ଜଗନ୍ନାଥ ହୋଇ ରହିଛନ୍ତି ।''[୧୫] ଏହାର ତାତ୍ପର୍ଯ୍ୟ ହେଉଛି ଶ୍ରୀଜଗନ୍ନାଥଙ୍କ ଉଦାର ପ୍ରକୃତିର ଉଦାହରଣ ମାତ୍ର । ବର୍ତ୍ତମାନ ପୃଥିବୀରେ ଖ୍ରୀଷ୍ଟଧର୍ମୀ, ମୁସଲମାନ ଧର୍ମୀ, ଜୈନ ଓ ବୌଦ୍ଧଧର୍ମୀ ଓ ଅନ୍ୟାନ୍ୟ ବହୁ ଧର୍ମର ଭକ୍ତମାନେ ରହିଥିଲେ ମଧ୍ୟ ସେମାନଙ୍କ ଉଦାରବାଦୀ ଦୃଷ୍ଟିକୋଣ ସମାନ ନୁହଁ । କିନ୍ତୁ ଶ୍ରୀଜଗନ୍ନାଥଙ୍କ ଉଦାର ମନୋଭାବ ବା ଗୁଣ ଜଗତରେ ମାନବ ଧର୍ମର ପ୍ରତିଷ୍ଠା ନିମନ୍ତେ ବିଶେଷ ଭାବେ ସହାୟକ ହୋଇଥାଏ ।

---

୧୪. ଦାଶ, ସର୍ବେଶ୍ୱର, ଶ୍ରୀଜଗନ୍ନାଥ ପୁରୁଷୋତ୍ତମ, କଟକ : ଗ୍ରନ୍ଥମନ୍ଦିର, ୧୯୯୬, ପୃ. ୨୭ ।

୧୫. ତତ୍ରୈବ, ପୃ. ୨୮ ।

ଙ. ଏହି ପ୍ରସଙ୍ଗରେ ଆମେ ଭାରତବର୍ଷର କେତେକ ମୌଳିକ ଧାର୍ମିକ ବିଶ୍ୱାସର ପର୍ଯ୍ୟାଲୋଚନା କରିଅଛୁ । ଉତ୍କଳରେ କେଉଁ ଅନାଦି କାଳରୁ ଶୈବଧର୍ମର ପ୍ରାଧାନ୍ୟ ହେତୁ ଜୈନ ଓ ବୌଦ୍ଧଧର୍ମ ପରି ଏହା ଜଗନ୍ନାଥ ଧର୍ମକୁ ପ୍ରଭାବିତ କରିବା ସ୍ୱାଭାବିକ । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର-ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏହି ତିନିମୂର୍ତ୍ତିଙ୍କୁ ଶାସ୍ତ୍ର-ପୁରାଣମାନଙ୍କରେ ଯଥାକ୍ରମେ ବିଷ୍ଣୁ, ମହେଶ୍ୱର ଏବଂ ବ୍ରହ୍ମା ରୂପେ ବର୍ଣ୍ଣନା କରାଯାଇଛି । ସେହିପରି ସ୍କନ୍ଦ ପୁରାଣ ବର୍ଣ୍ଣିତ ନୀଳମାଧବ ଯଥାର୍ଥରେ ଏକ ଶିବଲିଙ୍ଗ ଥିଲେ । ଏହି ନୀଳମାଧବ ପରେ ଜଗନ୍ନାଥ ଚତୁର୍ଦ୍ଧା ମୂର୍ତ୍ତି ରୂପରେ ଆବିର୍ଭୂତ ହୋଇଥିଲେ । ଶ୍ରୀମନ୍ଦିର ବେଢ଼ା ମଧ୍ୟସ୍ଥ ପାତାଳେଶ୍ୱର ମନ୍ଦିର ଏବଂ କୋଣାର୍କ ମନ୍ଦିରରେ ଗୋଟିଏ ମୂର୍ତ୍ତିରେ ଏକ ପୀଠରେ ଜଗନ୍ନାଥ, ଶିବଲିଙ୍ଗ ଏବଂ ମହିଷ ମର୍ଦ୍ଦିନୀ ଦୁର୍ଗା ଏକତ୍ର ଅବସ୍ଥାନ କରୁଅଛନ୍ତି । ଏଥିରେ ଶିବଲିଙ୍ଗ ହେଉଛନ୍ତି ବଳଭଦ୍ର ଏବଂ ଦୁର୍ଗା ହେଉଛନ୍ତି ସୁଭଦ୍ରା । ସାରଳା ଦାସଙ୍କ ମତରେ

''ବଳରାମ କୃଷ୍ଣ ସୁଭଦ୍ରା ଏ ତିନି ପ୍ରତିମା

ପୁରୁଷୋତ୍ତମେ ହଳୀ ହରି ବ୍ରହ୍ମା ।''

ସେହିପରି ଗଣେଶ ଏକ ଶୈବ ପରିବାରର ଦେବତା ହେଲେ ମଧ୍ୟ ସେ ଶ୍ରୀଜଗନ୍ନାଥଙ୍କ ଧର୍ମରେ ସମନ୍ୱିତ ହୋଇଯାଇଛନ୍ତି । ଜୈଷ୍ଠ ପୂର୍ଣ୍ଣମୀ ଦିନ ଶ୍ରୀଜଗନ୍ନାଥଙ୍କ ଗଣେଶ ବେଶ ଏହାର ଏକ ବଳିଷ୍ଠ ପ୍ରମାଣ । ତନ୍ତ୍ରଶାସ୍ତ୍ରମାନଙ୍କରେ ଶ୍ରୀଜଗନ୍ନାଥଙ୍କୁ ଭୈରବ ରୂପେ ଚିତ୍ରଣ କରାଯାଇଛି ଏବଂ ଜଗନ୍ନାଥ ଧାମର ଅଧିଷ୍ଠାତ୍ରୀ ଦେବୀ ବିମଳା ଭୈରବୀ ରୂପେ ବର୍ଣ୍ଣିତ ହୋଇଛନ୍ତି । ''ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବଃ'' । ପୁରୁଷୋତ୍ତମ କ୍ଷେତ୍ରରେ ବିମଳାଙ୍କ ପ୍ରାଧାନ୍ୟ ସ୍ୱୀକୃତ ହୋଇଅଛି : ଗଙ୍ଗାୟାଂ ମଙ୍ଗଳା ନାମ ବିମଳା ପୁରୁଷୋତ୍ତମେ । ଏତଦ୍‌ବ୍ୟତୀତ ଶ୍ରୀପୁରୁଷୋତ୍ତମ ତଥା ଶ୍ରୀଜଗନ୍ନାଥ ହେଉଛନ୍ତି ସୃଷ୍ଟିର ସ୍ରଷ୍ଟା ପୁରୁଷ । ବିଷ୍ଣୁ ବୈଦିକ ଦେବତା, ଋଗବେଦରେ ବିଷ୍ଣୁସୂକ୍ତ ଏହାର ପ୍ରମାଣ । ଏହି ବିଷ୍ଣୁଙ୍କ ଉପାସନାକୁ ନେଇ ଖ୍ରୀ.ପୂ ୬ଷ୍ଠ/୭ମ ଶତାବ୍ଦୀ ବେଳକୁ ଭାଗବତ ଧର୍ମର ପ୍ରଚାର ଘଟିଥିଲା । ''ଓଁ ନମୋ ଭଗବତେ ବାସୁଦେବାୟ'' ମନ୍ତ୍ର ଏହି ବିଷ୍ଣୁଧର୍ମର ମୂଳମନ୍ତ୍ର ରହିଥିଲା । ଏହି ଧର୍ମ ପୁରୁଷୋତ୍ତମ ଧର୍ମରେ ପରିଣତ ହୋଇ ଦିନେ ବିଶ୍ୱରେ ପରିପ୍ରଚାର ହୋଇଥିଲା । ଦ୍ୱାଦଶ ଶତାବ୍ଦୀ ପରେ ପ୍ରସିଦ୍ଧ କୋଷପ୍ରଣେତା ପୁରୁଷୋତ୍ତମ ଦେବ ସ୍ୱରଚିତ 'ତ୍ରିକାଣ୍ଡ କୋଷ' ଅଭିଧାନରେ ବିଷ୍ଣୁ ପର୍ଯ୍ୟାୟରେ ଜଗନ୍ନାଥଙ୍କ ନାମ ଉଲ୍ଲେଖ କରିଅଛନ୍ତି । ଏହାଦ୍ୱାରା 'ଜଗନ୍ନାଥ' ଶବ୍ଦକୁ ବିଷ୍ଣୁ ଓ ପୁରୁଷୋତ୍ତମଙ୍କର ପ୍ରତିଶବ୍ଦ ରୂପେ ଗ୍ରହଣ କରାଯାଇଛି । ତେଣୁ ୭ମ ଶତାବ୍ଦୀ ପରେ ଓ ୯ମ ଶତାବ୍ଦୀ ପୂର୍ବରୁ ଶ୍ରୀଜଗନ୍ନାଥ ପ୍ରଧାନ ବୈଷ୍ଣବ ଦେବତା ରୂପେ ବିଶ୍ୱ ତଥା ଭାରତବର୍ଷରେ ପୂଜିତ ହେଉଥିବା ନିଶ୍ଚିତ ଅଟେ । ଏ ସମସ୍ତ ଉଲ୍ଲେଖ କରିବାର ତାତ୍ପର୍ଯ୍ୟ ଏହି ଯେ ସେହି ସମୟରୁ ଜଗନ୍ନାଥଙ୍କୁ ପରଂବ୍ରହ୍ମ ରୂପେ ଗ୍ରହଣ କରିବାର ପରମ୍ପରାର ପ୍ରାରମ୍ଭ ଘଟିଥିଲା । ବିଶ୍ୱରେ ଅନ୍ୟାନ୍ୟ ଧର୍ମର ବିକାଶ ହେବା ପୂର୍ବରୁ (ଖ୍ରୀଷ୍ଟ ଓ ମୁସଲମାନ) ଶ୍ରୀପୁରୁଷୋତ୍ତମ ଧର୍ମ ବା ଜଗନ୍ନାଥ ଚେତନା ପ୍ରଚାରିତ ହୋଇସାରିଥିଲା । ବିଶ୍ୱମାନବ ଗଣ ବିଭିନ୍ନ ଉପାୟରେ ସେହି ଧର୍ମର ଉଦାରବାଦୀ ଦୃଷ୍ଟିକୋଣକୁ ସ୍ୱୀକୃତି ଜଣାଇ ସାରିଥିଲେ । ଏହାର ପ୍ରମାଣ ସ୍ୱରୂପ ଆମେ ଅଧୁନା ଶ୍ରୀଜଗନ୍ନାଥ ଧର୍ମର ସମସ୍ତ ଉଦାରବାଦୀ ଦୃଷ୍ଟିକୋଣକୁ ଅନ୍ୟାନ୍ୟ ଧର୍ମରେ ମଧ୍ୟ ଦେଖିବାକୁ ପାଉ । ଏଥିପାଇଁ ଆମ୍ଭେ ନିମ୍ନରେ ଏକ ସାରଣୀ ପ୍ରସ୍ତୁତ କରିବାକୁ ଯାଉଅଛୁ, ଯେଉଁଥିରେ ଜଗନ୍ନାଥ ଧର୍ମ ସହିତ ଅନ୍ୟାନ୍ୟ ଧର୍ମର ରହିଥିବା ମାନବିକ ଗୁଣାବଳୀ କିପରି ନିହିତ ଅଛି, ତାହା ଜଣାପଡିବ ।

ବିଶ୍ୱର କତିପୟ ବିଶିଷ୍ଟ ଧର୍ମ ସହ ଶ୍ରୀଜଗନ୍ନାଥ ଧର୍ମର ମାନବୀୟ ଦୃଷ୍ଟିଭଙ୍ଗୀର ତୁଳନାତ୍ମକ ଅଧ୍ୟୟନ (ସାରଣୀ-୧)

କ୍ରନଂ	ଶ୍ରୀଜଗନ୍ନାଥ ଧର୍ମର ମାନବବାଦୀ ଦୃଷ୍ଟିକୋଣ	ଜୈନଧର୍ମ	ବୌଦ୍ଧଧର୍ମ	ଖ୍ରୀଷ୍ଟଧର୍ମ	ମୁସଲମାନ ଧର୍ମ	ମନ୍ତବ୍ୟ
୧	କାଷ୍ଠ ନିର୍ମିତ ମୂର୍ତ୍ତି ମଣିଷମାନଙ୍କ ଦ୍ୱାରା ବ୍ରହ୍ମ ରୂପେ ପରିକଳ୍ପିତ	ମାନବ ପ୍ରଚାରକ ଋଷଭନାଥ ମୂଳଦେବତା- ଈଶ୍ୱର	ମାନବ ପ୍ରଚାରକ ବୁଦ୍ଧଦେବ ମୂଳଦେବତା- ଈଶ୍ୱର	ମଣିଷ-ଦେବଦୂତ ଯିଶୁ ମୂଳଦେବତା- ଈଶ୍ୱର	ମଣିଷ-ପୟଗମ୍ବର ମହମ୍ମଦ ମୂଳଦେବତା - ଶୂନ୍ୟରୂପୀ ଆଲ୍ହା	
୨	ଆକାର + ନିରାକାର ବ୍ରହ୍ମ ଉଭୟ ଗୁଣ ସମନ୍ୱିତ (ସଗୁଣ+ନିର୍ଗୁଣ)	ଆକାରମୟ ମଣିଷ ଭଗବାନଙ୍କ ସଗୁଣ ଅବତାର ରୂପେପରିକଳ୍ପିତ	ଆକାରମୟ ମଣିଷ ମାନବଧର୍ମୀ ସଗୁଣ ଗୁଣାବଳୀରେ ମଣ୍ଡିତ	ଈଶ୍ୱରଙ୍କ ବାଣୀର ପ୍ରଚାର ନିମନ୍ତେ ମଣିଷ ଗୁଣାବଳୀରେ ଭୂଷିତ	ମନୁଷ୍ୟ ଜନ୍ମ ଓ ମଣିଷର ଗୁଣାବଳୀରେ ଋଦ୍ଧିମନ୍ତ ।	
୩	ଲୋକଙ୍କ କଳ୍ପନାରେ ଅବତାରୀ ପୁରୁଷ । (ଦଶ ଅବତାରର ଜନ୍ମଦାତା)	ଅବତାରୀ ନୁହନ୍ତି	ଅବତାରୀ ନୁହନ୍ତି	ଅବତାରୀ ନୁହନ୍ତି	ଅବତାରୀ ନୁହନ୍ତି	
୪	ଅଜସ୍ର ଭକ୍ତଙ୍କ ଦ୍ୱାରା ପରମବ୍ରହ୍ମ (ସାକାର+ନିରାକାର) ରୂପେ ବିଶ୍ୱରେ ପ୍ରଚାରିତ । ଏଥିରେ ସେ ନିଜେ ପ୍ରଚାରକ ନୁହନ୍ତି । ଲୋକମାନେ ହିଁ ପ୍ରଚାରକ ।	ଋଷଭନାଥ ନିଜେ ପ୍ରଚାରିତ ଗୁଣାବଳୀ ଦ୍ୱାରା ଲୋକମାନଙ୍କୁ ଆକୃଷ୍ଟ କରି ଜୈନଧର୍ମର ପ୍ରତିଷ୍ଠା କରିଥିଲେ	ଗୌତମ ବୁଦ୍ଧ ନିଜେ ତପସ୍ୟା କରି ସିଦ୍ଧିଲାଭ ପରେ ଅନ୍ୟ ଲୋକମାନଙ୍କୁ ତାଙ୍କ ନୀତି ପ୍ରଚାର କରିଥିଲେ	ତତ୍କାଳୀନ ମଧ୍ୟ ଏସିଆରେ ବହୁ ପ୍ରଚାରିତ ପିତୁଳା ପୂଜା ଓ ପୂଜକ ଗୋଷ୍ଠୀ ବିରୋଧରେ ସ୍ୱର ଉତ୍ତୋଳନ ପୂର୍ବକ ଏକ ଈଶ୍ୱରବାଦର ପ୍ରଚାର କରିଥିଲେ ।	ମହମ୍ମଦ ମଧ୍ୟ ପିତୁଳା ପୂଜାର ବିରୋଧ କରି ଏକମାତ୍ର 'ଆଲ୍ହା'ଙ୍କୁ ପ୍ରାର୍ଥନା କରିବା ପାଇଁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ ।	

୫	ଅହିଂସା ପରମଧର୍ମ	ଅହିଂସା ଧର୍ମ ନିଷ୍ଠାର ସହ ପାଳନ	ଅହିଂସାମାର୍ଗୀ	ଅହିଂସା ହିଁ ଜୀବନର ସାରକଥା	ଅହିଂସାର ପ୍ରଚାରକ ହେଲେ ମଧ୍ୟ ୪୫୦ ହିନ୍ଦୁ ମନ୍ଦିରଭାଙ୍ଗିଥିଲେ ।	
୬	ପତିତମାନଙ୍କୁ ଉଦ୍ଧାର କରିବା ଗୁଣ ନିହିତ । ତେଣୁ ସେ ନିଜେ ପତିତପାବନ ଓ ପତାକା ମଧ୍ୟ ଉଡ଼ାଇଛନ୍ତି ।	ପତିତମାନଙ୍କୁ ଉଦ୍ଧାର ନିମନ୍ତେ ପ୍ରଚାର ନାହିଁ ।	ପତିତ ଉଦ୍ଧାର ନାହିଁ ।	ସବୁ ଲୋକଙ୍କୁ ସମାନ ଦେଖିବା ତାଙ୍କର ଗୁଣ ଥିଲା ।	ପତିତ ଉଦ୍ଧାର ନାହିଁ ।	
୭	ଗର୍ବ, ଦମ୍ଭ, ଅହଂକାରର ସ୍ଥାନ ନାହିଁ	ଏହି ଧର୍ମରେ ମଧ୍ୟ ଗର୍ବ, ଦମ୍ଭ, ଅହଂକାର ଆଦି ନାହିଁ ।	ବୁଦ୍ଧଙ୍କ ନିକଟରେ ମଧ୍ୟ ଗର୍ବ/ଦମ୍ଭ/ ଅହଂକାର ନାହିଁ	ଗର୍ବ ଆଦି ଭାବ ନାହିଁ	ଗର୍ବ, ଦମ୍ଭ ଆଦି ନାହିଁ	
୮	ପୃଥିବୀର ସମସ୍ତ ମାନବଙ୍କ ମୋକ୍ଷଦାତା	ମୋକ୍ଷଦାତା ନୁହନ୍ତି	ନିର୍ବାଣପ୍ରାପ୍ତି ପ୍ରତି ସମଧିକ ଅନୁରାଗ	ମୋକ୍ଷ ପ୍ରତି ବିଶ୍ୱାସ ନାହିଁ	ମୁକ୍ତି ପ୍ରତି ବିଶ୍ୱାସ ନାହିଁ	
୯	ବିଶ୍ୱମୈତ୍ରୀର ପ୍ରଚାର	ବିଶ୍ୱମୈତ୍ରୀ ଭାବ ରହିଅଛି	ବିଶ୍ୱମୈତ୍ରୀ ଭାବ ରହିଅଛି	ମୈତ୍ରୀ ଭାବର ପ୍ରଚାର	ମୈତ୍ରୀ ଭାବର ପ୍ରଚାର	
୧୦	ବିଶ୍ୱଭ୍ରାତୃତ୍ୱ ଓ ସଂହତିର ପ୍ରତିଷ୍ଠା ହେଉଛି ଜଗନ୍ନାଥ ଧର୍ମର ମୁଖ୍ୟ ପ୍ରବୃତ୍ତି	ବିଶ୍ୱଭ୍ରାତୃତ୍ୱ ଓ ସଂହତିର ପ୍ରତିଷ୍ଠା ନିମନ୍ତେ ପ୍ରଚାର	ବିଶ୍ୱଭ୍ରାତୃତ୍ୱର ପ୍ରଚାର	ବିଶ୍ୱଭ୍ରାତୃତ୍ୱର ପ୍ରଚାର	ବିଶ୍ୱଭ୍ରାତୃତ୍ୱର ଭାବର ପ୍ରଚାର	
୧୧	ବିଶ୍ୱର ସମସ୍ତ ବର୍ଗର ଲୋକମାନଙ୍କୁ ଦର୍ଶନ ଦେବା ଓ ମିଶିବା ପାଇଁ ରଥଯାତ୍ରା/ ସ୍ନାନଯାତ୍ରା ଆଦିର ସୃଷ୍ଟି	ପୂର୍ବେ ରଥଯାତ୍ରା ଥିଲା । ବର୍ତ୍ତମାନ ପ୍ରାୟତଃ ନାହିଁ ।	ରଥଯାତ୍ରା ଥିଲା । ବର୍ତ୍ତମାନ ନାହିଁ ।	କୌଣସି ଯାତ୍ରା ନାହିଁ ।	କୌଣସି ଯାତ୍ରା ନାହିଁ ।	
୧୨	ମହାପ୍ରସାଦ/କୈବଲ୍ୟ ଆଦି ମୋକ୍ଷର ଏକ ମାର୍ଗ ।	କେବଳୀ ଭାବ ରହିଥିଲା ।	ମହାପ୍ରସାଦ ନାହିଁ ।	ପ୍ରସାଦ ସେବନ ନାହିଁ ।	ପ୍ରସାଦ ସେବା ନାହିଁ ।	

୧୩	''ସର୍ବଭୂତଦୟା'' ହିଁ ଆମର ସନାତନ ଧର୍ମର ଆଧାର । ଶ୍ରୀଜଗନ୍ନାଥ ଧର୍ମରେ ସବୁ ପ୍ରାଣୀଙ୍କୁ ଆତ୍ମବତ୍ ମନେ କରିବା ହିଁ ପୃଥିବୀରେ ଉଚ୍ଚତମ ଆଦର୍ଶ ଅଟେ ।	ଏହି ସତ୍ୟ ଏହି ଧର୍ମରେ ଦେଖାଯାଏ ।	ଏହି ଧର୍ମରେ ମଧ୍ୟ ସର୍ବଭୂତରେ ଦୟା ଭାବ ରହିଥିଲା ।	ସମ୍ପ୍ରତି କ୍ୱଚିତ ଦେଖାଯାଏ । କିନ୍ତୁ ବାଇବେଲରେ ଏହା ଉଲ୍ଲେଖ ରହିଛି ।	କୋରାନରେ ରହିଅଛି । କିନ୍ତୁ କାର୍ଯ୍ୟରେ ଏହାର ପ୍ରଭାବ କ୍ୱଚିତ ଦେଖିବାକୁ ମିଳିଥାଏ ।	

ଉପର୍ଯ୍ୟୁକ୍ତ ସାରଣୀରେ ବିଶ୍ୱର ବିଶିଷ୍ଟ ଧର୍ମ ଓ ତତ୍ସମ୍ପର୍କୀୟ ଚିନ୍ତାଧାରା ଓ ପ୍ରୟୋଗ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରାଯାଇଛି । ଭଗବାନ ଯେତେବେଳେ ମନୁଷ୍ୟ ସୃଷ୍ଟି କଲେ, ସେତେବେଳେ ସେ ପ୍ରତ୍ୟେକ ମନୁଷ୍ୟ ଠାରୁ ଆଶା କଲେ ଯେ ସେ ନିଜେ ମର୍ଯ୍ୟାଦାପୂର୍ଣ୍ଣ ଆଦର୍ଶ ଜୀବନଯାପନ କରିବ, ଯାହା ଫଳରେ ତାହାର ନିଜ ଜୀବନ ସଫଳ ହେବ ଏବଂ ନିଜ କୃତ୍ୟ ଦ୍ୱାରା ସେ ପରିବାର, ସମାଜ ଏବଂ ଯୁଗକୁ ସୁବ୍ୟବସ୍ଥିତ କରିପାରିବ, ଏ ଦୃଷ୍ଟିରୁ ମନୁଷ୍ୟ ଠାରେ ଶିବତ୍ୱ ବିକାଶ କରିବା ଧର୍ମର ଲକ୍ଷ୍ୟ । ସ୍ୱାମୀ ବିବେକାନନ୍ଦ 'ରାଜଯୋଗର ଟୀକା' ନାମକ ପୁସ୍ତକରେ କହିଛନ୍ତି ଯେ ମନୁଷ୍ୟ ଠାରେ ଦେବତ୍ୱ ବା ଈଶ୍ୱରତ୍ୱର ଉପଲବ୍ଧି ହିଁ ଧର୍ମର ଲକ୍ଷ୍ୟ ଅଟେ । ପୃଥିବୀରେ ପ୍ରତ୍ୟେକ ମନୁଷ୍ୟ ନିଜ ଜୀବନକୁ ସୁବ୍ୟବସ୍ଥିତ କରିବା ସକାଶେ ସ୍ୱକର୍ତ୍ତବ୍ୟ ପଥରେ ଚାଲିବା ସକାଶେ, ଧର୍ମର ବିପରୀତ ଆଚରଣ ନ କରିବା ସକାଶେ ଯତ୍ନବାନ ହେବା ଆବଶ୍ୟକ । ତାହାହେଲେ ସେ ଦେବତ୍ୱ ଲାଭ କରିପାରେ ।[୧୫] ପ୍ରତ୍ୟେକ ମନୁଷ୍ୟ ଯଦି ଧର୍ମ ଦ୍ୱାରା ନିର୍ଦ୍ଧାରିତ ରୀତି ଅନୁସାରେ ଆଚରଣ କରିବେ, ଅସ୍ତେୟ, ଅପରିଗ୍ରହ, ଅହିଂସା ଭଳି ସଦ୍‌ଗୁଣକୁ ନିଜ ଜୀବନରେ ଅଙ୍ଗୀକାର କରିବେ, ତେବେ ମନୁଷ୍ୟର ଏହି ବ୍ୟଷ୍ଟିପରକ ଗୁଣ ସମଷ୍ଟି ପରକ ହୋଇଯାଏ । ସମସ୍ତ ମାନବ ଜାତି ଯେତେବେଳେ ଧର୍ମାନୁକୂଳ ଆଚରଣ କରିବ, ସେତେବେଳେ କେଉଁଠି ହେଲେ କୌଣସି ଧର୍ମର ବିପରୀତ ଆଚରଣ ପରିଲକ୍ଷିତ ହେବ ନାହିଁ ଏବଂ ଏହି ଧର୍ମ ସମଷ୍ଟିପରକ ହୋଇଯିବ । ବ୍ୟକ୍ତି ସୁଧୁରି ଗଲେ ସମାଜ ବଦଳିଯିବ– ଏହି ବିଶ୍ୱାସ ଥିଲା ଆମର ପ୍ରାଚୀନ ଋଷିମୁନିଙ୍କ ମନରେ । ବ୍ୟକ୍ତି ଦ୍ୱାରା ସମାଜ ଗଠିତ ହୁଏ, ବ୍ୟଷ୍ଟି ଦ୍ୱାରା ସମଷ୍ଟିର ଉତ୍ପତ୍ତି । ତେଣୁ ପ୍ରତ୍ୟେକ ବ୍ୟକ୍ତି ଯଦି ନିଜକୁ ଧର୍ମ ନିଷ୍ଠ କରିଦେବେ, ତେବେ ସମଗ୍ର ସମାଜ ଏବଂ ଯୁଗ ମଧ୍ୟ ଧର୍ମନିଷ୍ଠ ହୋଇଯିବ । ବ୍ୟଷ୍ଟି ରୂପେ ମନୁଷ୍ୟ ଦେବତୁଲ୍ୟ ହେଉ, ସମଷ୍ଟି ରୂପେ ଏ ଧରଣୀ ସ୍ୱର୍ଗରେ ପରିଣତ ହେଉ– ଏହା ହିଁ ଧର୍ମର ଲକ୍ଷ୍ୟ । ଏ ସମସ୍ତ ଉଲ୍ଲେଖ କରିବାର ଏହି ଯେ ଧର୍ମ ମନୁଷ୍ୟକୁ ଧାରଣ କରିବାର, ଆଚରଣ କରିବାର ଓ ବ୍ୟବହାରରେ ସମ୍ମିଳିତ କରିବାର ତତ୍ତ୍ୱ ଅଟେ । ଏହା ହିଁ ଯେକୌଣସି ଧର୍ମର ମାନବିକ ମୂଲ୍ୟବୋଧର ମୂଳତତ୍ତ୍ୱ ଅଟେ । ବିଶ୍ୱ ମାନବବାଦର ମୂଳ ଲକ୍ଷଣଗୁଡ଼ିକ ସମ୍ପର୍କରେ ଆମେ ପୂର୍ବରୁ ଆଲୋଚନା କରିଅଛୁ । ସେହିପରି ପାଶ୍ଚାତ୍ୟ ମନୀଷୀ ଥମ୍ପସନ୍ ନିଜ ସମଗ୍ର ଦୃଷ୍ଟିରେ ଧର୍ମର ପରିଭାଷା କରି କହିଛନ୍ତି, ''ସମ୍ପୂର୍ଣ୍ଣ ବିଶ୍ୱ ମୋର ଦେଶ, ସମ୍ପୂର୍ଣ୍ଣ ମାନବଜାତି ମୋର ବନ୍ଧୁ ଏବଂ ସମସ୍ତଙ୍କ ମଙ୍ଗଳ କରିବା ମୋର ଧର୍ମ ।'' ଏହା ବାସ୍ତବରେ ସମସ୍ତ ଉଲ୍ଲିଖିତ ଧର୍ମୀୟ ମତବାଦଗୁଡ଼ିକର ଧ୍ୟେୟ ହେବା ଆବଶ୍ୟକ । ତାହେଲେ ଯାଇ 'ବିଶ୍ୱୈକ' ଭାବର ସୃଷ୍ଟି ସହଜରେ ହୋଇପାରିବ ।

ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଏବଂ ଶ୍ରୀକ୍ଷେତ୍ର ପୁରୀ ଯୁଗ ଯୁଗ ଧରି ସର୍ବଧର୍ମ ସମନ୍ୱୟର ଏକ ପ୍ରତିଷ୍ଠିତ ପୀଠ ଏବଂ ବିଭିନ୍ନ ବିପରୀତ ଧର୍ମୀ ଧର୍ମଧାରାର ଏକ ଅପୂର୍ବ ସଙ୍ଗମସ୍ଥଳ ଭାବରେ ବିଶ୍ୱରେ ପରିଚିତ ହୋଇଆସିଛି । ଏହା ହେଉଛି ଏକମାତ୍ର ପୀଠ

୧୫. ଆଚାର୍ଯ୍ୟ, ପଣ୍ଡିତ ଶ୍ରୀରାମ ଶର୍ମା, ଧର୍ମ କ'ଣ ଅଫିମର ଗୁଳା, (ଭାଷାନ୍ତର ଡାକ୍ତର ମଧୁସୂଦନ ପଣ୍ଡା) ଭୁବନେଶ୍ୱର : ଯୁଗଶକ୍ତି ଗାୟତ୍ରୀ, ୧୯୯୯, ପୃ. ୧୪-୧୫

ଏବଂ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ହେଉଛନ୍ତି ଏକମାତ୍ର ଦେବତା ଯେଉଁଠି ବିଭିନ୍ନ ମତ, ସମ୍ପ୍ରଦାୟ, ଜାତି ଇତ୍ୟାଦି ସମାଜକୃତ ବ୍ୟକ୍ତି ଓ ଗୋଷ୍ଠୀ ଉପରେ ଉପାଧି ବା ପ୍ରଲେପର କୌଣସି ଅର୍ଥ ହୁଏନି । ମୌଳିକ ମାନବିକ ସତ୍ତାର ଆଦର୍ଶ ଭାବମୂର୍ତ୍ତି ଉପରେ ପ୍ରତିଷ୍ଠିତ 'ପୁରୁଷୋତ୍ତମ ଶ୍ରୀଜଗନ୍ନାଥ' । ବିଶ୍ୱପୁରୁଷର ଏଭଳି ଏକ ଅପୂର୍ବ ପରିକଳ୍ପନା ଅଦ୍ୱିତୀୟ, ଅନନ୍ୟ ଏବଂ ସମଗ୍ର ମାନବବାଦର ପ୍ରତୀକ ।

ପୂର୍ବରୁ ଆମ୍ଭେ ଉଲ୍ଲେଖ କରିଅଛୁ ଯେ ପୃଥିବୀର ସମସ୍ତ ଧର୍ମର ଅଧିକାରୀମାନେ ବିଶ୍ୱରେ ମାନବବାଦର ପ୍ରତିଷ୍ଠା ନିମନ୍ତେ ଶ୍ରୀଜଗନ୍ନାଥ ଧର୍ମର ସାରବତ୍ତାକୁ ଅଦ୍ୟାବଧି ଗ୍ରହଣ କରିଆସିଛନ୍ତି । ଏ ସମ୍ପର୍କରେ କିଛି ଉଦାହରଣ ଆମେ ନିମ୍ନରେ ଉଦ୍ଧାର କରୁଅଛୁ । ଧାର୍ମିକ ସହିଷ୍ଣୁତା, ମାନବିକ ଶିଷ୍ଟାଚାର ଓ ଉଦାହରଣ ବିଭିନ୍ନ ଆଦର୍ଶର ଅନୁବର୍ତ୍ତୀ ସମ୍ପ୍ରଦାୟମାନଙ୍କ ମଧ୍ୟରେ ଏକ ସମନ୍ୱୟ ଆଣିବା କେବଳ ଶ୍ରୀକ୍ଷେତ୍ର ପୁରୀ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଠାରେ ହୋଇଥିବାର ବହୁଳ ପ୍ରମାଣ ମିଳେ । ଅଦ୍ୱୈତବାଦୀ ଶଙ୍କରାଚାର୍ଯ୍ୟ ଦ୍ୱୈତବାଦୀ ଶ୍ରୀରାମାନୁଜ ବୌଦ୍ଧଧର୍ମ ପ୍ରଚଳିତ ଶୂନ୍ୟବାଦ ଏବଂ ଦ୍ୱୈତାଦ୍ୱୈତ ଭାବ, ଶ୍ରୀବୈଷ୍ଣବ ସମ୍ପ୍ରଦାୟର 'ପଞ୍ଚତାନ୍ତ୍ରିକ' ଧର୍ମ, ବୌଦ୍ଧଧର୍ମ, ଜୈନଧର୍ମ ଏବଂ ଅନ୍ୟାନ୍ୟ ବହୁ ଉପଧର୍ମର ସାରାଂଶ ସ୍ୱାକ୍ଷର ବହନ କରି ସମନ୍ୱିତ ବିଗ୍ରହ ଏକ ଅଦ୍ୱିତୀୟ ଏବଂ ଅଭିନବ ପରିକଳ୍ପନାର ଦେବତା ହେଉଛନ୍ତି 'ପୁରୁଷୋତ୍ତମ' । ଆକ୍ଷରିକ ଶବ୍ଦରେ ଶ୍ରୀଜଗନ୍ନାଥ କେବଳ ଗୋଟିଏ ଉତ୍ତମ ପୁରୁଷ ହୁଅ 'ବାର୍ତ୍ତାର ପ୍ରତୀକ' । ସଂଜ୍ଞା ସହିତ ସାଲିସ ନାହିଁ । ସମଗ୍ର ମନୁଷ୍ୟ ଜାତିର ମୁଖ୍ୟତଃ ୩ଟି ରଙ୍ଗ ଧଳା, ହଳଦିଆ ଓ କଳା ଏବଂ ସମସ୍ତଙ୍କର ପ୍ରତୀକ ତାମ୍ରକାନ୍ତିମୂର୍ତ୍ତି ବିଗ୍ରହ ଏହାର ଏକ ଅଭିନବ ପରିକଳ୍ପନା ।

ବିଗ୍ରହ ପୂଜାରେ ବିଶ୍ୱାସ କରୁଥିବା ଶିଖଗୁରୁ ନିରଙ୍କରୀ ସମ୍ପ୍ରଦାୟ ନାନକଙ୍କ ଦ୍ୱାରା ପ୍ରତିଷ୍ଠିତ ବାଉଳି ମଠ ଏବଂ ମଙ୍ଗୁ ମଠ ଶ୍ରୀଜଗନ୍ନାଥଙ୍କୁ ପ୍ରାଧାନ୍ୟ ଦେଇ ଶ୍ରୀକ୍ଷେତ୍ରରେ ବିଦ୍ୟମାନ ।

ମୁସଲମାନ ଗୁରୁ ସନ୍ଥ କବୀରଙ୍କର ପୁରୀ ସ୍ୱର୍ଗଦ୍ୱାର ନିକଟରେ ପ୍ରତିଷ୍ଠିତ ମଠ, କବୀର ଚୌରା, ମହାପ୍ରଭୁ ଚୈତନ୍ୟଙ୍କ ସାଥି ଯବନି ହରିଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ବଉଳି ମଠ, ଭକ୍ତ ସାଲବେଗଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ଥାପିତ ସାଲବେଗ ଆଶ୍ରମ ଧାର୍ମିକ ସହିଷ୍ଣୁତାର ପ୍ରତୀକ ।

୧୬୨୬ ମସିହାରେ ଆସିଥିବା ମୁସଲମାନ ପର୍ଯ୍ୟଟକ ମହମ୍ମଦ ବିନ ଅମୀରଓ୍ୱାଲି ଏବଂ ତାଙ୍କ ସହ ପ୍ରାୟ ୫,୦୦୦ ମୁସଲମାନ ଭକ୍ତ ମେ ୨୦ରେ ପୁରୀରେ ପହଞ୍ଚିଲେ । ତାଙ୍କର ବିବରଣୀ ଅନୁଯାୟୀ, ଉଭୟ ହିନ୍ଦୁ ଓ ମୁସଲମାନ ଏକାଠି ମହାପ୍ରସାଦ ସେବା କରୁଥିଲେ । "The Hindus have no free access to the temple but they do have co-partnership with opposing sect in the matter of Mahaprasad." (P.230 Studies of Cult of Jagannath, K.C.Mishra)

ଅମୀନ୍ ଅହମ୍ମଦ ରାଜୀବଙ୍କର ବିବରଣୀରୁ ଜଣାଯାଏ ଯେ, ମଧ୍ୟଯୁଗୀୟ ଧାର୍ମିକ ବ୍ୟବସ୍ଥାରେ ହିନ୍ଦୁମାନେ ମୁସଲମାନ ଧର୍ମକୁ ସମ୍ମାନ ଦେଖାଉଥିଲେ ଏବଂ ମୁସଲମାନମାନେ ହିନ୍ଦୁ ଧର୍ମକୁ ସମ୍ମାନ ଦେଖାଉଥିଲେ ।

In the medieval period there was no objection to muslim entering into temple of Jagannath. The Muslim used to honour Hindu Shrine and the Hindu to honour muslim Shrines.

ଆଫଗାନ୍‌ମାନଙ୍କ ଦ୍ୱାରା ଓଡ଼ିଶା ଦଖଲ ହେଲା ପରେ ଗୋଲାମ୍ ହାସିନ୍ ସଲିମ୍‌ଙ୍କ ନିମ୍ନୋକ୍ତ ବିବରଣୀ ଅନୁଯାୟୀ ମୁସଲମାନମାନେ ଶେଖ୍ କବୀରଙ୍କ ଆଶ୍ରମରେ 'ତୋରାଣି' ପିଉଥିଲେ । ଏଠାରେ ହିନ୍ଦୁ ମୁସଲମାନ ଏକାଠି 'ମହାପ୍ରସାଦ'

ଖାଉଥିଲେ । At Purusottam Hindus unlike their practice elsewhere eat together with Musalman and other races and all shorts of cooked food sale in the Bazzar and Hindu eat and drink together.

ବିଭିନ୍ନ ବୈଦେଶିକ ଐତିହାସିକମାନେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବର୍ଣ୍ଣନା କରିବା ପ୍ରସଙ୍ଗରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ରଥଯାତ୍ରାରେ ଅଂଶଗ୍ରହଣ କରୁଥିବା ବର୍ଣ୍ଣନା କରିଛନ୍ତି । ଏପର୍ଯ୍ୟନ୍ତ ପୁରୀ ମନ୍ଦିରରେ ନିଯୁକ୍ତ ମାହୁନ୍ତ, ମୁସଲମାନ ସମ୍ପ୍ରଦାୟର, ଏହି ମାହୁନ୍ତ ସେବା ନାମରେ ବିଭିନ୍ନ ଛାମୁଚିଟାଉରୁ ଜଣାପଡ଼େ ।

ପୁରୀ ଗଜପତି ମହାରାଜାଙ୍କର ଏକ ଛାମୁ ଚିଟାଉରେ ମୁସଲମାନ ସଂପ୍ରଦାୟର ଲୋକ ନ ମିଳିଲେ ମାହୁନ୍ତ ସେବା ପାଇଁ ହିନ୍ଦୁଙ୍କୁ ନିଯୁକ୍ତି ପାଇଁ ଆଦେଶ ଅଛି । ଏଥିରୁ ସୂଚିତ ହୁଏ ଶ୍ରୀଜଗନ୍ନାଥଙ୍କ ମାହୁନ୍ତ ସେବା କେବଳ ମୁସଲମାନ ସମ୍ପ୍ରଦାୟର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ଏବେ ମଧ୍ୟ ଯେଉଁ ମାହୁନ୍ତ କର୍ମଚାରୀ ଶ୍ରୀମନ୍ଦିରରେ ଅଛନ୍ତି, ସେ ମୁସଲମାନ ସମ୍ପ୍ରଦାୟର ଲୋକ ।

୧୬୩୨ ମସିହାରେ ଉଇଲିୟମ ବ୍ରୁଟନ ନାମକ ଜଣେ ନାବିକ ପର୍ଯ୍ୟଟକ ପୁରୀ ଆସିଥିଲେ । ସୁନ୍ଦର ଉଦ୍ୟାନ ନଗରୀ ଶ୍ରୀକ୍ଷେତ୍ର ପୁରୀ ଏବଂ ସେଠାରେ ଉପାସିତ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସେ ବର୍ଣ୍ଣନା କରିଛନ୍ତି । ସେ ଜଣେ ବ୍ରାହ୍ମଣଙ୍କ ଘରେ ରହୁଥିଲେ ଏବଂ ପ୍ରଭୁଙ୍କ ରଥରେ ଜଣେ ସାରଥିଙ୍କ ସ୍ଥାନରେ ଜଣେ ମୁସଲମାନ ବସିଥିବା କଥା ଲେଖିଛନ୍ତି । ୧୮୦୩ ମସିହା ସେପ୍ଟେମ୍ବର ୧୮ ତାରିଖରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଜଗନ୍ନାଥ ମନ୍ଦିରର ଦାୟିତ୍ୱ ନେଲେ । ଏହି ମନ୍ଦିରର ପବିତ୍ରତା, ପରମ୍ପରା ତଥା ରଥଯାତ୍ରା ଇତ୍ୟାଦି ପର୍ବପର୍ବାଣି ଠିକ୍ ରୂପେ ଚଳାଇବା ପାଇଁ ତତ୍କାଳୀନ ଭାଇସରାୟ ଓ୍ୱେଲସେଲିଙ୍କ ଘୋଷଣାନାମା ଧାର୍ମିକ ସହିଷ୍ଣୁତା ଏବଂ ଏକ ଖ୍ରୀଷ୍ଟିୟାନ ସରକାରଙ୍କର ବ୍ୟାପକ ପୃଷ୍ଠପୋଷକତା ସମ୍ବନ୍ଧରେ ଏକ ଐତିହାସିକ ଦଲିଲ । ପୁରୀକୁ ଓଡ଼ିଶାର ରାଜଧାନୀ କରି ସେଠାରେ ଅବସ୍ଥାପିତ ପ୍ରଥମ ଜିଲ୍ଲାପାଳଙ୍କୁ ଐତିହାସିକ ହଣ୍ଟର ସାହେବ କଲେକ୍ଟର ଜଗନ୍ନାଥ ବୋଲି ଘୋଷଣା କରିଥିଲେ । ତାଙ୍କ ପରେ ଆସିଥିବା ଦିଲ୍ଲୀର ଜିଲ୍ଲାପାଳ ଭାବେ C. Grome ଙ୍କର ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧୀରେ ବିବରଣୀ ଅନୁଧ୍ୟାନ କଲେ ଜଣାଯାଏ ଯେ ଜଣେ ବୈଦେଶିକ ଶାସକ କେତେକ ଗଭୀର ଆଗ୍ରହ ଓ ଆନ୍ତରିକତା ଦେଖାଇଥିଲେ ତାହା ତାଙ୍କ ରିପୋର୍ଟ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ ।

ଅନ୍ୟାନ୍ୟ ବୈଦେଶିକ ପଦାଧିକାରୀ, ଷ୍ଟର୍ଲିଂ, ଗ୍ୟାରେଟ୍, ବିମସ୍, ଫରଗୁସନ୍ ଇତ୍ୟାଦିଙ୍କର ଶ୍ରୀମନ୍ଦିର ସମ୍ବନ୍ଧରେ ଐତିହାସିକ ବିବରଣୀ ଅତ୍ୟନ୍ତ ଉପାଦେୟ ଗ୍ରନ୍ଥ । ବ୍ରିଟିଶ୍ ପାର୍ଲାମେଣ୍ଟର ଏକ ଖ୍ରୀଷ୍ଟିୟାନ୍ ସରକାର ପ୍ରତିମା ପୂଜିତ ଏକ ମନ୍ଦିରକୁ ପୃଷ୍ଠପୋଷକତା ଦେବା ତୀବ୍ର ଭାବେ ସମାଲୋଚିତ ହୋଇଥିଲା । ଖ୍ରୀଷ୍ଟିୟାନ୍ ମିଶନାରୀ ମିଃ ବୁଚାନନ ଏବଂ ଲାରି ଆଦି ସମାଲୋଚକମାନେ ଶ୍ରୀଜଗନ୍ନାଥଙ୍କୁ ଏକ ସଇତାନ ଦେବତା (ସତାନ) ଏବଂ ଅନେକ ଲୋକ ତାଙ୍କ ରଥ ତଳେ ଆତ୍ମାହୁତି ଦେଉଥିବାରୁ ଜଗନ୍ନାଥଙ୍କ ରଥକୁ ଏକ ଅତ୍ୟାଚାର ଏବଂ ନିପୀଡ଼ନର ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ । କିନ୍ତୁ ନିନ୍ଦା କରିବାକୁ ଯାଇ ମିଃ ବୁଚାନନ ଏଭଳି କଥା କହିଛନ୍ତି ଯାହା ଜଗନ୍ନାଥ ଧର୍ମର ସାର୍ବଜନୀନତାର ଦ୍ୟୋତକ । ଖ୍ରୀଷ୍ଟଧର୍ମ ପ୍ରଚାର ପାଇଁ ବଳିଷ୍ଠ ଉଦ୍ୟମ ସତ୍ତ୍ୱେ ଜଗନ୍ନାଥଙ୍କ ଦେଶରେ କୌଣସି ଆଶାନୁରୂପ ସଫଳତା ନ ମିଳିବାରୁ ସେ ଅନୁଭବ କରିଛନ୍ତି ଯେ ପୁରୁଷୋତ୍ତମ ଜଗନ୍ନାଥ ଏ ଦେଶର ଜନମାନସକୁ ଏଭଳି ପ୍ରଭାବିତ କରିଛନ୍ତି ଯେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ଆରାଧ୍ୟ ଏବଂ ଉପାସ୍ୟ ଭାବେ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନୁହନ୍ତି । ତା'ଛଡ଼ା ଜଗନ୍ନାଥ ଏଭଳି ଏକ ଆଧ୍ୟାତ୍ମିକ ଭାବପ୍ରବଣତାର ପ୍ରବାହ ସୃଷ୍ଟି କରିଛନ୍ତି ଯେ ସେଠାରେ ଅନ୍ୟ କୌଣସି ଧର୍ମ ତିଷ୍ଠିବା ସମ୍ଭବପର ନୁହେଁ ।[୧୬]

୧୬. ମହାପାତ୍ର, ଶରତ ଚନ୍ଦ୍ର, ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର ସଂସ୍କୃତି, ପୁରୀ : ଶ୍ରୀଜଗନ୍ନାଥ ଗବେଷଣା କେନ୍ଦ୍ର, ୧୯୯୮, ପୃ. ୧୩୭-୧୩୯

ଏଠାରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇପାରେ ଯେ ଶ୍ରୀଜଗନ୍ନାଥ ବିଶ୍ୱରେ ଥିବା ମନୁଷ୍ୟମାନଙ୍କର ଚିନ୍ତାଧାରାକୁ ପରିବର୍ତ୍ତନ କରିବାରେ ସକ୍ଷମ ଅଟନ୍ତି । ସେ ସମଗ୍ର ବିଶ୍ୱବାସୀଙ୍କୁ ଆତ୍ମୀୟତା ସୂତ୍ରରେ ବାନ୍ଧି ରଖିପାରିଛନ୍ତି କହିଲେ ଅସତ୍ୟ ହେବ ନାହିଁ । ପୂର୍ବରୁ କହିଛୁ, ଯେଉଁଠି ଜାତିଭେଦ, ଛୋଟବଡ଼, ଛୁଆଁ-ଅଛୁଆଁର ପ୍ରଶ୍ନ ନାହିଁ, ସେଠି ସମସ୍ତେ ସମାନ । କେହି ବଡ଼ ନୁହେଁ କି ସାନ ନୁହେଁ, ସମସ୍ତେ କେବଳ ଜଗନ୍ନାଥଙ୍କର ଭକ୍ତ ମାତ୍ର । ସମଗ୍ର ବିଶ୍ୱର ମାନବ ସମାଜ ତାଙ୍କର ଅତ୍ୟନ୍ତ ଆପଣାର ଅଟନ୍ତି । ସମସ୍ତେ ତାଙ୍କୁ ଡାକନ୍ତି, ମନ କଥା କହନ୍ତି, ଦୁଃଖ/ଅଭାବର ଚିତ୍ର ବଖାଣନ୍ତି । ସେ ସବୁ ଶୁଣି ତା'ର ପ୍ରତିକାର ଯଥା ସମୟରେ କରିଥାନ୍ତି । କାରଣ ସେ ଜଣେ ମାନବବାଦୀ ଦେବତା । ମାନବର ହୃଦୟରେ ସେ ଆତ୍ମାରୂପୀ ନାରାୟଣ ଭାବେ ସଦାସର୍ବଦା ବିରାଜମାନ କରିଥାନ୍ତି । ତେଣୁ ପୃଥିବୀର କୋଣ ଅନୁକୋଣରୁ ଅଧୁନା ଭକ୍ତମାନେ ପ୍ରତ୍ୟହ ଆସି ତାଙ୍କୁ ଦର୍ଶନ କରୁଛନ୍ତି । ଶ୍ରୀଜଗନ୍ନାଥ ସଂସ୍କୃତି ମାନବ ସଂସ୍କୃତିର ଦୈନନ୍ଦିନ ଅନୁଶୀଳନରେ ଉଦ୍‌ଭାସିତ ହେଉଅଛି । ଏହା ସାରା ମାନବ ସମାଜକୁ ପ୍ରଫୁଲ୍ଲିତ କରୁଅଛି । ଶ୍ରୀଜଗନ୍ନାଥ ସଂସ୍କୃତି ପୃଥିବୀର ଅନ୍ୟାନ୍ୟ ଧର୍ମ ପ୍ରତି ସମଭାବାପନ୍ନ, ବୈରଭାବ ବିହୀନ ଏବଂ ଅନ୍ୟାନ୍ୟ ସମସ୍ତ ଧର୍ମର ଶୁଭେଚ୍ଛା ପ୍ରସାରିତ କରୁଅଛି । ଶ୍ରୀଜଗନ୍ନାଥ ଧର୍ମ ବିଶ୍ୱ ମାନବମାନଙ୍କୁ ସତ୍ୟ, ପ୍ରେମ, ଦୟା, ଅହିଂସା, ବିନୟୀ ଭାବ, ନମ୍ର, ଅହଂକାରଶୂନ୍ୟ, ହେବା ପାଇଁ ସବୁବେଳେ ପ୍ରଚୋଦିତ କରିଆସିଅଛି ।

ସର୍ବୋପରି ସବୁ ବିତର୍କର ଊର୍ଦ୍ଧ୍ୱରେ ଶ୍ରୀଜଗନ୍ନାଥଙ୍କ ଚେତନା ବିଶ୍ୱବିଦିତ । ସର୍ବସ୍ୱୀକୃତ । ଏକ ବିଶ୍ୱାସ ଥରେ କୌଣସି ଜନ ସମୁଦାୟର ମଜ୍ଜାଗତ ହୋଇସାରିଲା ପରେ ତାହା ଆପାତତଃ ବିଲୟମୁକ୍ତ ହୋଇଯାଏ । ଅର୍ଥାତ୍ ତାହା ପଲ୍ଲବିତ ହେଉଥାଏ । ଆଧୁନିକ କାଳରେ ଶ୍ରୀଜଗନ୍ନାଥଙ୍କର ବିଶ୍ୱାୟନ ସେହି ଚେତନାର ସାର୍ବଜନୀନୀକରଣ ଓ ବିବର୍ତ୍ତନର ଉଦାହରଣ । ପରବର୍ତ୍ତୀ ପୃଷ୍ଠାରେ ଆମ୍ଭେ ଆମ୍ଭ ସନ୍ଦର୍ଭର ନିଷ୍କର୍ଷ ଉଲ୍ଲେଖ କରିଅଛୁ ।

■■■

ନିଷ୍କର୍ଷ

ବିଶ୍ୱବାସୀଙ୍କ ମଙ୍ଗଳ କାମନାରେ ଶ୍ରୀଜଗନ୍ନାଥଙ୍କ ଭୂମିକା

ପବିତ୍ର ପୁରୁଷୋତ୍ତମ ପୀଠରେ ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥ ସମଗ୍ର ଜଗତର ପରମ ପ୍ରିୟ ରହସ୍ୟମୟ ଦେବତା । ରତ୍ନ ସିଂହାସନରେ କାଳିଆ ଠାକୁର ଯୁଗ ଯୁଗ ଧରି ଆକର୍ଷଣ କରିଆସିଛନ୍ତି ସମଗ୍ର ଦେଶର ସନ୍ଥ, ଆଚାର୍ଯ୍ୟ, ଭକ୍ତମାନଙ୍କୁ ତାଙ୍କର କୋଳକୁ । ସେହି ମହିମାମୟ ଠାକୁର ଆଜି ମଧ୍ୟ ରହସ୍ୟମୟ । ତାଙ୍କୁ ଯେ ଯେଉଁ ରୂପରେ କଳ୍ପନା କରି ପ୍ରାର୍ଥନା କରିଛନ୍ତି, ସେହି ପ୍ରକାର ଉପଲବ୍ଧି ଲାଭ କରିଛନ୍ତି । ସେହି ପ୍ରଭୁ ବିଶ୍ୱର କୌଣସି ଆଧ୍ୟାତ୍ମିକ ଗୋଷ୍ଠୀ ଅଥବା ସମ୍ପ୍ରଦାୟର ଅଙ୍ଗୀଭୂତ ନୁହନ୍ତି । ସେ ସମସ୍ତଙ୍କର ।

ପୂର୍ବରୁ ଆମ୍ଭେ ଉଲ୍ଲେଖ କରିଅଛୁ ଯେ ଈଶ୍ୱର ସର୍ବତ୍ର ବିଦ୍ୟମାନ । ଈଶୋପନିଷଦରେ କୁହାଯାଇଛି ଯେ

''ଈଶାବାସ୍ୟ ମିଦଂ ସର୍ବଂ ଯତ୍ କିଞ୍ଚ ଜଗତ୍ୟା ଜଗତ୍

ତେନ ତ୍ୟକ୍ତେନ ଭୁଂଜୀଥା ମା ଗୃଧଃ କସ୍ୟସ୍ୱିଦଧନମ୍ ।''

ଆମର ଆଲୋଚ୍ୟ ଶ୍ରୀଜଗନ୍ନାଥ ହେଉଛନ୍ତି ସେହିପରି ଈଶ୍ୱର, ପରମବ୍ରହ୍ମ ଯେ କି ପୃଥିବୀରେ ସର୍ବତ୍ର ବିରାଜମାନ । ପ୍ରତ୍ୟେକ ଜୀବ ଦେହରେ ସେ ହେଉଛନ୍ତି ଶକ୍ତି ସଞ୍ଚାଳକ । ଅତଏବ ସେ ମଣିଷ ମନରେ ମଧ୍ୟ ଅଛନ୍ତି ଏବଂ ତାକୁ ଚଳାଉଛନ୍ତି ବୋଲି ଧରିବାକୁ ହେବ । ଆମେ ଜାଣୁ ଯେଉଁ ସବୁ ସଦ୍‌ଗୁଣ ମାନବ ଜୀବନକୁ ପୃଥିବୀରେ ଉନ୍ନତ କରିଥାଏ ସେଗୁଡ଼ିକ ହେଲା ସରଳତା, ଉଦାରତା, ପରୋପକାରିତା, ସୃଜନତା, ଦାନଶୀଳତା, ମାନବିକ ସୌଭ୍ରାତୃତ୍ୱ (ବିଶ୍ୱଭ୍ରାତୃତ୍ୱବୋଧ), ସତ୍ୟବାଦିତା ଓ ଧର୍ମାଚରଣ । ଏସବୁ ବିଶ୍ୱମାନବ ସମାଜ ଅଭ୍ୟାସ କରିବା ଉଚିତ । ଶାସ୍ତ୍ରରେ ଅଛି 'ପରୋପକାରଃ ପୁଣ୍ୟାୟ ପାପାୟ ପରପୀଡ଼ନମ୍' ଅର୍ଥାତ୍ କାହାକୁ କେବେହେଲେ ବିପଦରେ ପକାଇବା ଉଚିତ ନୁହେଁ । ନିଜର ଶକ୍ତି ମତେ ପରୋପକାର କରିବା ହେଉଛି ବିଶ୍ୱର ଅନ୍ୟତମ ମାନବିକ ଗୁଣ । ହଜାରେ ପ୍ରକାର ଦୁର୍ଗୁଣ, ଦୁର୍ବାସନା ଅନ୍ତର ଭିତରେ ଧରି ଈଶ୍ୱର ଲାଭ ପାଇଁ ଦଉଡ଼ିବାରେ କୌଣସି ଫଳ ନାହିଁ । ବର୍ତ୍ତମାନ ବିଶ୍ୱରେ ଆମ୍ଭେ ସମସ୍ତେ ଧନ ପାଇଁ ବ୍ୟାକୁଳ ହେଉ, ପଦୋନ୍ନତି ପାଇଁ ବ୍ୟାକୁଳ ହେଉ, ସନ୍ତାନ ଲାଭ ପାଇଁ ବ୍ୟାକୁଳ ହେଉ, ପ୍ରତିଷ୍ଠା ପାଇଁ ବ୍ୟାକୁଳ ହୋଇଥାଉ । ସେଇ ବ୍ୟାକୁଳତାକୁ ଈଶ୍ୱରଙ୍କୁ ପାଇବା ଦିଗରେ ଯଦି ନିୟୋଜିତ କରାଯାଏ, ସେଥିରେ ଯେଉଁ ଆନନ୍ଦ ଲାଭ ହେବ, ତା'ର ତୁଳନାରେ ଐହିକ ସୁଖ ତୁଚ୍ଛ । ଆତ୍ମାନନ୍ଦ ସଙ୍ଗେ ବିଷୟାନନ୍ଦର କି ତୁଳନା ହୋଇପାରେ ! ଏ ଯେପରି ଅମୃତ ସଙ୍ଗେ ବିଷର ତୁଳନା । ମଣିଷ ଉପରେ ବିଶ୍ୱାସ ସ୍ଥାପନ କଲେ ସେ ହୁଏତ ବିଶ୍ୱାସଘାତକତା କରିପାରେ । କିନ୍ତୁ ଭଗବାନ କେବେ ବିଶ୍ୱାସଘାତକତା କରନ୍ତିନି, ସେ ବିଶ୍ୱାସକୁ ଆଶ୍ରୟ ଦିଅନ୍ତି । ପୁଷ୍ଟି କରନ୍ତି । ପିଲା ଠିଆ ହୋଇ ଚାଲିବା ପାଇଁ ଉଦ୍ୟମ କଲେ ମାଆ-ବାପା ତାକୁ ହାତ ଧରି ଚାଲି ଶିଖାନ୍ତି । ତା' ନହେଲେ ଭୟ, କାଳେ ପଡ଼ିଯିବ । ଭଗବାନ ବି ସେପରି । ତୁମର ବିଶ୍ୱାସ ଦୃଢ଼ କରିବା ପାଇଁ ତୁମେ ଯେତେ ଭଳି ବ୍ୟାକୁଳ, ତୁମର ବିଶ୍ୱାସ ଦୃଢ଼ ହେଉ ବୋଲି ଭଗବାନ ତତୋଧିକ ବ୍ୟାକୁଳ । ସେଥିହେତୁରୁ ଭଗବାନ କହିଥାନ୍ତି, 'ତୁମେ ମୋର ଆଡ଼କୁ ଗୋଟିଏ ପାଦ ଆଗେଇ ଆସିଲେ, ମୁଁ ତୁମ ଆଡ଼କୁ ଦଶ ପାଦ ଆଗେଇ ଆସିବି ।' ଏହା ହିଁ ଶ୍ରୀଜଗନ୍ନାଥ ଚେତନାରେ ବିଶ୍ୱବାସୀଙ୍କ ପାଇଁ ଏକ ବଡ଼ ଆହ୍ୱାନ ।[୧]

---

୧. ପଣ୍ଡା, ବ୍ରହ୍ମାନନ୍ଦ, ରସୋ ବୈ ସଃ, ଭୁବନେଶ୍ୱର : ଶ୍ରୀସତ୍ୟସାଇ ଟ୍ରଷ୍ଟ ଓଡ଼ିଶା, ୨୦୦୪, ପୃ. ୨୯-୩୦

ସର୍ବୋପରି ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଯେତେ ଆଲୋଚନା ହେଲେ ହେଁ ତାଙ୍କର ପ୍ରକୃତ ସ୍ୱରୂପ ଏପର୍ଯ୍ୟନ୍ତ ନିର୍ଦ୍ଧାରଣ ହୋଇପାରିନାହିଁ । ପୁରୁଷୋତ୍ତମ ପୀଠ ହେଉଛି ତିନି ଭୁବନରେ ଅର୍ଥାତ୍ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ ଦୁର୍ଲଭ ମହାତୀର୍ଥ । ଏଠାରେ ସ୍ୱୟଂ ଭଗବାନ ନିଜେ ନିଜର ମୂର୍ତ୍ତି ନିର୍ମାଣ କରି ବିଦ୍ୟମାନ ଅଛନ୍ତି । ତାଙ୍କୁ ଦର୍ଶନ କଲେ ଅନାୟାସରେ ମନୁଷ୍ୟ ବିଷ୍ଣୁଲୋକକୁ ଗମନ କରିପାରେ ବୋଲି ନାରଦ ପୁରାଣରେ ଉଲ୍ଲେଖ ରହିଅଛି ।

''ପ୍ରତିମା ତତ୍ରା ତାଂ ଦୃଷ୍ଟା ସୟଂ ଦେବେନ ନିର୍ମିତାମ୍

ଅନାୟାସେନ ବୈ ଯାନ୍ତି ଭବନଂ ମେ ତତୋ ନରାଃ ।''

ସେହିପରି କପିଳ ସଂହିତା ଗ୍ରନ୍ଥରେ କୁହାଯାଇଛି ଭାରତର ସବୁ ତୀର୍ଥ ଏହି ପୁରୀ ପୀଠରେ ଏକୀଭୂତ । କୋଟିଏ ତୀର୍ଥ ଦର୍ଶନର ଫଳ କେବଳ ପୁରୁଷୋତ୍ତମ କ୍ଷେତ୍ରରୁ ହିଁ ମିଳିଥାଏ । ସେଥିପାଇଁ ଶ୍ରୀଜଗନ୍ନାଥଙ୍କୁ ଲକ୍ଷ୍ୟ କରି ଓଡ଼ିଶାର ଲୋକେ କହିଥାନ୍ତି-

''ସକଳ ତୀର୍ଥ ତୋ ଚରଣେ

ବଦ୍ରିକା ଯିବି କି କାରଣେ ।'' (ଭାଗବତ)

ଭାରତ ଭଳି ନାନା ଜାତି, ଧର୍ମ ଓ ଗୋଷ୍ଠୀଦର୍ଶନ ଅଧ୍ୟୁଷିତ ବିରାଟ ଦେଶରେ କେଉଁ ରହସ୍ୟ ଏହି ପୁରୁଷୋତ୍ତମ ପୀଠରେ ନିହିତ ଅଛି ଯେ ଏଠାରେ ଆଚାଣ୍ଡାଳ ବ୍ରାହ୍ମଣ ଆନନ୍ଦବଜାରରେ ଏକ ହୋଇଯାଇପାରନ୍ତି ଅକୁଣ୍ଠ ଚିତ୍ତରେ । ମାନବ ଜାତିର ଏହି ମହାନ ମିଳନପୀଠରେ ଜଗନ୍ନାଥ ସଂସ୍କୃତି ଜୟଜୟକାର ସତତ୍ ଉଦ୍‌ଘୋଷିତ ହୋଇଆସୁଛି । ''ଜଗନ୍ନାଥଙ୍କର ନୀତି, ରୀତି, ସଂସ୍କୃତି ତା' ଠାରୁ ମଧ୍ୟ ରହସ୍ୟପୂର୍ଣ୍ଣ । ବହୁ ଗବେଷଣା ହୋଇଛି ସତ; ହେଲେ ଶ୍ରୀଜଗନ୍ନାଥ ସଂସ୍କୃତିର ଏକ ସ୍ୱଷ୍ଟ ଚିତ୍ର ଏପର୍ଯ୍ୟନ୍ତ ବିଶ୍ୱ ଦରବାରରେ ଉପସ୍ଥାପିତ ହୋଇପାରିନାହିଁ । ଏ ହେଉଛି ଶ୍ରୀକ୍ଷେତ୍ର ବା ନୀଳାଚଳଧାମ । ଏଠାରେ ପ୍ରଭୁ ଜଗନ୍ନାଥ ଅବସ୍ଥାନ କରୁଛନ୍ତି, ଯଦ୍ୟପି ସେ ବିଶ୍ୱବ୍ୟାପୀ । ଉଭୟ ନୀଳାଚଳଧାମ ଏବଂ ଜଗନ୍ନାଥ ଦେବତାଙ୍କର ମାହାତ୍ମ୍ୟ ବହୁ ପୁରାଣ, କାବ୍ୟ, ନାଟକରେ ବହୁଧା ବର୍ଣ୍ଣିତ ହୋଇଛି । ନୀଳାଚଳଧାମ ହେଉଛି ଏକ ପ୍ରାଚୀନତମ କ୍ଷେତ୍ର । ବିଶ୍ୱର ସବୁଠାରୁ ପ୍ରାଚୀନ ଗ୍ରନ୍ଥ ହେଉଛି ଋଗ୍‌ବେଦ ଏବଂ ପୁରୀ ହେଉଛି 'ଋଗ୍‌ବେଦ' ଧାମ । ଦ୍ୱିତୀୟରେ ଏହା ଅତ୍ୟନ୍ତ ପବିତ୍ର କାରଣ ଏଠାରେ ପଞ୍ଚତୀର୍ଥ ଯଥା- ଇନ୍ଦ୍ରଦ୍ୟୁମ୍ନ, ମହୋଦଧି, ଶ୍ୱେତଗଙ୍ଗା, ରୋହିଣୀକୁଣ୍ଡ ଏବଂ ମାର୍କଣ୍ଡେୟ ପୋଖରୀ ରହିଅଛି । ଅନ୍ୟାନ୍ୟ ପବିତ୍ରତମ ମନ୍ଦିର ଓ ତୀର୍ଥମାନ ମଧ୍ୟ ରହିଅଛି । ତୃତୀୟରେ ଏହା ଏକ ସର୍ବଧର୍ମ ସମନ୍ୱୟ ଭାବର ନଗରୀ । ଏଠାକୁ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ଜୈନ, ବୌଦ୍ଧ, ଶୈବ, ଗାଣପତ୍ୟ, ଶାକ୍ତ, ସୌର ପ୍ରଭୃତି ଅନେକ ସମ୍ପ୍ରଦାୟର ଧର୍ମଗୁରୁମାନେ ଆସିଛନ୍ତି ଏବଂ ସମସ୍ତେ ଜଗନ୍ନାଥ ତତ୍ତ୍ୱର ରହସ୍ୟରେ ଆତ୍ମବିଭୋର ହୋଇ ଶ୍ରୀଜଗନ୍ନାଥ ସଂସ୍କୃତିର ମହାସ୍ରୋତରେ ସାମିଲ ହୋଇଯାଇଛନ୍ତି । ଚତୁର୍ଥରେ ଭଗବାନ ଜଗନ୍ନାଥ ଏଠାରେ ନିଜର ବଡ଼ଭାଇ ବଳଭଦ୍ର ଓ ଭଗିନୀ ସୁଭଦ୍ରାଙ୍କ ସହିତ ଅବସ୍ଥାନ କରି ସମଗ୍ର ବିଶ୍ୱକୁ ବିଶ୍ୱଭ୍ରାତୃତ୍ୱର ବାର୍ତ୍ତା ପ୍ରଦାନ କରୁଛନ୍ତି ।[୨]

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ ଶ୍ରୀଜଗନ୍ନାଥ ହେଉଛନ୍ତି ସର୍ବଂ ବ୍ରହ୍ମମୟ ଜଗତର ସ୍ରଷ୍ଟା ପୁରୁଷ । କେବଳ ଓଡ଼ିଶା କିମ୍ବା ଭାରତ କାହିଁକି, ସମଗ୍ର ବିଶ୍ୱରେ ପ୍ରତ୍ୟେକ ବ୍ୟକ୍ତି ତଥା ଜୀବଜନ୍ତୁଙ୍କ ମଧ୍ୟରେ 'ସେ' ହିଁ ଭଗବାନଙ୍କ ଅଂଶବିଶେଷ ଭାବେ ରହିଛନ୍ତି । 'ଜୀବେ ଦୟା ଭାବ' ସ୍ନେହ, ପ୍ରେମ, ଭକ୍ତି, ସମଦର୍ଶୀ ଭାବନା, ମୈତ୍ରୀ ଭାବ, ମୋକ୍ଷ ଏବଂ ଜଗତର ଲୋକମାନଙ୍କୁ ଦୁଃଖ ଯନ୍ତ୍ରଣାରୁ ରକ୍ଷା କରିବା ନିମିତ୍ତ ଶ୍ରୀଜଗନ୍ନାଥ ସଦା ତତ୍ପର । ଭକ୍ତମାନେ କୋଟି କୋଟି ସଂଖ୍ୟାରେ

---

୨. ଶତପଥି, ହରେକୃଷ୍ଣ, ବାମଦେବସଂହିତା (ସମ୍ପା- ଜୟକୃଷ୍ଣ ମିଶ୍ର), ମୁଖବନ୍ଧ, ପୁରୀ : ସଦ୍‌ଗ୍ରନ୍ଥ ନିକେତନ, ୨୦୦୮

ବିଶ୍ୱରେ ତାଙ୍କୁ ପ୍ରାର୍ଥନା କରୁଛନ୍ତି –''ହେ ଜଗଦୀଶ୍ୱର ! ମୁଁ ଆପଣଙ୍କ ଠାରୁ ଧନ, ଜନ, ସୁନ୍ଦରୀ ସ୍ତ୍ରୀ ବା ଭଜନ ପ୍ରାର୍ଥନା ସମ୍ବଳିତ ମଧୁର ମନୋହର କବିତା ଚାହେଁ ନାହିଁ, ଚାହେଁ କେବଳ ଗୋଟିଏ କଥା – ତବ ଶ୍ରୀଚରଣରେ ମୋର ଅହେତୁକୀ ଭକ୍ତି ଜନ୍ମ ଜନ୍ମ ବ୍ୟାପୀ ରହିଥାଉ । ଏପରି କହି ଆଶା ବିସ୍ମୃତ ହୋଇ ଭଗବାନଙ୍କୁ ଅନ୍ତରେ ବାହାରେ ଅବଲୋକନ କରି ତନ୍ମୟ ହୋଇଯାଇଥାନ୍ତି । ଆମେ ସର୍ବଦା ଆପଣଙ୍କ ସମୀପ୍ୟ ଉପଲବ୍ଧି କରି ସିଦ୍ଧିଲାଭ କରିବାକୁ ଚାହୁଁ । ଆମର ଅମୃତତ୍ତ୍ୱ ପ୍ରାପ୍ତ ହେଉ । ଭକ୍ତି ରସରେ ଅବଗାହନ କରି ଆମ୍ଭେମାନେ ଅନ୍ୟ କୌଣସି ବିଷୟରେ ଶୋଚନା ନ କରି ଆପଣଙ୍କର ଆଶୀର୍ବାଦ ଚାହୁଁ । ସର୍ବଦା ପରମାନନ୍ଦ ଜଗନ୍ନାଥଙ୍କ ପାଖରେ ରହି ଜୀବନ ଅତିବାହିତ କରି କୃତାର୍ଥ ହେବାକୁ ଚାହୁଁ ।'' ବସ୍ତୁତଃ ସେମାନଙ୍କ ଜୀବନର ଲକ୍ଷ୍ୟ ହେଲା ଏକାନ୍ତ ଭକ୍ତି, ଯାହାକି ଈଶ୍ୱର ଭାବରେ ବିସ୍ତାର ହୋଇଯାଉଥିଲା ସମଗ୍ର ବିଶ୍ୱରେ ଏବଂ ଏହି ବିଶ୍ୱବ୍ୟାପକ ଐଶୀଭକ୍ତି ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ହିଁ ଅଦ୍ୟାବଧି ଚିରସ୍ରୋତା ପ୍ରୀତି ମନ୍ଦାକିନୀ ଭାବେ ବହି ଚାଲିଛି । ବିଶ୍ୱବାସୀଙ୍କ ମଙ୍ଗଳ କାମନାରେ ବାସ୍ତବରେ ଶ୍ରୀଜଗନ୍ନାଥଙ୍କ ନୀଳଚକ୍ର ବାନା ସ୍ୱତଃ ଉଡ଼ିଚାଲିଛି ।

ଜଗନ୍ନାଥ ସଂସ୍କୃତିରେ ବିପୁଳ ବିସ୍ତୃତିରେ ଦେବତ୍ୱ ଅପେକ୍ଷା ମାନବତ୍ୱର ପ୍ରକାଶ ଯେ ଅଧିକ, ଏଥିରେ ସନ୍ଦେହ ନାହିଁ । ସେଥିପାଇଁ ଏହି ସଂସ୍କୃତି ଆଜି ସମଗ୍ର ବିଶ୍ୱରେ ଏକ ମହାନ ସଂସ୍କୃତି ଭାବରେ ଖାଲି ନୁହେଁ, ଉତ୍ତମ ମାନବୀୟ ସଂସ୍କୃତି ଭାବରେ ମଧ୍ୟ ପ୍ରସାରିତ ହେବାରେ ଲାଗିଛି । ରହସ୍ୟମୟ ଜଗନ୍ନାଥ ଓ ତତୋଧିକ ରହସ୍ୟମୟ ଜଗନ୍ନାଥ ସଂସ୍କୃତିରେ ଜାଗତିକ ଲୀଳାର ଏ ମୂର୍ଚ୍ଛନା ଆଗାମୀ ଅନେକ ଶତାବ୍ଦୀ ପର୍ଯ୍ୟନ୍ତ, ମଣିଷର ପ୍ରାଣତନ୍ତ୍ରୀରେ ଯେ ସୁନୀଳ ଶିହରଣ ସୃଷ୍ଟି କରିବ, ଏହା ନିଃସନ୍ଦେହରେ ସ୍ୱୀକାର କରାଯାଇପାରେ ।

ଏଥିପାଇଁ ଦିନେ ଯବନ କବି ସାଲବେଗ ଗାଇଥିଲେ

''ଏକା ତୋ' ଭକତ ଜୀବନ
ଭକତ ନିମନ୍ତେ ତୋର ଶଙ୍ଖଚକ୍ର ଚିହ୍ନ ।
ଭକତ ତୋ ପିତାମାତା ଭକତ ତୋ ବନ୍ଧୁ
ଭକତ ହିତରେ ତୋର ନାମ କୃପାସିନ୍ଧୁ ।
ଧେନୁ ପଛେ ପଛେ ବତ୍ସା ଗମେ କ୍ଷୀର ଲୋଭେ
ଭକତ ପଛରେ ତୁହି ଥାଉ ସେହି ଭାବେ ।''

ଏହା ହିଁ ଜଗନ୍ନାଥ ସଂସ୍କୃତିର ଚିରନ୍ତନ ମୂଲ୍ୟବୋଧ । ଶ୍ରୀଜଗନ୍ନାଥ ଧର୍ମ ଅଦ୍ୟାପି ସମଗ୍ର ବିଶ୍ୱର କୋଣ ଅନୁକୋଣରେ ଶାନ୍ତି,ମୈତ୍ରୀ, ମାନବିକତା, ଆତିଥେୟତା, ଅନୁରାଗ, ସେବା, ସାହାଯ୍ୟ, ସହାନୁଭୂତି, ସମଦର୍ଶୀଭାବ, କଲ୍ୟାଣ କାମନା, ମଙ୍ଗଳ ଆକାଂକ୍ଷା ଓ ନିଷ୍କପଟ ଆନ୍ତରିକତା ପ୍ରଦର୍ଶନ କରିଆସିଛି । ଏହି କ୍ଷେତ୍ରରେ ଜଗନ୍ନାଥଙ୍କ ଠାରେ କେବେହେଲେ ନଥାଏ 'ନାହିଁ' 'ନାହିଁ'ର ଭାବ, ନଥାଏ ସଂକୋଚ, ଦ୍ୱିଧା, ହିଂସା, ଦ୍ୱେଷ । ଜଗନ୍ନାଥ ଆଜି ମୂର୍ତ୍ତ ରୂପରେ ପୂଜିତ ହେଉଥିଲେ ହେଁ ସେ ଅମୂର୍ତ୍ତ ଓ ଅମୃତ ଚେତନାର ଚିରନ୍ତନ ଅନନ୍ୟ ପ୍ରତୀକ ।

■■■

ପରିଶିଷ୍ଟ

ଉପାଦାନ ପଞ୍ଜିକା

ଅଧିକାରୀ, ପରମାନନ୍ଦ, *ଆମ ଜଗନ୍ନାଥ ଆମ ସାହିତ୍ୟ*, କଟକ : ବାଣିଶ୍ରୀ, ୧୯୭୭ ।

ଆଚାର୍ଯ୍ୟ, ପଣ୍ଡିତ ଶ୍ରୀରାମ ଶର୍ମା *ଧର୍ମ କ'ଣ ଅଫିମର ଗୁଳା*, (ଭାଷାନ୍ତର-ଡାକ୍ତର ମଧୁସୂଦନ ପଣ୍ଡା), ଭୁବନେଶ୍ୱର : ଯୁଗଶକ୍ତି ଗାୟତ୍ରୀ, ୧୯୯୯, ପୃ. ୧୪-୧୫ ।

ଆଚାର୍ଯ୍ୟ, ବୃନ୍ଦାବନ ଚନ୍ଦ୍ର, *ଓଡ଼ିଶାରେ କୃଷ୍ଣ ଉପାସନା*, କଟକ : ଗ୍ରନ୍ଥ ମନ୍ଦିର, ୧୯୯୪ ।

ଆଚାର୍ଯ୍ୟ, ସୁଦର୍ଶନ, *ଓଡ଼ିଆ କାବ୍ୟ କୌଶଳ*, କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୨୦୦୭ ।

ଖୁଣ୍ଟିଆ, କହ୍ନାଇ, *ଶ୍ରୀମହାଭାବ ପ୍ରକାଶ*(ସମ୍ପା. ଫକୀରମୋହନ ଦାସ) ବାରିପଦା : ଭକ୍ତି ବିନୋଦ ଲାଇବ୍ରେରୀ, ୧୯୭୦ ।

ଖୁଣ୍ଟିଆ, ବିଶ୍ୱନାଥ, *ବିଚିତ୍ର ରାମାୟଣ*, କଟକ : ଧର୍ମଗ୍ରନ୍ଥ ଷ୍ଟୋର, (ପ୍ରକାଶନ କାଳ ଉଲ୍ଲେଖ ନାହିଁ) ।

ଗଡ଼ନାୟକ, ରାଧାମୋହନ *ଶାମୁକାର ସ୍ୱପ୍ନ*, କଟକ : ଫ୍ରେଣ୍ଡସ ପବ୍ଲିଶର୍ସ, ୧୯୭୨ ।

ତ୍ରିପାଠୀ, ପରମାନନ୍ଦ, *ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ସଂସ୍କୃତି*, କଟକ : ଶ୍ରୀମତି ହରିପ୍ରିୟା ଦେବୀ, ୨୦୦୪ ।

ଦାଶ, ଈଶ୍ୱର, *ଚୈତନ୍ୟ ଭାଗବତ*, ସଂପା-ଆର୍ତ୍ତବଲ୍ଲଭ ମହାନ୍ତି, ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ ।

ଦାଶ, କୁଞ୍ଜବିହାରୀ, *ପଲ୍ଲୀଗୀତ ସଞ୍ଚୟନ* (୧ମ ଭାଗ), କଟକ : ପଦ୍ମନାଭ ମିଶ୍ର, ୧୯୫୪ ।

ଦାଶ, ବାଞ୍ଛାନିଧି, *ବଡ଼ ଦେଉଳରୁ ପହଣ୍ଡି ବିଜେ*, କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୨୦୧୫ ।

ଦାଶ, ପଦ୍ମଚରଣ, *ଶ୍ରୀଜଗନ୍ନାଥ ଚିନ୍ତା ଓ ଚେତନା*, ଭୁବନେଶ୍ୱର : ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ୨୦୧୬ ।

ଦାଶ, ସର୍ବେଶ୍ୱର *ଶ୍ରୀଜଗନ୍ନାଥ ପୁରୁଷୋତ୍ତମ*, କଟକ : ଗ୍ରନ୍ଥମନ୍ଦିର, ୧୯୯୬ ।

ଦାଶ, ସୁରେନ୍ଦ୍ରନାଥ *ଭାବ ସମୁଦ୍ର* (ସମ୍ପାଦନା) ଭୁବନେଶ୍ୱର : ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ୨୦୧୬ ।

ଦାଶ, ସୂର୍ଯ୍ୟ ନାରାୟଣ, *ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ*, କଟକ : ଫ୍ରେଣ୍ଡସ ପବ୍ଲିଶର୍ସ, ୨୦୧୨ ।

ଦାଶ, ସୂର୍ଯ୍ୟ ନାରାୟଣ, *ଓଡ଼ିଆ ସାହିତ୍ୟର ଇତିହାସ*, (୧ମ ଭାଗ), କଟକ : ଗ୍ରନ୍ଥ ମନ୍ଦିର, ୧୯୭୮ ।

ଦାସ, ଅର୍ଜ୍ଜୁନ, *ରାମବିଭା*, ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୫୩ ।

କଳ୍ପଲତା (ସଂପା-କେଦାରନାଥ ମହାପାତ୍ର), ଭୁବନେଶ୍ୱର : ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ, ୧୯୬୨ ।

ଦାସ, କାର୍ତ୍ତିକ, *ରୁକ୍ମିଣୀ ବିଭା*, (ସମ୍ପା-ଆର୍ତ୍ତବଲ୍ଲଭ ମହାନ୍ତି), ଭୁବନେଶ୍ୱର, ଉତ୍କଳ ବିଶ୍ୱବିଦ୍ୟାଳୟ ।

ଦାସ, କୃପାସିନ୍ଧୁ, *ଚତୁର୍ଦ୍ଧା ମୂର୍ତ୍ତି ବର୍ଣ୍ଣନା* (ସଂପା-ପଣ୍ଡିତ ବିନାୟକ ମିଶ୍ର) ଓଡ଼ିଆ ସାହିତ୍ୟର ଇତିହାସ, କଟକ : ୧୯୬୨ ।

ଦାସ, କୃଷ୍ଣ, *ରସକଲ୍ଲୋଳ*, (ସଂପା - ଦେବେନ୍ଦ୍ର ମହାନ୍ତି) କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୬୯ ।

ଦାସ, ଗୋପବନ୍ଧୁ, *ଅବକାଶ ଚିନ୍ତା*, କଟକ : ଗୋପବନ୍ଧୁ ସାହିତ୍ୟ ମନ୍ଦିର, ୧୯୭୧ ।

ବନ୍ଦୀର ଆତ୍ମକଥା, କଟକ : ଗୋପବନ୍ଧୁ ସାହିତ୍ୟ ମନ୍ଦିର, ୧୯୭୪ ।

ଦାସ, ଚାନ୍ଦ *ଗୋପୀଚନ୍ଦନ*, ଭୁବନେଶ୍ୱର : ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୯୫ ।

ଦାସ, ଦିବାକର, *ଜଗନ୍ନାଥ ଚରିତାମୃତ* (ସମ୍ପା. ବୃନ୍ଦାବନ ଦାସ ଗୋସ୍ୱାମୀ), ପୁରୀ : ବଡ଼ ଓଡ଼ିଆ ମଠ, ୧୯୬୩ ।

ଦାସ, ଦୀନକୃଷ୍ଣ, *ଜଗମୋହନ ଛାନ୍ଦ,* କଟକ : ପ୍ରାଚୀ ସମିତି, ୧୦୩୧ ।

ରସ ବିନୋଦ, କଟକ : ଶ୍ରୀ ରାଧାରମଣ ପୁସ୍ତକାଳୟ, ୧୯୬୮ ।

ଦାସ, ଦୁର୍ଲ୍ଲଭ, *ରହସ୍ୟ ମଞ୍ଜରୀ,* (ସମ୍ପା. ଆର୍ତ୍ତବଲ୍ଲଭ ମହାନ୍ତି) କଟକ : ପ୍ରାଚୀ ସମିତି, ୧୯୬୫ ।

ଦାସ, ନୀଳକଣ୍ଠ, *ଓଡ଼ିଆ ସାହିତ୍ୟର କ୍ରମ ପରିଣାମ,* କଟକ : ନବ ଭାରତ ଗ୍ରନ୍ଥାଳୟ, ୧୯୫୩ ।

ଦାସ, ପୁରୁଷୋତ୍ତମ, *କାଞ୍ଚିକାବେରୀ,* କଟକ : ପୁସ୍ତକ ପ୍ରକାଶନ କମ୍ପାନୀ, (ପ୍ରକାଶନ କାଳ ନାହିଁ) ।

ଦାସ, ବନମାଳୀ, *ଚାଟ ଇଚ୍ଛାବତୀ,* ଭୁବନେଶ୍ୱର : ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୬୧ ।

ଦାସ, ବିଷ୍ଣୁ, *ପ୍ରେମଲୋଚନା,* (ସମ୍ପା. କେଦାରନାଥ ମହାପାତ୍ର) ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଓ ଗବେଷଣା ବିଭାଗ, ୧୯୬୧ ।

ଦାସ, ବୃନ୍ଦାବନ, *ଚୈତନ୍ୟ ଭାଗବତ,* (ସମ୍ପା. ଜାନକୀ ବଲ୍ଲଭ ମହାନ୍ତି) କଟକ : ବୁକ୍ସ ଏଣ୍ଡ ବୁକ୍ସ, ୧୯୭୯ ।

ଦାସ, ବୃନ୍ଦାବନ, *ରସବାରିଧି* (ସଂପା-ଆର୍ତ୍ତବଲ୍ଲଭ ମହାନ୍ତି), ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ ।

ଦାସ, ଭକ୍ତଚରଣ, *ମଥୁରା ମଙ୍ଗଳ,* ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ ।

ଦାସ, ଭଗବାନ, *ଶ୍ରୀ ଗୌରାଙ୍ଗ ଭାଗବତ,* ବାରିପଦା : ଭକ୍ତି ବିନୋଦ ଲାଇବ୍ରେରୀ, ୧୯୬୭ ।

ଦାସ, ମନ୍ମଥ ଦାସ, *ପୃଥିବୀ ଇତିହାସ,* କଟକ : ପୀତାମ୍ବର ମିଶ୍ର, ୧୯୯୩ ।

ଦାସ, ଶିଶୁଶଙ୍କର, *ଉଷାଭିଳାଷ,* (ସମ୍ପା-ଆର୍ତ୍ତବଲ୍ଲଭ ମହାନ୍ତି), କଟକ : ପ୍ରାଚୀ ସମିତି, ୧୯୨୯ ।

ନନ୍ଦ, ଅମୂଲ୍ୟ ରତ୍ନ, ପ୍ରବନ୍ଧ – ଓଡ଼ିଆ ପୁରାଣ ସାହିତ୍ୟରେ ଶ୍ରୀଜଗନ୍ନାଥ (ସମ୍ପା-ଖଗେଶ୍ୱର ମହାପାତ୍ର ଓ ଅନ୍ୟାନ୍ୟ) *ଶ୍ରୀଜଗନ୍ନାଥ ଚେତନା ଦୀପ୍ତି ଓ ବ୍ୟାପ୍ତି,* ଭୁବନେଶ୍ୱର, ଜ୍ଞାନଯୁଗ ପବ୍ଲିକେଶନ, ୨୦୧୦ ।

ନନ୍ଦ, ଦୁର୍ଗାମାଧବ, *ଓଡ଼ିଆ ନାଟକ ଓ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ,* ବ୍ରହ୍ମପୁର: ଓଡ଼ିଶା ବୁକ ହାଉସ୍, ୧୯୭୩ ।

– *କବି ବିଷ୍ଣୁ ଦାସ ପ୍ରସଙ୍ଗ ଓ ପ୍ରକରଣ,* ବ୍ରହ୍ମପୁର : ପ୍ରଜ୍ଞା ପ୍ରକାଶନୀ, ୨୦୦୨ ।

– ପ୍ରବନ୍ଧ – *ଓଡ଼ିଶାର ଲୋକ ସାହିତ୍ୟରେ ଶ୍ରୀଜଗନ୍ନାଥ,* (ସମ୍ପା-ମଥୁରେନ୍ଦ୍ର ପୃଷ୍ଟି) ଶ୍ରୀଜଗନ୍ନାଥ ଚେତନାର ଉନ୍ମେଷ ଓ ଉତ୍ତରଣ, ଭୁବନେଶ୍ୱର : ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ, ୨୦୧୫ ।

ନାୟକ, ରାଘବାନନ୍ଦ *ସାରଳା ମହାଭାରତରେ ଧାର୍ମିକ ପରମ୍ପରା,* କଟକ, ଓଡ଼ିଶା ବୁକ୍ ଷ୍ଟୋର, ୧୯୯୫ ।

ନେପାକ, ଭାଗୀରଥି *ଜଗତର ନାଥ ଶ୍ରୀଜଗନ୍ନାଥ,* କଟକ : ବୁକ୍ସ ଇଣ୍ଟରନ୍ୟାସନାଲ, ୧୯୮୨ ।

ପଟ୍ଟନାୟକ, କାଳୀଚରଣ *ଅଭିଯାନ,* କଟକ : ୟୁନାଇଟେଡ୍ ବୁକ୍ ହାଉସ, ୨୦୦୧ ।

ପଟ୍ଟନାୟକ, କୃଷ୍ଣଚନ୍ଦ୍ର *ସର୍ବଂ ବ୍ରହ୍ମମୟ ଜଗତ,* ଭୁବନେଶ୍ୱର : ମହାବୀର ପ୍ରକାଶନ, ୨୦୦୭ ।

ପଟ୍ଟନାୟକ, ପଠାଣି *ମହାପ୍ରଭୁ ଶ୍ରୀଜଗନ୍ନାଥ,* କଟକ : ଚିନ୍ମୟ ପ୍ରକାଶନ, ୨୦୦୯ ।

ପଟ୍ଟନାୟକ, ମାଧବ *ବୈଷ୍ଣବ ଲୀଳାମୃତ,* ସମ୍ବଲପୁର : ପ୍ରଦୀପ ପବ୍ଲିକେଶନ, ୧୯୮୬ ।

ପଣ୍ଡା, ଭଗବାନ *ଓଡ଼ିଶାର ଧର୍ମ,* କଟକ, ଗ୍ରନ୍ଥମନ୍ଦିର, ୧୯୭୯ ।

ପରିଜା, ଗଣେଶ ପ୍ରସାଦ *ମହାପ୍ରଭୁ ଜଗନ୍ନାଥ,* ଭୁବନେଶ୍ୱର : ଲେଖକ, ୧୯୭୯ ।

ଯୁଗେ ଯୁଗେ ଜଗନ୍ନାଥ, କଟକ : ସାକ୍ଷୀ ମୋହର, ୧୯୭୫ ।

ପରିଡା, ଲକ୍ଷ୍ମଣ କୁମାର *ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ,* ଭୁବନେଶ୍ୱର : ନିଶାମଣି ପ୍ରକାଶନୀ, ୨୦୦୮ ।

– *ରଥ କହେ ମୁଁ ଦେବତା,* ଭୁବନେଶ୍ୱର : ନିଶାମଣି ପରିଡ଼ା, ୨୦୦୮ ।

ପତ୍ରୀ, ଉମେଶ *ଯୀଶୁ ଓ ଜଗନ୍ନାଥ,* ଭୁବନେଶ୍ୱର : ସତ୍ୟମ ପବ୍ଲିକେଶନ, ୨୦୧୧ ।

ଓଡ଼ିଆ ସାହିତ୍ୟକୁ ମୁସଲମାନ ସାହିତ୍ୟିକଙ୍କ ଅବଦାନ ଓ ଅନ୍ୟାନ୍ୟ ପ୍ରବନ୍ଧ, କଟକ : ଜନସୁଧା, ୨୦୧୧ ।

ପାଢ଼ୀ, ଜଗବନ୍ଧୁ *ଶ୍ରୀପୁରୁଷୋତ୍ତମ ତତ୍ତ୍ୱ ଓ ନବକଳେବର,* କଟକ : ଗ୍ରନ୍ଥ ମନ୍ଦିର, ୧୯୯୬ ।

ପାଢ଼ୀ, ବେଣୀମାଧବ	*ଶ୍ରୀଜଗନ୍ନାଥ ତତ୍ତ୍ୱ-ବିମର୍ଶ*, କଟକ : ଗ୍ରନ୍ଥ ମନ୍ଦିର, ୨୦୧୨ ।
	ଦାରୁଦେବତା, କଟକ : କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ୧୯୭୫ ।
ପାତ୍ର, ସତୀଶ	*ଭକ୍ତିଗୁଚ୍ଛ*, କଟକ : ଫ୍ରେଣ୍ଡସ ପବ୍ଲିଶର୍ସ, ୧୯୯୪ ।
ପୃଷ୍ଟି, ମଥୁରେନ୍ଦ୍ର	*ଅପାଣିପାଦ ଶ୍ରୀଜଗନ୍ନାଥ :ଏକ ତାତ୍ତ୍ୱିକ ଅନୁଶୀଳନ*, ଭୁବନେଶ୍ୱର : ମ୍ୟାଗ୍ନମ ପ୍ରିଣ୍ଟର୍ସ, ୨୦୧୬ ।
	ଶ୍ରୀଜଗନ୍ନାଥ ଚେତନାର ଉନ୍ମେଷ ଓ ଉତ୍ତରଣ, ଭୁବନେଶ୍ୱର : ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ, ୨୦୧୬ ।
	ଜଗନ୍ତ ବିବର୍ତ୍ତନରେ ଶ୍ରୀଜଗନ୍ନାଥ, ଭୁବନେଶ୍ୱର : ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ, ୨୦୧୭ ।
ପ୍ରଧାନ, ଅରକ୍ଷିତ	*ଜଗତ ଓ ଜଗନ୍ନାଥ*, ପୁରୀ : କେଲୁଚରଣ ଜେନା, ୧୯୮୩ ।
ପ୍ରଧାନ, ନଗେନ୍ଦ୍ର ନାଥ	*ଓଡ଼ିଆ ନିର୍ଗୁଣ ସାହିତ୍ୟର ଭୂମିକା*, ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣନୟନ ଓ ପ୍ରକାଶନ ସଂସ୍ଥା, ୨୦୦୯ ।
ପ୍ରଧାନ, ଶରତଚନ୍ଦ୍ର	*ଉଚ୍ଚୈଶ୍ରବା* (ସମ୍ପା. ସଂଘମିତ୍ରା ମିଶ୍ର, ଆଧୁନିକ ଓଡ଼ିଆ କବିତା), ଭୁବନେଶ୍ୱର : ଜ୍ଞାନଯୁଗ ପବ୍ଲିକେଶନ, ୨୦୦୪ ।
ପ୍ରଧାନ, କୃଷ୍ଣଚନ୍ଦ୍ର	*ବୌଦ୍ଧଧର୍ମ ଓ ଓଡ଼ିଆ ସାହିତ୍ୟ*, କଟକ : ସୁଧା ପ୍ରକାଶନ, ୧୯୯୯ ।
ବିଦ୍ୟାଧର, ଲୋକନାଥ	*ନୀଳାଦ୍ରି ମହୋତ୍ସବ* (ସମ୍ପା. ଶକୁନ୍ତଳା ପଣ୍ଡା), ଭୁବନେଶ୍ୱର : ସଂସ୍କୃତି ନିର୍ଦ୍ଦେଶାଳୟ, ୧୯୯୧ ।
ଭଞ୍ଜ, ଉପେନ୍ଦ୍ର	*କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ* (ସମ୍ପା. ହରେକୃଷ୍ଣ ଦାଶ), କଟକ : ଚନ୍ଦ୍ରୋଦୟ ପ୍ରେସ୍, ୧୯୩୩ ।
	- *ଛାନ୍ଦ ଭୂଷଣ*, କଟକ : ଦାଶରଥି ପୁସ୍ତକାଳୟ ।
	- *ରସଲେଖା*, କଟକ : ଓଡ଼ିଶା ଜଗନ୍ନାଥ କମ୍ପାନୀ, ୧୯୫୮ ।
	- *ରସିକ ହାରାବଳୀ*, କଟକ : ଦାଶରଥି ପୁସ୍ତକାଳୟ ।
	- *ସୁଭଦ୍ରା ପରିଣୟ*, କଟକ : ମୌଲବୀ ଶେଖ ନଜିର, ମୋହମ୍ମଦ ଏଣ୍ଡ ସନ୍ସ, ୧୯୫୪ ।
	- *ଚିତ୍ରଲେଖା*, ସମ୍ପା-ସୁଦର୍ଶନ ଆଚାର୍ଯ୍ୟ, ବ୍ରହ୍ମପୁର, କଳିଙ୍ଗ ସାହିତ୍ୟ ସମାଜ, ୨୦୦୧ ।
ମହତାବ, ହରେକୃଷ୍ଣ	*ଓଡ଼ିଶା ଇତିହାସ* (୧ମ ଖଣ୍ଡ), କଟକ : କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ୧୯୬୭ ।
ମହାନ୍ତି, ଚିନ୍ତାମଣି	*ମହୋଦଧି*, କଟକ : ଉତ୍କଳ ସାହିତ୍ୟ ପ୍ରେସ୍, ୧୯୧୮ ।
ମହାନ୍ତି, ଜାନକୀବଲ୍ଲଭ	*ଭାରତୀୟ ସାହିତ୍ୟର ଇତିହାସ*, ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ୧୯୯୬ ।
	ଶେଷାବତରଣ, କଟକ : ପ୍ରସାଦ ପ୍ରକାଶନୀ, ୧୯୯୮ ।
ମହାନ୍ତି, ବଂଶୀଧର (ପ୍ରଫେସର)	*ଓଡ଼ିଆ ସାହିତ୍ୟର ଇତିହାସ* (୨ୟ ଭାଗ) କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୭୩ ।
	ଶ୍ରୀଜଗନ୍ନାଥ, ଭୁବନେଶ୍ୱର : ଅନ୍ନପୂର୍ଣ୍ଣା ମହାନ୍ତି, ୧୯୭୭ ।
ମହାନ୍ତି, ବଂଶୀଧର (ପୁରୀ)	*ଶ୍ରୀମର୍ତ୍ତ୍ୟ ବୈକୁଣ୍ଠ କାବ୍ୟ* (ସମ୍ପା -ଦୁର୍ଗାମାଧବ ନନ୍ଦ) ପୁରୀ : ଶ୍ରୀ ସତ୍ୟନାରାୟଣ ମହାନ୍ତି, ୨୦୦୭ ।
ମହାପାତ୍ର, କେଦାରନାଥ	*ଖୁରୁଧା ଇତିହାସ*, କଟକ : ଓଡ଼ିଶା ସରକାରଙ୍କର ସଂସ୍କୃତି ବିଭାଗ, ୧୯୬୯ ।
ମହାପାତ୍ର, ଶରତଚନ୍ଦ୍ର	*ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର ସଂସ୍କୃତି*, ପୁରୀ : ଶ୍ରୀ ଜଗନ୍ନାଥ ଗବେଷଣା କେନ୍ଦ୍ର, ୧୯୯୮ ।
	ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ, କଟକ : କୋଣାର୍କ ।
ମହାପାତ୍ର, ସୀତାକାନ୍ତ	*ଦୀପ୍ତି ଓ ଦ୍ୟୁତି*, କଟକ : ଗ୍ରନ୍ଥମନ୍ଦିର, ୧୯୬୩ ।
	ଶବ୍ଦର ଆକାଶ, କଟକ : ଷ୍ଟୁଡେଣ୍ଟସ୍ ଷ୍ଟୋର, ୧୯୭୧ ।

ମହାରଣା, ଉର୍ମିଳା	*ଶ୍ରୀମନ୍ଦିରରେ ବାରମାସରେ ତେର ପର୍ବ*, ଭୁବନେଶ୍ୱର : ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ୨୦୧୫ ।
ମହାରଣା, ସୁରେନ୍ଦ୍ର କୁମାର	*କଳାଶ୍ରୀମୁଖ ହେ*, କଟକ : ସତ୍ୟନାରାୟଣ ବୁକ୍ ଷ୍ଟୋର, ୨୦୧୫ ।
ମାନସିଂହ, ମାୟାଧର	*ଓଡ଼ିଆ ସାହିତ୍ୟର ଇତିହାସ*, କଟକ : ଗ୍ରନ୍ଥମନ୍ଦିର, ୧୯୬୭ ।
ମିଶ୍ର, ଅନ୍ତର୍ଯ୍ୟାମୀ	*ପୁରୁଷୋତ୍ତମ ଜଗନ୍ନାଥ*, ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ୨୦୧୧ ।
ମିଶ୍ର, ଅମୂଲ୍ୟକୃଷ୍ଣ	*ସାଲବେଗ*, କଟକ : ଅଗ୍ରଦୂତ, ୧୯୭୯ ।
ମିଶ୍ର, କବି ପ୍ରସାଦ	*ବାଇଶି ପାହାଚ*, ଭୁବନେଶ୍ୱର : ମହାବୀର ପ୍ରକାଶନ, ୨୦୧୦ ।
ମିଶ୍ର, କାହ୍ନୁଚରଣ	*ଧର୍ମ, ସମାଜ ଓ ସାହିତ୍ୟ*, କଟକ : ଜେ ମହାପାତ୍ର ଏଣ୍ଡ କୋ, (ପ୍ରକାଶନ କାଳ ଉଲ୍ଲେଖ ନାହିଁ) ।
ମିଶ୍ର, କାହ୍ନୁଚରଣ	*ଓଡ଼ିଶୀ ବୈଷ୍ଣବ ଧର୍ମ*, ଭୁବନେଶ୍ୱର : ଓ.ସା. ଏକାଡେମୀ, ୧୯୮୦ ।
ମିଶ୍ର, କୁନ୍ତଳା କୁମାରୀ	*ଅଗତିର ଗତି*, ପୁରୀ : ସୁଲଭ ପ୍ରକାଶନୀ, ୨୦୧୧ ।
ମିଶ୍ର, ଗୋଦାବରୀଶ	*ଆଲେଖିକା* (ଗୋଦାବରୀଶ ମିଶ୍ର ଗ୍ରନ୍ଥାବଳୀ), କଟକ : କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ୧୯୬୦ ।
ମିଶ୍ର, ନୀଳକଣ୍ଠ	*ଶ୍ରୀକ୍ଷେତ୍ର, ଶ୍ରୀଜଗନ୍ନାଥ ତତ୍ତ୍ୱ*, ପୁରୀ : ଅଭିଜିତ ପ୍ରକାଶନୀ, ୨୦୦୪ ।
ମିଶ୍ର, ଭାସ୍କର	*ମଠ ସଂସ୍କୃତି*, କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୨୦୦୪ ।
ମିଶ୍ର, ରାମଚନ୍ଦ୍ର	(ପ୍ରବନ୍ଧ) *ବିଶ୍ୱଚେତନାରେ ଶ୍ରୀଜଗନ୍ନାଥ ତତ୍ତ୍ୱ : ସିଦ୍ଧାନ୍ତ ଓ ପ୍ରୟୋଗ* (ସମ୍ପା-ଦୁର୍ଗାମାଧବ ନନ୍ଦ) ପୁରୀ : ସ୍ନାତକୋତ୍ତର ଓଡ଼ିଆ ବିଭାଗ, ସାମନ୍ତ ଚନ୍ଦ୍ର ଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ୨୦୦୮ ।
ମିଶ୍ର, ରାମଚନ୍ଦ୍ର	*ଶ୍ରୀଜଗନ୍ନାଥ ସଂସ୍କୃତି ଓ ଐତିହ୍ୟ*, କଟକ : ଏସ୍.ବି. ପବ୍ଲିକେଶନ୍ସ, ୨୦୦୮ ।
ମିଶ୍ର, ସୁରେନ୍ଦ୍ର କୁମାର	*ଶ୍ରୀଜଗନ୍ନାଥ ଚେତନାର ସମନ୍ୱୟ ଭାବଧାରା*, କଟକ :ଏସ୍‌ବି ପବ୍ଲିକେଶନ୍ସ, ୧୯୯୮ ।
	– *ଶ୍ରୀଜଗନ୍ନାଥ ଚେତନା* : ସଂହତିର ସ୍ୱରଲିପି, ପୁରୀ : ଲେଖକ, ୨୦୧୦ ।
ମିଶ୍ର, ହରିହର	*ଶଙ୍ଖନାଭି ଓ ଅନ୍ୟାନ୍ୟ କବିତା*, କଟକ : ଆର୍ଯ୍ୟ ପ୍ରକାଶନ, ୨୦୦୨ ।
ଯୋଷୀ, ଅର୍ଜ୍ଜୁନ	*ସୃଷ୍ଟିର ପ୍ରଥମ ଆଲୋଚକ*, କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୮୧ ।
ମେହେର, ଗଙ୍ଗାଧର	*ଉତ୍କଳ ଲକ୍ଷ୍ମୀ*, କଟକ : ନ୍ୟୁ ଷ୍ଟୁଡେଣ୍ଟ ଷ୍ଟୋର, ୧୯୭୮ ।
ରଥ, ଚନ୍ଦ୍ରଶେଖର	*ରଥସପ୍ତକ*, ଭୁବନେଶ୍ୱର : ଶ୍ରୀମତୀ ଚାରୁକଳା ରଥ, ୧୯୯୨ ।
ରଥ, ଦୀନବନ୍ଧୁ	*ସାରଳା ମହାଭାରତରେ ସାମାଜିକ ଜୀବନ*, କଟକ : ଗ୍ରନ୍ଥ ମନ୍ଦିର, ୧୯୭୪ ।
ରଥ, ନୀଳକଣ୍ଠ	*ଚରିତ ଚିନ୍ତାମଣି*, ଭୁବନେଶ୍ୱର : ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୮୭ ।
ରଥ, ବଳଦେବ	*ଚନ୍ଦ୍ରକଳା* (ସଂପା-କୁଳମଣି ଦାସ, କବିସୂର୍ଯ୍ୟ ଗ୍ରନ୍ଥାବଳୀ) କଟକ : ପବ୍ଲିସିଂ ହାଉସ, ୧୯୬୫ ।
ରାଉତରାୟ, ସଚ୍ଚିଦାନନ୍ଦ	*ରଥଯାତ୍ରା* (ସମ୍ପା-ମୁରାରି ମୋହନ ଜେନା, କବି କଣ୍ଠେ ଜଗନ୍ନାଥ) କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୨୦୧୫ ।
ରାଓ, ମଧୁସୂଦନ	*ନୀଳାଚଳ* (ଅସମ୍ପୂର୍ଣ୍ଣ କବିତା), ମଧୁସୂଦନ ଗ୍ରନ୍ଥାବଳୀ ।
ରାଜଗୁରୁ, ସତ୍ୟନାରାୟଣ	*ଓଡ଼ିଶାର ଇତିହାସ*, କଟକ: ଗ୍ରନ୍ଥମନ୍ଦିର, ୨୦୧୨ ।
	ଶ୍ରୀପୁରୁଷୋତ୍ତମ ଓ ଶ୍ରୀଜଗନ୍ନାଥ, ଭୁବନେଶ୍ୱର : ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୯୬ ।
ରାୟ, ପ୍ରତାପ	*ଶଶିସେଣା* (ସଂପା-ଆର୍ତ୍ତବଲ୍ଲଭ ମହାନ୍ତି) ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୭୧ ।

ରାୟ, ରାଧାନାଥ *ଚିଲିକା*, କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୨୦୦୬ ।

ଶତପଥୀ, ହରେକୃଷ୍ଣ *ବାମଦେବ ସଂହିତା* (ସମ୍ପା-ଜୟକୃଷ୍ଣ ମିଶ୍ର) ମୁଖବନ୍ଧ, ପୁରୀ : ସଦ୍‌ଗ୍ରନ୍ଥ ନିକେତନ, ୨୦୦୮ ।

ସାମନ୍ତରାୟ, ନଟବର *ସଖାହୀନ ପଞ୍ଚସଖା*, ଭୁବନେଶ୍ୱର : ଶ୍ରୀମତୀ ଗଙ୍ଗାବାଇ ସାମନ୍ତରାୟ, ୧୯୭୫ ।

ସାମନ୍ତସିଂହାର, ଅଭିମନ୍ୟୁ *ବିଦଗ୍ଧ ଚିନ୍ତାମଣି*, (ସଂପା-ଆର୍ତ୍ତବଲ୍ଲଭ ମହାନ୍ତି), ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୬୫ ।

ସାମଲ, ବୈଷ୍ଣବ ଚରଣ *ସାହିତ୍ୟ କଥନୀ*, କଟକ : ଆର୍ଯ୍ୟ ପ୍ରକାଶନ, ୧୯୯୫ ।

ସାହୁ, ବାସୁଦେବ *ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା* (୧ମ ଭାଗ), କଟକ : କୋଣାର୍କ ପବ୍ଲିଶର୍ସ, ୧୯୯୧ ।

- *ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା*, (୨ୟ ଭାଗ), କଟକ : କୋଣାର୍କ ପବ୍ଲିଶର୍ସ, ୧୯୯୩ ।

- *ଜଗନ୍ନାଥ ଚେତନାର ଉଦ୍ଭବ ଓ ବିକାଶ*, ଓଡ଼ଗାଁ : ସତ୍ୟଶାନ୍ତି ସାହୁ, ୧୯୮୧ ।

ସାହୁ, ନାରାୟଣ (ପ୍ରବନ୍ଧ) - ଓଡ଼ିଆ ନାଟ୍ୟ ସାହିତ୍ୟରେ ଶ୍ରୀଜଗନ୍ନାଥ, (ସମ୍ପା - ଖଗେଶ୍ୱର ମହାପାତ୍ର ଓ ଅନ୍ୟାନ୍ୟ) *ଶ୍ରୀଜଗନ୍ନାଥ ଚେତନା ଦୀପ୍ତି ଓ ବ୍ୟାପ୍ତି*, ଭୁବନେଶ୍ୱର : ଜ୍ଞାନଯୁଗ ପବ୍ଲିକେଶନ, ୨୦୧୦ ।

ସାହୁ, ରାଧାକୃଷ୍ଣ *ବୃଦ୍ଧ ଜଗନ୍ନାଥ*, କଟକ : ଓଡ଼ିଶା ବୁକ୍ ଷ୍ଟୋର, ୧୯୯୯ ।

ସେଣ, ନରସିଂହ *ପରିମଳା*, ଭୁବନେଶ୍ୱର : ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୬୧ ।

ସ୍ୱାଇଁ, ବ୍ରଜ କିଶୋର *ଶ୍ରୀଜଗନ୍ନାଥ ତତ୍ତ୍ୱ*, କଟକ : ଦିବ୍ୟଦୂତ ପ୍ରକାଶନୀ, ୨୦୦୫ ।

ସ୍ୱାମୀ, ଅରୂପାନନ୍ଦ *ବିଶ୍ୱଭ୍ରାତୃତ୍ୱ ଓ ଶ୍ରୀଜଗନ୍ନାଥ*, ଭୁବନେଶ୍ୱର : ଜ୍ଞାନଯୁଗ ପବ୍ଲିକେଶନ, ୨୦୦୯ ।

ହରିଚନ୍ଦନ, ନୀଳାଦ୍ରିଭୂଷଣ *ସତ୍ୟ-ସଂଶୟ-ସାଲବେଗ*, କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୮୧ ।

ଓଡ଼ିଆ ପତ୍ରପତ୍ରିକା

ଅଭିଯାନ ଜାନୁଆରୀ-ଏପ୍ରିଲ, ୨୦୧୦, ଜୁଲାଇ-ସେପ୍ଟେମ୍ବର, ୨୦୧୦, ଧର୍ମଯୁଗୀୟ ପଞ୍ଚସଖା ବିଶେଷାଙ୍କ ।

ଇସ୍ତାହାର (ସମ୍ପା) ସୃଜନଶୀଳ ସମୀକ୍ଷା ସମୃଦ୍ଧ (ନିତ୍ୟାନନ୍ଦ ଶତପଥୀ), ଭୁବନେଶ୍ୱର : ୩୦ ବର୍ଷ, ୩ୟ/୪ର୍ଥ ସଂଖ୍ୟା, ଅକ୍ଟୋବର-୨୦୦୮ ।

ଉତ୍କଳ ପ୍ରସଙ୍ଗ (ସମ୍ପା), ହୁସେନ ରବି ଗାନ୍ଧୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଭୁବନେଶ୍ୱର : ରଥଯାତ୍ରା ବିଶେଷାଙ୍କ, ଜୁନ୍, ୧୯୭୬/ ଜୁଲାଇ, ୧୯୭୭ ।

ଗୁରୁ କଲ୍ୟାଣ ମହାପାତ୍ର, ୬୬ ଭାଗ, ୧୨ଶ ସଂଖ୍ୟା, ଜୁଲାଇ ୨୦୧୦ ।

(ସଂ) ହୁସେନ ରବି ଗାନ୍ଧୀ, ଭାଗ ୬୮, ୧୧ଶ ସଂଖ୍ୟା, ଜୁନ୍-୨୦୧୨ ।

(ସଂ) ହୁସେନ ରବି ଗାନ୍ଧୀ, ୬୯ ଭାଗ, ୧୨ଶ ସଂଖ୍ୟା, ଜୁଲାଇ-୨୦୧୩ ।

(ସଂ) ଲେନନ୍ ମହାନ୍ତି, ୧୨ଶ ସଂଖ୍ୟା, ୭୧ ଭାଗ, ଜୁଲାଇ-୨୦୧୫ ।

୩ୟ ସଂଖ୍ୟା, ୭୨ ଭାଗ, ଅକ୍ଟୋବର, ୨୦୧୫ ।

୪ର୍ଥ ସଂଖ୍ୟା, ୭୨ ଭାଗ, ନଭେମ୍ବର, ୨୦୧୫ ।

୭ମ-୮ମ ସଂଖ୍ୟା, ୭୨ ଭାଗ, ଫେବୃଆରୀ-ମାର୍ଚ୍ଚ, ୨୦୧୬ ।

୯ମ ସଂଖ୍ୟା, ୭୨ ଭାଗ, ଅପ୍ରେଲ-୨୦୧୬ ।

	୨ୟ-୩ୟ ସଂଖ୍ୟା, ୭୩ ଭାଗ, ସେପ୍ଟେମ୍ବର-ଅକ୍ଟୋବର, ୨୦୧୬ ।
	୧୧ମ ସଂଖ୍ୟା, ୭୩ ଭାଗ, ଜୁନ୍, ୨୦୧୭ ।
	୧୨ଶ ସଂଖ୍ୟା, ୬୦ ଭାଗ, ଜୁଲାଇ ୨୦୦୪ ।
କୋଣାର୍କ	(ସଂ) ଗିରିଦଣ୍ଡ ସେନା ଓ ଅନ୍ୟମାନେ, ଭୁବନେଶ୍ୱର : ଓଡ଼ିଶା ସାହିତ୍ୟ ଏକାଡେମୀ, ୩୧ତମ ସଂଖ୍ୟା, ୧୯୭୨ ।
	୪୦ତମ ସଂଖ୍ୟା, ୧୯୭୯ ।
	୪୧ଶ ସଂଖ୍ୟା, ୧୯୮୦ ।
	୧୨୫ତମ ସଂଖ୍ୟା, ମଇ, ଜୁନ୍, ଜୁଲାଇ, ୨୦୦୨ ।
	୧୭୩ତମ ସଂଖ୍ୟା, ମଇ, ଜୁନ୍, ଜୁଲାଇ ୨୦୧୪ ।
	୧୭୪ତମ ସଂଖ୍ୟା, ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବର, ୨୦୧୪ ।
ଜଗନ୍ନାଥାୟନ	ଶ୍ରୀଜଗନ୍ନାଥ ମନ୍ଦିର, ଦିବ୍ୟ ଜୀବନ ସଂଘ, ଭୁବନେଶ୍ୱର : ତ୍ରୟୋଦଶ ତମ ରଥଯାତ୍ରା, ୨୦୧୪, ୨୦୧୬ ।
ଝଙ୍କାର	ରଥଯାତ୍ରା ବିଶେଷାଙ୍କ, ଜୁନ୍-୧୯୮୩ ।/ ଜାନୁଆରୀ/ ୧୯୮୪ ।
	୨୯ ବର୍ଷ, ୪ର୍ଥ ସଂଖ୍ୟା, ଜୁଲାଇ, ୧୯୬୯, ୧୯୭୭ ।
	ନବକଳେବର ବିଶେଷାଙ୍କ, ଜୁଲାଇ, ୨୦୧୫ ।
ତତ୍ତ୍ୱଦର୍ଶୀ	ଶ୍ରୀଜଗବନ୍ଧୁ ପାଢ଼ୀ, ତୃତୀୟ ବର୍ଷ, ପ୍ରଥମ-ଚତୁର୍ଥ ସଂଖ୍ୟା, ଅକ୍ଟୋବର ୨୦୦୧ – ଜୁଲାଇ ୨୦୦୨ ।
ଦୂରଦର୍ଶୀ	(ସମ୍ପା) ଦୁର୍ଗା ସାମନ୍ତରାୟ, ବର୍ଷ ୮, ସଂଖ୍ୟା-୩, ଜୁଲାଇ, ୨୦୧୫ ।
ନିର୍ମାଲ୍ୟ	(ସମ୍ପା) ଶ୍ରୀ ହରିହର ବାହିନୀପତି, ଚତୁର୍ବିଂଶ ବର୍ଷ, ଜୁନ୍-ଜୁଲାଇ ୨୦୦୫ ।
ନିଳାଦ୍ରି	(ସମ୍ପା) ଭାସ୍କର ମିଶ୍ର, ରଥଯାତ୍ରା ବିଶେଷାଙ୍କ, ଜୁଲାଇ – ୨୦୦୭ ।
	ନବ କଳେବର ବିଶେଷାଙ୍କ, ୨୦୧୫ ।
	ରଥ ବିଶେଷାଙ୍କ, ୨୦୧୭ ।
ପୌରୁଷ	(ସମ୍ପା) ଜୟନ୍ତୀ ପଟ୍ଟନାୟକ, କଟକ, ୧୩ଶ ବର୍ଷ, ୧ମ ସଂଖ୍ୟା, ଜୁଲାଇ ୧୯୭୯
	୧୫ଶ ବର୍ଷ, ୪ର୍ଥ ସଂଖ୍ୟା ଅକ୍ଟୋବର, ୧୯୮୧ ।
ପ୍ରଣାମ	(ସମ୍ପା) ଶୁଭେନ୍ଦୁ ଶେଖର, କଟକ : ଶ୍ରୀ ଶ୍ୟାମସୁନ୍ଦର ଜୀଉ ଏଜୁକେସନାଲ ଟ୍ରଷ୍ଟ, ଶ୍ରୀଗୁଣ୍ଡିଚା, ୨୦୧୫ ।
	୨ୟ ବର୍ଷ, ୧ମ ସଂଖ୍ୟା, ଜାନୁଆରୀ-ମାର୍ଚ୍ଚ, ୨୦୧୮ ।
ବରେଣ୍ୟବାଣୀ	(ସମ୍ପା) ଶ୍ରୀ ସଦାନନ୍ଦ ରାଉତ, ତୃତୀୟ ବର୍ଷ, ୧୦ମ ସଂଖ୍ୟା, ଅଗଷ୍ଟ, ୨୦୧୬ ।
	ତୃତୀୟ ବର୍ଷ, ୧୦ମ ସଂଖ୍ୟା, ଅକ୍ଟୋବର, ୨୦୧୬
	ତୃତୀୟ ବର୍ଷ, ୧୦ମ ସଂଖ୍ୟା, ଡିସେମ୍ବର, ୨୦୧୬ ।
	ତୃତୀୟ ବର୍ଷ, ୧୦ମ ସଂଖ୍ୟା, ଜାନୁଆରୀ, ୨୦୧୭ ।
	ତୃତୀୟ ବର୍ଷ, ୧୦ମ ସଂଖ୍ୟା, ମାର୍ଚ୍ଚ, ୨୦୧୭ ।
	ତୃତୀୟ ବର୍ଷ, ୧୦ମ ସଂଖ୍ୟା,ଅପ୍ରେଲ-ମେ, ୨୦୧୭ ।
	ତୃତୀୟ ବର୍ଷ, ୧୦ମ ସଂଖ୍ୟା, ଜୁନ୍-ଜୁଲାଇ, ୨୦୧୭ ।
	ତୃତୀୟ ବର୍ଷ, ୧୦ମ ସଂଖ୍ୟା, ଜାନୁଆରୀ, ୨୦୧୮ ।
ବିଶ୍ୱମୁକ୍ତି	(ସମ୍ପା) ଶଶଙ୍କା ଚୁଡ଼ାମଣି, ଭୁବନେଶ୍ୱର : ଜୁନ୍-ଜୁଲାଇ-ଅଗଷ୍ଟ, ୨୦୧୭ ।

ମହୋଦଧି (ସମ୍ପା) ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, ୪ର୍ଥ/୫ମ ଜୁଲାଇ ୧୪-ସେପ୍ଟେମ୍ବର ୧୪, ୨୦୦୮।
୮ମ ବର୍ଷ, ୧ମ ସଂଖ୍ୟା, ଜାନୁଆରୀ ୧୪-ଏପ୍ରିଲ ୧୪, ୨୦୧୩।
୬ଷ୍ଠ ବର୍ଷ, ୩ୟ ସଂଖ୍ୟା, ମେ ୧୪ - ଜୁଲାଇ ୧୪, ୨୦୧୧।
୮ମ ବର୍ଷ, ୨ୟ ସଂଖ୍ୟା, ଅପ୍ରେଲ ୧୪ - ଜୁଲାଇ ୧୪, ୨୦୧୪।
୧୨ଶ ବର୍ଷ, ୩ୟ ସଂଖ୍ୟା, ଜୁଲାଇ ୧୪, ଅକ୍ଟୋବର ୧୪, ୨୦୧୮।

ଶ୍ରୀମନ୍ଦିର (ସମ୍ପା) ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ : କାର୍ତ୍ତିକ ସଂଖ୍ୟା - ୨୦୧୬, ଷଡ଼ତ୍ରିଂଶ ବର୍ଷ-୬୬ ସଂଖ୍ୟା।

ଶ୍ରୀମନ୍ଦିରର ସମାଚାର କାର୍ତ୍ତିକ ବିଶେଷାଙ୍କ-୨୦୧୫, ପଞ୍ଚବିଂଶ -୬୪ ସଂଖ୍ୟା।

ଶ୍ରୀବାଣୀ ଧାରା ପଞ୍ଚମ ବର୍ଷ, ସଂଖ୍ୟା-୧, କ୍ର.ନଂ-୨୬, ମେ-ଜୁନ୍- ୨୦୧୫।

ଶ୍ରୀଜଗନ୍ନାଥ ରଥସଂଖ୍ୟା, ୨୦୧୦।
କାର୍ତ୍ତିକ ସଂଖ୍ୟା, ୨୦୧୫, ପଞ୍ଚତ୍ରିଂଶ ବର୍ଷ, ୬୪ ସଂଖ୍ୟା।
ରଥଯାତ୍ରା ବିଶେଷାଙ୍କ, ୨୦୧୬ ଷଡ଼ତ୍ରିଂଶ ବର୍ଷ, ୬୫ ସଂଖ୍ୟା।
କାର୍ତ୍ତିକ ସଂଖ୍ୟା, ୨୦୧୬, ସପ୍ତତ୍ରିଂଶ ବର୍ଷ, ୬୬ ସଂଖ୍ୟା।

ଶ୍ରୀଜଗନ୍ନାଥ ସମ୍ପା-ପ୍ରଫେସର ସୁରେନ୍ଦ୍ର ନାଥ ଦାଶ, ୨୦୧୪, ସ୍ୱତନ୍ତ୍ର ସଂଖ୍ୟା।

<u>ଅପ୍ରକାଶିତ ପାଣ୍ଡୁଲିପି / ସନ୍ଦର୍ଭ</u>

କି. ମଧୁସ୍ମିତା *ଶ୍ରୀଜଗନ୍ନାଥଙ୍କ ବେଶ ରହସ୍ୟାଦି ଓ ଓଡ଼ିଆ ସାହିତ୍ୟ*, ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ପରିଜା ପାଠାଗାର, ୨୦୧୧।

ଜେନା, ନନ୍ଦିନୀ *ଓଡ଼ିଆ ଲୋକ ସାହିତ୍ୟରେ ଶବର ସଂସ୍କୃତିର ପ୍ରଭାବ*, ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ପରିଜା ପାଠାଗାର, ୨୦୧୫।

ନନ୍ଦ, ଅମୂଲ୍ୟରତ୍ନ *ଓଡ଼ିଶାରେ ଦଧିବାମନ ଉପାସନା ଓ ଓଡ଼ିଆ ସାହିତ୍ୟରେ ତାହାର ପ୍ରତିଫଳନ*, ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ପରିଜା ପାଠାଗାର, ୨୦୦୫।

ପାଣି, ସରୋଜିନୀ *ଗଣକବି ବୈଷ୍ଣବ ପାଣିଙ୍କ ସୃଷ୍ଟିରେ ଶ୍ରୀଜଗନ୍ନାଥ*, ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ପରିଜା ପାଠାଗାର, ୨୦୧୫।

ପାତ୍ର, ଲକ୍ଷ୍ମୀପ୍ରିୟା *ଜଗନ୍ନାଥ ଦାସଙ୍କ ଭାଗବତରେ ସାମାଜିକ ଓ ସାଂସ୍କୃତିକ ଚେତନା*, ପରିଜା ପାଠାଗାର, ୨୦୦୮।

ପ୍ରଧାନ, ବିରେନ୍ *ଓଡ଼ିଆ ସାହିତ୍ୟରେ ଶ୍ରୀପୁରୁଷୋତ୍ତମ ତତ୍ତ୍ୱ*, ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ପରିଜା ପାଠାଗାର, ୨୦୧୫।

ମହାନ୍ତି, ନିବେଦିତା *ଜଗନ୍ନାଥ ସଂସ୍କୃତିର ସ୍ୱରୂପ ଓ ବୈଶିଷ୍ଟ୍ୟ*, ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ପରିଜା ପାଠାଗାର, ୨୦୦୦।

ମିଶ୍ର, ହେମନ୍ତ କୁମାର *ଓଡ଼ିଶାର ସଂସ୍କୃତି ଓ ସାହିତ୍ୟରେ ଶ୍ରୀଜଗନ୍ନାଥ* ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ପରିଜା ପାଠାଗାର, ୨୦୦୦।

ଶତପଥୀ, ଅମ୍ବରିଶ *ବିଶ୍ୱଚେତନାର ପ୍ରତୀକ ଶ୍ରୀଜଗନ୍ନାଥ*, ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ପରିଜା ପାଠାଗାର, ୨୦୧୫।

ସାହୁ, ପ୍ରଭାତ କୁମାର *ଶ୍ରୀକ୍ଷେତ୍ରର କବି ପରମ୍ପରାରେ ଶ୍ରୀଜଗନ୍ନାଥ*, ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ, ପରିଜା ପାଠାଗାର, ୨୦୧୬।

English Books

Dash, S.N	*Mahaprabhu Sree Jagannath- The Lord of Universe,* Bhubaneswar : Sri Jagannath Research Institute, 2008.
Eschman, A. Kulke Hormann & Tripathy G.C.	*The Cult of Jagannath and the Regional Tradition of Orissa,* New Delhi : Manohar Publications, 1978.
Mansingh, Mayadhar	*The saga of the land of Jagannath*, Cuttack : J. Mohapatra & Co.
Mishra, Kanhucharan	*Studies in the cult of Jagannath*, Bhubaneswar : Institute of Orissan culture, 1991.
Mishra, Ramachandra	*Purusottama Ksetra*, Puri : Smt. Binodini Mishra, 2003, Lord Jagannath, Cuttack : SB Publications, 2006.
Mohanty, Surendra	*Lord Jagannath*, Bhubaneswar : Odisha Sahitya Academi, 1982.
Mohapatra, Gopinath	*Jagannath : The History and Religious traditions of Orissa*, Calcutta, Panthi Pustak, 1982.
	The Land of Bishnu, Delhi : B.R. Publishing Cor. 1997.
Mohapatra, K.N	*Jagannath temples in Eastern India*, Bhubaneswar, 1971.
	The Cult of Jagannath, Calcutta, Firma : K.L. Mukhopadhyaya, Calcutta, 1971.
Narang, Gokul Chand	*Transformation of Sikhism*, New Delhi : Kalyani Publishers, 1998.
Sahu, Naveen Kumar	*Buddhism in Orissa*, Cuttack, Utkal Univeristy, 1958.
Singh Deo, Jitamitra Prasad	*Origin of Jagannath Deity*, New Delhi, Gyan Publishing House 2003.
Mukherjee, Prabhat	*The History of Medival Vaishnavism in Odisha*, Cuttack : R. Chatterjee, 1940.
Tripathi, Dr. K.B	*The Evolution of Oriya Language and Script*, Cuttack : Utkal University, 1962.

English Magazine / Journal

Odish Review, Vol LXX No. II, June -2014.
Odish Review, Vol. LXXI No. 12, July - 2015.
Odish Review, Vol LXXIV, No. 11-12, Jun-July, 2018.
Prachi Valley Archaeological Survey Report Orissa State Archeology, Bhubaneswar :1975.
Studies in Orissa History, Archaelogy and Archives.
Journal of Bihar and Orissa Research Society, Vol XXXII, 1946.
Journal of the Asiatic Society of Bengal.

ହିନ୍ଦୀ

ଇନ୍ଦ୍ରଭୂତି	*ଜ୍ଞାନସିଦ୍ଧି*, ବୋରଦା, ୧୯୨୯ ।
ତ୍ରିପାଠୀ, ଗୟାଚରଣ	*ବୈଦିକ ଦେବତା : ଉଦ୍‌ଭବ ଔର ବିକାଶ* (୧ ମ ଭାଗ) ଦିଲ୍ଲୀ : ଭାରତୀୟ ବିଦ୍ୟା ପ୍ରକାଶନ, ୧୯୮୧ ।

ବୈଦିକ ଦେବତା : ଉଦ୍‌ଭବ ଔର ବିକାଶ (୨ୟ ଭାଗ), ଦିଲ୍ଲୀ : ଭାରତୀୟ ବିଦ୍ୟା ପ୍ରକାଶନ, ୧୯୯୮ ।

ଦାସ, ତୁଳସୀ — *ରାମଚରିତ ମାନସ*

ପୁରୁଷୋତ୍ତମ ପ୍ରଭୁ, (ସଂପା–ଶ୍ରୀଜଗନ୍ନା ଭଜନମାଳା, ରାମକୃଷ୍ଣ ପତି) ପୁରୀ : ସଦ୍‌ଗ୍ରନ୍ଥ ନିକେତନ ପୁରୀ : ସଦ୍‌ଗ୍ରନ୍ଥ ନିକେତନ, ୨୦୧୧ ।

ପାଢ଼ୀ, ବେଣୀମାଧବ — *ଦାରୁଦେବତା*, (ହିନ୍ଦୀ) ବଲାଙ୍ଗୀର : ଆତ୍ମପ୍ରକାଶନୀ, ୧୯୯୯ ।

ବୁଲ୍‌କେ, କାମିଲ — *ରାମକଥା ଉତ୍ପତ୍ତି ଔର ବିକାଶ*, ଇଲ୍ଲାହାବାଦ: ହିନ୍ଦୀ ପରିଷଦ, ୧୯୯୭ ।

ଅସମୀଆ

ଆଚାର୍ଯ୍ୟ, ଶଙ୍କରଦେବ — *ଅନାଦି ପାତକ*, କଟକ : ଜନଶକ୍ତି ପୁସ୍ତକାଳୟ, ୧୯୫୫ ।

ବରଦାଇ, ଚାନ୍ଦ — *ପୃଥ୍ୱୀରାଜରାସୋ*, (ସମ୍ପା) ଶ୍ରୀଜଗନ୍ନାଥ ସଂସ୍କୃତି – ଓଡ଼ିଆ କଲ୍‌ଚରାଲ ଫୋରମ୍, କଟକ : ଗ୍ରନ୍ଥମନ୍ଦିର, ୨୦୦୯ ।

ବଙ୍ଗଳା

କବିରାଜ, କୃଷ୍ଣଦାସ — *ଚୈତନ୍ୟ ଚରିତାମୃତ*, କଲିକତା : ଗୌଡ଼ୀୟ ମିଶନ ମଠ, ୧୯୫୭ ।

ଦାସ, ବୃନ୍ଦାବନ — *ଚୈତନ୍ୟ ଭାଗବତ*, କଲିକତା : ଗୌଡ଼ୀୟ ମିଶନ ମଠ, ୧୯୨୮ ।

ବନ୍ଦ୍ୟୋପାଧ୍ୟାୟ, ଭବାନୀ ଚରନ — *ଶ୍ରୀପୁରୁଷୋତ୍ତମ ଚନ୍ଦ୍ରିକା*, (ସମ୍ପା) ଗୌରାଙ୍ଗ ଚରଣ ଦାଶ, ଖମାର, ଅନୁଗୁଳ, ୨୦୧୧ ।

ବନ୍ଦୋପାଧ୍ୟାୟ, ରଙ୍ଗଲାଲ — *କାଞ୍ଚିକାବେରୀ*, (ସମ୍ପା) ସୁକୁମାର ସେନ ଓ ସୁନନ୍ଦା ସେନ, କଲିକତା : କଲିକତା ବିଶ୍ୱବିଦ୍ୟାଳୟ, ୧୯୫୮ ।

ସଂସ୍କୃତ

ଅଥର୍ବ ବେଦ — (ସାୟଣାଚାର୍ଯ୍ୟଙ୍କ ଭାଷ୍ୟ ସହ) ବମ୍ବେ : ୧୮୯୫–୯୬ ।

ଆଚାର୍ଯ୍ୟ, ଶ୍ରୀରାମାନନ୍ଦ ସ୍ୱାମୀ — *ଶ୍ରୀ ବୈଷ୍ଣବମତାବ୍ଜ ଭାସ୍କର*, ଭୁବନେଶ୍ୱର : ଓଡ଼ିଆ ଭାଷା ସଂସ୍ଥା, ୧୯୯୪ ।

ଋଗ୍‌ବେଦ ସଂହିତା — (ସାୟଣାଚାର୍ଯ୍ୟଙ୍କ ଭାଷ୍ୟ ସହ) ପୁନା : ୧୯୩୩–୫୧ ।

କବିରାଜ, ବିଶ୍ୱନାଥ — *ସାହିତ୍ୟ ଦର୍ପଣ*, ଭୁବନେଶ୍ୱର : ଓଡ଼ିଆ ସାହିତ୍ୟ ଏକାଡେମୀ, ୧୯୭୫ ।

ଗରୁଡ଼ ପୁରାଣ — ଚଉଖମ୍ବା ବିଦ୍ୟାଭବନ, ବାରଣାସୀ : ୧୯୭୭ ।

ତୈତ୍ତରୀୟ ସଂହିତା — (ସାୟଣାଚାର୍ଯ୍ୟଙ୍କ ଭାଷ୍ୟ ସହ) କଲିକତା : ୧୮୮୯ ।

ନାରଦ ପୁରାଣ — ବମ୍ବେ : ୧୯୦୫ ।

ନୀଳାଦ୍ରି ମହୋଦୟଃ — (ସମ୍ପା)ଶ୍ରୀଧର ମହାପାତ୍ର ଶର୍ମା, କଟକ : ୧୯୮୪ ।

ପୁରୁଷୋତ୍ତମ ମାହାତ୍ମ୍ୟ — (ନାରଦ ପୁରାଣ),ବମ୍ବେ : ୧୯୦୬ ।

ପୁରୁଷୋତ୍ତମ ମାହାତ୍ମ୍ୟ — (ବ୍ରହ୍ମପୁରାଣ), ବମ୍ବେ : ୧୯୦୭ ।

ପୁରୁଷୋତ୍ତମ ମାହାତ୍ମ୍ୟ — (ସ୍କନ୍ଦ ପୁରାଣ), ବମ୍ବେ : ୧୯୧୦ ।

ବିଷ୍ଣୁ ପୁରାଣ — ବମ୍ବେ : ୧୯୧୦ ।

ବ୍ରହ୍ମ ପୁରାଣ — ପୁନା : ୧୮୯୫ ।

ବ୍ରହ୍ମବୈବର୍ତ୍ତ ପୁରାଣ — ପୁନା : ୧୯୩୫ ।

ଭରତ ମୁନି — *ସଂସ୍କୃତ ନାଟ୍ୟଶାସ୍ତ୍ର*, (ସମ୍ପା) ଡ. ନଗେନ୍ଦ୍ର, ଅଭିନବ ଭାରତୀ, ୧୯୬୦ ।

ମତ୍ସ୍ୟ ପୁରାଣ — ପୁନା : ୧୯୦୭ ।

ମହାଭାରତ ନୀଳକଣ୍ଠଙ୍କ ଭାଷ୍ୟ ସହ, ପୁନା : ୧୯୫୫ ।

ମିଶ୍ର, ଚନ୍ଦ୍ରଶେଖର *ଶ୍ରୀଜଗନ୍ନାଥ-ଶତକମ୍*, ଭୁବନେଶ୍ୱର : ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୬୮ ।

ମିଶ୍ର, ଜୟକୃଷ୍ଣ (ସମ୍ପା) *ବାମଦେବ ସଂହିତା*, ପୁରୀ : ସଦ୍‌ଗ୍ରନ୍ଥ ନିକେତନ, ୨୦୦୮ ।

ଶଙ୍କରାଚାର୍ଯ୍ୟ *ଶ୍ରୀଜଗନ୍ନାଥାଷ୍ଟକମ୍*, (ସଂ-ଶ୍ରୀଜଗନ୍ନାଥ ଭଜନମାଳା, ରାମକୃଷ୍ଣ ପତି), ପୁରୀ : ସଦ୍‌ଗ୍ରନ୍ଥ ନିକେତନ, ୨୦୧୧ ।

ଶ୍ରୀମଦ୍‌ଭଗବଦ୍ ଗୀତା ବିହାରୀଲାଲ, (ଅନୁବାଦ ଗ୍ରନ୍ଥ)

ସ୍ୱାଇଁ, ବ୍ରଜକିଶୋର (ସମ୍ପା) *ନୀଳାଦ୍ରି ମହୋଦୟଃ* (୧ମ), ପୁରୀ : ସଦ୍‌ଗ୍ରନ୍ଥ ନିକେତନ, ୨୦୦୦ ।

(ସମ୍ପା) *ନୀଳାଦ୍ରି ମହୋଦୟଃ* (୨ୟ), ପୁରୀ : ସଦ୍‌ଗ୍ରନ୍ଥ ନିକେତନ, ୨୦୦୭ ।

■■■

ଶ୍ରୀଜଗନ୍ନାଥ ପ୍ରେମୀ ଗବେଷକଗଣଙ୍କ ସହ ସାକ୍ଷାତକାର

ବିଶ୍ୱମାନବବାଦ ଓ ଶ୍ରୀଜଗନ୍ନାଥ
(ସାକ୍ଷାତକାର)



୧) ନାମ, ଠିକଣା ଓ ଦୂରାଭାଷ ସଂଖ୍ୟା :-

ଡ. ସୁରେନ୍ଦ୍ର ନାଥ ଦାଶ [illegible]

୨) ବୃତ୍ତି :-

[illegible] ୯୪୩୭୦୧୧୧୨୫

୩) ଶ୍ରୀଜଗନ୍ନାଥ ମନ୍ଦିର/ଉପାସନା ସହିତ ଆପଣ ଜଡ଼ିତ କି ? :- ହଁ

୪) ଶ୍ରୀଜଗନ୍ନାଥଙ୍କ ବିଷୟରେ ପ୍ରକାଶିତ ଗ୍ରନ୍ଥ ଆପଣଙ୍କର କିଛି ଅଛିକି, ଯଦି ହଁ ଓ ତେବେ ତାହାର ନାମ ପ୍ରଦାନ କରନ୍ତୁ :-

1) Mahaprabhu Sri Jagannath The Lord of the Universe.
2) ଶ୍ରୀଜଗନ୍ନାଥ ସ୍ମୃତି, 3) [illegible] ଓ ଶ୍ରୀଜଗନ୍ନାଥ 4) [illegible]

୫) ଶ୍ରୀଜଗନ୍ନାଥଙ୍କୁ ଆପଣ ବିଶ୍ୱର ଦେବତା ଭାବେ ଗ୍ରହଣ କରୁଛନ୍ତି କି ? :- ହଁ।

୬) ବିଶ୍ୱର ମୁଖ୍ୟ ଦେବତା ଯଦି ଶ୍ରୀଜଗନ୍ନାଥ ହୁଅନ୍ତି, ତେବେ ତା'ର କାରଣଗୁଡ଼ିକ ସମ୍ପର୍କରେ ଆପଣଙ୍କ ମତ କ'ଣ ? :-

[illegible] ଶ୍ରୀଜଗନ୍ନାଥ [illegible]

୭) ବିଶ୍ୱମାନବବାଦର ପ୍ରତିଷ୍ଠା ନିମନ୍ତେ ଶ୍ରୀଜଗନ୍ନାଥଙ୍କର କେଉଁ କେଉଁ ବୈଶିଷ୍ଟ୍ୟକୁ ଆପଣ ଗ୍ରହଣ କରୁଛନ୍ତି ଉଲ୍ଲେଖ କରନ୍ତୁ । :-

[illegible]

ସ୍ଥାନ - [illegible]

ତାରିଖ - ୨୬/୪

ସ୍ୱାକ୍ଷର

ବିଶ୍ୱମାନବବାଦ ଓ ଶ୍ରୀଜଗନ୍ନାଥ
(ସାକ୍ଷାତକାର)

୧) ନାମ, ଠିକଣା ଓ ଦୂରଭାଷ ସଂଖ୍ୟା :- [illegible]

୨) ବୃତ୍ତି :- [illegible]

୩) ଶ୍ରୀଜଗନ୍ନାଥ ମନ୍ଦିର/ଉପାସନା ସହିତ ଆପଣ ଜଡ଼ିତ କି? :- [illegible]

୪) ଶ୍ରୀଜଗନ୍ନାଥଙ୍କ ବିଷୟରେ ପ୍ରକାଶିତ ଗ୍ରନ୍ଥ ଆପଣଙ୍କର କିଛି ଅଛିକି, ଯଦି ହଁ ଓ ତେବେ ତାହାର ନାମ ପ୍ରଦାନ କରନ୍ତୁ :-
(୧) [illegible]
(୨) [illegible]
(୩) [illegible]
(୪) Aspects of Purusottama Jagannatha

୫) ଶ୍ରୀଜଗନ୍ନାଥଙ୍କୁ ଆପଣ ବିଶ୍ୱର ଦେବତା ଭାବେ ଗ୍ରହଣ କରୁଛନ୍ତି କି? :- ହଁ

୬) ବିଶ୍ୱର ମୁଖ୍ୟ ଦେବତା ଯଦି ଶ୍ରୀଜଗନ୍ନାଥ ହୁଅନ୍ତି, ତେବେ ତା'ର କାରଣଗୁଡ଼ିକ ସମ୍ପର୍କରେ ଆପଣଙ୍କ ମତ କ'ଣ? :- [illegible]

୭) ବିଶ୍ୱମାନବବାଦର ପ୍ରତିଷ୍ଠା ନିମନ୍ତେ ଶ୍ରୀଜଗନ୍ନାଥଙ୍କର କେଉଁ କେଉଁ ବୈଶିଷ୍ଟ୍ୟକୁ ଆପଣ ଗ୍ରହଣ କରୁଛନ୍ତି ଉଲ୍ଲେଖ କରନ୍ତୁ। :-
(୧) [illegible]
(୨) [illegible]
(୩) [illegible]
(୪) [illegible]

[illegible]
ଦସ୍ତଖତ

ସ୍ଥାନ - [illegible]
ତାରିଖ - [illegible]

ବିଶ୍ୱମାନବବାଦ ଓ ଶ୍ରୀଜଗନ୍ନାଥ
(ସାକ୍ଷାତକାର)

୧) ନାମ, ଠିକଣା ଓ ଦୂରାଭାଷ ସଂଖ୍ୟା :–
ଡ. ଅମୂଲ୍ୟ ରଞ୍ଜନ ନନ୍ଦ
[illegible], ଓଡ଼ିଶା, [illegible]

୨) ବୃତ୍ତି :– ଅଧ୍ୟାପକ (ଓଡ଼ିଆ ବିଭାଗ)

୩) ଶ୍ରୀଜଗନ୍ନାଥ ମନ୍ଦିର/ଉପାସନା ସହିତ ଆପଣ ଜଡ଼ିତ କି ? :- ହଁ

୪) ଶ୍ରୀଜଗନ୍ନାଥଙ୍କ ବିଷୟରେ ପ୍ରକାଶିତ ଗ୍ରନ୍ଥ ଆପଣଙ୍କର କିଛି ଅଛିକି, ଯଦି ହଁ ଓ ତେବେ ତାହାର ନାମ ପ୍ରଦାନ କରନ୍ତୁ :- ଶ୍ରୀଜଗନ୍ନାଥ [illegible]

୫) ଶ୍ରୀଜଗନ୍ନାଥଙ୍କୁ ଆପଣ ବିଶ୍ୱର ଦେବତା ଭାବେ ଗ୍ରହଣ କରୁଛନ୍ତି କି? :- ହଁ

୬) ବିଶ୍ୱର ମୁଖ୍ୟ ଦେବତା ଯଦି ଶ୍ରୀଜଗନ୍ନାଥ ହୁଅନ୍ତି, ତେବେ ତା'ର କାରଣଗୁଡ଼ିକ ସମ୍ପର୍କରେ ଆପଣଙ୍କ ମତ କ'ଣ ? :- [illegible]

୭) ବିଶ୍ୱମାନବବାଦର ପ୍ରତିଷ୍ଠା ନିମନ୍ତେ ଶ୍ରୀଜଗନ୍ନାଥଙ୍କର କେଉଁ କେଉଁ ବୈଶିଷ୍ଟ୍ୟକୁ ଆପଣ ଗ୍ରହଣ କରୁଛନ୍ତି ଉଲ୍ଲେଖ କରନ୍ତୁ । :- (୧) [illegible] (୨) [illegible]

ଅମୂଲ୍ୟ ରଞ୍ଜନ ନନ୍ଦ
ଦସ୍ତଖତ

ସ୍ଥାନ - ଭୁବନେଶ୍ୱର

ତାରିଖ - [illegible]

ବିଶ୍ୱମାନବବାଦ ଓ ଶ୍ରୀଜଗନ୍ନାଥ
(ସାକ୍ଷାତକାର)

୧) ନାମ, ଠିକଣା ଓ ଦୂରାଭାଷ ସଂଖ୍ୟା :– ଡକ୍ଟର ଭାସ୍କର ମିଶ୍ର
କ୍ୱାର୍ଟର ନଂ ଓ/୩, ହାତୀଶାଳ, ଶ୍ରୀଗୁଣ୍ଡିଚା ଅନ୍ତଃ ବେହେର
ପୁରୀ - ୭୫୨୦୦୧, ପୁରୀ ସହର, ଜି - ପୁରୀ

୨) ବୃତ୍ତି :– ସରକାରୀ ଚାକିରୀ (ତୃତୀୟ ପଦାଧିକାରୀ (ଶ୍ରୀମନ୍ଦିର ପ୍ରଶାସନ) କାର୍ଯ୍ୟ ବିଭାଗ, ଓଡ଼ିଶା ସରକାର, ପୁରୀ

୩) ଶ୍ରୀଜଗନ୍ନାଥ ମନ୍ଦିର/ଉପାସନା ସହିତ ଆପଣ ଜଡ଼ିତ କି ? :– ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଏବଂ PMMO ମନ୍ଦିରକୁ ଉପାସନା ସମ୍ପୃକ୍ତ ।

୪) ଶ୍ରୀଜଗନ୍ନାଥଙ୍କ ବିଷୟରେ ପ୍ରକାଶିତ ଗ୍ରନ୍ଥ ଆପଣଙ୍କର କିଛି ଅଛିକି, ଯଦି ହଁ ଓ ତେବେ ତାହାର ନାମ ପ୍ରଦାନ କରନ୍ତୁ :– ମୋର ୪୦ ଖଣ୍ଡ, ଯେଉଁଥିରେ ୪୦ଟି ଗ୍ରନ୍ଥ ଏବଂ ଶ୍ରୀଜଗନ୍ନାଥ ଚେତନା ଓ ୩୦ ପରମ୍ପରା ଭିତ୍ତିକ ଅଟେ । ପ୍ରକାଶିତ ପୁସ୍ତକମାନଙ୍କରେ (୧) ଶ୍ରୀଜଗନ୍ନାଥ ଜ୍ଞାନକୋଷ (୨) ଶ୍ରୀରାମ ଓ ଶ୍ରୀଜଗନ୍ନାଥ ଚେତନା (୩) ୩୦ ପରମ୍ପରା (୪) ଶ୍ରୀଜଗନ୍ନାଥଙ୍କ ଲୁପ୍ତ ପରମ୍ପରା (୫) ଶ୍ରୀମନ୍ଦିର ନୀତିକାନ୍ତି (୬) ଶ୍ରୀଗୁଣ୍ଡିଚା ଯାତ୍ରା ଇତ୍ୟାଦି

୫) ଶ୍ରୀଜଗନ୍ନାଥଙ୍କୁ ଆପଣ ବିଶ୍ୱର ଦେବତା ଭାବେ ଗ୍ରହଣ କରୁଛନ୍ତି କି ? :– ହଁ

୬) ବିଶ୍ୱର ମୁଖ୍ୟ ଦେବତା ଯଦି ଶ୍ରୀଜଗନ୍ନାଥ ହୁଅନ୍ତି, ତେବେ ତା'ର କାରଣଗୁଡ଼ିକ ସମ୍ପର୍କରେ ଆପଣଙ୍କ ମତ କ'ଣ ? :–
(i) ସମଗ୍ର ପୃଥିବୀରେ କେଉଁ ସ୍ଥାନରେ ହିନ୍ଦୁ ସଂସ୍କୃତି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏମାନଙ୍କୁ ଉପାସନା କରି ଆସୁଅଛନ୍ତି । ଯେଉଁଥିରେ ହିନ୍ଦୁ ସଂସ୍କୃତି ଆସେ,
(ii) ଶ୍ରୀଜଗନ୍ନାଥଙ୍କ ବାର୍ଷିକ ରଥଯାତ୍ରାରେ ସାରା ବିଶ୍ୱରୁ ଆସନ୍ତି ସମଗ୍ର ଭାରତରେ ଏବଂ ଭାରତ ବାହାରେ ଅସଂଖ୍ୟ ଲୋକ ଜଗନ୍ନାଥଙ୍କୁ ନିଜର ଆରାଧ୍ୟ ଦେବତା ଭାବରେ ଆପଣେଇ ନେଇ ଆସିଛନ୍ତି ।
(iii) ବିଭିନ୍ନ ଅବସରରେ ସର୍ବଧର୍ମ ସମନ୍ୱୟ ଓ ସମ୍ପ୍ରଦାୟ ନିର୍ବିଶେଷରେ ଲୋକ ଆସି ଦର୍ଶନ କରନ୍ତି, ଏହା ପାଇଁ ଜଗନ୍ନାଥ ପ୍ରସିଦ୍ଧ ଓ ଉପାସ୍ୟ ହୋଇ ଆସୁଛନ୍ତି ।

୭) ବିଶ୍ୱମାନବବାଦର ପ୍ରତିଷ୍ଠା ନିମନ୍ତେ ଶ୍ରୀଜଗନ୍ନାଥଙ୍କର କେଉଁ କେଉଁ ବୈଶିଷ୍ଟ୍ୟକୁ ଆପଣ ଗ୍ରହଣ କରୁଛନ୍ତି ଉଲ୍ଲେଖ କରନ୍ତୁ । :–
(i) ସାମ୍ୟବାଦ, ସହଭାବ ସ୍ଥାପନା, ଉଦାର ପରମ୍ପରା ବୋଧ ଓ ଜ୍ଞାନ-କର୍ମ-ଭକ୍ତି ଭଳି ମୂଲ୍ୟବୋଧ ପ୍ରତିଷ୍ଠାକାରୀ ମହାପ୍ରଭୁ ଶ୍ରୀଜଗନ୍ନାଥ - ଜାତି, ବର୍ଣ୍ଣ, ଧର୍ମ, ସଂପ୍ରଦାୟ, ଶୈବ, ଶାକ୍ତ, ବୈଷ୍ଣବ, ଜୈନ, ବୌଦ୍ଧ, ଶିଖ, ଆସ୍ତିକ, ନାସ୍ତିକ, ଗୃହୀ, ବୈରାଗୀ, ସାଧକ, ସାଧିକା ନିର୍ବିଶେଷରେ ସମଗ୍ର ବିଶ୍ୱ ମାନବଙ୍କୁ ଦେଇଛନ୍ତି ମୈତ୍ରୀ ଚେତନାର ଆହ୍ଲାଦ ପ୍ରଦାନ କରି ଆସିଛନ୍ତି ।
(ii) ଅନେକ ପ୍ରାଚୀନ ସମୟରୁ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉପାସନାରେ ଶାକ୍ତ, ଶୈବ, ବୈଷ୍ଣବ ଓ ସାଂଖ୍ୟ ଦର୍ଶନର ସମସ୍ତ ଧର୍ମକୁ ସମ ଅଧିକାର ପ୍ରଦାନ କରାଯାଇଛି । ତେଣୁ ସେ ବିଶ୍ୱ ମାନବବାଦର ପ୍ରତୀକ ଅଟନ୍ତି ।

ଭାସ୍କର ମିଶ୍ର
ଦସ୍ତଖତ

ସ୍ଥାନ - ପୁରୀ

ତାରିଖ - ୧୩/୦୩/୨୦୧୮

ବିଶ୍ୱମାନବବାଦ ଓ ଶ୍ରୀଜଗନ୍ନାଥ

(ସାକ୍ଷାତକାର)

୧) ନାମ, ଠିକଣା ଓ ଦୂରାଭାଷ ସଂଖ୍ୟା :- ସାରଙ୍ଗଧର ଶତପଥୀ, ଶତପଥୀ ବାହାଦୁର ଲେନ, ବାଲିଶାହି, ପୁରୀ

୨) ବୃତ୍ତି :- ଅବସର ପ୍ରାପ୍ତ ଭାରତୀୟ [illegible] ସେବା ସଂସ୍ଥା,

୩) ଶ୍ରୀଜଗନ୍ନାଥ ମନ୍ଦିର/ଉପାସନା ସହିତ ଆପଣ ଜଡ଼ିତ କି ? :- ନାହିଁ, କେବଳ ଉପାସନା କରେ

୪) ଶ୍ରୀଜଗନ୍ନାଥଙ୍କ ବିଷୟରେ ପ୍ରକାଶିତ ଗ୍ରନ୍ଥ ଆପଣଙ୍କର କିଛି ଅଛିକି, ଯଦି ହଁ ଓ ତେବେ ତାହାର ନାମ ପ୍ରଦାନ କରନ୍ତୁ :- ୧. [illegible] ୨. [illegible] ୩. [illegible] ୪. [illegible]

୫) ଶ୍ରୀଜଗନ୍ନାଥଙ୍କୁ ଆପଣ ବିଶ୍ୱର ଦେବତା ଭାବେ ଗ୍ରହଣ କରୁଛନ୍ତି କି? :- ହଁ, କାରଣ ସେ [illegible]

୬) ବିଶ୍ୱର ମୁଖ୍ୟ ଦେବତା ଯଦି ଶ୍ରୀଜଗନ୍ନାଥ ହୁଅନ୍ତି, ତେବେ ତା'ର କାରଣଗୁଡ଼ିକ ସମ୍ପର୍କରେ ଆପଣଙ୍କ ମତ କ'ଣ ? :- [illegible]

୭) ବିଶ୍ୱମାନବବାଦର ପ୍ରତିଷ୍ଠା ନିମନ୍ତେ ଶ୍ରୀଜଗନ୍ନାଥଙ୍କର କେଉଁ କେଉଁ ବୈଶିଷ୍ଟ୍ୟକୁ ଆପଣ ଗ୍ରହଣ କରୁଛନ୍ତି ଉଲ୍ଲେଖ କରନ୍ତୁ । :-

[illegible]

ସ୍ଥାନ - ପୁରୀ

ତାରିଖ - [illegible]

ଦସ୍ତଖତ

ଶ୍ରୀ ସାରଙ୍ଗଧର [illegible]

ବିଶ୍ୱମାନବବାଦ ଓ ଶ୍ରୀଜଗନ୍ନାଥ

(ସାକ୍ଷାତକାର)

୧) ନାମ, ଠିକଣା ଓ ଦୂରାଭାଷ ସଂଖ୍ୟା :– ଡକ୍ଟର ତୁଳସୀ ଦେବୀ
ନରେନ୍ଦ୍ର କୋଣ, କାଲୁବାବା ମଠ ଲେନ୍, ପୁରୀ।
ଫୋନ୍. ନଂ - ୯୪୩୭୪୨୨୪୭୭.

୨) ବୃତ୍ତି :– ଅଧ୍ୟାପନା।

୩) ଶ୍ରୀଜଗନ୍ନାଥ ମନ୍ଦିର/ଉପାସନା ସହିତ ଆପଣ ଜଡ଼ିତ କି ? :– ନାଁ।

୪) ଶ୍ରୀଜଗନ୍ନାଥଙ୍କ ବିଷୟରେ ପ୍ରକାଶିତ ଗ୍ରନ୍ଥ ଆପଣଙ୍କର କିଛି ଅଛିକି, ଯଦି ହଁ ଓ ତେବେ ତାହାର ନାମ ପ୍ରଦାନ କରନ୍ତୁ :–
୧. ଓଡ଼ିଆ ଆଦ୍ୟ ପରିବେଶ ଓ ଶ୍ରୀ ଜଗନ୍ନାଥ, ୨. ଉତ୍କଳୀୟ ଲୋକ ସଂସ୍କୃତି ଓ ଶ୍ରୀଜଗନ୍ନାଥ,
୩. ବୌଦ୍ଧ ଓ ଜୈନ ଧର୍ମରେ ଶ୍ରୀ ଜଗନ୍ନାଥ, ୪. ବ୍ରହ୍ମ ଦାରୁରୁ ଦୁର୍ଗାଦେଳ, ୫. ରଥ ସଂହିତା,

୫) ଶ୍ରୀଜଗନ୍ନାଥଙ୍କୁ ଆପଣ ବିଶ୍ୱର ଦେବତା ଭାବେ ଗ୍ରହଣ କରୁଛନ୍ତି କି ? :– ଶ୍ରୀ ଜଗନ୍ନାଥ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ପ୍ରଭୁ। ତେଣୁ ସେ ସର୍ବଦା ସମଗ୍ର ବିଶ୍ୱର ଦେବତା ହୋଇଛନ୍ତି ସର୍ବାନ୍ତଃକରଣରେ ଗ୍ରହଣ କରେ।

୬) ବିଶ୍ୱର ମୁଖ୍ୟ ଦେବତା ଯଦି ଶ୍ରୀଜଗନ୍ନାଥ ହୁଅନ୍ତି, ତେବେ ତା'ର କାରଣଗୁଡ଼ିକ ସମ୍ପର୍କରେ ଆପଣଙ୍କ ମତ କ'ଣ ? :–
୧. ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସେ ସମସ୍ତଙ୍କ ପାଖରେ ଗ୍ରହଣୀୟ। ସେ କଥା ସବୁ. ଜାଣନ୍ତି →

୭) ବିଶ୍ୱମାନବବାଦର ପ୍ରତିଷ୍ଠା ନିମନ୍ତେ ଶ୍ରୀଜଗନ୍ନାଥଙ୍କର କେଉଁ କେଉଁ ବୈଶିଷ୍ଟ୍ୟକୁ ଆପଣ ଗ୍ରହଣ କରୁଛନ୍ତି ଉଲ୍ଲେଖ କରନ୍ତୁ । :–
୧. ଚାକର ବିଶ୍ୱଳୟ କର ଆକାର, ୨. ବର୍ଣ୍ଣ ବର୍ଣ୍ଣ,
୩. ସୌନ୍ଦର୍ଯ୍ୟ ମୂର୍ତ୍ତି ବାତାବରଣ,

ଡକ୍ଟର ତୁଳସୀ ଦେବୀ
ଦସ୍ତଖତ

ସ୍ଥାନ - ପୁରୀ

ତାରିଖ - ୪/୫/୨୦୦୫

ବିଶ୍ୱମାନବବାଦ ଓ ଶ୍ରୀଜଗନ୍ନାଥ

(ସାକ୍ଷାତକାର)

([illegible])

୧) ନାମ, ଠିକଣା ଓ ଦୂରଭାଷ ସଂଖ୍ୟା :- (Dr. Madhurendra Mishra)

[illegible]

୨) ବୃତ୍ତି :- [illegible]

୩) ଶ୍ରୀଜଗନ୍ନାଥ ମନ୍ଦିର/ଉପାସନା ସହିତ ଆପଣ ଜଡ଼ିତ କି? :- [illegible]

୪) ଶ୍ରୀଜଗନ୍ନାଥଙ୍କ ବିଷୟରେ ପ୍ରକାଶିତ ଗ୍ରନ୍ଥ ଆପଣଙ୍କର କିଛି ଅଛିକି, ଯଦି ହଁ ଓ ତେବେ ତାହାର ନାମ ପ୍ରଦାନ କରନ୍ତୁ :- [illegible]

୫) ଶ୍ରୀଜଗନ୍ନାଥଙ୍କୁ ଆପଣ ବିଶ୍ୱର ଦେବତା ଭାବେ ଗ୍ରହଣ କରୁଛନ୍ତି କି? :- [illegible]

୬) ବିଶ୍ୱର ମୁଖ୍ୟ ଦେବତା ଯଦି ଶ୍ରୀଜଗନ୍ନାଥ ହୁଅନ୍ତି, ତେବେ ତା'ର କାରଣଗୁଡ଼ିକ ସମ୍ପର୍କରେ ଆପଣଙ୍କ ମତ କ'ଣ? :- [illegible]

୭) ବିଶ୍ୱମାନବବାଦର ପ୍ରତିଷ୍ଠା ନିମନ୍ତେ ଶ୍ରୀଜଗନ୍ନାଥଙ୍କର କେଉଁ କେଉଁ ବୈଶିଷ୍ଟ୍ୟକୁ ଆପଣ ଗ୍ରହଣ କରୁଛନ୍ତି ଉଲ୍ଲେଖ କରନ୍ତୁ । :-

[illegible]

ସ୍ଥାନ - [illegible]

ତାରିଖ - [illegible]

ଦସ୍ତଖତ [illegible]

ବିଶ୍ୱମାନବବାଦ ଓ ଶ୍ରୀଜଗନ୍ନାଥ
(ସାକ୍ଷାତକାର)



୧) ନାମ, ଠିକଣା ଓ ଦୂରାଭାଷ ସଂଖ୍ୟା :–

ଡ. କୃଷ୍ଣଚନ୍ଦ୍ର ମିଶ୍ର
ମହାପ୍ରଭୁ ଷ୍ଟ୍ରିଟ୍ ଲେନ, ସିଦ୍ଧି ମହାବୀର,
ପୁରୀ – ୨
06752 – 251145

୨) ବୃତ୍ତି :– ଅବସର ପ୍ରାପ୍ତ ପ୍ରଫେସର ଅର୍ଥନୀତି ବିଭାଗ
ବେରହମ୍ପୁର ବିଶ୍ୱବିଦ୍ୟାଳୟ

୩) ଶ୍ରୀଜଗନ୍ନାଥ ମନ୍ଦିର/ଉପାସନା ସହିତ ଆପଣ ଜଡ଼ିତ କି ? :– ନା।

୪) ଶ୍ରୀଜଗନ୍ନାଥଙ୍କ ବିଷୟରେ ପ୍ରକାଶିତ ଗ୍ରନ୍ଥ ଆପଣଙ୍କର କିଛି ଅଛିକି, ଯଦି ହଁ ଓ ତେବେ ତାହାର ନାମ ପ୍ରଦାନ କରନ୍ତୁ :– "ଶ୍ରୀଜଗନ୍ନାଥ ମନ୍ଦିରର କଳା ଓ ସ୍ଥାପତ୍ୟ" (Vol-I & Vol-II)

୫) ଶ୍ରୀଜଗନ୍ନାଥଙ୍କୁ ଆପଣ ବିଶ୍ୱର ଦେବତା ଭାବେ ଗ୍ରହଣ କରୁଛନ୍ତି କି ? :– ହଁ

୬) ବିଶ୍ୱର ମୁଖ୍ୟ ଦେବତା ଯଦି ଶ୍ରୀଜଗନ୍ନାଥ ହୁଅନ୍ତି, ତେବେ ତା'ର କାରଣଗୁଡ଼ିକ ସମ୍ପର୍କରେ ଆପଣଙ୍କ ମତ କ'ଣ ? :–

ତାଙ୍କର ସବୁଦିନ ଲୋକାଚାର ଜାତି-ଧର୍ମ-ସମ୍ପ୍ରଦାୟ-ବର୍ଣ୍ଣର ଊର୍ଦ୍ଧ୍ୱରେ ଶ୍ରୀ ମହାପ୍ରସାଦ ଆସ୍ୱାଦନ କରି ଭକ୍ତ ସେବା କରନ୍ତି।

୭) ବିଶ୍ୱମାନବବାଦର ପ୍ରତିଷ୍ଠା ନିମନ୍ତେ ଶ୍ରୀଜଗନ୍ନାଥଙ୍କର କେଉଁ କେଉଁ ବୈଶିଷ୍ଟ୍ୟକୁ ଆପଣ ଗ୍ରହଣ କରୁଛନ୍ତି ଉଲ୍ଲେଖ କରନ୍ତୁ । :– →

ଜଗନ୍ନାଥ ଧର୍ମ ହେଉଛି ଏକ ମାତ୍ର ଧର୍ମ ଯେଉଁଥିରେ ବିଶ୍ୱର ସବୁ ଧର୍ମର ସାରବତ୍ତା ଓ ଶ୍ରେଷ୍ଠତମ ଆଦର୍ଶମାନ ଏକାଠି ହୋଇଯାଇଛନ୍ତି। ଜଗନ୍ନାଥ ଧର୍ମ ସମଗ୍ର ମାନବ ସମାଜ ମଧ୍ୟରେ ଏକତା, ସମାନତା ଓ ଭ୍ରାତୃଭାବ, ଉପନିଷଦ ଓ ଭାଗବତ ବର୍ଣ୍ଣିତ ଭ୍ରାତୃଭାବ ମଧ୍ୟରେ ଅନୈକ୍ୟ ଓ ଅନୈକ୍ୟ ମଧ୍ୟରେ ଐକ୍ୟ ପ୍ରତିଷ୍ଠା କରିପାରିଛି। ବୁଦ୍ଧ ଓ ଖ୍ରୀଷ୍ଟଙ୍କ ପ୍ରେମ ଓ କରୁଣା, ମହମ୍ମଦଙ୍କ ମାନବୀୟ ଭ୍ରାତୃତ୍ୱ, ମାର୍କସଙ୍କ ମାନବବାଦ, ସମାନତା ଓ ସାମ୍ୟବାଦ ଦର୍ଶନ ଜଗନ୍ନାଥ ଧର୍ମରେ ସମନ୍ୱିତ ଭାବେ ରହିଆସିଛି। ସେଥିପାଇଁ ଆଦି ଶଙ୍କରାଚାର୍ଯ୍ୟଙ୍କ 'ବ୍ରହ୍ମ ସତ୍ୟ, ଜଗତ ମିଥ୍ୟା' ଓ 'ଏକ ବ୍ରହ୍ମ ଦ୍ୱିତୀୟ ନାସ୍ତି'ର ବାଣୀ ଜଗନ୍ନାଥ ଧର୍ମରେ ପରିପ୍ରକାଶିତ ହୋଇଅଛି।

ଶ୍ରୀଜଗନ୍ନାଥ - ଶ୍ରୀଜଗଦ୍‌ଗୁରୁ - ଶ୍ରୀକୃଷ୍ଣ ବିଷ୍ଣୁ ରୂପ, ... ଏବଂ ... ର ... । ... ଧର୍ମ, ... ଧର୍ମର ... ଦେଖି ... ହୁଅନ୍ତି, ... ନାମ ...।

ସ୍ଥାନ - Puri

ତାରିଖ - 5.7.18

ଦସ୍ତଖତ
Krushna Chandra Misra

ବିଶ୍ୱମାନବବାଦ ଓ ଶ୍ରୀଜଗନ୍ନାଥ

(ସାକ୍ଷାତକାର)



୧) ନାମ, ଠିକଣା ଓ ଦୂରାଭାଷ ସଂଖ୍ୟା :– ଡକ୍ଟର ଜିତେନ୍ଦ୍ର ମହାପାତ୍ର
ଆନନ୍ଦ ଦେବୀ ସାହି, ପୁରୀ-752001
ମୋ- 9437454766

୨) ବୃତ୍ତି :– ଅଧ୍ୟାପନା ଥିଲା, ଏବେ ଶ୍ରୀମନ୍ଦିର ପୁରୋହିତ ସେବକ ଭାବେ ସେବା

୩) ଶ୍ରୀଜଗନ୍ନାଥ ମନ୍ଦିର/ଉପାସନା ସହିତ ଆପଣ ଜଡ଼ିତ କି ? :– ହଁ

୪) ଶ୍ରୀଜଗନ୍ନାଥଙ୍କ ବିଷୟରେ ପ୍ରକାଶିତ ଗ୍ରନ୍ଥ ଆପଣଙ୍କର କିଛି ଅଛିକି, ଯଦି ହଁ ଓ ତେବେ ତାହାର ନାମ ପ୍ରଦାନ କରନ୍ତୁ :–
୧. ପୁରୀ ବୋଲି
୨. କର୍ମିୟାଣୀ ମାଦଳା (ସମ୍ପାଦନା)
୩. ନୀଳ ପାହାଡ଼ର ଠାକ

୫) ଶ୍ରୀଜଗନ୍ନାଥଙ୍କୁ ଆପଣ ବିଶ୍ୱର ଦେବତା ଭାବେ ଗ୍ରହଣ କରୁଛନ୍ତି କି ? :– କେହି ଜଣେ କହିଥିଲେ- ଜଗନ୍ନାଥଙ୍କ ସଂଜ୍ଞା, ସ୍ୱରୂପ ନିରୂପଣ କରିବାର ପ୍ରୟାସ କରିବା ଅର୍ଥ ତାଙ୍କୁ ସୀମିତ କରି ଦେବା। ସେ ବିଶ୍ୱାସକର ଭାବନାରୁ କୋଳାହଳରୁ ବହୁ ଊର୍ଦ୍ଧ୍ୱରେ ଏକ ସ୍ଥିର ବିନ୍ଦୁରେ ରହିଛନ୍ତି ସେ ପରମବ୍ରହ୍ମ। ତାଙ୍କୁ ଆମର ବିଚାର, ମୂଲ୍ୟବୋଧର ମାନଦଣ୍ଡରେ ମପାଯାଇ ନ ପାରେ। To define Him is to limit Him.

୬) ବିଶ୍ୱର ମୁଖ୍ୟ ଦେବତା ଯଦି ଶ୍ରୀଜଗନ୍ନାଥ ହୁଅନ୍ତି, ତେବେ ତା'ର କାରଣଗୁଡ଼ିକ ସମ୍ପର୍କରେ ଆପଣଙ୍କ ମତ କ'ଣ ? :– ସ୍ଥୂଳ ବିଚାରରେ ସେ ବିଶ୍ୱର ମୁଖ୍ୟ ଦେବତା ହୁଅନ୍ତୁ ବା ନ ହୁଅନ୍ତୁ, ତେବେ ସେ ଜଗତ ଠାକୁର

୭) ବିଶ୍ୱମାନବବାଦର ପ୍ରତିଷ୍ଠା ନିମନ୍ତେ ଶ୍ରୀଜଗନ୍ନାଥଙ୍କର କେଉଁ କେଉଁ ବୈଶିଷ୍ଟ୍ୟକୁ ଆପଣ ଗ୍ରହଣ କରୁଛନ୍ତି ଉଲ୍ଲେଖ କରନ୍ତୁ । :– ଶ୍ରୀମନ୍ଦିର ଏକ ହିନ୍ଦୁ ମନ୍ଦିର। ଏହାର ରୀତି ନୀତି ଶାସ୍ତ୍ରୀୟ। ସେ କୋଟି ପ୍ରାଣର ଦେବତା। ତାଙ୍କର ବସେଇଛନ୍ତି ପୁରୀ, ଓଡ଼ିଶା। ତେବେ ତାଙ୍କୁ ଆମେ ଓଡ଼ିଆଙ୍କ ଠାକୁର ବୋଲି କହିବା ଅର୍ଥ ସୀମାବଦ୍ଧ କରିଦେବା। ମହାପ୍ରଭୁ ଏକ ଜଗଦ୍ୱାସୀଙ୍କ ଦେବ କାରଣ ସେ ଜଗନ୍ନାଥ। ଏବେ ସେ ଯେମିତି ସେ global ହେଲେଣି। ଶ୍ରୀଚୈତନ୍ୟ ଅନୁଗାମୀ କୃଷ୍ଣଭକ୍ତମାନେ ବିଶ୍ୱର କୋଣ ଅନୁକୋଣରେ ଯେଉଁଠି କୃଷ୍ଣମନ୍ଦିର ସ୍ଥାପନ କରନ୍ତି, ସେଠାରେ ଶ୍ରୀଜଗନ୍ନାଥଙ୍କୁ ସ୍ଥାପନ କରନ୍ତି। ସ୍ନାନଯାତ୍ରା, ରଥଯାତ୍ରା ଆଦି ନୀତି ବହୁ ଉତ୍ସାହରେ କରନ୍ତି। ଓଡ଼ିଆମାନେ ମଧ୍ୟ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିବାର ଦୃଷ୍ଟାନ୍ତ ରହିଛି। ଡାକ୍ତର ଇଞ୍ଜିନିୟରମାନେ ଆମେରିକାରେ ଲକ୍ଷ ଲକ୍ଷ ଡଲାର ଖର୍ଚ୍ଚ କରି ତାଙ୍କ ଜଗନ୍ନାଥ ମନ୍ଦିର କରିଛନ୍ତି (ଦୃଷ୍ଟା- ଡ. ଆନନ୍ଦ ଜଗନ୍ନାଥ ମନ୍ଦିର)। ସେଇଠାରେ ଓଡ଼ିଶୀ ନୃତ୍ୟ ହେଉଛି ସେଠାରେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିଙ୍କ ସମ୍ମୁଖରେ ନୃତ୍ୟ ହେଉଛି। ଏହା ସତ୍ୟ ଶ୍ରୀଜଗନ୍ନାଥ ବିଶ୍ୱସ୍ତରରେ ପୂଜିତ ହୋଉଛନ୍ତି ବୋଲି ଆମେ କହିପାରିବା ନାହିଁ। ବିଶ୍ୱସ୍ତରରେ ପୂଜିତ ହେଲେ ବିଶ୍ୱମାନବବାଦ ପ୍ରୟାସ ରହିବ।

ଜିତେନ୍ଦ୍ର ମହାପାତ୍ର
ଦସ୍ତଖତ

ସ୍ଥାନ - ପୁରୀ

ତାରିଖ - ୨.୭. ୨୦୧୮

ବିଶ୍ୱମାନବବାଦ ଓ ଶ୍ରୀଜଗନ୍ନାଥ

(ସାକ୍ଷାତକାର)

୧) ନାମ, ଠିକଣା ଓ ଦୂରାଭାଷ ସଂଖ୍ୟା :– ଡକ୍ଟର ଦୁର୍ଗାମାଧବ ନନ୍ଦ
ସର୍ବୋଦୟ ନଗର, ପୁରୀ-୭୫୨୦୦୨
ଦୂରଭାଷ: ୯୪୩୮୦୮୦୬୨୭

୨) ବୃତ୍ତି :– ଅଧ୍ୟାପନା (ଅବସରପ୍ରାପ୍ତ ଓଡ଼ିଆ ବିଭାଗର ପ୍ରଫେସର)

୩) ଶ୍ରୀଜଗନ୍ନାଥ ମନ୍ଦିର/ଉପାସନା ସହିତ ଆପଣ ଜଡ଼ିତ କି ? :- ହଁ

୪) ଶ୍ରୀଜଗନ୍ନାଥଙ୍କ ବିଷୟରେ ପ୍ରକାଶିତ ଗ୍ରନ୍ଥ ଆପଣଙ୍କର କିଛି ଅଛିକି, ଯଦି ହଁ ଓ ତେବେ ତାହାର ନାମ ପ୍ରଦାନ କରନ୍ତୁ :- ୧) ଶ୍ରୀଜଗନ୍ନାଥ ତତ୍ତ୍ୱ : ସିଦ୍ଧାନ୍ତ ଓ ପ୍ରୟୋଗ (ସମ୍ପାଦନା)
୨) ଶ୍ରୀମାର୍ଗୀୟ ବୈଷ୍ଣବ (ସଂକଳନ)

୫) ଶ୍ରୀଜଗନ୍ନାଥଙ୍କୁ ଆପଣ ବିଶ୍ୱର ଦେବତା ଭାବେ ଗ୍ରହଣ କରୁଛନ୍ତି କି? :- ହଁ

୬) ବିଶ୍ୱର ମୁଖ୍ୟ ଦେବତା ଯଦି ଶ୍ରୀଜଗନ୍ନାଥ ହୁଅନ୍ତି, ତେବେ ତା'ର କାରଣଗୁଡ଼ିକ ସମ୍ପର୍କରେ ଆପଣଙ୍କ ମତ କ'ଣ ? :- ଶ୍ରୀଜଗନ୍ନାଥଙ୍କ ଦାରୁ ଖୋଳ ଲୀଳା ପରିଦୃଷ୍ଟ ହୋଇଥାଏ। ସେହିଭଳି ନିରାକାର ଓ ଅଦ୍ୱୈତ ମାନବୀୟ ଲୀଳା। ନିରାକାର, ନିର୍ଗୁଣ, ଅସୀମ ପ୍ରକୃତିର ସେ ଅନ୍ୟଧର୍ମୀଙ୍କ ଭାବନା [illegible] ପୂଜ୍ୟ ଓ ଆରାଧ୍ୟ।

୭) ବିଶ୍ୱମାନବବାଦର ପ୍ରତିଷ୍ଠା ନିମନ୍ତେ ଶ୍ରୀଜଗନ୍ନାଥଙ୍କର କେଉଁ କେଉଁ ବୈଶିଷ୍ଟ୍ୟକୁ ଆପଣ ଗ୍ରହଣ କରୁଛନ୍ତି ଉଲ୍ଲେଖ କରନ୍ତୁ । :- ବିଶ୍ୱ ଭାରତୀୟ ଦର୍ଶନରେ ସେ ହେଉଛନ୍ତି ଆଦିମ ପୁରୁଷ। ଲୋକମାନଙ୍କ ଦ୍ୱାରା ନିର୍ମିତ ହୋଇ ମାନବରେ ଦୈନନ୍ଦିନ ଜୀବନ ଯାପନ କରି ଅନାସକ୍ତି ଶିକ୍ଷା ଦେଇଥା। କହିବାର ସମସ୍ତ ସ୍ଥାନରେ ସେ ଏକୀଭାବେ ମାନବବାଦୀ ଗୁଣରେ ଦର୍ଶନ ଦେଇଥାନ୍ତି।

ମାନବବାଦର ମୁଖ୍ୟ ଗୁଣ ହେଉଛି ମଣିଷମାନଙ୍କ ସାହାଯ୍ୟ / ସହାନୁଭୂତି / ଉପକାର / ମଙ୍ଗଳ ବା ଶୁଭ କାମନା / ନିରପେକ୍ଷତା / ଧର୍ମନିରପେକ୍ଷ / ଜାତି ଧର୍ମ ଭେଦାଭେଦର ଊର୍ଦ୍ଧ୍ୱରେ ରହି ମାନବିକତାର ଜୟଗାନ କରିବା। ଶ୍ରୀଜଗନ୍ନାଥଙ୍କ ମାନବୀୟ ଲୀଳାରେ ଏହି ସବୁ ଗୁଣ ଅନ୍ତର୍ନିହିତ ହୋଇ ରହିଥାଏ। ପୂର୍ବରୁ କହିଲେ ଜୋରାଷ୍ଟ୍ରଙ୍କ ପ୍ରଚଳିତ ଧର୍ମ / ଖ୍ରୀଷ୍ଟଧର୍ମ / [illegible] ମହମ୍ମଦ, ଜୈନ, ବୌଦ୍ଧ, ହିନ୍ଦୁ (ବୈଷ୍ଣବ, ଶାକ୍ତ, ଶୈବ, ସୌର ଓ ଗାଣପତ୍ୟ) ଆଦି ପ୍ରଭୃତି ଦର୍ଶନର ପ୍ରଚାରପ୍ରସାର ହୋଇଆସିଛି ଏବଂ ବର୍ତ୍ତମାନ ମଧ୍ୟ ବହୁଳ ଭାବରେ ଚାଲିଛି। ସର୍ବଧର୍ମର ମୂଳ ଲକ୍ଷ୍ୟ ହେଉଛି ଜନସାଧାରଣଙ୍କ ମଙ୍ଗଳ କରିବା ଓ ଉଚ୍ଚମାନବତାରେ ବଞ୍ଚିବାକୁ ପ୍ରେରଣା ଦେବା। ଶ୍ରୀଜଗନ୍ନାଥ ନିଜେ [illegible] ସମସ୍ତ ଧର୍ମର ସାରତତ୍ତ୍ୱ ବହନ୍ତି। ସୁତରାଂ କହିଲେ ମାନବବାଦ ଗୁଣର ବିକାଶରେ ଶ୍ରୀଜଗନ୍ନାଥ ହେଉଛନ୍ତି ଜଣେ ଆଦର୍ଶ ପୁରୁଷ। ତାଙ୍କର ମାନବୀୟ ଲୀଳା ଆଜି ବିଶ୍ୱର ଦରବାରରେ ମାନବବାଦର ଉତ୍ଥାନ ଓ ପ୍ରତିଷ୍ଠା ଲାଗି ଉଦ୍ଦିଷ୍ଟ।

ସ୍ଥାନ - ପୁରୀ

ଦୁର୍ଗାମାଧବ ନନ୍ଦ
ଦସ୍ତଖତ ୨/୭/୧୮

ତାରିଖ - ୦୨/୦୭/୨୦୧୮

ବିଶ୍ୱର ବିଭିନ୍ନ ସ୍ଥାନରେ ରହିଥିବା ଶ୍ରୀଜଗନ୍ନାଥ ମନ୍ଦିର ସମ୍ପର୍କରେ ସୂଚନା ଓ ମତ୍‌କର୍ତ୍ତୃକ ସଂଗୃହୀତ ପ୍ରାମାଣିକ ଫଟୋଚିତ୍ର

ବିଶ୍ୱର ବିଭିନ୍ନ ସ୍ଥାନରେ ରହିଥିବା ଶ୍ରୀଜଗନ୍ନାଥ ମନ୍ଦିର ସୂଚନା (ଆନୁମାନିକ)

ଏ ସମସ୍ତ ଏଠାରେ ଉଲ୍ଲେଖ କରିବାର ତାତ୍ପର୍ଯ୍ୟ ଏହି ଯେ, ଶ୍ରୀମନ୍ଦିର ବ୍ୟତୀତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆଜି ଆମ୍ଭେମାନେ ବହୁ ଜଗନ୍ନାଥ ମନ୍ଦିର ଦେଖୁ । ଯେଉଁଠି ରୀତିମତ ବିଭନ୍ନ ସେବକମାନଙ୍କ ଦ୍ୱାରା ସେବାକାର୍ଯ୍ୟ ପ୍ରଚଳିତ ଅଛି । କିନ୍ତୁ ଶ୍ରୀକ୍ଷେତ୍ରର ଛତିଶା ନିଯୋଗ, ସୁଆରମାନଙ୍କ ମହାପ୍ରସାଦ ପ୍ରସ୍ତୁତି, ଦଇତାପତିମାନଙ୍କ ସେବା, ସର୍ବୋପରି ଆନନ୍ଦ ବଜାରରେ ମହାପ୍ରସାଦ ସେବାର ବିଧି ପୃଥିବୀର ଅନ୍ୟତ୍ର ଦେଖିବାକୁ ମିଳିନଥାଏ । ଶ୍ରୀକ୍ଷେତ୍ର ବ୍ୟତୀତ ଓଡ଼ିଶାର ଅନ୍ୟ ଜିଲ୍ଲାରେ ଥିବା ମନ୍ଦିରଗୁଡ଼ିକର ଏକ ଆନୁମାନିକ ପରିଚୟାତ୍ମକ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

କ୍ର.ନଂ.	ଜିଲ୍ଲା	ଜଗନ୍ନାଥ ମନ୍ଦିର	ଦଧିବାମନ ମନ୍ଦିର	ପତିତପାବନ ମନ୍ଦିର	ମୋଟ
୧.	ଅନୁଗୋଳ	୨୨	-	୧	୨୩
୨.	ବାଲେଶ୍ୱର	୫୫	୧୦	-	୬୫
୩.	ବଡ଼ଗଡ଼	୯୬	୫୦	-	୧୪୬
୪.	ଭଦ୍ରକ	୪୧	୧୨	-	୫୩
୫.	ବଲାଙ୍ଗୀର	୫୨	୨୨	-	୭୪
୬.	ବୌଦ୍ଧ	୩୫	୧୦	୧	୪୬
୭.	କଟକ	୫୨	୪୮	୮	୧୦୮
୮.	ଦେବଗଡ଼	୧୩	-	-	୧୩
୯.	ଢେଙ୍କାନାଳ	୧୨	୩୦	୪	୪୬
୧୦.	ଗଜପତି	୧୭	-	-	୧୭
୧୧.	ଗଞ୍ଜାମ	୧୭୩	୪୨	୧	୨୧୬
୧୨.	ଜଗତସିଂହପୁର	୩୬	୧୩	୫	୫୪
୧୩.	ଯାଜପୁର	୩୬	୧୭	୧	୫୪
୧୪.	ଝାରସୁଗୁଡ଼ା	୨୫	-	-	୨୫
୧୫.	କଳାହାଣ୍ଡି	୫୩	୭	-	୬୦
୧୬.	କେନ୍ଦ୍ରାପଡ଼ା	୧୯	୩୧	୧	୫୧
୧୭.	କେନ୍ଦୁଝର	୨୯	୫୧	-	୮୦
୧୮.	ଖୋର୍ଦ୍ଧା	୩୭	୫୭	୨୦	୧୧୪
୧୯.	କୋରାପୁଟ	୨୬	-	-	୨୬
୨୦.	ମାଲକାନଗିରି	୨	-	-	୨

୨୧.	ମୟୂରଭଞ୍ଜ	୬	୧	-	୭
୨୨.	ନବରଙ୍ଗପୁର	୧୧	-	-	୧୧
୨୩	ନୟାଗଡ଼	୩୦	୩୧	୪	୬୫
୨୪.	ନୂଆପଡ଼ା	୧୪	୬	-	୨୦
୨୫.	ଫୁଲବାଣୀ	୧୨	-	-	୧୨
୨୬.	ପୁରୀ	୨୬	୧୦	୨୬	୬୨
୨୭.	ରାୟଗଡ଼ା	୧୦	-	-	୧୦
୨୮.	ସମ୍ବଲପୁର	୮୪	୨୫	-	୧୦୯
୨୯.	ସୋନପୁର	୨୭	୭	-	୩୪
୩୦.	ସୁନ୍ଦରଗଡ଼	୨୩	-	-	୨୩
ମୋଟ ମନ୍ଦିର		୧୦୭୬	୪୭୮	୭୨	୧୬୨୬*

ଏହି ପରିସଂଖ୍ୟାନମୂଳକ ବିବରଣୀ ସମ୍ପ୍ରତି ୧୭୫୦କୁ ଅତିକ୍ରମ କରିବାକୁ ବସିଲାଣି । ପ୍ରତିଦିନ ଉପର୍ଯ୍ୟୁକ୍ତ ସମସ୍ତ ପ୍ରକାରର ମୂର୍ତ୍ତି ଉପାସନାକୁ ନେଇ ନୂତନ ମନ୍ଦିରମାନ ପ୍ରତିଷ୍ଠା ହେବାରେ ଲାଗିଛି ।

ଭାରତର ଶ୍ରୀଜଗନ୍ନାଥ ମନ୍ଦିର (ଆନୁମାନିକ)

ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିର ସମ୍ପର୍କରେ ପ୍ରାପ୍ତ ସୂଚନା ଅନୁସାରେ ଜଗନ୍ନାଥ ମନ୍ଦିରର ସଂଖ୍ୟା ହେଉଛି, ଆନ୍ଧ୍ରପ୍ରଦେଶ-୧୬୭, ଅରୁଣାଚଳ ପ୍ରଦେଶ-୦୨, ଆସାମ-୦୭, ବିହାର-୨୭, ଛତିଶଗଡ଼-୧୬୧, ଗୋଆ-୦୧, ଗୁଜୁରାଟ-୧୫, ହିମାଚଳ ପ୍ରଦେଶ-୦୩, ହରିୟାଣା-୦୫, ଜମ୍ମୁକଶ୍ମୀର-୦୧, ଝାଡ଼ଖଣ୍ଡ-୧୧୨, କର୍ଣ୍ଣାଟକ-୦୫, କେରଳ-୦୧, ମଧ୍ୟପ୍ରଦେଶ-୪୧, ମହାରାଷ୍ଟ୍ର-୦୬, ମଣିପୁର-୦୧, ମିଜୋରାମ-୦୭, ଓଡ଼ିଶା-୧୭୨୪, ପଞ୍ଜାବ-୦୩, ସିକିମ-୦୧, ରାଜସ୍ଥାନ-୦୯, ତାମିଲନାଡୁ-୦୮, ତ୍ରିପୁରା-୦୧, ଉତ୍ତରାଞ୍ଚଳ-୦୫, ଉତ୍ତରପ୍ରଦେଶ-୩୧, ପଶ୍ଚିମବଙ୍ଗ-୨୪୫ । ଏସବୁ ମନ୍ଦିରର ମୋଟ ସଂଖ୍ୟା ହେଉଛି ୨୫୯୯ । ଏହି ପରିସଂଖ୍ୟାନ ଚୂଡ଼ାନ୍ତ ନୁହେଁ । ଏବେ ବି ବିଭିନ୍ନ ସ୍ଥାନରେ ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଦ୍ୱାରା ଜଗନ୍ନାଥ ମନ୍ଦିର ନିର୍ମିତ ହେଉଛି । ଏହା ଏକ ଚଳନ୍ତି ଧାରା ।

ବିଶ୍ୱର ଅନ୍ୟାନ୍ୟ ସ୍ଥାନରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର (ଆନୁମାନିକ)

ବିଶ୍ୱର ନାନା ଦେଶରେ ଭକ୍ତ ଓ ଅନୁଗାମୀମାନଙ୍କ ଦ୍ୱାରା ବିଭିନ୍ନ ସମୟରେ ଜଗନ୍ନାଥ ମନ୍ଦିର ନିର୍ମିତ ହୋଇଛି । ଉପଲବ୍ଧ ତଥ୍ୟ ଅନୁସାରେ ନିମ୍ନୋକ୍ତ ଦେଶମାନଙ୍କରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠିତ : ମ୍ୟାନମାର (ବ୍ରହ୍ମଦେଶ), ଶ୍ରୀଲଙ୍କା (ସିଂହଳ), ବାଲିଦ୍ୱୀପ, ସାଇପ୍ରସ, ବାଂଲାଦେଶ, ବାଲିୟାଟୀ (ଢାକା), ଫ୍ରାନ୍ସ, ପ୍ୟାରିସ, ଇଂଲଣ୍ଡ-ଲଣ୍ଡନ(୧୯୬୦) ବର୍ମିଂହାମ୍, ନେପାଳ-କାଠମାଣ୍ଡୁ, ମିନିୟାପଲି ସହର, ଇଟାଲି-ଭିନିସ ସହର, ଭିଲା ବୃନ୍ଦାବନ ଓ ଫ୍ଲୋରେନ୍ସ, ଜାପାନ - ଟୋକିଓ (୧୯୬୧), ଭୁଟାନ, ସ୍ପେନ-ଅଲକାନ୍ତେ, ସ୍ୱିଜରଲାଣ୍ଡ-ଜ୍ୟୁରିକ, ବେଲଜିୟମ-ବ୍ରସେଲସ, ଅଷ୍ଟ୍ରେଲିଆ-ମେଲବୋର୍ନ ଓ ବ୍ରିସବେନ, ଆଫ୍ରିକା-ଡର୍ବାନ, ତୁରାବନ, କେନିଆ, ନାଇରୋବି, ମୋମ୍ବାସା ଓ ବିସ୍‌ମୁନ, ରୁଷିଆ-ମସ୍କୋ, ସେଣ୍ଟପିଟର୍ସବର୍ଗ, ରୋଷ୍ଟଭ ଓ ଟମାସକସ, ମ୍ୟାନ୍‌ମାର-ପ୍ରୋମ, ଉତ୍ତର ଆମେରିକା-ଚିକାଗୋ, ଆଫ୍ରିକା-ଆଫ୍ରିକାର କଙ୍ଗୋ, ୱେଷ୍ଟଇଣ୍ଡିଜ ହୋନୋଲୁଲୁ-ହାୱାଇ, ଶ୍ରୀଲଙ୍କା-କଲମ୍ବୋ (ଏଠାରେ ଅନୁଷ୍ଠିତ ରଥଯାତ୍ରାକୁ 'ପେରହେରା' କୁହାଯାଏ), ବାଲିଦ୍ୱୀପ (ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ)- ଇଣ୍ଡୋନେସିଆ,

* Dash, S.N., Mahaprabhu sree Jagannath - The Lord of Universe, BBSR, Sri J.R.I. 2008, Page. XL-XLI

ବାଲି, ଜାଭା, ସୁମାତ୍ରା, ବ୍ରହ୍ମଦେଶ/ମିୟାମାର-ୟାଙ୍ଗୁନ, ଆଲୋନ, ସିରିୟାମ୍, ମଙ୍ଗଲାତୁଦ୍, ଇନ୍ନୁୟାଉଁ, ପ୍ରୋମ୍ (ଅତୀତର ନାମ ଥିଲା ଶ୍ରୀକ୍ଷେତ୍ର), ବାଲାଂଦେଶ-ଢାକା, ସୋଭିଏତ ରୁଷ (ରୁଷ)-ଲାଟଭିଆ, ଲିଥୁନିଆ, ମସ୍କୋ, ସର୍ଭୋଭ, ଭ୍ଲାଦିମିର-ୟୁକ୍ରେନ, ନେପାଳ-କାଠମାଣ୍ଡୁ ଓ ଅନ୍ୟାନ୍ୟ ସ୍ଥାନ, ମରସିସ୍-ସିଓ୍ୱାଲା, ଟ୍ରିଓଲେଟ୍। ଏତଦ୍‌ବ୍ୟତୀତ ଆମ ଦୃଷ୍ଟିର ଅନ୍ତରାଳରେ ମଧ୍ୟ ବହୁ ଦେଶ ବିଦେଶରେ ପ୍ରତ୍ୟହ ଶ୍ରୀଜଗନ୍ନାଥଙ୍କ ଉପାସନାର ପ୍ରଚାର ଓ ପ୍ରସାର ନିମନ୍ତେ ବହୁ ମନ୍ଦିର ନିର୍ମିତ ହୋଇ ଚାଲିଛି, ଯାହାର ପ୍ରାମାଣିକ ହିସାବ ପ୍ରଦାନ କରିବା ସମ୍ଭବପର ନୁହେଁ।

■■■

ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ରହିଥିବା ଶ୍ରୀଜଗନ୍ନାଥ ମନ୍ଦିରର ସେବାପୂଜା ବହୁ ପ୍ରାଚୀନ ଓ ବ୍ୟାପ୍ତ, ଯାହାକି ଅନ୍ୟ ଜଗନ୍ନାଥ ମନ୍ଦିର ଗୁଡିକରେ

ସଠିକ୍ ଭାବେ ଅନୁସୃତ ହେବା ସହଜସାଧ୍ୟ ନୁହେଁ । ବିଦେଶର ଇସ୍କନ୍ ପରିଚାଳିତ ଜଗନ୍ନାଥ ମନ୍ଦିରରେ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କୁ

ଅଧିକ ପ୍ରାଧାନ୍ୟ ଦିଆଯାଇ ବର୍ଷକୁ ଥରେ କେବଳ ରଥଯାତ୍ରା ପାଳିତ ହୁଏ ।

ଓଡ଼ିଶା/ଭାରତ/ବିଶ୍ୱର ଶ୍ରୀଜଗନ୍ନାଥ ମନ୍ଦିରର ସେବା ଓ ସେବକଙ୍କ ମଧ୍ୟରେ ରହିଥିବା ବୈଷମ୍ୟ-ସାରଣୀ

ଶ୍ରୀମନ୍ଦିର	ଓଡ଼ିଶାର ଅନ୍ୟାନ୍ୟ ଜଗନ୍ନାଥ ମନ୍ଦିରର ବିଧି	ଅନ୍ୟାନ୍ୟ ରାଜ୍ୟରେ ଥିବା ଭାରତର ଜଗନ୍ନାଥ ମନ୍ଦିର	ବିଭିନ୍ନ ସ୍ଥାନରେ ଥିବା ପୃଥିବୀର ଜଗନ୍ନାଥ ମନ୍ଦିରରେ ସେବାନୀତି
୧) ଶ୍ରୀଜଗନ୍ନାଥ ମନ୍ଦିରରେ କେଉଁ ପ୍ରାଚୀନ କାଳରୁ ଛତିଶା ନିଯୋଗର ବ୍ୟବସ୍ଥା ରହିଛି ।	୧) ଓଡ଼ିଶାର ଅନ୍ୟ କୌଣସି ଜଗନ୍ନାଥ ମନ୍ଦିରରେ ଛତିଶା ନିଯୋଗ ବ୍ୟବସ୍ଥା ନାହିଁ । କିନ୍ତୁ ଏଥିରୁ କିଛି ସେବକର ସେବା ରହିଅଛି । ଯଥା- ପୂଜକ, ରୋଷେୟା ଓ ମାଳୀ ପ୍ରଭୃତି ।	୧) ଛତିଶା ନିଯୋଗ ମଧ୍ୟରୁ ଦୁଇ ତିନୋଟି ନିଯୋଗର ବ୍ୟବସ୍ଥା ରହିଥାଏ ।	୧) ବିଶ୍ୱର ଜଗନ୍ନାଥ ମନ୍ଦିରରେ ଗୋଟିଏ/ଦୁଇଟି ସେବାର ବ୍ୟବସ୍ଥା ରହିଥିବା ଜଣାଯାଏ ।
୨) ଶ୍ରୀମନ୍ଦିରରେ ଦୈନନ୍ଦିନ ଦ୍ୱାରଫିଟା ଠାରୁ ପହୁଡ଼ ପର୍ଯ୍ୟନ୍ତ ଆପାତତଃ ୨୧ଟି ନୀତିରେ ପ୍ରାୟ ୧୫୦ ସେବକ ସେବାକାର୍ଯ୍ୟ ସଂପାଦନ କରିଥାନ୍ତି ।	୨) ଓଡ଼ିଶାର ଅନ୍ୟ ଜଗନ୍ନାଥ ମନ୍ଦିରରେ ଦ୍ୱାର ଫିଟିବା ପରେ ଆଠ/ଦଶଟି ସେବା ରହିଥାଏ ।	୨) ଭାରତର ଅନ୍ୟାନ୍ୟ ମନ୍ଦିରରେ ମଧ ଦଶରୁ ଏଗାର ଗୋଟି ବିଧି ପ୍ରଚଳିତ ।	୨) ପୃଥିବୀରେ ମଧ୍ୟ ସେଥିରୁ ଚ୍ଚରି/ପାଞ୍ଚଟି ବିଧିରେ ପୂଜା ଚ୍ଚଳିଥାଏ ।
୩) ପ୍ରତିଦିନ ଅପରାହ୍ଣରେ ଶ୍ରୀମନ୍ଦିରର ନୀଳଚକ୍ରରେ ଚୂନରା ସେବକମାନେ ମାନସିକ କରିଥିବା ବ୍ୟକ୍ତିମାନଙ୍କର ବା ମନ୍ଦିର ତରଫରୁ ଧ୍ୱଜା ବାନ୍ଧିଥାନ୍ତି ।	୩) ଓଡ଼ିଶାର ମନ୍ଦିର ମାନଙ୍କରେ ପ୍ରତିଦିନ ପତାକା ପରିବର୍ତ୍ତନ ହୁଏ ନାହିଁ ।	୩) ଭାରତରେ ମଧ ମନ୍ଦିର ମାନଙ୍କରେ ପ୍ରତିଦିନ ପତାକା ପରିବର୍ତ୍ତନ ହୁଏ ନାହିଁ ।	୩) ପୃଥିବୀର ମନ୍ଦିରମାନଙ୍କରେ ପ୍ରତିଦିନ ପତାକା ପରିବର୍ତ୍ତନ ହୁଏ ନାହିଁ ।
୪) ଶ୍ରୀଜୀଉଙ୍କର ଚଳନ୍ତି ପ୍ରତିମା ଯଥା- ମଦନମୋହନ ଆଦି ନୀତି ନିମନ୍ତେ ବିମାନରେ ଉପବେଶନ କରି ଯାଇଥାନ୍ତି । ସେମାନଙ୍କୁ ବିମାନବଡୁ ସେବକଗଣ କାନ୍ଧରେ ବିମାନକୁ ଧରି ଅନ୍ୟସ୍ଥାନକୁ ନେବା ଆଣିବା କରିଥାନ୍ତି ।	୪) ଓଡ଼ିଶାର ମନ୍ଦିରରେ ମଧ ଚଉଦୋଳରେ ଶ୍ରୀଜୀଉଙ୍କର ବିଜେ ପ୍ରତିମାଙ୍କୁ ବିଭିନ୍ନ ସ୍ଥାନକୁ ନେବାର ବିଧି ଅଛି ।	୪) ଭାରତର ଅନ୍ୟାନ୍ୟ ମନ୍ଦିରରେ ବିଜେ ପ୍ରତିମା ପରଂପରା ରହିଅଛି ।	୪) ପୃଥିବୀର ଜଗନ୍ନାଥ ମନ୍ଦିର ମାନଙ୍କରେ ବିଜେ ପ୍ରତିମା ବ୍ୟବସ୍ଥା ରହିଥିବା ପରିଦୃଷ୍ଟ ହୁଏ ।
୫) ଶ୍ରୀମନ୍ଦିରରେ ସେବକମାନଙ୍କ ଦ୍ୱାରା ରୋଷେଇ ପୂର୍ବରୁ ରୋଷ ହୋମ ହୋଇଥାଏ ।	୫) ହୁଏ ନାହିଁ ।	୫) ହୁଏ ନାହିଁ	୫) ହୁଏ ନାହିଁ ।
୬) ଶ୍ରୀକ୍ଷେତ୍ରର ଶ୍ରୀଜଗନ୍ନାଥଙ୍କୁ ଗୋପାଳ ବା ନୃସିଂହ ମନ୍ତ୍ରରେ ପୂଜା କରାଯାଏ ।	୬) ହୁଏ ନାହିଁ । ଦଶ ଷୋଡ଼ଶ ଉପଚାରରେ ପୂଜା ହେବାର ବିଧି ରହିଛି ।	୬) ହୁଏ ନାହିଁ	୬) ହୁଏ ନାହିଁ ।
୭) ଜଗନ୍ନାଥଙ୍କ ପୂଜା ଆରାଧନାରେ ବୈଷ୍ଣବ, ଶୈବ, ଶାକ୍ତ, ବ୍ରାହ୍ମ୍ୟ, ଗାଣପତ୍ୟ, ସୌର, ବୌଦ୍ଧ ଓ ଜୈନ ଆଦିଙ୍କ ଧର୍ମମତ ପରିଦୃଷ୍ଟ । ବର୍ତ୍ତମାନ ଏହି ସମସ୍ତ ମତର ସମ୍ମିଶ୍ରଣ ହୋଇ ସ୍ମାର୍ତ୍ତ ମତ (ଗୋପାଳ ମନ୍ତ୍ର) ରେ ତାଙ୍କ ପୂଜା ଆରାଧନା ଅନୁଷ୍ଠିତ ହୋଇଥାଏ ।	୭) ସ୍ମାର୍ତ୍ତମତରେ ପୂଜା ଆରାଧନା ଅନୁଷ୍ଠିତ ହୋଇଥାଏ ।	୭) ସ୍ମାର୍ତ୍ତମତରେ ପୂଜା ଆରାଧନା ଅନୁଷ୍ଠିତ ହୋଇଥାଏ ।	୭) ସ୍ମାର୍ତ୍ତମତରେ ପୂଜା ଆରାଧନା ଅନୁଷ୍ଠିତ ହୋଇଥାଏ ।
୮) ଶ୍ରୀମନ୍ଦିରରେ ଦଇତାପତି ସେବା ତଥା ସେବକ ପରଂପରା ବିଶ୍ୱାବସୁ/ବିଦ୍ୟାପତିଙ୍କ ଠାରୁ ଚଳିଆସିଛି ।	୮) ଓଡ଼ିଶାର ଅନ୍ୟାନ୍ୟ ମନ୍ଦିରରେ ଦଇତାପତି ନିଯୋଗ ନାହିଁ ।	୮) ଭାରତର ମନ୍ଦିରଗୁଡ଼ିକରେ ଦଇତାପତି ନିଯୋଗ ନାହିଁ ।	୮) ଏହି ନିଯୋଗ ନାହିଁ ।
୯) ପ୍ରତ୍ୟେକ ଦିନ ପ୍ରାୟ ୫୦୦ ସୂପକାର ସେବକଙ୍କ ଦ୍ୱାରା ପାଚିତ ଶ୍ରୀଜଗନ୍ନାଥଙ୍କ ଅନ୍ନପ୍ରସାଦର ଷଡ଼ାଙ୍ଗ ସଂସ୍କାର ବିଧି ଦ୍ୱାରା ଅନ୍ନତ୍ୱ ଲୋପକରାଯାଇ ଶ୍ରୀମହାପ୍ରସାଦରେ ପରିଣତ ହୋଇଥାଏ ।	୯) କେବଳ ପୂଜକ ସକାଳୁ ଶୃଙ୍ଖଳା ଭୋଗ, ଦ୍ୱିପ୍ରହର ଧୂପ ଓ ରାତ୍ରିକାଳୀନ ଧୂପ ପାଇଁ ଅନ୍ନ ଓ ଅନ୍ୟାନ୍ୟ ତରକାରୀ ପ୍ରସ୍ତୁତ କରିଥାଏ ।	୯) କେବଳ ପୂଜକ ସକାଳୁ ଶୃଙ୍ଖଳା ଭୋଗ, ଦ୍ୱିପ୍ରହର ଧୂପ ଓ ରାତ୍ରିକାଳୀନ ଧୂପପାଇଁ ଅନ୍ନ ଓ ଅନ୍ୟାନ୍ୟ ତରକାରୀ ପ୍ରସ୍ତୁତ କରିଥାଏ ।	୯) କେବଳ ପୂଜକ ସକାଳୁ ଶୃଙ୍ଖଳା ଭୋଗ, ଦ୍ୱିପ୍ରହର ଧୂପ ଓ ରାତ୍ରିକାଳୀନ ଧୂପ ପାଇଁ ଅନ୍ନ ଓ ଅନ୍ୟାନ୍ୟ ତରକାରୀ ପ୍ରସ୍ତୁତ କରିଥାଏ ।
୧୦) ପ୍ରତ୍ୟେକ ବର୍ଷ ଠାକୁରମାନଙ୍କ ପାଇଁ ନୂତନ କାଠରେ ଓଝା/ମହାରଣା ସେବକଗଣ ରଥନିର୍ମାଣ କରିଥାନ୍ତି ।	୧୦) କୌଣସି ମନ୍ଦିରରେ ନୂତନ କାଠରେ ରଥଗଢ଼ା ହୁଏ ନାହିଁ କି ସ୍ୱତନ୍ତ୍ର ମହାରଣା ସେବକ ସଂପ୍ରଦାୟ ନାହିଁ ।	୧୦) ଏ ପ୍ରକାର ବିଧି ବ୍ୟବସ୍ଥା ନାହିଁ ।	୧୦) ଏ ପ୍ରକାର ବିଧି ବ୍ୟବସ୍ଥା ନାହିଁ ।
୧୧) ଶ୍ରୀକ୍ଷେତ୍ରର ରଥଯାତ୍ରାରେ ଡାହୁକ ସେବା ଅଛି ।	୧୧) କେତେକ ଗଡ଼ଜାତରେ ରଥଯାତ୍ରା ବେଳେ ଡାହୁକ ସେବା ଦେଖିବାକୁ ମିଳେ ।	୧୧) ଦିଲ୍ଲୀର ରଥରେ ଡାହୁକ ଓଡ଼ିଶାରୁ ଯାଇ ବେଳେବେଳେ ପରିହାସମୂଳକ ଉକ୍ତିପ୍ରତ୍ୟୁକ୍ତି କହିଥାନ୍ତି । ମାତ୍ର ଅନ୍ୟ ସ୍ଥାନରେ ଏହି ସେବକର ଆବଶ୍ୟକ ପଡ଼େନାହିଁ ।	୧୧) ଦେଖାଯାଇ ନଥାଏ ।
୧୨) ଶ୍ରୀମନ୍ଦିରରେ ପ୍ରତ୍ୟହ ସିଂହାରୀ ସେବକ ମାନଙ୍କ ଦ୍ୱାରା ବଡ଼ସିଂହାର ବେଶ ହୋଇଥାଏ ।	୧୨) ହୋଇ ନଥାଏ । ସିଂହାରୀ ସେବକ ପ୍ରଥା ନାହିଁ ।	୧୨) ହୋଇ ନଥାଏ । ସିଂହାରୀ ସେବକ ପ୍ରଥା ନାହିଁ ।	୧୨) ହୋଇ ନଥାଏ । ସିଂହାରୀ ସେବକ ପ୍ରଥା ନାହିଁ ।

ନବକଳେବର ଧରିତ୍ରୀ ୨୦୧୫ ରୁ ଗୃହୀତ

ଅଗରତାଲା

ରାଞ୍ଚି

ଦିଲ୍ଲୀ



ବୋକାରୋ

ସବୁଠି ମହାପ୍ରଭୁ

ଜଗତର ନାଥ ଜଗନ୍ନାଥଙ୍କ ମହିମା ସାରା ବିଶ୍ୱକୁ ଜଣା । ପୃଥିବୀର କୋଣ ଅନୁକୋଣରେ ଭରି ରହିଛନ୍ତି ତାଙ୍କର ଅନେକ ଭକ୍ତ । ସେଇଥିପାଇଁ ତ ଖାଲି ଓଡ଼ିଶାରେ ନୁହେଁ, ଦେଶ ତଥା ବିଦେଶରେ ବି ରହିଛି ଅନେକ ଜଗନ୍ନାଥ ମନ୍ଦିର । ତେବେ ଏଥର ଜାଣିବା ଭାରତର ବିଭିନ୍ନ ସ୍ଥାନରେ ଥିବା କେତୋଟି ଜଗନ୍ନାଥ ମନ୍ଦିର ସମ୍ପର୍କରେ...

ହାଇଦ୍ରାବାଦ ଜଗନ୍ନାଥ ମନ୍ଦିର : ଏହା ପୁରୀ ଜଗନ୍ନାଥ ମନ୍ଦିରର ଏକ ନକଲ । ୨୦୦୯ରେ ଏହାକୁ ନିର୍ମାଣ କରାଯାଇଥିଲା । ଦକ୍ଷ ପଥର ଖୋଦେଇ କାରିଗର ଓ ଏଥିରେ ବ୍ୟବହୃତ ସାଣ୍ଡ ଷ୍ଟୋନ୍ ଓଡ଼ିଶାରୁ ଅଣାଯାଇଥିଲା । ମନ୍ଦିରର ମୁଖ୍ୟ ଗୃହରେ ଭଗବାନ୍ ଶ୍ରୀକୃଷ୍ଣ ପ୍ରଭୁ ଜଗନ୍ନାଥଙ୍କ ରୂପରେ ଦେଖିବାକୁ ମିଳନ୍ତି । ଲାଲ ସାଣ୍ଡ ଷ୍ଟୋନ୍‌ରେ ନିର୍ମିତ ଏହି ମନ୍ଦିର ଦେଖିବାକୁ ଖୁବ୍ ସୁନ୍ଦର।

ଅହମ୍ମଦାବାଦ ଜଗନ୍ନାଥ ମନ୍ଦିର : ଗୁଜୁରାଟର ଅହମ୍ମଦାବାଦରେ ରହିଛି ଦୁଇଟି ଜଗନ୍ନାଥ ମନ୍ଦିର। ପ୍ରଥମ ମନ୍ଦିରଟି ୪୫୦ ବର୍ଷ ପୂର୍ବେ ନିର୍ମିତ ହୋଇଥିଲା । ଏଠାକାର ରଥ ଯାତ୍ରା ଖୁବ୍ ପ୍ରସିଦ୍ଧ । ପୁରୀ ଓ କଲିକତା ରଥଯାତ୍ରା ପରେ ଏଠାକାର ରଥଯାତ୍ରାକୁ ବଡ଼ ବୋଲି କୁହାଯାଏ । ଦ୍ୱିତୀୟ ମନ୍ଦିରଟି ୨୦୧୪ରେ ନିର୍ମିତ ହୋଇଥିଲା । ଏହାର ଗଠନଶୈଳୀ ଓ ପରମ୍ପରା ପୁରୀ ମନ୍ଦିର ପରି । ଏଠାକାର ପ୍ରଭୁଙ୍କ ପ୍ରତିମୂର୍ତ୍ତି ପୁରୀ ପରି ନିମ କାଠରେ ଓ ଖୋଦେଇ କାମ ପୁରୀର କାରିଗର ହିଁ କରିଛନ୍ତି।

ବାଙ୍ଗାଲୋର୍ ଜଗନ୍ନାଥ ମନ୍ଦିର : ବାଙ୍ଗାଲୋର୍‌ର ଶ୍ରୀଜଗନ୍ନାଥ ଟେମ୍ପୁଲ ଟ୍ରଷ୍ଟ ଦ୍ୱାରା ୨୦୧୫ରେ ନିର୍ମିତ ହୋଇଛି ଏହି ମନ୍ଦିର। ଏଠାରେ ପ୍ରତିବର୍ଷ ରଥଯାତ୍ରା ମହାଆଡ଼ମ୍ବରରେ କରାଯାଏ ।

ଦିଲ୍ଲୀର ଜଗନ୍ନାଥ ମନ୍ଦିର : ସାଂସ୍କୃତିକ ବିବିଧତାରେ ଭରି ରହିଛି ଦିଲ୍ଲୀ । ତେଣୁ ଏଠାରେ ଅନେକ ମନ୍ଦିର ଦେଖିବାକୁ ମିଳେ । ତନ୍ମଧ୍ୟରେ ଜଗନ୍ନାଥ ମନ୍ଦିର ଅନ୍ୟତମ । ଧଳା ରଙ୍ଗରେ ରଙ୍ଗାୟିତ ଏହି ମନ୍ଦିର ପୁରୀ ଜଗନ୍ନାଥ ମନ୍ଦିରର ଏକ କ୍ଷୁଦ୍ର ନମୁନା ସଦୃଶ। ଏଠାରେ ରଥଯାତ୍ରାକୁ ବେଶ୍ ଧୁମ୍‌ଧାମରେ ପାଳନ କରାଯାଏ।

ରାଞ୍ଚି ଜଗନ୍ନାଥ ମନ୍ଦିର : ଏଠାରେ ଅଛି ଏକ ବିରାଟକାୟ ଜଗନ୍ନାଥ ମନ୍ଦିର, ଯାହା କଳିଙ୍ଗର ମନ୍ଦିର କାରୁକାର୍ଯ୍ୟ ଶୈଳୀରେ ୧୬୯୧ରେ ନିର୍ମିତ ହୋଇଛି ।

ଚେନ୍ନାଇ ଜଗନ୍ନାଥ ମନ୍ଦିର : କଳା ଗ୍ରାନାଇଟ୍ ଓ ଧଳା ମାର୍ବଲରେ ନିର୍ମିତ ଉକ୍ତ ମନ୍ଦିର ଦେଖିବାକୁ ଖୁବ୍ ସୁନ୍ଦର । ଏହାର ପରିବେଶ ବେଶ୍ ମନୋରମ । ସମୁଦ୍ରକୂଳ ସାଙ୍ଗକୁ ଏଠାକାର ସବୁଜ ବଗିଚା ଖୁବ୍ ଆକର୍ଷକ ଲାଗେ ।

ଅଗରତାଲା ଜଗନ୍ନାଥ ମନ୍ଦିର : ଆରବୀୟ ଓ ହିନ୍ଦୁ କୋଠା ନିର୍ମାଣଶୈଳୀରେ ନିର୍ମିତ ହୋଇଛି ତ୍ରିପୁରା, ଅଗରତାଲାରେ ଥିବା ଏହି ମନ୍ଦିର। ଅଷ୍ଟଭୁଜାକାର ଭିତ୍ତିଭୂମିରେ ନିର୍ମିତ ଉକ୍ତ ମନ୍ଦିରର ଶିଖର ବା ମୁଣ୍ଡି କମଳା ରଙ୍ଗରେ ଏକ ଭିନ୍ନ ଶୈଳୀରେ ନିର୍ମିତ । ଖାସ୍ କରି ଏହାର ପ୍ରବେଶ ଗେଟ୍‌ଟି କାରୁକାର୍ଯ୍ୟ ଭରା ଓ ଖୁବ୍ ଆକର୍ଷକ ।

ତାମିଲନାଡୁର ପେରୁମାଲା ଜଗନ୍ନାଥ ମନ୍ଦିର : ପ୍ରାୟ ୧୦୦୦ ବର୍ଷ ପୁରାତନ ଏଠାକାର ଏହି ଜଗନ୍ନାଥ ମନ୍ଦିର। ପୃଥିବୀର ତିନୋଟି ମୁଖ୍ୟ ଜଗନ୍ନାଥ ମନ୍ଦିର ମଧ୍ୟରେ ଏହା ଅନ୍ୟତମ। ଏହାକୁ ମଧ୍ୟ ଜଗନ୍ନାଥ କ୍ଷେତ୍ର ବୋଲି କୁହାଯାଏ। ସୁନ୍ଦର କାରୁକାର୍ଯ୍ୟରେ ଏହି ମନ୍ଦିର ଲାଗେ ଆକର୍ଷକ। ପ୍ରଭୁ ଶ୍ରୀଜଗନ୍ନାଥ ଏଠାରେ ଦୁଇ ପତ୍ନୀ ରୁକ୍ମିଣୀ ଓ ସତ୍ୟଭାମାଙ୍କ ସହ ବିରାଜମାନ କରିଥାଆନ୍ତି।

ବୋକାରୋ ଜଗନ୍ନାଥ ମନ୍ଦିର : ଝାଡ଼ଖଣ୍ଡସ୍ଥ ଷ୍ଟିଲ୍‌ସିଟି ବୋକାରୋ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର । ଏଠାକାର ଧାର୍ମିକ ଭାବଧାରା ଓ ସୁନ୍ଦର ସବୁଜ ପାର୍କ ସମସ୍ତଙ୍କୁ ଆକୃଷ୍ଟ କରେ । ଏହା ଦେଖିବାକୁ ଅବିକଳ ପୁରୀ ଜଗନ୍ନାଥ ମନ୍ଦିର ପରି। ଆଉ ରଥ ଯାତ୍ରାକୁ ଏଠାରେ ମହାଆଡ଼ମ୍ବର ସହକାରେ ପାଳନ କରାଯାଏ।

ରାୟପୁର ଜଗନ୍ନାଥ ମନ୍ଦିର : ଛତିଶଗଡ଼ ରାୟପୁରରେ ଅଛି ଅନେକ ଜଗନ୍ନାଥ ମନ୍ଦିର। କିନ୍ତୁ ୧୮୬୦ରେ ନିର୍ମିତ ହୋଇଥିବା ଏହି ଜଗନ୍ନାଥ ମନ୍ଦିର ବହୁ ପ୍ରସିଦ୍ଧ। ଏଠି ପାଳିତ ହେଉଥିବା ରଥଯାତ୍ରା ବହୁତ ପ୍ରସିଦ୍ଧ।

ପଶ୍ଚିମବଙ୍ଗ ଜଗନ୍ନାଥ ମନ୍ଦିର : ଏଠାରେ ଥିବା ଜଗନ୍ନାଥ ମନ୍ଦିରଟି ବର୍ତ୍ତମାନ ନଷ୍ଟ ହେବାକୁ ବସିଲାଣି । ହେଲେ ଏଥିସହିତ ଜଡିତ ପୁରାତନ ଐତିହ୍ୟ ଖୁବ୍ ରୋମାଞ୍ଚକର । ୧୬୧୧ ମସିହାରେ ଏହା ନିର୍ମିତ ହୋଇଥିଲା । ବିଶ୍ୱାସ କରାଯାଏ ଯେ, ଉକ୍ତ ମନ୍ଦିରର ଶିଖରରୁ ଦେଖିଲେ ପୁରୀର ଜଗନ୍ନାଥ ମନ୍ଦିର ଦେଖାଯାଏ।

ସେହିଭଳି ବମ୍ବେ, ରାଜସ୍ଥାନର ଅଲୱର୍ ପରି ଭାରତର ଆହୁରି କିଛି ସ୍ଥାନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ରହିଛି। ଆଉ ମହାପ୍ରଭୁଙ୍କୁ ପୂଜା କରାଯାଉଛି।

ଚେନ୍ନାଇ



ଧରିତ୍ରୀ, ଛୁଟିଦିନ, ଜୁନ୍ ୨୫ରୁ ଜୁଲାଇ ୧, ୨୦୧୭ ପତ୍ରିକାରୁ ଗୃହୀତ

ଶ୍ରୀମନ୍ଦିର, ପୁରୀ

ମକ୍କା ମଦିନା

ମିଲାନ, ଇଟାଲୀର ଚର୍ଚ୍ଚ

ମିୟାମର, (ବର୍ମା)

ଜୈନ ମନ୍ଦିର, ଉଦୟପୁର

ପଞ୍ଚଦେବତା ଉପାସନା

ଜୈନ

ବୁଦ୍ଧ

ଗୁରୁ ନାନକ





ଯଜ୍ଞକର୍ମରେ ବିଦେଶିନୀ

ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜଗନ୍ନାଥ ପ୍ରେମୀ ଭକ୍ତ

ସ୍ୱର୍ଣ୍ଣମନ୍ଦିର, ପଞ୍ଜାବ

ବିଷ୍ଣୁ ମନ୍ଦିର, ତାମିଲନାଡୁ



ଶିବ ମନ୍ଦିର, କର୍ଣ୍ଣାଟକ

ସୂର୍ଯ୍ୟ ମନ୍ଦିର, ଓଡ଼ିଶା

ଗଣେଶ ମନ୍ଦିର, ମଧ୍ୟପ୍ରଦେଶ

କନକ ଦୁର୍ଗା ମନ୍ଦିର, ଆନ୍ଧ୍ରପ୍ରଦେଶ



ବଡ଼ସିଂହାର ବେଶ

ରଥଯାତ୍ରା

ହାତୀ ବେଶ

ସୁନା ବେଶ

ଜଗନ୍ନାଥଙ୍କ ମହାପ୍ରସାଦ

ମହା ଅନବସରରେ ଶ୍ରୀମନ୍ଦିର ଅଣସର ତାଟିରେ ପୂଜିତ ଶ୍ରୀ ଅନନ୍ତ ବାସୁଦେବ,
ମା' ଭୁବନେଶ୍ୱରୀ ଓ ଶ୍ରୀ ଅନନ୍ତ ନାରାୟଣ

ରଘୁନାଥ ବେଶ



ଅଲାରନାଥ

ଜୁଲାଇ - ୨୦୧୩, ଉତ୍କଳ ପ୍ରସଙ୍ଗରୁ ସଂଗୃହୀତ



ମରିସସ୍‌ର ଶ୍ରୀଜଗନ୍ନାଥ

ଭାରତ ମହାସାଗରର ଏକ ଦ୍ୱୀପ-ଦେଶ ମରିସସ୍ । ସେଠି ବି ପୂଜା ପାଉଛନ୍ତି ଆମ ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ । ପୁଣି ସେଠାରେ ବି ଅନୁଷ୍ଠିତ ହେଉଛି ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା । ମହୋଦଧି ତଟଦେଶର ମୂଳପୀଠ ଶ୍ରୀକ୍ଷେତ୍ର ପୁରୀରୁ ଏହି ଦେବତା କିପରି ଯାଇ ସୁଦୂର ମରିସସ୍‌ରେ ପ୍ରତିଷ୍ଠିତ ଓ ପୂଜିତ ହେଲେ ତାହାର କାହାଣୀ ଅତ୍ୟନ୍ତ ଚମକପ୍ରଦ ।

ଉତ୍କଳ ପ୍ରସଙ୍ଗ ଜୁଲାଇ ୨୦୧୦

ଆମେରିକାର ହଣ୍ଟସ୍‌ଭିଲ୍ ନଗରୀରେ ଜଗନ୍ନାଥ ଦର୍ଶନ



ବିଦେଶ ମାଟିରେ ଶ୍ରୀଜଗନ୍ନାଥ ପ୍ରେମ

ଆମେରିକାରେ ରହିଛି ୫୪ ଜଗନ୍ନାଥ ମନ୍ଦିର



ଆଲୋଚନାଚକ୍ରରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।



ଆମେରିକାର ଆଲବାମାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର।

ପୁରୀ ଅଫିସ: ବିଦେଶରେ ଶ୍ରୀଜଗନ୍ନାଥଙ୍କ ପ୍ରତି ଅଗାଢ଼ ଭକ୍ତି ଓ ପ୍ରେମ ରହିଛି। ଓଡିଶାରେ ୩୧୪୨ ଶ୍ରୀଜଗନ୍ନାଥ ମନ୍ଦିର ରହିଥିଲା ବେଳେ ଭାରତର ଅନ୍ୟ ରାଜ୍ୟଗୁଡିକରେ ୨୪୪ ଜଗନ୍ନାଥ ମନ୍ଦିର ରହିଛି। ପଶ୍ଚିମବଙ୍ଗରେ ସର୍ବାଧିକ ୯୫ଟି ଜଗନ୍ନାଥ ମନ୍ଦିର ରହିଛି। ସେହିପରି ବିଦେଶରେ ୧୫୪ଟି ରହିଥିବା ବେଳେ କେବଳ ଆମେରିକାରେ ୫୪ଟି ଜଗନ୍ନାଥ ମନ୍ଦିର ରହିଛି। ଏହିପରି ଭାବେ ସମଗ୍ର ବିଶ୍ୱରେ ୩୫୪୦ଟି ଶ୍ରୀଜଗନାଥ ମନ୍ଦିର ରହିଛି ବୋଲି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଗବେଷଣା ଅଧିକାରୀ ଡ. ସୁରେନ୍ଦ୍ର କୁମାର ମିଶ୍ର ମତବ୍ୟକ୍ତ କରିଛନ୍ତି। ଅନ୍ତର୍ଜାତୀୟ ଜଗନ୍ନାଥ ସୋସାଇଟି ଆଲବାମା, ଆମେରିକାର ଭାରତ ଶାଖା ଆନୁକୂଲ୍ୟରେ ରବିବାର ଏଠାରେ ଏକ ହୋଟେଲରେ 'ବିଦେଶ ମାଟିରେ ଶ୍ରୀଜଗନ୍ନାଥ ପ୍ରେମ' ଶୀର୍ଷକ ଅନ୍ତର୍ଜାତୀୟ ଆଲୋଚନାଚକ୍ରରେ ଯୋଗଦେଇ ମିଶ୍ର କହିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ବିଦେଶ ମାଟିରେ ଯଥେଷ୍ଟ ଭଲପାଇବା ରହିଛି। ତେଣୁ ଆମେରିକାରେ ୧୯୬୮ରେ ଓ କାନାଡ଼ାରେ ୧୯୭୨ରେ ରଥଯାତ୍ରା ଆରମ୍ଭ ହୋଇଥିଲା। ସେହିପରି ୧୯୯୧ରେ ଫ୍ରାନ୍ସର ପ୍ୟାରିସରେ ରଥଯାତ୍ରା ଆରମ୍ଭ ହୋଇଥିଲା। ବର୍ତ୍ତମାନ ବିଭିନ୍ନ ରାଷ୍ଟ୍ରରେ ରଥଯାତ୍ରା ହେଉଛି। ମହାପ୍ରଭୁ ୨୪ଟି ନାମରେ ପୂଜା ପାଉଛନ୍ତି। ବର୍ତ୍ତମାନ ସୁଦ୍ଧା ୧୦୨ ଜଣ ରାଜା ମହାପ୍ରଭୁଙ୍କ ଛେରାପହଁରା ନୀତି ସହ ସମ୍ପୃକ୍ତ ଅଛନ୍ତି ବୋଲି ସେ କହିଛନ୍ତି। ମହାପ୍ରଭୁଙ୍କ ନାମରେ ୩୯ଟି କ୍ଷେତ୍ର ସୃଷ୍ଟି ହୋଇଛି। ୨୫ଟି ସ୍ଥାନରେ କେବଳ ମହିଳାମାନେ ସୁଭଦ୍ରାଙ୍କ ରଥକୁ ଟାଣନ୍ତି। ମହାପ୍ରଭୁଙ୍କ ସମ୍ପର୍କରେ ଠିକ ତଥ୍ୟ ବିଶ୍ୱରେ ପ୍ରସାର ପ୍ରଚାର ହେବାର ଆବଶ୍ୟକତା ରହିଛି। କାରଣ ଅନେକ ସମୟରେ ମହାପ୍ରଭୁଙ୍କ ସମ୍ପର୍କରେ ଭ୍ରମାତ୍ମକ ତଥ୍ୟ ପ୍ରକାଶ ପାଉଛି। ଯାହାଦ୍ୱାରା ଜଗନାଥପ୍ରେମୀ ବିଭ୍ରାନ୍ତ ହେଉଛନ୍ତି ବୋଲି ମିଶ୍ର କହିଛନ୍ତି। ସୋସାଇଟିର ସ୍ଥାୟୀ ସଭାପତି ଡ. ଭଗବତ ଚନ୍ଦ୍ର ସାହୁ ସଭାପତିତ୍ୱ କରି କହିଲେ, ଆଲବାମାର ହୁଣ୍ଟସ୍‌ଭିଲ୍ଲେଠାରେ ସ୍ପେସ୍ ସଟଲ କାରଖାନା ରହିଛି। ଜଣେ ବୈଜ୍ଞାନିକ ମାଇକେଲ ଗତ ୮ ବର୍ଷ ତଳେ ମହାପ୍ରଭୁଙ୍କ ଏକ ପ୍ରତିମୂର୍ତ୍ତି ନେଇ ଚନ୍ଦ୍ରକୁ ଯାଇଥିଲେ। ଯାହା ଏକ ବିରଳ ଘଟଣା। ତେଣୁ ଆଗାମୀ ଦିନରେ ଯଦି ଚନ୍ଦ୍ରରେ ଘର ତିଆରି ହୁଏ ତେବେ ମହାପ୍ରଭୁଙ୍କ ମନ୍ଦିର ମଧ୍ୟ ପ୍ରତିଷ୍ଠା କରିବା ପାଇଁ ସୋସାଇଟି ପଦକ୍ଷେପ ନେବ। ସେ କହିଲେ, ଆଲବାମାରେ ଏକ ଜଗନ୍ନାଥ ମନ୍ଦିର ଗଜପତି ଦିବ୍ୟସିଂହଙ୍କ ଦେବଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଛି। ଏଠାକାର ମନ୍ଦିରରେ ମଧ୍ୟ ଶ୍ରୀମନ୍ଦିର ପରି ଚାରି ଦ୍ୱାର ରହିଛି। ୨୨ ପାହାଚ ରହିଛି। ପୁରୀରେ ଯେପରି ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସମ୍ପାଦନ ହେଉଛି ଆମେରିକାରେ ମଧ୍ୟ ଅନୁରୂପ ଭାବେ ହେଉଛି ବୋଲି ସେ କହିଥିଲେ। ସୋସାଇଟିର ଭାରତୀୟ ଶାଖାର ଆବାହକ ସବ୍ୟସାଚୀ ରଥ କହିଲେ, ବିଦେଶ ମାଟିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରେମ ଏବେ ନୁହେଁ, କେଉଁ ଆବାହମାନ କାଳରୁ ଦେଖିବାକୁ ମିଳୁଛି। ଆମେ ଯଦି ୧୦୦ ବର୍ଷ ତଳର ଇତିହାସକୁ ସାଉଣ୍ଟିବା ତେବେ ସେତେବେଳର ରଥଯାତ୍ରା ସମୟରେ ବିଦେଶୀମାନେ ଶ୍ରୀକ୍ଷେତ୍ରକୁ ଆସୁଥିଲେ ବୋଲି ଆମେ ତଥ୍ୟ ପାଇବା। ଧୀରେ ଧୀରେ ବିଦେଶୀମାନଙ୍କ ଶ୍ରୀଜଗନ୍ନାଥ ପ୍ରେମ ଏତେ ବଢ଼ିଗଲା ଯେ, ସେମାନେ ଶ୍ରୀକ୍ଷେତ୍ର ଆସିବା ସହ କିପରି ନିଜ ମାଟିରେ ମନ୍ଦିର ପ୍ରତିଷ୍ଠା କରି ମହାପ୍ରଭୁଙ୍କୁ ଅଧିଷ୍ଠାନ କରିବେ ସେ ନେଇ ଚିନ୍ତା ପ୍ରକଟ କଲେ। ଯାହା ଫଳରେ ବର୍ତ୍ତମାନ ଅନେକ ବିଦେଶୀ ରାଷ୍ଟ୍ରରେ ମହାପ୍ରଭୁଙ୍କ ଶ୍ରୀମନ୍ଦିର ଦେଖିବାକୁ ମିଳୁଛି। ସୋସାଇଟି ପକ୍ଷରୁ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ସଂସ୍କୃତିର ଗବେଷଣା ପାଇଁ ଏକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ରଥ ଘୋଷଣା କରିଥିଲେ। ଏଥିରେ ଅତିଥି ଭାବେ ଶ୍ରୀମନ୍ଦିରର ପୁରୋହିତ ଡ. ସିଦ୍ଧେଶ୍ୱର ମହାପାତ୍ର କହିଲେ, ଯେଉଁମାନେ ବିଦେଶରେ ରହୁଛନ୍ତି ସେମାନେ ମହାପ୍ରଭୁଙ୍କ ପ୍ରସାର ପ୍ରଚାର କରିବା ପାଇଁ ଉଦ୍ୟମ ଅବ୍ୟାହତ ରଖିବା ଜରୁରୀ। ଆଲୋଚନାଚକ୍ରରେ ଜର୍ମାନୀରୁ ଆସିଥିବା ଡ. ହରିଶ୍ଚନ୍ଦ୍ର ବେହେରା, ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ବରଦା ପ୍ରସନ୍ନ ଦାସ, ଚକ୍ରଧର ମହାପାତ୍ର, ଦେବୀପ୍ରସନ୍ନ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ କଳ୍ପତରୁ ମିଶ୍ର। ଏହି ଅବସରରେ ଯୁବ ଆଇନଜୀବୀ ଅମିତ ଦାସ, ବାଲୁକା ଶିଳ୍ପୀ ନିକୁଞ୍ଜ କିଶୋର ନାୟକ, ଓଡିଶା ଐତିହ୍ୟ ପରିଷଦର ସଭାପତି ବିଭୁ ପ୍ରସାଦ ତ୍ରିପାଠୀ, ଜାପାନ କ୍ୟୋଟୋର କଳ୍ପତରୁ ଆଗ୍ରାସଭାର କୁନା ଦାଶ, ଶ୍ରୀମନ୍ଦିର ପରିଚାଳନା କମିଟିର ସଭ୍ୟ ଭଗବାନ ସୁଆର ଓ ଶ୍ରୀଜଗନ୍ନାଥ ସଂସ୍କୃତିର ବରିଷ୍ଠ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କୁ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଧରିତ୍ରୀ, ୧୮.୧.୨୦୧୬ରେ ପ୍ରକାଶିତ

ଭଗବାନ ଜଗନ୍ନାଥ ଜୀଙ୍କ ଗୁପ୍ତ ରହସ୍ୟରୁ

୨୫ ପ୍ରତିଶତ ରୋଗ କେବଳ 15 ମିନିଟ୍‌ରେ ହିଁ ସମାପ୍ତ

ଭୁବନେଶ୍ୱର। ଆମ ସମସ୍ତଙ୍କ ବାରମ୍ବାର ପ୍ରାର୍ଥନାକୁ ସମ୍ମାନ ଜଣାଇ ପରମ ପୂଜ୍ୟ ବ୍ରହ୍ମର୍ଷି ଶ୍ରୀ କୁମାର ସ୍ୱାମୀ ଜୀ ପ୍ରଥମ ଥର ପାଇଁ ସେହି ଆଦି ପୁରାତନ ଶାସ୍ତ୍ରୋକ୍ତ ବିଜ୍ଞାନର ରହସ୍ୟ ପ୍ରଦାନ କରିବେ, ଯାହାର ଅନୁପାଳନ କରାଗଲେ ୨୫ ପ୍ରତିଶତ ରୋଗ କେବଳ 15 ମିନିଟ୍‌ରେ ହିଁ ସବୁଦିନ ପାଇଁ ସମାପ୍ତ ହୋଇଯାଇଥାଏ। ଏହି ଅଦ୍ଭୁତ ବିଜ୍ଞାନର ରହସ୍ୟକୁ ବିଶ୍ୱ ଜନକଲ୍ୟାଣ ଯାତ୍ରା ସମୟରେ ଯେବେ ଆମେରିକା, ଇଂଲଣ୍ଡ, କାନାଡ଼ା, ଇଟାଲୀ, ହଲାଣ୍ଡର ଡାକ୍ତର, ବୈଜ୍ଞାନିକ, ବୁଦ୍ଧିଜୀବୀ ଏବଂ ନ୍ୟାୟାଧୀଶଙ୍କ ସମ୍ମୁଖରେ ପ୍ରକଟ କରାଗଲା ତେବେ ସମସ୍ତେ ଆଶ୍ଚର୍ଯ୍ୟଜନକ ପ୍ରସନ୍ନତାରେ ଭରିଗଲେ। ସହସ୍ରାଧିକ ଲୋକ ଗହମ, ଦୁଗ୍ଧ, ବାଦାମ, ଡାଏଡ଼ ଫ୍ରୁଟ୍ ଆଦି ଖାଦ୍ୟ ପଦାର୍ଥର ଅସାଧ ଆଲର୍ଜିରୁ ମାତ୍ର 15 ମିନିଟ୍‌ରେ ହିଁ ସମ୍ପୂର୍ଣ୍ଣ ମୁକ୍ତ ହୋଇ ନିଜର ପ୍ରସନ୍ନତା ଜାହିର କରିଥିଲେ । ସବୁ ରୋଗ ଜନ୍ମ କରୁଥିବା ଫଙ୍ଗାଲ୍ ଡାଣ୍ଡ୍ରଫ୍ ଇନ୍‌ଫେକ୍ସନ୍‌ର ପୂର୍ଣ୍ଣ ସମାଧାନ ଦ୍ୱାରା ମଧ୍ୟ ଡାକ୍ତର ବୈଜ୍ଞାନିକମାନେ ସ୍ତବ୍ଧ ହୋଇଯାଇଥିଲେ । ୨୫ ପ୍ରତିଶତ ରୋଗକୁ ଜନ୍ମ କରୁଥିବା ଫଙ୍ଗାଲ୍ ଡାଣ୍ଡ୍ରଫ୍ ଇନ୍‌ଫେକ୍ସନ୍‌ର ଚିକିତ୍ସା ପୂରା ମେଡ଼ିକାଲ୍ ସାଇନ୍ସରେ ନାହିଁ ।

ଧରିତ୍ରୀ, ୧୭.୮.୨୦୧୮ରେ ପ୍ରକାଶିତ

ବିଦେଶରେ ରଥଯାତ୍ରା

ରୁଷିଆର ମସ୍କୋରେ ରଥଯାତ୍ରା

ଅଷ୍ଟ୍ରେଲିଆରେ ରଥଯାତ୍ରା

ଇଟାଲିରେ ରଥଯାତ୍ରା

ଇଂଲଣ୍ଡରେ ରଥଯାତ୍ରା

ଆମେରିକାରେ ରଥଯାତ୍ରା

ନେପାଳରେ ରଥଯାତ୍ରା

ପ୍ରଗୁଆ, ଚେକ୍ ରଥଯାତ୍ରା

ଋଷର ସାଇବେରିଆରେ ବରଫରେ ତିଆରି ଜଗନ୍ନାଥ



ଡେନମାର୍କର 'କୋପେନହେଗେନ୍ ମ୍ୟୁଜିୟମ୍'ରେ ରହିଥିବା 'ଶଙ୍ଖନାଭି ଯାତ୍ରୀପଟି ' ।

■ ପୁରୀରେ ୧୨୬ ପାକିସ୍ତାନ ନାଗରିକ

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କଲେ

ଶ୍ରୀମନ୍ଦିରରୁ ଦର୍ଶନ ସାରି ଫେରୁଛନ୍ତି ପାକିସ୍ତାନୀ ନାଗରିକ।

ପୁରୀ ଅଫିସ, ୫।୧୦

ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଜଗତର ଠାକୁର। ତାଙ୍କ ଡୋରି ଲାଗିଲେ କେହି ବି ଅଟକାଇ ପାରିବେ ନାହିଁ। ପୂର୍ବରୁ ୮ ଥର ଭାରତ ଆସିଛି। ହେଲେ କେବେ ଓଡ଼ିଶା ଆସିପାରି ନାହିଁ। ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ବହୁ ଦିନରୁ ଇଚ୍ଛା ଥିଲା। ଆଜି ଦର୍ଶନ ସୁଯୋଗ ପାଇ ମୁଁ ଗର୍ବିତ ବୋଲି କହିଛନ୍ତି ପାକିସ୍ତାନ କରାଚୀରୁ ଆସିଥିବା ରମେଶ କୁମାର। ଶୁକ୍ରବାର ରାତିରେ ରମେଶଙ୍କ ସହିତ ପ୍ରାୟ ୧୨୬ ଜଣ ପାକିସ୍ତାନୀ ନାଗରିକ ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏମାନେ ସମସ୍ତେ ହିନ୍ଦୁ ଏବଂ ଗୁଜରାଟୀ ସମ୍ପ୍ରଦାୟର ବୋଲି ଜଣାପଡିଛି।

ଏମାନେ ଭାରତର ବିଭିନ୍ନ ଧର୍ମସ୍ଥଳୀ ପରିଦର୍ଶନ କରିବା ଉଦ୍ଦେଶ୍ୟରେ ଆସିଛନ୍ତି। ଓଡ଼ିଶା ଆସିବା ପୂର୍ବରୁ ଏମାନେ ପ୍ରଥମେ ହରିଦ୍ୱାର ଯାଇଥିଲେ। ସେଠାରେ ବୁଲାବୁଲି କରିସାରିବା ପରେ ମଥୁରା, ବୃନ୍ଦାବନ ମଧ୍ୟ ପରିଦର୍ଶନ କରିଛନ୍ତି। ଭୁବନେଶ୍ୱରର ଏକ ସଂସ୍ଥା ଓଡ଼ିଶା ଇଣ୍ଟରନ୍ୟାଶନାଲ ଟ୍ରଷ୍ଟର ପରେଶ ନାୟକ ଏମାନଙ୍କୁ ଓଡ଼ିଶା ଆସିବା ଲାଗି କହିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଏମାନେ ପୁରୀରେ ପହଞ୍ଚିଥିଲେ।

ଭାରତ-ପାକିସ୍ତାନ ମଧ୍ୟରେ ତିକ୍ତ ସମ୍ପର୍କ ରହିଛି। ତଥାପି ଆପଣ ଭାରତର ବିଭିନ୍ନ ଧର୍ମସ୍ଥଳୀ ବୁଲିବାକୁ କିପରି ମନ ବଳାଇଲେ ପ୍ରଶ୍ନରେ ଏହି ଦଳରେ ଆସିଥିବା ଚାନ୍ଦିନୀ କହିଥିଲେ, ଧର୍ମ ପାଖରେ ହିଂସାର ସ୍ଥାନ ନାହିଁ। ଆମେ ଧର୍ମୀୟ ଭାବନା ନେଇ ବୁଲିବାକୁ ଆସିଛୁ। ଭାରତ ହେଉଛି ଏକ ଶାନ୍ତିପ୍ରିୟ ଦେଶ। ଏଠାରେ ବୁଲିବା ବେଳେ ଆମେ ପାକିସ୍ତାନରେ ଥିବା ଭଳି ଅନୁଭବ କରୁଛୁ। ସେହିପରି ପ୍ରଭା କହିଥିଲେ, ପ୍ରଥମଥର ଓଡ଼ିଶା ଆସିଛି। ମହାପ୍ରଭୁଙ୍କୁ ଭଲ ଭାବେ ଦର୍ଶନ କଲି। ପୂର୍ବରୁ ଜଗନ୍ନାଥଙ୍କ ବିଷୟରେ ଶୁଣିଥିଲି। ଏଠାରେ ବଡ଼ ଆକାରରେ ରଥଯାତ୍ରା ହୁଏ ଜାଣିଛି। ହେଲେ ଆଜି ସେହି ଠାକୁରଙ୍କୁ ଦେଖି ବହୁତ ଖୁସି ଲାଗିଲା।

ସୌଜନ୍ୟ : ୬.୧୦.୨୦୧୮, ଧରିତ୍ରୀ

ବିଶ୍ୱ ମାନବବାଦ ଚେତନାର କତିପୟ ଜଗନ୍ନାଥଙ୍କ ଭଜନ ଓ ଜଣାଣ

ଭଜନ ଓ ଜଣାଣରେ ବିଶ୍ୱବନ୍ଦିତ 'ଶ୍ରୀଜଗନ୍ନାଥ'

ଜୟ ତୁ ଜଗନ୍ନାଥ

ସାରଳା ଦାସ

ଜୟ ତୁ ଜଗନ୍ନାଥ କ୍ଷିରୋଦ୍ର ତଟବାସୀ
କଳିଯୁଗ ନିମନ୍ତେ ବଉଦ ରୂପ ପ୍ରକାଶି ।

ନମସ୍ତେ ଜଗନ୍ନାଥ ଦୁଃଖୀଲୋକ ବନ୍ଧୁ
ଧାରଣ ତାରଣ ନାଥ ଅଟୁ କୃପାସିନ୍ଧୁ ।

ନମସ୍ତେ ଜଗନ୍ନାଥ ଚତୁର୍ଦ୍ଧା ମୂରତି
ପାଶେ ଖଟି ଅଛନ୍ତି ଯେ ବିମଳା ସରସ୍ୱତୀ ।

ନମସ୍ତେ ଜଗନ୍ନାଥ ଅକାରଣକୁ କାରଣ
ଚଉଦ ବ୍ରହ୍ମାଣ୍ଡର କରତା ଭଗବାନ ।

ନମସ୍ତେ ଜଗନ୍ନାଥ ଦର୍ଶନେ ମୋକ୍ଷଗତି
ତୁମ୍ଭ ବିନା ମୋହୋର ନାହିଂ ଅନ୍ୟଗତି ।

ନମସ୍ତେ ଜଗନ୍ନାଥ ଭବଭୟ ନାଶ
ଭୁଜ ତୋଳି ଡାକନ୍ତି ହେ ନରେ ଶରଣ ଆସି ପଶ ।

ନମସ୍ତେ ଜଗନ୍ନାଥ କମଳା ବିଳାସ
ତୁମ୍ଭ ପଦ୍ମପାଦେ ଶରଣ ମୁଁ କବି ସାରଳା ଦାସ ।

(ସାରଳାମହାଭାରତ, ଗଦାପର୍ବରୁ ଗୃହୀତ)

■

ନମସ୍ତେ ପ୍ରଭୁ ଜଗନ୍ନାଥ

(ଭାଗବତ ବୃତ୍ତ)

ଜଗନ୍ନାଥ ଦାସ

ନମସ୍ତେ ପ୍ରଭୁ ଜଗନ୍ନାଥ । ଅନାଥ ଲୋକଙ୍କର ନାଥ ॥
ନମସ୍ତେ ପ୍ରଭୁ ବାସୁଦେବ । ଭକତ ଜନଙ୍କ ବାନ୍ଧବ ॥
ନମସ୍ତେ ପ୍ରଭୁ ହୃଷୀକେଶ । ଭକତ ଜନଙ୍କ ବିଶ୍ୱାସ ॥
ନମସ୍ତେ ପ୍ରଭୁ ବିଶ୍ୱରୂପୀ । ସକଳ ହୃଦେ ଅଛ ବ୍ୟାପୀ ॥
ତୁ ସୃଷ୍ଟି ସ୍ଥିତି ଲୟ କରୁ । ଆବର ଗର୍ଭରେ ସଂହରୁ ॥
ଅଶେଷ କୋଟି ବସୁନ୍ଧରୀ । ତୋହର ଗର୍ଭେ ଛନ୍ତି ପୂରି ॥
ଚଉଦ ଭୁବନେ ଯା କିଣା । ଏ ସର୍ବ ତୋହର ରଚନା ॥
ତୁ ବ୍ରହ୍ମା ରୁଦ୍ର ବିଷ୍ଣୁ ତୁହି । ତୋ ବିନୁ ଅନ୍ୟ ଗତି ନାହିଁ ॥
ସୃଷ୍ଟି ତୋହର ଖେଳଘର । ଅଶେଷ ମାୟା ତୋ ଆବର ॥
ତୋହର ନିଃଶ୍ୱାସ ମରୁତ । ଦେବେ ହୋଇଲେ ତହୁଁ ଜାତ ॥
ତୁହିଟି ଅଗ୍ନିଦେବ ଇନ୍ଦ୍ର । ନୟନୁଁ ଜାତ ସୂର୍ଯ୍ୟ ଚନ୍ଦ୍ର ॥
ଭୁଜରୁ ଅନନ୍ତ ମୂରତି । କଣ୍ଠରୁ ଜାତ ସରସ୍ୱତୀ ॥
ସଦା ଚଞ୍ଚଳ ନିଦ୍ରା ନାହିଁ । ଏ ରୂପେ ଶୂନ୍ୟେ ଅଛୁ ରହି ॥
ଅଶେଷ ତୋହର ମହିମା । କେ ଜାଣିପାରେ ଗୁଣସୀମା ॥
ତୋ ନାମ କରୁଥିଲେ ଲୟ । କୋଟିଏ ଜନ୍ମ ପାପକ୍ଷୟ ॥
ନାମ ଘୋଷିଲେ ସର୍ବସିଦ୍ଧି । ଖଣ୍ଡଇ ରୋଗ ଶୋକ ଆଦି ॥
ଆରତ ଭଞ୍ଜନ ତୋ ବାନା । ଆତଙ୍କ କାଳେ ବଜ୍ରସେହ୍ନା ॥
ହୋଇଲୁ ଦଶ ଅବତାର । ନାଶିଲୁ ଅବନୀର ଭାର ॥
ଦୁଷ୍ଟ ନିବାରି ସନ୍ଥ ପାଳୁ । ତୁ ନାଥ ପରମ ଦୟାଳୁ ॥
ତୁ ଅଟୁ ଦରିଦ୍ରଙ୍କ ଧନ । ତୋ ପାଦେ ରହୁ ମୋର ମନ ॥
ସତୀ ଯୁବତୀଙ୍କର ମନେ । ନିଜର ସ୍ୱାମୀ ଥାନ୍ତି ଯେହ୍ନେ ॥
ସେହି ପ୍ରକାରେ ମୋର ମନ । ତୋ ପାଦେ ରହୁ ଭଗବାନ ॥
କହଇ ଜଗନ୍ନାଥ ଦାସ । କମଳଚରଣକୁ ଆଶ ॥

■

ଜୟ ଜୟ ଜଗନ୍ନାଥ ଜଗତ ଧାରଣ

ଯଶୋବନ୍ତ ଦାସ

ଜୟ ଜୟ ଜଗନ୍ନାଥ ଜଗତ ଧାରଣ ।
ଜୟ ବଳଭଦ୍ର ଭଦ୍ରା ଜୟ ସୁଦର୍ଶନ ।୧।

ଜୟ ଉତପତ୍ତି ସ୍ଥିତି ଯାହାଠାରୁ ହୋଏ ।
ଜଗନ୍ନିବାସ ବୋଲନ୍ତି ସ୍ମୃତି ଯାହା ରାଏ ।୨।

ଗୁରୁ ଉପଦେଶ ମାର୍ଗେ ଶିବ ଯେ ପ୍ରକାଶ ।
ଗୁରୁ ଆତ୍ମା ନିକେତନ ଚରଣେ ମୋ ଆଶ ।୩।

ଗାଢ଼ତର ଅପରାଧ ହୋଇବାରୁ ମୋର ।
ଗତିକର ଦୁର୍ଗତିରୁ ଶଙ୍ଖ ଚକ୍ରଧର ।୪।

ନାସ୍ତି ନୋହିବଟି ଅସ୍ତି ସଦା କୃପାପଣ ।
ନୋହୁ ନିରାଶ ଦାସରେ ଏହିଟି ଜଣାଣ ।୫।

ନାମରେ ସଦା ଆଶ୍ରିତ ଅଟନ୍ତି ଯେ ଭକ୍ତ ।
ନିଶ୍ଚୟରେ ତାଙ୍କ ସଙ୍ଗେ ମିଳିକର ଭକ୍ତ ।୬।

ଥବିର ଭାବ ନାହିଁ ମୋ ଥୟ ନୋହେ ମତି ।
ନିସ୍ତାର ହୋଇବା ପାଇଁ ବଳିଛି ମୋ ପ୍ରୀତି ।୭।

ଲାଭ ଏହି ଦିଅ ଆହେ ଗଦାପଦ୍ମଧାରୀ
ନୋହୁ ବିଘ୍ନ ମାନସରେ ଅଛି ଯା ବିଚାରି ।୮।

■

ପତିତଜନଙ୍କୁ ଉଦ୍ଧାରିବା ପାଇଁ

ନିତ୍ୟାନନ୍ଦ

ପତିତ ଜନଙ୍କୁ ଉଦ୍ଧାରିବା ପାଇଁ
ଉଡ଼ାଉଅଛ ପତାକା
ବାହୁ ଟେକି ତୁମ୍ଭେ ବସି ଚାହୁଁଚାହୁଁ
ବିପତ୍ତି କରୁଛି ଡକା
ମହାପ୍ରଭୁ ହେ ।୦।

ନାଶଗଲେ ତୁମ୍ଭେ ପରେ କି କରିବ
କରୁଣାଭଣ୍ଡାର ଫେଇ
ଦୁଃଖୀ ଗଲେ ନାଶ ଅର୍ଜିବ କି ଯଶ
ପଛେ ଚଉବର୍ଗ ଦେଇ
ମହାପ୍ରଭୁ ହେ ।୦।

■

ନୀଳଚକ୍ରେ ହେ ଦେଖ ଉଡୁଛି ବାନା

ଗୌରଚରଣ ଅଧିକାରୀ

ନୀଳଚକ୍ରେ ହେ, ଦେଖ ଉଡୁଛି ବାନା
ପତିତ ପାବନ ନାମଟି ଯା' ନାଁ । ଘୋଷା ।
ଆସ ଆସ ବୋଲି ପାତକୀମାନଙ୍କୁ
ଡାକୁଅଛି ପରା ସଙ୍ଗାତ ଅନା
ନେତ ଧ୍ୱଜାବର ଉଡ଼ି ଫର ଫର
ଉଡ଼ାଇ ଦେଉଛି ଭବ ଯାତନା ।୧।

ପଞ୍ଚକୋଶୀ ଯାଏ ଜନେ ଦେଖାଯାଏ
ଦର୍ଶନେ କଳ୍ମଷ ହୁଅଇ ଚୂନା
ଚଉଦ ବ୍ରହ୍ମାଣ୍ଡ କର ତାଙ୍କ ଲୀଳା
ଶଙ୍ଖନାଭି କ୍ଷେତ୍ରେ ବିଚିତ୍ର ସିନା ।୨।

ସଳଖ ସୁନ୍ଦର ବଡ଼ଦାଣ୍ଡ ଶୋଭା
ମର୍ତ୍ତ୍ୟମଣ୍ଡଳରେ କାହିଁ ଅଛି ନା
ଶରଧାବାଲିରୁ ସ୍ୱର୍ଗଦ୍ୱାର ଯାଏଁ
ଗହଳ ଚହଳ ନୁହେଁ କଳନା ।୩।

ପାପ ଛଡ଼ା ପୁରେ ବାସ କରିବାକୁ
ଯାହାକୁ ତାହାକୁ ନୁହଇ ମନା
ଆଚାଣ୍ଡଳ ବିପ୍ର ପତ୍ରକେ ଭୁଂଜିବା
ବଡ଼ ଆଚମ୍ବିତ ଲାଗଇ କିନା ।୪।

■

ଏମିତି ଏ ବଡ଼ଦାଣ୍ଡେ ହାତପାତି ରହିଥିବି

ଗୌରହରି ଦଳାଇ

ଏମିତି ଏ ବଡ଼ଦାଣ୍ଡେ ହାତ ପାତି ରହିଥିବି
ପତିତ ପାବନ ପତାକାକୁ ଚାହିଁ
ତୋର ନାମ ଗାଉଥିବି
କାଳିଆରେ, ଦୁଃଖ ମୋର ଭୁଲିଯିବି ।୦।

ଏତିକି ମିନତି ଜଗତଠାକୁର
ଦୁଃଖୀ ବୋଲି ମୋତେ କରିବୁନି ପର
ସଞ୍ଜ ସକାଳରେ ଆଳତି ବେଳରେ
ଗରୁଡ଼ ପଛରେ ଥିବି
କାଳିଆରେ, ତୋ ଶ୍ରୀମୁଖ ଦେଖୁଥିବି ।୧।

ଜଗତରେ ନାହିଁ ତୋପରି ଠାକୁର
ରଥଚଢ଼ି ଯେବେ ହେବୁ ତୁ ବାହାର
ତୋ ରଥ ଦଉଡ଼ି ଅଣ୍ଟାରେ ମୁଁ ଭିଡ଼ି
ଆନନ୍ଦରେ ଟାଣୁଥିବି
କାଳିଆରେ, ଜୀବନ ଧନ୍ୟ କରିବି ।୨।

ଯେତେ ଇଚ୍ଛା ଦୁଃଖ ଦେ ପଛେ ମୋତେ
ମାଗିବିନି କିଛି ଦିନେ ହେଲେ ତୋତେ
ପାରିବିନି ଯାଇ ତୋତେ ଛାଡ଼ି ମୁହିଁ
ଶ୍ରୀକ୍ଷେତ୍ରରେ ରହିଥିବି
କାଳିଆରେ, ତୋ' ସେବାରେ ଖଟୁଥିବି ।୩।

■

ମାନଚିତ୍ର


ARCTIC OCEAN
PACIFIC OCEAN
ATLANTIC OCEAN
INDIAN OCEAN
Russia
Mongolia
China
Japan
N. Korea
S. Korea
Taiwan
Philippines
Vietnam
Laos
Burma
Thailand
Cambodia
Malaysia
Indonesia
Papua New Guinea
Australia
New Zealand
New Caledonia
Solomon Islands
Fiji
Bangl.
Bhutan
Nepal
India
Sri Lanka
Pakistan
Afg.
Kazakhstan
Kyrgyzstan
Tajikistan
Uzb.
Turkm.
Iran
Azer.
Georgia
Kuwait
U.A.E.
Oman
Yemen
Saudi Arabia
Iraq
Syria
Jordan
Israel
Lebanon
Turkey
Djibouti
Somalia
Ethiopia
Eritrea
Kenya
Uganda
Tanzania
Malawi
Mozambique
Madagascar
Zimbabwe
Zambia
eSwatini
Lesotho
South Africa
Botswana
Namibia
Angola
Dem. Rep. of Congo
Rep. of the Congo
Gabon
C.A.R.
South Sudan
Sudan
Egypt
Libya
Chad
Niger
Nigeria
Cam.
Togo
Ghana
Mali
Algeria
Tunisia
Morocco
Western Sahara
Mauritania
Senegal
Guinea-Bissau
Sierra Leone
Cote d' Ivoire
Svalbard (Nor.)
Norway
Sweden
Finland
Estonia
Latvia
Belarus
Ukraine
Rom.
Bulgaria
Greece
Italy
Pol.
Ger.
Den.
Neth.
France
Spain
Portugal
United Kingdom
Ireland
Iceland
Greenland
Canada
United States
Mexico
Guatemala
Honduras
Nicaragua
Costa Rica
Panama
Colombia
Ecuador
Ven.
Guyana
Suriname
French Guiana
Brazil
Peru
Bolivia
Paraguay
Chile
Argentina
Uruguay
© 2018 Geology.com

TAJIKISTAN
AFGHANISTAN
PAKISTAN
CHINA
TIBET
NEPAL
BHUTAN
BANGLADESH
MYANMAR
SRI LANKA
COLOMBO
I N D I A
JAMMU & KASHMIR
SRINAGAR
Amarnath
Leh
Gulmarg
Pahalgam
Vaishno Devi
Patni Top
Chamba
Manali
Dharamshala
Kullu
Amritsar
Atari
HIMACHAL PRADESH
SHIMLA
Kufri
Kedarnath
Badrinath
CHANDIGARH
Mussoorie
DEHRADUN
PUNJAB
Bathinda
Kurukshetra
Rishikesh
Haridwar
UTTARANCHAL
HARYANA
Corbett
Nainital
Panipat
DELHI
Pillani
Surajkund
Dudhwa
Bikaner
Jaisalmer
RAJASTHAN
Sariska
Deeg
Mathura
UTTAR PRADESH
Sravasti
JAIPUR
Bharatpur
Agra
LUCKNOW
Jodhpur
Ajmer
Pushkar
Sawai Madhopur
Kanpur
Ayodhya
Gwalior
Ranakpur
Ranthambhore
Shivpuri
Sarnath
Bundi
Allahabad
Varanasi
Mount Abu
Chittaurgarh
Kota
Orchha
Chitrakut
Udaipur
Khajuraho
GUJARAT
GANDHINAGAR
MADHYA PRADESH
Bhuj
Kandla
Ujjain
Sanchi
Jabalpur
Jamnagar
Lothal
Indore
BHOPAL
Amarkantak
Dwarka
Rajkot
Bhavnagar
Vadodara
Mandu
Pachmarhi
Kanha
Porbandar
Palitana
Gir National Park
Somnath
DIU
DAMAN
Saputara
DADRA & NAGAR HAVELI
Silvassa
Malghat
Ajanta
Wardha
Todoba
Sewagram
Nasik
Shirdi
Ellora
Aurangabad
Sanjay Gandhi
MUMBAI
Matheran
Lonavala
MAHARASHTRA
Chandrapur
Chitrakote Falls
Indrawati
Murud
Pune
Mahabaleshwar
Ganpatipule
Panhala
Bijapur
Gulbarga
Bider
HYDERABAD
Warangal
Bhadrachalan
Visakhapatnam
YANAM (PONDICHERRY)
Raichur
Amaravati
Srisailam
PANAJI
Vasco da Gama
GOA
Hampi
KARNATAKA
ANDHRA PRADESH
Jog Falls
Chitradurga
Lepakshi
Tirupati
Udupi
Halebid
BANGALORE
CHENNAI
Mangalore
Belur
Kanchipuram
Mamallpuram
Mysore
Pondicherry
TAMIL NADU
Mudumalai
Udagamandalam (Ooty)
Kozhikode (Calicut)
Chidambaram
KERALA
Tiruchchirapalli
Thanjavur
Palani
Kodaikanal
Kochi (Cochin)
Munnar
Madurai
Thekkadi
Rameswaram
Alappuzha
Periyar
THIRUVANANTHAPURAM
Kovalam
Kanniyakumari
KAVARATTI
L A K S H A D W E E P IS.
A R A B I A N S E A
I N D I A N O C E A N
B A Y O F B E N G A L
CHHATTISGARH
RAIPUR
Hirakud Dam
Simlipal
ORISSA
Cuttak
BHUBANESHWAR
Paradwip
Chilika Lake
Konarak
Puri
Gopalpur
Ambikapur
Betla
Mahauadual
JHARKHAND
RANCHI
Hazaribag
Shantiniketan
WEST BENGAL
KOLKATA
Digha
New Moore Island (INDIA)
BIHAR
Vaishali
PATNA
Bihar-Sharif
Nalanda
Gaya
Bodhgaya
Rajgir
Murshidabad
SIKKIM
GANGTOK
Darjeeling
Kalimpong
ARUNACHAL PRADESH
ITANAGAR
ASSAM
Manas
Tezpur
NAGALAND
Guwahati
DISPUR
Kaziranga
KOHIMA
MEGHALAYA
SHILLONG
IMPHAL
MANIPUR
TRIPURA
AGARTALA
AIZAWAL
MIZORAM
Coco Islands (MYANMAR)
Narcondam Island (INDIA)
Andamans
Barren Island (INDIA)
PORT BLAIR
A N D A M A N & N I C O B A R I S L A N D S (INDIA)
A N D A M A N S E A
Nicobars
Indira Point
LEGEND
International Boundary
State Boundary
Country Capital
State/U.T. Capital
Tourist Places
International Airport
National Parks


WEST BENGAL
JHARKHAND
CHHATTISGARH
ANDHRA PRADESH
BAY OF BENGAL
Mayurbhanj
Balasore
Bhadrak
Kendrapara
Jagatsinghpur
Jajpur
Keonjhar
Cuttack
Puri
Khurda
Dhenkanal
Sundargarh
Deogarh
Angul
Nayagarh
Ganjam
Sambalpur
Jharsuguda
Boudh
Kandhamal
Gajapati
Sonepur
Bargarh
Rayagada
Balangir
Kalahandi
Nuapada
Koraput
Nabarangpur
Malkangiri
25 0 25 50 75 100 Kilometres


PURI
N
To Gop
To Bhubaneshwar
To Bhubaneshwar
Puri Gop Road
Banki Mohan Nullah
Jagannath Sanskrit University
Sonargouranga Math
Railway Station
Camping Coach
Bay View Hotel
Indradyumna Tank
Gundicha Temple
Ayurvedic And Cholera Hospital
Ayurvedic College
GOVERNMENT GARDEN
Station Rd
South Eastern Railway Hotel
Railway Rest House
Chakra Tirath Road
Parade Road
Marine
Tourist Information Office
Armstrong Road
District Hdqrs Hospital
Grand Road
Heragohari Road
Clarke Road
S.C.S. College
Church
Catholic Arts & Crafts Emporium
Post & Telegraph Office
Govt House
Circuit House
Staff
Flag
BEACH
BAY OF BENGAL
Thana Lane
Chaulimata Lane
Women's College
Narendra Chandan Tank
Mosque
MUNICIPAL PARK
Kutchery Road
Gopal Ballabh Road
Puri Hotel
Victoria Club Hotel
Temple Road
Govt. Bus Stand
Police Station
Mitiani Road
Mitiani Jheel
Markandeswar Tank
Orissa Art Emporium
Sidha Bakul
Nuapatna Lane
Hadisahi Road
Grand Hotel
Beach Hotel
Sea View Hotel
Rathgara Rd
Garanti Road
Temple Of Lord Jagannath
Raghunandan Library
Swargadwar Road
National Hotel
Baron's Hotel
Puri View Hotel
H.Saptasan Road
Harchandisahi Road
Kandra Sahi Harchandisahi Road
Gokhasahi Lane
Mitiani Road
Kalkipenth Road
Ataisahi Road
Ataisahi Mangla Road
Mangla Ghat Road
Loknath Road
Palsahi Loknath Road
Loknath Ghat Road
Chakrakute Tank
Map not to Scale
Road
Railway Track
River
Major Places
Cinema Halls